ଭକ୍ତକବି ୰ ଗୋପାଳକୃଷ୍ଣ

ଆବିର୍ଭାବ—ଖ୍ରୀ: ୧୭୭୭, ଆଶ୍ୱିନ ଶୁକ୍ଳ ନବମୀ

ତିରୋଭାବ—ଖ୍ରୀ: ୧୮୬୨, ଫାଲ୍‌ଗୁନ ଶୁକ୍ଳ ଦ୍ୱିତୀୟା

ଭକ୍ତକବି ୰ ଗୋପାଳକୃଷ୍ଣ ପଟ୍ଟନାୟକଙ୍କ ବିରଚିତ

ଗୋପାଳକୃଷ୍ଣ ଗ୍ରନ୍ଥାବଳୀ

ପ୍ରକାଶକ ଓ ପ୍ରତିଷ୍ଠାନ

ଓଡ଼ିଶା କୋହିନୁର ପ୍ରେସ
ଓ ପୁସ୍ତକ ଭଣ୍ଡାର
ଚଉଧୁରୀ ବଜାର-କଟକ-୧

ସଂକଳକ ଓ ସମ୍ପାଦକ—

ଶ୍ରୀ ସରୋଜ କୁମାର ପାଣିଗ୍ରାହୀ

ଇଚ୍ଛସିଂହ

ପୋ. ଅ: ନମୋଳ, ଜିଲ୍ଲା—କଟକ

ପ୍ରକାଶକ—

ସେଖ ଅମିନୁଲ୍ ଆଇ.

ନୂଆହାଟ, କଟକ-୧

Right of collection reserved by the Publisher

ଶୁଭ ମୁକ୍ତି—

ଗାନ୍ଧୀ ଜୟନ୍ତୀ— ୧୯୭୯

ମୁଦ୍ରାକର—

ଏସ୍ ଅମିନୁଲ୍ ଆଇ.

ଓଡ଼ିଶା କୋହେନୁର୍ ପ୍ରେସ

ଚୌଧୁରୀ ବଜାର, କଟକ-୧

ସୁଲଭ ମୂଲ୍ୟ— ବାର ଟଙ୍କା ମାତ୍ର

ଉତ୍କଳ ଜନନୀର ଯେଉଁ ବୀର ସନ୍ତାନ ମାତୃଭୂମି ଉତ୍କଳ ଓ ମାତୃଭାଷା ଓଡ଼ିଆର ସମ୍ମାନ ଲାଗି ସଚେଷ୍ଟ ପ୍ରହରୀ ରୂପେ ଏ ରାଜ୍ୟର ସହର ମଫସଲ ବୁଲି ଆଜିଓ ସୁପରିଚିତ ଏବଂ ଏହି ଗ୍ରନ୍ଥାବଳୀର ରଚୟିତା କବି କଳହଂସ ଭକ୍ତକବି ସ୍ୱର୍ଗତ ଗୋପାଳକୃଷ୍ଣ ପଟ୍ଟନାୟକ ଯେଉଁ ମହାପୁରୁଷଙ୍କର ଦ୍ୱାରା ଉଦ୍ଧାରିତ ଓ ସମ୍ମାନିତ ହୋଇ ଉତ୍କଳ ଘରଘର ଗନ୍ତା ବହଳ ଦାନ କରିଗଲେ ଭକ୍ତି ରସର ସହସ୍ରାଧିକ ଉଚ୍ଚାଙ୍ଗ ସଂଗୀତ; ସେହି ଯୋଗଜନ୍ମା, ପରମ ପଣ୍ଡିତ, ବିଦ୍ୟୋତ୍ସାହୀ ପାରଳା ଖେମୁଣ୍ଡିର ମହାରାଜା ଶ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ପବିତ୍ର କର କମଳରେ ମୋର ଏଇ ସଶ୍ରଦ୍ଧ ଭେଟି—

ଗୁଣମୁଗ୍ଧ

ସଙ୍କଳକ

ପରେ ପରେ ପ୍ରକାଶ ପାଉଛି

୰ଗୋପାଳକୃଷ୍ଣ ଗ୍ରନ୍ଥାବଳୀ

ଦ୍ୱିତୀୟ ଭାଗ

ଭକ୍ତକବିଙ୍କ ଜୀବନର ବହୁଳ ଘଟଣାବଳୀ ଏବଂ ତାଙ୍କ
ଲିଖିତ ଶହ ଶହ ସଂଗୀତ ଏବଂ ତା'ର ସୁବିସ୍ତୃତ
ଆଲୋଚନା ସହ ଅଗଣିତ ରଂଗୀନ
ଫଟୋ ଥାଇ ରେକ୍ସିନ ବନ୍ଧାଇ
ହୋଇଥିବା ଏକ ଦୁର୍ଲଭ
ସଂକଳନ ।



ସେଖ୍ ଅମିନୁଲ୍ ଇସଲାମ୍

ଗୋପାଳକୃଷ୍ଣ ଗ୍ରନ୍ଥାବଳୀ'ର ପ୍ରକାଶକ

ଶ୍ରୀ ସରୋଜ କୁମାର ପାଣିଗ୍ରାହୀ

ସଂକଳକ

ଗୋପାଳକୃଷ୍ଣ ଗ୍ରନ୍ଥାବଳୀ

କବି କଳହଂସ ଭକ୍ତ କବି ଗୋପାଳକୃଷ୍ଣ ପଟ୍ଟନାୟକଙ୍କର

ସଂକ୍ଷିପ୍ତ ଜୀବନୀ

ବନସ୍ତ ଭିତରେ ଯେତେବଡ଼ ଗହନିଆ ସ୍ଥାନ ହେଉନା କାହିଁକି ସୁବାସିତ ଫୁଲ ଯେଣ୍ଠାଏ ଫୁଟିଲେ ତାର ମହକ ଯେଉଁ ଭଳି ସବୁବେ ସ୍ବରଆଡ଼କୁ ବ୍ୟାପିଯାଏ, ସେହିଭଳି ଜଣେ ସୁପୁରୁଷ ଯେତେବଡ଼ ଅନୁନ୍ନତ ଅଞ୍ଚଳରେ ଜନ୍ମଲାଭ କରିଥାଆନ୍ତୁ ନା କାହିଁକି ତାଙ୍କର ଖ୍ୟାତିଜନକ (**Causing good name**) ଘଟଣାବଳୀ ସହସ୍ର ମୁଖରେ ପ୍ରସ୍ଫୁରିତ ହୋଇଥାଏ ।

ଯାର ପ୍ରସବିନୀ ଉତ୍କଳ ଭୂମି । ଯାହା ବକ୍ଷରେ ପ୍ରବାହିତ ନଦୀ···ମହାନଦୀ, ଚରଣଚୁମ୍ବି ସାଗର···ମହୋଦଧି, ହାଣ୍ଡିର ଧୂଳି···ସରଧାବାଲି,···ଯେଉଁ ଦେଶର ହାଣ୍ଡି ବଡ଼ହାଣ୍ଡି,···ଠାକୁର···ବଡ଼ଠାକୁର, ଦେଉଳ···ବଡ଼ ଦେଉଳ ଯାଙ୍କୁ ଯେଉଁ ଦେଶର ପତାକା ପତିତପାବନ ନାମକୁ ଧାରଣକରି ଶହ ଶହ ହଜାର ହଜାର କୋଷ ବାଟରୁ ପାପି ତାପି ମାନଙ୍କୁ ସ୍ବୟଂ ମହିମା ବଳରେ ଟାଣି ଆଣି ସେମାନଙ୍କ ମନରେଥିବା ଦାମ୍ଭିକତା, କ୍ରୂରତା ଇତ୍ୟାଦିକୁ ହଟେଇ ଦେଇ ସେଇ ସବୁ ସ୍ଥାନରେ ଶାନ୍ତି ଓ ପବିତ୍ରତା ଭରିଦିଏ, ସେହି ପୁଣ୍ୟ ଦାୟିନୀ···ପତିତ ତାରଣୀ ଉତ୍କଳଭୂମିର ମାଟି ଉପରେ ନାଚିକୁଦି···ଖେଳି ବୁଲି···କେତେଯେ ମହାତ୍ମା ଜନ୍ମମାଟି ଓଡ଼ିଶାର ନାମ ରଖିଯାଇଛନ୍ତି ତାହା ଇତିହାସ କହିବ ।

ଯାର ଶ୍ରୀ ଗଜପତି ଗୌଡ଼େଶ୍ୱର ନବକୋଟି କର୍ଣ୍ଣାଟୋତ୍କଳ ବର୍ଗେଶ୍ୱର ଶ୍ରୀ ଶ୍ରୀ କପିଳେନ୍ଦ୍ରଦେବଙ୍କର ଯେଉଁ ପୁଅ ଦାକ୍ଷିଣାତ୍ୟରେ ଗୋଟିଏ ମ୍ଲେଚ୍ଛ ରାଜାକୁ ମାରି ପାରଳାଖେମୁଣ୍ଡୀ ରାଜ୍ୟସ୍ଥାପନ କଲେ ସେତେବେଳେ ନିଜର ରାଜ୍ୟରେ ଭଲ ବ୍ରାହ୍ମଣ ଓ ଶିକ୍ଷିତ ଲୋକ ନଥିବାରୁ ଯଯାତି ନଗର (ଯାଜପୁର) ରୁ କେତେ

—ଦୁଇ—

ଜଣ ବ୍ରାହ୍ମଣ ଓ କରଣଙ୍କୁ ସପରିବାରେ ନେଇ ସେମାନଙ୍କ ପାଇଁ ପାରଳା ଖେମୁଣ୍ଡିରେ ବୃତ୍ତିଖଞ୍ଜି ଦେଇଥିଲେ । କାଳକ୍ରମେ ଏହି ବ୍ରାହ୍ମଣ, କରଣମାନେ ପାରଳାର ବାସିନ୍ଦା ହୋଇ ପଡ଼ିଲେ । ବନବାସୀ ପଟ୍ଟନାୟକ ସେହି କରଣ ପରିବାରର ଗୋଟିଏ ନାମଯାଦା ଲୋକ । ରାଜାଙ୍କ ପାଞ୍ଜିଆ କରଣଥିବାରୁ ଟଙ୍କା ସମ୍ମାନ, ଓ ପ୍ରତିପତ୍ତି ସେତେବେଳ ସମୟରେ କମ୍ ନଥିଲା । କିନ୍ତୁ ଗୋଟିଏ ବିଷୟରେ ତାଙ୍କ ମନରେ ସବୁବେଳେ ଦୁଃଖ ରହୁଥିଲା ଯେ ଲଳିତାଦେଈଙ୍କୁ ବିବାହ କରିବାର ବହୁଦିନ ପରେ ମଧ ତାଙ୍କ କୋଳକୁ ପବିତ୍ର କରିବା ନିମନ୍ତେ ସନ୍ତାନଟିଏ ହୋଇ ନଥିଲା । ଗୌରଭକ୍ତ ବନବାସୀ ଓ ଲଳିତା ଦୁହେଁଯାକ ମିଳିତ କଣ୍ଠରେ ଠାକୁରଙ୍କୁ ଜଣାଣ କରନ୍ତି ଠାକୁରେ ଆମ କୋଳରେ ପିଲାଟିଏ ଦିଅ ।

ସନ ସତର ଶହ ସତସ୍ତରି ମସିହା ଆଶ୍ୱିନମାସ ଶୁକ୍ଳ ପକ୍ଷ ନବମୀ ତିଥି । କେଉଁ ଯୋଗରେ ସେଦିନର ପ୍ରଭାତ ହୋଇଥିଲା କେଜାଣି ବନବାସୀ ପଟ୍ଟନାୟକଙ୍କ ଗୃହକୁ ଆଲୋକିତକରି ତଦୀୟ ପତ୍ନୀ ଲଳିତା ଦେଈଙ୍କ କୋଳରେ ଜନ୍ମଲାଭ କଲା ଗୋଟିଏ ଶିଶୁ । ତାର କୁଆଁ କୁଆଁ କାନ୍ଦଣାରେ ବାପମାଙ୍କ ଆନନ୍ଦ କହିଲେ ନସରେ । ନାମକରଣ ଉତ୍ସବରେ ଭକ୍ତ ବନବାସୀପଟ୍ଟନାୟକ ପହିଲି ସନ୍ତାନର ନାମଦେଲେ **ଗୋପାଲକୃଷ୍ଣ** ।

ଗୋପାଲକୃଷ୍ଣଙ୍କ ବ୍ୟତିତ ମାତା, ଲଳିତା ଦେଈଙ୍କ କୋଳରୁ ପର ୨ ଦୁଇଟି ସନ୍ତାନ ଓ ତିନୋଟି ସନ୍ତତି ମାନଙ୍କର କୁଆଁ ରବ ଶୁଣାଯାଇଥିଲା । ମାତ୍ର ବିଧିର ବିଧାନ ବିଚିତ୍ର । ଭଗବାନ ଚାହୁଁ ନଥିଲେ ବନବାସୀଙ୍କ ମୁହଁରେ ଏତେ ହସ ଦେଖିବାକୁ । ଯେଉଁ ଶିଶୁମାନେ ଜନ୍ମ ହେଲାବେଳେ ନିଜେ କାନ୍ଦି ବାପ ମାଆଙ୍କ ମୁହଁରେ ହସ ଫୁଟାଇଥିଲେ ସେଇମାନେ ଦିନ କେଇଟା ମାତ୍ର ବ୍ୟବଧାନରେ ସମସ୍ତଙ୍କ ମୁହଁରେ ବିଷାଦ ବୋଳି ଆଖିରୁ ଲୁହ ଢାଳି ଯାଆନ୍ତି ଗାଆଁ ସେମୁଣ୍ଡ ମଶାଣି ପଦାକୁ ।

ସମସ୍ତେ କହନ୍ତି ଗୋପାଲକୃଷ୍ଣଙ୍କ ଜାତକ (ଅବଧାନଙ୍କ ତିଆରି ଜନ୍ମ ପତ୍ରିକା) ବଡ଼ ଉଗ୍ର ଧରଣର ଥିଲା । ବୋଧହୁଏ ସେଇଥିପାଇଁ ତାଙ୍କ ତଳର ଭାଇ ଭଉଣୀଙ୍କଠାରୁ କେହି ଗୋଟିଏ ହେଲେ ଶୈଶବଦଶାରେ ବଞ୍ଚି ପାରିଲେ

ନାହିଁ । ଛଅଟି ସନ୍ତାନର ସମସ୍ତ ସ୍ନେହ ମମତାକୁ ଏକୁଟିଆ ଭୋଗ କରି ଗୋପାଳକୃଷ୍ଣ ଶୁକ୍ଳପକ୍ଷ ଚନ୍ଦ୍ର ପରି ବଢ଼ିବାକୁ ଲାଗିଲେ । ସାତବର୍ଷ ବୟସରେ ତାଙ୍କର ବିଦ୍ୟାରମ୍ଭ ହେଲା । ମାତ୍ର ସେ ପାଠ ପଢ଼ାରେ ମନ ନ ଦେଇ ଦଶବର୍ଷ ଯାଏ ଗାଈ ମଇଁଷି ମାନଙ୍କ ପଛରେ ଗୋଡ଼େଇ ଗୋଡ଼େଇ ବାପା ମାଆଙ୍କର ଚିନ୍ତାର ପାତ୍ର ହେଲେ । ଏକମାତ୍ର କୁଳର ପ୍ରଦୀପ ଏବଂ ଅଲିଅଳ ସନ୍ତାନର ବିଦ୍ୟାପ୍ରତି ନିରୁତ୍ସାହିତା ଭାବ ଦେଖି ବନବାସୀ ପଟ୍ଟନାୟକଙ୍କର ଦୁଃଖ କହିଲେ ନସରେ ।

ପାଠ ପଢ଼ିବ

ସେଦିନର କଥା । ଯେଉଁ ଦିନ କି ଗୋପାଳକୃଷ୍ଣଙ୍କ ମନରେ ଅଦ୍ଭୁତ ପୂର୍ବ ପରିବର୍ତ୍ତନ ଆସିଲା । ବୈକୁଣ୍ଠ ପଟ୍ଟନାୟକ ନାମରେ ବନବାସୀ ପଟ୍ଟନାୟକଙ୍କର ଜଣେ ପଡ଼ୋଶୀ ଥିଲେ । ତାଙ୍କ (ବୈକୁଣ୍ଠଙ୍କ) ଚଉପାଢ଼ୀରେ ଅଧିକାଂଶ ବେଳେ ପଣ୍ଡିତ ମାନଙ୍କର ଭିଡ଼ ହୋଇ ନାନାବିଧ ଶାସ୍ତ୍ରାଲୋଚନା ଚାଲେ । ବନବାସୀ ପଟ୍ଟନାୟକଙ୍କ ସହ ବୈକୁଣ୍ଠ ମହାଶୟଙ୍କର ସମ୍ପର୍କ ଅତି ମଧୁର ଥିଲା । ଶାସ୍ତ୍ରାଲୋଚନା ସମୟରେ ବନବାସୀ ସେଥିରେ ଅଂଶ ଗ୍ରହଣ କରନ୍ତି । ଏଇଭଳି କୌଣସି ଦିନ ପଣ୍ଡିତ ମାନଙ୍କର ସଭା ବସିଥିବା ବେଳେ ଶିଶୁ ଗୋପାଳକୃଷ୍ଣ ସେଠାରେ ଉପସ୍ଥିତ ହୋଇ, ଉପସ୍ଥିତ ବିଦ୍ୱଜ୍ଜନ ମଣ୍ଡଳୀ ସହ ଆପଣା ପିତାଙ୍କୁ ପ୍ରଣିପାତ କରି ଭୟ ଓ ସଙ୍କୋଚର ସହ ସେଠାରେ ବସିପଡ଼ିଲେ । ପାଞ୍ଜିଆ କରଣଙ୍କ ଏହି ଶିଶୁ ପୁଅଟିର ଅପରୂପ ସୌନ୍ଦର୍ଯ୍ୟ, ନମ୍ରତା ଓ ଶିଷ୍ଟାଚାରରେ ସମସ୍ତେ ମୁଗ୍ଧ ହୋଇ ପ୍ରଶଂସା କଲାବେଳେ ଶୁଣିବାକୁ ପାଇଲେ ଯେ, ମହାକାଳ ଫଳ ପରି ଏହି ପିଲାଟିର କେବଳ ଚମଡ଼ା ସୁନ୍ଦର । ଭିତରେ କିଛି ସୁନ୍ଦର ହୋଇନାହିଁ । କୈଶୋରର ମଧ୍ୟାହ୍ନରେ ଉପସ୍ଥିତ ହୋଇମଧ୍ୟ ପିଲାଟା ପାଠ ନପଢ଼ି ଗୋରୁ ମଇଁଷି ପଛରେ ଗୋଡ଼ାଇ ଗୋଡ଼ାଇ ସମୟ ବିତାଇ ଦେଉଛି । ଏ ବିଷୟ ଯେତେବେଳେ ସଭାସ୍ଥିତ ସଜ୍ଜନମାନେ ଜାଣିଲେ, ଘୃଣାରେ ନାସିକା କୁଞ୍ଚନ କରି ଗୋପାଳକୃଷ୍ଣଙ୍କ ଉପରୁ ମୁହଁ ଫେରାଇ ନେଲେ । ଯେଉଁମାନେ ଅଳ୍ପ ସମୟ ତଳେ ପ୍ରଶଂସା କରିବାକୁ ଶତକଣ୍ଠ ହୋଇ ଉଠିଥିଲେ, ସେଇ ମାନଙ୍କ ମୁହଁରୁ ନିନ୍ଦାଶୁଣି ଗୋପାଳକୃଷ୍ଣ ଅପମାନରେ ଜର୍ଜ

ପଡ଼ିଲେ । ସେହିଦିନ ଠାରୁ ତାଙ୍କ ମନରେ ପରିବର୍ତ୍ତନ ଆସିଲା । ବିଦ୍ୟାଧ୍ୟୟନ ସକାଶେ ସ୍ନେହ ଶୋକ ମଧ୍ୟ ଭୁଲିଗଲେ । ପିଲା ଦିନରୁ ତାଙ୍କର ଆରାଧ୍ୟ ଦେବତା ଥିବା ରାଧାକୃଷ୍ଣଙ୍କୁ ପଣରଖି ପାଠପଢ଼ି ଚାଲିଲେ ।

ପ୍ରାୟ ପନ୍ଦର ବର୍ଷ ବୟସରେ ଅମର କୋଷାଦି ଅଧ୍ୟୟନ ସହ ଛନ୍ଦ, ଉପନିଷଦ, ବରାହ, ଭବଭୂତି, କାଳିଦାସ ଆଦିଙ୍କ ନାନାଦି କାବ୍ୟ ଶାସ୍ତ୍ର ପଢ଼ି ଜ୍ଞାନ ଗାରିମାରେ ଖୁବ୍ ଅଳ୍ପ ବୟସରୁ ଗୋପାଳକୃଷ୍ଣ ଧୁରନ୍ଧର ହୋଇ ପଡ଼ିଲେ । ସାଧୁ ସଜ୍ଜନମେଳରେ ପରିଚିତ କରାଇ ପୁତ୍ରର ଗୁଣ ବର୍ଦ୍ଧନ ସକାଶେ ପିତା ବନବାସୀ ପଟ୍ଟନାୟକ ପାରଳାଖେମୁଣ୍ଡି ରାଜ ସଭାକୁ ତାଙ୍କୁ ସ୍ଵମତ ସାଙ୍ଗରେ ନେଲେ । ଗୋପାଳକୃଷ୍ଣଙ୍କର ଅସାଧାରଣ ଜ୍ଞାନ ଦେଖି ସମସ୍ତେ ଚମତ୍କୃତ ହେଲେ । ସନ୍ତାନବତ୍ସଳ ପିତା ନିଜର ପିଲାମାନଙ୍କଠାରୁ ଯାହା ଆଶା କରନ୍ତି ବନବାସୀ ପଟ୍ଟନାୟକଙ୍କଠାରେ ତାହାହିଁ ଦେଖିବାକୁ ମିଳିଲା । ଏକ ମାତ୍ର ପୁତ୍ର ଗୋପାଳକୃଷ୍ଣଙ୍କୁ 'ସ୍ମରି ନାମ୍ନୀ ସୁନ୍ଦରୀ ଯୁବତୀ ସହ କୋଡ଼ିଏ ବର୍ଷ ବୟସରେ ବିବାହ କରାଇ ଦେଇ ସବୁଦିନ ପାଇଁ ଆଖି ବୁଜିଲେ ।

ଉପଯୁକ୍ତ ପିତାଙ୍କର ଉପଯୁକ୍ତ ଦାୟାଦ ଭାବରେ ଗୋପାଳକୃଷ୍ଣ ପଟ୍ଟନାୟକ ପାରଳାଖେମୁଣ୍ଡିର ଗଜପତି ମହାରାଜଙ୍କ ଦରବାରରେ 'ପାଞ୍ଜିଆ କରଣ' ରୂପେ ନିଯୁକ୍ତି ପାଇଲେ । ତାଙ୍କର କର୍ମ ଦକ୍ଷତା ପ୍ରତ୍ୟେକଙ୍କୁ ମୁଗ୍ଧ କଲା । ମାତ୍ର ଜଣେ ସ୍ଵାର୍ଥ ଲିପ୍ସୁ କର୍ମଚାରୀ ଗୋପାଳକୃଷ୍ଣଙ୍କ ଲୋକ ପ୍ରିୟତାକୁ ବରଦାସ୍ତ କରି ପାରିଲେ ନାହିଁ । ସେ କିଏ ?

ବିପ୍ଳବୀ ଗୋପାଳକୃଷ୍ଣ

ସେତେବେଳେ 'ପଦ୍ମନାଭ' ନାମରେ ପାରଳାଖେମୁଣ୍ଡି ରାଜ୍ୟର ଜଣେ ମ୍ୟାନେଜର ଥାଆନ୍ତି । ବ୍ରିଟିଶ ସରକାରଙ୍କ ବେସ ଗୋଡ଼ ଚାଟିଚାଟି ଏଭଳି ପ୍ରଭୁତ୍ୱ ଦେଖାଉଥିଲେ ଯେ ତାଙ୍କ ଅତ୍ୟାଚାରରେ ଗଗନ ପବନ ଥରହର ହେଉଥିଲା । ଜୋରସାହି ଶାସନ ସକାଶେ ପ୍ରଜାକୁଳ ପଦେ ପଦେ ସନ୍ତ୍ରସ୍ତ । ରାଜଲକ୍ଷ୍ମୀର ଲୀଳା ସ୍ଥଳୀ ପୁଣ୍ୟତମା ଗଜପତି ଭୂମି ବ୍ରିଟିଶ ଲୁଣ୍ଠନର ଉଷ୍ଣ ଲୁହରେ

ଆବିର୍ଭୂତ । ଅନନ୍ତ ପ୍ରସନ୍ନାକାଶ ଅତ୍ୟାଚାରର ପ୍ରପୀଡ଼ିତ ନିରନ୍ନ ମାନଙ୍କର ପ୍ରାଣାନ୍ତକ ଆର୍ତ୍ତନାଦରେ ଭକ୍ତ ଗୋପାଳକୃଷ୍ଣଙ୍କ କଂପିତ ପ୍ରାଣ ହାହୁ ହାହୁ କରି ଉଠେ । ବିଧାତାଙ୍କର କି ଅଭିଶାପ ପାରଳାଖେମଣ୍ଡୀ ପ୍ରତି ?

ମେଘ ଆସେ······ବରଷେ ନାହିଁ ।

ଶସ୍ୟ ଲାଗେ·····ଫଳେ ନାହିଁ ।

ରୁକ୍ଷ ଶାସନର ଦୁର୍ଦ୍ଧର୍ଷ କାପାଳିକର ଅବତାର ଧରି ପଦ୍ମନାଭ ଦେବ ପ୍ରେତ ଦାସ ମାନଙ୍କ ଠାରୁ ଯେଉଁ ତାଣ୍ଡବ ମାଧୁର୍ଯ୍ୟ ଅନୁଭବ କରନ୍ତି ତାର ଶେଷ କେଉଁଠି ? ତାଙ୍କର ଅମାନୁଷିକ ଶକ୍ତି, ପୈଶାଚିକ ପ୍ରବୃତ୍ତି ଦେଖି ଦେଖି ଗୋପାଳକୃଷ୍ଣ ଅସ୍ଥିର ହୋଇ ପଡ଼ିଲେ । ପ୍ରଜାପୁଞ୍ଜର ଆକୁଳ ନିବେଦନ ଶୁଣି ଶୁଣି ସେ ବଧିର ହୋଇଗଲେ । କିନ୍ତୁ କେତେଦିନ ଏମିତି ଚୁପ ହୋଇ ବସିବେ ? ଶେଷକୁ ସ୍ଥିର କରି ନେଲେ ଯେ କୋଟି ଅନ୍ତରର ବିପ୍ଳବ ବହ୍ନି ଦିଗ ଦିଗନ୍ତରୁ ଲେଲିହାନ ମାନ ରସନାରେ ଆସି ପଦ୍ମନାଭ ଦେବଙ୍କୁ କପଟ ଛାର ଖାର କରିଦେବ !

ସେତେବେଳେ ପାରଳାଖେମଣ୍ଡୀର ଗଜପତି ଥିଲେ ଜଗନ୍ନାଥ ନାରାୟଣ ଦେବ । ରାଜ୍ୟରେ ପ୍ରଜା ଅଶାନ୍ତ । କେତେ କେତେ ପ୍ରଜା ରାଜ୍ୟ ଛାଡ଼ି ଚାଲି ଯାଉଛନ୍ତି ଏହି କଥା ଚିନ୍ତାକରି କରି ସେ ଏକ ରକମ ସ୍ଥାଣୁ ପାଲଟି ଗଲେଣି ।

ହଠାତ୍ ଦିନେ ଶୁଣାଗଲା ଯେ ମ୍ୟାନେଜର ପଦ୍ମନାଭ ଦେବଙ୍କ ଦମନ ନୀତି ବିରୁଦ୍ଧରେ ପାଞ୍ଚିଆ କରଣ ଗୋପାଳକୃଷ୍ଣ ପଟ୍ଟନାୟକ ବିଦ୍ରୋହ ସୃଷ୍ଟି କରି ସେ କିଭଳି ଭାବରେ ପଦଚ୍ୟୁତ ହେବେ ଏଥିପାଇଁ ଜିଲ୍ଲାକଲେକ୍ଟରଙ୍କୁ ଲେଖିଛନ୍ତି । ଏକଥା ଶୁଣାଯିବା ପରେ ସ୍ୱାର୍ଥଲିପ୍ସୁ କର୍ମଚାରୀ ମାନେ ଗୋପାଳକୃଷ୍ଣଙ୍କୁ ଜୀବନରେ ମାରିଦେବାପାଇଁ ଷଡ଼ଯନ୍ତ୍ର କଲେ । ସେ (ଗୋପାଳକୃଷ୍ଣ) ଯେତେବେଳେ ଏ ଖବର ପାଇଲେ କାହାକୁ କିଛି ନକହି ରାତାରାତି ପାରଳା ଖେମୁଣ୍ଡୀ ଛାଡ଼ି ଗଞ୍ଜାମ ଚାଲିଆସିଲେ ।

ବିପ୍ଳବୀ ନୁହେଁ କବି

ଯୌବନର ମଧ୍ୟାହ୍ନରେ ଗୋପାଳକୃଷ୍ଣ ନଗର ବୁଲିଯାଉଥିବାବେଳେ ଏକଦା କୁମୁଟି (ଦକ୍ଷିଣର ବୈଶ୍ୟଜାତି) ଘରର ସୁନ୍ଦରୀ ଯୁବତୀଟିଏ ଦେଖିବାକୁ ପାଇଥିଲେ । ସେହି ସୁନ୍ଦରୀ ଯୁବତୀଟି ଗୋପାଳକୃଷ୍ଣଙ୍କ ହୃଦୟରେ କବିଭାବ ଉଦ୍ରେ ସୃଷ୍ଟି କରିଥିଲା । ଘରକୁ ଫେରିଆସି ଯୁବତୀର ଅପରୂପ ଶୋଭାକୁ ଗୋପାଳକୃଷ୍ଣ ଭୁଲି ପାରିଲେ ନାହିଁ । ତାଳ ପତ୍ରର ବକ୍ଷ ବିଦୀର୍ଣ୍ଣ କରି ଲେଖଣୀ ମୁନରେ ମଚମଚ କରି ଲେଖିଗଲେ ଜୀବନର ପ୍ରଥମ କବିତା । "ସ୍ୱପ୍ନରେ ଦେଇ କନ୍ଦି ନଯାରେ" ଜନ୍ମ ଓ ବିପ୍ଳବୀ ଗୋପାଳକୃଷ୍ଣରୁ 'କବି ଗୋପାଳକୃଷ୍ଣ' ରୂପେ ତାଙ୍କୁ ପରିଚିତ କରାଇଲା । କିନ୍ତୁ ଗୋପାଳକୃଷ୍ଣଙ୍କ କବିତାର ଆଉ ଜଣେ ସାର୍ଥକ ପ୍ରକାଶୀ କୃପାସିନ୍ଧୁ ନରେନ୍ଦ୍ର ଦେବ କହନ୍ତି ଯେ ଗଞ୍ଜାମରେ ରହିଥିବାବେଳେ ବଡ଼ବାକ ଚକ୍ରପାଣି ପଟ୍ଟନାୟକ ଓ ଆଉ କେତେଜଣଙ୍କ ସହ ଯୁବକ ଗୋପାଳକୃଷ୍ଣ ସନ୍ଧ୍ୟାସମୟରେ ଋଷିକୁଲ୍ୟା ନଦୀ କୂଳକୁ ବୁଲି ଯାଇଥିବା ସମୟରେ ପୂର୍ବୋକ୍ତ କୁମୁଟୀ ଜାତୀୟ ସୁନ୍ଦରୀ ଯୁବତୀକୁ ମୁଣ୍ଡରେ ପାଣି ବୋହି ନେଉଥିବାର ଦେଖି ସମସ୍ତେ ଚମତ୍କୃତ ହୋଇଥିଲେ । ଏହାପରେ ସେହି ଯୁବତୀକୁ ଲକ୍ଷକରି ଏକ ଏକ କବିତା ରଚନା କରିବା ନିମନ୍ତେ ଶ୍ରୀକରଣ-ପଟ୍ଟନାୟକ କହିବାରୁ ସମସ୍ତେ କବିତା ଲେଖିଲେ । ମାତ୍ର ଆଗରୁ କେବେ ଲେଖା ଲେଖି କରି ନ ଥିବାରୁ ଗୋପାଳକୃଷ୍ଣ ଅସାମର୍ଥ୍ୟ ପ୍ରକାଶ କଲେ । କିନ୍ତୁ ଶ୍ରୀକରଣ ପଟ୍ଟନାୟକଙ୍କର ଜିଦ୍ ଯେ ପ୍ରତ୍ୟେକଙ୍କୁ କବିତା ଲେଖିବାକୁ ହେବ । ପରିଶେଷରେ ସମସ୍ତଙ୍କ ଅନୁରୋଧରେ ଅନୁରୁଦ୍ଧ ହୋଇ ଗୋପାଳକୃଷ୍ଣ ଯେଉଁ କବିତାଟିକୁ ରଚନା କଲେ ତାହା ପୂର୍ବରୁ କୁହାଯାଇଛି । ଶ୍ରୀକରଣ ପଟ୍ଟନାୟକ ସମସ୍ତଙ୍କ କବିତାଗୁଡ଼ିକୁ ଏକାଠି କରି ଦେଖିଲେ ଯେ ସ୍ୱଳ୍ପ ବୟସ୍କ ଓ ନବୀନ-କବି ଗୋପାଳକୃଷ୍ଣଙ୍କ କବିତାର ଭାବ ଭଙ୍ଗୀଆଦି ଅନ୍ୟାନ୍ୟ କବିମାନଙ୍କ ଲେଖା ଅପେକ୍ଷା ରସଗ୍ରାହୀ ଓ ସମୟୋପଯୋଗୀ ହୋଇଛି । ଯେତେବେଳେ ଶ୍ରୀକରଣ-ପଟ୍ଟନାୟକ ସଙ୍ଗୀମେଳରେ ଏହି କଥା ପ୍ରକାଶ କଲେ, ଉପସ୍ଥିତ ବଡ଼ବାକ ଚକ୍ରପାଣି ପଟ୍ଟନାୟକ ଯୁବକ ଗୋପାଳକୃଷ୍ଣଙ୍କୁ ପ୍ରଥମେ ଅଭିନନ୍ଦନ ଜଣାଇଲେ ଏବଂ କବିତା ଲେଖା ନହୁଡ଼ି ସାଭିମତ ସାଧନା କଲେ ଭବିଷ୍ୟତରେ ପ୍ରଶଂସା ମିଳିବ ବୋଲି ଉପଦେଶ ଦେଇଥିଲେ ।

ପରବର୍ତ୍ତୀ ଜୀବନରେ ଦଣ୍ଡପାଣି ପଟ୍ଟନାୟକଙ୍କ କଥା ଅକ୍ଷରେ ଅକ୍ଷରେ ସତ ହେଲା । ଗ୍ରାମ୍ୟ ରସରେ କବିତା ଲେଖି ଗୋପାଳକୃଷ୍ଣ ସମସ୍ତଙ୍କୁ ଟପିଗଲେ । ଯାଉଛୁ ସୁମାରଜନ ଚନ୍ଦ୍ରବଦନା ସୁମା, ସତେ କରବକ ବନ୍ଧୁ, ହାସ ମଲ୍ଲିକା, ଆରେ ସରସ ହୃଦୟା କାନ୍ତ ମୋର ଏ ବସନ୍ତ କାଳରେ ଆଦି ଏହି ଗ୍ରାମ୍ୟରସ କବିତାର ଅନ୍ତର୍ଭୁକ୍ତ ଅଟେ ।

ଗ୍ରାମ୍ୟରସର ଗୀତମାନ ଲେଖା ଚାଲିଥିବାବେଳେ ଏକଦା କବିଙ୍କ ଦୀକ୍ଷାଗୁରୁ ଲୋକନାଥ ଗୋସ୍ୱାମୀଙ୍କଠାରୁ ଆଦେଶ ପାଇ ଗ୍ରାମ୍ୟରସର କବିତା ବନ୍ଦ ହୋଇଯାଇ ତା ବଦଳରେ ଭକ୍ତିରସ କବିତାର ଝରଣା କବିଙ୍କ ଲେଖନୀ ମୁନରୁ ମୃତ୍ୟୁ ପର୍ଯ୍ୟନ୍ତ ଛୁଟି ଚାଲିଲା ।

ଗଜପତି ଜଗନ୍ନାଥନାରାୟଣ ଦେବଙ୍କ ପରେ ତାଙ୍କ ପୁଅ ପ୍ରତାପରୁଦ୍ର-ଦେବ ପାରଳା ସିଂହାସନ ଅଳଂକୃତ କରିଥିଲେ । ସେ ମହାଶୟ ଗୋପାଳକୃଷ୍ଣ-ଙ୍କର ଅଲୌକିକ କବି ପ୍ରତିଭା ଦେଖି ମୁଗ୍ଧ ହୋଇଥିଲେ । ତାଙ୍କୁ କବି କଳହଂସ ଉପାଧି ଦେଇ ଏକୋଇଶିଖଣ୍ଡ ଗ୍ରାମରେ କରଣିକ କରିଦେଇ ଥିଲେ । ଗୋପାଳକୃଷ୍ଣ ଯେତେବେଳେ ସଭାତ୍ୟାଗ କରି ଘରକୁ ଯାଆନ୍ତି ସେତେବେଳେ ଗୁଣଗ୍ରାହୀ ମହାରାଜାଙ୍କ ନିର୍ଦ୍ଦେଶରେ ତାଙ୍କ ଆଗରେ ଯୋଡ଼ି ମଶାଲ ଯାଉଥିଲା । ଏହାର ପ୍ରତିବଦଳରେ ସେ କେତେଗୁଡ଼ିଏ ସଂସ୍କୃତ ଶ୍ଳୋକର ପଦ୍ୟାନୁବାଦକରି ମହାରାଜା ପ୍ରତାପରୁଦ୍ର ଦେବଙ୍କ ନାମରେ ସେସବୁକୁ ଭଣିତା କରିଥିଲେ ।

ଗ୍ରାମ୍ୟ ଗୀତ, ପ୍ରେମଗୀତ ଓ ଭକ୍ତିଗୀତ ହଜାର ହଜାର ସଂଖ୍ୟାରେ ସେ ଲେଖିଛନ୍ତି । ମାତ୍ର ସେଗୁଡ଼ିକର ପାଣ୍ଡୁଲିପି ସାଇତି ରଖିନଥିବାରୁ ଆଜିକାଲି ଖୋଜି ପାଇବା ଦୁଷ୍କରହୋଇଛି । ଇନ୍ଦୁ ନାମ୍ନୀ ଜଣେ ଦେବଦାସୀ ନୃତ୍ୟଛଳରେ ତାଙ୍କର କବିତାଗୁଡ଼ିକୁ ପ୍ରଚାର କରାଇ ଥିଲା । ସେହି ଅବସରରେ ଯିଏ ଯେଉଁଠି ତାଙ୍କର ଯେଉଁ କବିତାଟି ଶୁଣିଲା ସେ ସେତକ ଲେଖି ରଖିଲା । ଏହିଭଳି ଭାବରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ତାଙ୍କର କବିତାବଳୀ ଶୁଣିବାକୁ ମିଳୁଥାଏ ।

ଅନ୍ତିମ ପଥର ଯାତ୍ରୀ

ବୃଦ୍ଧ ବୟସରେ କନିଷ୍ଠପୁତ୍ର କରୁଣାନିଧି ପଟ୍ଟନାୟକଙ୍କ ମୃତ୍ୟୁଜନିତ ଦୁଃଖ ତାଙ୍କୁ ତିଳ ତିଳ କରି ଦଗ୍ଧୀଭୂତ କରୁଥିଲା । ଏହିଭଳି ସମୟରେ ଜ୍ୱାଇଁ ମରିଯିବାରୁ ଝିଅର ବୈଧବ୍ୟବେଶକୁ ଦେଖି ସେ ଧୈର୍ଯ୍ୟହରା ହୋଇ ପଡ଼ିଲେ । ଖାରଡ଼ା ଗ୍ରାମରେ ମଠଟିଏ ପ୍ରତିଷ୍ଠା କରି ସେହିଠାରେ ନିଜର ସନ୍ୟାସ ଜୀବନ ଯାପନ କରୁଥିବାବେଳେ ୮୫ବର୍ଷ ବୟସରେ ୧୮୭୨ମସିହା ଫାଲ୍‌ଗୁନ ଶୁକ୍ଳ ଦ୍ୱିତୀୟା ତିଥିରେ ଇହଧାମ ଛାଡ଼ି ପରମେଶ୍ୱରଙ୍କର ପଦଦାସୀ ହେବା ଲାଳସାରେ ସେ ପାରିକୁ ଚାଲିଗଲେ । ଯେଉଁଠାକୁ ଲୋକ ଥରେ ଗଲେ ଆଉ ଫେରେନାହିଁ ।

ପିତାଙ୍କ ଆଦେଶାନୁଯାୟୀ ତାଙ୍କର ଦୁଇପୁତ୍ର ଗୌରଚନ୍ଦ୍ର ପଟ୍ଟନାୟକ ଓ ହରିବନ୍ଧୁ ପଟ୍ଟନାୟକ ବୈଦିକ ମତରେ ପ୍ରେତଶ୍ରାଦ୍ଧ ନକରି ବୈଷ୍ଣବମତରେ ସମସ୍ତ କର୍ମ ସାଙ୍ଗ କଲେ ।

କବି କଳହଂସ, ପାରଳା ଖେମୁଣ୍ଡୀର ବସନ୍ତ କୋକିଳ ଭକ୍ତ କବି ଗୋପାଳକୃଷ୍ଣଙ୍କ ତିରୋଧାନ ଆଜକୁ ୧୦୬ବର୍ଷ ହୋଇଗଲା । ଏହି ୧୦୬ବର୍ଷରେ କେତେ ନୂଆ ଆସି ପୁରୁଣା ଗଲେଣି । ମାତ୍ର ଗୋପାଳକୃଷ୍ଣ କାବ୍ୟସ୍ୱାଦୀମାନଙ୍କ ନିକଟରେ ତାଙ୍କର କବିତା ସକାଶେ ଏବେ ମଧ୍ୟ ଜୀବିତ ଅଛନ୍ତି ଏବଂ ବହୁ ଶତାବ୍ଦି ଧରି ରହିବେ ମଧ୍ୟ । ତାଙ୍କ ଅମର ଲେଖନୀରୁ ନିସୃତ କବିତାମାନ ଗୋପାଳକୃଷ୍ଣ ଗ୍ରନ୍ଥାବଳୀ ନାମରେ ଯେତେବେଳେ ପ୍ରକାଶ ପାଉଛି ସେତେବେଳେ ତାଙ୍କର ଅମର ଆତ୍ମା ପ୍ରତି ଆମର ଭକ୍ତି ଓ ଶ୍ରଦ୍ଧା ନିବେଦନ କରୁଛୁ ।

ମୁଖଶାଳା

ଧାଣ୍ଡି ବୃତ୍ତିର ପ୍ରଚଳନ ଶିଥିଳ ହେବାପରେ 'କୋଇଲି' କବିତା ମଧ୍ୟରେ ଗୀତି ମଧୁରିମା ସନ୍ନିବିଷ୍ଟ କରାଇ କବିତାକୁ ଗଣଭୋଗ୍ୟ କରାଇବାର ପ୍ରାଞ୍ଜ ପ୍ରଚେଷ୍ଟା ସପ୍ତଦଶ ଶତାବ୍ଦି ବେଳକୁ ପୂର୍ଣ୍ଣତା ପ୍ରାପ୍ତ ହୋଇଥିଲା । ସପ୍ତଦଶ ଓ ଅଷ୍ଟାଦଶ ଶତାବ୍ଦିର କବିମାନଙ୍କ ମଧ୍ୟରେ ଯେଉଁମାନେ ଗୀତି ଧାରାକୁ ପରିପୁଷ୍ଟ କରିଥିଲେ ସେମାନଙ୍କ ଭିତରେ "ଗୋପାଳକୃଷ୍ଣ ପଟ୍ଟନାୟକ" ଉତ୍କଳ ଭୂମିର ସାହିତ୍ୟାକାଶରେ ଏକ ବିଶିଷ୍ଟ ସ୍ଥାନ ଅଧିକାର କରିଛନ୍ତି । ଏହି ବିଶିଷ୍ଟତାର ପ୍ରଧାନ କାରଣ ହେଲା ତାଙ୍କ ଭାଷାର ସରଳତା ଓ ଭାବର ମାଧୁରୀ । ଯଦିଓ କବିସୂର୍ଯ୍ୟଙ୍କ ଚମ୍ପୂର ସଂଗୀତାବଳୀ ଓଡ଼ିଶାର ଘରେ ଘରେ ପରିଚିତ ତଥାପି ତାହା ସାଧାରଣ ଭାଷାଡମ୍ବର ସକାଶେ ଦୁର୍ବୋଧ୍ୟ ହୋଇ ପଡ଼ିଛି । ଏଇ ହେଲା କବିସୂର୍ଯ୍ୟ ଓ ଭକ୍ତକବି ଗୋପାଳକୃଷ୍ଣଙ୍କ ଭିତରେ ତଫାତ୍ । ଗୋପାଳକୃଷ୍ଣ ସରଳ ଘରୋଇ ଓଡ଼ିଆ ଭାଷାରେ କବିତା ରଚନା କରିଥିବାରୁ ତାହା ସମସ୍ତଙ୍କର ପ୍ରାଣସ୍ପର୍ଶୀ ହୋଇ ପାରିଛି । ଯଦିଓ ସେ (କବି ଗୋପାଳକୃଷ୍ଣ) ବ୍ରଜରସ ବା ରାଧାକୃଷ୍ଣଙ୍କ ପ୍ରେମରସକୁ କବିତା ମଧ୍ୟରେ ଫୁଟାଇ ଛନ୍ତି ତଥାପି ତହିଁରେ ତାଙ୍କର ବ୍ୟକ୍ତିଗତ ସ୍ପନ୍ଦନ ଓ ସ୍ୱପ୍ନ ସ୍ୱତଃ ସ୍ଫୁରିତ ହୁଏ ।

ଗୋପାଳ କୃଷ୍ଣଙ୍କ ସମସ୍ତ କବିତା ଉଚାଙ୍ଗ ସଙ୍ଗୀତ ରୂପେ ଓଡ଼ିଶାର ପୁର ପଲ୍ଲୀରେ ବିଶେଷ ଭାବରେ ଆଦୃତ । ମାତ୍ର ଗୀତି ବିଭବରେ ବିଭୂଷିତ ଏହି କବିତାଗୁଡ଼ିକର ଗୁଣ ଗରିମା ଗାୟକଙ୍କର ସ୍ୱର ବିନ୍ୟାସ ସାପେକ୍ଷ । କାରଣ ସଙ୍ଗୀତର ଆକର୍ଷଣ ରଚନାର ଲିଖନ ଭୂଷାରେ ଯେତେ ନଥାଏ ସେତେ

ଥାଏ ଗାୟକର ସ୍ୱର ସାଧନା ଓ ସଂଯୋଜନାରେ । ମାତ୍ର ସ୍ୱର ମାଧୁର୍ଯ୍ୟାର୍ଥି "ଶିଶୁର୍ବେତ୍ତି ପଶୁର୍ବେତ୍ତି, ବେତ୍ତିଗୀତ ରସଂ ଫଣୀ ।" ଗୋପାଳକୃଷ୍ଣଙ୍କ ରଚନାର ସଙ୍ଗୀତ ରୂପାୟନ ଏତତ୍ପର ସାପେକ୍ଷିକ ଥିବା ସ୍ଥଳେ ସାହିତ୍ୟ ଭାବେ ଏଗୁଡ଼ିକର ଗୁଣ ପ୍ରତିଷ୍ଠା କିନ୍ତୁ ଅନପେକ୍ଷ, ସ୍ୱୟଂ ବଳସିଦ୍ଧ । କାବ୍ୟାସ୍ୱାଦୀ ମାନଙ୍କ ନିକଟରେ ଏହା ଗୀତଗୋବିନ୍ଦୀୟ ରଚନା ପରି ଲଳିତ ଭାବ ବ୍ୟଞ୍ଜକ ଓ ବିମୋହକ ।

ପ୍ରାଚୀନ ବହୁ ଓଡ଼ିଆ କାବ୍ୟ କବିତା ସଦୃଶ ରାଧାକୃଷ୍ଣ ପ୍ରସଙ୍ଗ ଗୋପାଳ କୃଷ୍ଣଙ୍କ କବିତାର ଉପଜୀବ୍ୟ ବସ୍ତୁ । ମାତ୍ର ସମଶ୍ରେଣୀୟ ରଚନା ପର୍ଯ୍ୟାୟରେ ଗୋପାଳକୃଷ୍ଣଙ୍କ ରଚନା ଅତିରଞ୍ଜନ ବା ଅପ୍ରମେୟ ନୁହେଁ କି ଆଲୋଚ୍ୟ କବି ପୂର୍ବବର୍ତ୍ତୀ ବା ପରବର୍ତ୍ତୀ କୌଣସି କବିଙ୍କ ପ୍ରତିଭା ଭିତ୍ତିରେ ବିମଳିନ କାନ୍ତି ନୁହନ୍ତି । ସେ ନିଜ କ୍ଷେତ୍ରରେ ନିଜେ ଭାସ୍ୱାନ୍ । ବ୍ରଜ ରସାତ୍ମକ ଯେତେ ଯେତେ କବିତା ଗୋପାଳକୃଷ୍ଣଙ୍କର ଦେଖାଯାଏ ତାହା ତାଙ୍କର କଳ୍ପନା ପ୍ରସୂତ ନୁହେଁ । ଏହି ରସର ସମସ୍ତ କବିତା ପଞ୍ଚ ମହାଜନ ମାନଙ୍କ ପଥାନୁସରଣରେ ସେହି ମାନଙ୍କ ଗ୍ରନ୍ଥ ଅବଲମ୍ବନରେ ଲିଖିତ ବୋଲି କେହି କେହି ବୈଷ୍ଣବ ଶାସ୍ତ୍ରବିଦ୍ ସଜ୍ଜନ-ମାନେ କହିଥାଆନ୍ତି । ରସାମୃତସିନ୍ଧୁ, ବୃନ୍ଦାବନ ଲୀଳାମୃତ ବିଦଗ୍ଧ ମାଧବ, ଉଜ୍ଜ୍ୱଳ ନୀଳମଣି, ଶ୍ରୀକୃଷ୍ଣ ଭାବନା ମୃତ, କୃଷ୍ଣ କର୍ଣ୍ଣାମୃତ, ଗୋବିନ୍ଦ ଲୀଳାମୃତ ଓ ଲଳିତ ମାଧବ ଆଦି ବୈଷ୍ଣବ ଶାସ୍ତ୍ରକୁ ନିଜ ଜୀବନର ପରମ ସମ୍ବଳ ବୋଲି ଗୋପାଳକୃଷ୍ଣ ଅନୁଭବ କରିଥିଲେ । କହିବା ବାହୁଲ୍ୟ ହେବ ଯେ ଉଲ୍ଲିଖିତ ବୈଷ୍ଣବ ଶାସ୍ତ୍ରର ଅନେକ ପ୍ରଭାବ ଗୋପାଳକୃଷ୍ଣଙ୍କ କବିତା ମାନଙ୍କ ଉପରେ ପଡ଼ି ସେ ଗୁଡ଼ିକୁ ଜୀବନ୍ତ ଓ ରସଯୁକ୍ତ କରିଛି ।

ରସ କଲ୍ଲୋଳ, ମଥୁରା ମଙ୍ଗଳ ବା ବିଦଗ୍ଧ ଚିନ୍ତାମଣି ସଦୃଶ କୃଷ୍ଣ ବିଷୟକ କାବ୍ୟ ଗ୍ରନ୍ଥ ପାଠରେ ଯେଉଁ କଳା ସମୃଦ୍ଧି ପରିଦୃଷ୍ଟ ହୁଏ, ଗୋପାଳ-କୃଷ୍ଣଙ୍କ କବିତାବଳୀକୁ ଭାବ ସମରେ ପାଠକଲେ ସମ ଗୌରବ ପରିଲକ୍ଷିତ ହେବ । କାବ୍ୟ ଗ୍ରନ୍ଥରେ ବିଷୟ ସନ୍ନିବେଶ ପରି ଏଥିରେ ଦୈନ୍ୟବୋଧିକା ନାମ କୀର୍ତ୍ତନ, ସ୍ୱାଭିଳାଷ କଥନରେ ଅକଳଙ୍କ ପୂର୍ଣ୍ଣଚନ୍ଦ୍ର ମୁଖଚନ୍ଦ୍ର ଦର୍ଶନରେ ଜନ୍ମ ଜନ୍ମର ଦୁଃଖ ବିମୁକ୍ତ ଆଶା ଓ ରାଧାକୃଷ୍ଣଙ୍କ ସୁରତରସ ପ୍ରସଙ୍ଗାଦି ସମସ୍ତ

ବର୍ଣ୍ଣିତ ହୋଇଅଛି । ପୁନଶ୍ଚ ସମୁହଭାବେ ନଦେଖି ପ୍ରତି କବିତାକୁ ସ୍ୱତନ୍ତ୍ରଭାବେ ବିଚାର କଲେ ପ୍ରତ୍ୟେକଟି ଖଣ୍ଡାକାଶପ୍ରକୃତି ପ୍ରତିଫଳିତ ବିଚିତ୍ର ଶିଶିର ବିନ୍ଦୁ ପରି ରମଣୀୟ ଓ ପରିପୂର୍ଣ୍ଣ ବୋଧ ହେବ ।

ଏ ସମ୍ପର୍କରେ ଅନ୍ୟତମ ପ୍ରାଚୀନ କବି ଅଭିମନ୍ୟୁ ସାମନ୍ତ ସିଂହାରଙ୍କର ବିଦଗ୍ଧ ଚିନ୍ତାମଣି ସହ ଗୋପାଳକୃଷ୍ଣଙ୍କ କବିତାବଳୀକୁ ତୁଳନା କରାଯାଇ ପାରେ । "ଓ ବାରିଦ ଆଲୋଦାସୀ ହୋଇଲେ କିତୋଷ" କହିଥିଲେ ଅଭିମନ୍ୟୁ । ଏଠାରେ ମଧ୍ୟ ପ୍ରଭୁଙ୍କ ପ୍ରେମରସରେ ନିଜକୁ ମଜାଇ ଭବିଷ୍ୟତ ସୁଖପ୍ରାପ୍ତି (ଚରଣ ସେବା) କୁ ଗୋପାଳ କୃଷ୍ଣ କଳନା କରିନପାରି ତାଙ୍କ ପ୍ରାଣରୁ ସ୍ୱତଃ ପ୍ରକାଶ ପାଇଛି "ଏତେଭାଗ୍ୟ ମୋର ହେବକି ? ହେବି ବୃନ୍ଦାବନେଶ୍ୱରୀ ସେବକି" ଇତ୍ୟାଦି— ।

ଦିନେ ମଥୁରା ମଙ୍ଗଳର କବି ଭକ୍ତଚରଣ ଦାସ ତାଙ୍କ କବିତାରେ କୃଷ୍ଣ ବୋଲି ଗାଉଥିବି ମୁଖେ, ଥିବି ସେ ଗୋପୀଙ୍କ ପାଖେ ପାଖେ । କହି ନିଜ ମନର ଅଭିଳାଷ ପ୍ରକାଶ କରିଥିଲେ । କିନ୍ତୁ ଭକ୍ତ ପ୍ରବର ଗୋପାଳକୃଷ୍ଣ ଖାଲି ଗୋପୀ ଗୋପାଳ ମନରେ ରହିବା ନିମନ୍ତେ ଚାହିଁନାହାନ୍ତି । ସେ ଚାହିଁଛନ୍ତି କୃଷ୍ଣଙ୍କ ସହିତ ଏକ ଓ ଅଭିନ୍ନ ହୋଇ ତାଙ୍କର ଦେହରେ ମିଶିଯିବାକୁ । ଗୋପଜାତି ସମ୍ବନ୍ଧରେ ତାଙ୍କର ବର୍ଣ୍ଣନା ପ୍ରତ୍ୟେକ କୃଷ୍ଣଭକ୍ତ ମାନଂକର ଆଦରଣୀୟ କବିତା ।

ଗୋପାଳକୃଷ୍ଣଙ୍କ କବିତାବଳୀରେ ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ବିଷୟ ପ୍ରତି ଧ୍ୟାନ ଦିଆଯାଇ ପାରେ । ସେ ନିଜ ମନର ଭାବନାକୁ ପ୍ରାର୍ଥନା ଆଦିରେ ରାଧାକୃଷ୍ଣଙ୍କ ପ୍ରଣୟ ଘଟିତ ସୁ-ରୁଚି ଅନୁକୂଳ, ସ୍ୱଭାବ ସୁନ୍ଦର ସ୍ୱଚ୍ଛ ବର୍ଣ୍ଣନା କରି ଭବିଷ୍ୟତ ଯୁଗ କବିମାନଙ୍କର ଆଦର୍ଶ ହୋଇ ପାରିଛନ୍ତି । ଭଞ୍ଜ ଯୁଗୀୟ କବି ମାନଙ୍କ ମଧ୍ୟରେ ଗୋପାଳକୃଷ୍ଣଙ୍କ କବିତାର ସ୍ଥାନ ସ୍ୱତନ୍ତ୍ର । ଆଜିକାଲି-କାର ଆଧୁନିକ କବିମାନଙ୍କପରି ବା କବି ସମ୍ରାଟଙ୍କ ସମସାମୟିକ ଅନ୍ୟ କବିମାନଙ୍କ ଭଳି ତାଙ୍କ କବିତାରେ ଅତି ରଞ୍ଜିତ ବା ଦୈହିକ ମିଳନର ନଗ୍ନଚିତ୍ର ପ୍ରଣୟ ପ୍ରସଙ୍ଗରେ ନାହିଁ । ପାଠକ ପାଠିକା ପ୍ରାଣରେ ଗୋପାଳକୃଷ୍ଣଙ୍କ କବିତାମାନ ତୋଳିଥାଏ ବିଷାଦ ଓ ପ୍ରସାଦର ଝଞ୍ଜା । ରାଧିକାଙ୍କ ମିଳନର ଆଶା ଓ

ଆଶଙ୍କାରେ ନିଜ ମନର ଆତ୍ମପ୍ରକାଶ । ଯୋଗୀ ମନର ଖେଦ ଓ ଅଭିମାନ ସହ ଅନୁରାଗ ରଞ୍ଜିତ ମନର ଆବେଗ ।

କେଶର କୁଞ୍ଜ ଶେଯରେ ବ୍ରଜେନ୍ଦ୍ର ବୃନ୍ଦାଙ୍କୁ ପୁଚ୍ଛନ୍ତି ଧୀରେ, ସହଚରୀରେ ରାଧାବୋଲି କେ ବ୍ରଜରେ ବା "କି ନାମ ବୋଇଲୁ ଭୁଲିଗୋ ଲଳିତେ" ବୁଝାଇବା ଦ୍ୱାରା ପରସ୍ପର ମଧ୍ୟରେ ସ୍ନେହ ଓ ପ୍ରୀତିର ଉତ୍ସ ସୃଷ୍ଟି କରାଯାଇଛି । 'ଆରାଧ୍ୟ' ଦେବତାଙ୍କ ଚରଣ ତଳେ ଆରାଧିକା କୁଳକୁ ଜଳାଞ୍ଜଳୀ ଟେକି ଦେଇଛନ୍ତି । ଆଦ୍ୟ ଅନୁରାଗରେ ଉଭୟ ପ୍ରଣୟୀ ପ୍ରଣୟିନୀ ନିଜ ନିଜ ମଧ୍ୟରେ ଅବଗତ ଥିବା ସମୟରେ ଜଣେ ଅନ୍ୟ ଜଣକୁ ଜାଣିବା ପାଇଁ ଯେଉଁଭଳି ବ୍ୟାକୁଳିତ ହୁଏ ଏଠାରେ ସେହିପରି ଘଟିଛି । ଲଳିତା ଓ ବୃନ୍ଦା ଦୁହେଁଯାକ ପୁରାଣଯୁଗର ସୁନାମ ପ୍ରସିଦ୍ଧା ଦୂତୀ । ଶ୍ରୀରାଧା ଓ ଶ୍ରୀକୃଷ୍ଣଙ୍କ ମଧ୍ୟରେ ଏମାନେ ମଧ୍ୟସ୍ଥତା କରି ଏକର କଥା ଆନକୁ ଜଣାଇଛନ୍ତି । ପରସ୍ପର ମଧ୍ୟରେ ଉକ୍ତି ପ୍ରତ୍ୟୁକ୍ତି ମଧ୍ୟଦେଇ ସେ ଗୁଡିକର ପ୍ରକାଶ କରାଯିବା ଦ୍ୱାରା ସ୍ନେହ ମମତାର ଗଭୀରତାରେ ସଂଯୋଗ (ମିଳନ) ର ଉତ୍କଣ୍ଠା ଉତ୍ଥଳ ହୋଇଛିତ ମୁରଲୀର ଅପୂର୍ବ ନିସ୍ୱନ ପ୍ରେମିକ ଶ୍ରେଷ୍ଠଙ୍କ ସଂକେତକୁ କର୍ଣ୍ଣ ଗୋଚର କରାଇ ଶିଉରେ ଜଗାଇଛି ସମ୍ବୋଧନ । ପରିବାର ଭିତରେ ପୂଜ୍ୟ ଲୋକ ମାନଙ୍କ ପାଖରେ ଥାଇବ ଅଜଣା ଅଶୁଣା ଜାଗରଣରେ ଶରୀର ହୋଇଛି ରୋମାଞ୍ଚିତ ।

ଲଜ୍ଜାପୂର୍ଣ୍ଣ ଜାଗରଣ, ଆଶଙ୍କାଯୁକ୍ତ ଚିତ୍ତକୁ ଚିତ୍ର ବିଚିତ୍ର କରି ଅଳ୍ପ କେଇପଦ ଭାଷା କବି କଲମରୁ ପ୍ରକାଶ କରାଯାଇଛି—

ଶ୍ୟାମ ସୁନ୍ଦର ମୁରଲୀ ନିନାଦ
ଜାତି ନେବ ବୋଲି ମଣିଲି
ଗୁରୁଜନ ସଙ୍ଗେ କଥା ପରସଙ୍ଗେ
ବସିଥିଲି କି ଚମକି ପଡ଼ିଲି ।

—ଚଉଦ—

ଫୁଟିଲା ପୁଲକ ଦେହ ଗୋଟାସାକ
ଜଡ଼ା ଶୀତରେ ମୁଁ ଥରିଲି
କାହିଁ ଗଲା ମନ କାହିଁ ଗଲା ଜ୍ଞାନ
ବେନି ନୟନ ମୁଁ ବୁଜିଲି ।

× × ×

ନରନାରୀ ମାନଙ୍କର ପ୍ରଥମ ପ୍ରଣୟର ଅନୁଭୂତି ଜନିତ ପୁଲକ, ମନର ଆବେଗ ଆଦି ପ୍ରତ୍ୟେକଙ୍କର ବାସ୍ତବ ଅନୁଭୂତି । ମାତ୍ର ଏହା କ'ଣ ସମ୍ଭବ ହୋଇପାରେ ? ମନର ଆବେଗ ମନରେ ମରେ । ସମାଜର ସାମାଜିକ ପରି-ବେଶ ମିଳନ ପଥରେ କଣ୍ଟାଭଳି ଦେଖାଦିଏ । "ପୀରତି ପଥ ଖସଡ଼ା" ପ୍ରଣୟ ମାର୍ଗର ଚିରନ୍ତନ ସତ୍ୟ ଘଟଣା । ଗୁରୁଜନ ମାନଙ୍କ ଶାସନ, ସମାଜର ନାଲି ଖି ରାଧିକାଙ୍କର ସଂକେତ ସ୍ଥାନକୁ ଯିବାର ପଥରୁଦ୍ଧ କରି ଦେଇଛି । ଯାହାଲାଗି ଭିସାରିକା ବେଶ ସାଜିଥିଲେ ତାହା ପାଖକୁ ଯିବା ସମ୍ଭବ ହୋଇ ପାରୁନାହିଁ । କବରୀର ସୁବାସିତ ପୁଷ୍ପମାଳା ଝାଉଁଳି ପଡ଼ୁଛି । ମନର ପିପାସା ମନରେ ମରି ଯାଉଛି । ଅନ୍ତରର ଅଭିଳାଷ ଉଜାଣି ସୁଅରେ ଯେତେବେଳେ ଭାସି ଭାସି ଚାଲିଯାଉଛି···ଠିକ୍ ସେତିକିବେଳେ ସାମାଜିକ ଜୀବନରେ ଥିବା ନିଜର ଅପ୍ରଶସ୍ତ ପରିସରକୁ ନିନ୍ଦାକରି ତାଙ୍କର ଦୁଃଖିତ ପ୍ରାଣରୁ କ୍ଷୀଣ କଣ୍ଠସ୍ୱର ଧ୍ୱନି ନିସୃତ ହୋଇଛି । "ଧୀକ ନାରୀଜନ୍ମ କି କଲୁ ଦଇବ ସଦାକରି ପରାଧିନ" ।

ଲଳିତା ଚରିତ୍ର ପ୍ରତି ଏଠାରେ ପ୍ରତ୍ୟେକ ଚିନ୍ତାଶୀଳଙ୍କର ମନରେ ପ୍ରଶ୍ନ ଉଠେ ସେ କିଏ ବୋଲି ? ବାସ୍ତବିକ ଲଳିତା ଚରିତ୍ରରେ ପ୍ରତ୍ୟେକ ଆଶ୍ଚର୍ଯ୍ୟ ହୁଅନ୍ତି । ଗୋପାଳକୃଷ୍ଣ ତାକୁ ଗୋଟାଏ ସତର୍କ ଘଣ୍ଟି ଭଳି ଚିତ୍ରଣ କରିଛନ୍ତି । ଗୁପ୍ତ ପ୍ରେମର ସ୍ରୋତରେ ରାଧା ଭାସି ଭାସି ଚାଲିଛନ୍ତି । ସଂସାରିକ ବନ୍ଧନ

ଭିତରେ ଥାଇ ମଧ୍ୟ କଣ କରିଯାଉଛନ୍ତି ସେ ନିଜେ ବି ଜାଣି ପାରୁ ନାହାନ୍ତି ପ୍ରେମ···ପ୍ରେମ···ପ୍ରେମ । କିନ୍ତୁ ଦୁନିଆ ଆଖିରେ ସେ ହେଉଛି କଳଙ୍କ କାଳୀମା ରାଧା ଯେତେବେଳେ କୃଷ୍ଣ ପ୍ରେମରେ ମଜ୍ଜି ଗଲେଣି ସେତେବେଳେ ଯମୁନା କୂଳକୁ ପାଣି ଆଣିବା ବାହାନାରେ ଯିବା ଏକାଧିକ ଥର ହେଉଛି । କୃଷ୍ଣଙ୍କ ମିଳା ମିଶାର ପରିମାଣଟା ଅଧିକରୁ ଅଧିକ ହୋଇ ଦାଣ୍ଡରେ ବାଟରେ ସମସ୍ତଙ୍କ ମନରେ ସଂଦେହ ସୃଷ୍ଟି କରୁଛି । ଠିକ୍ ସେହି ସମୟରେ ଲଳିତା ପହଞ୍ଚି ଯାଇଛି । ସେ ସହି ପାରୁନାହିଁ ରାଧୀକା ନାମର କୁତ୍ସାରଟନା । ତୋ ପାଇଁ "ବ୍ରଜ ବଜାରେ" ଶୁଣି ସଶଂକ ଚିତ୍ତରେ ଶିହରି ଉଠିଛନ୍ତି ରାଧିକା । ଲୋକ ନିନ୍ଦାକୁ ଡରି ପହିଲି ସଗର ଭାଙ୍ଗି ଯାଉଛି । ନାନାପ୍ରକାର ଆଶଙ୍କାରେ ଭୀତ ଥରି ଉଠୁଛି । ସେତିକି ବେଳେ × × × ଏକ ହଟ ହଟା ବ୍ରଜ ଯାକ ପଡ଼ିଲାଣି ହୁରିମା, ପାଦକଂଟି ଗୁଲୁଗୁଲୁ ହେଲ ଏତେ ସରିମା × × × କିନ୍ତୁ ସ୍ନେହ ଓ ପ୍ରୀତି (**Love and affection**) ର ଅନୁରାଗ ଯେତେବେଳେ ବଢ଼ି ବଢ଼ି ତାହା ନିବିଡ଼ରୁ ନିବିଡ଼ତର ହୋଇଛି ସେତେବେଳେ ରାଧା ମୁଖରୁ × × × ଶ୍ୟାମ ଅପବାଦ ମୋତେ ଲାଗିଥାଉ ନିତି ସେ ଚନ୍ଦ୍ରାରେ ବନଯାଉ × × ଶୁଣି ପ୍ରତ୍ୟେକ ଆଶ୍ଚର୍ଯ୍ୟ ହୁଅନ୍ତି । ପ୍ରକୃତ ପକ୍ଷରେ ଦେଖିବାକୁ ଗଲେ ଆଶ୍ଚର୍ଯ୍ୟ ହେବାର କୌଣସି କାରଣ ଏଥିରେ ନାହିଁ । ମନୁଷ୍ୟ ଯାହାକୁ ନଦେଖି ଆଗରୁ ଡରୁଥାଏ ତାର ସାମନା ସାମନି ହୋଇଗଲେ ଡରଭୟ କିଛି ରହେନାହିଁ ସେଇ ସକାଶେ ସାଧାରଣ ଗ୍ରାମବାସୀ ମଧ୍ୟ ମଶାଣୀରେ ଜନ୍ମକରି ଡର ନାହିଁ ବୋଲି କହିଥାଏ । ରାଧାଙ୍କ ପରିସ୍ଥିତି ସେହିଭଳି ହୋଇଛି । ଲୋକନିନ୍ଦା ଯେତେବେଳେ ଚରମ ପର୍ଯ୍ୟାୟରେ ପହଞ୍ଚି ଯାଇଛି ସେତେବେଳେ ତାଙ୍କ ନାମର ନିନ୍ଦା ଅପବାଦ ମାନ ଅପଯଶ ନହୋଇ ପରମ 'ଗୌରବ'ରେ ପରିଣତ ହୋଇଅଛି । ପ୍ରେମିକ ଶ୍ରେଷ୍ଠ ଶ୍ରୀକୃଷ୍ଣଙ୍କ ପାଖରେ ପୂର୍ଣ୍ଣତା ପ୍ରାପ୍ତ ଆତ୍ମୋତ୍ସର୍ଗ ପରେ ପ୍ରାଣରେ ଆସନ ବାନ୍ଧିଛି ଅକୈତବ ଅନୁରାଗ । ସ୍ୱାର୍ଥ ବିରହିତ ସେଉଁ ପ୍ଲାବନ ସ୍ରୋତଆଡ଼େ ଖେଳ ଯାଇଛି ସେଥିରେ ମାନ, ଅପମାନ, ଅଭିମାନ, ଦ୍ୱନ୍ଦ୍ୱ, ଆଶଂକା ଇତ୍ୟାଦି ବୁଦ୍‌ବୁଦ ସମ ନିଜ ନିଜର ସମସ୍ତ ସତ୍ତ୍ୱକୁ ହରାଇ ବସିଛନ୍ତି । ଆତ୍ମୋତ୍ସର୍ଗ ପରେ ତାଙ୍କଠାରେ କୌଣସି ପ୍ରକାର କାମନା ଦେଖା ଯାଉନାହିଁ ।

—ଷୋହଳ—

ଚିନ୍ତା ନ କରନ୍ତୁ ମୁଁ ଦାସୀ ଥିବାରେ
ଦୁଃଖଦେଇ ଶ୍ୟାମକୁ   ରାଧାମୁଖୀ ହେବାକୁ
ଛୁଟିବ କଳଙ୍କ ଆଲୋଚନାରେ ।
ଯେ ତାଙ୍କ ସେବାକାଂକ୍ଷୀ   ତା ନଉକରୀ କରି
ଧନନେବ ପଛକେ ଗୁମାନ ନାଁରେ ।

ସ୍ତ୍ରୀସ୍ୱ ପ୍ରାଣର ରୂପଦାନ କରିବାକୁ ଯାଇ ଉଦାହୃତ ପଦ ମଧ୍ୟରେ ଭକ୍ତ କବି ଗୋପାଳକୃଷ୍ଣ, ରାଧିକାଙ୍କ କୃଷ୍ଣଙ୍କଠାରେ ଥିବା ଗଭୀର ଅନୁରକ୍ତିକୁହିଁ ଏଠାରେ ପ୍ରକାଶ କରିଛନ୍ତି ।

ରଚନାର ପ୍ରତି ଛନ୍ଦେ ଛନ୍ଦେ ପ୍ରାଣର ସ୍ପର୍ଶ ଅତି ନିବିଡ ଓ ବାସ୍ତବ । ପ୍ରଣୟିନୀର ମିଳନାକାଙ୍କ୍ଷା ବର୍ଣ୍ଣନା ଯେପରି ସରସ, ବିଫଳତାର ଦଂଶନରେ ବ୍ୟଥାର ମର୍ମବାଣୀ ସେପରି କରୁଣ । ପ୍ରତୀକ୍ଷମାଣା ରାଧାଙ୍କର ମିଳନ ରଜନୀ ନିଃସଙ୍ଗ ଭାବେ ଉତ୍ତୀର୍ଣ୍ଣ ହୋଇ ଯାଇଛି । ବହୁ ଆଦରର ମିଳନ ଶଯ୍ୟା ତାଙ୍କର ରହିଯାଇଛି ପରିଶୂନ୍ୟ । ବ୍ୟର୍ଥକାମା ରାଧା, ହୃଦୟର କ୍ଷୋଭ ଭରରେ ଭାଗ୍ୟକୁ ନିନ୍ଦା କରି କହୁଛନ୍ତି—

କି ଯୋଗରେ ଆଜ   ସାଜିଥିଲି ଶେଯ
କାନନ ମଲ୍ଲୀଦଶା ଲଭିଲି ମା ।

ଠିକ୍ ଏହିଭାବନେଇ ବାସକ ସଜା ରାଧାଙ୍କର ସମପରିସ୍ଥିତିରେ ଏକ ବିଷଦୋକ୍ତି କବିସୂର୍ଯ୍ୟ ବଳଦେବ ରଥଙ୍କ ଲେଖନୀ ମୁନରୁ ପ୍ରକାଶ ପାଇଛି "ପ୍ରାଣ-ନାଥ ବିଜେ ହେଲ ବଉଳାରେ ସଖି" । ମାତ୍ର ଗୋପାଳକୃଷ୍ଣ ଗୋଟିଏ ଦୃଷ୍ଟାନ୍ତରେ ଅଭିମାନର ଅନ୍ତରାଳରେ ରାଧା ପ୍ରାଣର ଉଦ୍‌ଗତ କ୍ଷୋଭକୁ ଯେଭଳି ଫୁଟାଇ ପାରିଛନ୍ତି କବିସୂର୍ଯ୍ୟଙ୍କ ରଚିତ କବିତାରେ ତାହା ନାହିଁ । ବୈଷ୍ଣବୀୟ ଧାରଣାରେ ରାଧା ଶ୍ରେଷ୍ଠ ଆରାଧନା କାରିଣୀ ଶକ୍ତି । ଏଣୁ ଆରାଧ୍ୟଙ୍କ ଉତ୍କଣ୍ଠା ପ୍ରକାଶ ବା ଅନୁରକ୍ତି ଜନିତ ସଂବେଦନା ଅଧିକ ସମର୍ଥନ ଯୋଗ୍ୟ । କବି ତାଙ୍କର ଅଧିକାଂଶ କବିତାରେ ଆରାଧିକା ରାଧିକାଙ୍କ ମନୋଗତ ଅବସ୍ଥାକୁ ରୂପାୟିତ କରି ଅଛନ୍ତି । ଏ ଚିତ୍ରଣ ଯେପରି ସରସ ସେହିପରି ସ୍ୱଭାବ ସୁନ୍ଦର ମହିମାରେ ପ୍ରାଣବନ୍ତ ।

—ସତର—

ଗୋପାଳ କୃଷ୍ଣଙ୍କ କବିତାରେ ରାଧାଚରିତ୍ର

ଗୋପାଳକୃଷ୍ଣଙ୍କ ରାଧା କେବଳ ଯମୁନା ତଟ ବିହାରିଣୀ ନୁହନ୍ତି କି ରାଧାକୃଷ୍ଣଙ୍କ ପ୍ରେମଲୀଳା ଏକ ଅପ୍ରାକୃତ ଐଶ୍ୱର୍ଯ୍ୟ ମଣ୍ଡିତ ହୋଇ ସାଧାରଣ ଜୀବନାନୁଭୂତିର ଊର୍ଦ୍ଧ୍ୱରେ ଲୋକ ଚିତ୍ତକୁ ସଂଶୟ ମିଶ୍ରିତ ଅନବବୋଧ ଭକ୍ତି ରସରେ ସଂକ୍ରାମିତ କରେନାହିଁ । ରାଧାକୃଷ୍ଣଙ୍କ ପାରସ୍ପରିକ ପ୍ରୀତି, ମିଳନର ଆକୁଳ ଆବେଗ ଭକ୍ତି ତନ୍ମୟ ହୃଦୟର ଗଭୀର ନିବେଦନ କେବଳ ଚରିତ୍ର ବିଶେଷରେ ଭାବ ବିଳାସ ବା କବି ଅନ୍ତରର ଉଚ୍ଛ୍ୱସିତ ଅନୁରକ୍ତ ହୋଇ ରହି ନାହିଁ । ବ୍ୟଷ୍ଟି ଭାବନାର ସୀମାତିକ୍ରମ କରି ରସ ସମ୍ଭାରରେ ତାହା ସମଷ୍ଟିର ଅନ୍ତରକୁ ସ୍ପର୍ଶ କରିଛି, ଏକର ନିବେଦନ ବହୁ ପ୍ରାଣର ଅନୁଭୂତି ସମ୍ବେଦନକୁ ପ୍ରକଟିତ କରିଛି । ରାଧାକୃଷ୍ଣ ବା ଗୋପଗୋପାଙ୍ଗନାଠାରେ ଯେଉଁ ମହିମା ବା ଦେବତ୍ୱ ଆରୋପିତ ହୋଇଛି, ତାହା କେବଳ କବିଙ୍କ ସ୍ୱାଭିଳାଷ କଥନରେ ସୀମିତ । ଅଥଚ ସ୍ୱ ସ୍ୱ କାର୍ଯ୍ୟ ଓ ଚିନ୍ତାରେ ଚରିତ୍ର ଗୁଡ଼ିକ ଏହି ଦୁନିଆଁର ନର ନାରୀ ସଦୃଶ ହିତ, ଅହିତ, ନିନ୍ଦା, ପ୍ରଶଂସା, ଆଶା, ଆଶଂକାରେ ବିକ୍ଷୋଭିତ ବିଚଳିତ । ରାଧାଙ୍କ ଅନ୍ତରରେ କୃଷ୍ଣଙ୍କ ସ୍ଥାନ ଏତେ ନିଶ୍ଚିତ ଯେ ତାଙ୍କ ଚତୁର୍ଦ୍ଦିଗ ଖାଲି ନିଳୋତ୍ପଳ ମୟ ଦିଶୁଛି । ରନ୍ଧନ ଶାଳାରେ ରୋହିଣୀଙ୍କ ସାଙ୍ଗରେ ଥିବା ବେଳେ ନାଗର ବରଂକ ଉପରେ ଆକସ୍ମିକ ଦୃଷ୍ଟି ପଡ଼ିଯିବାରୁ ସେ ଲାଜରେ ବୁଡ଼ି ଯାଉଛନ୍ତି । ପୁନଶ୍ଚ ଗୋପନ ପ୍ରଣୟ ବ୍ୟକ୍ତ ହୋଇ ଯିବାରେ ରାଧାଙ୍କର ଜାତିରୁ ବାହାରି ଯିବାର ଆଶଂକା । ବୃଦ୍ଧ ଅଭୀର (ଗର୍ଗ ବା ଗୋପାଳ) ହଟ୍ଟରେ ଚନ୍ଦ୍ରାବଳୀର ଆଚରଣ ସମ୍ପର୍କରେ ଦରବାର ବସିବା ଏସବୁ ଚିତ୍ର ସେତେବେଳର ପ୍ରାକୃତ ଜନ ସମାଜର ନିର୍ମଳ ପ୍ରକାଶ ।

"ଇଚ୍ଛା ମୟ ଭଗବାନ ଶ୍ରୀକୃଷ୍ଣ ପ୍ରଥମତଃ ନିତ୍ୟ ବୃନ୍ଦାବନ ଧାମରେ ଏକାକୀ ବାସ କରୁଥିଲେ । ତାହା ପରେ ସ୍ୱଇଚ୍ଛାରେ ଲୀଳା କରଣେଚ୍ଛୁକ ହୋଇ ନିଜେ ଦ୍ୱିଧାରୂପ ହେଲେ । ତାଙ୍କର ଦକ୍ଷିଣାଙ୍ଗ ଶ୍ରୀକୃଷ୍ଣ ଓ ବାମାଙ୍ଗ ରାଧା ହେଲେ । ରାଧାଙ୍କ ବାମାଙ୍ଗରୁ ଜାତ ହେଲେ ମହାଲକ୍ଷ୍ମୀ । ଯେଉଁ ମହାଲକ୍ଷ୍ମୀ ବୈକୁଣ୍ଠ ବାସୀ—ମର୍ତ୍ତ୍ୟରେ ଦ୍ୱାରକା ବାସୀ ଚତୁର୍ଭୁଜ କୃଷ୍ଣଙ୍କର ରୁକ୍ମିଣୀ ନାମ ଧାରିଣୀ ପତ୍ନୀ ।

ଭଗବାନଙ୍କ ଶକ୍ତି ପ୍ରଧାନତଃ ତିନି ଭାଗରେ ବିଭକ୍ତ ।
୧ ପରା ୨ କ୍ଷେତ୍ରଜ୍ଞା ବା ଜୀବଶକ୍ତି ୩ ଅପରା ବା ମାୟାଶକ୍ତି ।
ତନ୍ମଧ୍ୟରୁ ପରାଶକ୍ତି ତ୍ରିବିଧ ହ୍ଲାଦିନୀ, ସନ୍ଧିନୀ ଓ ସମ୍ବିତ୍ ।

ଭଗବାନ 'ହ୍ଲାଦାତ୍ମା' ହେଲେ ହେଁ ଯେଉଁ ଶକ୍ତି ଦ୍ୱାରା ହ୍ଲାଦବାନ ହୋଇ ଜୀବକୁ ଆହ୍ଲାଦ ପ୍ରଦାନ କରନ୍ତି ତାହା 'ହ୍ଲାଦିନୀ; ଶକ୍ତି ନାମରେ ପରିଚିତ ।

ଯେଉଁ ଶକ୍ତିଦ୍ୱାରା ଭଗବାନ ସଦାତ୍ମା ହୋଇ ମଧ୍ୟ ସତ୍ତା ଧାରଣ କରନ୍ତି ଓ ଜୀବକୁ ସତ୍ତା ପ୍ରଦାନ କରନ୍ତି ତାହା 'ସଂଧିନୀ' ଶକ୍ତି ।

ଭଗବାନ ନିଜେ ସଂବିଦାତ୍ମା ହୋଇ ମଧ୍ୟ ଯେଉଁ ଶକ୍ତି ବଳରେ ନିଜେ ଜ୍ଞାନବାନ ହୁଅନ୍ତି ଓ ଜୀବକୁ ଜ୍ଞାନବାନ କରନ୍ତି ତାହା 'ସଂବିତ' ଶକ୍ତି । ହ୍ଲାଦିନୀ ଶକ୍ତିର ସାର ପ୍ରେମ, ପ୍ରେମର ସାର ଭାବ ଓ ଭାବର ଚରମ ସୀମା ମହାଭାବ । ମହାଭାବର ମାଦନ ଓ ମୋହନ ନାମକ ଯେଉଁ ଦୁଇଟି ଅବସ୍ଥା ଅଛି ତନ୍ମଧ୍ୟରୁ ମାଦନାବସ୍ଥା ଶ୍ରେଷ୍ଠତର । ଅତଏବ ଏଥିରୁ ଜଣା ଯାଉଛି ଯେ ମାଦନାଖ୍ୟା ହେଉଛନ୍ତି ମହାଭାବ ସ୍ୱରୂପିଣୀ ରାଧିକା ଏବଂ ମହାଭାବ ସ୍ୱରୂପିଣୀ ତାଙ୍କର ସହଚରୀ ବ୍ରଜ ଲଳନାମାନେ ହେଉଛନ୍ତି—ମୋହ ନାଖ୍ୟା ।

ରାଧା ଅବତାରିଣୀ । ନାରାୟଣ କାନ୍ତା ମହାଲକ୍ଷ୍ମୀ ଦେବୀ ଶ୍ରୀରାଧିକାଙ୍କର ବିଳାସ ଓ ଅନ୍ୟାନ୍ୟ ଲକ୍ଷ୍ମୀ ଗଣ ରାଧିକା ବିଳାସ ମହାଲକ୍ଷ୍ମୀଙ୍କର ଅଂଶ । ଲୀଳା ଲାଗି ରାଧା ନିଧି ଶ୍ରୀକୃଷ୍ଣଙ୍କ ଭଳି ବହୁ ରୂପରେ ପ୍ରକାଶ ହୋଇଥିଲେ, ତାଙ୍କର ସେହି ବହୁ ରୂପହିଁ ଗୋପୀଗଣ । ରାଧାଙ୍କର ମଞ୍ଜରୀ ଶ୍ରେଣୀସ୍ଥା ବୟସ୍ୟା ମାନଙ୍କୁ ଛାଡ଼ି ଦେଲେ ଅନ୍ୟାନ୍ୟ ସକଳ ବୟସ୍ୟା ମାନ ପାଞ୍ଚ ଶ୍ରେଣୀର ଅଟନ୍ତି ।—

୧ ରାଧା ୨ ନିତ୍ୟ ସଖୀ ୩ ପ୍ରାଣ ସଖୀ ୪ ପ୍ରିୟସଖୀ ୫ ପର ପ୍ରେଷ୍ଠ ସଖୀ । କବି ଯେ ବହୁ ଶାସ୍ତ୍ରଦର୍ଶୀ ଥିଲେ ଏହାହିଁ ତାହାର ପରିଚୟସୂଚକ । ବୈଷ୍ଣବ ଶାସ୍ତ୍ର ମତେ ଅନ୍ୟତମ ପ୍ରାଚୀନ କବି ଦେବ ଦୁର୍ଲଭ ଦାସଙ୍କ ପ୍ରମାଣାନୁସାରେ ଲଳିତା ହେଉଛନ୍ତି ଶ୍ରୀରାଧାଙ୍କ ପରପ୍ରେଷ୍ଠ ସଖୀ ।

ଗୋପାଳକୃଷ୍ଣ, କବିତା ରଚନା କାଳରେ ପୂର୍ବାପର ବହୁ ଦିଗକୁ ଦୃଷ୍ଟି ରଖି ଲେଖିଥିଲେ । ଅନ୍ୟାନ୍ୟ କବି ମାନଙ୍କ ପରି ତାଙ୍କ ଲେଖାରେ ଅତି ରଞ୍ଜନ ନାହିଁ । କିଂବା କୌଣସି ବିଷୟ ବସ୍ତୁ ତାଙ୍କର ମନଗଢ଼ା ନୁହେଁ । ଏକଥା ପୂର୍ବରୁ କୁହାଯାଇଛି ।

ରାଧାକୃଷ୍ଣଙ୍କ ମିଲନ ଅଶ୍ଲୀଲ ନୁହେଁ

କେତେ କେତେ ପାଶ୍ଚାତ୍ୟ ଶିକ୍ଷାଭିମାନୀ ଶିକ୍ଷିତ ବ୍ୟକ୍ତିମାନେ ରାଧାକୃଷ୍ଣଙ୍କ ମିଳନକୁ ଅଶ୍ଳୀଳ ଓ ସମାଜ ବିରୋଧୀ ମିଳନ ବୋଲି କହି ଆସନ୍ତି । ସେମାନଙ୍କର ମତ ଯେ ସାଂସାରିକ ଜୀବନରେ ରାଧା ହେଉଛନ୍ତି ଅନ୍ୟର ବିବାହିତା ରମଣୀ ଏବଂ ପାରିବାରିକ ସମ୍ପର୍କରେ କୃଷ୍ଣଙ୍କ ମାତୃ ପ୍ରତିମା ମାତୁଳାଣୀ । ସେ ସକାଶେ ତାଙ୍କ ସହ ମିଳନକୁ ତତ୍କାଳୀନ ସମାଜ ପସନ୍ଦ କରୁନ ଥିଲା । କିନ୍ତୁ ଭକ୍ତକବି ଗୋପାଳକୃଷ୍ଣ ଏହି ସ୍ଥୂଳ ମତର ସଂମ୍ପୂର୍ଣ୍ଣ ବିରୋଧ କରିଛନ୍ତି । ଶ୍ରୀମଦ୍ ଭଗବଦ ଗୀତାକୁ ସମର୍ଥନ କରି ସେ କୁହନ୍ତି ଯେ ଦୁଷ୍ଟ ନାଶି ସନ୍ଥ ପାଳିବା ନିମନ୍ତେ ଭଗବାନ ଯୁଗେ ଯୁଗେ ଧରଣୀ ପୃଷ୍ଠରେ ଅବତାର ଗ୍ରହଣ କରନ୍ତି । ଦ୍ୱାପର ଯୁଗରେ ଗୋଲକ ବାସୀ ଭଗବାନ; 'କୃଷ୍ଣ' ଅବତାର ଗ୍ରହଣ କରି ମାୟା ଲୀଳା ଖେଳା କରିଛନ୍ତି—

ସେହି ମହାପ୍ରଭୁ ଲୀଳା ଖେଳା ଲାଗି
ବ୍ରଜେ ହୋଇ ଅବତାର
କଳା କାହ୍ନୁ ରୂପେ ଆମ୍ଭ ଆଖି ପଟେ
କରିଛ ମାୟା ବିହାର ।

(ଗୋ· ଗ୍ର· ୧୮ ପୃଷ୍ଠା)

ପ୍ରକୃତି ଓ ପୁରୁଷ ମିଳନ ବ୍ୟତିରେକେ ସଂସାର ସୃଷ୍ଟି ଅସମ୍ଭବ । ରାଧା ହେଉଛନ୍ତି ପ୍ରକୃତି ଏବଂ କୃଷ୍ଣ ତାଙ୍କର ପୁରୁଷ । ଯୁଗେ ଯୁଗେ ବିଭିନ୍ନ ନାମ ଧାରଣ କରି ସେମାନେ ମର୍ତ୍ତ୍ୟରେ ଲୀଳା ଖେଳା କରନ୍ତି । ଭାଗବତରେ ଲେଖାଅଛି—

—ଷୋଡ଼ଶ—

ଗୋପୀ ଗୋପାଳ ଆଉ କହି । ନର ଜୀବନ ଯେ ଆବୋରି ॥
ଭକତ ଜନ ତାହାଙ୍କ ପାରେ । ଯେ ଯାତ ମନୁଷ୍ୟ ଶରୀରେ ॥
ତାର ଚରିତ ମନେ ଘେନି । ଭକତି ପଥ ଆବୋରନ୍ତି ॥
(ଜଗନାଥ ଦାସ ଭାଗବତ)

× × × ×

ମାନବ ଦେହଧାରୀ ଶ୍ରୀକୃଷ୍ଣ ମର୍ତ୍ତ୍ୟ ଲୀଳାରେ ବିଭୋର ହୋଇ ଯେତେବେଳେ ନିଜର ଅତୀତ ଓ ବର୍ତ୍ତମାନର ସ୍ଥିତି ଆଦିକୁ ଭୁଲି ଯାଉଛନ୍ତି, ସେତେବେଳେ ଶକ୍ତି ରୂପିଣୀ ରାଧାଙ୍କ ମୁହଁରେ ଚେତାଇ ଦେଇ ଗୋପାଳକୃଷ୍ଣ କହିଛନ୍ତି—

ଶ୍ରୀ ହରି ଯେତେ ଯାନା ଶୁଦ୍ଧାଶ୍ରୀ ହେ
ଯୁଗେ ଯୁଗେ ମୁହିଁ ତୁମ୍ଭ କିଙ୍କରୀ ହେ ।
(ଗୋ. ଗ୍ର. ୧୭୭ ପୃଷ୍ଠା)

ନିଜର ସ୍ୱାମୀ ବା ପ୍ରେମିକ ଅନ୍ୟ ଗୋଟିଏ ଯୁବତୀ ସହ ସମ୍ପର୍କସ୍ଥାପନକୁ କୌଣସି ନାରୀ ପସନ୍ଦ କରେନାହିଁ । ଦୁଃଖରେ ଭାଙ୍ଗି ପଡ଼େ ସେ । ନିଜ ଆଡ଼କୁ ପୁଣି ଟାଣି ଆଣିବା ନିମନ୍ତେ ଆପ୍ରାଣ ଚେଷ୍ଟା କରେ । ରାଧାଙ୍କ କ୍ଷେତ୍ରରେ ତାହାହିଁ ଘଟିଛି । ଚନ୍ଦ୍ରାବଳୀ ସହ ଶ୍ରୀକୃଷ୍ଣଙ୍କ ପ୍ରଣୟରେ ଅଧୀର ହୋଇପଡ଼ି ଉପରୋକ୍ତ କବିତାକୁ ସେ ଗାଇଛନ୍ତି । ଏହା ଦ୍ୱାରା କବି ଗୋପାଳକୃଷ୍ଣ ସାଂସାରିକ ଜୀବନର ଗୋଟିଏ ସୁନ୍ଦର ଚିତ୍ର ପାଠକ ମାନଙ୍କ ସମ୍ମୁଖରେ ବାଢ଼ିଛନ୍ତି ।

ଗୋପାଳ କୃଷ୍ଣଙ୍କର ଏହି ଯୁକ୍ତିର ଯଥାର୍ଥତା କେତେ ତାର ପ୍ରମାଣ ବ୍ରହ୍ମବୈବର୍ତ୍ତ ପୁରାଣ । ଏଥିରେ ବର୍ଣ୍ଣନା କରାଯାଇଛି ଯେ ଶ୍ରୀ ସୁଦାମା ରାଧାଙ୍କୁ ଅଭିସମ୍ପାତ ଦେଇ କହିଥିଲେଯେ "ତୁମ୍ଭେ ଗୋପୀ ରୂପରେ ମର୍ତ୍ତ୍ୟରେ ଜନ୍ମ ଗ୍ରହଣ କର । ତୁମର କୃଷ୍ଣଙ୍କ ସହ ଶତବର୍ଷ ବ୍ୟାପୀ ବିଚ୍ଛେଦ ଘଟୁ ।"

"ଭବ ଗୋପୀ ଗୋପକନ୍ୟା ଗୋପୀଭିଃ ସ୍ୱାଭିରେବଚ
ତବ ତେ କୃଷ୍ଣ ବିଚ୍ଛେଦୋ ଭବିଷ୍ୟତି ଶତଂ ସମାଃ ।
(ବ୍ରହ୍ମବୈବର୍ତ୍ତ ପୁରାଣ ପ୍ରକୃତିଖଣ୍ଡ ୫୧ ଅଧ୍ୟାୟ)

ପଦ୍ମ ପୁରାଣରେ ବର୍ଣ୍ଣିତ ଅଛି ଯେ—

କାଳିନ୍ଦ୍ୟାଃ ପୁଳିନେ ରମ୍ୟେ ପୁଣ୍ୟ ବୃକ୍ଷସମା ବୃତେ
ଗୋପନାରୀ ଭିର ନିଶଂ କ୍ରୀଡ଼ୟାମାସ କେଶବ ।
ରମ୍ୟ କେଳି ସୁଖେ ନୈବ ଗୋପବେଶଧରୋ ହରିଃ
ବଭଃ ପ୍ରେମରସେନାତ୍ର ମାସ ଦ୍ୱୟ ମୁବାସ ହ ॥

ନାମରତ୍ନ ଗୀତାର ୨୮ । ୨୯ ।୩୦ ଅଧ୍ୟାୟରେ ଲେଖା ଅଛି ଯେ—

ନନ୍ଦନନ୍ଦନ କୃଷ୍ଣ, ଦେବ ତ୍ରିପୁରଙ୍କୁ ନୃତ୍ୟସ୍ଥଳୀ ଦେଖାଇବାକୁ ଅନୁରୋଧ କରିଥିଲେ । ତ୍ରିପୁର ତାଙ୍କୁ ସ୍ତ୍ରୀ ବେଶରେ ନୃତ୍ୟ ସ୍ଥଳୀର ଗୋପୀ ମାନଙ୍କ ସହ ନୃତ୍ୟ କରାଇ ଥିଲେ । ନୃତ୍ୟରେ ହୁଡ଼ି ହେବାରୁ ଗୋପୀମାନେ ଜାଣିପାରିଲେ ଓ ନାରୀକାର ହରି ମଧ ଧ୍ୟାନରେ ମାନବ ଦେହ କୃଷ୍ଣଙ୍କର ଧୃଷ୍ଟତା ଅବଗତ ହେଲେ । ନାରୀକାର କ୍ରୋଧ ହୋଇ ତ୍ରିପୁରଙ୍କୁ କହିଥିଲେ—

ଗୋପୀଙ୍କ ସଙ୍ଗରେ ତୋତେ ପଣଦେଲୁ ଯହୁଁ
ମୃତ୍ୟୁ ଅଙ୍ଗ ବସ୍ତ୍ରକଳା ଆଣିଲୁ ତୁ କାହୁଁ ।
ମାନବ ବସ୍ତ୍ରଙ୍କୁ ଏଥୁଁ ଯାଅ ବେଗେ ଘେନି,
ମର୍ତ୍ତ ମଣ୍ଡଳରେ କୁଟମ୍ବ ଜାତ ହୁଅ ବେନି ।

ଏହି ମତକୁ ସମର୍ଥନ କରି ଶୂନ୍ୟ ସଂହିତାରେ ଅଚ୍ୟୁତାନନ୍ଦ ଦାସ କୃଷ୍ଣଙ୍କ ମୁଖରେ କହିଛନ୍ତି—

× × × ଷଣେ ମୁଁ ନପୁଂଢ଼େ ରାଧିକାର ସଙ୍ଗ × × ×
ଆଗେ ରାଧା ପଛେ ମୁହିଁ ଲମ୍ପଟ ଭାବରେ
ଏକସାଙ୍ଗ ବେନପାଳ ଯୁଗଳ ଅଙ୍ଗରେ । × × ×

ବାତ୍ସଲ୍ୟ ରସ

ମଧୁର ରସ ବର୍ଣ୍ଣନାରେ କବି କରଣି ଯେଉଁ ଭଳି ରମଣୀୟ, ସନ୍ତାନ ବତ୍ସଳା ଯଶୋଦାଙ୍କ ବାତ୍ସଲ୍ୟ ରସ ବର୍ଣ୍ଣନାରେ ତାହା ସେହିଭଳି ଅନୁରୂପ ବା ଅକୃତ୍ରିମ । ଗୋପାଳନ ସକାଶେ ପ୍ରତ୍ୟହ କୃଷ୍ଣଙ୍କ ବନ ଗମନକୁ ଯଶୋଦା ସୁଖକର ମଣୁନାହାନ୍ତି । କୃଷ୍ଣ ଅରଣ୍ୟରେ ଅଶେଷ ଦୁଃଖସହି ଗୋଚାରଣ କରି କୁଟୁମ୍ବ ପୋଷିବା ଅପେକ୍ଷା ସେ ନିଜେ ଭିକ୍ଷାବୃତ୍ତି ଅବଲମ୍ବନ କରିବାକୁ

ପ୍ରସୂତ । ସୂର୍ଯ୍ୟଦେବଙ୍କ ଖରରଶ୍ମିରେ ନିର୍ଗତ ସ୍ୱେଦ ଗୋଷ୍ପଦ ଧୂଳି ସହମିଶି ତାଙ୍କର ଧୂସର ତନୁ ସ୍ମରଣ ଯଶୋଦାଂକ ହୃଦୟକୁ ସତେ ଯେପରି ବିଦୀର୍ଣ୍ଣ କରି ଦେଉଛି । ମନେ ପଡ଼ ଯାଉଛି କୋଳାଗତ ଶ୍ରୀକୃଷ୍ଣ ତାଙ୍କର ସ୍ତନ୍ୟପାନ କରିବାକୁ ଇଚ୍ଛା କରୁଥିଲେ ହେଁ ସାଥୀମାନେ ନିକଟରେ ଥିବାରୁ ସେହି ଲଜ୍ଜାରେ ତହିଁରୁ କିପରି ନିବୃତ୍ତ ହୁଅନ୍ତି । କ୍ଷୁଧାରେ ସୁନ୍ଦର ପେଟ କଳି ହୋଇ ଯାଉଥିବା ଆଶଂକାରେ ସେ ଉତ୍କଣ୍ଠିତା ହୋଇ କୃଷ୍ଣଙ୍କ ଘର ବାହୁଡ଼ା ପଥକୁ ଗୁହିଁ ରହିଛନ୍ତି । "କେତେବେଳେ ମୋର କୃଷ୍ଣଚନ୍ଦ୍ର ଆସିବ । କୋଳରେ ବସିଲେ ଦେଖିବି ମୋର ଦୁଃଖ ଯିବ ।" ଏହି ପ୍ରସଙ୍ଗରେ ଅଭିମନ୍ୟୁ ସାମନ୍ତ ସିଂହାରଂକର ଲେଖାଠାରୁ ଗୋପାଳକୃଷ୍ଣଂକ ଲେଖା ଅଧିକ ହୃଦୟ ସ୍ପର୍ଶୀ । "କଳାମାଣିକ"ର ବର୍ଣ୍ଣନା ସାମାନ୍ୟ ଜାଡ଼୍ୟକ । ମାତ୍ର ଏଥିରେ ଅପେକ୍ଷା କୃତ ସରଳ ପରିପାଟୀରେ ମାତୃ ହୃଦୟର ଅଭିବ୍ୟକ୍ତି ମଞ୍ଜୁଳ ।

କୃଷ୍ଣଙ୍କ ଆଖିକୁ ନିଦ ଆସୁନାହିଁ । ଯଶୋଦା "ବ୍ରଜକୁ ଚୋର ଆସିଛି, ଧେନ ଯିବ ଶୁଅ ତୁନ ହୋଇରେ" ପ୍ରଭୃତି କଥା କହି ତାଙ୍କୁ ଶୁଆଇ ପକାଇ-ବାକୁ ଚେଷ୍ଟା କରୁଛନ୍ତି । ରାତି ନପାହୁଣୁ ଯଶୋଦା ଦଧି ମନ୍ଥିବାରେ ବ୍ୟସ୍ତ । ଏଣେ ବଟୋଳ କୃଷ୍ଣ ନିଦରୁ ଉଠି ଜଞ୍ଜାଳ ଲଗାଉଛନ୍ତି । ଯଶୋଦାଙ୍କର ସସ୍ନେହ କୋପ—

ଉଠିଲୁ ଏତେ ବେଗି କାହିଁକରେ ଦୁଃଖିଧନ
ଦଧି ମନ୍ଥାଇ ଦେବୁ ନାହିଁକରେ ।
ଗୃହ କୃତ୍ୟ ପକାଇ ବସିଥିବି ଏକାଇ
ନିଶିଦିନ ତୋତେ କାଖିଆଇ କରେ ।

ପଦ ଗୁଡ଼ିକରେ କର୍ମନିରତା ଓଡ଼ିଆ ଗୃହିଣୀର ଗୃହଧନ୍ଦା, ସନ୍ତାନ ସନ୍ତତି ମାନଙ୍କର ଅସୁମାରି ଅଳି ଅର୍ଦ୍ଦଳି ମଧ୍ୟରେ ନିପିଡ଼ିତ ଜନନୀର ପ୍ରଶାନ୍ତ କୋପନ ମୁଖ ମଣ୍ଡଳଟି ମନଶ୍ଚକ୍ଷୁରେ ଉଦ୍‌ଭାସିତ ହୋଇ ଉଠେ ।

ଗୋପାଳକୃଷ୍ଣଙ୍କ କୋଇଲି ରଚନା ମଧ୍ୟ ଓଡ଼ିଆ ସାହିତ୍ୟ କୋଇଲି ପର୍ଯ୍ୟାୟରେ ଉପଯୁକ୍ତ ଆସନ ପାଇବ । ଗୋପାଳନ ନିମିତ୍ତ କୃଷ୍ଣଙ୍କ ବନ ଗମନରେ ଯଶୋଦାଙ୍କର କୃଷ୍ଣଭାବ ସୁମରି ଦୁଃଖ ପ୍ରକାଶ ଏଥିର ବିଷୟ ବସ୍ତୁ ।

—ତେଇଶି—

ଗୋଧୂଳୀ ବେଳା ବିଗତ ହୋଇ ଯାଇଛି । ତଥାପି କୃଷ୍ଣ ଘରକୁ ବାହୁଡ଼ି ନାହାନ୍ତି । ଝାଡ଼ି ଜଂଗଲରେ ଗୋରୁ ପଛରେ ବୁଲି ବୁଲି କୃଷ୍ଣ ଯେ ଝାଟିପରି କ୍ଷୀଣ ହୋଇ ଯାଉଛନ୍ତି ଏଥିରେ ମାଆ ମନର ଧୈର୍ଯ୍ୟଥିବା କିପରି ରହନ୍ତା ? ଅନ୍ୟାନ୍ୟ କୋଇଲି କବିତା ସଦୃଶ ସେ ପରିଷ୍କାର ଭାବରେ କୋଇଲିକୁ ସମ୍ବୋଧନ କରି ନିଜର ଭାବବ୍ୟକ୍ତ କରି ଅଛନ୍ତି ।

କୋଇଲି ଜଣକ ବିନୁ ହି ଶିଶୁ ନାହିଁ ଆଲୋ ।
ଜୀବନ ସେହି ମୋର ଧନ ସେହି ଲୋ । ଇତ୍ୟାଦି ।

କେଶବ କୋଇଲିପରି ସରଳ ମାର୍ଜିତ ଭାଷାରେ ଲିଖିତ ଏ ରଚନାଟିରେ ବାତ୍ସଲ୍ୟ ରସ ମଧୁର ଭାବରେ ବର୍ଣ୍ଣିତହୋଇଅଛି । ରଚନାର କଥା ବସ୍ତୁ ଦିଗରୁ ବିଚାର କଲେ ଗୋପାଳକୃଷ୍ଣଙ୍କ କବିତାରେ ନୂତନତ୍ୱ ଅବଶ୍ୟ ବିଶେଷ ନାହିଁ । ମାତ୍ର ପ୍ରତି କବିତାରେ କବି ପ୍ରକାଶ ଭଙ୍ଗୀର ଯେଉଁ ବୈଶିଷ୍ଟ୍ୟ ବିଦ୍ୟମାନ ତାହା ସମ ବିଷୟକ ରଚନା ମଧ୍ୟରେ ତାଙ୍କ ଲେଖାକୁ ବିଶିଷ୍ଟ ଭାବେ ମାଧୁର୍ଯ୍ୟାନ୍ୱିତ କରିଛି । ଯାହାର ସାଦୃଶ୍ୟ କେବଳ କବିସୂର୍ଯ୍ୟଙ୍କ ରଚନାରେ ଓ ବନମାଳୀଙ୍କ ପଦ୍ୟାବଳୀରେ ଦେଖିବାକୁ ମିଳିବ ।

ଗୋପାଳ କୃଷ୍ଣ ବିଶିଷ୍ଟ ସଂସ୍କୃତଜ୍ଞ ଥିଲେ । ବଳଦେବଙ୍କ ଚମ୍ପୂର ସଂସ୍କୃତ ରଚନା ପରି ଗୋପାଳକୃଷ୍ଣ ସ୍ତୁତି ଓ ମନ ଶିକ୍ଷାଦି ରଚନାରେ ସଂସ୍କୃତ ଶ୍ଳୋକ ଉପକ୍ରମଣିକା ଦେଇ ପରେ ଓଡ଼ିଆ ରଚନା କରିଛନ୍ତି । ସେ ସଂସ୍କୃତଜ୍ଞ ଥିବା ସତ୍ତ୍ୱେ ତାଙ୍କ ରଚନାରେ ସଂସ୍କୃତ ପଦାଧିକ୍ୟ ବା ଗୌଡ଼ୀୟ ରୀତିର ପ୍ରଭାବ ପରିଲକ୍ଷିତ ହୁଏନାହିଁ । ଦୀନକୃଷ୍ଣଙ୍କ ପରି କାନ୍ତ କୋମଳ ପଦ୍ୟାବଳୀରେ ସେ ତାଙ୍କ ଭାରତୀର ବନ୍ଦନା କରି ଅଛନ୍ତି । ସେ ଯୁଗ ରୀତିର ଅନୁକ୍ରମରେ ପ୍ରବାସୀ ପ୍ରଣୟୀର ପ୍ରଣୟିନୀ ଚିନ୍ତାମୂଳକ ଗ୍ରାମ୍ୟ ରସକୁ ସେ କେତୋଟି କବିତା, ସେ ଚଉତିଶା ରୀତିରେ ଲେଖିଛନ୍ତି ସେ ଗୁଡ଼ିକର ଅକ୍ଷର ନିୟମ ବନ୍ଧନରେ ରହିମଧ୍ୟ ସାରଲ୍ୟ ବିବର୍ଜିତ ନୁହେଁ । ଅଳ୍ପକୁ ବହୁ ଭାବରେ ଓ ବହୁକୁ ଅଳ୍ପ ଭାବରେ ପ୍ରକାଶ କରିବାହିଁ ଉତ୍କୃଷ୍ଟ କବିର ସାପେକ୍ଷ । ଏହି ଦକ୍ଷତାରେ କବିତ୍ୱର ସାର୍ଥକତା । ଗୋପାଳକୃଷ୍ଣଙ୍କ ଠାରେ କବିତ୍ୱର ଏହି ବୈଶିଷ୍ଟ୍ୟ ପ୍ରତିଭାତ । ଉଦାହରଣ ସ୍ୱରୂପ ଲଳିତା ନିକଟରେ ରାଧାଙ୍କର କୃଷ୍ଣଙ୍କ ପ୍ରତି ଅନୁରାଗ କଥନ ବା ରାଧାଙ୍କ ପ୍ରସଙ୍ଗରେ ବୃନ୍ଦା କୃଷ୍ଣଙ୍କର ଜିଜ୍ଞାସା ମଧ୍ୟରେ ଶରୀରର ବିଭିନ୍ନ ଅଙ୍ଗ

ସୌନ୍ଦର୍ଯ୍ୟ ଗୋଟିଏ ଗୋଟିଏ କ୍ଷୁଦ୍ର ପଦରେ ପ୍ରଶ୍ନୋତ୍ତର ଛଳରେ ବିଶଦ ଭାବେ ବର୍ଣ୍ଣିତ ହୋଇଛି । ଅଳ୍ପ କେତୋଟି ଶବ୍ଦ ସମନ୍ୱୟରେ ଛାନ୍ଦଟି ଯେପରି ସୁନ୍ଦର ଓ ପ୍ରାଞ୍ଜଳ, ଉତ୍ତର ସେହିପରି ସରସ ଓ ସମ୍ପୂର୍ଣ୍ଣ । ରଚନା ଶୈଳୀରେ ଆଧୁନିକ ଚତୁରଧାରାରେ ଲିଖନ ରୀତି ଓ ବ୍ୟବହାରିକ କଥନ ରୀତି ମଧ୍ୟରେ ପାର୍ଥକ୍ୟ କ୍ଷୀଣ କରିବାକୁ ଚେଷ୍ଟା ହେଉଅଛି । ସେ ଯୁଗର କବି ଗୋପାଳକୃଷ୍ଣଙ୍କ ରଚନା-ଭଙ୍ଗୀ ଏହି ଦୃଷ୍ଟିରୁ ଆଧୁନିକତାର ସନ୍ନିକଟ । କୃଷ୍ଣଙ୍କ ପ୍ରତି ରାଧାଙ୍କର ଗୂଢ଼ ଅଭିମାନ ଲଳିତା ଲକ୍ଷ୍ୟକରି ଜିଜ୍ଞାସା କରୁଛି "ଶ୍ୟାମର ତୋର କଥା ନାହିଁକିରେ ତୁ ନକହିଲେ ମୁଁ ଜାଣି ନାହିଁକିରେ ।"

ଅକ୍ଷର ସଂଖ୍ୟା ବା ଯତି ମିଳନକୁ ଲକ୍ଷ୍ୟ ରଖି କବିଙ୍କୁ ଶବ୍ଦ ନିର୍ବାଚନ କରିବାକୁ ହୋଇନାହିଁ । ଅନ୍ତରର ଭାବ, ସଖୀ ପ୍ରତି ସଖୀର ସ୍ୱଭାବ—କୁତୁହଳ ଉକ୍ତି ସ୍ୱଚ୍ଛନ୍ଦ ସରଳତାରେ ଅଭିବ୍ୟକ୍ତ ହୋଇଛି । ସବୁ କବିତା ଗୁଡ଼ିକରେ ଏହିପରି ଅକୃତ୍ରିମ ପ୍ରକାଶ ସୌଷ୍ଠବ, ପୁରୁଣା ପରିଚିତ କଥାବସ୍ତୁକୁ ନୂତନ ପ୍ରତିଭାର ପ୍ରଲେପାଞ୍ଜନରେ ସୁସ୍ନିଗ୍ଧ କରି ରସ ଗ୍ରାହକକୁ ମୁଗ୍ଧ କରେ । ପ୍ରଚଳିତ ଲୋକକଥା ଶବ୍ଦର ବିଶିଷ୍ଟାର୍ଥକ ପ୍ରୟୋଗ କବିତାର ଅପରୂପ ସୌନ୍ଦର୍ଯ୍ୟ ସୃଷ୍ଟି କରିଛି—

"ଜଣାଗଲା କାହିଁକି ପରମାଣ
କରର ଚୂଡ଼ିକି ଲୋଡ଼ା କେଣେ ଦରପଣ"

ସମାଲୋଚକ ବୈକୁଣ୍ଠ ନାଥ ରଥଙ୍କ ଭାଷାରେ କହିଲେ ସୁସ୍ପଷ୍ଟ ହେବ ଯେ—"କବିତ୍ୱ ସାଧ୍ୟ ସାଧନାର ବସ୍ତୁ ନୁହେଁ । ପ୍ରାଣରସରେ ଏହା ଉତ୍ସାରିତ ।"

ହୃଦୟର ଅନୁଭୂତି ଯେତେବେଳେ ହୁଏ ବିଷାଦ ଓ ଗମ୍ଭୀର; କବିର ଭାଷା ସେତେବେଳେ ହୁଏ ଭାବର ଅନୁଗାମୀ ।

ରାଧାଭାବରେ ବିମୁଗ୍ଧ ଭକ୍ତକବି ଗୋପାଳ କୃଷ୍ଣ ସ୍ୱୀୟ ରଚନାରେ ରାଧାକୃଷ୍ଣ ପ୍ରଣୟର ଯେଉଁ ଚିତ୍ର ଦେଇଛନ୍ତି ତାହା ଯେପରି ମନୋଜ୍ଞ ସେହିପରି ଭାବିଳ । ଚରିତ୍ର ବିଶେଷରେ ଭାବାବେଶରେ ପ୍ରତି ହୃଦୟାନୁଭୂତିର ଘାତପ୍ରତିଘାତ ଅଛି । ଏହା ପ୍ରାଣସ୍ପର୍ଶୀ ବାସ୍ତବ ଜୀବନର ଆଶା···ଆଶଙ୍କା, ହର୍ଷ···ବିଷାଦରେ ଜୀବନ୍ତ ।

ଭକ୍ତକବି ଗୋପାଳ କୃଷ୍ଣଙ୍କର ବଂଶ ପରିଚୟ

- ଶ୍ରୀ ବଂଶୀଧାରୀ ପଟ୍ଟନାୟକ
  - ବନବାସୀ ପଟ୍ଟନାୟକ
    - କବି ଗୋପାଳକୃଷ୍ଣ ପଟ୍ଟନାୟକ
      - ଗୌରଚନ୍ଦ୍ର
        - ଶ୍ରୀ ଗୋପୀନାଥ ପଟ୍ଟନାୟକ
          - ୧ ଶ୍ରୀ ରାମକୃଷ୍ଣ ପଟ୍ଟନାୟକ
          - ୨ ଶ୍ରୀ ସୂର୍ଯ୍ୟ ନାରାୟଣ ପଟ୍ଟନାୟକ
          - ୩ ଶ୍ରୀ ନୀଳମଣି ପଟ୍ଟନାୟକ
      - ହରିବନ୍ଧୁ (କବି) (ନିଃସନ୍ତାନ)
      - କରୁଣାନିଧି (ବାଲ୍ୟମୃତ)
        - ଶ୍ରୀ ବୈଷ୍ଣବ ଚରଣ ପଟ୍ଟନାୟକ
          - ୧ ଶ୍ରୀ ବନବାସୀ ପଟ୍ଟନାୟକ
          - ୨ ଶ୍ରୀ ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକ
          - ୩ ଶ୍ରୀ ଚକ୍ରପାଣି ପଟ୍ଟନାୟକ
  - ଶ୍ରୀ ବ୍ରଜବାସୀ ପଟ୍ଟନାୟକ (ନିଃସନ୍ତାନ)

ପ୍ରକାଶକଙ୍କ କଲମରୁ

ଓଡ଼ିଶାର ବିଖ୍ୟାତ ଗୀତି କବି ଗୋପାଳକୃଷ୍ଣ ପଟ୍ଟନାୟକଙ୍କର ସମସ୍ତ ରଚନା ବଳୀ ସଂଗୃହୀତ ହୋଇ ଆଜ "ଗୋପାଳକୃଷ୍ଣ ଗ୍ରନ୍ଥାବଳୀ" ପ୍ରକାଶ ପାଉଅଛି । ଏହି ଶୁଭ ଅବସରରେ ଉତ୍କଳର ଅତୀତ ସଂସ୍କୃତି ଆଡ଼େ ଥରେମାତ୍ର ସିଂହାବଲୋକନ କଲେ ଜଣାଯିବ ଯେ ପ୍ରତ୍ୟେକ ଶତାବ୍ଦିରେ ଉତ୍କଳ ଭାରତୀଙ୍କର ଜଣେ ଜଣେ ସାର୍ଥକ ଜନ୍ମା ସଂତାନ ଜନ୍ମଲାଭ କରି ଉତ୍କଳର ବାଣୀ ଭଣ୍ଡାରକୁ ପରିପୂର୍ଣ୍ଣ କରି ଯାଇଥାନ୍ତି । ଜୟଦେବଙ୍କ ଗୀତ ଗୋବିନ୍ଦ, ଦୀନକୃଷ୍ଣଙ୍କ ରସକଲ୍ଲୋଳ, କବି ସମ୍ରାଟଙ୍କ ଗ୍ରନ୍ଥାବଳୀ, ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ବିଦଗ୍ଧ ଚିନ୍ତାମଣି, କବି ସୂର୍ଯ୍ୟଙ୍କ ଚମ୍ପୂ ଏବଂ ଭକ୍ତ କବି ଗୋପାଳକୃଷ୍ଣ ପଟ୍ଟନାୟକଙ୍କ ସୁମଧୁର ସଙ୍ଗୀତ ମାନ ପ୍ରାଚୀନୋତ୍କଳ ସାହିତ୍ୟ ଜଗତରେ ଏକ ଏକ ଅମୂଲ୍ୟରତ୍ନ ଭାବରେ ପରିଚିତ ହୋଇ ଆସିଛି । ଏହି ସବୁ ଗୀତି ସାହିତ୍ୟ ଯେତେ ପୁରାତନ ହେଲେମଧ୍ୟ ତାର ମୂଲ୍ୟ ଏପର୍ଯ୍ୟନ୍ତ ପ୍ରକୃତ ସାହିତ୍ୟିକ ମାନଙ୍କ ନିକଟରେ କମିନାହିଁ କି କମିବ ନାହିଁ । ଅଭିମନ୍ୟୁ ସାମନ୍ତ ସିଂହାରଂକ ବିଖ୍ୟାତ ଧୀରେ ଯେନ କାନନରେ କୃଷ୍ଣ ବିଳମ୍ବିତ

କୁ କେଦାରରେ ସ୍ୱରଦେଇ ମଫସଲ ଗାଆଁର ଭିକମଗା ଯୋଗୀ ଗାଇଲାବେଳେ ପୁଣି ବିଚ୍ଛେଦ ବିଧୁରା କେଉଁ ମାଆ ଆଖିରୁ ଲୁହ ନଗଡ଼େ ?? ହଜାର ହଜାର ଦର୍ଶକ ମାନଙ୍କ ଆଗରେ ଗୋଡ଼ରେ ଘୁଂଗୁର ବାନ୍ଧି ଭଞ୍ଜ କବିତାର ତାଳେ ତାଳେ ଯେତେବେଳେ ନର୍ତ୍ତକୀ ନାଚିଉଠେ କଳାପ୍ରେମୀ ଜନତା ହୁଏ ନୀରବ ନିସ୍ତବ୍ଧ । ପୁରୁଣା ହୋଇ ଯାଇଛି ବୋଲି କେହି କଣ ଏ ଗୀତକୁ ଅନାଦର କରିଛି ?

ସେହିଭଳି ଭକ୍ତକବି ଗୋପାଳକୃଷ୍ଣଙ୍କ କବିତା ସମ୍ପର୍କରେ କୁହାଯାଇ ପାରେ । ଏହି ଗ୍ରନ୍ଥର ସଂକଳକ ଶ୍ରୀଯୁକ୍ତ ପାଣିଗ୍ରାହୀଙ୍କ ଭାଷାରେ ଏତିକି କହିଲେ ଯଥେଷ୍ଟ ହେବଯେ ଗୋପାଳକୃଷ୍ଣଙ୍କ କବିତା ଗାଇଲା ବେଳେ ପ୍ରତ୍ୟେକ ତାଙ୍କ ସ୍ପନ୍ଦନ ଦ୍ୱାରା ସ୍ପନ୍ଦିତ ହୋଇ ଥାଆନ୍ତି । ଅନୁସରିତ ! ପ୍ରତ୍ୱେ କାଳ ଯାକ ଗଲି ସହିତ ବା କେଶର କୁଞ୍ଜ ଶେଯରେ କବିତା ଭଳି କବିତାମାନ ବର୍ତ୍ତମାନ ସୁଧା ସହର ମଫସଲ ସବୁଆଡ଼େ ଶୁଣାଯାଏ ।

—ଅବତରଣି—

କାଳର କରାଳ କବଳରେ ପଡ଼ି ପ୍ରାଚୀନ କବି ମାନଙ୍କର ପ୍ରକାଶିତ ରଚନାବଳୀ କ୍ରମେ କ୍ରମେ ଦୁଷ୍ପ୍ରାପ୍ୟ ହୋଇପଡ଼ୁଛି ତ ସେମାନଙ୍କର ଅପ୍ରକାଶିତ ଲେଖାମାନ କୀଟ ଧ୍ୱଂସ୍ତ ହୋଇ ଦିନକୁ ଦିନ ସଂଖ୍ୟାନ୍ୟୂନ କରି ଚାଲିଛନ୍ତି । ଅତୀତରେ ଓଡ଼ିଶାର ପ୍ରଥମ ନାଟ୍ୟ ସାହିତ୍ୟ ନାମରେ ପ୍ରତିଷ୍ଠିତ ଗଣକବି ବୈଷ୍ଣବ ପାଣି କାହ୍ନୁ ପାଣି, ବାଳକୃଷ୍ଣ, ରାମଚନ୍ଦ୍ର ସ୍ୱାଇଁ ଓ ହରିକିଶୋରରାୟଙ୍କ ଗୀତିନାଟ୍ୟମାନ ଆମ୍ଭେ ପ୍ରକାଶ କରି ଓଡ଼ିଶାର ନାଟକ ଜଗତରେ ବିରାଟ ଆଲୋଡ଼ନ ସୃଷ୍ଟି କରାଇଥିଲୁ । ଆଜିମଧ୍ୟ ଜଣେ ପ୍ରାଚୀନ କବି ଗୋପାଳକୃଷ୍ଣଙ୍କ ଅମର ପ୍ରତିଭାପ୍ରତି ସମ୍ମାନ ଜଣାଇ ତାଂକର କବିତାଗୁଛି ଏକତ୍ରିତ କରାଇ ଗ୍ରନ୍ଥାବଳୀ ପ୍ରକାଶ କରୁଛୁ । ଏହି ଗ୍ରନ୍ଥାବଳୀ ପ୍ରକାଶ କରିବା ନିମନ୍ତେ ଆମ୍ଭର ବହୁ ଅର୍ଥବ୍ୟୟ ହୋଇଛି । ଆମ ଅନୁରୋଧରେ ଓଡ଼ିଶାର ଜଣେ ବିଶିଷ୍ଟ ଯୁବ ସାମ୍ବାଦିକ ତଥା ବ୍ୟଙ୍ଗ ସାହିତ୍ୟିକ ଶ୍ରୀଯୁକ୍ତ ସରୋଜ କୁମାର ପାଣିଗ୍ରାହୀ ଏହି ଗ୍ରନ୍ଥ ସଂକଳନ ଦିଗରେ ଯେଉଁ ପରିଶ୍ରମ କରିଛନ୍ତି ତାହା ପ୍ରଶଂସନୀୟ । ଓଡ଼ିଶାର ଜଣେ ପ୍ରାଚୀନ କବିଂକ ଲେଖାବଳୀ ସଂଗ୍ରହ କରିବା ଦ୍ୱାରା ଓଡ଼ିଆ ସାହିତ୍ୟର ଉନ୍ନତି କରିଥିବାରୁ ଗ୍ରନ୍ଥର ପ୍ରକାଶକ ହିସାବରେ ମୁଁ ମୋ ତରଫରୁ ଓ ପାଠକ ମାନଂକ ତରଫରୁ ତାଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜଣାଉଛି ଏବଂ ଏହିଭଳି ଦୁଷ୍ପ୍ରାପ୍ୟ ଗ୍ରନ୍ଥ ସଂକଳନ ଦିଗରେ ବ୍ରତୀ ହେବାପାଇଁ ଭଗବାନଙ୍କ ନିକଟରେ ତାଙ୍କର ଦୀର୍ଘ ଜୀବନ କାମନା କରିବା ସଂଗେ ସଂଗେ ଓଡ଼ିଶାର ଯେଉଁ ଜନନେତାମାନେ ଏହି ଗ୍ରନ୍ଥାବଳୀର ପ୍ରକାଶନ କାର୍ଯ୍ୟକୁ ସ୍ୱାଗତ କରିଛନ୍ତି ସେମାନଙ୍କୁ ମଧ୍ୟ ମୋର କୃତଜ୍ଞତା ଜଣାଉଛି ।

ବିନୀତ

ଏସ୍ ଅମିନୁଲ ଆଇ

ଓଡ଼ିଶା କୋହିନୂର ପ୍ରେସ ପଞ୍ଜିକାର ମାଲିକ

ମୋ ନିଜ କଥା

ଭାରତ ବିଖ୍ୟାତ ଓଡ଼ିଶା କୋଡେନ୍‌ର ପ୍ରେସ ପଞ୍ଜିକାର ମାଲିକ ଶ୍ରୀଯୁକ୍ତ ସେଖ ଅମିନୁଲ ଇସଲାମ ମହାଶୟ ଗୋପାଳ କୃଷ୍ଣ ପଟ୍ଟନାୟକଙ୍କ ସମସ୍ତ କବିତା ଗୁଡିକୁ 'ଗ୍ରନ୍ଥାବଳୀ' ଆକାରରେ ପ୍ରକାଶ କରୁଛନ୍ତି । ଅତୀତରେ ଏହି ମହାଶୟଙ୍କ ଦ୍ୱାରା ପ୍ରକାଶିତ 'ସଙ୍ଗୀତ ଗୋପାଳକୃଷ୍ଣ' ନାମକ ଛୋଟିଆ ବହିଟି ଓଡ଼ିଶାର ସଙ୍ଗୀତ ପ୍ରେମି ମାନଙ୍କ ଉପରେ ବହୁତ ପ୍ରଭାବ ପକାଇଥିଲା । ପିଲାଦିନର କଥା ମନେ ପଡ଼ୁଛି—

ଆମ ଗାଁ ଇବରସିଂହ ପାଖରୁ କୋଠିହାଟର ଦୂରତା ଅଧ ମାଇଲଏ ହେବ । ଫାଲ୍‌ଗୁନମାସର ଦୋଳଯାତ୍ରା ଦେଖିବା ନିମନ୍ତେ ସେଠିକି ଯାଇଥାଏ । ଯାତ୍ରାରୁ କେତେ ଜିନିଷ କିଣି ଘରକୁ ଆସିଲି । ସେହି କିଣା ଜିନିଷ ଭିତରେ "ସଙ୍ଗୀତ ଗୋପାଳକୃଷ୍ଣ" ବହି ଖଣ୍ଡିକ ମୋର ଅତି ଆଦରଣୀୟ ଥିଲା ।

ଗୋପାଳକୃଷ୍ଣ କିଏ ସେତେବେଳେ ଜାଣିନଥିଲି । ଜାଣିବାଭଳି ମୋର ବୟସ ହୋଇ ନଥିଲା ବୋଲି । ମାତ୍ର ଏତିକି ଉପଲବ୍ଧି କରୁଥିଲି ଯେ 'ଗୋପାଳକୃଷ୍ଣ' ବୋଲି କେହି ଜଣେ କବି ଅଛନ୍ତି । ସେ ଭଲ ଭଲ ଗୀତ ଲେଖନ୍ତି ।

ସେ ଦିନର ବାଲ୍ୟ ଜୀବନ ମୋର ଅତି ବାସ୍ତବ ହୋଇଯାଇଛି । ସାମ୍ବାଦିକ ଜୀବନରେ କେତେ ମୁଲକ ବୁଲି ବୁଲି ୧୯୭୭ ମସିହା ଦଶହରା ପୂର୍ବରୁ ଯାଇଥିଲି କୋରାପୁଟ । ପାରଳାଖେମୁଣ୍ଡିରେ କଣଲୟ ସାହିତ୍ୟ ସଂସଦର ଗୋଟିଏ ଉତ୍ସବ ହେଉଥାଏ । ସେଥିରେ ଯୋଗଦେଇ ସେଠି କେତେ-ଜଣ ନୂଆ ବନ୍ଧୁଙ୍କ ସହିତ ପରିଚିତ ହେଲି ତା ଭିତରେ ଦେବୀମଠ ମହନ୍ତ ଶ୍ରୀଯୁକ୍ତ ସୀତାରାମ ଦାଶ ଗୋସ୍ୱାମୀ ଅନ୍ୟତମ । ପାରଳାଖେମୁଣ୍ଡିର ଅତୀତ ସଂସ୍କୃତି ବୁଝାଇବାକୁ ଯାଇ ଗୋପାଳକୃଷ୍ଣ ପାଠାଗାର ଆଡ଼େ ମୋତେ ସେ ବୁଲାଇ ନେଇଥିଲେ । ସେଇଦିନ ମୁଁ ଭଲଭାବରେ ଜାଣିଲି କବି ଗୋପାଳକୃଷ୍ଣ କିଏ ଏବଂ କ'ଣ ସେ ଲେଖିଛନ୍ତି ।

—[illegible]—

ତାରକା ଶ୍ରୋମଣି ରାଜ୍ୟର ବସନ୍ତ କୋକିଳଙ୍କୁ ଭଲ କରି ଚିହ୍ନିବା ପରେ ତାଙ୍କ ଲିଖିତ କବିତା ମାନ ସଂଗ୍ରହ କରିବାରେ ମନ ଦେଲି । କାରଣ ସୀତାରାମ ଦାସ ଗୋସ୍ୱାମୀ ଓ ବାଗଶାଳା ମଠ ମହନ୍ତ ଦୟାଳୁ ଦାସ ଗୋସ୍ୱାମୀଙ୍କ ଠାରୁ ମୁଁ ଶୁଣିଥିଲି ଯେ ଗୋପାଳକୃଷ୍ଣଙ୍କ ବହୁତ କବିତା ଏପର୍ଯ୍ୟନ୍ତ ଲୋକ ଲୋଚନକୁ ଆସି ନାହିଁ ବୋଲି ।

କଟକ କଟେଶ୍ୱ ଫେରନ୍ତା ବାଟରେ ଦୈବାତ୍ ଦେଖାହେଲେ ଓଡ଼ିଶାର ସୁପରିଚିତ ପୁସ୍ତକ ପ୍ରକାଶକ ଶ୍ରୀଯୁକ୍ତ ଅମିନୁଲ୍ ବାବୁ । ଗୋଟିଏ ରିକ୍ସାରେ ବସି ତାଙ୍କର ଓଡ଼ିଶା କୋଟନ୍ଦୂର ପ୍ରେସକୁ ଆସିଲୁ । ନାନାପ୍ରକାର ଆଲୋଚନା ପରେ 'ଗୋପାଳକୃଷ୍ଣ ଗ୍ରନ୍ଥାବଳୀ'ର ପ୍ରକାଶନ ନିମନ୍ତେ ତାଙ୍କର ଅଭିଳାଷ ସେ ମୋତେ ଜଣାଇଲେ ଏବଂ ମୁଁ ତାଙ୍କର ଅନୁରୋଧକୁ ଏଡ଼ାଇ ନପାରି ଗ୍ରନ୍ଥାବଳୀ ସଙ୍କଳନ ଦିଗରେ ମନ ଦେଲି ।

ଭଗବାନ ଶ୍ରୀକୃଷ୍ଣଙ୍କ ଅନୁକଂପାରୁ ଖୁବ୍ କମ୍ ଦିନ ଭିତରେ ମୋତେ ପ୍ରସ୍ତୁତ ହେବାକୁ ପଡ଼ିଲା । ଦିନର କାମ ସାରି ରାତିରେ ବିଛଣାକୁ ଯିବା ପୂର୍ବରୁ ଯାହା ଲେଖିଥାଏ ସକାଳକୁ ତାହା ପ୍ରେସକୁ ଯାଏ ଛପା ହେବା ପାଇଁ । କପି ମିଳାଇ ଆଉଥରେ ପଢ଼ି ଦିବାକୁ ମୋତେ ସମୟ ଅଣ୍ଟେ ନାହିଁ । ତେଣୁ ମୁଦ୍ରଣ ଗତ ଓ ଭାଷାଗତ ତ୍ରୁଟି ରହିବା ଅସମ୍ଭବ ନୁହେଁ ।

ଏହି ଗ୍ରନ୍ଥାବଳୀର ସଙ୍କଳନ ଦିଗରେ ମୁଁ ବିଭିନ୍ନ ସ୍ଥାନରୁ ବିଭିନ୍ନ ବ୍ୟକ୍ତିଙ୍କ ଠାରୁ ସାହାଯ୍ୟ ସହାନୁଭୂତି ପାଇଅଛି ।

ଔପନ୍ୟାସିକ ଶ୍ରୀଯୁକ୍ତ କାହ୍ନୁ ଚରଣ ମହାନ୍ତି, ଦୈନିକ 'ସମାଜ'ର ବାର୍ତ୍ତା ସଂପାଦକ ଶ୍ରୀଯୁକ୍ତ ଜଗନ୍ନାଥ ଷଡ଼ଙ୍ଗୀ, ଗଣକବି ସାର କିଶୋର ରାୟଙ୍କ ପ୍ରେରଣା ଗ୍ରନ୍ଥାବଳୀ ସଂକଳନ ଦିଗରେ ମୋର ପ୍ରଧାନ ସମ୍ବଳ ହୋଇଛି । କର୍ମ ପଥରେ ବାଟ ଚାଲୁ ଚାଲୁ ଯେଉଁଠି ଟିକିଏ ଥମି ଯାଇଛି, କଟକ ପଢ଼ିଆସ୍ତ ଗ୍ରନ୍ଥାଗାର ତତ୍ତ୍ୱାବଧାରକ 'ଗେଣ୍ଡୁ ବାବୁ' ଗୁଟ ମାରି ମୋତେ ସଧାଗ କରି ଦେଇଛନ୍ତି ଆଗକୁ ମାଡ଼ି ଚାଲିବା ପାଇଁ ।

—ଭଣିତା—

ଉତ୍କଳର ଗୌରବୋଜ୍ଜ୍ୱଳ ସନ୍ତାନ ନବ ଉତ୍କଳର ନିର୍ମାତା ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କର ସୁଯୋଗ୍ୟ ପୁତ୍ର ଶ୍ରୀଯୁକ୍ତ ରଙ୍ଗନାଥ ମିଶ୍ର ଆଡ଼ଭୋକେଟ ଓଡ଼ିଶା ହାଇ କୋର୍ଟର ବାରିଷ୍ଟର ରଣଜିତ ମହାନ୍ତି, ଆଡଭୋକେଟ ମଧୁସୂଦନ ମହାନ୍ତି, ଆଡଭୋକେଟ ଗୌରାଙ୍ଗ ଚରଣ ଦାସ, କଟକ ସହର ଭଗତପୁରର ବିଶିଷ୍ଟ ସମାଜ ସେବୀ ସହଦେବ ମହାରଣା, ମୋତେ ଯେଉଁ ଭଳି ଭାବରେ ସାହାଯ୍ୟ ସହାନୁଭୂତି ଦେଇ କର୍ମ ପଥରେ ଉତ୍ସାହିତ କରିଛନ୍ତି ସବୁଦିନ ପାଇଁ ସେମାନେ ମୋର ନମସ୍ୟ ହୋଇ ରହିବେ ।

ଗୁରୁବନ୍ଧୁ ବାନାମ୍ବର ପଣ୍ଡା ଓ ଅରଡ଼ ନିବାସୀ ଶ୍ରୀମାନ ଦ୍ରୋଣନିଧି ଜେନା ଗ୍ରନ୍ଥାବଳୀର ମୁଦ୍ରଣ ସମୟରେ ଯେଉଁଭଳି ସାହାଯ୍ୟ କରିଛନ୍ତି ସେଥିପାଇଁ ସେମାନଙ୍କର ଦୀର୍ଘ ଜୀବନ କାମନା କରୁଛି ।

ପାରଳାଖେମୁଣ୍ଡି ଦେବୀମଠର ମହନ୍ତ ସୀତାରାମ ଦାଶ ଗୋସ୍ୱାମୀ ଓ ଗୁରୁ ଶ୍ରୀମାନ ରମେଶ ଚନ୍ଦ୍ର ସାହୁ ଭକ୍ତକବି ଗୋପାଳକୃଷ୍ଣଙ୍କର ଫଟୋଟି ପ୍ରକାଶ କରିବା ନିମନ୍ତେ ଯୋଗାଇ ଦେଇ ଥିବାରୁ ସେମାନଙ୍କୁ ମୋ ତରଫରୁ ଓ ଗ୍ରନ୍ଥାବଳୀର ପ୍ରକାଶକ ସେଖ ଅମିନୁଲ ଇସଲାମଙ୍କ ତରଫରୁ ଆନ୍ତରିକତା ଜଣାଉଛି ।

ପରିଶେଷରେ ଭାରତୀୟ ସ୍ୱାଧୀନତା ସଂଗ୍ରାମର ବିଶିଷ୍ଟ ଲଢ଼ୁଆ ସୈନିକ, ଗଡଜାତ ଆନ୍ଦୋଳନର ଖ୍ୟାତନାମା ନେତା ଓଡ଼ିଶାର ଉପମୁଖ୍ୟ ମନ୍ତ୍ରୀ ଶ୍ରୀଯୁକ୍ତ ପବିତ୍ର ମୋହନ ପ୍ରଧାନ, ମନ୍ତ୍ରୀ ଶାନ୍ତନୁ କୁମାର ଦାସ, ମନ୍ତ୍ରୀ ବନମାଳି ପଟ୍ଟନାୟକ, ଉପମନ୍ତ୍ରୀ ମନମୋହନ ଟୁଡ଼ୁ, ସମାଜର ସମ୍ପାଦକ ପଦ୍ମଭୂଷଣ ରାଧାନାଥ ରଥ ଏମ୍. ଏଲ. ଏ, ପୌରୁଷ ସମ୍ପାଦକ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ, ବିଶିଷ୍ଟ ସାହିତ୍ୟିକ ଓ ସମାଜ ସେବୀ ଶ୍ରୀଯୁକ୍ତ ମଧୁସୂଦନ ମହାନ୍ତି ଆଡ଼ଭୋକେଟ, ପୁରୀ ସଦାଶିବ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟାପକ ବୀର ହନୁମାନ ଶାସ୍ତ୍ରୀ ସାହିତ୍ୟ ଓ ଜ୍ୟୋତିଷାଚାର୍ଯ୍ୟ, 'ଗ୍ରନ୍ଥାବଳୀ' ଦେଖି ନିଜ ନିଜର ମତାମତ ଦେଇ ଥିବାରୁ ସେମାନଙ୍କ ନିକଟରେ ମୋର କୃତଜ୍ଞତା ଜଣାଉଛି ଏବଂ ମୋର ସମସ୍ତ ପ୍ରକାର ତ୍ରୁଟି ସକାଶେ ପାଠକ ମାନଙ୍କ ନିକଟରେ କ୍ଷମାଭିକ୍ଷା କରୁଛି ।

ଶ୍ରୀ ସରୋଜ କୁମାର ପାଣିଗ୍ରାହୀ
ସଂକଳକ

≡ ସୂଚୀପତ୍ର ≡

ବିଷୟ	ପୃଷ୍ଠାଙ୍କ
ଅ	
ଅବବେକ ଡଇବ	୧୭
ଅଳ କେଶରେ କୁଂକନ୍ତୁ	୬୧
ଅଲ୍ପ ସରତ ! ପ୍ରଭୋ	୭୨
ଅନୁମାନ ନକଲି	୧୦୭
ଅଣ୍ଣି ଗଲନ କୋଠି	୧୧୧
ଅକାରଣେ ଦୁଃଖିତରେ	୧୪୭
ଅନାଥରେ ଅନା ଥରେ	୨୦୪
ଅନୁସରିବା ଫଳ	୨୨୩
ଅନୁଗତ କଲ ଫଳ	୨୫୪
ଅଲୁ ସରକାର	୨୫୭
ଅଭିମାନ ଅଗ୍ନି	୨୯୭
ଅଖିଳ ଉପମା	୩୦୪
ଅସ ଚେଷ୍ଟା କଷ୍ଟ	୩୫୧
ଅରେ ଚେତଃ	୩୯୭
ଆ	
ଆଜ ଶ୍ରୀ ଗୋଷ୍ଠ ଚନ୍ଦ୍ରମା	୮୭
ଆସି ଯାଇଛୁ ସିନା	୧୨୯
ଆଉ କେ ବେଶ ସକାଳରେ	୧୭୪
ଆହେ ଶ୍ୟାମଘନ	୧୭୫
ଆହେ ଶ୍ରୀ ରଙ୍ଗ ପସୂର	୧୮୭
ଆଜ ବ୍ରଜ ରାଜ	୨୨୭
ଆଉ ଆସିବେ	୨୩୨
ଆଗୋ ସହଚରୀ	୨୫୯
ଆଁରେ ଫୁଲ ଚୋଳ	୨୭୦

ବିଷୟ	ପୃଷ୍ଠାଙ୍କ
ଆ	
ଆସଗୋ ବରଜ ବାଳୀ	୩୩୯
ଆରେ ମନ ନନ୍ଦୁଅ ଘଡ଼	୩୬୯
ଆନ ରସରେ	୩୭୧
ଆଲୋକ ଚନ୍ଦ୍ରକ	୩୮୫
ଆରେ ମନ ବ୍ୟର୍ଥ ହୋଇ	୩୮୯
ଆରେ ମନ କେଣେ ଭୁଲି	୩୯୮
ଆହା କ ଗଲରେ	୨୪୮
ଇ	
ଇତ୍ଥଂ ସର୍ବାର୍ଥଦା ସାଧା	୧୫୯
ଉ	
ଉଠିଲୁ ଏତେ ବେଗି	୭
ଉତ୍ତମା ଭକ୍ତକ ମନ	୧୫୮
ଉଠ ନକର ମଠ	୨୬୧
ଉପମାନ ଘଟାମାନ	୩୦୪
ଋ	
ଋଷିକନ୍ୟା ମା ଗୋଷ୍ଠ ଚନ୍ଦ୍ରମା	୧୦୩
ଏ	
ଏ ଘନ ଘନ	୧୩୮
ଏ କି ପରମାଦ ଆସି ପଡ଼ିଲା	୧୫୦
ଏତେ ସ୍ୱପନ	୧୫୩
ଏକ ହଟା ବ୍ରଜ ଗୋଠା	୧୬୪
ଏଣି ଇଷଣି	୨୬୮
ଏତେ ଦୁଃଖ	୨୭୪
ଏକେ ତୋର ଭୁଖାମଣା	୩୭୩

ବିଷୟ	ପୃଷ୍ଠାଙ୍କ
ଏ	
ଏଣିକି ମାନଚେଜ	୩୨୭
ଏ ଚୋର ବୃନ୍ଦାମଣା	୪୦୦
ଏଥରକ ଶ୍ୟାମଦୋଷ	୮
ଏତେ ଭାଗ୍ୟ ମୋର ହେବକି	୩୭
ଏନନ୍ଦ ସୂନୁ ସାଙ୍ଗ	୧୨୩
କ	
କର କରୁଣା ମୟୀ ରାଧେ	୧
କେଣେ ଆସିଲୁ ମନ	୧୭
କେ ସଖି ନୀପ ମୂଳରେ	୧୯
କୀର୍ତିଦା ସୁତାଙ୍କ ରୂପଗୁଣ	୨୦
କର ଜୁହାର	୨୫
କି ପାଶୋର ଦେଲ	୩୩
କେ କି କହି କି ବିଗିଡ଼ାଇଲା	୩୭
କେଶର କୁଂଜ ଶେଯରେ	୪୩
କାହ୍ନିଁକି ଶ୍ୟାମ ମୁରଲି	୪୫
କେଉଁ ବିଦେଶୀ ପରବାସରେ	୭୫
କେଉଁ ପଥିକ ନଗରେ	୮୧
କି କରିବି ପଛେ ଗୋଡ଼ାଇଲି	୬୨
କୋଇଲି	୭୦
କୁଂଜ ବନରେ କାନ୍ଆ ଦେବତା	୮୭
କି କଲକି ମୁ ରୁଚି ରହିଲରେ	୯୮
କେଣେ ନଶୁଣ ହେ	୧୦୩
କେଉଁ ତୀର ପର ବାସୀ	୧୦୪
କଦମ୍ବ ବନେ ବଂଶୀ ବାଜିଲା	୧୧୨
କୃପା ନକଲେ	୩୧୩
କଳା କାହ୍ନୁ ହେ	୩୧୭

ବିଷୟ	ପୃଷ୍ଠାଙ୍କ
କ	
କରୁଣା ମୟୀ ରାଧେ	୩୧୯
କେବେ ମୁଁ ଅରୁଣ କମଳ	୩୫୨
କାଳୀୟ ମର୍ଦ୍ଦନ ଶରୀର	୧୧୫
କେଶବ ଦେବ ଗୁଆଳୀ ଗଣ	୧୧୭
କର କୀର୍ତ୍ତନରେ ରସନା ସନ୍ତତ	୧୧୮
କେଉଁ ବ୍ରଜ କୁଳାଙ୍ଗନା ମଧ୍ୟେ	୧୧୯
କରି ଜୁହାର ମାଗୁଛି ମୁଁ	୧୨୦
କୃଶ କରନ୍ତୁ ସେ କୃଷ୍ଣ	୧୨୩
କନକ ରୁଚିର କାନ୍ତି	୩୩୩
କସ ହେବାରୁ	୩୪୪
କୋକଧର ନେବରେ	୩୪୬
କଳା ଶ୍ରୀମୁଖ ହେ	୩୫୩
କଲ୍ୟ ଜାଇଥିଲେ	୧୩୭
କାହିଁକି ମନ ନ ଘେନୁ	୧୪୦
କେପଥ ଭଣାକଲ	୧୪୮
କରରୁ ପୀୟୂଷ ଥାଳୀ	୧୫୦
କହୁଛି ଘେନରେ ମନ	୩୫୭
କେବଣ ବରଷି	୩୬୪
କହିବାକୁ ସିନା ଶ୍ୟାମ ପ୍ରୀତି	୧୫୨
କଣୋଖି ମଣି	୧୫୨
କେତେବୋଲି ମୋ ଦୁଃଖ	୧୬୩
କରୁଥିଲି ମୁଁ ନାହିଁ ନାହିଁ	୧୬୫
କରୁଛି କି ମୁହିଁ ଗୁମାନ	୧୬୬
କି କରିବି କହ ବ୍ରଜବଧୂ	୧୬୭
କି କଲଗଲା ରାଧିକେ	୧୭୦
କହୁଛିରେ ମନ	୩୭୦

ବିଷୟ | ପୃଷ୍ଠାଙ୍କ

କ

କହ କହ ସହଚରୀ ୧୮୦
କଳାକାହ୍ନୁ ଉଠରେ ୧୯୨
କେତେ କାଳ ହେଲା ୩୯୦
କହିଲେ କହିବୁ ରୋଷ ୨୦୨
କେବେ ନଥିବ ତୃଷା ୨୦୬
କି କଳାକ ମୁ ତୁଚ୍ଛିଲା ୨୦୬
କାହିଁକରେ ମନ ୨୧୦
କେକ ଲଗାଇ କହିଲା ୨୨୪
କି କରି ନାହିଁ ପଙ୍କଜ ୨୨୪
କେବେ ନଶୁଣ ୨୨୫
କି ନାଦରେ ୨୨୬
କୁଂଜ ବନସାକ ୨୩୦
କି ପଡ଼ିଗଲୁ ଶ୍ୟାମ ୨୩୪
କେ ମୁଁ ଜାଣଇ ୨୩୫
କେତେ କହିଲେ ୨୪୪
କହ କହ ସହଚରୀ ୨୪୬
କୋପାଇଲା ଯେ ସେ ୨୪୬
କହରେ ସେ ସଙ୍ଗିନୀ ୨୪୮
କେତେବେଳକୁ ୨୫୧
କେତେପରି ଡାକିଲେ ୨୫୩
କେବଣ ସାରଥି ୨୫୩
କେ କସ ଲହ୍ବିନ ୨୫୪
କି କରି କି କଲୁ ପାପ ୨୬୪
କି ସୁକୃତ କରି ଥିଲା ୨୬୬
କାହାତତ୍ତ୍ୱ ତାହାଙ୍କହିଁ ୨୭୩
କି କଲି ମୁଁ ଖିଆଲେ ୨୭୫

ଖ

କି ଶୁଣିଲି ଆଜ ନୂଆ ୨୮୩
କହିଲେ କହିବୁ ରୋଷ ୨୮୪
କେକ କହିକଲା ମନା ୨୮୬
କି କଲି କି କଲି ୨୯୮
କାଳିନ୍ଦୀଜା କୂଳେ ୩୦୧
କୁମ୍ଭଜ ପରିଏ ୨୫୬

ଗ

ଗୋଷ୍ଠ ଖଣ୍ଡିଲ କୁଳ କୁମୁଦ ୧୦୨
ଗୋଷ୍ଠ ଚନ୍ଦ୍ରମାଙ୍କୁ ଆସ ୩୬୩
ଗୁର୍ବେ ଗୋଷ୍ଠେ ୩୬୨
ଗଙ୍ଗ ଦମ୍ଭ ଘରିଦ୍ୱାରରେ ୩୬୨
ଗୁଣମଣି କି ଗୁଡ଼ ଅଇଲି ୨୧୯
ଗଲାବେଳେ ମୋ ଗାବ ୨୨୯
ଗୁମାନ ୨୭୯
ଗୁମାନତେଜ ଏଥର ୨୯୦

ଘ

ଘନଶ୍ୟାମ ପ୍ରେମ ଭାବନା ୫୮
ଘନକାଳେ ବନଜାକ୍ଷୀ ୩୪୫
ଘେନରେ ଅବୋଧମନ ୩୫୬
ଘେନ ଅବୋଧମନ ୩୫୪
ଘୋଷ ଘେନରେ ମନ ୩୬୧
ଘନ କୁନ୍ତ ! ମାରମୁଖ ୨୯୨
ଘରି ନହୁଅ ୨୯୯

ବିଷୟ	ପୃଷ୍ଠାଙ୍କ
ଚ	
ଚନ୍ଦୁଆ ତୁ ନିରନ୍ତରେ	୩୧୭
ଚୁହାଁ ଶ୍ରୀମତୀ ନୀଳଦାଣ୍ଡି	୩୨୪
ଚଳରେ ସ୍ୱାନ୍ତ ନିରନ୍ତର	୧୨୦
ଚନ୍ଦ୍ରାନନେ ଧନ୍ୟ ମୂର୍ତ୍ତି	୧୫୭
ଚିନ୍ତାମଣି ପ୍ରକର	୩୯୩
ଚୁହୁଁ ନାହିଁ ସଖିକରି	୨୩୫
ଚୁହିଁ କଲା କି ଭଙ୍ଗୀ	୨୫୨
ଚୁହିଁରେ ନିକୁଞ୍ଜ ଶେଯ	୨୫୭
ଚନ୍ଦ୍ରାବଳୀ	୨୬୧
ଛ	
ଛଇଲ ବର	୨୪୭
ଜ	
ଜଗବନ୍ଧୁ ଦୟାଳୁ	୩୧
ଜୟ ରାଧାକୃଷ୍ଣ ବୋଲ	୫୧
ଜଳଆଣି ଯାଇ କାଲି	୫୭
ଜୟ ଶ୍ରୀ ରାଧେ	୩୦୩
ଜନେ ଜାଣିଲେନି	୩୧୧
ଜୟନ୍ତି ଜୟନ୍ତି ରାଧା	୮୩
ଜଣାଗଲା କାହିଁକି ପରମା	୧୦୬
ଜାଣି ଜନମ ଶୁଣି	୧୧୬
ଜୁହାର ସେ ଶ୍ୟାମ ଗୋପାଳ	୧୨୪
ଜାଣ ଆରେ ମନ	୩୫୧
ଜୀବନ ଯିବପଛି ସୁମତି	୧୬୧
ଜାଣିଲି ସବୁତୋ ମଧ	୧୬୨
ଜୟରାଧେ କୃଷ୍ଣ ବୋଲି	୪୦୦
ଜୁହାର ସେ ମୋହନ ପ୍ରୀତିକ	୨୦୫

ବିଷୟ	ପୃଷ୍ଠାଙ୍କ
ଜ	
ଜନମିଲେଥିଲେ ଶ୍ରୀବ୍ରଜେ	୨୨୨
ଜୟଜୟ ବ୍ରଜଭୂବନ	୧୯୦
ଜଣା ଗଲାନି	୨୧୩
ଜୀବନ ବନ୍ଧୁ ମାଗୁଛି	୨୫୮
ଡ	
ଡାକଇ ରାଧା ରମଣ	୨୫
ଢ	
ଢଳି ଢଳି ଆସେ ମୋହନ	୨୮୦
ତ	
ତୋତେ ତୁହି ପ୍ରାଣ ସହି	୩୧୨
ତୋତେ କେ କହିଲା ପର	୨୦୮
ତୋ ପିରତି ଲାଗିରେ	୨୩୪
ତାକୁ କେଉଁ କହି	୨୩୭
ତୋ ରୂପ ପ୍ରତି ଦିଶେ	୨୫୮
ତରଣୀ ଯା ତଟେ	୨୬୨
ଥ	
ଥରେ ଦେଖିଛି ସେ	୨୧୨
ଦ	
ଦେଲିପଣି କୁଳକୁ ଟେକି	୨୯
ଦେଖାଇବକି ସତେ ଦଇବ	୫୯
ଦୟା କରନ୍ତୁ	୬୯
ଦୁଃଖିଧନ	୧୪୭
ଦିଶୁଛିତ ଦିନେପରି	୨୩୩
ଦେଖିଲେ ପରାଣ ଯିବ	୨୫୨
ଦୁଃଖ ସିନ୍ଧୁରେ ବନ୍ଧୁ	୨୪୭
ଦଗାଦାର ଶ୍ୟାମ	୨୬୨

ବିଷୟ	ପୃଷ୍ଠାଙ୍କ
ଦ	
ଦେଖିଲେ ଦେଖିଲି ପରି	୧୬୭
ଦାନବଘ୍ନ ହେ ହରି	୧୫୫
ଦହି ଦୁଧ ସର ଦେଇ	୧୭୪
ଦୟାମୟୀ ଦଶିକ	୨୮୨
ଧ	
ଧୀରେ ବହଁ। ମନ	୩୨୨
ଧୀରେ ସମିରେ ବସି	୧୪୨
ଧନ୍ୟ ସଜନି ଧନ୍ୟ	୨୩୧
ଧୃତିକ ଧରିବରେ	୧୬୪
ନ	
ନସାନା ଘେନ କମଳା	୨୨୧
ନନ୍ଦ କେଉଁଣେ ଦେଲୁ ଭାଙ୍ଗି	୭୮
ନବ ଗୋରଚନା	୩୦୩
ନଟ ପଟଳ ମୁକୁଟ	୩୦୭
ନାହିଁ କରିଦେରେ	୧୦୯
ନୟନରେ ନାଚୁଛି	୩୧୮
ନୀଳକାନ୍ତ	୩୨୫
ନନ୍ଦସୁତ ସୁନ୍ଦର	୧୧୭
ନୀପାରୂଢ଼ ବ୍ରଜଶଶୀ	୧୨୯
ନିଶି ଚତୁର୍ଥ ଯାମରେ	୧୨୪
ନାଗର ବର	୩୪୭
ନ ଆସୁହେ ଯା	୨୪୯
ନୟନେ ଦେଖିଲି ମୁଁ	୨୬୩
ନୟନେ ଦେଖିଲି ନାହିଁ	୨୭୭
ନବ ନାଗର ହେ	୨୮୮
ନାଗର ହେ କାଳିଆ	୨୯୫
ନ	
ନା ବୋଲି କେତେ କହିଲି	୧୬୯
ନନ୍ଦକୁଳଚନ୍ଦ୍ର, ବ୍ରଜ	୧୫୫
ନାଚ ନାଚ ଗିରିଧାରୀ	୧୯୩
ନଧର୍ମଂ ନାଧର୍ମଂ	୩୯୫
ନନ୍ଦନନ୍ଦନ ଇନ୍ଦୁବର	୨୨୦
ପ	
ପଥ ଛାଡ଼ଦେ	୩୯
ପରିକର ପରିକର	୮୧
ପୀୟୂଷ ଭାଷି	୮୭
ପରମେଶ୍ୱର ଶ୍ରୀକୃଷ୍ଣ	୧୧୩
ପୀତପଟ୍ଟ ସେ ଶ୍ୟାମ	୩୨୩
ପୁରରେ ଥିବା ଯାଏ	୧୨୯
ପରସ୍ପର କେଉଁଣେ ମନରେ	୧୪୧
ପଙ୍କଜ ଲପନା	୨୧୪
ପାମର ମନ	୩୬୭
ପରପତ୍ନୀ ଗରବ	୩୬୩
ପୁରୁଷ ଭିମାନ	୩୭୭
ପ୍ରତିଷ୍ଠା ଧୃଷ୍ଟ	୩୮୦
ପ୍ରତିଷ୍ଠା ଆଶା ଦୁଷ୍ଟା	୩୮୦
ପ୍ରାଣମିତଣୀ	୨୪୧
ପ୍ରାଣ ସଙ୍ଗିନୀ	୨୩୬
ପ୍ରେମ ଶତ୍ରୀ ମଣିକ	୨୬୦
ବ	
ବ୍ରଜକୁ ଫେର ଆସିଛି	୨୦୭
ବାଉନ ବାଉନରେ	୩୫
ବଞ୍ଚାଇ ସଜନି ମୋତେ	୫୯

ବିଷୟ	ପୃଷ୍ଠାଙ୍କ	ବିଷୟ	ପୃଷ୍ଠାଙ୍କ
ବ		**ଭ**	
ବନ୍ଧୁ ଗୁମ୍ଫିଁ ଭାବେ	୮୦	ଭଜମନ ରାଧେ ଶ୍ୟାମ	୧୫୧
ବାଜ ବାଜରେ ମୁରଲୀ	୩୦୬	ଭଜମନ ହରିପ୍ରାଣ	୧୪୧
ବ୍ରଜବନ୍ଧୁ ତୋତେ ବିଲୋକିବା	୧୧୦	ଭଜମନ ବ୍ରଜବନ	୮
ବନମାଳ ଦେହ	୩୧୪	ଭାବ ଭାବ ଭବ ନଶି	୨୮
ବାଟ ଗୁଣ୍ଡ ହଟିଆ	୩୧୫	ଭ୍ରୂ ଜିତାନଙ୍ଗ କୋଦଣ୍ଡାଂ	୩୦୪
ବକ୍ଷୀ ଚରାଇ ଯିବ ମା	୩୨୮	ଭ୍ରୂ ଯୁଗଳ ପରିପାଟି	୩୧୪
ବ୍ରଜ କିଶୋର	୧୨୧	ଭଗିନୀଉତ୍ତରୁ ମାନ ସେ	୧୦୯
ବଂଶୀ ବାଜୁଛି	୧୩୦	ଭଜମନ ଗୋପେନ୍ଦ୍ର ନନ୍ଦନ	୩୫୦
ବୃନ୍ଦାରଣ୍ୟ ସାର୍ବଭୌମ	୧୩୧	ଭଜମନଶ୍ରୀ ଶଚୀ ନନ୍ଦନ	୩୬୫
ବିନୋଦିନୀ ଗୋ	୩୩୮	ଭଜ ବ୍ରଜେନ୍ଦ୍ର	୩୬୮
ବ୍ରଜବନକୁ ମନ	୧୦୮	ଭଜମନଶ୍ରୀ ବ୍ରଜେନ୍ଦ୍ର	୩୭୨
ବାସ ଅଭିଳାଷ କର	୧୫୮	ଭଜମନ ରାଧାଶ୍ୟାମେ	୩୮୨
ବ୍ରଜ ବଧୂକୁ ପଥ	୧୬୨	ଭଜରେ ମାନସ	୩୮୫
ବଧୂ ନଭାଙ୍ଗ	୧୬୩	ଭଜଜନା ରାଧେକୃଷ୍ଣ	୩୯୦
ବ୍ରଜ ବଧୂବର	୧୭୨	ଭ୍ରମ ଭୋଗ ରୋଗ	୩୯୩
ବ୍ରଜ କିଶୋରୀ	୧୭୯	ଭ୍ରମି ଭୁଲ ବିଷୟ	୩୯୪
ବିରଞ୍ଚି ଭଲ ପାଞ୍ଚିଲ	୧୯୯	ଭଜୁ ଥାରେ ମନ	୩୯୬
ବେଣୁଂ କ୍ୱଣନ୍ତ	୩୯୭	ଭଜ ଭୁରେ ମନ	୩୯୭
ବ୍ରଜେନ୍ଦ୍ର ନନ୍ଦନସଖି	୨୦୯	**ମ**	
ବାଜ ନୂପୁରେଁ ନାଚ	୨୩୮	ମଦନ ମୋହନ ମନୋହାରୀ	୧୬
ବ୍ରଜଜନ ନେହ ସମ୍ପତ୍ତି	୨୩୯	ମାନ କରିଥିଲି	୨୩
ବିଘ୍ନ ନାଶ କର ମୋତେ	୨୪୯	ମନରଙ୍ଗ ରାଧାକୃଷ୍ଣ	୨୪
ବାଜୁଛି ସଖି ବାଜାରେ	୨୫୫	ମୁକ୍ତି କି ବା ପଦାର୍ଥ କହେ	୩୦
ବହନାରେ ମଳୟ ବାଆ	୨୭୪	ମୋ ମନରୁ ଯାଉନାହିଁ	୩୫
ବୃନ୍ଦେ ଗୋ ଅପରାଧ କ୍ଷମା	୨୮୪	ମୋ ଜୀବର ଜୀବନ	୪୮
ବୁଡ଼ିଗଲୁ ଶ୍ୟାମ	୨୯୧		

ବିଷୟ	ପୃଷ୍ଠାଙ୍କ
ମ	
ମୁହାଁ ମୁହିଁ କିଶୋର ଚନ୍ଦ୍ରମା	୪୭
ମହା ଭାବରୂପ ଭାବରେ ମାନସ	୪୯
ମୋହନ ଗୀତ ଶବ୍ଦ ପଡ଼ିଲା	୫୫
ମୁଁ ଗୁଡ଼ ଦେବନ୍ତିକ	୩୧୧
ମିତଣୀରେ ବେଷ୍ଟ କଲା କହ୍ନାଇ	୩୦୫
ମୋର ବନ୍ଧୁ ଭୁବନ୍ଦନା	୩୧୦
ମନେ ପଡ଼ୁଛିରେ ସେହି ଚନ୍ଦ୍ରମୁଖ	୧୦୮
ମାନସ ଶନ୍ତ ଗୋପାଳଙ୍କୁ	୧୨୨
ମୋହନ ନୟନାଞ୍ଚଳେ	୩୧୨
ମଧୁରେ ମଧୁରସୁ	୪୧୧
ମିତଣୀ ଅନା ଘନ କାଳିଆକୁ	୩୩୭
ମିତଣୀରେ ପାଷାଣେ ଗଢ଼ିଲୁ	୩୪୨
ମାନମା ତୋ ମନୁ	୩୪୩
ମନାଇ କହ ଗୋ	୩୪୮
ମୋହନ ମାଧୁରୀ	୧୩୬
ମାଧୁରୀରେ ମାଧୁରୀ	୧୩୭
ମୁଁ କି ମୂଢ଼ ବୁଦ୍ଧି କଲରେ	୧୩୯
ମୋ କୃଷ୍ଣ ଚନ୍ଦ୍ରମା	୧୪୫
ମୋତେ ଲଗାନାରେ	୧୫୧
ମହଣା ନାଅରେ	୩୫୬
ମିତଣୀ ତାକୁ··ଭଣିଦେ	୩୫୮
ମାନସ କେଉଣେ ରହୁ	୩୬୨
ମନ ଏ କି ଘୋର ଭ୍ରମ	୩୬୮
ମୁରୁଛି ଲୁହଇ ମନୁ	୧୬୨
ମୁଁ ତ ଜାଣି ଜାଣି	୨୧୮
ମୃଦୁ ବାଣୀ ଥରେ	୨୨୧

ବିଷୟ	ପୃଷ୍ଠାଙ୍କ
ମ	
ମୋ ଧନ ଯିବ ପରା	୨୫୦
ମନଭଙ୍ଗା ପିରତି	୨୬୨
ମାନସ ଭାବ ରାଧା ମାଧବ	୨୮୦
ମୋହନ ଯାଯା ତୁ	୨୮୬
ମଜା ମଜାଇଲ	୨୩୮
ମୋହନ ଦେଖିଲେ ତୋତେ	୨୩୨
ମାନସରୁ ଯିବକି	୨୪୨
ମୋହନ ପ୍ରସଙ୍ଗ	୨୪୫
ମୂଢ଼ ମନ ଦୁର୍ତ୍ତକରି	୩୬୫
ମାନସ କେଉଣେ ହୋଇ ଯାଉ	୩୬୯
ମନ ଭଜ ନିରନ୍ତରେ	୩୮୨
ମନ ସୁଦାକର ଆଶ	୩୮୦
ମିଳନ ମାଧୁରୀ	୧୮୮
ମନ ଭ୍ରମ ହେଉ କେଉଣେ	୩୯୩
ମନ ଘେନ ମୋର ବାଣୀ	୩୯୫
ମନ ତୋତେ ବୁଝାଇ କହୁଛିରେ	୩୯୮
ମନଗାଅ ନିତରେ	୨୦୧
ମୁଁ ଶ୍ୟାମବନ୍ଧ ଭଜି କି	୨୧୫
ଯ	
ଯାବରେ ମାନସ	୩୦୩
ଯୋଷାବରଟରେ	୪୦୮
ଯିବ ଏ ଗାବ ସିମାରେ	୯୮
ଯାହାର ଯେ ପ୍ରାଣଧନ	୧୪୯
ଯାଉଛି ରମା ରତନ	୧୬୮
ଯଦଚ୍ଛେଗ ବାସଂ	୩୬୦
ଯେ ଦେଖିଛି ସେ ସିମାରେ	୨୧୮

ବିଷୟ	ପୃଷ୍ଠାଙ୍କ
ଯ	
ଯାହା ସ୍ୱଳଥିଲ	୨୧୯
ଯଶୋବନ୍ତୀ ମାଏ ଶୁଣ	୩୦୨
ଯିବପର	୨୪୩
ଯେବେ ନ ଆସିଲେ	୨୭୮
ଯାଅ ଗୋ ଲଳିତେ	୧୮୪
ଯାଅ ଯାଅ ମୋପାଶରୁ	୧୨୪
ଯ ଛକଅ କୁଡ ଯିବରେ	୧୯୭
ର	
ରଙ୍ଗଯାଇଛ ବୃନ୍ଦା ତ୍ରିଷ୍ଠା	୩୭
ରାସେଶ୍ୱର ପଦ	୯
ରାଧା ଗୋବନ୍ଦ ଭଜରେ	୫୦
ରାକେନ୍ଦୁ ମୁଖୀ	୫୨
ରାଧାପର ସାଖ୍ୟା ସିନାରେ	୭୩
ରେ ଭଣ୍ଡୋଷ୍ଟ	୩୨୧
ରାଧେକୃଷ୍ଣ ରାଧେ କୃଷ୍ଣ	୩୩୦
ରସବନ୍ତ ରମ୍ୟା ଆନ ଆନ	୩୩୧
ରାଧାବଂଶୀ ବଦନ	୩୨୨
ରଙ୍ଗ ଗୌରାଙ୍ଗ ଲଗେ	୩୬୧
ରାଧାକୃଷ୍ଣ ନାମ ଚିନ୍ତାମଣି	୮୪
ରସ ମାନସ ଋଧିକେ	୮୫
ରାଧା ଉତ୍କଣ୍ଠ ସଙ୍ଗାତରେ	୮୮
ରାଧେ ଶ୍ରୀ ପଦାବ୍ଜେ ଦଅ ଦରଶନ	୧୦୦
ଋଷିଇନ୍ତ ମା ଚୋଷ୍ଟ ଚନ୍ଦ୍ରମା	୧୦୩
ରସ ରସନାରେ କୃଷ୍ଣକଥା	୩୪୦
ରେ ମାନସ ଚେତନସାର	୩୭୪
ରେ ମାନସ ଚେତନସାର	୩୭୮

ବିଷୟ	ପୃଷ୍ଠାଙ୍କ
ର	
ରେ ମାନସ ଗୁରୁଆଜ୍ଞା	୩୭୭
ରମ୍ୟ ବୃନ୍ଦାବନ	୩୭୮
ରଜନୀ ବଦସ	୩୮୧
ରଜନୀ ବଦନ୍ତୁ	୩୮୩
ରାଧାସ୍ୱତ ସିନା ସଂସାରୁ ବାହାର	୨୦୦
ରେ ମାନସ ସ୍ୱାମିନୀ	୩୭୮
ରେ ମାନସ କାହାକୁ ଭଜନ୍ତୁ	୩୮୮
ରେ ମାନସ ! ଭଜରେ ଭାବକୁ	୩୯୧
ରାଧା ଗୋବନ୍ଦ ଭଜ	୨୦୩
ରସ ସରସି	୨୩୭
ରାଧେ ତୁଷିଛୁ	୨୯୩
ଲ	
ଲେଖି ଅଳନ୍ତ ଗୋ	୨୨୯
ଶ	
ଶ୍ରୀ ବୃଷଭାନୁ କୁମାରୀ	୨
ଶ୍ୟାମ ଯା ଯା ସୁହାର	୧୭
ଶ୍ରୀ ନନ୍ଦ ବୃନ୍ଦାଣୀ	୨୭
ଶ୍ରୀ ଗୁରୁ ଦଙ୍କ ତନୁ ଏବେ	୨୮
ଶୁଣାସିବ କ ସେ ଶ୍ରୀ ମୁଖରୁ	୪୮
ଶ୍ୟାମ ଅପରାଧ	୫୨
ଶୁଣ ସଜନୀ କାଲି ରଜନୀରେ	୮୪
ଶ୍ରୀ ଗୌରଚନ୍ଦ୍ର ପଦ ବନ୍ଦରେ	୧୦୧
ଶ୍ୟାମଳ ନିର୍ମଳ ଜଳଧର	୩୨୦
ଶ୍ୟାମ ମୋ ଗଳାର	୩୪୧
ଶୁଣ ପ୍ରାଣମିତ	୩୫୨
ଶଚୀନନ୍ଦନ ପାଦ ପ୍ରଦ୍ୱେ	୧୪୦

ବିଷୟ	ପୃଷ୍ଠାଙ୍କ
ଶ	
ଶ୍ୟାମକୁ ଜୁହାର	୧୪୪
ଶ୍ୟାମ ଅପବାଦ	୧୪୫
ଶୁଣ ଆରେ ମନ	୩୫୭
ଶରଧାରେ ଧାଇଁ	୩୫୯
ଶୁଣ କନା ଆରେ ମନ	୩୬୦
ଶରଧାରେ କର ମନ	୩୬୭
ଶ୍ୟାମର ଚୋର କଥା ନାହିଁକି	୧୫୪
ଶ୍ରୀ ଗୁରୁ କଳପତରୁ	୩୬୭
ଶ୍ରୀନନ୍ଦ ବୃନ୍ଦାବନ ଧାମେ	୩୬୮
ଶ୍ରୀହରି ସେନ ଶୁନା ଗୁହାରି	୧୭୭
ଶ୍ୟାମ ସର ରାଧା	୧୯୯
ଶ୍ରୀଗୁରୁ ପ୍ରବର୍ତ୍ତ ତନୁ	୩୮୭
ଶ୍ରୀରାଧା ଗୋବିନ୍ଦ ବୋଲି	୪୯୨
ଶ୍ୟାମ ସୁନ୍ଦର ମୁରଲୀ ନିନଦ	୨୩୮
ଶ୍ୟାମ କୋଇଲେ ଗୋ	୨୧୪
ଶ୍ୟାମ କମନୀୟ	୨୨୨
ଶୁଣେଗୋ କିଶୋରୀମଣି	୨୬୬
ଶ୍ୟାମବନ୍ଧୁ	୨୭୦
ସ	
ସାଜ ସାଜ ଗୋଷ୍ଠ ଚନ୍ଦ୍ରମା	୧୯
ସବୁ ଏକ ପଶୁରୀ	୩୮
ସୁରେ ଦେଇ ବନ୍ଧୁ	୫୦
ସାଜ ସାଜ ସଭସ ରୂପବା	୯୬
ସହଚରୀ ଏକା ରହିଛନ୍ତି	୯୯

ବିଷୟ	ପୃଷ୍ଠାଙ୍କ
ସ	
ସତ୍ୟ ଚୈତନ୍ୟକୁଳାବ୍ଧି	୧୧୨
ସ୍ୱପନେ ଭଲେକଲି	୧୧୮
ସେବୁଛି କେ ସେଠି	୧୨୧
ସରସିଜନ ଲୋଡ଼ ଲୋଡ଼	୩୨୦
ସପନରେ ଦେଖ ଅରେ	୩୨୭
ସେ ତନୁ ଶିଖ ସୁଷମା	୩୨୯
ସେ ଶ୍ୟାମଙ୍କ କୃପା	୩୩୨
ସଖୀ ଡାକିକ ହେବ	୩୪୯
ସରଳଶି ସୁଖ ସେନ୍ଦ	୧୯୫
ସଙ୍ଗୀମାନେ ସ୍ୱସରଙ୍ଗିଣୀ	୧୯୭
ସେ ସିନା ନୂଆ କରେ	୧୯୮
ସମଂଶ୍ରୀ ରୂପେଣ ସୁର	୩୮୯
ସରଧାରେ କର ମନ	୩୦୨
ସବୁ ପିକନ ଲୋଡ଼	୨୦୪
ସେହୁ ସେହୁ ଏ ବ୍ରଜେନ୍ଦ୍ର	୨୧୬
ସରଧାରେଧାଇଁ ଶ୍ରୀରାଧା	୨୧୧
ସନ୍ଧ୍ୟରେ ଦେଖିଲନ	୨୧୨
ହ	
ହା ଗୋଷ୍ଠ ପୁରନ୍ଦର	୧୫
ହେ ଦୁଃଖଜାଙ୍ଗ ନାହିଁ	୧୬୮
ହସି ହସି ଗ୍ରହିବା	୧୭୩
କ୍ଷ	
କ୍ଷଣଭୂଷଣ	୨୨୫

—*—

—ନିବେଦନ—

ଗୋପାଳକୃଷ୍ଣ ଗ୍ରନ୍ଥାବଳୀରେ ଯେଉଁ ସବୁ
ମୁଦ୍ରାପ୍ରମାଦ ରହିଛି ୪୦୧ ପୃଷ୍ଠାରେ
ତାହାର ଶୁଦ୍ଧିପତ୍ର ଦେଖନ୍ତୁ ।

ଗୋପାଳକୃଷ୍ଣ ଗ୍ରନ୍ଥାବଳୀ

ରାଧାଙ୍କ ସମ୍ମୁଖେ ବିଜ୍ଞପ୍ତି

(ରାଗ ଜଙ୍ଗଲା, ଆଡ଼ତାଳ)

କର କରୁଣା କରୁଣାମୟୀ ରାଧେ!
ଶରଣ ହେଲି ଚରଣାମ୍ବୁଜେ କିଙ୍କରୀ କରି ।୦।

ପ୍ରିୟ ଠାକୁ ଯିବାକୁ   ରହସ୍ୟ କୁଞ୍ଜକୁ
ଲେପନ ନବ କୁଙ୍କୁମ ପଙ୍କ ଗଉରୀ । ୧ ।

ବ୍ରଜବଧୂ ଅଙ୍କରେ   ବଜେ କଳି ବେଳରେ
ସେବଲା ପରି ମୁଁ ପୁଷ୍ପ ବ୍ୟଜନ ଧରି । ୨ ।

ମୋହନ ଦେଇ ଆନ   ଆପଣା ସମ୍ପାଦନ
ନିବେଦିଲେ ନିଯୋଗ ମୋତେ ଶ୍ରୀ ଈଶୋଶ୍ବରୀ । ୩ ।

ଦୂର ନୋହି ମୁହୂର୍ତ୍ତେ   ସନ୍ଧାରତି ସଙ୍ଗତେ
ଯାବତ ଶ୍ରୀଅଙ୍ଗ ସେବା ମୁଁ କଲିପରି । ୪ ।

ଶ୍ରୀ କଞ୍ଜାଂଘ୍ରି ସ୍ମରଣ   କରି କରି ଶରଣ
ଗୋପାଳକୃଷ୍ଣ ବୋଲେ ଯାଉ ଯା ବାହାରି । ୫ ।

—*—

ଶ୍ରୀ ବୃଷଭାନୁ କୁମାରୀଙ୍କର ପଦ ପଙ୍କଜରୁ ହୋଇ ଦୂର
କେସେ ତାଙ୍କରି ରୂପ ଗୁଣ ସୁମରି
ବିଳାପ କରଇ ନିରନ୍ତର ଯେ । ରାସେଶ୍ୱରୀ ।
ଭିନ୍ନ ହେଲି କି ମୁ ରହିଛି ପ୍ରାଣ ଧରି ଯେ ।
ମନେ ହେଉଛି ଏବେ ଦେଖିଲି ପରି ଯେ ।
ପରଂ ପଦରେ ନଥିବାର ମାଧୁରୀ ଯେ । ୧ ।
ଆଉ ଅବଲୋକିବି ନାହିଁ ପରା ଶ୍ରୀ ବ୍ରଜବଧୂଙ୍କ ନେତ୍ରକାର ।
ନିରଙ୍କ ସଂପୂର୍ଣ୍ଣ ସର୍ବଦା ପ୍ରସନ୍ନ
ଶରତ ଶଶୀ ଶ୍ରୀମୁଖ ଚୋରୀ ଯେ । ରାସେଶ୍ୱରୀ । ୨ ।
ଗୋ କୁଳ କୁଳ ଯୁବତୀଙ୍କର ଗୁରୁଚମ୍ପା ଗର୍ବ ମଞ୍ଜନର
ଲକ୍ଷେ ଲକ୍ଷ୍ମୀ ଶୋଭା ଲକ୍ଷ୍ୟ ହେବ ନାହିଁ
ପଦାବ୍ଜ ନଖ ତ୍ରିକୋଣକୁ ଯାର ଯେ । ରାସେଶ୍ୱରୀ । ୩ ।
ବ୍ରଜେନ୍ଦ୍ର ନନ୍ଦନ ପ୍ରାଣପ୍ରିୟା ସୌଭାଗ୍ୟ ବଳରେ ଅଦ୍ୱିତୀୟା
ହେମନ୍ତ ହେଲେହେଁ କୃଷ୍ଣଦାସୀ ବୋଲି
ଅଭିମାନୀ ଆହ୍ଲାଦକ ବନସ୍ଥା ଯେ । ରାସେଶ୍ୱରୀ । ୪ ।
କୃଷ୍ଣଲାଗି ସ୍ରକ ଧରି ଆସି ବୃନ୍ଦା ଜାତୁ ଉଠି ହସି ହସି
ପାଣି ପ୍ରସାରି ଯେନ ନେବେ ଲୁଆଉଁ
ଲୁଆଉଁ ପଡ଼ିଲାର ଉଲ୍ଲସି ଯେ । ରାସେଶ୍ୱରୀ । ୫ ।
ଶ୍ରୀମୂର୍ତ୍ତି ସୁଷମା ବ୍ରଜେଶ୍ୱରୀ ଯେଉଁଠାରେ ଦେଖି ହେଲେ ଧରି
ଆନନ୍ଦେ ଅଶ୍ରୁ ପୂରି ଯାଇ ନୟନେ
ଯେଣୁ ପାନ୍ତୁ ଲୋଡ଼େ କୋଳ କରି ଯେ । ରାସେଶ୍ୱରୀ । ୬ ।
ପଖା ମୁଁ ପକାଉଥିବା ବେଳେ ଗୋଷ୍ଠ ଚନ୍ଦ୍ରମା ବସାଇ କୋଳେ
ମୁଖେ ମୁଖ ଦେଇ ତାମ୍ବୁଳ ଦେବାର
ଶୋଭା ନରହିଁ ହୋଇଲା କାଳ ଯେ । ରାସେଶ୍ୱରୀ । ୭ ।
ବ୍ରଜେନ୍ଦ୍ର ପୁରକୁ ସ୍ୱାଜ୍ୟ ଦେଇ ହା ସ୍ୱାମିନି ମୋତେ ପଠାଇ
ଲେଉଟିବା ଯାଏ ଅନାଉ ଥିବାର
ପୁର ପ୍ରାଙ୍ଗଣରେ ଉଭା ହୋଇ ଯେ । ରାସେଶ୍ୱରୀ । ୮ ।
ବାହୁଡ଼ି ମୁଁ ଅଇଲି ବେଳକୁ ହସିଲି ହୋଇ ଆସି ରହକୁ

ଫଗୃରୁ ପ୍ରାଣେଶ ସମସ୍ତ ମୁଁ କହି
ଦିଅଇ ଚଟାଉ ଶ୍ରୀହସ୍ତକୁ ଯେ । ରସେଶ୍ୱରୀ । ୯ ।
ନାମ ନ ଧରି ପ୍ରାଣ ଶଂକର   ପଛେ ଚାଲି ଯାଇ ଡାକଲାର
ପୁଣି ଶୁଣିବାକୁ ବନ ବଜାରରେ
ମୋହନ ଭୁନାଇ ହୋଇବାର ଯେ । ରସେଶ୍ୱରୀ । ୧୦ ।
କୁଞ୍ଜ ବଟକଳ ବାଟିକାରେ   ଅଳି କ୍ରୀଡ଼ା ଭୂମି ଶ୍ରୀ କନ୍ଦରେ
ପାଣି ଦେଇ ପ୍ରିୟ ଚାହୁଁ ଜାଣି ତାଙ୍କ
ନେତ୍ର ବୁଜିବାର ଶ୍ରୀ ହସ୍ତରେ ଯେ ରସେଶ୍ୱରୀ । ୧୧ ।
ପ୍ରିୟ ସ୍ୱନକ୍ଷତ୍ର ପୂଜାଦିନ   ନନ୍ଦ ପୁରେ ନବ ବଧୂଜନ
ପୂରଥିଲେ ବ୍ରଜ ବନ୍ଧୁଙ୍କୁ ବନ୍ଦାଇ
ଯିବା ସମୟରେ ସୁପ୍ରସନ୍ନ ଯେ । ରସେଶ୍ୱରୀ । ୧୨ ।
ତୋଳ ମନ୍ଦାକ୍ଷରେ ଅର୍ଘ୍ୟସ୍ଥାଳୀ   ବନ୍ଦାଇ ପ୍ରିୟଙ୍କୁ ନେତ୍ର ଡାଳି
ସମୁଦ୍ର ଉଚ୍ଛୁଳିଲା ପରି ଶୁଭିଲା
ବ୍ରଜବାଳୀ ଦେଲେ ହୁଳହୁଳି ଯେ । ରସେଶ୍ୱରୀ । ୧୩ ।
ଆଉ କେତେ କୋଟି ଜନମରେ   ବିଲୋକିବି ନେତ୍ର ଯୁଗଳରେ
ପୌର୍ଣ୍ଣମାସୀ ଆଜ୍ଞା ଚାହିଁ ବୁଡ଼ିଗଲେ
ସ୍ନେହ ସୁଖ-ସୁଧା ବାରିଧିରେ ଯେ । ରସେଶ୍ୱରୀ । ୧୪ ।
ଢଙ୍କେ କରିଯାଇ ନିକୁଞ୍ଜକୁ   ବଳେ ପ୍ରିୟ ନେଇ ହୃଦୟକୁ
ସେସେ ବସ୍ତ୍ର ପଦ ଧୂଳି ପୋଛି ଯାଉ
ମୁଁ ଆଗ ହୁଅନ୍ତ ମୋହନଙ୍କୁ ଯେ । ରସେଶ୍ୱରୀ । ୧୫ ।
ହାର ଗୁନ୍ଥିବାକୁ ନିଡ଼ାନ୍ତରେ   ଠାରି ଡାକି ମୋତେ ମସ୍ତକରେ
ମୁକ୍ତାମଣି ଯାକ ସେପ୍ ଗୋଟିଆଇ
ଦୁହେଁ ଦେବାର ମୋ ଅଞ୍ଜଳୀରେ । ରସେଶ୍ୱରୀ । ୧୬ ।
ଆପଣାକୁ ଚାହିଁ ଏକାକରି   ସୁଷ୍ଟା ବନ୍ଧନେ ବଂଶୀଧାରୀ
ଆଶ୍ଳେଷ କରି ଶ୍ରୀମୁଖେ ଚୁମ୍ବଦେଇ
କହିବାର ହସି ସରି ସରି ଯେ । ରସେଶ୍ୱରୀ । ୧୭ ।
ଦାନ କେଳିରେ ବ୍ରଜେନ୍ଦ୍ର ସୁତ   ପଛରେ ଯାଇ ଧରୁ ପଣନ୍ତ
ପ୍ରଣୟ ରୋଷ ହାସ ଭୂରୁ କୁଞ୍ଚ
ହୋଇଥାଇ ବାଣୀ ବର୍ଣ୍ଣ ଲୁପ୍ତ ଯେ । ରସେଶ୍ୱରୀ । ୧୮ ।

ଓଟାର ହୋଇ ପଛକୁ ଆସ୍ୟ ବୁଲାଇ ଛଡାଇ ବାସ ଶେଷ
ଲୁଚବାକୁ ଗୋବର୍ଦ୍ଧନ କନ୍ଦରରେ
ନେଇ ମୁଁ କରଇ ପରବେଶ ଯେ । ରାସେଶ୍ୱରୀ । ୧୯ ।

ସୂର୍ଯ୍ୟାର୍ଚ୍ଚନ ଲାଗି ବ୍ରହ୍ମ ବେଶ ହୋଇ ଆସିଥାନ୍ତ ପ୍ରାଣଈଶ
ପୂଜା ବଡ଼ ଓଳଗ ବୋଲୁ କହିଲା ।
ଜଳ୍ପାର ହେବାର ହସ ହସ ଯେ । ରାସେଶ୍ୱରୀ ।୨୦ ।

ଦେଖ ବୋଲି ବୃନ୍ଦା ବଧୂପାଣି ଛଦ୍ମ ବଟୁକରେ ଦେଉ ଆଣି
ହାତଧରି କହୁ ଲଳିତା ପଛରେ
ଥରେ ଉଭା ହୋଇବାର ଠାଣି ଯେ । ରାସେଶ୍ୱରୀ । ୨୧ ।

ସମନାଙ୍କ ଜଣେ ସର୍ବାଂଶରେ ଯାହାଙ୍କୁ ଗୋଲକ ପର୍ଯ୍ୟନ୍ତରେ
ତେମନ୍ତ ବ୍ରଜେନ୍ଦ୍ର ସୁତ କହୁଛନ୍ତି
ଗୃହୁଁ ଯା ପଦାବ୍ଜ ଦାସୀଠାରେ ଯେ । ରାସେଶ୍ୱରୀ । ୨୨ ।

ପ୍ରିୟ ସ୍ୱନନ୍ଦନ ପୂଜାଦନ ଜନନୀ ଗୃହକୁ ଯିବାଦନ
ଆଳୀ-ନକ୍ଷତ୍ରାବଳୀରେ ପୂର୍ଣ୍ଣ ଚନ୍ଦ୍ର
ଚାଲିଗଲା ପରି ଶୋଭାବନ ଯେ । ରାସେଶ୍ୱରୀ । ୨୩ ।

ଯାଇ ପିତାମାତା ଚରଣରେ ପ୍ରଣମିତ ହେଉ ଧରଣୀରେ
ଦୁହେଁ ତୋଳୁ ତୋଳୁ ଯାହା ହେଉଥାନ୍ତ
ସୁଖ, ଶୋକ, ସ୍ନେହ ବାତ୍ସଲ୍ୟରେ ଯେ । ରାସେଶ୍ୱରୀ । ୨୪ ।

ସୁତ୍ରାମାମଣି ପ୍ରତିମା ପରି ହୋଇଥାନ୍ତ ରୂହିଁ ବଂଶୀଧାରୀ
ଚରଣ ନୂପୁର କ୍ୱଣନରେ ଆହା
ଆହା ରାଜ ଉଠେ ସଖୀପୁରୀ ଯେ । ରାସେଶ୍ୱରୀ । ୨୫ ।

ଆହା ସେ କାଳ ଲଳନା ଯାକ ଭ୍ରମିଲେ ରହିବ କା ବବେକ
ନଣି ପ୍ରାପ୍ତି ହେଲା ପରି ମଣୁଥାନ୍ତ
ବୃଷଭାନୁ ପୁରଜନ ଯାକ ଯେ । ରାସେଶ୍ୱରୀ । ୨୬ ।

ତାମ୍ବୁଲ ଯୋଗାଉ ସପ୍ରମାଦେ ଡାଳି ତୋଳା ପ୍ରାଣନାଥ ପାଦେ
ଲଜ୍ଜ ହର୍ଷ ମିଶା ଶ୍ରୀ ମୂର୍ତ୍ତିଙ୍କି ଦେଖି
ମଜ୍ଜିଲି ନାହିଁ ମୁଁ ଆନନ୍ଦରେ ଯେ । ରାସେଶ୍ୱରୀ । ୩୦ ।

ନାଟ୍ୟ ଚମତ୍କାର ଯାକ କଳା ନର୍ତ୍ତକ ସାମନ୍ତ ବନମାଳୀ

ଭ୍ରମ ଗୃହ୍ନି ଆପଣଙ୍କୁ ହୃତପଦ୍ମେ
ଧରିବାର କରପଦ୍ମେ ଭୋଳ ଯେ । ରସେଶ୍ୱରୀ । ୩୧ ।

ବାଞ୍ଛୁ ନିଜ ପୀତବାସ ଶେଷେ   ବ୍ୟଜନ ଭ୍ରମର ଝୁରି ପାଶେ
ସମୁଦ୍ର ତରଙ୍ଗ ପରି ପଡୁଥାଇ
ବଳେଇଲୁ ଥାଇ ମୁଁ ସହରଷେ ଯେ । ରସେଶ୍ୱରୀ । ୩୨ ।

ଶ୍ରୀ ବୃନ୍ଦାବନେ ପଞ୍ଚାଭିଷେକ   ହେବା ଦିନ ମହୋତ୍ସବ ଯାକ
ଶେଷରେ ନିଃଶେଷ ହେବାକ ସେକଥା
ଶୁଣି ଖରିଗଲା ବ୍ରହ୍ମଲୋକ ଯେ । ରସେଶ୍ୱରୀ । ୩୩ ।

ଶଙ୍ଖ ଚୂଡ଼କୁ ସଂସାରୁ ହରି   ଆସୁ ଭୟେ ତାଙ୍କ କଣ୍ଠଧରି
ହୃଦେ ଲାଗି ରହି ଯିବାର ସୁଷମା
ଏବେ ଈକ୍ଷଣେ ରହିଛି ପୂରି ଯେ । ରସେଶ୍ୱରୀ । ୩୪ ।

ଥାଉ ଆଉ ଯାକ ପାଶେ ଆଳୀ   ପୂରି ବସିଥାନ୍ତି ଶିରି ଗୃଳ
ଠାରି ତାଙ୍କ ମୁଖୁ ଚର୍ବିତ ତାମ୍ବୁଳ
ଦେବାର ମୁଖ ଚନ୍ଦ୍ରମା ଭୋଳ ଯେ । ରସେଶ୍ୱରୀ । ୩୫ ।

ସ୍ୱ କିଂକରୀ ଜନବତ୍ସଲତା   କରିବେ କି କୋଟି ଜନମ ତା
ଆପଣା ଅନୁଭବ ଶେଷ ଯାବତ
ଦତ୍ତ କରିବାର ଶେଷ ବଦାନ୍ୟତା ଯେ । ରସେଶ୍ୱରୀ । ୩୬ ।

ରହନ୍ତୁ ଇତର ବ୍ରଜବାଳୀ   ଯାଗୁଣ ସୁନ୍ଦର ପଣ ଭାଳି
ସପୁଲକ ହୋଇ ମଜ୍ଜି ଯାଉ ଥାଇ
ଶୁଣି ପରପନ୍ନୀ ଚନ୍ଦ୍ରାବଳୀ ଯେ । ରସେଶ୍ୱରୀ । ୩୭ ।

ଥିଲେ ମୁଁ କି ଅପରାଧ କରି   ଭୁଗ୍ରୁକୁ ହେଲେ ମାଇଲା ପରି
ଶ୍ରୀକର ରୋଳ ପୁଣି ହସିଦେବାର
ସୁମରି ହେଉଛି ପ୍ରାଣ ଘାରି ଯେ । ରସେଶ୍ୱରୀ । ୩୮ ।

ଜନମୀ ଗୃହରେ ସ୍ଫୁଟ କରି   ହା ସ୍ୱାମିନି ମୋର ନାମ ଧରି
ତାଙ୍କ ପଶୁରୁ ପ୍ରାଣନାଥ ସମସ୍ତ
କହୁ ତୋଷି ଦେବାର ମାଧୁରୀ ଯେ । ରସେଶ୍ୱରୀ । ୩୯ ।

ନିଭୃତ କୁଞ୍ଜ କୁସୁମ ଶେଯେ   କଲା କାଳେ କାନ୍ତ କୋଳେ ବଳେ

ବାଣୀ ମୁଁ ବଜାଉ ପଦ୍ମତ ହୃଦରେ
ହସି ଧରିଥାନ୍ତୁ ପ୍ରିୟ ଭୁ ଯେ । ରାସେଶ୍ୱରୀ । ୪୦ ।

ଆହା କି ମୋହର ସୁଦଇବ   ପୂର୍ବର ସେ ଭାଗ୍ୟ ଲେଉଟିବ
ବିଲୋକିବି ପ୍ରାଣନାଥଙ୍କ ଅଙ୍କରେ
ହରଷାଶ୍ରୁ ନେତ୍ରେ ପୂରିଯିବ ଯେ । ରାସେଶ୍ୱରୀ । ୪୧ ।

ଆସ ଆସ ବୋଲି ହସି ହସି   ଡାକୁ ତନୁ ପଡ଼ିବ ଉଲ୍ଲସି
ସାଷ୍ଟାଙ୍ଗେ ଦୁହିଁଙ୍କ ପଦାବ୍ଜେ ଲୋଟିବି
ତୋଳିବେ ଶ୍ରୀହସ୍ତେ ଆଶ୍ୱାସି ଯେ । ରାସେଶ୍ୱରୀ । ୪୨ ।

ସଚେତ କି ଶ୍ରୀମୁଖ ବିଲୋକିବି   ପୀୟୂଷ ଦୃଷ୍ଟିରେ ଗାଧୋଇବି
ଚିରକାଳ ଚରଣାବ୍ଜର ବିଚ୍ଛିତି—
ଉଦ୍ରବାନ୍ତି ହୋଇ ଲଭାଇବ ଯେ । ରାସେଶ୍ୱରୀ । ୪୩ ।

ବୃଷଭାନୁ କୁଳ-କୀର୍ତ୍ତିଲତା   ପୌର୍ଣ୍ଣମାସୀଙ୍କ ସର୍ବସ୍ୱଭୂତା
ବୃନ୍ଦାବନ ପ୍ରଣୀ ପ୍ରାଣ ହା ସମସ୍ତ
କାନ୍ତ କୁଳଧିସ୍ୱାଧୀ ଦେବତା ଯେ । ରାସେଶ୍ୱରୀ । ୪୪ ।

ଶ୍ରୀ ଗୋବନ୍ଦ ସର୍ବାର୍ଥ-ସାଧିକେ   ଗୋପୀ ପ୍ରେମରତ୍ନ ମଞ୍ଜୁଷିକେ
ଶ୍ରୀ ବ୍ରଜେଶ୍ୱରୀଙ୍କ ବାତ୍ସଲ୍ୟ ବସତି
ହା ଶ୍ରୀ କୀର୍ତ୍ତିଦା ନେତ୍ର ତାର କେ ଯେ । ରାସେଶ୍ୱରୀ । ୪୫ ।

ଆହା ରାମଲାସ୍ୟ ସଖୀଷାରେ   ମଦନ ମୋହନ ସମକ୍ଷରେ
ଅଗାଧ ବ୍ୟଞ୍ଜକ ସୁଭୂଷା ଝଲକ
ଆହା ମନୋଭାବ ସ୍ୱ ରୂପରେ ଯେ । ରସେଶ୍ୱରୀ । ୪୬ ।

ଲଳିତାଂଘ୍ରିରେ ଓଲଟି ହେଉ   କରୁଣା ଗୁଣେ କରେ ଉଠାଉ
ଭବ ଅନ୍ଧକାର କୂପର କଦନ
ସ୍ୱପନରେ ନବଶିବ ଆଉ ଯେ । ରାସେଶ୍ୱରୀ । ୪୭ ।

ଦଣ୍ଡବତ ହୋଇ ବଣାଖାଙ୍କୁ   ଜୁହାରିବ ପ୍ରଭୁବରଙ୍କୁ
ରୂପ ମଞ୍ଜରୀ ପଦେ ପଡ଼ି ଲଭିବ
ସେବା ଚିନ୍ତାମଣି ରତନକୁ ଯେ । ରାସେଶ୍ୱରୀ । ୪୮ ।
ଦୟାମୟୀ ପଣେ ଦଣ୍ଡିବର   ଶ୍ରୀପଦ ପଙ୍କଜ ସେବାମୋର

ଗୋପାଳକୃଷ୍ଣ ଜଣାଉଛନ୍ତି ଦର୍ଶନେ
ତୃଣ ବଂଶୀ କୋଟି କୋଟି ବାର ଯେ । ରାସେଶ୍ୱରୀ । ୨୯ ।

—*—

(ରାଗ-ମାୟା ମାଳବ ଗୌଡ଼ା । ରୂପକ-ତାଳ)

ଉଠିଲୁ ଏତେ ବେଗି କାହିଁକରେ ଦୁଃଖିଧନ !
ଦଧି ମନ୍ଥାଇ ଦେବୁ ନାହିଁକ ରେ । ପଦ ।

ଦେହ ପାସୋରି ଦଣ୍ଡେ　　ନିଦ୍ରାଗଲୁ ଏତେ
ବଟୋଳ ହେଲୁ ମୋର ପାଇଁକରେ । ୧ ।

ଖେଳରୁ ଶ୍ରମ ଭୁଲେ　　ପଛେ ସ୍ୱସ୍ତି ପାଇଲେ
ଶୁଆଇ ଦେବ ଗୀତ ଗାଇକ ରେ । ୨ ।

ମନ୍ଥିବି ମୁଁ କେମନ୍ତ　　ଖୁଆ ଦଣ୍ଡରୁ ତାତ
ଛାଡ଼ ଦେଉଛି ସର ଖୋଇକ ରେ । ୩ ।

ଆହାଏକ ପ୍ରମାଦ　　ଛନ୍ଦନା ବାବୁ ପାଦ
ଡାକ ଯା ବଳରାମ ଭାଇକରେ । ୪ ।

ମନ୍ଥନ ଘଟେ ହାତ　　ପୂରାଇ ନବନୀତ
କାନ୍ଦୁ ବୋଲନ୍ତି ହେଲୁ ବାଇକରେ । ୫ ।

ଭୃଙ୍ଗ ହାତଟା ଖାଇ　　ନାଚୁଛୁ କାହିଁ ପାଇଁ
ଶିଖିଥିବୁ ନଚ୍ଚୁହାଁ ଗୁଇକରେ । ୬ ।

ଗୃହକୃତ୍ୟ ପକାଇ　　ବସିଥିବ ଏକାଇ
ନିଶିଦିନ ତୋତେ କାଖେଇ କରେ । ୭ ।

ପଣନ୍ତରେ ବଦନ　　ପୋଛିଦେଲେ ଚୁମ୍ବନ
ଗୋପାଳକୃଷ୍ଣ ଚିନ୍ତାଇ ଦୁହିଁକିରେ । ୮ ।

—*—

ରାଗ-ମାୟା ମାଳବ ଗୌଡ଼ା

(ମିଶ୍ର ରୂପ)

ଏଥରକ ଶ୍ୟାମ ଦୋଷରେ ଷମାରେ । ପଦ ।

ପଦତଳେ ପଡ଼ ଯାଉଛନ୍ତି ସଡ଼ି
ତୋଳହେଲେ ଶ୍ରୀମୁଖ ଚନ୍ଦ୍ରମାରେ । ୧ ।

ନ ଘୋଡ଼ା ଶ୍ରବଣ କହୁଛନ୍ତି ଶୁଣ
କୃପାନିଧି ବୃଷଭାନୁ ଜେମାରେ । ୨ ।

କେତେ ଥର ସହି ଯାଇନାହୁଁ ସହି
ଅପରାଧ ତକ ଯେଣି ପ୍ରେମାରେ । ୩ ।

ପଶୁଚ ନଗରୀ ଶିଖି ସିବସର
ନରୁହିଁଲେ କେଶରୀ ମଧମାରେ । ୪ ।

ଗୋପାଳ କୃଷ୍ଣ ସେ ସମୟରେ ଭାଷେ
ଅର୍ଥ ହୋଇ ଗଲଣି ଯୀଯାମା ରେ । ୫ ।

—*—

ରାଗ ପାନ୍ତ ବରାଡ଼ି—ମିଶ୍ର ରୂପତାଳ

ଭଜ ମନ ବ୍ରଜବନ ଦ୍ୱିଜରାଜଙ୍କୁ
ଅଜ ଶେଷ ଭବ ବନ୍ଦ୍ୟ ପଦପଙ୍କଜକୁ । ପଦ ।

ନେତ୍ରେ ରଂଜି ଦିବ୍ୟାଞ୍ଜନ ପ୍ରେମରେ କର ଲୋକନ
ବନ୍ଦେ ବଂଶୀ ହୃଦେଶ୍ବରୁ ଗୁଂଜ ସ୍ରଜକୁ । ୧ ।

ଅମ୍ବୁଜ କୁଟୁମ୍ବ କନ୍ୟା ପ୍ରତୀର କଦମ୍ବ ବନ୍ୟା
ନଭଚର ରାଧାସ୍କନ୍ଧ ନ୍ୟସ୍ତ ଭୁଜକୁ । ୨ ।

ପଶୁପୀ ନକ୍ଷତ୍ରା ବଳୀ ହୋଇ ସର୍ବସ୍ୱ ମଣ୍ଡଳୀ
ସ୍ୱାଜନ୍ତନ୍ତି ହୁର ପରାଜୟ ସଜକୁ । ୩

ଅଖିଳ ରସ ଶ୍ରୀମୂର୍ତ୍ତି କୋଟିଏ ମଦନ ଦ୍ୟୁତି
ଅନାବେନବ ଶ୍ରୀଖଣ୍ଡ ଚୂଳ ଧ୍ୱଜଙ୍କୁ । ୪

ଶ୍ରୀପ୍ରତାପ ରୁଦ୍ର ଦେବ ଭାଷନ୍ତି ସନ୍ତତ ଭାବ
ଧର ଜନ୍ମାନ୍ତର ଅହଂ ତମ ପୁଞ୍ଜକୁ । ୫ ।

———

(ପୋଇବାଣୀ)

ରାସେଶ୍ୱରୀ ପଦ ସରୋରୁହ ଦାସୀ
କରେ କଳାପକେ ବଞ୍ଚି ଉରେ ବସି । ୧
ଆହା ଶ୍ରୀବୃନ୍ଦାରଣ୍ୟ ଚନ୍ଦ୍ର ବର୍ତ୍ତିନୀ
ଆହା ବ୍ରଜ ବଧୂ ପ୍ରାଣ ପ୍ରଣୟିନୀ । ୨ ।
ଆହା ଶ୍ରୀନନ୍ଦସୁତ ନୀକଂଜ ଗୃହିଣୀ
ଆହା ଶ୍ରୀ ପରମାନଂଦ ସ୍ୱରୂପଣୀ । ୩ ।
ହା ସ୍ୱାମିନୀ କରୁଣା ବରଣାଳୟେ
ଆହାସବରମା ରମାଜନ ଶ୍ରେୟେ । ୪ ।
ଆହା ଗୋପୀ ପ୍ରେମରତ୍ନ ମଂଜୁଷିକେ
ଆହା ସ୍ୱାଧ୍ୱୀ ଶିରୋମଣୀ ଶ୍ରୀରାଧିକେ । ୫
ପରିତୃପ୍ତ ବହ୍ନିଲାରେ ଜଣେ କେହ୍ନି
ଆହା ପରମପଦରେ ଭୁଲ ନାହିଁ । ୬
ଏହ୍ନି ଯେନ କହୁଛି ସତତ ଆଶା
ଲେଉଟିବ ବୋଲି ମୋର ଶୁଭଦଶା । ୭
ହେଲେ କର ପର ପରାଧିନୀ ମୁଁ ସହକେ
ରାଧେ କ୍ଷମା କାରାନଧି ଆପଣ ଯେ । ୮
ମୋର ମଉଳୀ ଭୂଷା ଶ୍ରୀପଦତଳ୍ପ
ଆହା ଦୂର ହୋଇଗଲୁ କେତେ କାଳୁ । ୯
ବ୍ରହ୍ମ ବୟସରୁ ଅଧେ ସରିଗଲା
କୃପା କଟାକ୍ଷ ଲବ ନ ପ୍ରସରିଲା । ୧୦
ପଦ ତଳରେ ଶରଣ ଆଜନମୁଁ
ରକ୍ଷିଥିଲାର ନରେଖ ଜନେ ମୁଁ । ୧୧
ସ୍ୱକିଂକରୀଙ୍କର ପରିତ୍ୟକ୍ତ କର
ଦରଶନ ଦଅହେଲେଶ୍ରୀ କଶୋଶ୍ୱ । ୧୨
ତ୍ରି ଅନ୍ୱେଜନ କାଳକୂଟ ଅଗ୍ନି
ଢାଡ ହେ ସ୍ୱାମିନୀ ଦେହ ନାହିଁ । ୧୩

କୃପା କଟାକ୍ଷ ପିୟୂଷ ଲବ ସିଂଚ
ଲକ୍ଷ ଦନ୍ତେ ତୃଣିଧରି ଜଣାଉଛୁ । ୧୪
ଦେଖିବାର ଥାଉ ଦୁଃଖ ଶୁଣିଲେତ
ସେହି କ୍ଷଣି ଆର୍ଦ୍ର ହୋଇଯିବା ଚିତ୍ତ । ୧୫
ଏତେ ଜଣାଇଲେ ଶୁଣି ନ ଶୁଣିଲା ପରି
ହେବ ବୋଲି ମୋ ମନେ ନଥିଲା । ୧୬
ପିତା ପୁତ୍ରଙ୍କୁ ପଠାଇ ଏକାମୋତେ
ପଥ ଜନଙ୍କୁ ପଚ୍ଛୁରୁ ଥାଅ କେତେ । ୧୭
ଆହା କାହିଁ ଖାଇଗଲା ତେତେ ଲୋଭ
ଦେଖିବାକୁ ଶ୍ରୀମୁଖ ହେଲା ଦୁର୍ଲଭ । ୧୮
ମୋର କୁତ୍ସାଯାକ ସହିଁ ହରଷରେ
କେତେ ତୋଷ ହେବାର ସେ ମୋ ସେବାରେ । ୧୯
ଅଗୁଳା ଗୁଚ୍ଛ ଉଲାଗି ମାଳା ମୋତେ
ଡାକି ଆଗ କରି ଦେବାର ସେ ହାତେ । ୨୦
ଦାସୀ ହେଲେ ଅନୁଜା ପରଏ ପାନ
ଶ୍ରୀ ମୁଖରୁ ମୁଖେ ଦେଇ ନାଗବଲ୍ଲୀ । ୨୧
ଆହା କୃଷ୍ଣ ଧନୁ କୁଳ-କୀର୍ତ୍ତି-ବଲ୍ଲୀ
ଗୁଣିବି ମୁଁ ଗୁଣଯାକ କେତେ ବୋଲି । ୨୨
ଆହା କାବ୍ୟ ପଢ଼ାଇବା ସୁଚତୁରୀ
ବୀଣା ବାଜଣି ଶିଖାଇବା ମାଧୁରୀ । ୨୩
ଧାତୁ ଚିତ୍ରରେ କି ମାଳା ଗ୍ରନ୍ଥନରେ
ପ୍ରବର୍ତ୍ତାଇବାର ବସାଇ ପାଶରେ । ୨୪
ବୈଜୟନ୍ତୀ ଗୁନ୍ଥିଲାର ବେଳେ ମୋତେ
ଧୀରେ ଗୀତ ଶିଖାଇ ବାର ସେ କେତେ । ୨୫
ଆହା କେତେ କଥା ମାନ ସେ ପଡ଼ୁଛି
ବାସ ବଢ଼ାଇବାର ମୁଁ କରି କୁଞ୍ଚ । ୨୬
ଅଂଗ ସୁବାସ ସଂଭୃତ ଲୂଟବାସ
ତୋଳି ଧରି ହେଉଥାଇ କି ସଂତୋଷ । ୨୭

ଘ୍ରତ୍ତ କର ଉତ୍କଣ୍ଠା   ଶ୍ରୀଖଣ୍ଡ ମଳ
ହୃଦେ କି ସୁଖେ ହେଉଥାଇ ମୁଁ ବୋଳ । ୨୮

ଅଭିସାର କାଳେ   ଘନ ତମସୀରେ
କର ପଇଠ ଦେଲାର ମୋ ଚରମରେ । ୨୯

ଧୋଇ ପଦାବ୍ଜ   ପୋଛୁ ମୋ ପଣନ୍ତରେ
କରଭର ଦେଲାର ମୋ ଚରମରେ । ୩୦

କେଉଁ ଜନ୍ମରେ   ଆଉ ମିଳିବ ତାହା
ଆହା କେହ୍ବ ହେଲେ ହେଲେ ନାହିଁ ସାହା । ୩୧

କେଣେ ଘରି ଯାଇ   ଥିଲେ ଆଣି ଲେଉଡ଼ି
ଆହା ଲଳିତାଙ୍କ ପଦ ତଳେ ପଡ଼ି । ୩୨

ସେହି ପ୍ରାଣନାଥଙ୍କର   କେତେ କଥା
ଜଣାଇ ମୁଁ ଛଡ଼ାଉଥିଲି ହୃଦ ବ୍ୟଥା । ୩୩

ଥରେ ହେଲେ ସେ   ସ୍ମରଣା କଲେ ନାହିଁ
ଆହା ଭୁଲି ହେଲେ ପଦେ ନ ଜଣାଇ । ୩୪

କେବେ ସ୍ୱାମିନୀ   ମୋପରେ ହେଲେ କୋପ
ବହୁଥିବାର ଦେଖି ନୟନୁ ବାଷ୍ପ । ୩୫

ଦୟାମୟୀ ଶ୍ରୀଲଳିତା   କ୍ରୋଧ କରି
ଯେନ ଯାନ୍ତୁ ସେ ଶ୍ରୀମୁଖରୁ ହାତ ଧରି । ୩୬

ଆହା ତେମନ୍ତ   ମମତା କେଣେ ଗଲା
ମୋ ଅଦୃଷ୍ଟକୁ ପୀୟୂଷ ମାର ହେଲା । ୩୭

ଆହା ବଣାଖେ   ବାଞ୍ଛା କଳପ ବଲ୍ଲି
ପଦଦ୍ୱୟାରୁ ହେଲ ଯେ ଦୂର କରି । ୩୮

ଆହା ଉଚ୍ଛିଷ୍ଟ ପାତ୍ର   ମୁଁ ଧୋଇବାକୁ
ବାହ୍ୟା ଗାରକୁ ହେଲେ ମାର ନେବାକୁ । ୩୯

ସେବା ଶିକ୍ଷା ଗୁରୁ   ଶ୍ରୀରୂପ ମଂଜରୀ
ଆହା ନ ଲୋଡ଼ିଲେ ହେଲେ ମନ କରି । ୪୦

ଆହା ରସ ଲାସ୍ୟ   ରସ ସୁପଣ୍ଡିତା
ଆହା ଘୋଷ ଯୋଷାଙ୍କ ଲଲାଟ ଶିରା । ୪୧

ଆହା ଅପାର କରୁଣା ଅକୂପାର
ବୋଲି ବ୍ରହ୍ମାଣ୍ଡେ ଡ଼ାକ ବାଜୁଛି ଯାର । ୪୨
ମୋହ ଛୁର ଲାଗି ହେବ କି ଅନ୍ୟଥା
ବ୍ରଜ ପୁରେ ସୁଚରିତ ଯାର କଥା । ୪୩
ମୋ ଅଜଣାରେ ଗୋପେନ୍ଦ୍ରଙ୍କର ଭୁଲେ
କୁଂଜେ ଲୁଚିଥିଲେ କ୍ଷଣେ ନ ଦଶିଲେ । ୪୪
ବୃନ୍ଦାଟବୀ କୁଂଜଯାକ ବୁଲି ବୁଲି
କେତେ ଶୋକ କରୁଥାଇ ମୁଁ ମୂର୍ଚ୍ଛିଲି । ୪୫
ମୋର ପଛେ ପଛେ ଆସି କୃପାମୟୀ
ଆସ ଆସ ବୋଲି ଧୀରେ ଡ଼ାକ ଦେଇ । ୪୬
ଦେଖି ନୟନେ ନୀର ସ୍ୱ ଅଞ୍ଚଳରେ
ପୋଛି ଦେଲେ ନେବାର ଯେ ବଦନରେ । ୪୭
ଆଳୀ ସରିକ ଅଜଣା ସେବା ଯାର
ଆହା କେମନ୍ତ କଂକଣୀ ହେଲା ଦୂର । ୪୮
ଆଉ କେସେ ଦେନବ ହୃଦର ଦୁଃଖ
କାହାର ନୋହି ହୋଇଲ ଯେ ନରେଖ । ୪୯
ହେ ଶ୍ରୀ ବୃନ୍ଦା ବନାଧୀଶ ପ୍ରାଣେଶ୍ୱରୀ
ଗାଵ ଯାଉତୁମ୍ଭ ନାମ ଧରି ଧରି । ୫୦
ବୃନ୍ଦାରଣ୍ୟରେ ପୁଷ୍ପାବଚୟନରେ
ଆଳୀ ରହିଥିଲା କାଳେ ଦୂରେ ଦୂରେ । ୫୧
ଫୁଲ ତୋଳି ତୋଳି ପ୍ରିୟ ପ୍ରୀତି ଗୀତ
କରି କହଉ ହେବାର ପୁଲକିତ । ୫୨
ଜାଗି ବଣାଖା ବାଣୀ ଶବଦାଇଲେ
ଲଟେ ରହିବାର ବ୍ରଜବଧୂ କୋଳେ । ୫୩
ଆଉ ଅଖି ଦେଖିବ ସେ ମହୋତ୍ସବ
କ୍ଷଣ କ୍ଷଣକୁ ଆହା ନୂତନ ଭାବ । ୫୪
ପିତା ପୁରେ ପୁଷ୍ପ- ମଣ୍ଡପରେ
ଦୋଳା ପଡ଼ଞ୍ଚାଇ ବସି ସ୍ୱଚ୍ଛନ୍ଦରେ । ୫୫ ।

ହୃଦେରମଣଙ୍କ ଭାବ ଅବଧରି
ଆହ୍ଵାଗୀତ ଗାଇବାର କି ମାଧୁରୀ । ୫୬ ।
ଶୁଣି ପାଶ ପଡ଼- ଶାର ଯେତେଜନ
ସ୍ତମ୍ଭପରି ରହିଥାନ୍ତି ତେଜି କର୍ଣ୍ଣ । ୫୭ ।
କୋଇଲି କୋଇଲି ହେଉଥାନ୍ତି ରାଧା ପରି
ଗୁଣ ସୁନ୍ଦର ପଣେ କେ ହେବ ସରି । ୫୮ ।
ଇନ୍ଦୁ ଉଦୟ କାଳର ସିନ୍ଧୁବତ
ଶୁଣି ହୃଦ ହେଉଥାଇ ଉଚ୍ଛଳିତ । ୫୯ ।
ନବ ତରୁଣୀମା ଲକ୍ଷ୍ମୀ ସନ୍ତତରେ
ସେବ ରହିଛି ନ ଚଳି ପଦାବ୍ଜରେ । ୬୦ ।
ବ୍ରଜ ଜନଙ୍କୁ ସହଜ ବନ୍ଧୁ ପରି
ଯୋଗାଉଛି ଯା ବନସ୍ଥ ସୁମାଧୁରୀ । ୬୧ ।
ଯେଉଁଠାରେ ବିଲୋକିଲେ ଗୁରୁଜନ
ଆହା ନେଉଥାନ୍ତି କେତେ ନିର୍ମଞ୍ଛନ । ୬୨ ।
ଓଲଗିଲେ ଚିରଂଜୀବ ହୁଅ ବୋଲି
ବୋଲୁ ନେତ୍ରୁ ସ୍ନେହେ ଅଶ୍ରୁପଡେ ଝରି । ୬୩ ।
ବଜେ କଲେ ସାରୀ ପଞ୍ଜୁରୀ ପାଶରେ
ସେ ଡାକିବାର ଶୁଣିଛି ଯା ଶ୍ରୁତିରେ । ୬୪ ।
ଆଗୋ ମା ବୋଲି ଜାଉଁଦା ବୃଷଭାନୁ
ଡାକିଲାର ସେ ଡାକ ନଯାଏ ମନୁ । ୬୫ ।
ହା ସ୍ୱାମିନି ଅନଙ୍ଗ ମଞ୍ଜରୀ ଡାକ
ବାର ବାର ଡାକନ୍ତି କି କରି ଡାକ । ୬୬ ।
ଅପ ପଦାନ୍ତେ ଆକାର ଯୁକ୍ତ କରି
ଡାକିଲାର ହୃଦ ହେଉଛି ଯେ ଝାରି । ୬୭ ।
କେତେ ତୋଷ ହେଉଥାଇ ଶୁଣି ମନ
ହା ଦୁର୍ଦ୍ଦଇବ କରି ଦେଲୁ ସ୍ୱପନ । ୬୮ ।
ଉଚାରୁ ଆଉ ସ୍ୱରୂପ ତାଙ୍କ ପରି
ଆହା ମାନସରୁ ନୁହଇ ବିସ୍ମୃତି । ୬୯ ।

ପୁଣି ପଡଇ   ଜୟ ଶ୍ରୀ ଗାନ୍ଧର୍ବିକେ
ହେ ଶ୍ରୀମତି ଜୟ ଜୟ ଶ୍ରୀ ରାଧିକେ । ୭୦ ।
ଆହାକି ସୁସ୍ୱର   ଆହା କି ମଧୁର
ହାସେ ବାଣୀ ସତେ ସୁଧା ସହୋଦର । ୭୧ ।
ପ୍ରିୟ ଲେଖ ଆଣି   ବଚକ୍ଷଣ କାର
ଦେଲ ଇକ୍ଷଣେ ଲଗାଇ ଆପଣାର । ୭୨ ।
ଯତ୍ନେ ଲଗାଇ   ହୃଦୟ ବସନରେ
ପକ୍ୱ ଦାଡ଼ିମ୍ବ ବୀଜ ଧଇ ଶ୍ରୀକରେ । ୭୩ ।
ତାକୁ ଛୁଆଇବାର   ଶ୍ରୀହସ୍ତେ ଧରି
ହରେ ହରେ ହସୁ ଅଛୁ ସେ ମାଧୁରୀ । ୭୪ ।
ମୁହିଁ ଚନ୍ଦ୍ରାନନ   ଚାହିଁ ଧୀର କରି
ଭାଷେ ହେ ବୃନ୍ଦାବନ ପରମେଶ୍ୱରୀ । ୭୫ ।
ଗୋଷ୍ଠ ପୁରନ୍ଦର   ସୁତ ପ୍ରାଣାଧିକେ
ବୋଲୁ ଶ୍ରୀ ଲଳିତା ମିତ୍ର ନିଜାନ୍ତିକେ । ୭୬ ।
ମୁହିଁ ବାହାର   ଯିବାର ଉଦୟ କରି
ପୂର୍ବ ବିଷୟ ମାନସରେ ସୁମରି । ୭୭ ।
ଦୁହେଁ ହସାହସି   ହୋଇ ଆସିବାର
ନୟନରେ ନାଚୁଛି ସେ ଚମତ୍କାର । ୭୮ ।
ବାକେ କଲାର   ହସୁଛି ପଲଙ୍କରେ
ହର ଆଜ୍ଞା ଦୋଇ ଲଳିତା ପରେ । ୭୯ ।
ଭଙ୍ଗି ପାନ   ଦେଉ ଦେଉ ରଜବାସେ
ପ୍ରିୟ ଦନ୍ତ ଚିହ୍ନ ଦେଖି ହସିଲେ ସେ । ୮୦ ।
ଦୁଇ ହାତେ   ବୁଜି ହୋଇ ଦୁଇ ନେତ୍ର
ହସି ଲାଜେ ଲଳିତା ହୃଦରେ ବକ୍ତ୍ର । ୮୧ ।
ଲୁଚାଇ ବାର   ହସୁଛି ହା ସ୍ୱାମିନି
ପତଦ୍‌ଗ୍ରହ ଥାଇ ସେ ମୁଁ କରେ ସେନି । ୮୨ ।
କେବେ ଶୟନ   ମେଳରୁ ବିନା କରି
ପ୍ରିୟ ମୁଖକୁ ନ ଦେଖ ସହିକରି । ୮୩ ।

ଦଇବରେ ଏକା ହେଲେ ଘୃଣ ଆଖି
ନିଜେ ରହ ସେ ଗଣ୍ଡେ ପଣନ୍ତ ରଖି । ୮୪ ।
ଘଦ ଅବମା ଉପରେ ଘସିବାର
ଗୋଷ୍ଠ ଚନ୍ଦ୍ରମା ତାଙ୍କୁ କଷିବାର । ୮୫ ।
ମଜ୍ଜି ରହି ମୁଁ ପୀୟୂଷ ବାରିଧିରେ
ଆହା ଦେଖୁଥାଇ କେତେ ସରଧାରେ । ୮୬ ।
ବୋଲୁ-ଗୋପାଳକୃଷ୍ଣ ନୟନୁ ନୀର
ବହିଗଲା ପୋଛୁ ପୋଛୁ ବାରମ୍ବାର । ୮୭ ।

—**—

ପ୍ରାର୍ଥନା

ରାଗ ଯଦୁକୁଳ କାମୋଦୀ । ଆଦିତାଳ
(ସେନାଇ ଆମ୍ଭେ ଯେତେ କହିଲୁ—ବୃତ୍ତେ)
ହା ଗୋଷ୍ଠ ପୁରନ୍ଦର ନନ୍ଦନ ହେ ।
ହା ବ୍ରଜବାସୀ ଜନ ଜୀବନ ହେ ।
ହା କାଳନ୍ଦୀ ପୁଳିନ । କଳ ବେଣୁ ସୁଂଦର
ମଦନାର୍ବୁଦ ମଦ ମର୍ଦ୍ଦନ ହେ । ୧
ଶ୍ରୀ ଯଶୋଦା ବାତ୍ସଲ୍ୟ ଲକ୍ଷ୍ମୀରୂପ
କାନ୍ତି ନିନ୍ଦକ କୋଟି ତାରାଧିପ
କୁଣ୍ଡଳ ଆନ୍ଦୋଳନ । ଅଳକା ବୃତାନନ
ହା ହା ହାସ ଶ୍ରୀଅଙ୍ଗ ବିକ୍ଷେପ ହେ । ୨
ଦ୍ୱାପରଯୁଗ ଶୂର ସମ୍ବତ୍ସରେ
କାର୍ତ୍ତିକ ଶୁଦ୍ଧ ପର୍ବ ମିହିବାରେ
ସୁର ପତିର ମଦ । ହରିଗୋଷ୍ଠ ସଂପଦ
ଗୋପାଳଙ୍କୁ ରଖିଲ ନିସ୍ତାରି ହେ । ୩ ।
ଏକ ଅଧିକ ଋତୁ ବୟସରେ
ସପ୍ତଦିବା ରଜନୀ ବାମ କରେ
ଗୋବର୍ଦ୍ଧନ ଶିଖରୀ । ଛନ୍ଦ ପରିଏଧରି

କୀରତ୍ତି ରୁହାଇଲ ଜଗତରେ । ୪ ।
ଜାଣି ଜାଣି ଶ୍ରୀ ଗୋସ୍ୱେଶ୍ୱରୀ କୋଳେ
ଧରି ଆପଣଙ୍କୁ ହା ଶୋକାକୁଳେ
ମସ୍ତକେ ଚମ୍ବିବାର । ସ୍ୱରୂପ ଦୁହିଁଙ୍କର
ଶ୍ରୀ ଶ୍ରୀ ପ୍ରତାପରୁଦ୍ର ଦେବ ଭେଟିଲେ । ୫ ।

—*—

ରାଗ ଝିଂକୋଟି— ରୂପକ ତାଳ

ମଦନମୋହନ ମନମୋହନ ରେ ଏକ ନୂତନ ଖ୍ୟାତ । ପଦ ।
ସାରି ଦେଶ ଅଭିସାର କଲି ବେଳକୁ ଅସାର
ରୁହାଇ ନେତ୍ର ଯୁଗଳରୁ ବସିଲୁ ଶ୍ରୀ ମୁଖ ପୋନ୍ତ । ୧ ।
ଏହାପରି କର ଭେଟୁ ଆସୁଛୁ ତ ମୁଁ ଘୁମୁଁଛୁ
ସେନ ଦେଇଛନ୍ତି ବଂଶୀକି କରିବାକୁ ଭୁ ପ୍ରଶାନ୍ତ । ୨ ।
କାନନେ ପଶୁ ପକ୍ଷିଙ୍କି ପ୍ରଶ୍ନ ବିଟପୀ ବଲ୍ଲୀକି
ଜନକଜା ଭଣ୍ଡ ଶ୍ରୀରାମ ପଣ ପଗୁରୁ ଅଛନ୍ତି । ୩ ।
ଭାସନ୍ତି ଶ୍ରୀମଣିଧୀରେ ଶତପତ୍ର ଦର୍ପଣରେ
ଶ୍ୟାମବାମେ ମୋ ରାଇକ ମୁଁ ଗୃହୁଁ ଭ୍ରମହେଲା ମତ । ୪ ।
ଗୋପାଳ କୃଷ୍ଣ ସରଣି ମଣାଇ ନେଉ ଚରଣି-
ତନୟା ତଟେ ଭେଟିଲେ ସେ ପ୍ରିୟକୁ ଅଧପଥତ । ୫ ।

—*—

ରାଗ ମାଧ୍ୟମାଳବ ଗୌଡ଼ା । ମିଶ୍ରରୂପ ତାଳ

ଶ୍ୟାମ ଯା ଯା କୁହାର ତୋ ପୀରିତିକ । ପଦ ।
ତୋର କଥାକୁ କୁଳଜା ପରତେ କରିଥିବ ଯା
ହୃଦୟରେ ମାରି ନ ଦେଖି କାତିକ । ୧ ।
ବରଜର ଗାରଡଆ ଦେଖାଇ ଏ ଭ୍ରୂକୁଡ଼ିଆଁ
ମନମଥ ଭୂତ ଲଗାଉ ସଙ୍ଗକ । ୨ ।

ମୁଁ ବୁଝି ତୁଣ୍ଡଲଗନ୍ତ   ଦେଖାଇଲି କାଳେ ବାଙ୍କୁଡ
ମାର ସକାଇ ଥିଲି କେ ସୁବର୍ଣ୍ଣକ । ୩ ।
ଗୋବର୍ଦ୍ଧନ ଶୃଙ୍ଗରୁ   ଲୁଚି ଅଭନ୍ୟ ବେଳରୁ
ଯିବୁଁ ନଥିଲ ମୁଁ ସେ ପଥଭେଦ । ୪ ।
ଗୋପାଳ କୃଷ୍ଣ କହଇ   ବୋଲନ୍ତୁ ସେ ମୁଁ ଲୁହିଁଇ
ତୁମ୍ଭେ ନବୋଳନେଲ ତୁଲିବ ଧରଣୀକ । ୫ ।

—*—

ରାଗ ଯଦୁକୁଳ କାମୋଦୀ । ମିଶ୍ର ରୂପକତାଳ

(ନାଗରବର ପ୍ରେମ ନଦେଖି ଜଣ-ଦୂତୀଏ)

ଅବଦେଖି ବଞ୍ଚିବ କ ଲାଗାଇନା
କି ମୁ ଦୁଃଖୁ ଦେଲ ମୁଁ ଭାଳେ ହୋଇଲି । ପଦ ।
ଅଲଗା ଲଗୁଥିବ   ସଦନ ଯାକ ନବ
ସତତ କଣ୍ଟକି ଦଣ୍ଡ ଦେଲି । ୧ ।
ଅଣ୍ଡିଗଲି ପ୍ରାଣକୁ   ଦୁଃଖେ ଗୁଞ୍ଜ ପଙ୍କକୁ
ତୁମ୍ଭ ନା ବୋଲି ଧନ ଦସି ତୁଲିଲି । ୨ ।
କି ରହିଲି ଜୀବନ   ଆଖି ଅଇଲି ବନ
ସଖୀକର ମୁଖକୁ ଚାହିଁ ନଥିଲି । ୩ ।
ନିଜ ବରଣବାର   ଉନ୍ନ କେଳି ଅଗାର
ଅଭାଗ ସୁଇଗ୍ଧରେ କଳ ନଥିଲି । ୪ ।
ଗୋପାଳ କୃଷ୍ଣ କୋଳେ   ଅଙ୍କେ ଘଷା ଭଲେ
ଦେଖି ଆଜି ଆନନ୍ଦ ଚିନ୍ତା ଥଳିଲି । ୫ ।

—*—

ରାଗ ତୋଡ଼ି—ଏକତାଳି

କେଉଁଣେ ଆସିଲୁ ମନ ରହୁ ନପାରି ।
ସମସ୍ତ ବଳସିବ ଦେଖିଲୁ ଭାଇ । ପଦ ।
ଗୋଷ୍ଠଚଳ ଚନ୍ଦ୍ରମା   ଶ୍ରୀ କୃଷ୍ଣଚନ୍ଦ୍ର ଜେମା
ପଦାର ଭଜ ସେବାକୁ ଲାଗି ଚଳଇ । ୧ ।

ନଭୃତ କୁଞ୍ଜରେତ   ଅଳି ବନ୍ଧାବେ ଭୁଜ
ଡାକି କଣ୍ଠଖଣ୍ଟୀ ଏବେ ଦେବ ଉଠାଇ ।୨।
ହୋଇଲେ ଅପହୃତ   ଧର୍ମକାଞ୍ଚୀ ପାହୃତ
ସ୍ୱାମିନ ଆଗେ ଯାନ୍ତୁ ପଥ କଢ଼ାଇ ।୩।
ସୂର୍ଯ୍ୟ ପୂଜା ବେଳରେ   ସ୍ୱାମିନ ଅଞ୍ଚଳରେ
ବେଗେ ଅର୍ଘ୍ୟର ଦିଅନ୍ତୁ ବଢ଼ାଇ ।୪।
ନନ୍ଦପୁରକୁ ଯିବେ   କଲେ ଗହଣେ କୁ ଯେ
ଥାଇ ପ୍ରାଙ୍ଗଣେ ପଦ ଦିଅନ୍ତୁ ଧୋଇ ।୫।
ନାଗେଶ୍ୱର କୁଞ୍ଜରେ   ଶ୍ରୀ ରତନ ଦୋଳାରେ
ଯିବେ କଲେ କୁ ଦେଖନ୍ତୁ ପଦ ଥାଇ ।୬।
ଯାଉ ଜଳଲୀଳାକୁ   ବାସଲଗି ହେବାକୁ
ବସ୍ତ୍ର ବରଣ କରନ୍ତୁ ପଛ ଥାଇ ।୭।
ସ୍ୱେଶ୍ୱରୀ ଚୋର ହସ୍ତେ   ବଂଶୀ ଦେଲେ ଗୁପତେ
ଯତନେ ରଖିଥାନ୍ତୁ ପଦ୍ମ ଲୁଚାଇ ।୮।
ଶ୍ରୀମନ୍ତ ଗୃମାନରେ   ଲଳିତାଙ୍କ ପଦରେ
ଜଣାନ୍ତୁ ଜଣାଣ ଶ୍ରୀ ଗୋବିନ୍ଦ ପାଇ ।୯।
ପ୍ରାଣନାଥ ଗୃମୂକୁ   ଯିବେ କାଶ୍ମ କାଳକୁ
ଲେଉଟିବେ ବେଗେ ଏବେ ଯାଅ ପଳାଇ ।୧୦।
କେତେ ପ୍ରହେଳୀ ଗାନ   ଆଜ୍ଞା ସ୍ୱପ ଦର୍ଶନ
ଶ୍ରମ ନାଶିବୁ ଫୁଲ ପଖା ପକାଇ ।୧୧।
ନାଗରେନ୍ଦ୍ର ଗୃମୂକୁ   ବୃନ୍ଦା ଆସୁ ଦୂରନ୍ତୁ
ସ୍ୱେଶ୍ୱରୀଙ୍କ ରଦରେ ଦେବୁ ଭେଟାଇ ।୧୨।
ନାସ୍ତ ଶିର ଭୂଷାଙ୍କୁ   ନାଗର ମୁକୁଟଙ୍କୁ
ମୁରୁଛିଲୁ କିପରି କୁ ନ ଜୋଖାଇ ।୧୩।
ମଧୁପାନ ଉତ୍ସରେ   କଣ୍ଠିଥାନ୍ତୁ ଲାସରେ
ସୁଧା ଫଳାପ ଶୁଣି ହସିଲ ହୋଇ ।୧୪।
ନିକୁଞ୍ଜ ପ୍ରାଙ୍ଗଣରେ   ଚନ୍ଦ୍ରମା କିରଣରେ
ପ୍ରହେଳୀ କଉତୁକ ଶୁଣିଲୁ ନାହିଁ ।୧୫।

ପଶାଖେଳ ବେଳରେ ସ୍ୱାମିନ ନ ବସିଲେ
ବଳେ ଲଳତା ଦେବେ ଧରି ବସାଇ । ୧୭ ।
ଗୋପାଳ କୃଷ୍ଣ ଭଣେ ପ୍ରାଣକୁ ତୋ ଗଞ୍ଜଣେ
ନଅ ଯାତନା ଦେହ ଭିତରେ ଲୁଇ । ୧୮ ।

ରାଗ ହରିକାମୋଦ ମିଶ୍ର ରୂପ ତାଳ

ସାଜ ସଜ ଗୋଷ୍ଠ ଚନ୍ଦ୍ରମା ଆସିବେ ଆଜ । ପଦ
ଦେଇଛନ୍ତି ଝରି ଧର ଧୀରି ଧୀରି
ରସ ରଂଗିଣୀ କାହିଁକ ଲାଜ । ୧
ମୋ ବାଣୀ ପ୍ରତୀତ କର ପ୍ରାଣମିତ
ଶୀଘ୍ର ଶୀଘ୍ର ହୋଇ ସିବ ସାଜ । ୨
ଜଗିଛନ୍ତି ବାଟ ଶିଖଣ୍ଡ ମୁକୁଟ
ପଠାଇବୁ ବୋଲି ଲାଗି ସଜ । ୩
ଯେବେ ମୋ ବଚନ ହୁଅସୁ ପ୍ରସନ୍ନ
ପର ପତ୍ନୀଙ୍କର ଲଜ୍ଜା ତେଜ । ୪
କଂକଣ ଝଂକାରି ନଖରେ କଂକରି
ଗୋପାଳ କୃଷ୍ଣ ବୋଲଇ ବଜ । ୫

—*—

ରାଗ ଝଂକୋଟି ମିଶ୍ର ରୂପ ତାଳ

(କାମନେ ଥିଲୁ ଏକଥାରେ—ବୃତ୍ତେ)

କେ ସଖି ନୀପମୂଳରେ । ନୂଆ ବାଉଁବାଦ୍ୟ ଘନ ଏ ବଜାଏ । ଘନ
ପ୍ରଗମ ପୁଞ୍ଜ ଟେକ ସହରଷେ । ବରହି ନାଚୁଛି ଚରମ ଦେଶେ ।
ଇନ୍ଦ୍ରଧନୁ ଉଦେ ହୋଇଛି ପରା । କ କେକି ଶିଖଣ୍ଡ ମୁକୁଟ ତୋରି ସେ ।
କଟୀରେ କ ପୀତବାସ ଶୋହୁଛି । କ୍ଷଣପ୍ରଭା ଅବା ସ୍ଥିର ହୋଇଛି ସେ ।
ଗଣ୍ଡ ବାସବ ମଣି ଆଦରଶେ । କୁଣ୍ଡଳ ଘମଣି ପରି ଝଳ ସେ ସେ ।
ବକ ଆବଳୀକି ମୁକୁତା ହାରୁ । ଜଗ ଜନ ମନମୃଗ ବାଗୁରି ସେ ।
ମୂରତି ବୃନ୍ଦାରଣ୍ୟ ଚକ୍ରବର୍ତ୍ତୀ । ଶୃଙ୍ଗାର ରସ କି ହେଲା ମୂରତି ସେ ।
ଗୋପାଳ କୃଷ୍ଣ କହେ ବ୍ରଜ ବଧୂ । ଯେ ଗୋପବଧୂ ଜୀବନର ବନ୍ଧୁ ସେ ।

—*—

ରାଗ ଚକ୍ରା କେଦାର

କାଳିନ୍ଦୀ ସତାଙ୍କ ଭୂଷଣ । କେ ସେ ଦାସୀ ଗୁଣି ପୁନଃ ପୁନ ।
କରଇ ବିଳାପ ସେ ଶ୍ୟାମଙ୍କ ସେବୀ
ସ୍ୱର୍ଗ ନାଗର କରି ସ୍ମରଣ ସେ । କଙ୍କଣ । ୧
ଖଦ୍ୟୋତଜା ତଟ ନିକୁଞ୍ଜ ରେ । ଗଗନନନ୍ଦନ କାନନ୍ତରେ ।
ଖଂଜନାକ୍ଷୀ ଆସୁ ଉଠିପ୍ରିୟ ଯାଶୁ
ଜଗିଥିବି ମୁଁ ଦ୍ୱାର ପାଶରେ ହେ । ସ୍ୱାମିମା । ୨
ଗବାକ୍ଷ ଜାଳରେ ନେତ୍ର ଡାଳ । ଗଲ ଚୁହୁଁ ଥିଲି କେତେ ଆଳୀ ।
ଗୋବିନ୍ଦ ସହ ଚଳିଲେ ଦେବକୀ କ
ପିବ ମୁଁ କେଜ ଜଳଧ ଗୋଳ ହେ । ସ୍ୱାମିମା । ୩
ଘର୍ମ ମିଶା ମିନ୍ଦୁର ଶୀକର । ସଙ୍ଗେ ଠାଁ ଠାଁ ଧୋଇ ପଡ଼ିବାର ।
ପୋଷି ହେବ ଶଣ୍ଢେ ଅଲକ୍ତ ଚନ୍ଦ୍ରକୁ
ଘୂର୍ଣ୍ଣି ସେଜରେ ଶ୍ରୀ ପଦାବ୍ଜର ହେ । ସ୍ୱାମିମା । ୪
ଙରେଣ ମୁଁ ଛିନ୍ନ ମୋଡ଼ହାର । ନେତ୍ର ଗୋଟିଆଇ ଚଢ଼ିବାର ।
ନୂପୁର କାଞ୍ଚୀ କାଞ୍ଚୁଲି ଝୁଣ ଧରି
ହେବି ପୁର ପଥେ ଆଗୁସାର ହେ । ସ୍ୱାମିମା । ୫
ଚୁଲ ଆସୁଛି ଜଟିଳା ହେଟି । ଟଳ ସଭାର ବୋଲୁ କଣ୍ଟଗଟୀ ।
ଚଞ୍ଚଳେକ୍ଷଣୀ ଚଳୁ ମୁଁ ଭୁଲଆରେ
ଚୁହୁଁ ଥିବ ପଙ୍କଜୁ ଖାଲଟି ହେ । ସ୍ୱାମିମା । ୬
ଛ ଦଶାକଳା ଚନ୍ଦ୍ର ଲପନେ । ଛପି ପ୍ରବେଶୁ କପ ସଦନେ
ଛନ୍ଦ ପ୍ରିୟଙ୍କର ଶ୍ରୀ ଅଙ୍ଗେ ବଳ୍କ
ମାଗି ଲୁଗୁଇ ଦେବ ସତନେ ହେ । ସ୍ୱାମିମା । ୭
ଯାଇ ଶେଯେ ସନ୍ତୁଷ୍ଟ ଭିତ୍ତିରେ । ଜମ୍ବୁନ ଦାଙ୍ଗୀ ଶବ ପଟରେ
ଜଡ଼ିକ ବଧୂ ଜଡ଼ିକ ଚୁହୁଁ ଚୁହୁଁ
ତୋଷି ଦେବି ପଦ ଚଣନ୍ତରେ । ସ୍ୱାମିମା । ୮
ଝିନ ଉପୁରଣ ସାହୁବାଇ । ଝସ ନଶ୍ୱମା ହେ ପହୁଡ଼ାଇ
ଝୁଲ ଅଲକା ଭଂକର ପଦଧରି
ଧୀରେ ଦେବି ଅଞ୍ଚୁଳି ଫୁଟାଇ ହେ । ସ୍ୱାମିମା । ୯

ନଃ ଶେଷରେ ନଶି ହେଲ୍ଲ ହତ । କୃତ୍ୟ କୃତ୍ୟର ବସ୍ତୁ ସାଜତ
ନବାହ୍ନ କରପୁଣି ଆସି ଭେଟୁମୁଁ
ଅପହୃଷ୍ଟ ହୋଇଥିବନ ତ ହେ । ସ୍ୱାମିନୀ । ୧୦
ଝାଣେ ଜଟିଳା ତାକନ୍ତେ ଉଠି । ଟେକ ପଲକ ଦେଖି ବୟୋଷ୍ଟୀ
ଝଲ ଝଲ ହୋଇ ଗୃଲସାଇ ପୀଠେ
ବସୁଦେବ ସାରଦନ୍ତ କାଠି ହେ । ସ୍ୱାମିନୀ । ୧୧
ଠାକୁରାଣୀ ଦନ୍ତ ସମାର୍ଜ୍ଜନ । ଠିକେ ବତ୍ତୁ କଡ଼ାଇବ ବନ
ଠ ବର୍ଣ୍ଣ ମୁଖ ସୁବର୍ଣ୍ଣାଙ୍ଗୀ ପ୍ରକ୍ଷାଳ୍ପ
ଧଳେ ଦେବ ପୋଛିବା ବସନ ହେ । ସ୍ୱାମିନୀ । ୧୨
ତାଙ୍କ ମଧ୍ୟ ବାହ୍ୟ କୃତ୍ୟ ସାର । ତାଙ୍କୁ ମୋତେ ଆଜ୍ଞାଧୀନ କର
ଡାହାଣ ବାମ ପାଣି ପାଦ ଧୋଇବ
ମୃଦ ଦେଇ ନଉଡ଼ାଇ ବାର ହେ । ସ୍ୱାମିନୀ । ୧୩ ।
ତାକୁଥିବେ ତୋଳା ଭଙ୍ଗି ହୃଷ୍ଟ । ତାଳେ କ୍ଷଣୀ ଚେଳ ସେବାସନ୍ତ
ତୋକଲ୍ପ ରି ସୁଧା ଶୁଣି ମଣିବ
ବୋଲି ଆଣଯା ବାର ରମ୍ଭୋରୁ ହେ । ସ୍ୱାମିନୀ । ୧୪
ଅବ୍‌ଜ ଯୁତ ସୁବାସିତ ନୀର । ଅଭିଷେକ କରୁ ମୁଁ ସଭୁର
ଅଙ୍ଗପନ୍ନେ ଚୀନାଂ ଶୁକେ ଶ୍ରୀଲନତା
ମାଜ ମୋଷ୍ଟୁକେ ଶ୍ରୀକଳେବର ହେ । ସ୍ୱାମିନୀ । ୧୫
ଭୂଲ୍ୟ କାଶ୍ମୀରୁଣ ଦ୍ୟୁତିଲଙ୍ଗି । ତନୁଦସ୍ତ ହୋଇ ଆଡ଼େ ଲାଗି
ତଣ୍ଡାଳ କଟ୍ଟୁଳ କାନ୍ତୀ ଚୀନ ଚେଳ
ପିନ୍ଧ ଚଳନ୍ତ କଳ ଧୌତାଙ୍ଗୀ ହେ । ସ୍ୱାମିନୀ । ୧୬
ଥିର ହୋଇ ବସୁ ଆସନରେ । ଥାଇ ଲଳିତା ପଛକଡରେ
ଖୋଇ ଝଙ୍କାର କଙ୍କତିକା କୁନ୍ତଳ
ଫେଡ଼ି ବେଢ଼ିବେ ଅଳ ନକର ହେ । ସ୍ୱାମିନୀ । ୧୭
ଦେବ ସଞ୍ଜଡ଼ି ତାଳ ଗୁମର । ଦିବ୍ୟ ମଣି ସ୍ତବକ ନକର
ଦେଇ ଶ୍ୟାମଳ ବେଣୀ ବ୍ୟାଳୀ ସାଜବେ
ହରିବାକୁ ଧୈର୍ଯ୍ୟ ବ୍ରଜେନ୍ଦ୍ରର ହେ । ସ୍ୱାମିନୀ । ୧୮
ଧରି ଥିବ ମୁଁ ଦର୍ପଣ ପାଶେ । ଅନ୍ୟ ସଖୀ ଲେପି ଶ୍ରୀଗାତ୍ରେ

ଧୀରେ ଭକ୍ତି ଛେଦ କର ମୃଗ ମଦ
ଶଶ ଲଲାଟେ ଉରଜ ଗାଏ ହେ । ସ୍ୱାମିନି । ୧୯
ନିଟିଳରେ ସିଂଦୂର ବିଂଦୁକୁ । ନଯୋଜୁ ଭାବୁଥିବ ମନକୁ
ନିଷ୍କଳଙ୍କ ବନ୍ଧାଣ୍ଡ ନୟନରେ କାମ—
ତମ ନାଶିବ ବୋଲି କ୍ଷଣକୁ ହେ । ସ୍ୱାମିନି । ୨୦
ପଦ୍ମ ପକ୍ଷାଗ୍ରସ୍ପନ୍ଦିତ ଭ୍ରମର । ପରି ଦଶିବ କେତେ ସୁଂଦର
ପରମାନଂଦ ସ୍ୱରୂପିଣୀ ଚିବୁକେ
ବିଂଦୁ ନ ଯୋଜୁ ମୃଗ ମଦର ହେ । ସ୍ୱାମିନି । ୨୧
ଫୁଲ ନର୍ମଦା ଆଣି ଦେବାର । ଫେଡ଼ ପିନ୍ଧାଇ ଦେବ ସତ୍ୱର
ଫଳ ଉଠିବ ମୋ ତନୁ ସୀମନ୍ତରେ
ଲେଖ ଲଳିତା ସିଂଦୁର ଗାର ହେ । ସ୍ୱାମିନି । ୨୨
ବ୍ରଜ ବଧୂ ସୁଖୀ ହେବା ପାଇଁ । ବକ୍ଷୋଜକୁ ରଖିବ ଲୁଚାଇ
ବିଚିତ୍ର କାଞ୍ଚୁଲି ନାନା ହାରାବଳି
ଦେବ ଜତନେ ଲାଗି କରାଇ ହେ । ସ୍ୱାମିନି । ୨୩
ଧର ଧାଇବ ମୋତେ ସେବାରେ । ଭଦ୍ର ତେଜ ଅଂଜନ ନେତ୍ରରେ
ଭର ମାର୍ଜି ଦେବ କର ଦରଶନ
ବ୍ରଜ ବଧୂ ହେବେ ମୋ ପରିରେ ହେ । ସ୍ୱାମିନି । ୨୪
ମଣି ରତ୍ନାଳଙ୍କାର ଯାବତ । ମଥା ଯାଏ ପଦକୁ ଭୂଷିତ
ମଣ୍ଡିକ ଉତ୍ତମ ମିଶ୍ର ଶମନ୍ତକ
ମଣି କରି ଦେବ ଅଳଂକୃତ ହେ । ସ୍ୱାମିନି । ୨୫
ଯେଉଁ ଚରଣ କଞ୍ଜର ଧୂଳି । ଯୁବାଦର ହୋଇବାର ବୋଲି
ଯତ୍ନେ ଲେଖିଦେବ ଲାକ୍ଷା କ ମୋ ପଦେ
ଯାର ରକ୍ତାମ୍ବୁଜ ନିଉଜ୍ଜ୍ୱଳ ହେ । ସ୍ୱାମିନି । ୨୬
ଛତ ସହ ମଣ୍ଡିତ ମେଳା । ରମଣୀୟ ହାଟକଳ ମାଳା
ରମଣୀ ମୁକୁଟ ମଣି କଣ୍ଠେ ଦେଇ
ଆନେ ନ ଭକ୍ତ ପ୍ରାଣେଶ ଡୋଳା ହେ । ସ୍ୱାମିନି । ୨୭
ଖେଳା କମଳ ଶେଳ ଖଞ୍ଜରେ । ଲଳିତାଙ୍ଗୀ ଗୁହ ବାଟିକାରେ
ଲଳିତା ଏତେ ଦ୍ୟୁମଣି ମଣି ବେନି

ମଧ୍ୟେ ରଙ୍ଗେ କରିବ ସଙ୍ଗରେ ହେ । ସ୍ୱାମିନ । ୨୮
ବନଭିନ ଆରାଧନା ସାରି । କାସେ ବାହୁକୃତ୍ୟ କରି କରି
ଡନ୍ନେଲୁ କୁଞ୍ଜଲତା ଆସି ଡାକବେ
ଜଟିଳାଙ୍କ ସମାଧାନ କରୁ ହେ । ସ୍ୱାମିନ । ୨୯
ସବୁ ସୁଖୀ ସଦନକୁ ଯାଇ । ସୀଉକାର ଟାଙ୍କୁକୁ କରାଇ
ସଲ୍ଲର ସେକ୍ଟଦବଲ୍ଲୀ ଭ୍ରମ୍ମ ପାଶେ
ଗୋଷ୍ଠୀ କରିବେ ଆଳୀଙ୍କି ନେଇ ହେ । ସ୍ୱାମିନ । ୩୦
ସନ୍ଧ୍ୟା ଆସିବାକୁ ନାହିଁ ଡର । ସବୁ କୃତ୍ୟ ଅନ୍ତ ସଦନର
ଶୁଣି ଜଟିଳା ବୋଲିବେ ଯାଅ ଚୌଣ୍ଡି ମାସ
କଣ୍ଠକୃଷ୍ଣ ବାର ବାର ହେ । ସ୍ୱାମିନ । ୩୧
ସବ ସଖୀ ସଙ୍ଗେ ରଙ୍ଗେ କରୁ । ସୁଦସ୍ତାରେ ମୋତେ ଶିରେ ଠାନ୍ତୁ
ସନ୍ଧ୍ୟାନ ପ୍ରାତେ ଶଙ୍କର ଧରି ଯିବ
ରୂପ ମଂଜରୀଙ୍କ ଆଦେଶରୁ ହେ । ସ୍ୱାମିନ । ୩୨
ଦର୍ଶେ ମଣ୍ଡି ପାଉ ରାଜପଥ । ହୋଇ ଭେଟ ଗୋଷ୍ଠୁ ପ୍ରାଣନାଥ
ହସି ରହିଁ ଥିବେ ଶ୍ରୀବ୍ରଜେଶ୍ୱରୀଙ୍କି
ପ୍ରଣମିବ ହୋଇ ହେଟ ମାଥ ହେ । ସ୍ୱାମିନ । ୩୩
ଷମାକର ମୁଁଙ୍କୁ ଅନାଇ । ଷୀରେଦଧି ପ୍ରାଏ ରାଙ୍କୀ ହୋଇ
ଷଣେ ବୋଲ କରି ଶିରେ ଚୁମ୍ବ ଦେଇ
ଗୋପାଳ କୃଷ୍ଣାଂଘ୍ରି ଦେବ ଧୋଇ ହେ । ସ୍ୱାମିନ । ୩୪

—*—

ରାଗ ମୋହନା—ରୂପକ ତାଳ

(ମୋ ଜୀବର ଜୀବନ—ବୃନ୍ଦେ)

ମାନ କରୁଥିଲ
ବ୍ରଜ ବଧୂ ନେଇ ଲୁହ   ପୋଛୁଥିବ ବୋଲି ସିନା ମୁଁ । ପଦ ।
ମନୋରଥ ପୂରାଇଲ
ଗୋବିନ୍ଦ ପଦାର ବିନ୍ଦ   ସେମାନଙ୍କ ପରମାନନ୍ଦ ହୋଇଲ । ୧ ।
ଏଥିର ଦଣ୍ଡ ହେଲ
ମୋ ଶୋକ ଦୁଃଖ ପାଉଥିଲ କେତେ ଯେ ତୁମ୍ଭ ବାଞ୍ଛା ପୂର୍ଣ୍ଣ କଲ ।୨।

ବରଜର ରତ୍ନାବଳୀ
କହଇ ମୋଠାରେ ଏପାଳ   କରିବ ଶ୍ୟାମଙ୍କୁ ଗଳାର ମାଳ । ୩ ।
ସୁଖୀ ହୋଇବେ ଅତୁଳ
ଏଣିକ ଗୁଆଳୀ ପ୍ରଣୟରେ ମଜ୍ଜି   ଶ୍ରୀ ଯଶୋଦାଙ୍କ ସଙ୍ଗାଳ । ୪ ।
ଆଳୀ ନେତ୍ର ଲୁବ୍ଧ ନାଳୀ
କହୁ ଗୋପାଳକୃଷ୍ଣ କବେ   ଆଇଲେ ଦେଖି ଶିଖଣ୍ଡ ମଣ୍ଡଳ । ୫ ।

—**—

ରାଗ ଖମାଚ—ଆଦ୍ୟତାଳ

(ଭଜମନ ରାଧେକୃଷ୍ଣ ବୋଲି—ବୃତ୍ତେ)

ମନରେ ରାଧାକୃଷ୍ଣ ଶ୍ରୀ ମୂର୍ତ୍ତିଙ୍କି ଧ୍ୟାଇଁ ।
ମନ ସଂଗତରେ ରହି ଯାଅନା ପଳାଇ । ପଦ ।

ବିଶ୍ୱ ବିଷ ଗର୍ତ୍ତରେ   ମଜ୍ଜି ଅନୁ ବରତରେ
ଭବଭୋଗ ପ୍ରତ୍ୟାଶାରେ ମାରନା ଭୁଲାଇ । ୧ ।
କଳନ୍ଦ କନ୍ୟା କୂଳନେ   କୁସୁମିତ କୁଞ୍ଜବନେ
ରତ୍ନ ଚିନ୍ତାମଣି ସିଂହାସନରେ ବସାଇ । ୨ ।
ଖଞ୍ଜନ ଦଳଗଞ୍ଜନ   ବଦନାବ୍ଜ ସୁରଞ୍ଜନ
ତନୁ ଦ୍ୟୁତିକି ଦିବ୍ୟ ଲୋଚନରେ ଅନାଇ । ୩ ।
ଶିବ ସ୍ୱୟମ୍ଭୁଚେଷ୍ଟରେ   ଧ୍ୟାନକୁ ଯେ ଆଗୋଚର
ଭାବରେ ଭାବ ସେବ ମୋ ସଂକଳ୍ପ ପୂରାଇ । ୪ ।
ସ୍ୱଜାଗଣ ସାଧୁ ସଙ୍ଗେ   ସ୍ୱାରସିକା କଥା ରଙ୍ଗେ
ଦିନ ନିଅ ଶ୍ରୀରାଧା ଗୋବିନ୍ଦ ଗୀତଗାଇ । ୫ ।
ଗୋପାଳକୃଷ୍ଣ ଭଣିତ   ହୋଇଛି ତୋ ଅନୁଗତ
ମୋ ଜୀବକୁ ସେ ପଦାବ୍ଜ ଛାଅରେ ମିଳାଇ । ୬ ।

—*—

ରାଗ ଝଂକୋଟୀ—ମିଶ୍ରରୂପ ତାଳ

(ମୁରଲୀ ତୋହରେ ଶରଣ ଗଲି—ବୃନ୍ଦେ)

ଜାଣିବ ରାଧା ରମଣ ବୋଲିକି
ଦୂତ କି ବୋଲଇ ସେନବା ଭଲ ଯେ । ପଦ ।
ଧୋଇଲି କାରଣ ପରାଏ ଧୂଳି
ଝଡ଼ଏ ନ ଯାଉ ହେବକ ବୋଲି ଯେ । ୧ ।
ଆଖିର ପୁଟରେ ଏ ନଟ ଭ୍ରୂବଲ୍ଲୀ ।
ଅଛି କେ ଅପରସ୍ୱେ ଛଇଲ ଯେ । ୨ ।
ବପୁଃ ସଙ୍ଗୀତ୍ରୁ କଳବା ଗୁଆଳୀ
ଯାକର ଯା କର ମଥା ମୁରୁଳୀ ଯେ । ୩ ।
ଗଉସି ଶୀର୍ଷ ଆଉ ବାଟ ରୁଲି
କହ ବଂଶୀ ତୁହିଁ ରୁଡଲି ବୋଲି ଯେ । ୪ ।
ଯା ଅଧର ସଙ୍ଗ ଗୋକୁଳ ବାଳୀ
ମଧୁ ପିଇବାର ଅଧୁଆଳୀ ଯେ । ୫ ।
ଗୋପାଳ କୃଷ୍ଣଙ୍କୁ ସେ ବନମାଳୀ
ଭୁଷନ୍ତ ଜାଣି ହେଉଛୁ ବାଉଳ ହେ । ୬ ।

ରାଗ ନାଦନାମକ୍ରିୟା—ମିଶ୍ରରୂପ ତାଳ

(ଧୀର ସମୀରେ ବସି ଡାକୁଛି ତୋନାରେ—ବୃନ୍ଦେ)

କରି ଜୁହାର ମାଗୁଛି   ମୁଁ ବଂଶୀ ତୋତେ
ହରିକଣ୍ଠେ କହ ମୋ ଦଶା ଇରତେ । ପଦ ।
କୃଷ୍ଣ ମୁଖାର ବନ୍ଧ   ସମୀର ମକରନ୍ଦ
ରସିକା ରୁ ଅନୁଗ୍ରହ କର ମୋତେ । ୧ ।
ଅଧବା ରତ୍ନ ମଣି   ସଜନର ଚୁମ୍ବଣୀ
ଚଦାବ୍ରଜର ଦୂର ଦୁଃଖ ଜଣା ଯେତେ । ୨ ।
ତ୍ରୈଲୋକ୍ୟ ନିରୁପମ   ବ୍ରଜ ବନିତା ପ୍ରେମ
ଚନ୍ଦ୍ରଲେ ଶ୍ରୀ ପ୍ରତାପରୁଦ୍ର ସନ୍ତତେ । ୩ ।

—*—

ଦୋଳ ଗୀତ

ଶ୍ରୀ ନନ୍ଦ ସୁନ୍ଦରୀ ବନ ପଥକୁ ଚାହିଁ
ଭାଳନ୍ତି ଅପରାହ୍ଣ କାଳେ ସିଂହଦ୍ୱାରେ ରହି । ୧ ।
କେତେବେଳକୁ ମୋ କୃଷ୍ଣଚନ୍ଦ୍ର ଆସିବ
କୋଳରେ ବସିଲେ ଦେଖିବ ମୋର ଦୁଃଖଯିବ । ୨ ।
ଗଲାବେଳୁ କାନ୍ଦୁ ବନେ ଗୋରୁ ଚରାଇ
ଢଗ ଆକାଶ ଲୋକ ମୋତେ କେହ୍ନଦଶୁ ନାହିଁ । ୩ ।
ପାପିନୀ ମୋ ଗର୍ଭେ କାହିଁପାଇଁ ଜନ୍ମିଲୁ
ଦଣ୍ଡେ ନରହିଲୁ ସଦନେ ବନେ ଘର କଲୁ । ୪ ।
ଏ ଗ୍ରୀଷମ କାଳେ କ୍ଷୁଧା ତୃଷା ଆକୁଳେ
ଗୋରୁ ଚରାଉଥିବୁ ବସି କେଉଁ ତରୁତଳେ । ୫ ।
ନବ ନବନୀତ ଠାରୁ ଦେହ କୋମଳ
ଏ ଖରାଲାଗି ବହୁଥିବ କେତେ ଶ୍ରମଜଳ । ୬ ।
ଦୁଖିର ଜୀବନ ଦରିଦ୍ରର ସମ୍ବଳ
ବେଳ ଗଡ଼ିଗଲା ନଇଲୁ ମୋର ବନମାଳୀ । ୭ ।
ସ୍ୱପ୍ନେ ଅଲଗା ନୋହୁ କ୍ଷଣେ ହୃଦରୁ
ପଠାଉ ବନକୁ ନିତ୍ୟ ମୁଁ ନାହିଁ କରୁ କରୁ । ୮ ।
ବଳ ଦେଉଥିବ କ୍ଷୁଧା ବଶେ ଉଦର
କେଉଁ ସଜନୀ ତା ଦେଖିଲେ ଧରିବ ଶରୀର । ୯ ।
ମୁଁ ଭୋଳକଲେତ ସ୍ତନ ପାନକୁ ମନ
ସଖା ହସିବେ ବୋଲି ପିନା କନ୍ଦୁବରଜନ । ୧୦ ।
ଫାଟି ଯାଉ ନାହିଁ ମୋ ପାମରୀର ଛାତି
ପଠାଇ ଦେଉଛି ବନକୁ ସଜକରି ନିତି । ୧୧ ।
ଆରେ ଗୋକୁଳ ନୃପତି କୁଳ ପ୍ରଦୀପ
ଘେନଜନ ଦୁଃଖ ପାଇଲୁ କଲି ମୁଁ ପାପ । ୧୨ ।
କେତେ କୋଟି ଜନ୍ମେ କେତେ ତପସ୍ୟା କରି
ନଲଭି ଇଭଳି ହେବାକୁ ପଣ୍ଡ ଏତେ ସରି । ୧୩ ।

ମକର କୁଣ୍ଡଳ ତୋ ଶିଖଣ୍ଡ ମୁକୁଟ
ଅଳକା ବଳର ସୁଷମା ତୋ ଲଲାଟ ପଟ । ୧୪ ।
ନାସା ବସଣିର ନୂଆଁ ଶିଆ ମୁକୁତା
ନୂଚ ଯାଇ ତୋ କପାଳର ଗୋରଚନା ଚିତା । ୧୫ ।
ନୂପୁରର ମଞ୍ଜି ଝଣି ତନୁ ସୁନ୍ଦର
କୋଟିଏ ବ୍ରହ୍ମାଣ୍ଡ ନନର ମୁକୁଟାଳଙ୍କାର । ୧୬ ।
ଧେନୁ ପଛେ ବୁଲୁ କଥାଇଲେ ପ୍ରମଦ
କେତେଠାରେ ବସୁଥିବଟି ମୋ କେଶ ସମ୍ପଦ । ୧୭ ।
କଳ ଧେନୁ ଧୂଳି ଚଢ଼ିଥିବ ଅଙ୍ଗରେ
ଝାଡ଼ିଦେବି କୋଳେ ବସାଇ ମୋର ପଣନ୍ତରେ । ୧୮ ।
ତୋ କଣ୍ଠି ଗୁଞ୍ଜଂସ ପଲ୍ଲବର ସୁଷମା
କେତେ ବେଳକୁ ଦେଖିବିରେ ଗୋପସ୍ତୁ ଚନ୍ଦମା । ୧୯ ।
ଘରୁ ବନପଥେ ବଂଶୀ ସ୍ୱନ ଶୁଭିଲା
ସେ ସ୍ୱର ବସ୍ତ୍ରଲା ନୟନେ ଲୁହ ପୂରିଗଲା । ୨୦ ।
ଚଣ୍ଡିକର ବରେ ନବ ପ୍ରସୂତି ଧେନୁ
ପଗ୍ରସ୍ତେ ଚଳିଲେ ଜନନୀ କ୍ଷୀର ସ୍ରବୁ ସ୍ତନୁ । ୨୧ ।
ବଂଶୀଧ୍ୱନୀ ଲକ୍ଷ୍ୟ ବନ ସ୍ତ୍ରଜ ସଙ୍ଗରେ
ବିଳେକଲେ ରାଣୀ ଗୋପାଳ ସୁତ ମଣ୍ଡଳରେ । ୨୨ ।
ଗୋକୁଳ କୁଳଜା ରାଜପଥେ ମିଳିଲେ
ଆଲିଙ୍ଗିଲେ ବୃଷଭାନୁଜା ଅଞ୍ଚଳ ମଣ୍ଡିଲେ । ୨୩ ।
ନନ୍ଦ ମିଳନ ଶ୍ରୀରାଧା ଗୋବିନ୍ଦଙ୍କର
ନଥିବ ତିନ ଭୁବନରେ ଆହା ଚମତ୍କାର ।୨୪।
ଏମ୍ଭିଣା କୁଣିବ ପିୟୂଷର ସେଚନ
ଧାଇଁକେନ ଜନ ହୋଇଲେ ପରମ ପ୍ରସନ୍ନ । ୨୫ ।
ନନ୍ଦଙ୍କ ପାଣି ପ୍ରସାରୁ ଆସି ମୋହନ
କୁହାରୁ କୋଳ କରି ଶିରେ ବହିଲେ ଚୁମ୍ବନ । ୨୬ ।
ମିଳି କଢ଼ାଇଲେ ସ୍ନାନ ଅଶନ
ହର୍ଷେ ଗୋପାଳକୃଷ୍ଣ କଲେ ବୃନ୍ଦର ସେବନ । ୨୭ ।

—*—

ରାଗ ଖମାଚ—ଆଡ଼ତାଳି

(ଭଜମନ ହରପ୍ରାଣ ପ୍ରେୟସୀ ଶ୍ରୀମତୀଙ୍କ--ବୃନ୍ଦେ)

ଭାବ ଭାବ ଦିନ ଗଣି କାଳ କଟାଇଲି
କେବଳ ଦେଖିଲି ଶ୍ରୀ ପଦାବ୍ଜ ପ୍ରାନ୍ତ ନ ବସିଲି ୦ ।
ଗୋବିନ୍ଦଲୀଳାର ଚନ୍ଦ୍ରମା ଅଙ୍କେ ବସିବା ସୁଷମା
ଆଲୋକନ ସଂକଳ୍ପ ଆଜକୁ ନ ପୂରିଲା । ୧ ।
ପ୍ରିୟ ସଙ୍ଗେ ପରିହାସ ଆହା ସେ ବାଣୀ ପୀୟୂଷ
କର୍ଣ୍ଣ ଦେଲେ ଶ୍ରବଣରେ ଅବା ନ ପଡ଼ିଲା । ୨ ।
ଶ୍ରୀ ବ୍ରଜେନ୍ଦ୍ର ପ୍ରାଣପ୍ରିୟା ଗାନ ସଫୁର୍ତ୍ତ ହେଲା
କେଳିଆଶା ସନ୍ତତରେ ସ୍ତମିତ ବର୍ତ୍ତିଲି । ୩ ।
ଶ୍ରୀ ଲଳିତା ଦକ୍ଷିଣରେ ରୂପ ମଞ୍ଜରୀ ସମ୍ମୁଖରେ
ଥିବି ମୋତେ ସୁମରି ସେବା ତ ମିଳିଲା । ୪
ବଂଶୀ ଦଶନରେ ତୃଣ ଧୋଇଥିଲି ସେ ଶରଣେ
ଦେବାକୁ କଙ୍କଣ ଗୋପୀ କୃଷ୍ଣ କହିଲା । ୫ ।

---*--

ସ୍ୱାଭୀଷ୍ଟ ଲାଲସା—ରାଗ ରାମକେରୀ

(କଳାକଳେବର କମ୍ଭାରେ ବୃନ୍ଦେ)

ଶ୍ରୀ ଗୁରୁଦତ୍ତ ତନୁ ଏବେ ହୋଇ ଯାଆନ୍ତା ମୋର
ଯାଇ ପୁଣି ଉଭା ହୁଅନ୍ତି ପାଶେ ଶ୍ରୀ ସରସୀର । ୧ ।
ସାଷ୍ଟାଙ୍ଗ ପ୍ରଣାମ କରୁ ମୁଁ ହୃଷ୍ଟ ହୋଇ ସଖୀତ
ପୁଲକ ହୋଇ ବନ୍ଦନ୍ତା ଯେ ନେତ୍ରାନନ୍ଦାଶ୍ରୁ ଧାର । ୨ ।
ସରସୀ ଅରଣ୍ୟ ହିଲୋଳ ପ୍ରତି ବୃକ୍ଷ ବଲ୍ଲୀଙ୍କି
ଓଲଟି ଆଶ୍ଳେଷ କରନ୍ତି ସାଦରେ ନାମନ୍ତାଙ୍କ । ୩ ।
ହା ବୃନ୍ଦାବନ ଧରଣୀରେ ସୂକ୍ଷ୍ମ ସିକତା ଉପେ
ଯୁଗଳାଙ୍ଘ୍ରିଂ ଚିହ୍ନ ବିଲୋକ ପ୍ରଥମରେ । ୪ ।

ମାଧବୀ ବଲ୍ଲରୀ ବେଷ୍ଟିତ ଶ୍ରୀ କେଶର କୁଞ୍ଜରେ
ନାନା ରତ୍ନମଣି ଜଡ଼ିତ ସ୍ୱର୍ଣ୍ଣ ମଣ୍ଡପ ପରେ । ୫ ।
ଆଳୀ ମଞ୍ଜରୀ ବେଢ଼ାଇଣ ପରିବାର ବେଷ୍ଟିତ
ଦିବ୍ୟାସନରେ ଗୋ ସ୍ୱାମିନୀ ପ୍ରାଣନାଥ ସହିତ । ୬ ।
ବିଲୋକି ପରମ ଅଦ୍ଭୁତ ପରାନନ୍ଦ ସ୍ୱରୂପ
ପଡ଼ି ରହନ୍ତି ପଦାବ୍ଜରେ ଲଭି ସୁଖ ଅମାପ । ୭ ।
ସମସ୍ତଙ୍କ ଦୃଷ୍ଟି ପଡ଼ନ୍ତେ ଦୁଅନ୍ତା ଏକାଥରେ
ଆସ ବୋଲି ଆଜ୍ଞା ଦିଅନ୍ତେ ସ୍ୱାମିନୀ ଶ୍ରୀମୁଖରେ । ୮ ।
ଶିରେ ଠାରି ରୂପ ମଞ୍ଜରୀ ଡାକନ୍ତେ ଯେ ପାଶକୁ
ଯାଇ ଶ୍ରୀରୂପମୁରେ ରହନ୍ତି ସୁନ୍ଦରୀ ଲଳିତାଙ୍କୁ । ୯ ।
ଶ୍ରୀ କଶୋରୀ ମଣି ପ୍ରକାଶି ଦୟା ଦୃଷ୍ଟି ମୋ ପରେ
ପଙ୍ଖା ଦିଅନ୍ତେ ରୂପପୂର୍ବ ମଞ୍ଜରୀ ମୋ ହାତରେ । ୧୦ ।
ହସି ଶ୍ରୀ ବ୍ରଜେନ୍ଦ୍ର ଭାଷନ୍ତେ ପୂର୍ବପରି ଏ ମୁହିଁ
କାହାକୁ ଗୁହିଁଲେ ଦେଖୁକ ତୋ ସ୍ୱାମିନଙ୍କି କହ । ୧୧ ।
ଧଣ୍ଟୁ ନଥିଲୁ ଉପହାର ଧରି କି ଆସୁ ଆଜ
ସବୁ ଦିନେ ପଦସେବାକୁ ଆଗ ହୋଇ ଯେ ଥାଉ । ୧୨ ।
ଶୁଣି ମୋ ନୟନୁ ବହିବ ଲୁହ ନକହ କଥା
ଶ୍ରୀପଦାବ୍ଜକୁ ମୁଁ ଅନାଇ ରହିଁ ପୋତିବ ମଥା । ୧୩ ।
ହା ପ୍ରାଣେଶ୍ୱରୀ ପ୍ରାଣନାଥ ଆଘ୍ରାଣ ପୁଷ୍ପ କନ୍ଥ
ଆସିବ ମଥାରେ ମୋହର ଯାନ୍ତୁ ଲାଗେ କୁଠାରୁ । ୧୪ ।
ଦୟାଳୁ କଶୋରୀମଣି ଯେ ବୋଧକରନ୍ତେ ମୋତେ
ଚରଣେ ଶ୍ରୀକର ସ୍ମରଣୀ ଗାବବନ୍ଧୁ ପ୍ରବର୍ତ୍ତେ । ୧୫ ।

---*---

ରାଗ ଆନନ୍ଦ ଭୈରବୀ—ଆଦିତାଳ

ଦେଲି ସଖି କୁଳକୁ ଟେକି ଜଳାଞ୍ଜଳି ।
କାଳଶ୍ୟାମ ପ୍ରୀତିକ ଗାବନ ସଂଗାଳ । ପଦ ।
କହିଥିଲି ମୁଁ ସେତେକ ବାର ବ୍ରତାବଳୀ

ଦେଖିବ ତା ଯାକ ପଦତଳେ ନଖସ୍ଥଳ । ୧ ।
କୋଟି ଜନ୍ମାନ୍ତର ପୁଣ୍ୟଫଳ ଗଲା ମିଳି
ମୁଁ ଯୋଗିନୀ ଜାଣ ଅଳି ସେ ମୋହର ଥାଳି । ୨ ।
ମୋ ହୃଦର ନବ ମୃଗମଦ ପତ୍ରାବଳୀ
ମତ୍ତ ମଧୁକର ସେ ମୁଁ କାନନ ନଅଳୀ । ୩ ।
ସୁଗୁଣ ସୁନ୍ଦର ପଣ ଯାଦ ଭଲ ଭଲ
ନାମ ଜପୁଥିବ ଏକୋଟଶ ଜପାମାଳ । ୪ ।
ଅଖିଳ ସୌନ୍ଦର୍ଯ୍ୟବନ୍ତ ମଣ୍ଡଳର ମାଳ
ଭଜନ୍ତୁଅ ବୋଲନ୍ତୁ ଶ୍ରୀ ଲଳିତା ଏ ପାଳି । ୫ ।
ସୁଭୃଷ୍ଟ କାନନୁ ବାହୁଡା ବଂଶୀ ଢାଳଲି
ବୋଲେ ଗୋପାଳ କୃଷ୍ଣ ଭ୍ରମର ତାଳ ତାଳା ୬ ।

—*—

ରାଗ ଆନନ୍ଦ ଭୈରବୀ—ମିଶ୍ର ରୂପତାଳ

(ମୋହନଙ୍କୁ ଦେଖି—ବୃନ୍ଦେ)

ମୂର୍ଚ୍ଛିବା ପଦାର୍ଥ କି ସେ ଗୋଷ୍ଠଚନ୍ଦ୍ରମା ସଖିରେ ।
ଅଦେଖ ଦେଖି ମୁହିଁ ଅଜ ନିକୁଞ୍ଜ ସେଜରେ ।
ନଭାଙ୍ଗ ନିଦ୍ରା ଗୁହିଁଲି ତନୁ ସୁଷମା । ୧ ।
ପୁରନ୍ଦରମଣି ଦର୍ପଣରୁ ଚିକ୍କଣ
ଭୂଷଣର ଭୂଷା ମୋ ନେତ୍ର ପ୍ରତିମା । ୨ ।
ମୃଗମଦ ନୀଳୋତ୍ପଳ ଚଉ ଚଉମଳ
ସରସ ଚିତ୍ତସ୍ଥ ସୁମନ ସୁନ୍ଦରମା । ୩ ।
କାନନ ବାହୁଡା ବେଶ ରାସଲାସ୍ୟ ଶେଷ
ମଦନ ମୁଖ ପ୍ରାନ୍ତର ସୁମଧୁରମା । ୪ ।
ଗୋପାଳକୃଷ୍ଣ କହଇ ସ୍ୱାମିନୀ ଏଣିକ
ନ ଦେଖିଲେ ସିନା ହୃଦୟର ଗରିମା । ୫ ।

—*—

ରାଗ—ଶଂକର ଭରଣ (ରୂପକ ତାଳ)

(ଯୋଉଁ ପର ଅନୁରାଗ—ବୃନ୍ଦେ)

ଜଗବନ୍ଧୁ ଦୟାଳୁ । ଆଉ ମନ କାହିଁ ପାଇଁ ଖଣ୍ଡୁରେ ।
ରହ ଉଦ୍ଧରିବେ ଏ ଜଂଜାଳୁରେ । ପଦ
ସିନ୍ଧୁ ପାଧି କୃପାକର   ମନ୍ଥମାନ୍ଧ
ନୀଳାଚଳ ସୁଧାକର
ନିଖିଳ ପ୍ରାଣିବ୍ରତତ୍ରାଣ   ତୋ ସ୍ତୁର ବଦନ
କ ତାଙ୍କୁ ଘୋର । ୧
ପତ୍ତବାଦ ନେ୍ୟଣ   ସ୍ୱରୂପେ ଅଷ୍ଟଙ୍କି
କରୁଣା ନ୍ୟ ପ୍ରପନ୍ନେ
ଯୁବତୀଙ୍କି କାମ   ହରିଖାଙ୍କୁହ୍ମ ସମ
ଅଧୀସ୍ୱଭକ୍ତ ଜନେ । ୨
ଦାମୋଦର ଚଲେ   ନମାରୁ ଯା ଦେଖିଲ
ଶୁଣିତ ଥିବ ପୁରାଣେ
ବୃଥା ହୋଇବକ   ଜଣାଇ ବାରଲୁ
ପ୍ରଣାମ କର ଚରଣେ ୩
କୃପାଳୁ ପଣକେ   କଳକ ପିଆଇ
ଦେଇଥିଲ ବଡ ବକ୍ଷ
ଦୋଷ ଘେନ କହ   ଦଣ୍ଡିବେ ଜନନୀ
ଗଣରେ ଦେଲେ ଗତି କ । ୪
ନ୍ୟପମୂନ ଗୋପୀ   ସଙ୍ଗ ପିତୃଙ୍କର
ଶତ୍ରୁସମ୍ପ ଆତ୍ମ ମୋକ୍ଷ ।
କରନ୍ତି ଯା ନାମ   ମାନବେ କେ ପ୍ରଭୁ
ହୋଇ ଅଛନ୍ତୁ ପ୍ରକାଶ । ୫
କାରଣ ବର   ପରଧାଣ ଘୋଷଣ ବ୍ରହ୍ମାଣ୍ଡ
ଭରି ପଠାଇ
କାହାକୁ ଯାଇଛି   ନ କର ସ୍ମରଣ
ଦୁଃଖି ହେଉ କାହିଁ ପାଇଁ । ୬

ଭୃତ୍ୟ ମହାତଳେ ଡାକବାର ବେଳେ
ସାଢ଼ା ଦେଲେ ଦୌପଦୀଙ୍କି
ଆଜ ରାଧା ସୁଣି ବୋଲ ମୁଁ କହୁଣି
କହୁ ଅଛନ୍ତ ସେ ଡାକ । ୭
ଭକ୍ତ ବଂଧୁ ପଣ ଭାରତ ଯୁଦ୍ଧରେ
ଖ୍ୟାତଠାରେ ଦେଖାଇଲେ
ନିୟମ ଲଂଘି ରଥରୁ ଡେଇଁ
ରଥ ଚରଣ ଧରି ଧାଇଁଲେ । ୮
ଶରଣ ପଶି ବିଭୀଷଣ ଆସିଛି
ବୋଲି କହୁ ଶ୍ରୀରାମରେ
ଦେଲେନି ତେତେ ଦେଲେକି ତାକୁ ଲଂକା
ପଦବୀ ଭକ୍ତ ଲୀଳାରେ । ୯
ଭାଷି ପଦମୁଖ ବୋଲି ହନୁମାନ
କଲନ୍ତି ଅନୁମୋଦନ
ଭୃତ୍ୟା କରିବେ ରକ୍ଷିଛନ୍ତି ପ୍ରଭୁଙ୍କ
ଏପରି ଜାଣିବ ମନ । ୧୦
ଧ୍ରୁବ ମନୋରଥ ପୂର୍ଣ୍ଣ କରିବାର
ପ୍ରତ୍ୟକ୍ଷରେ ତ ଦିଶୁଛି
ଚରଣ ପରଶ ଭଂଜରେ ପଥର
ପଥର ନାରୀ ହେଉଛି । ୧୧
ପ୍ରହର ଅର୍ଦ୍ଧକେ ଧୃଵ ହେଲେ ଭକ୍ତ
ବଇଶି ରାକ୍ଷସ ମେଳୁ
ସେ ପ୍ରହଲ୍ଲାଦଙ୍କ ବିପଦ ଠାରୁନ
ନ ଭୁଲିଲେ ତୋ ଶେଷପୁରୁ । ୧୨
ଭଜନ କୀର୍ତ୍ତନ ଆତ୍ମ ସମର୍ପଣ
ଦାସ୍ୟ ସଖ୍ୟାଭିବାଦନ
ସ୍ମରଣ ପୂଜା ଶ୍ରବଣ ନବଧା
ଭକ୍ତି କରନ୍ତନ୍ତି ଦାନ । ୧୩

ଭମା ଶୁକବଳି ହନୁ ମାନାର୍ଜ୍ଜୁନ
ଅକ୍ରୂର ଦୈତ୍ୟ ତନୁଜ
ପୃଥୁ ପରୀକ୍ଷିତ ହୋଇ ଅଲଙ୍କୃତ
ଲଭିଛନ୍ତି ପଦକଂଜ
ବୋଲିବୁ ମୁଁ ଦୀନ ଭଜନ ସାଧନ
ନ ଜାଣଇ ଜନମରୁ
ଆଜାମିଳ ଜାମଳାର୍ଜ୍ଜୁନ କି
ତପ କରିଥିଲେ କି ପୂର୍ବରୁ ? ୧୫
ଯା ଗୁଣାର୍ଣ୍ଣବରୁ କି ହୁଏ ବର୍ଣ୍ଣିଲେ
ଶେଷରେ ନ ହେବ ଶେଷ
କି କହିବ ତାହା ଗୋପାଳକୃଷ୍ଣ ତ
ନୁହଇଁ କାଷ୍ଠ ସଦୃଶ । ୧୬

—✳—

ରାଗ କେଦାର—ତାଳ ଝିପଟା

କି ପାଶୋରି ହେଲି କାହିଁକରେ ରହିଲି
ଶ୍ରୀକିଶୋରୀ କୁଂଜ ବିହାରିଙ୍କି
ପରମ ଧାମରେ ସମନ ଥିଲି ଯେ
ହେମ ମରକତ ମାଧୁରୀଙ୍କ । ପଦ
ରମା ସମାନ ସୁଷମା ବ୍ରଜ ରାମା—
ଜଗ ମାଙ୍କ ମାଳା ବୃନ୍ଦ ଗ୍ରାନ୍ତୁଜେମା
ଗୋଷ୍ଠ ଚନ୍ଦ୍ରମା ବାମା ନେତ୍ର ଚନ୍ଦ୍ରିମା
କାମାନ୍ଧି ରାମ ବଂଶୀ ଧାରିଙ୍କି । ୧
ଦାଣ୍ଡି ବୃନ୍ଦ ଶିର ମାଳ ଜପୁରାଣି
ବେଢଣି ପ୍ରଚଳାକ ଚୂଳ ବିଭୂଷଣି
ତରଳ ତର ଈକ୍ଷଣ ବିକ୍ଷେପଣି
ହା ହା ରୋମାଞ୍ଚ ତନୁ ଶିରିକ । ୨

ହା ରାସ ରସ ତାଣ୍ଡବ ସୁପଣ୍ଡିତା
ହା ସାତ୍ତ୍ୱିକାଳଙ୍କ ରତନ ମଣ୍ଡିତା
ହା ମାର୍ତ୍ତଣ୍ଡ ଜାଙ୍ଗର—ରଣ୍ୟା ଖଣ୍ଡଳ
ଋତୁ ନେହାଞ୍ଚଳ ଋଭୁଙ୍ଗା କ । ୩

ଅଧୋନ୍ମତ କୁତ—ଦୃଷ୍ଟି ଚନ୍ଦ୍ରାନନ
ଲଜ ହର୍ଷ ହାସ ସୁନର୍ମ ବଚନ
ପରସ୍ପରେ ପ୍ରେମ ସୁଧାବ୍ଧି ମଜ୍ଜନ
ଜଳାଧର ଯୁବା ଜମ୍ପାରିଙ୍କି । ୪

ଦେଖି ଦୂରରୁ କେ ପାରୁଛି ଯିବାର
ଥରି ଥରିକେ ପଛକୁ ଘୂଞ୍ଚି ବାର
ପ୍ରିୟ ଲାଗି ହେଲେ ଅବଲମ୍ବିବାର
ହସିଲା ହୋଇ ସହଚରୀଙ୍କି । ୫

କୁସୁମ ମେଜରେ ବ୍ରଜ ଯୁବରାଜ
କୁଂଜ ଦ୍ୱାରକୁ ରାଧାଙ୍କୁ କରିସଜ
ଇଚ୍ଛା କରିବାର ଆହା ଆଳୀବ୍ରଜ
ନ ତେଜ ଅଳିଂଙ୍କ ସେ ପାଶକ । ୬

ଗୋପାଳ କୃଷ୍ଣ ମାନ ସେ ନିରନ୍ତର
ଚିନ୍ତି ବ୍ୟାକୁଳେ କପାଳେ ମାରିକର
ହା କି ଦୂର ଦୁଷ୍ଟ ହେଲ ଏତେ ଦୂର
ବୋଲି ନେତ୍ରୁ ତେଜଇ ବାରିକ । ୭

ରାଗ ଝଞ୍ଜୋଟୀ । ଏକତାଳ

ବାଜନ ବାଉନ ରେ । ଗୁଣ ମଞ୍ଜମା ହେଲେନ ମା
ନେତ୍ରୁଚ୍ଛନ୍ତ କଳାହଳ । ଶର ପୁଲକମା ଅବମାରେ । ପଦ
ସ୍ମରି ସୁମର ହସି । ଜାଣଚୋ ସୁଷମା ଶ୍ରୀ କଶୋଷ୍ଠ
ଗାଉଥିଲେ ଗୀତ କର । ଧରି ସାଣା ପ୍ରାଣ ସଂଗିମାରେ । ୧
ପ୍ରସାରି କର ସାଷ୍ଟକ । ବସାଇ ଧୀରେ ତୋ ସ୍ୱାମିମାକ
ଡାକ ଆସିବେ ଏଣିକ । ବୋଲୁ ନେଝ ଥିନ ଥନ ମାରେ । ୨
ଆସୁଥିବୁ ପରା ବୋଲ । ଘଡ଼ି ଘଡ଼ିକ ନବ ଛଇଲ
ତୋଳ ସଘନେ ଭ୍ରୂବଲ୍ଲୀ । ଗୃହୁଁଥିଲେ ଚନ୍ଦ୍ର ବଦନରେ । ୩
ଶ୍ୟାମ କରିବାର ଦୋଷ । ସଖି ମୋହର ହେଲାଗୋ ଆସ
ହୁଅ କ ନହୁଅ ବେଶ । ବ୍ରଜ ଯୋଷ୍ୟ ଶିର ମଣ୍ଡମାରେ । ୪
ନଖରୁ ଶିଖ ପର୍ଯ୍ୟନ୍ତେ । ଆଲୀ ସାଜିଲେ ବେଶ ଭରିତେ
ଗୋପାଳକୃଷ୍ଣ ପୁରତେ । ଦେଖଗଲା ଲାଗବର୍ତ୍ତିମାରେ । ୫

ରାଗ ସେହାନା ଏକତାଳ

ମୋ ମନରୁ ଯାଉ ନାହିଁ ରେ ସଙ୍ଗାତ !
ବ୍ରଜେନ୍ଦ୍ର ବୋଲକେ ଜାଣଇ ତମାଳ
ଭ୍ରମରେ ଦେଲି ଅନାଇଲେ ରେ । ୧
ବରହ ମୁକୁଟ ଖଞ୍ଜଣି ଗୃଭୁସ୍ତ
ଷଦେକ ଖେଳୁ ହଜାଇ ରେ । ୨
ରକ୍ଷି ରକ୍ଷି ଡୋଳା ଟାଳି ଦେଇ ଶ୍ରୁତି
ଉଟେ ଦେବାର ଥଜାଇ ରେ । ୩
ଚେତେନ୍ଦ୍ର—ପୂର୍ବ୍ୟେ ପୁଞ୍ଜ ଅନୁଭବକୁ
ଅଚ୍ଛନ୍ତି କାହାର ପାଇଁ ରେ । ୪
ପୁଷ୍ପବାଟୀ ଶିଳା ଦେଙ୍କରଣ କଥା
ଗୋପାଳ କୃଷ୍ଣ କହଇ ରେ । ୫

—*—

ରୂପ କଲ୍ୟାଣ—ରୂପକ ତାଳ

(ରାତି ପାହିଗଲା ହେ ଶ୍ୟାମ—ବୃତ୍ତରେ)

ଏତେ ଭାଗ୍ୟ ମୋର ହେବକି ?
ହେବି ବୃନ୍ଦାବନେ ଶ୍ୟାମା ସେବିକା
ଶ୍ରୀ ଗୁରୁଦତ୍ତ ବୀଜମନ୍ତ୍ର କଳପ
କଳପ ବଲ୍ଲୀରେ ପ୍ରେମ ଫଳ ଫଳିବ କି ? । ପଦ ।
ଶ୍ରୀ ସ୍ୱାମିନୀଙ୍କର ଯାବତ
ଅଷ୍ଟକାଳ ସେବା ସତତ
ଶ୍ରୀରୂପ ମଞ୍ଜରୀ ଆଜ୍ଞା ଶିରେ ଧରି
କରିବି ମନୋରଥ ପୂରିବ କି ?
ବ୍ରଜରାଜ କୁଳ ଚନ୍ଦ୍ରମା ଦୋଷ କରିବା ପାଇଁ କ୍ଷମା
ଲଳିତାଙ୍କ ପଦାବ୍ଜେ ଗଡ଼ି ଜଣାଇବା ଶୁଭଦଶା ସମ୍ଭବିବ କି ?
ଗୋଷ୍ଠେଶ୍ୱରୀ କୋଳରେଁ ମରି ବଧୂ ସୁଖେ ଲାଳନା କରି
ସ୍ନେହେ ଅଶ୍ରୁ ପୋଛୁ ପ୍ରେମେଶ୍ୱରୀଙ୍କ ଲଜ୍ଜା ନମ୍ରମୁଖ ବିମ୍ବ ଦେଖାଇବ କି ?
ରାସର ସାମ୍ଭାବ୍ଧି ବଧୂ ଅଙ୍କରେ ଜଟିଳାଙ୍କ ବଧୂ
ରଜେ କରିବାର ଦେଖି ମୋ ଆଖିର ସୁଖ ଅକୂପାର ଉଚ୍ଛୁଳିବ କି ?
ହୃଦେ ଧରି ସେ ଦୁଇ ରୂପ ଶ୍ରୀ ମଞ୍ଜରୀ ସଖୀ କଳାପ
ବୋଲେ ଗୋପାଳକୃଷ୍ଣ ମୁଖେ ଶ୍ରୀରାଧାକୃଷ୍ଣ ବୋଲି ଗାଇ ବରଜିବ କି

ରାଗ ଧନାଶ୍ରୀ ମିଶ୍ରରୂପ ତାଳ

(ମୋହନ ରାତି ଚହ୍ଲା ପଡ଼ିଲା—ବୃତ୍ତେ)

କେ କି କହି କି ବଗଡ଼ାଇଲା ରେ
ମୋହନକୁଂ ମଝିରେ ଗଡ଼ାଇଲାରେ । ପଦ ।
ପ୍ରଥମ କରି ଆଜ ବ୍ରଜରାଜ ତନୁଜ
ନେତ୍ରରୁ ନୀର ନଗିଡ଼ାଇଲା ରେ । ୧
ଚୋଲଗି ଭବକନ୍ୟା— ଶୀର କୁସୁମ ବନ୍ୟା
ନିକୁଞ୍ଜ ଯାକ କେତେ ଲୋଡ଼ାଇଲାରେ । ୨

ରହୁଁ ଚମ୍ପକ କଳ୍ଲୀ   ସଜନୀ ଭୁଜ୍ଜି ବୋଲି
ଶ୍ୟାମ ଶ୍ରୀଭୁଜରେ ତ ଭିଡ଼ାଇଲା ରେ । ୩
ପଡ଼ିଲା କେଡ଼େ ଦଣ୍ଡ   ନବ ଶିଖି ଶିଖଣ୍ଡ
ମୁକୁଟ ମଥାରୁ ଛଡାଇଲାରେ । ୪
ଆଇଲ ସେ ସମୟ   ହେଜ ମୁଁ କଣ
ପାଇଁ ସୁବଳଙ୍କୁ ଦଉଡ଼ାଇଲାରେ । ୫
ଗୋପାଳକୃଷ୍ଣ ଭଣି   ଶ୍ରୀମତିଙ୍କି ସେଷଣି
ଭେଟାଇ ଶ୍ୟାମ ଦୁଃଖ ଛଡ଼ାଇଲା ରେ । ୬

—*—

ରାଗ ପରଜ—ମିଶ୍ର ରୂପ ତାଳ

(ସଙ୍ଗ ଯିବନି ଲୋଡ଼ି ଲୋଡ଼ି ସେ ମୋତେ—ବୃତ୍ତେ)

ରଙ୍କ ଯାଇକି ଲୁଷା ଲୁଷିଠା 'ନିରତ ସନ୍ଧି ପ୍ରୀତିରେ । ପଦ
ଲୁ ବ୍ରଜବଧୂ ଯେମନ୍ତ   ରୂପବତୀ ରୂପବନ୍ତ
ବୁଡ଼ିଛ ପ୍ରେମ ସୁଧା ସିନ୍ଧୁରେ ।
କ୍ଷଣେ ହୋଇବକ ରଙ୍କ   ପଡ଼ିଲେ ମୂର୍ଚ୍ଛା ମୂର୍ଚ୍ଛିଁ
ବଳେ ମିଶିଯିବ ସ୍ମୃତିରେ । ୧
ଭୃଙ୍ଗାପ୍ସୁ ଜନ ନଥିଲା   କାଳରେ ଜାଣୁ ଛଇଲା
ଯାହା ଅନୁଭବ ସୁପାତ୍ରରେ,
ସୃଷ୍ଟି ହୋଇଗଲେ ମନେ   ଗାଯୁନେ ଅବାସ୍ତବନେ
ଲୋଟୁ ଦିନ ସରିବ କି କ୍ଷତରେ । ୨
କଥା କେତେବେଳେ ଯାଇ   ନ କହିବ ନ ଅନାଇଁ
ଏକା ଏକ ହୋଇଲେ ଲାଗରେ,
କେତେଥର ଗାଢ଼ାଲିଙ୍ଗନ   କେତେଥର ସରୁ ଚୁମ୍ବନ
ସରିଯିବ ହରଷ ଝଁଟତରେ । ୩
ଗଭା ଗନ୍ଧ ବନ ବାଟେ   ଜଗା ଜଗି ଜଳ ଘାଟେ
ହେଲେ ଲୁଚି ନ ଦେଖିଲେ ପ୍ରାଣେ,

ଅସଜା ହେଉଥିବତ ଗୋପାଳ କୃଷ୍ଣ ଭଣିତ

ଘାରି ହୋଇ ଶଂକର ଅନ୍ତରେ । ୪

—*—

ରାଗ ନାଟ କୁରଙ୍ଗୀ ରୂପକ ତାଳ

ସନ୍ତ୍ର ଏହ୍ନଟି ପଶୁପୀ ଲମ୍ପଟିଆ
ବରହ୍ମ ବରହ ମୁକୁଟିଆ । ୦ ।

ନୂତନ ବାରିବାହ ପରିହସୁଅଛି ଦେହ
ଅନା କଳନ୍ଦ ସୁତା ତନଯୁ । ୧ ।

ବ୍ରଜଶିଶୁଙ୍କ ସଙ୍ଗେ ବଂଶିବଜାଇ ରଙ୍ଗେ
ନାଚି ଆସୁଛି ପୀତ ଧଟିଆ । ୨

ନାସିକା ମୋତିବର ହସୁଛି କି ସୁନ୍ଦର
ରତ୍ନ ମେଖଳା କ୍ଷୁଦ୍ର ଘଣ୍ଟିଆ । ୩ ।

ଗୋରଚନା ତିଳକ ହକାଉଛି ବଦେକ
ସୁରୁଚିର ଚନ୍ଦନ ପାଟିଆ । ୪ ।

ଅନା ଗୋ କି ମାଧୁରୀ ଶ୍ରୀ ମୁଖେ ଭ୍ରମବାରି
କୁଟିଳ ଅଳକ ଲଲାଟିଆ । ୫ ।

ଆହା କୁଣ୍ଡଳ ପ୍ରଭା ଗଣ୍ଡସ୍ଥଳରେ ଶୋଭା
ପତିବ୍ରତା ଚିତ୍ତ ଉଚ୍ଛାଟିଆ । ୬ ।

ଗଇରିକ ରଞ୍ଜିତ ବନ୍ୟସ୍ରଜ ଆବୃତ
ହୃଦ ମାଳମଣି କବାଟିଆ । ୭ ।

ପିନ୍ଧିଛି ସେ ବେଶନ୍ତେ ଫୁଲ ଜାନୁ ପର୍ଯ୍ୟନ୍ତେ
ଲମ୍ବାଇ ଦେଇ କୁଞ୍ଜ କୁଟିଆ । ୮ ।

ହୋଇବାର ଶ୍ରୀଭଙ୍ଗ ଛନ୍ଦ ଚରଣ ଯୁଗ
ଅନା ଅତୁଳ ତୁଳା କୁଟିଆ ।୯ ।

ଶ୍ରୁତି ପରିସରକୁ ତାଳ ତାଳ ଡୋଳାକୁ
ଗୃହୁଁଛି କେତେ ନଟ କୁଟିଆ । ୧୦ ।

ନୂଆ ମଦନ ମୂର୍ତ୍ତି ନାଗର ଚକ୍ରବର୍ତ୍ତୀ
ଲଳନା ମନ ଧନ ଲୁଟିଆ । ୧୧ ।
କେ ବଧି ଗଲ ବଙ୍କ ମଥୁରା ପଥେଲୁକ
ଦାନ ଘେନିବା ନଟ ଘଟିଆ । ୧୨ ।
ପତ୍ତପଟଣେ କଟୋରା ତୋଟେ ହୁଅନ୍ତା ସରି
ନ କଲୁ ବସ୍ତ୍ର ଅସଲ କ୍ରିଆ । ୧୩ ।
ଲେଖାଇ ସଖୀ ହାତେ ରଖିଛୁ ଯା ଗୁପତେ
ସଜନ ରେ ସେ ଶଠ ପଟିଆ । ୧୪ ।
ନବ ନୀପମଞ୍ଜରୀ କର୍ଣ୍ଣେ ଉତ୍ତଂସ କରି
ହେଉଛୁ ଧେନୁ ପଛ ପଟିଆ । ୧୫ ।
ଗୋପାଳକୃଷ୍ଣ ଭଣେ ରାଧା ବୋଲନ୍ତି କ୍ଷଣେ
ବସିଲେ ଦେଖନ୍ତି ଏକୁଟିଆ । ୧୬ ।

—*—

ବନମାଳି ଗୀତ

(ଏଗୀତଟିର ବିଶେଷ ଏହି ଯେ ଶ୍ରୀକୃଷ୍ଣଙ୍କ ବନ୍ଦନ ପରେ ଶ୍ରୀରାଧା ହର୍ଷୋତ୍ ଫୁଲ୍ଲିତ ହୋଇ ନିଜ ମନୋଭାବରୁ କିଂଚିତ୍ ପ୍ରକାଶ କରିଛନ୍ତି)

ରାଗ—ଭୃଟିଆର

ପଥ ଛାଡ଼ ଦେ ମୁଁ ଯିବ ଫୁଲ ତୋଳି ଯେ । ବନମାଳୀ ।
ସ୍ନାନ କରିଛୁ ପୂଜିବ କର ମାଳ ଯେ । ପଦ
ବୃନ୍ଦାବନେ ପୁଷ୍ପ ତୋଳୁ ରଂଗେ ।
ଗୋଷ୍ଠ ସୁଧାକର ରାଧା ଆଗେ ।
ମିଳନ୍ତେ ଅନାଇ ଚମକି ଭାଷନ୍ତି
ଛିନ୍ନ ହୋଇ ମନ ଉଦବେଗେ ଯେ । ୧
ଚାହିଁବାକୁ ଆଖି ତାଳି ତାଳି···
ନୁହଁଇଟି ମୁଁ ସେ ଚନ୍ଦ୍ରାବଳୀ

ବରଜ ଭାଣ୍ଡରେ ବଜାର ବସାଇ
ବଇଶି ହାତରେ ନମସ୍ତ ଡାଳ ଯେ । ୨

ବନ ମଧ୍ୟେ ଏକ କଉତୁକ···,
ଯା ଯା ବାଟେ ବାଟେ ଯିବା ଲୋକ
ଯେ ତୋ ସଙ୍ଗତେ ଗୁଡ଼ଜଲ ହେଉଥିବ
ତା ଆଗେ ହୁଅଇ ଭଂଗିଯାକ । ୩

ମୁରଲୀ ଛୁଆଇଁ ଦେଲା ଲାଗେ···,
ପୁଲକ ପୂରିଗଲା ଶ୍ରୀ ଅଂଗେ
ଥରି ଅପସରି ଆଣିନେଇ ବାଶୀ
ଖଷନ୍ତୁ ଲାଗନାହିଁ ମୋ ସଂଗେ ଯେ । ୪

ବାଳକ ବୁଦ୍ଧିର ଗୁଣ୍ଡ ନାହିଁ···,
ଛୁଇଁ ଦେଲୁ ସରି କହୁ କହୁ
ବଳ ଯାଉଛିନା ଉପଦ୍ରବ ଯାକ
ଯାଉ କୋଲୁ ଯିବା ସନ୍ତୁ ସନ୍ତୁ ଯେ । ୫

ଲୁହିଁଲି ମୁଁ ତୋ ଟାପରାଭଳ···
ରଘ ଯା ଘରେ ଯେ ଗୃହସ୍ଥି ଆଳ
ନିକଟେ ଅଛନ୍ତି ଲଳତା ଜାଣିଲେ
ମୁଖକୁ ନଚାହିଁ ଦେବେ ଗାଳି ଯେ । ୬

ପିଠାକୁ ଡରି ଖୁଭଇ ଡ଼ାକ···
ନ ପାରିବାରୁ ମୁଁ ସଜମୀ କ
ନିର୍ମଳକୁଳ ପଣ୍ଡ ବ୍ରତା ବରତ
ନାମ କରୁଛୁ ଏ ଧରମ କି ଯେ ।୭

ହୋଇବାରୁ ଲାଗ ଲାଗ ହରି···
ଲୀଳା କମଳ ଶ୍ରୀହସ୍ତେ ଧରି
ମାରି ହସିଲା ହୋଇ ଧୀରେ କୋଳନ୍ତି
ପଳାଅ ଅଇଲା ସହଚରୀ ଯେ । ୮

ଯାଅ ହୁଅନା ମୋ ରାସ୍ତ ପାଶ··
ନାଶ କରି ଦେଲୁ ସୁମନଶ

ହାତକୁ ହାତ ବଜାଇ ଦେଇ ପୁଣି ବୋଲୁଛୁ
ଆହୁରି କାହାର ଦୋଷ ଯେ । ୯
ଛୁଡ଼ ଗଲା ଲଳା ଅରବିଂନ୍ଦ···
ଏତିକ୍ଷଣି ଆସି ଆଳିବୃନ୍ଦ
ପଚ୍ଛରିଲେ ତାଙ୍କୁ କିଭଳି କହିବୁ···
ହସୁଅଛୁ ପୁଣି ମଂଦ ମଦଂ ସେ । ୧୦
ଓଗାଳୁ ସରଣୀ ଗଲେ ଯେଣେ
ଚରମ ବାସ ଭଙ୍ଗାଛୁ ତେଣେ
ପଚ୍ଛରିବ କି ତୋ ଜନମ କି ଯାଇ
ଏଭଳି ଯାକ ସେ ଗୋସ୍ବାଙ୍ଗଣୀ ସେ । ୧୧
ପରାଦ୍ଧ ମଦନ ରୂପୋଧଣ୍ଡ··
ନବାଞ୍ଜନ ପୂଞ୍ଜ ପରିକାନ୍ତ
କୁଂଜବନ ଯାକ ଦେବତା ହୋଲୁଛି
ଏହା ଦେଖି ପରି କହୁଥାନ୍ତ ଯେ । ୧୨
ନାରୀ—ମନ—ଧନ ହରିବାର···
ଖିଣ୍ଣ କୂଳ ଗୁରୁଙ୍କୁ ନାଗର
ରୂପଗୁଣ ବଂଶୀ ଆକୃତି ପ୍ରକୃତି
ଘଟାଇ ଦେଇଛି ବେଦବନ୍ଧ ଯେ । ୧୩
ଆହା ମୁଖରା ଆସନ୍ନା ହେଲେ··
ପଳାଇ ଯାଆନ୍ତ ଘରଗଲେ
ଆଜ ଏ ବରଜ ବଜନ ଆସିବ
ନାହିଁ ମୋ ଦେହରେ ପ୍ରାଣ ଅଟଲ ଯେ । ୧୪
ହେଉଛି କାଲଧୂଳୀ ଖେଳବାର
ଝାଲେ ଢଗେ ତନୁ ଜରର
ଚୂର୍ଣ୍ଣ କୁନ୍ତଳ ମୁଖକୁ ପଡ଼ୁଥିଲା··
ତର୍ଣ୍ଣିକ ପଛରେ ଧାଇଁବାର ଯେ । ୧୫
ଦର ବିଚଳିତ ବାଲ୍ୟାବସ୍ଥା···
ଏତେ ବେଗି କାହିଁ ଏତେ କଥା

ପର ରମଣୀକୁ ଦେଖିଲେ ଦୂରରୁ···
ଲଇଁ ଯାଉ ଥାନ୍ତା ସିନା ମଥା ଯେ । ୧୬
ପତ୍ନୀ ଶ୍ରଦ୍ଧା ଥିଲେ ବ୍ରଜେଶ୍ୱରଙ୍କ···
ଆଗେ କହ ଦେବେ ବଶ୍ୟକର
ପର ପରମଦା ପରେ ଆଶାକଲେ···
ମନୁଷିଙ୍କ କେତେ ଶଢ ସର ଯେ । ୧୭
ଜନ୍ମ ଜନ୍ମାନ୍ତରେ ତପ କରି···
ପତି ପାଇଥିଲେ ଏହିପରି
ହାତ ପଛଆଡେ ଲୁହ ପୋଛୁ ପୋଛୁ
ଘନ ନେବ ସିନା ମନମାର ଯେ । ୧୮

ଜମୁନା ତଟରୁ ନାଗରଙ୍କର···
ଲଟକାସ ସବୁ ଓ୍ୱେର ପାର
ଗୋପରେ ଆଜକୁ ବାଜୁଛି ଘୋଷଣା···
ଅଣ୍ଡି ନାହିଁ ଲାଜ ଥରକର ଯେ । ୧୯

ଏଣୁ ବନ୍ଦୁଁ ଏଡ଼େ ଉଚ୍ଛୃଙ୍ଖଳ···
ଆତୁର ଅଚ୍ଛିତ କାଳବେଳ
ଯଉବନ ଲବ ଛୁଇଁଛନ୍ତି ନାହିଁ···
ବ୍ରଜ ହୋଇଗଲା କୋଳାହଳ ଯେ । ୨୦
ବ୍ରଜବଧୂ ଗଲେ ଦଣ୍ଡ ବଜ···
ଯମୁନାରେ ବାନ୍ଧି ତରଣୀକ
ସ୍ରୋତ ମଧ୍ୟେ ନାବ ରଖି ତାଙ୍କୁ
କଲା ଉଦାସୀ ଧରଣୀ ଧରିବାକୁ ଯେ । ୨୧
-ସଖୀମାନେ କହୁଥିଲେ ଯାହା···
ଅନୁଭବ ଆଜି କଲା ତାହା
ଶ୍ରୀ ଗୋପେଶ୍ୱରଙ୍କ ଗର୍ଭରୁ ସମ୍ଭୂତ
ହୋଇବାକୁ ଏକା ଥିଲା ଏହା ଯେ । ୨୨
ଗୋପ ଜାତିରେ ବର ହୋଇଥିଂଶ···
ବଇଁଶି ବଜାଇ କେ ନଟବେଶ

ହୋଇ ନାଚଥିଲା ବିଶ୍ୱକ ବହ୍ନି...
କରିବାକୁ ସାଧ୍ୱୀବ୍ରତ ଧ୍ୱଂସ ଯେ । ୨୩
ଯାହାକୁ ସନ୍ତତେ ଡ଼ରୁଥିଲି...
ତା ଆଗେ ଏକାକୀ ପଡ଼ିଗଲି
କାହାକୁ ଡାକିବି କାନନ ମଧ୍ୟରେ
କେହିନାହିଁ ଜାତି ହରାଇଲି ଯେ । ୨୪
ଘରକୁ ଗଲେ ସେ ବଣାଖାକୁ...
ଫେରୁଥିବ ସିନା କାନନକୁ
ଫୁଲ ତୋଳିଥିବ ବୋଲି ଡାକଆଣି
କରାଇଲା ଇଏ ବିଡ଼ମ୍ବନକୁ ଯେ । ୨୫
ଗୃହ ପତି ଜନନୀ ଜଟିଳା...
ଗରଜୁ କଳତା ବାଣୀଜ୍ୱାଳା
ଏପରି ଥିଲାର ଡାକିଲେ କାଟିକି...
କଟାଳ କୁଠାରେ ମୋର ଗଳା ଯେ । ୨୬
ଗଡସ୍ଥ ତୀର୍ଥକୁ ଚନ୍ଦ୍ରାବଳୀ...
ଗଲି ପୂଜି ସାରିବନି କାଳୀ
ମନ କାମନା ପୂରାଇବ ସେସିନା
ଯାର ଲୋଡ଼ୁଥିଲେ ତାର ଆଳ ଯେ । ୨୭
ପାଶେ ଥିଲି କେବଳେ ଆର୍ଯ୍ୟଗଣ...
କାହିଁ ଥାଇଟି ଏ ଧୃତପଣ
ଦଶ ଅଂଗୁଳୀକୁ ଅନାଇଁ ରୁଳିଲି—
ପରିବଶୁ ଥାଇ ଆଚରଣ ସେ । ୨୮
ଗୋସ୍ୱେନ୍ଦ୍ର ନନ୍ଦନ ଅଲୌକିକ...
ସୁନ୍ଦର ପଣ ସୁଗୁଣ ଯାକ ।
ଛୁରପର ବଧୂ ପରସଙ୍ଗରଙ୍କ
ଆଶାରେ ନବୁଡ଼ା ଏତେ ଟେକ ଯେ । ୨୯ ।
କେ ଦେଖିଲେ ପ୍ରୀତି ଥିଲାପରି...
ଏବେ ପଡ଼ିଯିବ କୁଳଜ ହରି

ପାଟକ ଜାଡି ମୋ ଶୀଖଣ୍ଡ ମୁକୁଟ···
କୁଳରୁ ଦେବେ ମୋ କଟାଳ କରି ଯେ । ୩୦ ।
ନାଗର ହଷ୍ଟ ନକର ବୃଥା···
ଲୁଚିବ ନାହିଁଟି ଏ ସର୍ବଥା
ବଦନେ ବାସ ଦେଇ ଲୋକେ ହସିବେ
କାଳକୁ ବୋଲ ରହିବଟି କଥା ଯେ । ୩୧ ।
ଏହି ଷଣିଟି ଆର୍ତ୍ତିରେ ଧାଇଁ···
ସଖା ଏ ଆପଣା ନାମଦେଇ ।
ଡାକ ଡାକ ଏହିପଥେ ଗଲେ ମୁହିଁ
ଥାଉଛି ଏଠାରେ ଆସ ଯାଇଁ ଯେ । ୩୨ ।
ଗିରି ଗୋପାଳଙ୍କୁ ଗିରିଧରି···
ଉଦ୍ଧରିଛ କେଡ଼େ ଉପକାରୀ ।
ପଣନ୍ତ ପ୍ରସାରି ମାଗୁଛି ମୁଁ ଏତେ···
ଆଉ ହୁଅ ଥରେ ଦୟା କରି ଯେ । ୩୩ ।
ରହୁ ହାସ ପରିହାସ ଯାକ···
ନିକଟେ ଶୁଭୁଛି ଲୋକ ଡାକ ।
ଯୁହାର କରୁଛି ରହି ନପାରଇ
ହୃଦ ହେଉଛି ମୋ ଦକ ଦକ ଯେ । ୩୪ ।
ନିଶ୍ଚେ ଆସିବ ଶପଥ ମୋର···
ଏହି ପଥରେ ନାଗର ବର ।
ଯାହା ବୋଇଲେ ମୁଁ ନିୟମ କରୁଛି
ଅବଶ୍ୟ କରିବ ଅଙ୍ଗୀକାର ଯେ । ୩୫ ।
ଫିଟିଗଲା ମୋ କବରୀ ଭାର···
ଝାଳେ ପୂରିଲାଣି କଳେବର ।
କାହା ମୁଖ ଗୁହିଁ ଆସିଥିଲି ଆଜ
ପଡ଼ିଗଲି ଏତେ ହାରବର ଯେ । ୩୬ ।
କି ଶବ୍ଦ ହେଲେଟି ଅଳଆଳି···
ଏତିକ ବେଳକୁ ପାଶେ ମିଳି ।

କବିତାବଳୀ ମୋ ବିବେକ ହରିଲେ
ଆହା କେଉଁ ଅନ୍ତେ ଗଲେ ଆଳି ଯେ । ୩୭ ।
ହସି ବ୍ରଜବଧୂ ମଧୁକର...
ନକର କର ଶ୍ରୀକରଉର ।
ଘଷିଲେ ହୃଦେ ଲଗାଇ କି କହିବ
ପରିଜନେ ଅବଧାନ କରଯେ । ୩୮ ।
ନକ୍ଷତ୍ର ମାଳା ହୃଦରୁ ଫେଇ...
ମୋହନ ଶ୍ରୀରାଧା କଣ୍ଠେ ଦେଇ ।
ବିନମ୍ର ହୋଇ ଘଷିଲେ ହେ ମିଷ୍ଟ ମିଷ୍ଟ
ବାଣୀ ସକର୍ମ ତଳୁ କହ୍ନ ଯେ । ୩୯ ।
ବଲ୍ଲୀ ଉହାଡରେ ସଖୀ ବୃନ୍ଦ
ରହି ଶୁଣୁଥିଲେ ସେ କଳହ ।
ଶ୍ରୀକୃଷ୍ଣ ଶ୍ରୀମତି ମିଳନ ବିଲୋକ
ସୁଖରେ ପାଶୋରି ଦେଲେ ଦେହ ଯେ । ୪୦ ।
ଶ୍ରୀକୁଣ୍ଡ ସେତୁ ନିକୁଞ୍ଜ ସେ ସେ...
ଶ୍ରୀରାଧା ମାଧବ କଲେ ରଙ୍ଗେ ।
ସୁପ୍ତ ବ୍ୟଞ୍ଜନ ଧରି ଗୋପାଳ କୃଷ୍ଣ ପଞ୍ଚ ନାୟକ
ପଦାବ୍ଜେ ଭଜେ ଯେ-ବନମାଳୀ । ୪୧ ।

—*—

ରାଗ ମାୟା ମାଳବ ଗୌଡ଼ା—ମିଶ୍ର ରୂପତାଳ

ବରଜ ଶିଖି ସବୁ ଯିବଟି ସର ରେ
ଝାପରା ନୁହଇ ଟି କଟଶାଖ ରେ । ପଦ ।
ଶ୍ୟାମଠାରୁ ଆସି   କି କହୁଛି ବାର୍ତ୍ତା
ଶୁଣି ନେବେ ରହୁ ନାହିଁ ବାରରେ । ୧ ।
କେ ତାକୁ ତୋପରି   ଅଛି ଗୋପ ନାରୀ
ନପାରିଲୁ ଏତିକ ବଞ୍ଚିବ ରେ । ୨ ।
ନଳିନୀ ଦଳରେ   ଏକା ନିକୁଞ୍ଜରେ
ଶୁଆଇଲୁ ତୋତେ ଏକ ସରରେ । ୩ ।
ହାତଧରି କେତେ   ଜଣାଇଲି ତୋତେ
ନ ଦେନ ହସାଇଲୁ ବଇଶୀରେ ରେ । ୪ ।
ଘାରି ହୋଇଲିନ   ତୋ ହୃଦ ସଜନୀ
ହସିବାକୁ ଅଛି କଥାଭରି ରେ । ୫ ।
ଏକା ବୋଲେ ଉଠ   କରନା ଗୋ ମଠ
ମାଗୁଛି ମୁଁ ପଣନ୍ତ ପ୍ରସାର ରେ । ୬ ।
ଲୁହଁ ପଙ୍କେ ସଜ   ହେ ସ୍ୱାମିନ ଆଜ
ବୋଲେ ଗୋପାଳକୃଷ୍ଣ ଜୁହାରିରେ । ୭ ।

—*—

ରାଗ ସୌରାଷ୍ଟ୍ର —ମିଶ୍ରରୂପତାଳ

(ମଦନ ମୋହନ ନାଟଗ୍ରନ୍ଥ ଦାନ୍ତ ମଲ୍ଲଙ୍କ ତେଜ ପ୍ରଶ୍ନ-ଭୃତ୍ୟ)
ବ୍ରଜେନ୍ଦ୍ର କୁମାର

ତରଣୀ ତନୟା ତରଣୀରେ ଆଜ କଲା କେତେ ହରବର । ପଦ ।
ପାରି କରି ଦେବ ବୋଲି ସେ ପାରିକି ହାତ ଧରି ନେଇ ଗଲା
ତସରେ ବସାଇ ଆଗାଧ ବାରିରେ ଛେପଣି ବସାଇ ଦେଲା । ୧ ।
ଶ୍ରୀ କିଶୋର ଶଶୀ କରେଧରି ବଂଶୀ ଅଳପ ଅଳପ ହସି
ସେ ଡ଼ାନ୍ତରେ ରଖି ଦେଲା ମା ଝୁଲାଇ ଗଲା ଗଲା ବୋଲି ଭାଷି । ୨ ।

ଦ୍ୱୀପ ନିକଟରେ କଣ୍ଠ ଦଘ୍ନମାରେ ନଉକା ଥକାଇ ଦେଲା
ଜଣ ଜଣକୁ କାଖିଆଇ ପହଁର ଏପାଖିରେ ଗୁଡ଼ୁ ଦେଲା । ୩ ।
ଆଣ୍ଠୁ ମୁଖେ ମୁଖ ଲଗାଇ ଦଅଇ ଅନାୟୁତ୍ତ ହେଲ ପର ।
ନିତମ୍ବରେ ହାତ ଦଅଇ ଉର୍ଦ୍ଧ୍ବକୁ ଟେକିଲା ପରାଏ କରି । ୪ ।
ଗୋପାଳକୃଷ୍ଣ କହଇ ଶୁଣି ହୁଅ ସେଠାରେ ଗଲା ସେ କଥା
ବ୍ରଜଯାକ ସ୍ଫୁଟ ହୋଇଯିବ ଏବେ ଲଜେ ନୁଆଁଇବ ମଥା । ୫ ।

—*—

ରାଗଖରହର ପ୍ରିୟା—ମିଶ୍ର ରୂପ ତାଳ

ମୁହାଁ ମୁହିଁ କିଶୋର   ଚନ୍ଦ୍ରମାଙ୍କର ମୋର
ଆଜ ଯମୁନାଘାଟରେ ହଜାଇ ଗଲିମା । ୦ ।
ବେଳା ଶିଳାରେ ବସି   ହେଳାରେ ତନୁ ଘଷି
ହେଉ ଥିଲି କସ୍ତୁରୀ ଠାରି ଦେଲା ମା । ୧ ।
ଉଠୁ ମୁଁ ଝଟକରି   ଆଳୀ ଆପଟ କରି
ପ୍ରତି ପ୍ରଶ୍ନକ ଯାକ ଅଣିଲା ମା । ୨ ।
ଫିଟି ଚରମେ କେଶ   ଲେଟୁଥିଲା ଗୋ ବାସ
ଥିବା ଠାରେ ସତନରେ ନଥିଲା ମା । ୩ ।
ଆଉରି ରହ ବୋଲି   ସେକାଳେ ଭୁରୁ ବଳି
ଗୁଞ୍ଜ ଗୁହଁ ମୋ ଜ୍ଞାନ ହଜିଲା ମା । ୪ ।
ପଥରକୁ ଆସୁ ସେ   ପଥ ମୋତେ ନ ଦିଶେ
ପାଥରେ ବୁଡ଼ି ଆଳୀ କହିଦେଲା ମା । ୫ ।
ବୁଡ଼ିଗଲା ଆଜିଟେ   କାଳନ୍ଦୀ ମାରେ ମାରେ
ଗୋପାଳକୃଷ୍ଣ ବାଟ କଢ଼ାଇଲା ମା । ୬ ।

ସ୍ୱାଭିଷ୍ଟ ଲାଳସା

ରାଗ ମାଳବ ଗୌଡ଼ା—ମିଶ୍ର ରୂପ

ଶୁଣାଯିବ କି ସେ ଶ୍ରୀମୁଖରୁ ବାଣୀ ଶ୍ରବଣେ ମୋହର । ୦ ।
ନବନୀତ ମୃଦୁ ପୀୟୂଷରୁ ସ୍ୱାଦୁ
ଗୋଷ୍ଠ ଚନ୍ଦ୍ରମା ମୋହନ ମନ୍ତ୍ରର । ୧ ।
ବନ ଲେଉଟାଣି ବଂଶୀସ୍ୱନ ଶୁଣି
ଅଗଣାରେ ଆଳୀଙ୍କି ଡାକିବାର । ୨ ।
ମୋହନ ଶ୍ରୀ ହସ୍ତ ଚିଟାଉ ଏକାନ୍ତ
ସ୍ଥଳେ ରଙ୍ଗ ହସି ପାଠ କଲାର । ୩ ।
ସଖୀ ପଙ୍କେ ଥାଇ ବଦନ ନୁଆଇଁ
ବ୍ରଜ ବଧୂଙ୍କ ଦେଲାର ଉତ୍ତର । ୪ ।
ପଦାବ୍ଜ ସେବାକୁ ଗୋପାଳକୃଷ୍ଣଙ୍କୁ
ଆସ ବୋଲିବାର ସ୍ୱାମିନୀଙ୍କର । ୫ ।

—*—

ରାଗ ମୋହନା—ରୂପକତାଳ

ମୋ ଜୀବର ଜୀବନ
କାହିଁକି ଆଜ ସଜ ସରସିଜ ମୁଖ କରିଛନ୍ତି ମ୍ଳାନ ମିଳଣିରେ !
ଲେଉଟାଇ ଗୋଧନ
ଆସୁ ସଦନକୁ ସବୁଦିନ ପରି ଶୁଭନାହିଁ ବଂଶୀସ୍ୱନ । ୧ ।
ଆରାଧ୍ୟ ହେ କର୍ତ୍ତନ
ଅସିଲ୍ଲ ବେଳେ ହସି ହସି ଯାଚି ଦେଇ ଅଇଲ ଚୁମ୍ବନ । ୨ ।
ପର୍ଣ୍ଣ ସଦ୍ଧ ପ୍ରସୂନ
କର୍ଣ୍ଣରେ ମୋର କରି ଅବତଂସ ଟାଙ୍କିଦେଲେନି ବନ୍ଧନ । ୩ ।
ମୋଆନଟି ମୁଁ ମାନ
କରିନାହିଁ ଚନ୍ଦ୍ରାବଳୀ ମନେ ଭାବୁଥିବ ପରାଟି ଗୁମାନ । ୪ ।

ଭେକ ବ୍ରଜସବନ

ଗୋଦ୍ଧତ୍ତକ ମଧୁବନ୍ଧୁ ପିବାକଥା କଲେ କ ଅନୁ ସନ୍ଧାନ । ୫ ।

ଗୋପାଳ କୃଷ୍ଣ କଥନ

ପୌର୍ଣ୍ଣମାସୀ ଆସି ତା ଯାକ ନଷ୍ଟେ କଲେ ନନ୍ତ ସମାଧାନ । ୬ ।

—*—

ରାଗ ନାଦନାମ କ୍ରିୟା—ଏକତାଳ

(ଗଳାଣିତ ଗଳ୍ପ କଥା—ବୃତ୍ତେ)

ମହାଭାବ ରୂପ ଭବରେ ମାନସ ।

ଯାହା ସଂଗେ ଶ୍ରୁତି ରସ ରଙ୍ଗିଛନ୍ତି ସଦା ବନ୍ଧ ଅବସୂବରେ ।
ସନକ ସନନ୍ଦନ ସନତ୍କୁମାର ସନବସି ରହସ୍ୟରେ ।
ବ୍ରହ୍ମାନନ୍ଦ ମୁଖ ବରଜ ମଜ୍ଜିଲେ ଯା ଲୀଳା ଉପକଥାରେ । ୧
ଯା ସୁଷମା ଗୁଣ ଶୁଣି ଗୀତ କରି ଗାଉ ନାରଦ ବୀଣାରେ
କଳେବର ପୁଷ୍ଟ ହୋଇ ଉପଗୀତ ଛିନ୍ନ ହେଉଛି ଶ୍ରଦ୍ଧାରେ । ୨
ବ୍ରଜ ଜନଙ୍କର କୋଟିଏ ଜନ୍ମର ପୁଣ୍ୟ ବଟପିର ଫଳ
ନିକୁଞ୍ଜ ସେଜରେ ସଜେ କରିବାର ବେଢ଼ରେ ଆଳୀ ମଣ୍ଡଳ । ୩
ସ୍ୱାମିନୀ ଶରଣ ହେଲ ମୁଁ ବୋଲି ଯେ ବୋଲୁଛି ଥରେ ଜୁହାର
ବ୍ରଜେନ୍ଦ୍ର ଲକ୍ଷ୍ମୀ ଲେଖିବା ପଦେ ସଦା ହୋଇ ରହୁଛି କିଂକର । ୪
ଗୋପେନ୍ଦ୍ର ନନ୍ଦନ ସେବା ସୌଭାଗ୍ୟ ଲୋଭିବାକୁ ଯଦି ଆଶା
ଗୋପାଳକୃଷ୍ଣ କହଇ ଶ୍ରୀରାଧିକା ପଦେ ରହି ଅହନିଶା । ୫

—*—

ରାମ ମୋହନା—ତ୍ରସ୍ତ ଜାତି ଏକତାଳ

(ଶ୍ରୀ ଗୌରଚନ୍ଦ୍ର ପଦ ବନ୍ଦରେ ମାନସ—ବୃତ୍ତେ)

ରାଧା ଗୋବିନ୍ଦ ଭଜରେ, ମାନସ । ପଦ ।
ତେଜ କୂଟ କପଟ ଲୋଟ ଯମୁନା ତଟ
ଶ୍ରୀରାମ ମୁରଲୀ ରଜରେ, ମାନସ । ୧
ସ୍ୱେଶ୍ୱସ୍ୱକୁଣ୍ଡ ସ୍ୱର ବନେବସନ୍ତ କର
ହରି ଏଭବ ଭୁଜରେ, ମାନସ । ୨
ଗଳ ପଡ଼ଥିବାର ଚଳେ ମୁକୁତା ହାର
ଗୋଟାଇ ଗୁଞ୍ଜ ସ୍ରଜରେ, ମାନସ । ୩
ଦୋଳା ଲୀଳା କାଳରେ ଧରି ଡୋରି ସଧିରେ
ପଞ୍ଚାଇ ସୁଖେ ମଞ୍ଚରେ, ମାନସ । ୪
ରାସ ଅବସାନରେ କୁସୁମ ବ୍ୟଜନରେ
ରଞ୍ଜ ସଖୀ ସମାଜରେ, ମାନସ ।୫
ଗୋପାଳକୃଷ୍ଣ କଥା କରନାହିଁ ଅନ୍ୟଥା
ନିଭୃତ କୁଞ୍ଜ ସେଜରେ, ମାନସ । ୬

—*—

ରାଗ ମୋହନା—ରୂପକ ତାଳ

(ଧରଣିର ଚମ୍ପାଝରରେ—ବୃତ୍ତେ)

ସ୍ୱରେ ଦେଇ ବଂଧୁ ନୟାରେ
ରହ ଜଟେନ୍ଦ୍ରସ୍ୱ ଚିତ୍ର ହଜାରେ । ପଦ
ଗର୍ଭାଳସୀ ହଂସୀ ଗମନା
ପୂରିବନୁ କାମ କାମନା
ପୂର୍ଣ୍ଣ ହେବ ବୋଲି ସୁମନା
ଜଗିଛୁ ପଥ ମୃଣାଳ ଭୁଜା ରେ । ୧
କରେ ଗଣ୍ଡକର ଆଲମ୍ବନ
ଧନ ଲୁହେଁରେ ଲନ୍ତ ଲନ୍ତ,

ଟେକ ମୁଖ ମୃଗ ଲାଞ୍ଛନ
ମୋ ମନ କଲାଇ ବନ୍ଧ ଓଜାରେ । ୨
ସରଣି ନଖାଙ୍କି କରକ
ଲୁଆଇଁ ବଦନ ନୀରଜ ।
ଦନ୍ତଧର ଭଙ୍ଗା ବରଜ
ଅନା ଥରେ ହସି ବନାଲଙ୍କାରେ । ୩
ଭାଷ ଗିର ଆନ ଧରନା
ପର ବୋଲି ମୋତେ ଡରନା
କମ୍ପାନା ତୁ ଶର୍ମ୍ମ ବରନା
ଲଭିଛି ତୋ ଭେଟ ହର ପୂଜାରେ । ୪
ଗୋପାଳକୃଷ୍ଣ ରେ ଦୂତୀକ
କହିବା ଶୁଣୁଛି ଶ୍ରୀ ଭକ
ଗଲେତ ନରହୁ କଉକ
ଅସୂୟା କାନ୍ତିକ ଦୟା ମଞ୍ଜାରେ । ୫

—*—

ରାଗବଳାହାରି—ତାଳଏକପୁଟ

ଜୟ ରାଧା କୃଷ୍ଣ ବୋଲ ଜୟ । ପଦ
ଶାର୍ଥ କୃତ ଭକ୍ତିଯୋଦ । ନକର ହେଲୁ ଉନ୍ମାଦ
ନ କହ ଆଉ ପ୍ରମାଦ । ଏଣିକ ହୋଇ ନିର୍ବେଦ । ୧
ନିଭୃତ ନିକୁଂଜ ସେନେ । ବଳେ କରିଛନ୍ତି ସେ ଯେ ।
ପାଶରେ ଆଳୀ ସମାଜେ । ମିଳିବୁ ଶ୍ରୀମୁଖେ ପଦାମ୍ବୁଜେ । ୨
ଆହା ସେକ ଚମତ୍କାର । ପ୍ରହେଳୀ ପ୍ରଶ୍ନୋତ୍ତର
ଲୁହା ଲୁଣ୍ଠି ହୋଇବାର । ହସି ହସି ଧୀର ଧୀର । ୩
ଲୀଳା ବସାନେ କଟଶୋସ୍ମ । ପ୍ରିୟ ହୃଦେ ଅପସର
ଉଭା ହେବାର ମାଧୁର୍ଯ୍ୟ । ରୂପ ସୁନ୍ଦର ସୁନ୍ଦର । ୪
ବେଣୀ ପାଖରେ ଭ୍ରମର । ବ୍ୟଜନ ଧରି ସତ୍ବର
ଆଳୀ ତକାଉ ଥିବାର । ଭାବ ଭାବ ନିରନ୍ତର । ୫

ମଧୁ ପାନେ ମତ୍ତ ହୋଇ । ବର୍ଣ୍ଣଲୁପ୍ତ ଗୀତ ଗାଇ
ଗଣ୍ଡ ପାଶେ ଗଣ୍ଡ ଦେଇ । ଭଙ୍ଗବା ଶ୍ରୀ ମୂର୍ତ୍ତିଥାଇ । ୬
ଆସି ଆସି ମଥା ପୋଛି । ହଜ୍ଜ ଦେହଭାର ଝଟତି
ଲୁଟବାର ଲଭ୍ୟ ଖ୍ୟାତି । ସେ ସୁଷମା ଚମ୍ପୁ ଚନ୍ତ୍ର । ୭
ଗୋପାଳ କୃଷ୍ଣ ଭଣିତ । ଯାଅନ୍ତୁ ମନ ସନ୍ତତ
ହୁଅ ଶ୍ରୀ କଳଭାଷିତ । ପୂର୍ଣ୍ଣଚନ୍ଦ୍ର ଅଭିମତ । ୮

ରାଗ ବଳାହାର । ଆଦିତାଳ

ଶ୍ୟାମ ଅପରାଧିନୀ ମୁଁ ସଙ୍ଗିନୀ । ପଦ ।

ଚନ୍ଦ୍ରାବଳୀଙ୍କ ଅଶୋନ୍ତୁ ସେ ଡାକ
ସେ ସିନା ହୃଦର ବଳାସିନୀ ମା । ୧ ।
ଗଲେ ଯିବ ଯେତଣେ ନସ୍ତୁତ୍ତ୍ୱ ଛଟଣେ
ଗଦେଣ ଥିବ ଦିନ ରଜନୀ । ୨ ।
ମୋର ତନୁ ବଳ ଅଙ୍ଗକାନ୍ତି ଗୁଆଳୀ
ଯିବେ ତ କଲେ ମୁରଲୀଧ୍ୱନି । ୩ ।
ମଥା ମୋର ବ୍ୟଥା କହୁନୁହେ କଥା
ତୋ କୁନ୍ଦ ମାଳା କୁ ନଅ ଯେନ । ୪ ।
କୁହଇ ଗୋଆଳ କୃଷ୍ଣ ସମ୍ପାଠଳ
ପ୍ରୀତିର ଫଳତ ମିଳନ୍ତିନ । ୫ ।

--*

ରାଗ ଝିଂଜୋଟି । ରୂପକ ତାଳ

(ଭଜ ମାନସ ରାଧିକେଶ-ବୃନ୍ଦେ)

ରତ୍ନେନ୍ଦ୍ର ମୁଖି ରାସେଶ୍ୱର ରାଧିକେମାଂ ପାହି ।
ଗୋକୁଳ କୁଳଜା ସାମନ୍ତମଣି ସୁରଗଣେ ନନ୍ଦିତେ । ୧ ।
ଦେବ କୃଷ୍ଣମସ୍ତି ହ୍ଲାଦନ ସାଧ୍ୱୀଗଣ ବନ୍ଦ୍ୟେ
ଲକ୍ଷ୍ମୀ-ଲକ୍ଷ୍ମୀ-ଜସ୍ତିନ ସାର-ନିଧି ଲଭ ଗାମ୍ଭୀର୍ଯ୍ୟେ । ୨ ।

ପଶୁପୀ ପ୍ରେମ ବସନ୍ତ ହେମ-ଚୌର ନବକକଶୋଭା
କାଳନ୍ଦୀ ତଟ କୁଞ୍ଜ-ଗୃହିଣୀ କାର୍ତ୍ତିକା କୁମାରୀ । ୩ ।
ମହାଭାବ ଚିନ୍ତାମଣି ଭାବିତ ଶ୍ରୀ ବପୁରହେ
କୃଷ୍ଣ ପ୍ରେମ ପୀୟୁଷପାଣି ସର୍ବସୁଗୁଣ ସତ୍ତ୍ୱହେ । ୪ ।
ନିଜ ଚରଜନ ତାପ ଧ୍ୱଂସିନ ବଧୂ ସରସିଜ ସୌରଭରେ
କନକାଚଳ ନିଳୟୁ ସରସ କେତକୀ ଦଳ ସନ୍ଧିରେ । ୫ ।
ରାଜ ତୋନ ବଂଶତି ଚିହ୍ନାନି ମୃଦୁ ଦ୍ରୁପଦେ
ଗୋକୁଳେନ୍ଦ୍ର-ନନ୍ଦନ-ପ୍ରାଣପ୍ରେୟସୀ ଶୁଭ କରଦେ । ୬ ।
ଆଦାୟ ଗୋପାଳକୃଷ୍ଣ କଷଦ ସ୍ତୁଣାନ୍ତି ଦର୍ଶନେ
ଯାରେ କଙ୍କଣ ମୀଶ୍ୱର କୁରୁତ କାଂକ୍ଷି ନଳନେ । ୭ ।

—*—

ନବାନୁରାଗ

କେଶର କୁଞ୍ଜ ଶେଜରେ । ବ୍ରଜେନ୍ଦ୍ର ବୃନ୍ଦାଙ୍କୁ ପୁଚ୍ଛନ୍ତି ଧୀରେ ।
ସହଚରୀରେ ! ରାଧା ବୋଲି କେ ବ୍ରଜରେ । ୧ ।
ଶୁଣିଲି କେବଳ ସେ ନାମ । ସୁଧାପାନ ପରି ଲାଗୁଛି ଭ୍ରମ
ସହଚରୀରେ ! ଫିଟାଇ କହ ମରମ । ୨ ।
ଚଉଦିଗକୁ ଅନାଇ । ବୃନ୍ଦା ମନ୍ଦ ମନ୍ଦ ହସିଲା ହୋଇ
କହିଆଦୁସେ । ଅଙ୍ଗେ ପୁଲକ ପୂରାଇ । ୩ ।
ସେ ଶ୍ରୀ ବୃଷଭାନୁ ଜେମା । କଶୋରୀ ଗୋପ ନକ୍ଷତ୍ର ଚନ୍ଦ୍ରମା
ରସରାଜହେ ! ରମା ବନ୍ଦ୍ୟ ଯା ସୁଷମା । ୪ ।
ଜାବ ଥିବା ଯାକ ବନ୍ଧୁ । କହଥୁ କରଜ ବସିଲେ କଣ୍ଠ
ରସରାଜହେ ! ଶୋଭା ଶେଷ ହେବ ନାହିଁ । ୫ ।
ଥାଉ ମାଧୁରୀର ଧୁରୀ । ତୁମ୍ଭେ ତା ପାଶେ ଥିଲେ ବଂଶୀଧାରୀ ।
ରସରାଜ ହେ । ଦର୍ଶିବ ସୁନାଟା ପରି । ୬ ।
ଅମ୍ବା କଳାମ୍ବା ରାତ୍ରରେ । ତୋଷି ହେଉଥିବେ ବସି ଗୃହରେ
ସହଚରୀ ରେ ! ଅଶନ କଲୁ କାଳରେ । ୭ ।

ଶ୍ୟାମସୁନ୍ଦରଙ୍କୁ ମୋର । ଏକା ରାଧିକା ଥିଲା ପଟ୍ଟାନ୍ତର
ବୋଲୁ ସଜନୀ । ନାମ ଶୁଣିଲି ତାହାର । ୮ ।
କୃଷ୍ଣ କହନ୍ତି ବୟସ । ଭାଷ କେତେ ହୋଇଥିବ ବରଷ
ସହଚରୀ ରେ ! ବୋଲୁ ବୃନ୍ଦା ହସ ହସ । ୯ ।
ହେ ନୂତନ ରଣ ରଣ । ଯୌବନ ଲକ୍ଷ୍ମୀତା ପାଦେ ଶରଣ ।
ରସ ରାଜ ହେ ! ହୋଇସାରିଲାଣି ଜାଣ । ୧୦ ।
ବୟସ ଏଗାର ବାର । ଭିତରେ ପରି ହେଉଛି ଗୋଚର
ରସରାଜ ହେ ! ସେ ସାଧ୍ୱୀ ଶିରୋମଣିର । ୧୧ ।
ବ୍ରଜବାସିଙ୍କ ନୟନ । ସମ୍ପତ୍ତି ସେ ଶ୍ରୀ କିଶୋରୀ ରତନ
ରସରାଜ ହେ ! ଆହା ଦିଶୁଛି ବଦନ । ୧୨ ।
ଛଡ଼ାଇ ହୃଦରୁ ମସୀ । ଗୋଟିଏ ହୋଇଲେ କୋଟିଏ ଶଶୀ
ରସରାଜ ହେ ! ରୂପ ପରି ମିବ ଦଶି । ୧୩ ।
ବନର ସୁନା ନଳିନ । ଯାମ୍ୟକୁ ଭାବିଲେ ଚଞ୍ଚଳୁ ମନ
ରସରାଜ ହେ ! ପଳାଇ ଯାଉଛି ଘେନ । ୧୪ ।
ପରମାନନ୍ଦ ସ୍ୱରୂପିଣୀ । ଯୋଟିଛି ଯା କାନ୍ତି ଜଗତ ଶ୍ରେଣୀ
ରସରାଜ ହେ ! ସେ ସଦ୍‌ଗୁଣର ଖଣି । ୧୫ ।
ଦେହଲୀରେ ଚଳେସ୍ଥଳ । ପଦାବ୍ଜ ଚିହ୍ନନ ଚୁମ୍ବୁଛି ଅଳି
ରସରାଜ ହେ ! ଅଙ୍ଗାମୋଦ ନୋହେ କଳି । ୧୬ ।
ଶ୍ରୀ ନଟିକାଳକାବଳୀ । କଳା ମେଘ ତଳେ ରହିଲା ଭଳି
ରସରାଜ ହେ ! ଦଶେ ଅଚଳ ବିଜୁଳି । ୧୭ ।

--*

* ଭକ୍ତକବି ଗୋପାଳ କୃଷ୍ଣ ଭାଙ୍କର ଏହି ବିଖ୍ୟାତ କବିତାଟିକୁ ପୂର୍ଣ୍ଣାଙ୍ଗ କରି ପାରି ନାହାନ୍ତି ।

ରାଗ ଧନ୍ୟାଶି—ମିଶ୍ର ଝପତାଳ

ମୋହନ ସ୍ମିତ ଚନ୍ଦ୍ରା ଉଦିଲା ମା ।୦
ଅପାର ରଜନୀ ହେଲାରେ ସଜନୀ
ପ୍ରାଚୀ ବଧୂକୁ ବଧୂ ଚୁମ୍ବିଲା ମା । ୧
କି ଯୋଗରେ ଆଜ ସାଜଥିଲ ସଜ
କାନନ ମଲ୍ଲୀ ଦଶା ଘଟିଲା ମା । ୨
ତୋଳିଦେ ଗୋ ତଳ୍ପ ପୂରିଲା ସଙ୍କଳ୍ପ
ନିକୁଂଜ ଶଯ୍ୟ ଭୋଗ ଅଣ୍ଟିଲା ମା । ୩
ପର ଧୀରତକ ପ୍ରବୁଣ ଜାଣତ
ପରତେ କଳ୍ପଫଳ ମିଳିଲା ମା । ୪
ଗୋପାଳ କୃଷ୍ଣ ସେ ସମୟରେ ସତେ
ଲୁଚିଛନ୍ତି ଯବୁ ଶୁଭିଲା ମା । ୫

—*—

ରାଗ ଝଂକଟି—ମିଶ୍ର ଝପତାଳ

(ଝଗଡ଼ ମାସ ହେଲ ହେ ଶ୍ୟାମ ତୁମ୍ଭେ)

କାହିଁକି ଶ୍ୟାମ ମୁରଳୀ ଗୋ
ସଦା ଦଶୁଛି ମୋତେ ବନ ଗଳି ଗୋ ।୦
ଘରୁ ଆସିଲା ପରି ହୁଏମନ୍ତ
ରୁନ୍ଧିଲେ କେ ନ ଶୁଣେ ଏକ ସ୍ମିତ । ୧
ଆସି ଆଗେ ରହୁ ହେଟି କରଣି
ବୋଲୁ ମୋ ହୃଦେ ଲୁଚୁଛି ଝଟତି । ୨
ଆଖି ବୁଜିଲେ କୁଂଜବନେ ନିତି
ସ୍ୱପ୍ନେ ବୁଲାଉଛି ଏ କି ଖପତି । ୩
ଘରୁ ଅଗଣାକୁ ଯିବାକୁ ଯାନ୍ତି
ଲାଗି ଲାଜ ମୋତେ କହ କି ଗତି । ୪

କୃଷ୍ଣ କୃଷ୍ଣ ବୋଇଲାର ଝରଣା
କାନରେ ପଡ଼ିଲେ ଅଚ୍ଛୁଟ ଗୁଣ । ୫
ଗୋପାଳ କୃଷ୍ଣ ବୋଲଇ ବହ୍ନି ତ
କଣ୍ଠରୁ ଏପରି ହେଉଛି ସ୍ଫୂର୍ତ୍ତି ।

—*—

ପୂର୍ବ—ଅନୁରାଗ

(ରାଧାଙ୍କର ସଖୀପ୍ରତି ଉକ୍ତି)

ଜଳ ଆଣି ଯାଇ କାଲି ଜଳଗା ସୁତାକୁ
ଫଳ ପାଇଲି ଅନାଇରେ । ସଙ୍ଗାତ ।
କଦମ୍ବ ମୂଳକୁ ରେ । ସଙ୍ଗାତ ।୧
ନୀରଦଛବି ନୀଳମଣି ପ୍ରତିମା ସେ କହ୍ନି
ବାରି ପାରିଲି ନାହିଁ ରେ । ସଙ୍ଗାତ
ନୟନରେ ନାଚୁଛି ରେ । ସଙ୍ଗାତ । ୨
ଘମ ଘମ ନୀଳୋତ୍ପଳ କସ୍ତୁରୀ ସୁବାସ
ଘନ ଘନ ଆସୁଥିଲା ରେ । ସଙ୍ଗାତ
ହୋଇଥିଲି ଅବଶ ରେ । ସଙ୍ଗାତ । ୩
ପଛେ ପଛେ କେକୀ ବୃନ୍ଦ ମତ୍ତେ ପୁଚ୍ଛଟେକି
ଡାକି ଡାକି ନାଚୁଥିଲେ ରେ । ସଙ୍ଗାତ
କହ ସେ କାହିଁକି ରେ । ସଙ୍ଗାତ । ୪
ଲୁଚି ଲୁଚି ନିକୁଞ୍ଜ ପୁଞ୍ଜ ତଳ ତଳରେ
ଆସି ଆସି ପାଇଗଲେ ରେ । ସଙ୍ଗାତ
ଆଗେ କି ବେଗରେ ରେ । ସଙ୍ଗାତ । ୫
ଝୁମୁ ଝୁମୁ ଧ୍ୱନି ଶୁଣି ଏଣେ ତେଣେ ମୁହିଁ
ଅନାଉ ଅନାଉ ରଙ୍ଗରେ । ସଙ୍ଗାତ
ବୋଇଲେ ଚେ ନାହିଁରେ । ସଙ୍ଗାତ ।୬

ଡର ଝରଣର ଝର ଚମକ ପଡ଼ିଲା
ଧମ ଧମ ହେଲା ଛାତିରେ । ସଂଗାତ
ମଥା ପୋତି ଦେଲିରେ ସଂଗାତ । ୭
ପ୍ରଚଳାସ୍ତ୍ର ପ୍ରଚଳାକ କମଳାସ୍ୟ ଚୂଳ
ଉଡ଼ଇ ହର୍ଷେ ଖେଳୁଥିଲା ରେ । ସଂଗାତ
ଗଣ୍ଡରେ [illegible]ଲ ରେ । ସଂଗାତ । ୮
ଥରି ଥରି ଥରଗଲି ବିବେକ ହଜିଲି
ଜରି ଜରି ହୋଇ ଗଲେରେ । ସଂଗାତ
ଝାଁଳ ବୁଡ଼ାଇଲିରେ । ସଂଗାତ । ୯
ପ୍ରୀତି ପ୍ରସ୍ଥଳ ପାକରେ ପୁଲକ ପୂରିଲା ।
ଥରଥର ଟଳଟଳ ହେଲିରେ । ସଂଗାତ
ଯଦନ ତଳିଲା ରେ । ସଂଗାତ । ୧୦
କରକ ରଦନା କର ପ୍ରସାରୁ ସେ ପୁଣି
କହୁ କହୁ କସଟିରେ ମୁଁ । ସଂଗାତ
କାଣିଦେଲି ବଟିରେ । ସଂଗାତ । ୧୧
ଶୃଙ୍ଗାର ରସକ ପୂର ହେ ;ବ ମୋ ମୂରଛା
ଋହୁଁ ଋହୁଁ ଊାଳ ଦେଲିରେ । ସଂଗାତ
ଜଟିକା ଜରଘରେ । ସଂଗାତ । ୧୨
ଆସୁ ଆସୁ ପୁରକୁ ପଥରେ ପସୁରିଲି
ଗୋପାଳ କୃଷ୍ଣ କହଇ ରେ । ସଂଗାତ
ବ୍ରଜ ବଧୂ ବୋଲିରେ । ସଂଗାତ । ୧୩

—✻—

ରାଗ ଭୈରବୀ । ରୂପକ ତାଳ

(ହରିଭଣ କାହିଁକ ଏତେ—ଦୂରେ)

ଘନ ଶ୍ୟାମ ପ୍ରେମ ଭାବନା ବନଜାକ୍ଷି ଜାଣୁଛୁ ସିନା
ମାନ କଲୁ ପରେ ମନ ବୋଧବାର
ଆନ ଜାଣିବ କେଉଁ ତୋ ନାରେ । ୦
ଡାକୁ ବନମାଳୀ ଲୁକ୍କୁଯାଇ ଆଳି
ଆଳୀ ପଛରେ ଲୁ ଲୋଳ ଲୋଚନା,
ମୁନି ପରି ଭୁନି ଦେହାଇ ଚନ୍ଦ୍ରାନନ
ଶାଢ଼ୀ ବାଡ଼ ନଖେ ଘଷୁ ଭୁମନାରେ । ୧
ଦଣ୍ଡେ ନ ଦେଖିଲେ ଘଣ୍ଟେ କର ଦେଇ
କେତେ ଲୁହ ପୋଛୁ ହୋଇ ଦମନାରେ,
ଆସିଲେ ଶ୍ୟାମକୁ ନଚାହିଁ ମୁହଁକୁ
ସଖି ମୁଁ ଚିଲେ କରାଇ ସମ୍ଭାବନାରେ । ୨
ନୀରଦ ନବନ୍ଧ ନିରେଖି ଯା ଦେହ
ଭୁଲି ରୁଚି ଭାବ ହରୁ ଚେତନା ରେ,
ନିକଟ ହେଲେ ସେ ନିକୁଂଜ ପ୍ରବେଶେ
ଥରି ଥାଉଛୁ କୁଂକୁମ ବରନା ରେ । ୩
ଚନ୍ଦନ ଗୋଳାଇ ପ୍ରିୟ ଆଗେ ଯାଇ
ରହୁ ଝଣ୍ଟ ହୋଇ କୁଂଦ ରଦନାରେ;
ଲଟେ ଦର ହାସୀ ଖଳ୍ପ ବାସ ବଂଶୀ
ବୋଲୁ ତୋଳ ଭୁଜ ଘନ ଜଘନାରେ । ୪
ନନ୍ଦ କଲେ ହରି ଚାହିଁ କଲୁ ପରି
ଏବେ ଆସୁ ଧରଣୀ ମଣ୍ଡନାରେ,
ଗୋପାଳ କୃଷ୍ଣ ସେ ଶ୍ରୀମତୀଙ୍କୁ ଭାବେ
ଦେଖେ ପୂରାଇ ପ୍ରାଣେଶ କାମନାରେ । ୫

—*—

ରାଗ ଖମାଚ—ଆଦ୍ଧ ତାଳ

(ନଭଙ୍ଗରେ ଶୁଭଙ୍ଗି ଘରଣି ହୁଅ ସାହା—ବୃତ୍ତେ)

ବଞ୍ଚାଇ ସଜନୀ ମୋତେ ବଚନରେ କଣ୍ଣୁ । ୦ ।
ନବ ନୀରଦକୁ ଦେଖି[redacted] ଆଖିରେ ପଲକ ରଖି
ଏପରିଛବ ଦେ[redacted]ଅଛୁ ବୋଲ ସାହା ଭଣୁ । ୧ ।
ଥରକୁ ଥର କାନନ ବାଟକୁ ଅନାଉ ଧନ
ଅଣ୍ଟୁ ନାହିଁ ଅପ[redacted]କୁ କାଳ ନ ହେଉଣୁ । ୨ ।
ଲୁଚାକରି ସଙ୍କୁଟରେ ବଂଶୀଗୀତ ତାପାଣରେ
ଲେଉଛି ଯିବା[redacted]ନାକ ପିକ ନଡାକୁଣୁ । ୩ ।
କରି କି ଏତେ ସାହାସ ନୂଆ କିଶୋର ବୟସ
ଆଜକୁ ବାହାର ନାହୁଁ ଭୟରେ ପ୍ରାଙ୍ଗଣୁ । ୪ ।
ଏ ବ୍ରଜେ ଦୋଷ ଦେବାକୁ ଅଛୁ କେ ଆଉ କାହାକୁ
ଗୋପାଳକୃଷ୍ଣ ଭଣେ ଭୁନନ୍ଦୋ କେ ନଶୁଣୁ । ୫ ।

--*

ସ୍ୱାଭୀଷ୍ଟ ଲାଳସା

ରାଗ ଫରଜ—ମିଶ୍ର ରୂପ ତାଳ

(ସଡ଼ି ଯିବନ ଲୋଡ଼ ଲୋଡ଼ ମୋତେ-ବୃତ୍ତେ)

ଦେଖାଇବ କି ସତେ ଦଇବ ରାଧାଗୋବିନ୍ଦ ମାଧୁରୀ । ୦ ।
ବ୍ରଜେନ୍ଦ୍ର ପୁରରେ ରନ୍ଧନ କାଳରେ
ରସବତୀରେ ଶ୍ରୀ ରାସେଶ୍ୱରୀ
ସୁବେଶ ହୋଇ ରମଣ ଆହା ସେ ଗୁରୁ ଇକ୍ଷଣ
ତଳା ତଳ ହୋଇବାର ସ୍ୱଭୁରୀ ରେ ସ୍ୱଭୁରୀ । ୧ ।
କୁସୁମ ଅବଚୟନ କାଳରେ ଆସି ମୋହନ
ରହିଲେ ଶ୍ରୀକିଶୋରୀ ଚୁମ୍ବୁରେ
ଟାଣ୍ଡେ ଦେଶରେ ବସନ ସଲଜ୍ଜେ କରି ଅଞ୍ଚନ
ବଲ୍ଲୀ ଆଡ଼କୁ ଯିବାର ବାହାଣ ରେ ବାହାଣ । ୨ ।

ପୁଷ୍ପେ ଶୋଭ ବନମାଳୀ   ଯାଚିଲେ କର ଅଞ୍ଜଳୀ
    ନଅନାଇ ଭୁଜ ହୋଇରହି
ସାଢ଼ୀ ବାନ୍ଧ ନଖେ ଘସୁ   ଶ୍ୟାମ ମୁଖଙ୍କୁ ଆସୁ
    ଚୁଅନା ବୋଲିବାଉ ସେ ଓହରି ରେ ଓହରି । ୩
ଉଦ୍ଧତ ନାନ ବିକାର   ଭୂଷଣର ଶ୍ରୀକଳେବର
    ଭୂଷିତ ହୋଇ ପ୍ରଶସ୍ତ [illegible]
ଜାଣୁନ ଲଳିତା ସଖି   ଛନ୍ଦ ଦେବେଟି କଖି
    ବୋଲିବାର ନରୁଇ ସେ ଭ୍ରୂବଲ୍ଲୀ ରେ ଭ୍ରୂବଲ୍ଲୀ । ୪
ମଧୁବ୍ରତ ବେଢ଼ୁ ପାଶେ   ମୋହନ ରଙ୍ଗ ପାଦୁଶେ
    ବାସ ଶେଷେ ନିବାରୁ [illegible]ମାରୁ
ଯାଉଛୁ ବୋଲି ବାହାରି   ସି ହସି ଶ୍ରୀ କଶୋଷ
    ଚକ୍ଷୁ ପଦ ଚେଳ ଅଂକେ ସମ୍ବର ରେ ସମ୍ବର । ୫
କର ଅରଣ୍ୟ ଭ୍ରମଣ   ଜଗତ ବଇଲକ୍ଷଣ
    ସୁମନସ ସ୍ରଜର ସୁଷମା
କି ଉପମା ରମାଉମା   କି ମଦନ କି ଚନ୍ଦ୍ରମା
    ନଥିବ ଯେ ପରଂବ୍ୟୋମ ସେପାରିରେ ସେପାରି । ୬
ନାଗ କେଶର କୁଂଜର   ରଙ୍ଗ ବୋଲାଉ ବେହାର
    ସଙ୍ଗ ସବୁ କରି ଆରୋହଣ
ବୃନ୍ଦା ଧୀରେ ପହଞ୍ଚାଉ   ଆହା ହୁଳା ହୁଳି ଦେଉ
    ଉଚ୍ଛଳନ୍ତା ଆନନ୍ଦାବଧି ମୋହରିରେ ମୋହରି । ୭

—*—

ରାଗ ଆନଂଦ ଭୈରବୀ—ଆଦିତାଳ

(ନନ୍ଦ ନଷ୍ଟୁର ବାଣୀ—କୃଷ୍ଣେ)

ସୁଂଦର ତୋତେ ଏ ଗାଣ   ଜାରେ ନବ ରସବନ୍ତ
    ସଂପ୍ରତି ଶଯ୍ୟା କଲୁ ଧରନ୍ତି । ୧
ତେଜ ଅଶନ ଶୟନ   ସୁବର୍ଣ୍ଣ ତୋର ବରନ
    ଜୀବନ ବଂଧୁ କଲୁ ମଳନ । ୨

ବାକ୍ରତ [redacted]ସେ ତଉ ଜାଣିଛୁ ଜାଣିଛୁ ନାଞ୍ଜ
କଶୋଷ ବେଲୁକରେ କସୋର । ୩
ଭ୍ରଜ ବଧୂ ଶେଭୁ[redacted] ମୁକ୍ତ ଜନେ ଅନୁରକ୍ତ
[redacted]ଲ୍ତ ବୋଲୁ ହେଲୁ ଆସକ୍ତ । ୪
ଗୋପାଳ କୃଷ୍ଣ ଭଣେ ଲଳିତା ଅଙ୍କେ ପକାଇ
ଟେକ[redacted]ଇ କରିବାର ଛାୟାଇ । ୫

—*—

ଅନୁଭୂତ

ରାଗ ଆନନ୍ଦ ଭୈରବୀ । ଏକତାଳ

ଅଳି କେଶର କୁଂଜରୁ ଅଇଲୁକି
ଜୀବନ ବଧୂଙ୍କୁ ମୋ ଦେଖିଲୁକି ? ପଦ
ହୋଇ କେତେ ବନସ୍ଥଳୁ ଆସୁଛୁ ମୁଖ ପାଶକୁ
ଶ୍ରୀ କିଶୋର ଚନ୍ଦ୍ରଙ୍କର କୁଶଳ କି । ୧
କର୍ଣ୍ଣୋତ୍ତଂସ ପୁଷ୍ପେ ବସ କହିଛନ୍ତି କି ସନ୍ଦେଶ
ସ୍ୱପଧୀରେ ତୋତେ ପଠିଆଇଲେ କି ? ୨
ଭୁ ଯାଇନା ଟେକୁଠାକୁ କଂଜ ତଳେ ତୋ ପାଶକୁ
ଅନୁଭବ ଭୁ ପାଇଲୁ ନାହିଁକି ? ୩
ମଧୁ ବ୍ରତକୁ ପରୁର ଆଣି ନୟନରୁ ବାର
ବୋଲନ୍ତି ମୁଁ ହତେ ମନେ ପଡ଼ୁଛିକି ? ୪
ଅଳୀ ଭଣନ୍ତି ବାଳୀର ହୋଇଲୁକି ଆସ ଆସ
ପଚ୍ଛୁରୁ ତଧ ଗାଣ୍ଟ କଥା କଥା କହିବ କି ? ୫
ମଧୁକର ଉଡ଼ଗଲେ ଗୋପାଳକୃଷ୍ଣ ଭଣିଲେ
ପ୍ରିୟ ଅଇଲେ ତଳ ପୁଷ୍ପ ବାଟୀକି ? ୬

—*—

ରାଗ ଭୈରବୀ—ରୂପକ ତାଳ

ଅନୁସରିତ ! ପ୍ରଭୋ ! କାଳଯାକ ଗଲା ସରିଣ ।
କଣ ବିଚରଣ କଲେ କେତେ ଜଣା ହୁଅନ୍ତା କରୁଣା ସରିତ ? ପଦ
ଅଶରଣ ଜନ ବନ୍ଧୁ ପଣ ଯଶ ସଂସାରେ ହୋଇଛି ଉଦିତ
ପଥର ହୋଇ ପଥରେ ପଡ଼ିଥିଲା ଅହଲ୍ୟାକୁ କଲେ ତାରିତ । ୧
ପାଞ୍ଚାଳୀକି ଦୁଃଶାସନ ଢଂସୁଳନ୍ତା ବଂସ୍ତ୍ରରେ ବାସ ଦେଇତ
ଧ୍ୱଂସୁଇଲ ନାହିଁ ମୋହୁର କଦନ ଶୋଗୁଣେ ନେତ୍ର ବାରିତ । ୨
କାହିଁଥିଲା ଚକ୍ର କାହିଁ ଥିଲା ନକ୍ର ପଲକ ପତନ ନୋହୁତ
ଛିଣ୍ଡି ଗଲା ମଥା ରହିଗଲା କଥା ଡାକିଲା ସେହିକେ କସ୍ପିତ । ୩
କାଳ କିଂକର ଭୟରେ ଅଜାମିଳ ପୁତ୍ରକୁ ସ୍ୱରରେ ଡାକତ
ପରମ ପଦ ପାଇଲା ଆପଣଂକ ନାମ ମହିମା ଏପରିତ । ୪
ନିରୁପାଧି କୃପା କର ବୋଲି ଶ୍ରୁତି ଭବାବ୍ଧିରେ ଥାଉ କଥିତ ।
ମୁଁ କଲା ଦୋଷକୁ ନାଶିନ୍ତି ବକ୍ଷା ବଶ ଦଆର ତା ଦୁରିତ । ୫
ଗୋପାଳକୃଷ୍ଣ କହେ ଜଗନ୍ମଙ୍ଗଳ ଯାହା କରିବ ତୁମ୍ଭ ଚିତ୍ତ
ଆପଣା ଦୟାଳୁ ପଣକୁ ବଳିମୋ ଦୁଷ୍କୃତ ନୁହଇ ଘରିତ । ୬

—*—

ରାଗ କୀରବାଣୀ—ତସ୍ରଗତି ଏକତାଳ

(କଶୁଣିଲ ଆଜ ନୂଆ କର—ବୃତ୍ରେ)

କି କରିବ ପଛେ ଗୋଡ଼ାଇଲେ ଯେ
କାନ ଦେଉ ନାହିଁ ସେ ପହିଲେ ଯେ
କି ବୋଲି ଦେବଟି ସେ ଲାବଣ୍ୟ ନିଧି
ପ୍ରବୋଧି ମୁଁ ପୁଣି କହିଲେ ଯେ । ପଦ
ଅପରାଧ ନାହିଁ ବୋଲି କାକୁ
ଦେଖି ନାହିଁ ସେ କ ଆପଣକୁ
ଉଜ୍ଜଳ ହେଲା ଉଣ୍ଠରୁ ତ ଆସିଲ
ନଧୋଇଲପନ ତା ଘୁମୁକୁ । ୧

[redacted] ନା ଥରେ ସେ ଗୋଟିଏ କ
ସ୍ମୃତି ଘର କବାଟକୁ ଠୁକ
ନିତି ବୁ[redacted]ବୁଲୁ ସ୍ମୃତି ଅନ୍ଧ ନାହିଁ
ପତ୍ନୀ ବ୍ରତବତୀ ଅଳସ କ । ୨
ଯା ଘର ଦେ[redacted]ଏ ଘର ମେସ୍ତ୍ରୀ
[redacted]ଚିବେ ନାହିଁ ଯେ ହେଲେ ଗୋଷ୍ଠୀ
ଲୁହ ଲକ୍ଷ୍ମନାହିଁ [redacted]ଆଖିରୁ ଆଜର
ଯ[redacted]ା ହେଉଛି ସେ ଶମ୍ବୃଓସ୍ତ୍ରୀ । ୩
ଭାଷନ୍ତି ବନସ୍ତେ [redacted]ଜ ବଧୂ
ଦେ[redacted]ସିନା ମୋର ଜୀବନ ବନ୍ଧୁ
ଭାସରେ ତା ବୁ[redacted] ପଳାଇ ଯିବାର
କେଉଁଠି ନ ଥିଲେ କ ଗୋପବନ୍ଧୁ । ୪
ମସ୍ତର ନ ବନ୍ଧୁ ପୂର୍ବ ପର
ହୋଇଗଲି ଏବେ ପଦ ଧରି
ଗୋପାଳ କୃଷ୍ଣ ଭାବଇ ଆସିଥାଅ
ମୁଁ ହେଲି କେବେ ନେଶାନ୍ତ ଠାରି । ୫

—*—

ରାଗ ମାୟୂ ମାଳବ ଗୌଡ଼ା—ମିଶ୍ରରୂପତାଳ

(ଗଳ୍ପିତ ଗଳ୍ପ—ବୃତ୍ତେ)

ରାଧା ପରି ରାଧା ସିନାରେ ସଙ୍ଗିନୀ !
ସୃଷ୍ଟି ମାତରକ ଅଛନ୍ତି ଯେତେକ
ସର୍ବେ ପିତଳ ସେ ସୁନା । ଘୋଷା ।
ଦଳିତାଞ୍ଜନକୁ ହସୁଛି ଯା କାନ୍ତି
ସେ ଶ୍ୟାମ ପାଶରେ ଥିଲେ
ହରିତାଳ ବୋଲି ହେଲି ପରିହଣେ
କାନ୍ତିରେକେ କାହାଭୁଲେ । ୧

କଳା କରତ କଳାକରେ ରହିଲ
 ମୁଖକୁ ନୋହି ଭୂଲନା
ଏପାରେ ତପ କରୁଛୁ ଗଂଗାତଟେ
 ଜର ଜଟା ବନେ ଅ[illegible]। ୨
ଆଖିକ ତାଉ ଅନାଇ ଦେଇ ମୁଖ
 ବୁଜଇ ଦେଲେ [illegible]କ
ଦଣ୍ଡ ଦଣ୍ଡ ଯାକ ଜଗୋପ୍ସିତ ମନ୍ତ୍ର
 ବଣ୍ଣୁଛି ଦେବା [illegible] କ। ୩
ରାତି ଯାକ ଜାଗି ପାଖୁଡ଼ା ଶେଯରେ
 ପଡୁଛ ଥାଉଛୁ [illegible]ଟି
ମଉଳ ମାଣ୍ଡି ବଂଶରେ ଦେଲେ ଅଂଶେ
 ଚନ୍ଦ୍ରି ବସି ଦଂଶ ପୁଟି। ୪
ଶତ କୋଟି ଗୋପୀ ତାଙ୍କ ବୋଲୁଥିଲେ
 ଶୁଣୁଥିଲୁ ତସ୍ଵରେ
ଆମ୍ଭ ନେହପୂର୍ଣ୍ଣ ଫଳ ସୁଧାଥାଉ
 ସଦା ଶ୍ରୀକୃଷ୍ଣ କୋଳରେ। ୫
କହୁଥିଲେ ଗର୍ଗ ପୁତ୍ରେ ପୂର୍ଣ୍ଣ ବ୍ରହ୍ମ
 ସନାତନ ବୋଲି ଯାକୁ
ସେ ବ୍ରଜ ବଧୂ ଏ କେମନ୍ତେ ମୋହିଲେ
 ଅନ୍ୟ ଅଧୀନ ହେବାକୁ। ୬
ଗୋପବଧୂଙ୍କର ସଂଳାପକ ଶୁଣି
 ଗୋପାଳକୃଷ୍ଣ ଚଳିଲ
ପ୍ରେୟସୀଙ୍କ ଅପହୃତ ଭାବଜାଣି
 ପଦାମ୍ଭୋଜରେ ସେବିଲ। ୭

ଚଟାଉ ଛାନ୍ଦ

ରାଗ ଚନ୍ଦ୍ରା ଭୈରବୀ

କେଉଁ ବିଦେଶୀ [redacted]ସେ ରତ୍ନ   ନବ ମୁଦ୍ରର ଉଦସ୍ଥ ରୂହିଁ
କର[redacted]ବନ୍ଧୁର ମୋ ବନ୍ଧୁ ଏଥର
ବଂଶିବାକୁ ଉ[redacted]ସୁ ନାହିଁରେ, ବରାଙ୍ଗି । ୧
କେତେ କହିଲୁ ଅଇନ[redacted]ନ   ଅଂକେ ବସି ମୋ ଜୀବନ ଧନ
ଅବଧି[redacted]ନାହୁଁ ଆସିବକି ବୋଲି ମୁଁ
ସୁଖେ ଦିଆଇ[redacted]ତୋର ଆନ ରେ, ବରାଙ୍ଗି । ୨
ଯାଉଛି ମୁଁ ବୋଲୁ ଚନ୍[redacted]ନନ   ଟେକି ଶୁହିଁ ନପାରିଲୁ ଧନ
ଉଠି କୋଳରୁ ମୋ ପଛେ ପଛେ ଆସୁ
ଯୋଡୁଥିଲୁ କେତେ ନେହୁ ବନ ସେ; ବରାଙ୍ଗି । ୩
ଲେଉଟି ମୁଁ ଅଇଲି କ୍ଷଣି   ରତ୍ନ ସୋପାନରେ ଗ୍ରାମାମଣି
ଯାହା ଦେଉଥିଲୁ ଏକ୍ଷଣି ଦିଶୁଛି
ତୋ ସେ ଉତ୍ସ   ହୋଇବାର ଠାଣିରେ, ବରାଙ୍ଗି । ୪
ତାହା ଦେଖି ଦେଖି କି ଅଇଲ   ଯାହାନାହିଁ ବୋଲଜାଣିଥିଲ
ଆହା ପ୍ରୀତି ଚନ୍ଦ୍ରାମଣି ତୋତେ ପାଇଁ
ମୁଢ଼ ବୁଦ୍ଧିରେ ହରାଇ ଦେଲିରେ, ବରାଙ୍ଗି । ୫
ବିଦ୍ୟୁଲ୍ଲତା ପରି କଳେବର   ଥରୁଥିଲା ମାପ ପୁଷ୍ପାକାର
ପୁଲକ କଳରେ ମୁଣିଥିଲୁ ଝାଳ
ଲୁଚେ ହୋଇ ଥିଲୁ ଜର ଜର ରେ, ବରାଙ୍ଗି । ୬
ଆଜ ଦେଖିବାକୁ ନାହିଁ ଆଶା   ଆରେ ସୀମନ୍ତିନୀ ଶିରଭୂଷା
କାଳରାତ୍ରୀ ପରି ପ୍ରତେ ହେଉଥିବ
ତତେ ଏ ଘନ ଅଂଧାର ନିଶାରେ, ବରାଙ୍ଗି ।୭
ପରବାସ ମୁଁ ଯିବି ବୋଇଲେ   ହସି ବୋଲୁ ଯେ କହେବଗଲେ
କାଢ଼ରେ ଚାହି କରହାକୁ ଦେଖାନ୍ତେ
ନେହୁ ମାର ବହେ କଥାଭୁଲେ ରେ, ବରାଙ୍ଗି । ୮

ଅ.ଜନମରୁ ନଜାଣେ ଦୁଃଖ   ସୁଖି ଯାଇଥିବ[illegible]ମୁଖ
କୋମଳାଙ୍ଗୀ ତୋର ହୃଦସ୍ଥ ସ୍ତନକୁ
ଝୂରମାର କରଥିବ ଲଖରେ, ବରାଙ୍ଗି ୯
ଅଳ କେଳ କୁସୁମ କାନନ   ଗୃହିଁ ମୋ[illegible]ରେ ଧାସ୍ୟୀମନ
ସଜଳ ମୁଖକୁ ଭଂଗୀରେ ଅନାଇ
ଦୁଃଖେ ଦୁଃଖି ହେଉ ଥିବୁ ଧନ[illegible], ବରାଙ୍ଗି । ୧୦
ନନ୍ତ ପ୍ରଦୀପ ଜାଳନ୍ତି ଷଣି   ପ୍ରିତି [illegible]ଳାରେ ଯୋଡ଼ ପାଣି
ଶିରେ ରଖି ମୋର ଆଶିଷ ହେ[illegible]ରୁ
କେତେ ଜଣାଉଛୁ ଗୁଣ ମଣିରେ[illegible] ବରାଙ୍ଗି । ୧୧
ଆହେ ନୂଆ ଲହୁଲ ବୟସୀ   [illegible]ଲ କର ମୁଖ ଶଶୀ
ହସୁଛୁ ରସ ଦେଖିଲ ନାଗବଲ୍ଲ[illegible]
ଦେଇ ପକାଇ ଯିବାର ହସିରେ, ବରାଙ୍ଗି । ୧୨
ଦ୍ୟୁତ ନଳୋତ୍ପଳ ଗର୍ଭପାତ   ଛଟା ନଖ ଖଂଜରିଟ ମିଶ
ଅଂଜନେ ରଂଜିତ ଲଜ୍ଜାକୁ ପାବନ୍ତ
କେତେ ତାନ୍ତ୍ର ବସାଇଛ ନେତ୍ରରେ, ବରାଙ୍ଗି । ୧୩
ଯୁଃଧୈର୍ଯ୍ୟ ଭେକ ଡାକ ଫଣି   ସ୍ଵର ଶରାସନ ସମଠାଣି
ଚଳନ ବିବେକ ଛେଦନ କରୁଛ
ଭ୍ରୁବଲ୍ଲୀ ତୋର ଗୁଣ ମଣିରେ, ବରାଙ୍ଗି । ୧୪
ରସାଣିତ କାରବାନ ସ୍ଵର୍ଣ୍ଣ   ସ୍ନିଗ୍ଧ ଗଣ୍ଡ ମଣ୍ଡଳରେ ବର୍ଣ୍ଣ
ନୀପ ପୁଷ୍ପାକୃତ ଧରେ କର୍ଣ୍ଣ ତଟ
ଛୁଇଁ ଦେଲେ ମୋ ନାମରେ କର୍ଣ୍ଣରେ, ବରାଙ୍ଗି ।୧୫
କାନ୍ତ ପଦ୍ମରାଗ ସହୋଦର   ସଦାସୁଧା ସମ୍ପୂର୍ଣ୍ଣ ଅଧର
ଆସ୍ଵାଦ ଭୁଞ୍ଜ କରାଇ ଇନ୍ଦ୍ର ପଦ
ପାପ ବନ୍ଧ କର ଦେଲୁ ଦୂରରେ, ବରାଙ୍ଗି । ୧୬
ସୁକଂଚତ ଦୀର୍ଘ ସୂକ୍ଷ୍ମ କେଶ   ଅଂଜନରୁ ଅସିତ ସୁସତ
କଣ କବରୀ ରୂଚକ ଫାଳ ସର
ଉପମାକୁ କରାଉ ସଂକୋଚରେ, ବରାଙ୍ଗି । ୧୭
ହା' କ ଶୋଭା ଅଳକାବଳ   ସୂର ରଜାର ବରୁଦାବଳ

କପୋଳ ବ୍ୟାଜେ କି ସେ ସ୍ୱର୍ଣ୍ଣ କାଗଜେ
ଲେଖା ସୁଚିର ସ୍ୱାକ୍ଷର ମାଳୀରେ ବରାଙ୍ଗି । ୧୮

ଲଲାଟ୍ର ସିଂ[redacted] ତିଳକ   ଶୋଭା ଦେଖିଲେ ଶୁକ ସନକ
ଉ[redacted]ହକେ ଦନ୍ତେ ନଧୁଂଚ ପଦ୍ମବନ୍ତେ
ବୋ[redacted]ଅରୁଣକୁ ଧୀକ ଧୀକ ରେ, ବରାଙ୍ଗି । ୧୯

ପଦ୍ମ ରାଗ ମଣି ଭୁଲ[redacted]ର   ତଳେ ନଉିଙ୍କା ସୁମଣ୍ଡା କର
ତିଳ ପୁଷ୍[redacted]ନାସିକାରେ ମଣ୍ଡି ଧନ
ନେତ୍ର ଦୁ[redacted]ତ କରଉ ଦୂରରେ, ବରାଙ୍ଗି । ୨୦

ଭୂଷାଳଂକୃତ ଶ୍ରବଣ[redacted]ଶ   ଆସି ଖର ବଦର ଆବାଶ
ମୂର୍ଚ୍ଛି ତେ[redacted] ନାହିଁ କହିବାକୁ ଧର୍ମ
ଘନ ଲଗ[redacted]ସୁମ ଉତଂଶରେ, ବରାଙ୍ଗି । ୨୧

ସ୍ୱାଦୁ ବୋଲି ସରଂପରା ସିନା   ସୁଧାସ୍ୱକ୍ଷିତ ନାହିଁ ରସନା
ସ୍ତମ୍ଭ ମୋହବଶ୍ୟ ଉଚ୍ଚାଟ କାହିଁଛି
ତୋ ବାଣୀ କି ହୋଇବ ତୁଳନାରେ, ବରାଙ୍ଗି । ୨୨

ଶୁଣିଥରେ ଶ୍ରୀମୁଖୁ ସେ ବାଣୀ   କାରସାର ଶ୍ରୀ ଖଣ୍ଡ ସେଷଣି
କେତେ ମଧୁର ଏ ହୃଦୟ ହୁଅଇ
ଆଉ ନରସେତ ପଶୁ ପ୍ରାଣୀରେ, ବରାଙ୍ଗି । ୨୩

ଋତୁ କମ୍ବୁଷ ବଂଧୁ ତବୁକ   ଘଞ୍ଜଡ଼ାଇ ପଥମେ ପଲକ
ଛଡାଇ ହୁଅଇ ଯେହେତୁ ତାହାର
ପୂର୍ବାର୍ଜିତ ନେତ୍ରର ପାତକ ରେ, ବରାଙ୍ଗି । ୨୪

ପ୍ରାଣ ଶଂଖାଳୀ ମୋରନ୍ତ ଗଂଠୀ   କମ୍ବୀମତ ପାରୁବର କଣ୍ଠି
ଖଂଜ ରୂପ ସର ସାର ଦେଉ ଶିର
ଶୋଭା ସୃଷ୍ଟିର ପକ୍ୱ ବୟୋସ୍ଥି ରେ, ବରାଙ୍ଗୀ । ୨୫

ସ୍ତନ ଯୁଗଳକୁ ସମ୍ବନ୍ଧ   ହେଲେ ହୁଅନ୍ତା ବୋଲୁଛି ମୁହିଁ
କନ୍ଦର୍ପ କୁଂଜରେ କୁଂଜନ ଫନ୍ଦୁଅ
ଶ୍ରୀକର ରଚନା କି ବନ୍ଧରେ, ବରାଙ୍ଗି । ୨୬

—*—

ରାଗ ସିଂଧୁଡ଼ା—ରୂପକ ତାଳ

ସହି ଅଣିଲୁ ନାହିଁ କି ?
ହେଲୁ ଉଣ୍ଠୁ ଏତେ ସହିକି ରେ । ୦
ଯା ପ୍ରସଙ୍ଗରେ ନିଜ ଅଂଗ ପାସୋରୁ
ଶ୍ରୀ ବୃନ୍ଦାରଣ୍ୟାଭିଷେ କି
ଆଜି ଦିନ ଯାକ ମୁଖ ଦେଖି ନାହୁଁ
ମନେ ପଡ଼ିଲେ ନାହିଁକି ।
କଂଚୁଲି ହାର ଦୂର କରି ଯାହାକୁ
ହୃଦୟରେ ଧରି ଜାକି
ଲେଝୁଛନ୍ତି ଏବେ ସେ ଅବନୀ ବଶ[illegible]
ରାଧେ ରାଧେ ବୋଲି ଡାକି । ୨
ଯାର ଶିର ଲୁଇ ପଡ଼ିଲେ ଚରଣେ
ପଳାଇ ଯାଉ ଚେତିକି
ଏବେ ଦାସୀ ପଛେ ବୁଲାଇଲୁ ରାଧେ
ପୋଛୁଇ ନେବ୍‌ ପାଣିକି । ୩
ଅଳ ବସିଥିଲୁ ତୋ ପଦ ଚିହ୍ନର
ଧୂଳୀରେ ତାହା ବିଲୋକି
ବୋଲି ହୋଇ ଯାଉ ମୁଁ ହାତ ଧରିଲି
ଆଣି ଦେବ ବୋଲି ଡାକି ।
ଗୋପାଳ କୃଷ୍ଣ ଭାଷଇ ମଜ୍ଜି ଥିବା
ମାନସ ଲାଇପାଇ କି
ପରମାଣ କରି କହୁଥିଲେ କେତେ
ନ ପିଇ ବୋଲି କେଣିକି. *

ରାଗ ପରଜ—ଆଦତାଲ

ଶ୍ୟାମ[redacted]ଶୀ ବଜାଇ କହ କେଣେ ଗୁଡ଼ାଇ
ଏ ଚନ୍ଦ୍ରା[redacted]ଳୀ ଲୁହଇ ଆସିବ ଗୁଡାଇ । ପଦ

ଯା ପଦକୁ ଆଶ୍ରେ[redacted]ରି ଯାବତ ଯୌବନ ଶିରୀ
[redacted]ନ୍ୟ ବୋଲାଇଛୁ ଗିରଧାରୀ
ବ୍ରଜ ବଧୂ ଶତ ଭକ୍ତ[redacted] ମୁକ୍ତ ଭୃମ୍ବ ଅନୁରକ୍ତ
ହୋଇ[redacted]ନଠର ବୃଷଭାନୁ ଶ୍ରୀ କଶୋରୀ । ୧

ସାଧ୍ୱୀଗଣ ଶିରୋମଣି ସେନାକେତା ସୁଲକ୍ଷଣୀ
ଅଷ୍ଟ[redacted]ାଧରୀ ଧୂଳିବାଳା
ସାଧୁ ମାର୍ଗାନୁସାରଣୀ ସକଳ ସଦ୍‌ଗୁଣ ଶ୍ରେଣୀ
ହୁ ମର୍ଯ୍ୟାଦା ଶାଳୀ ଅଳଂକାର ଗଳାମାଳା ।

ମୋକୁଳ ଜଳ ପ୍ରଣୟ ଧନ ସଂଚଣି ନିଳୟ
ଗୋଷ୍ଠେଶ୍ୱରୀ ବାତ୍ସଲ୍ୟ ବସନ୍ତ
ମହାଭାବ ରତ୍ନଚିନ୍ତା ମଣି ବଗ୍ରହା ସୁକାନ୍ତ
ବିରାଜୁଛି ଜଗତ ଶ୍ରେଣୀରେ ସାରକୀର୍ତ୍ତି । ୩

ଲଜ୍ଜାକୁ ଉଜ୍ଜଳ ସ୍ମିତା ବିନୀତା ନମ୍ରପଣ୍ଡିତା
ଧୃଷ୍ଟି ବଷ୍ଟି ଗାମ୍ଭୀର୍ଯ୍ୟ ଶାନ୍ତିମା
କର୍ପୂର ପଙ୍କଜ ମିଶା ପରିମଳ ସୁବିଳାସା
ଦୟାମୟୀ ଗାନ୍ଧବୀ ଶ୍ରୀ କୀର୍ତ୍ତିଦାନ ନନ୍ଦନୀ । ୪

ବଳୟାଦ ଇନ୍ଦ୍ରଲେଖା କୁଣ୍ଡଳ ସୌଭାଗ୍ୟ ରେଖା
କୁସୁମ ବଲ୍ଲୀ ଯା ପଦତଳେ
ବାଧିରେ ହୋଇଛୁ ଲେଖା ହେ ପଶୁପ ସୁତ ସଖା
ଗୋପାଳ କୃଷ୍ଣ ଚିନ୍ତୁଛି ହୃଦୟ କମଳେ । ୫

—*—

କୋଇଲି ଗୀତ

କୋଇଲି କି ବୁଦ୍ଧି କରିବି ମୁହିଁ
କେତେ କହିଲେ ତ ଶୁଣୁ ନାହିଁ
କାନନ ଏକା ବନ ନେଲୁ । ଆଲୋ !
କାଳ ବେଳରେ ଅନ୍ନ ନଖାଇଲୁ ଲୋ !
କୋଳରେ ବେଳେ ମନ ପୂରାଇ । ଆଲୋ !
କୃଷ୍ଣ ଚନ୍ଦ୍ରମାକୁ ଧଇଲି ନାହିଁ ଲୋ ! ୧

କୋଇଲି ଖୋଜୁଥିବ ଘ[illegible]ଟେ ମନେ
ଖୋଦପାଇ କ୍ଷୁଧାରେ [illegible]ନେ
ଖେଳାଉଥିବ ଲୁହରେ ଡୋଳା । ଆଲୋ
ଖଳ ବିଧି କେଟଣେ ମୋତେ ମା କଲୁ ଲୋ !
ଖରାରେ ଯାଇ ଥିବନ ଲୁଚ । ଆଲୋ !
ଖଞ୍ଜନ ନେତ୍ର ମୋ ଦୁଃଖି ସଙ୍ଗାତି ଲୋ ! ୨

କୋଇଲି ଗଡ଼ି ଗଲାନି ତ କାଳ
ଗହନେ ପଡ଼ିଲୁ କି ଜଞ୍ଜାଳ ।
ଗଲାବେଳେ କେତେ କହିଥିଲି । ଆଲୋ !
ଗଣ୍ଡି ଧନ ବେଗେ ଆସିବୁ ବୋଲି ଲୋ ।
ଗୃହକୁ ଯିବ ଲେଉଟି ଆନ୍ତା । ଆଲୋ !
ଗୋଧୂଳିଉଡ଼ି ବା ହେଲେ ଦିଶନ୍ତା ଲୋ । ୩

କୋଇଲି ଘାରି ହେଉଛି ହୃଦୟ
ଘରୁ ଗଲାବେଳୁ ମୋ ତନୟ
ଘେନୁଛି ମୁଁ ଆଜ୍ଞା ବୋଲିମାଗି । ଆଲୋ !
ଘନଶ୍ୟାମ ଯା ହୋଇଲା ଓଲଟି ଲୋ !
ଘୋର ଅନ୍ଧାର ଦିଶିଲା ଦିଶ । ଆଲୋ !
ଘେନ ଗଲା ଶ୍ରୀନାମ ମୋର ଆୟୁଷ ଲୋ । ୪

କୋଇଲି ମାଲ ଉତ୍ସବ ବରନ
ସବୁଲୁ ଦେଖି ମୋ ବଦନ
ମ[redacted]କୁ ନେଉଛି ଆସିଲା । ଆଲୋ !
ମଜ[redacted]ଞ୍ଚଳରେ ମୋ ଲୁହ ପୋଛିଲା ଲୋ ।
ନାନା[redacted]କାରେ ବୋଧ କରାଇ । ଆଲୋ !
ନାଚ ନ[redacted]ଗଲା ବଂଶୀ ବଜାଇ ଲୋ । ୫

[redacted]କାଇଲି ତନୁ ମୋ ନୋହିଲା ସ୍ଥିର ।
[redacted]ଲି ଚରଣେ ଗଲା ତାହାର
[redacted]ନନ ତୋ ସଙ୍ଗତେ ଯିବ । ଆଲୋ !
[redacted]ଅ ଗୋରୁ ଭୁ ମୁଁ ଯତ୍ନେ ଥିବ ଲୋ ।
ବୃହିଁ ବୋଇଲା ଘରକୁ ଯାଇ । ଆଲୋ !
ବୃନ୍ଦ ରସାଳ ଦଅ ପଠିଆଇ ଲୋ । ୬

କୋଇଲି ଛଦ୍ମେ ଆସି କଂସଚର !
ଛିଦ୍ର ଲୋଡ଼ୁ ଛନ୍ତି ଲୁଚିଚାର
ଛେଚି ଦେଇ ତୃଣାବର୍ତ୍ତ ମଲା । ଆଲୋ !
ଛଳେ ପୂତନା ବିଷ ପିଆଇଲା ଲୋ ।
ଛାମୁ ରୁ ଦନ୍ତ୍ରେ ହୋଇଲେ ଭଗ୍ନ । ଆଲୋ !
ଛନ୍ନ ହେଉଛି ମନ ନିଶି ଦିନ ଲୋ । ୭

କୋଇଲି ଜନମିଲା କ ଯୋଗରେ
ଜନମୀ କଲ ମୋତେ ଏଘରେ
ଜଳ ପୋଛି ନେତ୍ରୁ କାଳଗଲା । ଆଲୋ !
ଜଗତ ସୁତଙ୍କ ପର ନୋହିଲା ଲୋ
ଜଣକ ବନ୍ଧୁ ଦିଶୁ ନାହିଁ । ଆଲୋ !
ଜୀବନ ସେହି ମୋର ଧନ ସେହି ଲୋ । ୮

କୋଇଲି ଝାଡ଼ ସମୀରଣ କାଜ
ଝଳ ଦେହରୁ ଚିକ୍କଣ ହଜ
ଝର ପାଣି ପିଇକଟି କେତେ ଆଲୋ !
ଝାଡ଼େ ବୁଲି ବୁଲି ଧେନୁସଙ୍ଗତେ ଲୋ
ଝଗଡ଼ ହୋଇ ମୋ ଦୁଃଖୀଧନ । ଆ[illegible]!
ଝାଟି ପତ୍ର ହୋଇ ଗଲା ଖିନ୍ନ ଲୋ[illegible]

କୋଇଲି ଞିତି ଏହି ଏ[illegible]ହେଲା
ଞମିଶେ ତ ଘରେ ଞର[illegible]
ଞନ୍ଦା କରାଇଲା ସଦା [illegible]ତ । ଆଲୋ !
ଞସ୍ତୁର ଯଶୋଦା କେ[illegible] ଜଗତେ ଲୋ !
ଞଖିଳ ଦୁଃଖ ହେଲା ତାହାର । ଆଲୋ !
ଞଢ଼ୟୁ ହୃଦୟୁ ଶ୍ୟାମ ସୁନ୍ଦର ଲୋ । ୧୦

କୋଇଲି ଟିକାଏ ହୋଇଲେ ଭିନ୍ନ
ଟଳିଯାଏ ମୋ ବୁଦ୍ଧି ସ୍ବଧାନ
ଟାପରରେ ଗୋପୀମାନେ ନେଇ । ଆଲୋ !
ଟାକି ଦେଇଥାନ୍ତି ଘରେ ଲୁଚାଇ ଲୋ
ଟେକରେ ମୁହଁତାକୁ ଆକୁଳେ । ଆଲୋ !
ଟାଣେ ହସି ଆସି କଣ୍ଠ ପୋଟାଳେ ଲୋ । ୧୧

କୋଇଲି ଠୁଳ ହୋଇ ପୁଣ୍ୟ ମୋର
ଠାକୁର ନାରାୟଣ ସେବାର
ଠିକଫଳ ହେଲେ ଲଭ୍ୟ ହେଲା । ଆଲୋ !
ଠିଆ ଘଡ଼ିଏ ଘରେ ନହୋଇଲା ଲୋ !
ଠିକରେ ସେ କି ରହୁଛି କ୍ଷଣେ । ଆଲୋ !
ଠେସି ଯାଉଛି ମୋତେ ଏଣେ ତେଣେ ଲୋ । ୧୨

କୋଇଲି ଡେରବୁଟି ଶ୍ରୁତି ବଚନେ
ଡାକି ନାହାନ୍ତି ସୁରଭି ଗଣେ
ଡେଇଁ ଗଲଣି ପହର ତିନି । ଆଲୋ !
ଡୋଳା ପିଲ୍ଲାର ମୁରଲୀ ଧ୍ୱନି ଲୋ ।
ଡାକେ ନିଶ୍ଚଳ ହୋଇ ଶୁଣି । ଆଲୋ !
[redacted]ତେ ସନ୍ତାପିତ ହେଉଛି ପ୍ରାଣ । ୧୩ ।

କୋଇଲି ତ[redacted] କପୋଳେ ତିଳକ
ତାଳ ହୋଇ[redacted]ପକାଇ ପଲକ
ତ୍ରଳ ହୃଦରେ[redacted]ଭଳି ଶୋଭେ ! ଆଲୋ !
ତୋଲା ଲାଗି[redacted] ମୋ କୋଳ ଚାଇଲି ।
ତମେ ସୁବଳ ଦେଲ ଉଠାଇ । ଆଲୋ !
ତୋଳି ବାଜଲା ପରି ଡାକ ନେଇ ଲୋ । ୧୪ ।

କୋଇଲି ଅନେକ ଅସୁରମାନେ
ଅନୁଦିନ ପଶୁଛନ୍ତି କାନନେ
ଅଘା, ବକା, ବୃଷଭ, କେଶୀ । ଆଲୋ !
ଅସୁରନ୍ତ ପାରନ୍ତା କି ବିନାଶି ଲୋ ।
ଅନୁକୂଳ ସଦ ଦରିକ ନୁହନ୍ତା । ଆଲୋ !
ଅଗାଧ ସମୁଦ୍ରେ ମୋ ଭେଲା ବୁଡ଼ନ୍ତା ଲୋ । ୧୫

କୋଇଲି ତପନ ତନୟା ହ୍ରଦେ
ତୋହ୍ନ କମଳ କୋମଳ ପଦେ
ତମଭରେ ଦଂଶିଲା କାଳୀୟ । ଆଲୋ !
ତପସ୍ୟା ବଳୁ ବଞ୍ଚିଲ ତନୟ ଲୋ
ଭୁଜଗେ ସେଦିନ ଉରଗ ଶିରେ । ଆଲୋ !
କି ଭଙ୍ଗୀରେ ନାଚିଲା ମୋର ଭାଗ୍ୟରେ ଲୋ । ୧୬ ।

କୋଇଲି ସ୍ମରି ହେଉନାହିଁ ହୃଦ
ଅରେ ଶକଟାସୁର ବିପଦ
ଥିଲୁ ଦେବତା ବୃକ୍ଷ ରୂପରେ [redacted]ଲୋ !
ଥୋଇ ସୁତକୁ ମୁଁ ଗଲି ତ[redacted]ରେ ଲୋ ।
ସ୍କନ୍ଧ ଉପୁଡ଼ି ମାଡ଼ି ପଡ଼ିଲା [redacted]ଲୋ !
ଥିବାରୁ ଆୟୁଷ ସିନା ବ[redacted] ଲୋ । ୧୭

କୋଇଲି ଦାବାଗ୍ନି ବନେ ବେଢ[redacted] ।
ବନ୍ଧୁ ଧରମ ସହାୟ ହୋଇ
ଦୁଃଖିଧନକୁ ମୋ ବଞ୍ଚାଇଲା । [redacted] !
ଦରମର୍ଦ୍ଦ ସଦା ମୋ ପ୍ରାଣ ହେଲା[redacted]ଲୋ
ଦୁଃସହ ଦୁଃଖ ଏତେ ମୁଁ ନଷ୍ଟ । ଆଲୋ !
ଦେଖୁ ଦେଖୁ ସ୍ମରି ହୋଉଛି ମତ୍ତ ଲୋ । ୧୮ ।

କୋଇଲି ଧନ୍ଦ ଆଙ୍ଗୁଳି ଶିଖରେ ।
ଧରି ସପ୍ତାହ୍ୟ ବସୁ ସରେ
ଧଇଲା ଗଜଧ୍ୱଜ ଗୋକୁଳ । ଆଲୋ !
ଧେନୁ ସହ ବତ୍ସ ଗୋପୀ ଗୋପାଳ ଲୋ !
ଧନ ସଂପଦ ସବୁ ରଖିଲା । ଆଲୋ !
ଧୂର୍ତ୍ତି ବାସବର ଗର୍ବ ନାଶିଲା ଲୋ । ୧୯

କୋଇଲି ନନ୍ଦନ ମୃଦୁ ଖିଣ
ନବ ବନେ କଣ୍ଟକ ପାଷାଣ
ନିରନ୍ତରେ ବାଜୁଥିବ ଦୁଃଖ । ଆଲୋ !
ନ ନେଲା ପାଦୁକା ନଅ ମୁଁ ବୋଲୁ ଲୋ !
ନରେଖ ଜନ ପ୍ରାଏ ବୁଲୁଛି । ଆଲୋ !
ନିର୍ଦ୍ଦୟିରେ ମୋତେ ଏ ଦଣ୍ଡ ଦେଉଛି ଲୋ । ୨୦

କୋଇଲ ପଥକୁ ସନ୍ତତେ ଗୃହିଁ
ପଲକ ନେଦେ ପଡ଼ିଲା ନାହିଁ
ପ୍ରାଣ ହାତରେ ଧରି ରହିଲି । ଆଲୋ !
ପଳାଇଲା ଏବେ ଆସିବ ବୋଲି ଲୋ
[redacted]ାପ ଦଇବ ଏତେ ହେଲକୁ । ଆଲୋ !
[redacted]ାଉ ନାହିଁ ମନେ ଘର ତାହାକୁ ଲୋ । ୨୧ ।

କୋଇଲ [redacted] ବୋଲୁ ନାହିଁ ମୋତେ
ଫରଗୁରେ [redacted] ଜାଣୁଛି ଏତେ
ଫଣି ମର୍ଦ୍ଦ[redacted]ା ସ୍ତନ ପାନ । ଆଲେ !
ଫେର ମାଣ କ[redacted]ଳକରନ୍ତା ଘେନ ଲୋ ।
ଫନ୍ଦା ମୋହର ସଖା ଭସୁରେ । ଆଲୋ !
ଫିଟାଇ କହୁନାହିଁ ମନ୍ଦାକ୍ଷରେ ଲୋ । ୨୨ ।

କୋଇଲ ବ୍ରଜବାଳୀ ଯୁକ୍ତ ହେଲ
ବାହୁଡ଼ୁ ମୁଁ କାରଣ ପାଇଲ
ବକର୍ତ୍ତନ ତନୟା ଘରେ । ଆଲୋ !
ବଂଶୀ ବଜାଇ ଗୋପ ଗୋରୁ ମେଳେ ଲୋ ।
ବରହୀ ପୁଚ୍ଛ କରି ଉତ୍ତଂସ ଆଲୋ !
ବନ ପୁଷ୍ପରେ ବେହାଇଛି ସୁକେଶ ଲୋ । ୨୩ ।

କୋଇଲ ଭଙ୍ଗୀ ନଟବର ପରି
ଭୂଷା ହୃଦେ ଗୁଞ୍ଜାହାର କରି
ଭୁଜେ ଭୁଜାବଳୀ ଗଇଶିକର । ଆଲୋ !
ଭାଲରେ ତିଲକ ଗୋରୋଚନାର । ଆଲୋ !
ଭରି କର୍ଣ୍ଣିକେ ନୀପ-ମଞ୍ଜରୀ । ଆଲୋ !
ଭଣିଲେ ଆସୁଛନ୍ତି ବୋଲି କଶୋରୀ ଲୋ । ୨୪

କୋଇଲି ମୂର୍ଚ୍ଛି ମୁଁ ପାରିଲି ନାହିଁ
ମନ୍ଦଭାଗ୍ୟୀ ରାଧିକାକୁ ଚାହିଁ
ମଣ୍ଡରେ ଦେଖିଲି ତା ସ୍ୱରୂପ [redacted] ଲୋ !
ମୋ କୃଷ୍ଣ ଚନ୍ଦ୍ରମାକୁ ଅନୁରୂ[redacted] ଲୋ ।
ମନ୍ଦ ବିଧାତା ମୋତେ ନ[redacted]ଦେଲା । ଆଲୋ !
ମନ ମୋ ବନ୍ଧୁ ସଙ୍ଗେ ଘା[redacted]ହୋଇଲା ଲୋ । ୨୫ ।

କୋଇଲି ଯତନେ ପୁରକୁ ନେଇ[redacted]
ଯମ ତାପ ନାଶ ଥିଲା ପାଇ
ଯୁକ୍ତ ଉପଚାରେ ତୃପ୍ତ କଲି । ଆ[redacted] !
ଯିବା ବେଳକୁ ଧରି ଚୁମ୍ବ ଦେଲି[redacted] ଲୋ ।
ଯାଉଛି ବୋଲି ଉଲଗି ହେଲା ଆଲୋ !
ଯଥାର୍ଥ ବନ୍ଧୁପରି ମୋ ମନେ ହେଲା ଲୋ । ୨୬ ।

କୋଇଲି ରଜା ବ୍ରଜର ଜନକ
ରତ୍ନ ଧନ ସଂପତ୍ତି ଯେତେକ
ରମା ରମଣ ପୁରେ ନଥିବ । ଆଲୋ !
ରଖି ଧେନୁ କି ଅରଜ ଆଣିବ ଲୋ ।
ରାଜ୍ୟ ପାଇଲେ ଗୋରୁ ଗୋପାଳ । ଆଲୋ !
ରଖୁଆଳ ସଙ୍ଗେ ନେଉଛି କାଳ ଲୋ । ୨୭ ।

କୋଇଲି ଲୋଡ଼ୁ ନାହିଁ କଛି ଆଉ
ଲକ୍ଷେ ବରଷ ଜିଇଁ ଥାଉ
ଲଭ୍ୟ ନୋହୁ ମୋତେ ଆଉ ସୁତ । ଆଲୋ !
ଲାବଣ୍ୟ ନିଧିର ଅନୁବରତ ଲୋ ।
ଲପନ କରୁଥିବ ଲୋକନ । ଆଲୋ !
ଲବଣୀ ପୀରୁଲା ନନ୍ଦନ ଧନ ଲୋ । ୨୮ ।

କୋଇଲ ବଳରାମ ସଙ୍ଗେ ନେଲା
ବେଳ ଥାଉ ଆଣିବ ବୋଇଲା
ବୋଲୁ ଶୁଭିଲା ବଂଶୀ କାକଳୀ । ଆଲୋ !
ଭଜ ଯାକ ପଡ଼ିଲା ଉଚ୍ଛୁଳ ଲୋ
ବସନ ପସୁ ଲୁହରେ । ଆଲୋ !
ବ[redacted]ନ ହୋଇଲା ପୁଣ ସ୍ନେହରେ ଲୋ । ୨୯ ।

କୋଇଲ ଶୋ[redacted]କରଜ ଶ୍ରୀ ବ୍ରଜେଶ୍ୱରୀ
ଶିଶୁ ଗଣେ ବ[redacted]କ ଶ୍ରୀହରି
ଶତଦ୍ରୁ ଦା ମଣ୍ଡ[redacted]ଧରେ । ଆଲୋ !
ଶତମନ୍ୟୁ ମଣିସ୍ତମ୍ଭ ପରରେ ଲୋ
ଶୋଭିଲୁ ବୃନ୍ଦ ହେଲେ ଲାଗରେ । ଆଲୋ !
ଶଶିକାନ୍ତି ଗ୍ରାମ ଶୋଭା ଆଗରେ ଲୋ । ୩୦ ।

କୋଇଲ ସ୍ୱଜନମାଙ୍କ ଭୁପ ଅନାଇଁ
ଶୀଘ୍ରେ ପ୍ରଣମିଲେ ପଦେ ଯାଇ
ସ୍ନେହେ ତନୁ ତୋଳ ବ୍ରଜେଶ୍ୱରୀ । ଆଲୋ !
ଯୋତ୍‌କେବେଗେ ଚୁମ୍ବିଲେ ଶିରାଘ୍ରାଣ କରି ଲୋ
ସେବକ ଅନ୍ନ ନିଉଞ୍ଛାଇଲେ । ଆଲୋ !
ସଙ୍କର୍ଷଣ ଓଳଗୁ କୋଳକୁ ନେଲେ ଲୋ । ୩୧

କୋଇଲ ସସମ୍ଭ୍ରମେ ଅମ୍ବୁ ରୋହଣୀ
ଶୀରପାଣି କୃଷ୍ଣ ଯୋଡ଼ ପାଣି
ସହର୍ଷରେ କଲୁ ନମସ୍କାର । ଆଲୋ !
ସାଜଲେ ନର୍ତ୍ତନ ପଙ୍କ ପ୍ରକାର ଲୋ ।
ଯେ ଶୋଭା ବର୍ଣ୍ଣି କରିକ ଜନ ଆଲୋ !
ସୁଖ ସୁଧାବ୍ଧିରେ ହେଲେ ନିମଗ୍ନ ଲୋ ! ୩୨ ।

କୋଇଲ ହର୍ମ୍ୟଶିଖେ ଶ୍ରୀରାଧାଙ୍କୁ ଦେ...
ହରଷରେ ଅଳ୍ପ ବୁଜ ଅକ୍ଷି
ହେଉ ମେଲାଣି ଦେଇ ସଂକେ... । ଆଲୋ !
ହେଲାପର ବର୍ଣ୍ଣି ବସନ ... ଲେ ।
ହରିଣୀଦୃଶୀ ବୃକ୍ଷ କାଣି... ଆଲୋ !
ହୁଳହୁଳୀ ଧ୍ୱନିରେ ପୂ... ନେଲେ । ୩୩ ।

କୋଇଲ କ୍ଷୁଧା ଦୁଃଖ ଦେଖି ବ୍ରଜେଶ୍ୱରୀ
କ୍ଷୋଭ ହୋଇ ସେ ବେଶ ଉତ୍ସର୍ଗ
କ୍ଷଣକରେ ସ୍ନାନାଶନ କଲେ । ଆ... !
କ୍ଷିପ୍ରେ ଗୋ ଦୋହନାଦ୍ଧ ବଡ଼ା... ଲୋ ।
କ୍ଷଣଦା ରାଧା ସଙ୍ଗେ ନିକୁଞ୍ଜେ । ଆଲୋ !
କ୍ଷଣେ ଗୋପାଳ କୃଷ୍ଣ ପଦାବ୍ଜେ ଭଜେ ଲୋ ୩୪

—*—

ରାଗନାଟପ୍ରିୟ—ଆଦିତାଳ

(ମୋତେ ଠାରୁଛୁ ନୟନ କୋଣେ—ବୃତ୍ତେ)

ନିଦ କେଣେ ଦେଲୁ ଭୃଙ୍ଗିରେ
ସ୍ୱପ୍ନ ଦେଖୁଥିଲି ଭଙ୍ଗିରେ । ପଦ ।

ଭେଟିଲି ସଖିରେ ଯାହା ବିଲୋକିଲି ଆହା ସେ ସଞ୍ଚାର ପଙ୍ଗୀରେ
ଭବ ପରାଭବ ଛବିର ଗରବ ଲବ କରେ ଯିବ ଭୃଙ୍ଗିରେ । ୧ ।
ସୌଭାଗ୍ୟ ପୌର୍ଣ୍ଣମୀ ନୂଆ ବାସ ଭୂଷା ମୁହିଁ ହୋଇ ପୁଣି ଲାଗିରେ
ଗୋଷ୍ଠ ଚନ୍ଦ୍ରମାକୁ ନିକୁଞ୍ଜ ସେଜରେ ହେଉଥିଲି ଯା ଓଲଗିରେ । ୨ ।
ହସି ନେଲେ ଆସି ତଳପରେ ବସି ଲକ୍ଷମୂଲର ବରାଙ୍ଗିରେ
ନକ୍ଷତ୍ର ମାଳା ବକ୍ଷରୁ ଦେଇ ମୋତେ କରୁଥିଲେ ସେ ଉତ୍ସଙ୍ଗୀରେ ।୩।
ପରସିବା ବିଧି ସେ ବିନ କୋଳି ମୁଁ ଭଲି ହେଉ ଉଦ ବେଗିରେ
ହେବି ଦିବ୍ୟ ଭୋଜ୍ୟ ସଂସାଦ ଲଳିତା ତେଣେ ରହିଥିଲି ଯଗିରେ ॥

ମାନ [redacted]କ ବଦନପଙ୍କ ମୁହିଁ ହୋଇଥିଲି ବିପ୍ର ଯୋଗୀରେ ।
ବସ୍ତ୍ରାନ୍ତ କଣ୍ଠ[redacted]ମ୍ବ ସଂବେଶରେ କରାଇଥିଲା ସଂଯୋଗୀରେ । ୫ ।
ଗୋପାଳ କୃଷ୍ଣ କ[redacted]ଇ ସାବଧାନହୁଅ ସ୍ବରୁ ଚଲାପାଙ୍ଗିରେ
ଘନ ତମସୀରେ [redacted]ପାଳ ଚଲେ ଦେଖି ଛନ୍ତି ଚଳ ବେଗିରେ । ୬ ।

—*—

ରାଗ [redacted]ାଶ୍ରୀ—ମିଶ୍ରରୂପତାଳ

(କେତେ କେ[redacted]ଲ ମୋ ଦୁଃଖସନ୍ଧବରେ—ବୁଡେ .)

ଦୟା ନ କରନ୍ତୁ [redacted]ଦାସୀ ସିନାରେ । ପଦ

ଦୁଃଖ ଦେଇ ଶ୍ୟାମକୁ   ରାଧାସୁଖୀ ହେବାକୁ
ରୁଷିବ କଲୁ କ ଏ ଆଲୋଚନାରେ । ୧
ଯେ ତାଙ୍କ ମନୋହାରୀ   ତା ନଜକର କର
ବନ ନେବ ପଞ୍ଚକେ ଗୁମାନ ନାରେ ।୨
ଯାହାରେ ହେଲେ ସଖି   ସେ ହୋଇଥିଲେ ସୁଖୀ
ମିଳନ୍ତି ପର କୋଟି ଲକ୍ଷସୁନାରେ । ୩
ଯଶୋଦାଙ୍କ ପୁଣ୍ୟରେ   ଶିରଂଜବା ବ୍ରଜରେ
ହୋଇ ସେ ସବୁ ରହିଥାନ୍ତି କିନାରେ । ୪
ନିକଟରେ କ ଦୂରେ   ନତ ଶ୍ରୀମୁଖ ଥରେ
ଦେଖୁଥିବ ଏତିକ ମୋ କାମନାରେ ।୫
ଗୋପାଳ କୃଷ୍ଣ କହି   ହସି ଭାଷିଲେ ସଖୀ
ନିକ ଚୋ, ପଛରେ ରହିଛନ୍ତି ଅନାରେ । ୬

ରାଗ ସାବେରୀ—ମିଶ୍ର ରୂପତାଳ

(ପରମାନନ୍ଦଙ୍କୁ ପଦ୍ମବତୀ ଦୂତୀ—ବୃନ୍ଦା)

ବନ୍ଧୁ ତୁହି ଯିବେ ବରଷି ଆକୁଳେ ନବ ...ତାର ସ୍ନେହ ।
ବନ୍ଧୁ ମୋ ପଥ ଚାହିଁକ ନୟନରୁ ଝରୁଥିବ ପରା ଲୁହ
କେତେ କହିଲୁରେ ଅଇଲୁ ବୋଲି ଏଣିକ
ଉଭା ହୋଇ କେଳି ସଦନ ଦୁଆର ବନ୍ଧ... ଦେଇ ପାଣିକ । ୧ ।
ଛକ୍କଣ କବରୀ ଘରରୁ ଚକୁର ହୋଇଥିଲ ଭଣ୍ଡ ଭଣ୍ଡ ।
ଥିବା ଠାବରେ ସତନ ହୋଇ ଅଟେ...ଥିଲ ପିନ୍ଧା ବସନ
ମନୁ ନଯାଏରେ ନବୀନା ସେ...ଣୀସ୍ତ ଚୋର
ସୀମାନ୍ତରେ ଫିଟି ପଡ଼ିପୁଷ୍ପସ୍ରକ ଲୋଟିବାର ଧୀର ଧୀର । ୨ ।
ମେଲାଣି ହେଉଛୁ ବୋଲଣି କହନ୍ତେ ନରୁହିଁ ପଲକେ ଧନ
ରୁହୁଁ ମୋତେ ନେନେ ମାର ପୂରିଗଲୁ ଲୁଆଁଇ ଦେଲୁ ଲପନ
ତୋ ସେ ମୂରତି ରେ ଲାଗି ରହିଛୁ ଆଖିରେ
ପକାଇ ଦୀର୍ଘ ନିଶ୍ୱାସ ଘସୁଥିଲୁ ପଦ ଅଙ୍ଗୁଳୀ ମହୀରେ । ୩ ।
ଅବଧି ପର୍ବରୁ ଅଧେ ସ୍ତ୍ରୀ ଅଧେ କଣ୍ଠେ ରହିଲାର ଗିର
ଯାହା ହୋଇଲୁରେ ଗଣ୍ଡ ପାଶେ ବାସ ରଖି ।
ପାପ ଚରଣ କି ଚଳିଲା ଅଇଲ ତୋ ସେ ଦୁଃଖ ଦେଖି ଦେଖି । ୪ ।
ଆସୁ ମୋର ପଛେ ପଛେ ଦେହଳୀକି ନୂଆ ବରବେହା ବର
ଫୁଟିଗଲୁ ଫୁଲୁ ଥିଲା ନାସାପୁଟ ହେଉଥିଲୁକି ଆତୁର
ଆଜି ଦେଖିବ ରେ ହେଉନାହିଁ ଏ ଭରସା
ରହିରହି ଶୋକେ ବୋଲ ହେଉଥିଲା ବିକଳୀ ଶେଷ ସୁରସା । ୫ ।
ଗୁରୁ ଭଙ୍ଗୁର ସଚୁ ମଧ୍ୟା ତୋ ସମେ ନାହିଁ ଜଗତ ଯାକରେ
ଲୋଡ଼ିଲେ ଜଣେ ନଥିବ ମୁଁ ମଣୁଛି ଶୋଭା ସ୍ନେହ ସୁଗୁଣରେ
କାଳେ ହୋଇଲୁ ରେ କି ଗୁଡ଼ ଅଇଲ ମୁହିଁ
ବୋଲେ ଗୋପାଳକୃଷ୍ଣ ବନ୍ଧୁ ମୋ ଯିଲେ ଏହି ଏକାଥିଲୁ ଲିହି । ୬ ।

—*—

ରାଗ ବଲାହାର । ମିଶ୍ରଝମ୍ପତାଲ

([redacted] ହଟା ବ୍ରଜ ଗୋଷ୍ଠ ଯାକ—ବୃତ୍ତେ)

ପଣିକର [redacted] କର ପରିଣତ ବିମ୍ବାଧରରେ । ପଦ ।
ହର ବିରହ ଦୁଃସ[redacted]ଃଖ   ହରିଣାକ୍ଷି ଏପରି ରଖ
ସଜନୀର [redacted]ନୀରଜଲ ପାନ ଭଲ କରିରେ । ୧ ।
ଆଶା କରିଛି ମୁଁ ତରି[redacted]କୁ   ଆଶାବାସ ମୋହନୀ ଦୟାକୁ
ପରମଦା ପରି[redacted]ଦାରୁଣ ହୃଦ ଅପହରି ରେ । ୨ ।
ରସାଣିତ ସ୍ୱର୍ଣ୍ଣ ବରନା[redacted]   ରସା କେବଣେ ଥରେ କର୍ଣ୍ଣରେ
ଅନା ମୋତେ ଅଞ୍ଚଳକେ ସ୍ୱର ହାତେ ଗଲ ସରିରେ । ୩ ।
କେଶରୀ ମଧ୍ୟମା ଏ ସଂସାରେ   କେ ସରି ଅଛି ତୋ ସରସାରେ
ମୂରଛକ ମୁଁ ଲଭକ ତଣୁ ନାହିଁତ ସୁଦଶୀରେ । ୪ ।
ଦରପଣ ମୂର୍ତ୍ତି ମୋ ଦରକ   ଦରପଣ କରଙ୍କ ଦରବ
ରସାର ସାର ସାରସାକ୍ଷି କହୁଛୁ କର ଧରିରେ । ୫ ।
ହରସଦା ଗୋପାଳକୃଷ୍ଣର   ହର ସେବା ଫଳ ଦୟାକରନ୍ତୁ
ସୁମନା ରେ ସୁମନାରେ କଣ୍ଠଦେବ କବରୀରେ । ୬ ।

—*—

ଜଳଦ ବଉତାଣା

(ରାଗ—କଲ୍ୟାଣୀ ଆହାରି)

କେଉଁ ପଥିକ ନଗରେ କଳାହକ ଦେଖିଣ କରଇ ବିସ୍ମର
ଖେଦେ ସେହ୍ନ ନବ ବାଳା ମୋର ନାମ ନ କହୁଥିବ କ ଉଚାର
ଜଳଦ, ସୁପର ପ୍ରୀତି ଖ୍ୟାତି ହେଲା ।
ଖଣ୍ଟାଉ ଧାରା ଏ ବର୍ଷ ହେବ ବୋଲି କେତେ ଜନକୁ ପାଞ୍ଚିଥିଲା ।୧।
ନଗ କାଞ୍ଚୁଲି ସନ୍ଧିରେ ସ୍ତନ କ୍ଷତ ହେଲେ ଯେ କରଇ ଦରପେ
ଚକୋର ଈକ୍ଷଣୀ କ କରି ସହୁଛି ନିଷ୍ଠୁର ମଦନ ଶରେ ଯେ
ଜଳଦ, ଗ୍ଲାନ ଗର୍ବ କର୍ମା ଲଭୁଛି;
ଯେଣିକ ଯିବ ଏଥୁ ଆଉକ ତା ମୁଖ ଦେଖିବା ଭରସା ବଳୁଛି ।୨।

ଛିନ ବସନ ପାଦଶିର ପର୍ଯ୍ୟନ୍ତେ ଆଚ୍ଛାଦି ଥାଇ ଶୟନରେ[illegible]
ନିଦ ନଥାଇ ମିଛେ ବୁଜି ନୟନ ହସୁଥାଇ ତଉ ଭି[illegible]
ଜଳଦ, ଟାଣି ନଜାଣି ମୁଁ ଡାକନ୍ତେ
ଠଣ ମୁଖୀ ଶୀଘ୍ରେ ଉଠି ମୋ ଲପନ ବୁଜାଇ ଧ[illegible]ଲା ପଣନ୍ତେ । ୩ ।
ଡେରି ଦେଇଥାଇ ଶୁକ ପଞ୍ଜରକୁ ମୋତେ ଶୁ[illegible]ବାର ମାର୍ଗରେ
ତାଳେ ଏକ୍ଷଣି ପଡ଼ ବୋଲି ଗିର ଚୁମୁଥା[illegible] ମୋହ ଛଳରେ
ଜଳଦ, ଅନାଇଁ ମଥା ପୋ[illegible]ବାର
ତରଳ ପିବେ ଲୁହିଁଲେ ପିଚେନ୍ଦ୍ରସ୍ୟ ମନୁଷ[illegible]ବା କେତେ ମାତର ।୪।
ଥରେ ମୋ ପର ଉଣ୍ଡରେ ସେ ଭିତ୍ତିରେ [illegible]ଲା ତା ଛଳ ଗ୍ଲାଇକ
ଦନ୍ତଗତ କେତେ ଝଂଟଣରେ କରି ବୁଜିଲ[illegible]ନା ନେଇ ଦୁଇକ
ଜଳଦ, ଧନ୍ଧ ହୋଇ ଧା[illegible]ନାମକୁ
ନପାରଇ ବୋଲି ପୁଣି ସେ ଛଇଲି ଡ଼ଳ ପଡଥାଇ ହୃଦକୁ । ୫ ।
ପୂର୍ଣ୍ଣିଚନ୍ଦ୍ର ମୁହିଁ ଉତ ସଜ ହୋଇ ଆଳୀଙ୍କ ଡ଼ାକ ଦେହଳୀକ
ଫୁଲ ହୃଦବାସେ ଲୁଚ୍ଛଇ ଧରଣ ବୋଲଇ ଏକାନ୍ତେ ଦେବୁକ
ଜଳଦ, ବନସ୍ଥ ତାକୁ କେତେ ହୋଇ,
ଭ୍ରମର ଅଙ୍ଗୀ ସେ ଅଙ୍ଗୀକାର କଲେ ଦେଇ ପଥକୁ ଲୁହିଁଥାଇ । ୬।
ମୃଦୁଛ୍ଛିବା ଥାଉ ମୂହୂର୍ତ୍ତେ ଯେବେ ସେ ନ ଦେଖଇ ମୋର ମୁଖକୁ
ଯତନେ କେତକୀ ଦଳେ ଲେଖିଥାଇ ସେ ପଡ଼ିର ଯେତେ ଦୁଃଖକୁ
ଜଳଦ, ଉତ୍ୟନ୍ତେ ମୋହରେ ତା ଦେଇ,
ଲପନ ଅଳପ ଲୁଆଇଁ ମୋ ବଂଧୁ ନଖରେ ନଖ ଘସୁଥାଇ । ୭ ।
ବାଳରୁ ଯେସନେ କାହାର ହୁଅଇ ଜାଙ୍ଗଳିକ ଶିରେ ଫଣୀ ଯେ
ସେପରି ଭଗ୍ନ ହୋଇଥାଇ ଚତ୍ତରେ ଦୁଷ୍ଟ ଶୁଣି ମୋର ବାଣୀ ଯେ
ଜଳଦ, ସେ ଉଙ୍ଗୀ ନୟନେ ଚ ଚାହିଁ,
ସମୀପ ମୁଁ ହେଲେ ସେ କୋଳେ କେତେଣେ ଥିବପରି ଦେଖି ଆସୁଛି
ହାତଧରି କହୁଥାଇ ଉଲ୍ଲା ନୋଷ୍କବାକୁ ସେ ନିଶ୍ଚିତ ନିଶ୍ଚିତ ।
ହଜାଇ ଦେଲି ମୋହର ଇଚ୍ଛାରେ ମୁଁ ସୁଦିବ୍ୟ ହେମପିତୁଳାକ ।
ଜଳଦ, ଶ୍ରୀଖଣ୍ଡୋଦକ ସ୍ନିଗ୍ଧ ଭୂଷାକୁ
ଯେମନେ କହଇ ଗୋପାଳକୃଷ୍ଣ ଆଜ କି ଅପ୍ସା ଅଛି ଦେଖିବାକୁ । ୯

—*—

ଶ୍ରୀରାଧା ନକ୍ଷତ୍ର ମାଳା

ଜ[redacted] ଜୟତି ରାଧା ଶ୍ରୀବ୍ରଜାରଣ୍ୟ ରାଜ୍ଞୀ
ଜୟତି[redacted]ୟତି ରାଧା କୃଷ୍ଣ ବକ୍ଷୋବୃକ୍ଷଭୃଙ୍ଗୀ
ଜୟତି [redacted]ତି ରାଧା ଗୋପିକା ମୌଳିମାଳା
ଜୟତି ଜ[redacted]ତି ରାଧା ସ୍ୱାମିନୀ ସା ମହାସ୍ତୁ । ୧ ।
କ୍ଷାଣିତା ପ୍ରା[redacted]ଭୂତା କୋଟି ସାଧ୍ୱୀ ବଣ୍ଡ୍ୟା
ସଚ୍ଚିଦାନନ୍[redacted]ରୂପା ସ୍ୱାମିନୀ ସା ମହାସ୍ତୁ । ୨ ।
ଶ୍ରୀ ମହାଭାବ[redacted]ବସ୍ଥା ଶ୍ରୀହରେଃ ଶର୍ମସଦ୍ମା
କିଂକର କ[redacted] ବଲ୍ଲୀ ସ୍ୱାମିନୀ ସା ମହାସ୍ତୁ । ୩ ।
ସନ୍ମୈତ୍ରୀଭଗ୍ନମାଳିନୀ ରାସଲୀଳାଧି ଦେବୀ
ସର୍ବ ଶୋଭା କରେଣ୍ୟା ସ୍ୱାମିନୀ ସା ମହାସ୍ତୁ । ୪ ।
ଶତକୁମ୍ଭାଉଗାତ୍ରୀ ଦିବ୍ୟ ମାଙ୍ଗଲ୍ୟ ସୂତ୍ରୀ
ଗାଢ଼ବାଧାଲ ଗାତ୍ରୀ ସ୍ୱାମିନୀ ସା ମହାସ୍ତୁ । ୫ ।
ଚୀନ ନୀଳାଭବସ୍ତ୍ରା ପର୍ଣ୍ଣଶୁଭାଂଶୁ ବକ୍ତ୍ରା
ଫୁଲ୍ଲ ରାଜୀବ ହସ୍ତା ସ୍ୱାମିନୀ ସା ମହାସ୍ତୁ । ୬ ।
କୁଙ୍କ କର୍ପୂର ଗନ୍ଧା ଶ୍ୱେତା ପାଦର ଛନ୍ଦା
ବ୍ରହ୍ମରୁଦ୍ରେନ୍ଦ୍ର ବନ୍ଦ୍ୟା ସ୍ୱାମିନୀ ସା ମହାସ୍ତୁ । ୭ ।
ଗୋଷ୍ଠ ଚନ୍ଦ୍ରାବଳୀନ୍ନା ସର୍ବଦା ସୁପ୍ରସନ୍ନା-
ଧିଷ୍ଣ୍ୟଦା ଶ୍ରୀଲନାମା ସ୍ୱାମିନୀ ସା ମହାସ୍ତୁ । ୮ ।

ଇତି ଶ୍ରୀ ଲୋକନାଥ ଦାସ ଗୋସ୍ୱାମୀନା ବିରଚିତା ରାଧା ନକ୍ଷତ୍ର-ମାଳା ସମାପ୍ତ ।

ରାଗ ମାସ୍ନା ମାଳବ ଗୌଡ଼ା—ଚନ୍ଦ୍ରକାନ୍ତ [illegible]ତାଳ

(କି କରିବ ବ୍ରଜବଧୂ ଲଟିରେ—ବୃ[illegible])

ରାଧାକୃଷ୍ଣ ନାମ ଚିନ୍ତାମଣିକ[illegible]

ଭଜ ମାନସ ସଦା ଏଣିକ ପଦ ।

ପାଇଲୁ ଶ୍ରୀଗୁରୁ ଦେବଙ୍କ କୃପାରୁ

ଆଗେ କର ଜପୁ ଶ୍ରୀ ପୁରଣୀକି । ୧ ।

ସରସ ଚେତନ ପୂର୍ଣ୍ଣ ସନାତନ

ବସ ଯାଅନାରେ ଆଉ କେଣି[illegible] ୨ ।

ନାହିଁଟି ଅନ୍ତର ଅଭଧାନାମର

ଡାକ ମଥାରେ ଯୋଡ଼ ପାଣିକ । ୩ ।

ସ୍ୱପନ ଜାଗରେ ଶୁଚି ଅଶୁଚିରେ

ଅନ୍ତଃ କରଣରେ ପୁଣ ଏଣିକି । ୪ ।

ପ୍ରେମ ଭକ୍ତିରସ ଯାକର ନିର୍ଯାସ

ଏଥୁବଳ ଆଉ ନାହିଁ ଚେଣିକ । ୫ ।

ମିଳଲ ଏଥର ଖାଲଗଲା ତୋର

କର ନର୍ତ୍ତନ ବଜ କଙ୍କୋଣିକ । ୬ ।

ଗୋପାଳ କୃଷ୍ଣର ପ୍ରାଣ ଅବସର

କାଳେ ବୋଲାଇବ ଗଲେ ଯେଣିକ । ୭ ।

—*—

ରାଗ ଖରହର ପ୍ରିୟା—ମିଶ୍ର ଋପତାଳ

(ଜାଣିଛୁ ମୁଁ ଏତେ ମାନ ଗୋ ଲଳତେ—ବୃନ୍ଦେ)

ଶୁଣ ସଜନୀ କାଲ ରଜନୀରେ

ମୋ ପ୍ରିୟ ସ୍ୱପନେ ଦଶିଲେ । ପଦ ।

ହୋଇଛୁ ତନୁ ସୁନ୍ଦର ତନୁ

ବଦେଶୁ ପୁଣି ଆସିଲେ ଗୋ । ୧ ।

ଦେଖି ମୁଁ ଦୂରୁ ଉଠି ସ୍ୱହାନ୍ତୁ

ବସାଇ କୋଳେ ଧଦିଲେ ଗୋ । ୨ ।

ଲଗାଇ ହୃଦେ   ହୃଦ ପ୍ରମୋଦେ
ଗଣ୍ଡରେ ଗଣ୍ଡ ଘସିଲେ
ଟେକି ବଦନ   ଦେଲେ ଚୁମ୍ବନ
ଧୀରେ ଅଧର ଦଂଶିଲେ ।

(ଗୋପାଳକୃଷ୍ଣ ଗ୍ରନ୍ଥାବଳୀ ୮୫ ପୃଷ୍ଠା)

ଲଗାଇ ହୃଦେ ହୃଦ ପ୍ରମୋଦେ
ଗଣ୍ଡରେ ଗଣ୍ଡ ଘଷିଲେ ଗୋ । ୩ ।
ଟେକି ବଦନ ଦେଲେ ଚୁମ୍ବନ
ଧୀରେ ଧୀରେ ଅଧର ଦଂଶିଲେ ଗୋ । ୪ ।
ନୀରରେ କ୍ଷୀର ପରାଏ ମୋର
ଅଂଗେ ଆଶ୍ଳେଷେ ମିଶିଲେ ଗୋ । ୫ ।
ହେଲେ ସନ୍ତୁଷ୍ଟ ଗୋପାଳକୃଷ୍ଣ
ଆଳୀ ମୋ ନିଦ୍ରା ନାଶିଲେ ଗୋ । ୬ ।

—*—

ରାଗ ଝିଞ୍ଜୋଟୀ—ରୂପକ ତାଳ

ରସ ମାନସ ରାଧିକେଶ ସାର ରସ କଥାରେ ।
ସେବିତ ଶୁକ ସନକ ଶେଷ ଅନନ୍ତ ନତ ମଥରେ । ପଦ ।
ଭ୍ରମନା ଭବଭୋଗ ଲୋଭରେ ଲଭ ଧନ ପ୍ରମଦାରେ
ଭବ ସରସିଜଭବ ଦୁର୍ଲ୍ଲଭ ପ୍ରେମ ଭକ୍ତିଦାରେ । ୧ ।
ବିଶ୍ୱ-ସରଣୀ-ଭ୍ରମଣ-ତାପ ହାରିଣୀ ବସୁଧାରେ
ସାର୍ବ୍ବଜନିକ ବନ୍ଧୁଟି ନୁହଇ ସୁରଧୁନୀ ପରିଧାରେ । ୨
ନୀରଜବନ୍ଧୁ ନନ୍ଦିନୀ ତୀର ନିକୁଞ୍ଜ ବନ ଅଗାରେ
କେଶୀ ମଥନ କେଳି ଚରିତ କେବଳ ଭୁଞ୍ଜ ଗାରେ । ୩ ।
ମୋକ୍ଷ ପଦକୁ ଲକ୍ଷ୍ୟ ନ କର ରହିବୁ ଯା ଅଲଗାରେ
ରାସେଶ୍ୱରୀଙ୍କ କିଙ୍କରୀ ହୋଇ ଘରକର ବ୍ରଜଗାଁରେ । ୪ ।
ଗୋପାଳ କୃଷ୍ଣ କହଇ ସନ୍ତୁଷ୍ଟ ହୋଇ ସୁମନୀଷାରେ
ଦୋଷ ରହିତ ଘୋଷ ଚରିତ ଘୋଷ ଦିନ ନିଶାରେ । ୫ ।

ରାଗ ଶଙ୍କର ଭରଣ—ରୂପକ ତାଳ

କୁଂଜ ବନରେ କାଳଆ ଦେବତା ବୁଲୁଛି ।

କୁସୁମ ତୋଳଲା ପରି ନୁହଇଟି ଶ୍ରୀ କଶୋରୀ

ଦେଖିଦେଲେ ତୋ ମାଧୁରୀ   ଯେନପିକ କୋଳକରି
ମୋତେ ଜଳ ଜଳ ଦିଶୁ ଛି । ପଦ

କେବହେ ଦଳିତାଞ୍ଜନ   କେ ବୋଲୁଛି ନବଘନ
କାନ୍ତ ପୁଣି ସାବଧାନ   ହୋଇଥା ସେ ଗୋବର୍ଦ୍ଧନ
ମଲ୍ଲି ଗୁମ୍ଫଣୀକ ଲଗିଛି ।

ଅଂଗେ ସବୁ ଅଲଙ୍କାର   ସଦା ଲାଗିରେ ଥିବାର
ଶିରେ ଚୂଳ ଶିଖଣ୍ଡିର   କୋଟିଏ ସ୍ୱର ସୁଧାର
ରୁଅ ବୋଲି ଶୁଣା ଯାଉଛି । ୨

ଥାଉ ସ୍ୱଚ୍ଛେ ଦେଖିବାର   ପ୍ରସଙ୍ଗ ଶୁଣିଲ ଯାର
ନୟନୁ ବହୁଛି ନୀର   ଅସ୍ଥିର ହୋଇ ଶରୀର
ପୁଲକରେ ପୂରି ଯାଉଛି । ୩

ହତା ଗୃହକୁ ଯାଅନା   କଞ୍ଜି କସ୍ତୁରୀ ବାସନା
ତହଟୁଛିଟି ସୁମନା   ଶୁଭାଇ କଥା କହନା
ହେଟି ଭ୍ରମା ସ୍ୱନ ଶୁଭୁଛି । ୪

କାନ୍ତକୁଳ ଅଧୀଶ୍ୱରୀ   ଖରିଯିବେ ସହଚରୀ
ତୋଳିବୁ ଗୁଂଜ ଆଉରି   ଜାଲରେ କୁଂରଂଗୀପରି
ପଡ଼ିଯିବୁ ପରା ଦିଶୁଛି । ୫

ରାଧା ବୋଲନ୍ତ ଆଳିଙ୍କି   ଆରେ ହେଲେ କହିଲୁକ
କେସେ ପୁଣି ତ ଏଣିକି   ଆସୁଛି ମୋ ସରଣୀକି
ଗୋପାଳ କୃଷ୍ଣତ କହୁଛି । ୬

—*—

ରାଗ ତୋଡ଼ି—ତ୍ରିପୁଟା ତାଳ

ପୀୟୂଷ ଭାଷି ! ଭାସି ଯାଉଛୁ ରଖରେ ଆସି । ପଦ

ମନମଥ ତଟିନୀରେ ପଡ଼ିଛୁ ଅଗାଧ ନୀରେ
ରଖ ଖାଣ୍ଡି ଅବଶରେ ଉଦ୍ଧର କୁମୁଦହାସି ।
ବନ୍ଧୁ ମୁଁ ଯାଚକ ପରି ମାଗୁଛୁ ବାସ ପ୍ରସାର
ଘ୍ରାଣକର ଶମ୍ଭଭାଷ—କୁନ୍ଦୀର ସୁଖ ସୁକେଶି । ୨
ସ୍ତନ ସ୍ୱର୍ଣ୍ଣ କୁମ୍ଭ ହେଲା ଅବଲମ୍ବ ଦେଇ ବାଳା
କୋଳ କୂଳକୁ ମୁଣିଲା ଲଗାରେ ଦୁଃଖ ଜନାଣି । ୩
ଅଖିଳ ଅବଶ ଠାରି ସଖୀଙ୍କ ଡ଼ାକଲୁ ପରି
ଅଗଣାକୁ ବଜେ କରି ଦେଖାରେ ଶ୍ରୀମୁଖଶଶୀ । ୪
ଗୋପାଳ କୃଷ୍ଣ ନସରୁ କରୁଣା ଦୃଷ୍ଟି ପ୍ରସରୁ
ଅନଂଗ କ୍ଲେଶନଃସରୁ ପ୍ରଫୁଲ୍ଲି ପଙ୍କଜ ବାସି । ୫

—*—

ରାଗ ଆନନ୍ଦ ଭୈରବୀ—ଆଦତାଳ

(ନାଚନ୍ତି ଶ୍ରୀକୃଷ୍ଣ ଙ୍କ ମଧୁରେ ରାସ ମଧ୍ୟରେ—ବୃନ୍ଦେ)

ଆଜ ଶ୍ରୀ ଗୋଷ୍ଠ ଚନ୍ଦ୍ରମା ସାଜବା ସଜ
କେବେ ମୁଁ ଦେଖି ନାହିଁ ମା ।
କୋଟି ସ୍ମର ସୁଷମା ! ନୟନ ସୁଖ ସୀମା
ଆହା ସେ ମଧୁରିମା ନାହିଁ ଆଉ ଉପମା । ପଦ
ସୁଂଦର କେଶୀ ବ୍ୟାଳ ରଚନସାରେ ମଂଜୁଳ
ଅରାଳ ଶିଖଣ୍ଡ ଚୂଳ ରାଜିତ ମାଳତି ମାଳ
କୁଟିଳ ନୀଳ କୋମଳ ନଟିଳ ଚୂର୍ଣ୍ଣ କୁନ୍ତଳ
ମଣ୍ଡିତ କମଳ କୋଳ ଶିଶୁ ମଧୁବ୍ରତ ଜାଳ । ୧
ମାରଧନୁ ଭ୍ରୂଲତା ଗୋରଚନା ଶତା
ରୁହିଁଲେ କେହିଁ ବନତା ରଙ୍ଗବଙ୍କ ତାର ଚେତା
ନାସାର ନୂଆ ମୁକୁତା ହା କୁଣ୍ଡଳ ଆନ୍ଦୋଳିତା
ଗଣ୍ଡ ସ୍ଥଳ ସୌସ୍ଥବତା ଭଲ ଗଢିଲୁ ବିଧାତା । ୨

ଥାଉ ଆଉ ଭୂଷାପାକ କର୍ଣ୍ଣାଂଶେ ମଲ୍ଲୀ ସ୍ତବକ
ହୃଦୟୁର ଗଇରକ ହଜାଇ ଦେଲା ଭବେକ
ଅଳ ସତ୍ତ ବନସ୍ତ୍ରକ ହାର୍ବଳୀର ପଦକ
କଟିର ପୀତ ଅଂଶୁକ ସ୍ଥିର ଚପଳା ଝଟକ ।୩

ଛନ୍ଦା ଚରଣ ଯୁଗକୁ ମର୍କତ ଭୃଜାର୍ଗଳକୁ
ବଂଶୀ ନ୍ୟାସ ଅଧରକୁ କି କଳନା ଚିବୁକକୁ
କେଣେ ଗଲି ଯମୁନାକୁ ଗୁହ୍ନିଲି ନୀପ ମୂଳକୁ
ଲଭିଲି ଜଡ଼ ରୂପକୁ ପାସୋରି ଦେଲି ଦେହକୁ ।୪

ଗୋପାଳକୃଷ୍ଣ ଭଣିଲ ବେଳ ଅବସାନ ହେଲା
ଏବେ ଜରଗ୍ଣା ଡାକଲା ସମସ୍ତ ଆସି ପହ୍ନିଲ
କୋଲୁ ସ୍ୱରଣା ହୋଇଲା ପୁରକୁ ଫିବା କୋଇଲା
ବେଳେ ପଦଜୂଳି ହେଲା ମନ ଆଉ ନ ଆସିଲା ।୫

—✳—

ନବାନୁରାଗ

ରାଧା ପଚ୍ଛରନ୍ତି ସଙ୍ଗାତରେ କେ ସେ ବ୍ରଜରାଜ ସୁତ ?
ଲଳିତା କହନ୍ତି ମିତଣିରେ
ମୋହ ହୋଇଗଲୁ ସେଦିନ ଶୁଣି ତୁ ଯାହାର ମୁରଲୀ
ଗୀତରେ । ପ୍ରାଣମିତ ।୧
ରାଧା—କି ନାମ କୋଇଲୁ ତୁହି ?
ଲଳିତା—ପୁଣି ଶୁଣିବାକୁ ଚନ୍ଦ୍ରବଦନୀଙ୍କ
କୃଷ୍ଣ ବୋଲିଥିଲି କହିରେ । ପ୍ରାଣମିତ ।୨
ରାଧା—କେ ଶନ ପଠର ସୁବା ?
ଲଳିତା—କୃଷ୍ଣ ବୈତାଳିକ ଭିନଜଣ ଯାକ
ଏକ ତଶଣ ମଦ୍ଧବାରେ । ପ୍ରାଣମିତ ।୩
ରାଧା—ବୟସ କେତେ ତାଙ୍କର ?
ଲଳିତା—ନବ ତରୁଣ ମନମଥ ବୟସ
ହୋଇଥିବ ବାର ତେର ରେ । ପ୍ରାଣମିତ ।୪

ରାଧା—କେଡ଼େ ଭଳ ଉଚ ହେବେ ?
ଲଳିତା—ଭ୍ରୂ ତାଙ୍କ ଶ୍ରୁତି ତଟକୁ ସରହେବୁ
ଅନୁମାନୁଛି ମୁଁ ଏବେ ରେ । ପ୍ରାଣମିତ ।୫

ରାଧା—ମୋ ଆଡ଼କୁ କେଣେ ଡ଼ାକ୍ସୁ ?
ଲଳିତା—ଯଥା ଯୋଗ୍ୟ ବୋଲି ମନେ ଲେଖାଇଲା
କଥାକୁ କାହିଁକି ଚକ୍ଷୁରେ । ପ୍ରାଣମିତ ।୬

ରାଧା—ଶ୍ରୀଅଙ୍ଗ କାନ୍ତି କପର ?
ଲଳିତା—ମରାଇନ୍ଦ୍ର ନୀଳମଣି ଦର ପଣ
ପର ହସୁଛି ମାଟୁଣୀ ରେ । ପ୍ରାଣମିତ ।୭

ରାଧା—କୃଶନା ପୃଥୁଳ ତନୁ ?
ଲଳିତା—ଦେଖାଇ ଦେବ ରହିଁଥାଅ ଆସିବେ
ଏବେତ ଲେଉଟି ବନୁ ରେ । ପ୍ରାଣମିତ । ୮

ରାଧା—ମୁଖ ସୁଷମା କେମନ୍ତ ?
ଲଳିତା — ଲାବଣ୍ୟାମ୍ବୁଧି ସମ୍ଭବ ବଧୂପରି
ଅଳକା ବଳ ଆବୃତ ରେ । ପ୍ରାଣମିତ ।୯

ରାଧା — ଚକ୍ଷୁର ଓଢ଼ ମଞ୍ଜୁଳ ?
ଲଳିତା — କାଳନ୍ଦୀ ଜଳ କଲ୍ଲୋଳ ପରହସେ
କଳାକୁ ଜଣା କଜ୍ଜଳ ରେ । ପ୍ରାଣମିତ ।୧୦

ରାଧା—ଲଲାଟ ପଟର ଝଳ ?
ଲଳିତା—ତିଳକ ଯେନ ହେବା ଗୃହିଁରମାର
ଧୃତମେରୁ ଯିବ ଟଳରେ । ପ୍ରାଣମିତ । ୧୧

ରାଧା—ଯେନବାର କି ତିଳକ ?
ଲଳିତା—ଚନ୍ଦନ ବନ୍ଦୁ କେଶେ ଗୋରଚନାର
ଛଟା ଯେମନ୍ତେ ସାଯୁକ ରେ । ପ୍ରାଣମିତ ।୧୨

ରାଧା···ଭ୍ରୁରୁ ବିଳାପ କଟ୍ଟଣ ?
ଲଳିତା— କଳାଭୁଜଙ୍ଗ ଶାବକ ଖେଳା ପରି
ସ୍ୱଚ୍ଛେ ହୋଇଛି ପ୍ରକାଶରେ । ପ୍ରାଣମିତ ।୧୩

ରାଧା—ହୋଇଛି ସେ କି ଆକୃତି ?

ଲଳିତା—ଖଣ୍ଡ ପରଶୁ ଭଗ୍ନ କୋଦଣ୍ଡ ବେନ
ଖଞ୍ଜା ହୋଇଛି ତ ସ୍ଫୁର୍ତ୍ତି ରେ । ପ୍ରାଣମିତ ।୧୪
ରାଧା—ଭାଷ ଇକ୍ଷଣର ରୀତ ?
ଲଳିତା—ଦର କଷାୟିତ ଲୋଳ ଆଘୂର୍ଣ୍ଣିତ
ଶ୍ରୁତି ତଟ ଯାଏ ଗତରେ । ପ୍ରାଣମିତ ।୧୫
ରାଧା — କପର ଭ୍ରୂହାଣି ଆଣି ?
ଲଳିତା — ପ୍ରମତ୍ତ ନଟ ଖଞ୍ଜରୀଟ ଟୋକାକୁ
ଇଷ୍ଟତରେ ଦେବ ଜଣିରେ । ପ୍ରାଣମିତ । ୧୬
ରାଧା — କଟାକ୍ଷ ପ୍ରାନ୍ତ କେମନ୍ତ ?
ଲଳିତା — ଜଗଜ୍ଜନ୍ତୁ ମନ ମଥିର ଜଣିତ
କରୁଛି ମୁନ ସେମନ୍ତରେ । ପ୍ରାଣମିତ । ୧୭ ।
ରାଧା — ନାସାର ସ୍ୱଭସ୍ୱକତା ?
ଲଳିତା — ଭୃଙ୍ଗ ତିଳ ଫୁଲ କ ତୁଳନା ହେବ
ଗତିକ ନାହିଁ ବିଧାତା ରେ । ପ୍ରାଣମିତ । ୧୮ ।
ରାଧା — କଭୂଷା ନାସା ପୁଟରେ ?
ଲଳିତା — ମୁକୁତା ବସଣି ରୋହିଣୀ ପରାଏ
ଶୋଭୁଛି ମୁଖ ଚନ୍ଦ୍ର ରେ । ପ୍ରାଣମିତ । ୧୯ ।
ରାଧା — ଗଣ୍ଡମଣ୍ଡଳର ଦ୍ୟୁତି ?
ଲଳିତା — ମୁକୁର-ଚମକର ଯୁକତି ସୃଷ୍ଟି ର
ଖଣ୍ଡ ଚନ୍ଦ୍ରପର କାନ୍ତି ରେ । ପ୍ରାଣମିତ । ୨୦ ।
ରାଧା—ଗ୍ରୀବଣ କାହା ସଦୃଶ ?
ଲଳିତା—ଜନ-ମନ-ମୃଗ ବନ୍ଧ କରିବାକୁ
ମଦନ ଫାନ୍ଦଛି ପାଶରେ । ପ୍ରାଣମିତ । ୨୧
ରାଧା—ଅଛୁକ କି ଆଭରଣ ?
ଲଳିତା—ମକରାକୃତି ନବରତ୍ନ କୁଣ୍ଡଳ
ମିହିର ଦର୍ପଦାରଣରେ । ପ୍ରାଣମିତ । ୨୨
ରାଧା—କିଭୂଷା ଏଥି ଉପରେ ?
ଲଳିତା—ହୀରା ଗୁଣା ବର ମୁକୁତା ଝାଲର

ଝଲକା ବାମ କର୍ଣ୍ଣରେ ରେ । ପ୍ରାଣମିତ । ୨୩
ରାଧା—ଓଷ୍ଠ ଦେଶର ଶୋଭନ ?
ଲଳିତା—କାହାପର ବୋଲି ଜଣାଉଛ ଜବା
ବଧୂଲି ଅତି ନିନ୍ଦନ ରେ ପ୍ରାଣମିତ । ୨୪
ରାଧା—ଦଶନ ପନ୍ତି ସୁଷମା ?
ଲଳିତା—କର୍ପୂର ମଜା ମାଣିକ୍ୟ ଆବଳିର
ଛଡ଼ାଇ ଦେବ ଗାରମାରେ । ପ୍ରାଣମିତ । ୨୫
ରାଧା—ଚିବୁକର ସୁମାଧୁର୍ଯ୍ୟ ?
ଲଳିତା—ଶୁଦ୍ଧଚର୍ଥୀ ସୁଧାଂଶୁ ଖଣ୍ଡଦଶେ
ଘୂର୍ଣ୍ଣି ଦେଲେ ଝଟକରି ରେ । ପ୍ରାଣମିତ । ୨୬
ରାଧା—କଣ୍ଠ ଦେଶ ରମଣୀୟ ?
ଲଳିତା—ହରିକର ଦରାକୃତି ରେଖାତ୍ରୟ
ଯୁବତୀ ସୃଷ୍ଟି ଧୈଯ୍ୟରେ । ପ୍ରାଣମିତ । ୨୭
ରାଧା—କି କି ଅଳଂକାର ଅଛି ?
ଲଳିତା—ରତ୍ନସ୍ତୂପ ସରି ହେମର ନିଆଳୀ
ସୂତା ପଦକ ଲାଗିଛି ରେ । ପ୍ରାଣମିତ । ୨୮
ରାଧା—କି ଗୁଣ ବାହୁ ଯୁଗଳ ?
ଲଳିତା—କରି କରାକୃତ ପ୍ରେମରତ୍ନ କୋଷ
ଲୁଦକବାଟ ଅର୍ଗଳ ରେ । ପ୍ରାଣମିତ । ୨୯

ରାଧା—ଅଛିଟି କି ଅଳଂକାର ?
ଲଳିତା—ଦିବ୍ୟରତ୍ନ ବାଜୁବନ୍ଧ ଅଂଗଦରେ
ଭୂଷଣ ହୋଇଛି କରରେ । ପ୍ରାଣମିତ । ୩୦

ରାଧା — କମନୀୟ ଅଂଗୁଳୀର ?
ଲଳିତା — ଚମ୍ପକ କଳିକା ଆକୃତି ରତନ
ମୁଦ୍ରିକାରେ ମନୋହରରେ । ପ୍ରାଣ ମିତ । ୩୧

ରାଧା — କାନ୍ତି ସେ କର ଛୁହର ?
ଲଳିତା—ସ୍ତ୍ରୀରାପରାଏ ଜ୍ୟୋତି ଧୀରା ଧୀରାର
ଛବେକ ଦନ କୁଠାରରେ । ପ୍ରାଣମିତ । ୩୨

ରାଧା — କପର ହୃଦୟ ସ୍ଥଳୀ ?
ଲଳିତା — ମନମଥ କୁଂଜ ବସା ସୁରୁଚିର
କାସବ ରତନ ଥାଳୀରେ । ପ୍ରାଣମିତ । ୩୩

ରାଧା — ହାରମାନ କ ଅଛିନା ?
ଲଳିତା — ଥାଉ ହାର, ସ୍ୱର୍ଣ୍ଣହାର* ପଦଚିହ୍ନ
ଦଶୁଛି କେଉଁ ଭାବନାରେ । ପ୍ରାଣମିତ । ୩୪

ରାଧା — କପର ଦଶେ ଉଦର ?
ଲଳିତା — ଅତୁଳ ମନ୍ଦଭୁନ ନନ୍ଦ-ଶ୍ରୀକର
ଲଳିତ ଅତି ସୁନ୍ଦର ରେ । ପ୍ରାଣମିତ । ୩୫

ରାଧା — ଅଂକୁରିଲାଣି ରୋମାଳି ?
ଲଳିତା — ନୀଳ ପିପୀଲିକା-ଆବଳି ପରାଏ
ଦିପୁଛି ଅଳପ ଝଲରେ । ପ୍ରାଣମିତ । ୩୬

ରାଧା — ମଧ ହେବ କେତେ କୃଶ ?
ଲଳିତା — ବେଢ଼ ମାପି ଦେଲେ କେଶରୀ ପରାଏ
ହେବ ଅଙ୍ଗୁଳି ଦ୍ୱାଦଶ ରେ ପ୍ରାଣମିତ । ୩୭

ରାଧା — କଭଳ ନାଭି ଶୋଭନ ?
ଲଳିତା — କାଳନ୍ଦୀ ଲହରି ପ୍ରପଞ୍ଚ ନଳିନ
ହୋଇବ ଭରାସମାନ ରେ । ପ୍ରାଣମିତ । ୩୮

---

* 'ବୃନ୍ଦାବନ ଲୀଳାମୃତ' ନାମକ ଗ୍ରନ୍ଥରେ ବର୍ଣ୍ଣିତ ଅଛି ଯେ ଶ୍ରୀକୃଷ୍ଣଙ୍କ ଅପରୂପ ସୌନ୍ଦର୍ଯ୍ୟରେ ଜଗତ୍ ଜନନୀ ମହାଲକ୍ଷ୍ମୀ ମୁଗ୍ଧ ହୋଇ ପଡ଼ିଥିଲେ । ତପସ୍ୟାବଳରେ ଶ୍ରୀକୃଷ୍ଣଙ୍କୁ ବଶ କରି ଏହିବର ମାଗି ନେଇଥିଲେ ଯେ ସେ (ଶ୍ରୀଲକ୍ଷ୍ମୀ) ସ୍ୱର୍ଣ୍ଣରେଖା ରୂପେ ଶ୍ରୀକୃଷ୍ଣଙ୍କ ବକ୍ଷରେ ଅଂକିତ ହୋଇ ସବୁବେଳେ ମହାପ୍ରଭୁଙ୍କ ଶ୍ରୀମୁଖକୁ ଦର୍ଶନ କରୁଥିବେ । ଶ୍ରୀକୃଷ୍ଣଙ୍କ ବକ୍ଷର ଏହି ରେଖାକୁ କବି 'ସ୍ୱର୍ଣ୍ଣହାର' ମନେକରି ପଦ ରଚନା କରିଥିବା ସମ୍ଭବ ।
ସଂକଳକ ଗୋ. ଗ୍ର.—

ରାଧା — କପରି ଚରମ ଦେଶ ?
ଲଳିତା — କାମର ଶ୍ୟାମଳ ପ୍ରଶ୍ରସମ ଶୋଭା
ଅଭ୍ରମର ଆଶ୍ରସରେ । ପ୍ରାଣମିତ । ୩୯

ରାଧା — କଭୂଷାରେ ସେ ଶୋଭୁଛି ?
ଲଳିତା — ହାର ମାନଂକର ଜରି ପାଟସୂମା
ସ୍ତବକ ମାନ ଲେଟୁଛି ରେ । ପ୍ରାଣମିତ । ୪୦

ରାଧା—କଟି ସୁଷମା କେମନ୍ତ ?
ଲଳିତା—ଅଳପ ବସ୍ତ୍ରାର ପୀତବାସ ପରେ
ରତ୍ନମେଖଳା ରଞ୍ଜିତରେ । ପ୍ରାଣମିତ । ୪୧ ।

ରାଧା—ଶ୍ରୋଣି ଶୋଭା କିପ୍ରକାର ?
ଲଳିତା—ମାଳମଣି ଆଲବାଳ ପରିବେଶେ
ତମାଲମଣ୍ଡ ରୁଦ୍ଧରରେ । ପ୍ରାଣମିତ । ୪୨ ।

ରାଧା—ଉରୁ ଯୁଗଳ ଆକାର ?
ଲଳିତା—ଚିକ୍କଣ ପୃଥୁଳ ମନମଥ ନାସ୍ୟ
ରଂଗସ୍ଥଳ ପରକାରେ । ପ୍ରାଣମିତ । ୪୩ ।

ରାଧା—ଜାନୁ ଯୁଗ ସଉସ୍ଥବ ?
ଲଳିତା—ମାଧୁର୍ଯ୍ୟ ଲକ୍ଷ୍ମୀର ରୁଚିର ଆସନ
ନାହିଁ ନଥିଲ ନୋହିବରେ । ପ୍ରାଣମିତ । ୪୪ ।

ରାଧା—ଚରଣ ସୁନ୍ଦର ପଣ ?
ଲଳିତା—ଜନସ୍ମାଙ୍ଗୁଷ୍ଠ ନଖକୋଣ କାନ୍ତିକ
ସର ନୋଚିହ୍ନ ରଣ ଖଣରେ । ପ୍ରାଣମିତ । ୪୫ ।

ରାଧା—କି କି ଚିହ୍ନ ତହିଁ ଅଛି ?
ଲଳିତା—ଧ୍ୱଜ ବଜ୍ରାଙ୍କୁଶ ଆଦି ଉନବିଂଶ
ଲକ୍ଷଣ ଯାକ ପୂରିଛିରେ । ପ୍ରାଣମିତ । ୪୬ ।

ରାଧା—ଅଙ୍ଗୁଳରେ ଅଭ୍ରାମ ?
ଲଳିତା—ଅଶୋକ କଳର ଚୂଡ଼ାବଧି ବନ୍ଧି
ଗଢ଼ିଛି ଜାଣ ଉତ୍ତମରେ । ପ୍ରାଣମିତ । ୪୭ ।

ରାଧା—କମାକାର ନଖ ରୁଚ ?
ଲଳିତା—ଦଶଧା ହୋଇ କୁମୁଦ ବନ୍ଧୁ ପ୍ରପ-
ଦରେ ଶରଣ ପଶିଛି ରେ । ପ୍ରାଣମିତ । ୪୮ ।

ରାଧା—ଚରଣ ତଳର ବର୍ଣ୍ଣ ?
ଲଳିତା—ଶୋଣ ମାରକଳୁ କଉତୁଇ ଢଳ
ଫିଙ୍ଗିଛି ପଙ୍କକୁ ଜାଣରେ । ପ୍ରାଣମିତ । ୪୯ ।

ରାଧା—ଶ୍ରୀଅଙ୍ଗର ପରିମଳ ?
ଲଳିତା—ସୁବାସ ଆସୁଛି ମିଶିଲା ପରାଏ
ମୃଗ-ମଦମାଲୋପ୍ଲଳ ରେ । ପ୍ରାଣମିତ । ୫୦ ।

ରାଧା—ଧ୍ୱଜପଦ୍ମ ନୂପୁର ?
ଲଳିତା—ରୁଳ ଗୁଲୁରକ ସମ ହୋଇଜ ସେ
ଝୁମୁ ଝୁମୁ ବାଜବାର ରେ । ପ୍ରାଣମିତ । ୫୧ ।

ରାଧା—ଅବସ୍ଥବର ମାର୍ଦ୍ଦବ ?
ଲଳିତା—ନବମୀତ ମିଳ ପର ଆଶ୍ୱସୁଛି
ସ୍ପର୍ଶିଲେ ଜଣାଯିବରେ । ପ୍ରାଣମିତ । ୫୨ ।

ରାଧା—ହେଉଛନ୍ତି କି କେଶ ?
ଲଳିତା—ନଟବର ନବ-ଶିଖଣ୍ଡ ମୁକୁଟ
ବେଣୀ ଶୋଭେ ପୃଷ୍ଠ ଦେଶରେ । ପ୍ରାଣମିତ । ୫୩।

ରାଧା—ସଦା ପିନ୍ଧିବାର ବାସ ?
ଲଳିତା—ନୂଆଁ ହରିତାଳ ଦ୍ୟୁତି ପଟ୍ଟାମ୍ବର
ଲାଗି ହେବାଭ ବଶେଷରେ । ପ୍ରାଣମିତ । ୫୪ ।

ରାଧା—ଶୁଣିଛୁ କି କେବେ ଗିର ?
ଲଳିତା—ନମ୍ର ଦରହାସ ମିଶା ନବମୀତ
ମୃଦୁ ସୁଧାରୁ ମଧୁରରେ । ପ୍ରାଣମିତ । ୫୫ ।

ରାଧା—ଗମନ କାହା ପରିରେ ?
ଲଳିତା—ପୁରନ୍ଦର ଗଜ ପାଇଯିବ ଲାଜ
ପଡ଼ିବ ପଦ ଆଗରେ ରେ । ପ୍ରାଣମିତ । ୫୬ ।

ରାଧା – କେମନ୍ତଟି ସେ କଙ୍ଗାଳ ?
ଲଳିତା – ମନନ୍ତୁ ଜବଖେଳରେ ଜେଳୁଇଁଛ
ପାରୁନାହାନ୍ତି ଗୋପାଳରେ । ପ୍ରାଣମିତ । ୫୭ ।

ରାଧା – ଦେଖୁଛକି ହସିବାର ?
ଲଳିତା – ବଳୋକନ୍ତି ଚନ୍ଦ୍ରମଣ୍ଡଳୁ ଖସିଲା
ଗଳୁଏ ପୀୟୂଷଧାରରେ । ପ୍ରାଣମିତ । ୫୮ ।

ରାଧା – ଜାଣନ୍ତି କି ସେ ଗାୟନ ?
ଲଳିତା – ଶିଳା ଦ୍ରବୁଛି.ସାଧ୍ୱୀର ମାନଗ୍ରନ୍ଥି
ହେଉଛନ୍ତି ବିମୋଚନ ରେ । ପ୍ରାଣମିତ । ୫୯ ।

ରାଧା – ଶୂରପଣେ ସମର୍ଥକି ?
ଲଳିତା – କଂସସୁରଙ୍କୁ ନାଶିବାର ପ୍ରସଙ୍ଗ
କହୁ ତୁ ଶୁଣି ନାହୁଁ କରେ । ପ୍ରାଣମିତ । ୬୦ ।

ରାଧା – ଭୁଜ ପ୍ରଭାବ ବଳର ?
ଲଳିତା – ପାଶୋରି ହେଲୁକି ଅଙ୍ଗୁଳି ଅଗ୍ରରେ
ଗିରିବର ତୋଳିବାର ରେ । ପ୍ରାଣମିତ । ୬୧ ।

ରାଧା—ବୀର ପଣେ ପ୍ରବଳ କି ?
ଲଳିତା—କେଶୀକି ମାରି ଆସିବା ଦିନ ବେଶ
ଆଜ ଆଖି ଦେଖି ବକରେ । ପ୍ରାଣମିତ । ୬୨ ।

ରାଧା—ନୃତ୍ୟ ମଧ୍ୟ ଜାଣନ୍ତି କି ?
ଲଳିତା—ଯେ ଦେଖିଛି ତାର ଆଖିର ସୁକୃତ
ଫଳ ପୃଥକ କି ଅଛିରେ । ପ୍ରାଣମିତ । ୬୩ ।

ରାଧା—ନର୍ତ୍ତନ କେତେ ବେଳରେ ?
ଲଳିତା—ମୁହିଁ ଦେଖିଛି ସିନା ଧେନୁ ଚରାଇ
ଯିବା ଆସିବା ବେଳରେ । ପ୍ରାଣମିତ । ୬୪ ।

ରାଧା—ଦିଶୁଛନ୍ତି କି ସଦୃଶ ?
ଲଳିତା—ମୂର୍ତ୍ତିବନ୍ତ ହେଲା ପରି ମୁଁ ମଣୁଛି
ନଟସ୍ୱୟଂ ଶୃଙ୍ଗାର ରସ ରେ । ପ୍ରାଣମିତ । ୬୫ ।

ରାଧା — କହ ନାୟକ ଲକ୍ଷଣ ?
ଲଳିତା — ଧୀର ଲଳିତ ପରି ଦକ୍ଷେ ବିଗ୍ରହ
 ରୂପ ଚିହ୍ନ ଆଚରଣ ରେ । ପ୍ରାଣମିତ । ୬୬ ।
ରାଧା — ସ୍ୱଭାବ କର ବର୍ଣ୍ଣନ ?
ଲଳିତା — ସାଧୁ ସୁଧୀର ଅମ୍ବୁଧିରୁ ଗମ୍ଭୀର
 ପ୍ରେମୀ ଜନ ଅଧୀନ ରେ । ପ୍ରାଣମିତ । ୬୭ ।
ରାଧା — କେଉଁଣେ ବୋଲନ୍ତି ମୋହନ ?
ଲଳିତା — ସଂସାର ବାହାର ସରସ ସୁନ୍ଦର
 ସ୍ୱରୂପ ନିତ୍ୟ ନୂତନ ରେ । ପ୍ରାଣମିତ । ୬୮ ।
ରାଧା — ପ୍ରପନ୍ନେ ଦୟାକୁ ପଣ ?
ଲଳିତା — ମୁହିଁ ତୋହର ବୋଲୁ ଛନ୍ତି ପୁଣିତ
 କରି ଆତ୍ମ-ସମର୍ପଣ ରେ ପ୍ରାଣମିତ ।୬୯ ।
ରାଧା — ଦେବାର ଅର୍ଥି ମାନଙ୍କୁ ?
ଲଳିତା — ଇତର ଜନଙ୍କୁ ମାଗୁ ନାହିଁ ଆଉ
 ମାଗିଲୁ ଯେ ଥରେ ତାଙ୍କୁରେ । ପ୍ରାଣମିତ । ୭୦ ।
ରାଧା — ଅଛି ଆଉ କି କି ଗୁଣ ?
ଲଳିତା — ବିଶ୍ୱସର୍ଜନାରେ ଥିବା ବିଦ୍ୟା
 ଶିକ୍ଷା ଯାକରେ ନିପୁଣ ରେ । ପ୍ରାଣମିତ । ୭୧ ।
ରାଧା — କେମନ୍ତ ଟି ବଇଭବ ?
ଲଳିତା — ଯାହାର ଜନକ ବ୍ରଜ ପୁରନ୍ଦର
 ମହା ଅଷ୍ଟନିଧି ଧବ ରେ । ପ୍ରାଣ ମିତ । ୭୨ ।
ରାଧା — କରିଛନ୍ତି ସେ କି ବୃତ୍ତି
ଲଳିତା — ଧେନୁ ଚରାଇ ଯାଉଛନ୍ତି ବନକୁ
 ସହଜତ ଗୋପ ଜାତିରେ । ପ୍ରାଣ ମିତ । ୭୩ ।
ରାଧା — କିପରି କାନ୍ତି ପ୍ରକାଶ ?
ଲଳିତା — ବିଶ୍ୱ ବିଶୋଧିନୀ କଳୁଷ ଶମନୀ
 ପୂର୍ଣ୍ଣ ସୁଧାଂଶୁ ସଦୃଶ ରେ । ପ୍ରାଣମିତ । ୭୪ ।
ରାଧା — ମନୋଜ୍ଞରେ ଇଷ୍ଟ କି କି ?

ଲଳିତା — କିଛୁ ଖାଉନାହିଁ ବୋଲିତ ଯଶୋଦା
ଦୁଃଖ କରୁଛନ୍ତି ଡାକରେ । ପ୍ରାଣମିତ । ୭୭ ।
ରାଧା — ଅଶନରେ କେଣେ ହେଲା ?
ଲଳିତା — ସନ୍ତତ ବ୍ରଜ ଶିଶୁଙ୍କ ସଙ୍ଗେ ମନ
କରିବାକୁ ଏକା ଖେଳା ରେ ପ୍ରାଣମିତ । ୭୮ ।
ରାଧା — କହି ହେଉ କେତେ ତୋଷି ?
ଲଳିତା — ସେ ଭୁହି ମୋ ହୃଦେ ସ୍ଫୁରିଁ ହେଲକ୍ଷଣି
ଦେହ ପଞ୍ଚୁ ଛୁଟି ଉଲ୍ଲସିରେ । ପ୍ରାଣଧନ । ୭୯ ।
ରାଧା — ଶୁଭୁଛି ଏକ ନସ୍ୱନ ?
ଲଳିତା — ବଳୁ ମୁରଲୀ ବଜାଇ ଆସୁଛନ୍ତି
ସେହି ବ୍ରଜେନ୍ଦ୍ର ନନ୍ଦନରେ । ପ୍ରାଣଧନ । ୮୦ ।
ରାଧା — ଦେଖିବା ଉହି କୋଠାରେ ?
ଲଳିତା — ହର୍ମ୍ୟ ଆରୋହ କର ଦେଇ ଗୋପାଳ—
କୃଷ୍ଣ କର ଘଇଠରେ । ପ୍ରାଣମିତ । ୮୧ ।

—*—

ରାଗ କାମୋଦୀ—ଆଦିତାଳ

(ଯେନାଇ ଆମ୍ଭେ ଯେତେ କହିଲୁ—ବୃତ୍ତେ)

ସାର ସଜ ସାରସ ଲପନା ରେ
ସାଜ ମୋ ପର ସଜ କୋପନା ରେ । ପଦ ।

ଛଣା କଣା ବଚନା   କଣାକନେ ହମନା
ହେଉ କମାଇଁ ସ୍ନେହ ଅଧୀନା ରେ । ୧ ।
ନାଗ ଗତି କୋପନା   ନାଗରେ ଭୁ ହସନା
ନାଗରୀ ବାଜେ ତୋର ମୁଁ ଦିନା ରେ । ୨ ।
ଏରାଭିତରେ ନସାନା   ହରି ରାତି ବେଦନା
ସହି ହେବକି ବନ୍ଧୁ ତୋ ବନାରେ । ୩ ।
କର ଧରୁଛି ଛନା   ମଥା ପୋତି ବସନା
ଗୋପାଳକୃଷ୍ଣେ ଦୟା ଚେତନା ରେ । ୪ ।

—*—

ରାଗ ଝଞ୍ଜୋଟୀ । ମିଶ୍ର ରୂପତାଳ

(ଜାମନେ ଥିଲି ଏ କଥାରେ — ବୃତ୍ତେ)

ସିବ ଏ ଜୀବନ ସିନାରେ ।
ମୋହନ ପ୍ରୀତି କେ କଲ୍ପନ ମନାରେ । ପଦ ।
ଦେହାନ୍ତରେ ଲଭିବାକୁ ସୁମନା
ସଦା କରୁଛି ଯା ପଦ ଭଜନା । ୧ ।
ଗୁରୁଜନ ନିନ୍ଦା ଆଦି ଯାତନା
ତା ଯାକ କରୁଛି ମୁଁ କି ଶୋଚନା । ୨ ।
ଗାଢ଼େ ଆଟଙ୍କି କଲେ ରେ ଲଳନା
ଯାହା ହେବ ପଛେ ଖଣ୍ଡିବ ଚିହ୍ନା । ୩ ।
ଜଣାଉଛି ତୋତେ ଲୋଳ ଲୋଚନା
ମନେ ରଖିଥା କା ଆଗେ କହନା । ୪ ।
ଗୋପାଳ କୃଷ୍ଣ ସୁବେଣ ରଚନା
ସମ୍ଭାର ଘୁମୁରେ କଲି ଘଟନା । ୫ ।

--*

ରାଗ କୀରବାଣୀ—ମିଶ୍ର ରୂପତାଳ

(ସେ ସିନା ନୂଆ କରେ — ବୃତ୍ତେ)

କି କଲି କି ମୁ ଚୁଛି ରହିଲେ ରେ । ପଦ
କି କଲି ପାପ ଦଇବ ଶୁଣି ଏ ବାଣିଦ ରବ
ସେ କି ଧଇର୍ଯ୍ୟ ଧରିବ ମୁଁ ସିନା ସହିଲିରେ । ୧
ଅବଳା କୋମଳା ବାଳା କୃଶାଙ୍ଗୀ ସେ ପ୍ରେମଶୀଳା
କଣ୍ଠେଥିଲି ଗଳାମାଳା ମଦନେ ଦହିଲିରେ । ୨
ଅପଘନେ ବାସ ସରି ଆଖିର ପିତୁଳା ପରି
ଅଙ୍କେ ଥିଲି ଜବାଧରି ଥରେ ନ ଗୁହିଁଲିରେ ।୩
ପ୍ରାଣ ମୋର ହରି ପରି ନେଉଥିଲି ରମାବର
ରଖିଛି ଦୁଃଖରେ ତାଙ୍କୁ ସହାପୁ ନୋହିଲେରେ ।୪

କରି ମୋ ପଥ ଲୋକନ   କି ହେଉଥିବ ଭାମନ
          ନଜାଣେ ସ୍ୱପ୍ନେ କଦନ କି ଦଣ୍ଡ ବହ୍ନିଲରେ । ୫
ଗୋପାଳ କୃଷ୍ଣ ଭଣିତ   ନଷ୍ଟେ ହେଲ ବୁଦ୍ଧି ହତ
          ଅବଧି ନୋହୁ ଉଭରତ ଆସିବ କହିଲରେ । ୬

—*—

ରାଗ ମାଞ୍ଜି—ମିଶ୍ରରୂପତାଳ

(ବଂଶୀଧାରି ସର ସରସିବନ ଗାବନେ କଶୋଗ — ବୃତ୍ତେ)

ସହଚରୀ ! ଏକା ରହିଛନ୍ତି ବଂଶୀଧାରୀ ରେ । ପଦ
ଗୋକୁଳ ଆଖଣ୍ଡଳ ସୁତ ଆକୁଳ
ଯହିଁ ନୟନେ ରହିଲା ନାହିଁ ଜଳ
ନଳିନୀ ଜଳ ଆଣି ଗଲେ ସୁକଳ
ମୁଁ ଅଇଲି ଡରି ଡ଼ରି ରେ ।୧
ସାରି ଶୁକ ପିକ କୃଷ୍ଣ କଦନରେ
ମୂକ ହୋଇ ଅବନତ ବଦନରେ
ଯହୁଁ ଛନ୍ତି ଚନ୍ଦ୍ର ପିଉଳା ଘରରେ
ବକୁଳ କୁଂଜରେ ପୂରିରେ ।୨
ନୀଳୋତ୍ପଳ ଗର୍ଭଦଳ ତନୁକାନ୍ତି
କହ୍ଲାର ପୁଣ୍ଡରୀକ ପନ୍ଦ ଦ୍ୟୁତି
ମଦନ ଦରରେ ମୋହନ ମୂରତି-
ଯାକ ଯାଉଥିଲୁ ଥରି ରେ । ୩
ଜଣାଉଛି ତୋତେ ପ୍ରଣୟ ନିପୁଣା
ଏ ଦଣ୍ଡ ଉଠିବୁ ନକଲେ କରୁଣା
ଧିକ୍କାରି ହେବୁ ଛେଳେ କରି ସ୍ମରଣା
ସହିପିବ ବ୍ରଜ ଶିଖ ରେ ।
ବୃଷଭାନୁ ଜେମା ଶୁଣି ଆଳୀ ବାଣୀ

ଅନ ଥନ ନେହ କଲେ ଅଣି ଆଣି
ଗୋପାଳକୃଷ୍ଣ ପଙ୍କନାସ୍ୟକ ଭଣି
କୁଂଜେ ମିଳଲେ କଣେଶାଖରେ । ୨

—*—

ରାଗ ରୀତି ଗୌଡ଼ା—ରୂପକ ତାଳ

(ଆରେ ଫୁଲ ତୋଳସିବା — ବୃତ୍ତେ)

ରାଧେ ଶ୍ରୀ ପଦାବ୍ଜ ଦଅ ଦରଶନ

ଦୟାମୟି ଯେନ କାଲୁ ବଚନ ଂପଦ

କୃଷ୍ଣ ନଟିଳ ସ୍ମରଣ   ସେବ୍ୟ ହୃଦୟ ବିଳାସ
ଦାସୀ-ଜନ-ମନ-ଅଳି ଆବାସ । ୧
ଗୋବର୍ଦ୍ଧନାଦ୍ରି ମଙ୍ଗଳ   ସଦାମଣ୍ଡଳ ଯା ଧୂଳି
ବୃନ୍ଦାବନ ଭୂପଦକ ମାଳୀ । ୨
ଶ୍ୟାମ ଶ୍ରୀହସ୍ତ ଲଖିତ   ଜବା ସଙ୍କାଶ ଆଲକ୍ତ
ଜନ ବଂଶିତ ଚିହ୍ନ ରଂଜିତ । ୩
ଅଶୋକ କଳକା ବଳୀ   ଅଶେଷ ଶୋଭ ଅଂଗୁଳି
ବିରାଜିତ ନଖ ଚନ୍ଦ୍ରାବଳୀ । ୪
ଅମୂଲ୍ୟ ମଣି ନୂପୁର   ବଳା ଶିଙ୍କୁଳୀ ହେମର
ରତନ ଭୂଷଣ ଭୂଷିତାଙ୍ଗୁଳି । ୫
ଶ୍ରୀରୂପ ମଂଜରୀ କର   ଲଳିତ ମୃଦୁ ସୁଂଦର
ଶିର ଭୂଷା ଗୋପାଳକୃଷ୍ଣର । ୬

ରାଗ ମୋହନା—ତସ୍ରଜାତି ଏକତାଳ

ଶ୍ରୀ ଗୌର ଚନ୍ଦ୍ର ପଦ ବନ୍ଦରେ । ମାନସ
ଏକା ଶ୍ରୀ ରାଧା ଗୋବିନ୍ଦରେ । ପଦ
ବ୍ରଜ ବଧୂ ଶ୍ରୀମନ୍ତ ହୋଇ ଗୋଟିଏ ମୂର୍ତ୍ତି
ଜନ୍ମିଛନ୍ତି ଶ୍ରୀ ଶଚୀ ଉଦରେ * । ୧
ସ୍ୱପ୍ନ କଳ୍ପନାବଧି ଦୟାସଦ୍ ଗୁଣ ନିଧି
ସଦା ବେଷ୍ଟିତ ଭକ୍ତ ବୃନ୍ଦରେ । ୩
ଜଗନ୍ନେତ୍ର ସମ୍ପତ୍ତି ବଦାନ୍ୟ ଚକ୍ରବର୍ତ୍ତୀ
ଯା ନାମାମୃତ ସର୍ବ ଶବ୍ଦରେ । ୪
ଏକୃପା ପାରାବାର ପ୍ରତ୍ୟକ୍ଷ ହୋଇବାର
ଦେଖିଛନ୍ତି ଶ୍ରୀ ରାମାନନ୍ଦ ରେ । ୫
ଗୋପାଳକୃଷ୍ଣ ଭଣେ ଶ୍ରୀ ନାମ ଅନୁକ୍ଷଣେ
କୀର୍ତ୍ତନ କରୁଥା ଆନନ୍ଦରେ । ୬

---

* ନବଦ୍ୱୀପ ରସ ସମୁଦ୍ର ଅତି ଗଭୀର ଅଟେ । ବ୍ରଜ ରସରେ ଯେଉଁ ଭକ୍ତମାନେ ନିମଜ୍ଜିତ ହୋଇ ପାରିନାହାନ୍ତି ସେମାନେ ନବଦ୍ୱୀପ ଗଭୀରତା କଳନା କରିବା ଅସମ୍ଭବ । ନବଦ୍ୱୀପ ଥିସକୁ ବହୁ ସଂଖ୍ୟକ କବି ବର୍ଣ୍ଣନା କରି ଯାଇଛନ୍ତି । ମାତ୍ର ବୈଷ୍ଣବ କବି ଗୋପାଳ କୃଷ୍ଣଙ୍କ ଭାଷା ଯେମିତି ସରଳ ଓ ରସ ଗ୍ରାହୀ ହୋଇଛି ସେମିତି ଅନ୍ୟ କେହି ରଚନା କରିପାରି ନାହାନ୍ତି । କଳି ଯୁଗରେ ତାପଭାର କମେଇବା ପାଇଁ ଶ୍ରୀକୃଷ୍ଣ ଓ ରାଧିକା ଏକତ୍ର ଶଚୀ ଦେବୀଙ୍କ ଗର୍ଭରୁ ଶ୍ରୀକୃଷ୍ଣ ଚୈତନ୍ୟ ରୂପରେ ଅବତୀର୍ଣ୍ଣ ହୋଇଛନ୍ତି ବୋଲି କବିଙ୍କ ବିଶ୍ୱାସ ।

* ସଂକଳୟିତା *

--*

ରାଗ ତୋଡ଼ି—ତ୍ରିପୁଟା ତାଳ

(ତୋ ମହାସ ନ ଦେଖି — ବୃନ୍ଦେ)

ଗୋଷ୍ଠା ଖଞ୍ଜନ କୁଳ କୁମୁଦ ବଂଧୁକୁ କେ ଭୁଲାଇ ରହିଲା ସହିରେ
କୁଞ୍ଜରୁ ଦେଖିଲକି ହେଉ ଏଣି ତେଣିକି
ରଜନୀ ଅର୍ଦ୍ଧ ତ ଗଲାଣି ବହିରେ । ପଦ
ଗୁମାନ କରିଥିଲି ବୋଲିକି ମୁହିଁ କାଲି
ମାନସରେ ସେ ଦୁଃଖ ଭାବରେ,
ଅଭ୍ର ଲହ ଅନଙ୍ଗ ଅନଳ କୁଣ୍ଡରେ
ପକାଇ ଦେଲେ ବନ ମଧ୍ୟରେ କି କରିବ ।୧
ମିହିର କନ୍ୟା ତୀର ବନ୍ୟା କୁସୁମଶର
ବନ୍ୟାସି ମୋ ହୃଦରେ ପାଣିରେ
କହିଲେ ଆସିବାକୁ ଏ କେଶର କୁଂଜକୁ
ରୁହାଇଲା କେ ତାଙ୍କୁ ବଣା କରି ସରଣୀ । ୨
ହାସ କର୍ପୂର ଗିର ନାରିକେଳ ସଲିଳ
ଗରଳ କରାଇଲେ ପାନରେ
ଧାରି ହେଉଛି ତନୁ ଅଧର ସୁଧାବିନୁ
ନାହିଁ ଉପାୟ ଆନ ରହିବାକୁ ଜୀବନ । ୩
ଶାଳ ଦଶ ଶିଖରି ଶୃଙ୍ଗେ କର ପ୍ରସାରି
ଦେଲାଣି ଅନା ପାପ ଶଶୀରେ
ଆସିବେ ସେ ଆଉକି ବୋଲୁ ମୋହନ ଲୁକି
ଶୁଣୁଥିଲେ ବନେକି ଗୋପାଳକୃଷ୍ଣ ହସି ।

ରାଗ କୀରବାଣି—ତାଳ ମିଶ୍ରରୂପ

(କଣା ପଡ଼ଲରେ ବଣାମୃଗାକ୍ଷୀ ତୋ ଗୁଲ—ବୃତ୍ତେ)

ଟେକେଣେ ନଶୁଣ ଯେ ଡାକୁଥିଲେ ଏତେ ପର
ପରଚୟ ଦେଲେ ସୁନ୍ଦରପଣ ମୁଁ ପଳାଇଯିବ କ ଧର ? ପଦ ।
ଶ୍ରୀଗୁରୁଦେବବଦନ୍ତ କଲ କଥାରେ ଆଶା ଅନେକ ବଢ଼ିଲ ।
ଅକଳଂକ ପୂର୍ଣ୍ଣ ଶରଦ ଚନ୍ଦ୍ରମା ମୁଖଥରେ ନଦ୍ଧଶିଲ । ୧ ।
ଷୋଡ଼ଶ ନାମ ମନ୍ତ୍ରନୁସାରରେ ନତ୍ୟଦାସୀ ଯେ ସାହାର
ପରାର୍ଦ୍ଧକାଳ ବ୍ରହ୍ମାରସରଳନ ଆଦ୍ଧର ଦେଉଛଦୂର । ୨ ।
ହେ ଶ୍ରୀ ନାଗରେନ୍ଦ୍ର ବୃନ୍ଦାବନ ଚନ୍ଦ୍ର ହେ ଗୋଷ୍ଠେଶ୍ୱର ତନୁଜ
ଶ୍ରୀରାଧାଜୀବନ ନୂତନ ମଦନ ବ୍ରଜ ନବ ଯୁବରାଜ । ୩ ।
ଧୃତବଂଶୀ ବେଦ ପଦ୍ମ ଚରଣ ହେ ଶ୍ରୀ ବ୍ରଜେଶ୍ୱରୀ ପୁତ୍ର
ଶତପତ୍ର ନେତ୍ର ମୁଦରାଉ ଗାତ୍ର ହେ ଗୋକୁଳାରଣ୍ୟମିତ୍ର । ୪ ।
ମାଗୁନାହିଁ କଛୁ ମନେ ମାନଅଛୁ ଆଖି ପୂରାଇ ଦେଖିବ
କୃପାକଲେ ତୁମ୍ଭ ପ୍ରାଣବନ୍ଧୁ ରାଧା ପଦାବ୍ଜକଙ୍କରୀ ହେବ । ୫ ।
ଶ୍ରୀ କଶୋରୀ ମଣି ମାନ କରିଥିଲେ ବଲେକ ଆପଣା ଦୋଷ
ତୁମ୍ଭପାଇଁ ଲଳତାଙ୍କ ପାଦେ ପଡ଼ି ଛଡ଼ାଇ ଦେବ ସେ ରୋଷ । ୬ ।
ଆଣି ଦେଉଥିବ ମୋ ସ୍ୱାମିନୀ ଶ୍ରୀହସ୍ତର ଗୁନ୍ଥା ଫୁଲ ମାଳା
ତୁମ୍ଭେ ସଜାଡ଼ି ଦେବାର ଝରା ନେଇ ଦେଇ କହିବ ସଙ୍କୁଳା । ୭ ।
ବଜେ କରିଥିଲା ବେଳେ ଶ୍ରୀକାନ୍ତିଦା ଜେମା ତୁମ୍ଭ ଶ୍ରୀଅଙ୍ଗରେ
ଗୋପାଳ କୃଷ୍ଣ ତାମ୍ବୁଲ ଭଙ୍ଗି ଲଗି କରାଉଥିବ ମୁମୁରେ । ୮ ।

—*—

ରାଗ ମାୟା ମାଳବ ଗୌଡ଼ା—ମିଶ୍ରରୂପ ତାଳ

ଋଷି ଛନ୍ଦ ମା ଗୋଷ୍ଠ ଚନ୍ଦ୍ରମା ମୋଅରେ । ପଦ ।
କ ଲାଗି କାହିଁକ ମୁହିଁ ଜାଣିଛୁ କ
ଲୁହ ପୂରିଛୁ ନୟନରେ । ୧ ।
ଆଣି ଥିଲେ ପରା ବନ୍ଧୁଫୁଲଝରା
ଦେଇଗଲେ ରୂପ ମଞ୍ଜରୀ କରେ । ୨ ।

ମନେ ପଡୁଥିବ ବୋଲି କସ ଭାବ
ଲେଖି ଦେଇଛନ୍ତି ହେଟି ଭିତିରେ । ୩ ।
ଆସିଛୁ ଗୋକାଳୀ ବୋଲିପୁଣି ଆଣି
ଆଗୋ କହୁଥିଲେ କ ଲଟରେ । ୪ ।
ସୁ ବେଳର ବେଶ କରିଦିଅ ଆସ
ଯାଇ ହେଲେ ବସିବ ମୁଁ ପାଶରେ । ୫ ।
କୋଳେ ବସାଇବ ଗଣ୍ଡେ ଗଣ୍ଡ ଦେବ
କଥା ନ କହିଲେ ହେଲେ ବେଳରେ । ୬ ।
ଗୋପାଳ କୃଷ୍ଣ ସେ କାଳେଧୀରେ ଭାଷେ
ହେଟି ବସିଛନ୍ତି ପୁଷ୍ପବାଟୀରେ । ୭ ।

—*—

ଜାରଫୁଲ ଚଉତିଶା

କେଉଁ ଠର ପରବାସୀ
କରଇ ଚନ୍ତା ଏକା ହୋଇ ମୋ ବନ୍ଧୁ କ ଝୁରୁଥିବ ବସି । ୧ ।
ଖଳ ଦଇବ କ କଲା
ଖଣ୍ଡ ପରକୁ ପର ହାତେ ମୋ ବନ୍ଧୁ କେଡ଼େଦଣ୍ଡ ପଡ଼ିଗଲା । ୨ ।
ଗୁଣନିଧି ରୂପବନ୍ତ
ଗ୍ରୀବାଳୁଆଁ ମୃଦୁ ବରନ ସୁମଣ ଫାଟିଯାଉନାହିଁ ଛାତି । ୩ ।
ଘଡ଼ିଏ ହେଲେ ଅନ୍ତର
ଘନ କେଶି ପେଷି ବାସୀକି ସନ୍ତତେ ବୁଝୁଥାଉ ମୋଖବର । ୪ ।
ନେନେ ନାଚୁଛି ମୋହର
ନସାନା ଅଜାଗେ ମୋତେ ରୁହିଁଲେ ଜେ ହସି ଅପସରବାର । ୫ ।
ଚରୁ ଚାମୀକର ଅଙ୍ଗ
ଚ ଉରୁ ଯାଉନାହିଁ ସାଙ୍ଗ କବସ୍ତି ମୋତେ ଦେଖାଇବା ଭଙ୍ଗୀ । ୬ ।
ଛଇଲ ସ୍ନେହ ତୋହର
ଛୁଡ଼ିନାହିଁ ମନୁ ସୁରତାନ୍ତେ ମୋତେ ଛୁଟେଦାଧର ବାଞ୍ଛବାର । ୭ ।

ଯିବାବେଳେ ଆସେ ପାଖେ
ଜଙ୍ଘାଧର ଲେଉଟିପକ୍ଷକୁ ମୋତେ ଗୃହ୍ଣିବାର ଦଶେ । ୮ ।
ଝସ ନେସି ଯା ଢଣଇ
ଞ ଲଜ୍ଜା ପରି କୁଚରୁ ଅମୃତ ଝାଳ ଥାଇ ରହି ରହି । ୯ ।
ଟେକ ଉରଜା ଗୁମାନେ
ଟାଣି କରି ବସି ଥାଉ ଗୃହ୍ଣି ମୋତେ ମିଶିଯାଉ ଅପଘନେ । ୧୦ ।
ଠିଆହୋଇ ଅଗଣାରେ
ଠାଣି କେଳିପୁରେ ପଶୁ ନାଗବଲ୍ଲୀ ଚନ୍ଦନ ଧରି ଶ୍ରୀକରେ । ୧୧ ।
ଡାକିଲେ ଶୁକ ମୋ ନାମ
ଡମ୍ବରୁ ମଧ୍ୟ ତୋ ପ୍ରତି ପ୍ରତୀକରେ ଉଲ୍ଲସି ଉଠଇ ଲୋମ । ୧୨ ।
ଢାଳ ମୋହ୍ଲଦ ଲପନ
ଢାଳେଷଣି ଚୁମ୍ବ ଦେଇ ବୋଲୁ କେବେ ବଦେଶ ନପିବଧନ । ୧୩ ।
ଅପରାଧ କଲେ ଯେତେ
ଅଜଣା ପରି ଜାଣି କୃପା ବାରିଧି ବଞ୍ଚାଇ ନେଇଛୁ କେତେ । ୧୪ ।
ତନୁ ଦଶ ପ୍ରେମ ଖେଳେ
ତରକି ନପାରି ମୋ ରୂପ ଲେଖିଛୁ ଭିତ୍ତି ଚାହିଁବାର ବେଳେ । ୧୫ ।
ଥିଲେ କି ବ୍ରତ ଆଚରି
ଥାଳୀ ରେ ଭରସେ ପ୍ରସାଦ ମୋ ଆଗେ ଉଭହୋଉ କରେଧରି । ୧୬ ।
ଦୁହୁଁ ଶୁଭିଲେ ମୋ ଗିର
ଦରଶନ ଯାଏ ବଣା ଏଣୀପରି ହେଉଥାଉ ଭରତର । ୧୭ ।
ଧଇଲେ ଦକସେ କର
ଧୀରେ କେତେ ଦୈନ୍ୟ କରିଧନ ମୋତେହସିକଣ୍ଠରେ ଜୁହାର । ୧୮
ନଥାସିଲେ ମୁଁ ଏଣିକି
ନବୀନା ଚାହିଁ ପଟରେ ଗୃହ୍ଣି ନେତ୍ର ବୁହାଇ ଦେଉ ପାଣିକି । ୧୯ ।
ପଲ୍ଲବଲଗା ପ୍ରସୂନ
ପୟୋଧର ପାହାଡରେ ରଖିଥାଉ ମୋ ପାଇଁ କରି ଯତନ । ୨୦ ।
ଫୁଲବନ ସଦନରେ
ଫେଡ଼ି ପୋଥି ପଢ଼ି ଲୁହ ପୋଛୁଥାଉ ମୋ କ୍ଷଣିକ ବିଚ୍ଛେଦରେ । ୨୧

ବେଣୀ ସାଜ ଦେବ ବୋଲୁ
ବମ୍ବାଧର ହସି ପାଶକୁ ଆସିଲେ ପ୍ରତାପ ଲଭାଇ ଦେଲୁ । ୨୨ ।
ଭର ମାଗି ରତି ଶେଷେ
ଭଡ଼ ଦନ୍ତବାସ ବାସ ପିନ୍ଧୁ ହାସ ପୂରିଥାଇ ଗଣ୍ଡ ଦେଶେ । ୨୩ ।
ମଲ୍ଲୀ କୁସୁମର ତଳୁ
ମଧୁପ ଚୁମ୍ବୁଥିଲାର ତୁ ଅନାଇ ମୋ ନୟନ ବୁଜାଇଲୁ । ୨୪ ।
ଯତନେ ଶଯ୍ୟା ସଜାଡ଼ି
ସିଂହାଯାଏ ମୁଁ ପଣାନ୍ତରେ ପଲ୍ୟଙ୍କ ତଳରେ ଥାଇ ପଡ଼ୁଡ଼ି । ୨୫ ।
ରତି ସରସ ରଙ୍ଗରେ
ରାମାମଣି ମୋ ଶାନ୍ତଜାଣି ରୁହାଇ ଚିବୁକ ଧରି ଧରି ଶ୍ରୀକରେ ।୨୬।
ଲଳନା ସ୍ୱପ୍ନେ କରୁହୁଁ
ଲୁହ ପୋଛୁ ପୋଛୁ ପଣନ୍ତ ଭିନ୍ନଇ ମୁଁ ପଗୁରିଲେ ନ କନ୍ଦ ।୨୭
ବାସବରତନ କେଶି
ବାହୁ ମୋ ମଥା ମୁଟକି କରି ଥାଉ ଯାଇ ସିଂହାଯାଏ ନିଶି ।୨୮
ଶୀର୍ଣ୍ଣ ହଶୁଥିବୁ ପରି ।
ଶଙ୍କର ସେବାର ଫଳରୁ ମୋହରି କରିହୋହା ଅଗ୍ର ଗିରା ।୨୯
ଷୋଡ଼ଶ ବୟସୀରାମା
ଷଠ ପଦ ଅଲଙ୍କମା ଶୋଭା ତୋର ଶ୍ରୁଣି ପ୍ରଶଂସିବେ ଉମା ।୩୦
ସଜ ମାରଜ ଲପନା
ସଙ୍ଗମୀ ଅଙ୍କରେ ପଡ଼ି କରୁଥିବୁ ପରି ମୋ ଭାଳ ଭାବନା ।୩୧
ହରକୃପା ହଣିସିକ
ହାଟକ ଅଙ୍ଗୀ ମୋ ଭେଟ ଯାଏ ଯନ୍ଦ କୁଶଳେ ବରତି ଥିବ ।୩୨
କ୍ଷଣେ ନକରି ଅଳସ
କ୍ଷିତି ଭୂଷାପାଣେ ମିଳାଇ ଗୋପାଳକୃଷ୍ଣ ଚେତ ପରବାସ ।୩୩

—*—

ରାଗ ଆନନ୍ଦ ଭୈରବୀ—ମିଶ୍ର ରୂପତାଳ

ଜଣାଗଲା । କାହିଁକି ପରିମାଣ
କରର ଚୂଡ଼ିକ ଲୋଡ଼ା କେଣେ ଦରପଣ ?ପଦ
ଲଲାଟେ ସିନ୍ଦୂର ଚିହ୍ନ ହୋଇଛି ବିଭ୍ରାଣ
ଡେରିଲା ପରି ମଦନ ଶୋଣିତ-କୃପାଣ ।୧
ଅଧର ଅଞ୍ଜନ ଦାଗ ଦହୁଛି ପରାଣ
ଚନ୍ଦ୍ରକଳୀ-କୋଡ଼-କୁରଙ୍ଗ କର ପ୍ରମାଣ ।୨
ଘଷିଛି ତା ତନୁହେମ କଷଟି ପାଷାଣ-
ଗଣ୍ଡେଧର ଦେଖି ଯା-ଦର୍ପଣ ମୁକୁ-ରଣ ।୩
ଟାଟଖୋଟ-କୁଞ୍ଚ ଗୁମ୍ଫାଣୀ ବଧ ନବଖାଣ
କଙ୍କା ବଧ କଥା କି ବଦ୍ଧନ ପୁରାଣ ।୪
ବିବେକ ପଟେ କାରଣ ପରାଏ ସୁଜାଣ
ସରସ ପଣରେ ବୃଦ୍ଧ ଗଣ୍ଡ୍ରର ବିଧାଣ ।୫
ଭଣେ ଗୋପାଳ କୃଷ୍ଣ ଦେଉଥିଲ ତ ଗଣ
ହାତ ଯୋଡ଼ି କୋଲେ ଏବେ କର ପରିତ୍ରାଣ ।୬

—*—

ରାଗ ଶଙ୍କରାଭରଣ—ଆଦିତାଳ

(ଭିଲ ଗୀତ—ଦୂତେ)

ଅନୁମାନ ନ କଲି ତୁ ବୋଲି
ଅନବଧାନେ ଲୋକେ ବୁଡ଼ିଲି ମୁଁ, ସଙ୍କଟରେ । ପଦ ।
ରଜନ ସାରି ମୁଁ ଗଲି ଘଟରେ
ଅନ୍ଧକାରେ ଥିଲି ଅଗଣାରେ ।୧
ତୋ ବାଣୀ ପରିଭାଷି ତୋ ସନ୍ଦେଶେ
ସୁଭାବର ବସିଲେ ମୋ ପାଶେ ।୨
ସ୍ନେହ ବଳନ୍ତ କଞ୍ଚୁଳିକା ମୋର
ହୃଦରୁ ଫିଟାଇ କଲେ ଦୂର ।୩

ପୁଣି ନାଃଗଙ୍କେ ମୋର ବକ୍ଷୋଜରେ
ପାଣିରଖି ବଞ୍ଚିଲେ ସଧୀରେ ।୪
ଗୀତ ଗାଇଲି ଆହା କେତେପରି
ହାତଧରି ଅଙ୍କେ ଅପସରି ।୫
ଶତହ୍ର ଦାଟକୁ ଗୁହ୍ନି ଶହ୍ନିଲି
କି ଭରସ୍ତ ହୋଇ ମୁଁ ଥିଲି ।୬
ଗୋପାଳକୃଷ୍ଣ ଜାଣି ପ୍ରମାଦକୁ
ଛପାଇ ଦେଲ ଗଲେ ପୁରକୁ ।୭

—*—

ରାଗ କୀରବାଣୀ—ମିଶ୍ର ରୂପତାଳ

ମନେ ପଡ଼ୁଛିରେ ସେହି ଚନ୍ଦ୍ରମୁଖ ।
ପାସୋରିବା ପାଇଁ କେତେ ହେଲେ ମୁଁ ବିମୁଖ । ପଦ ।
ନଟିଲ ଅଳକା ବଳୀ ଗଣ୍ଡମଣ୍ଡଳରେ ଝୁଲି
ନାସାପୃଷ୍ଠରେ ହିରକ ମୁକୁତା ମୟୂଖ ।୧
ଗୃହ ଗୋରଚନା ଶତା ନର୍ତ୍ତନରତ ଭ୍ରୂଲତା
ମନ୍ଦେ ହସି ଫିଙ୍ଗିବାର କଟାକ୍ଷ ବିଶିଖ ।୨
ଶୋଭା ରତ୍ନ କୁଣ୍ଡଳର ବଂଶୀ ବିନ୍ୟାସ ଅଧର
ନୂଆଁ ବରହ ମୁକୁଟ ଦରଶନ ସୁଖ ।୩
ଖାଇଁ ଦେଉଥିଲି ପାନ ବୋଲି ଦେଖିଲି ସ୍ୱପନ
ସରିଲା ଭଞ୍ଜରୁ ପୁଣି ମନମଥ ମଖ ।୪
ଯାଅ ବୋଇଲା ଭଞ୍ଜରୁ ଲୁହ ବୁହାଇ ଆଖିରୁ
ହୋଇବାର ସଖୀମାନଙ୍କର ପାଖ ପାଖ ।୫
ଶୁଣ ସବେ ସହଚରି କରି କରୁଣା ମଞ୍ଜୁଳ
ଅପରାଧିନୀ ରାଧାର ଯିବା ଜୀବରଖ ।୬
ଗୋପାଳକୃଷ୍ଣ ଭଣେ ଉଠି ସମସ୍ତେ ତକ୍ଷଣେ
ମିଳିଲେ କୁଞ୍ଜେ ରମଣ ଲେଖିଥିଲେ ଭଖ ।୭

—*—

ରାଗ ଝିଞ୍ଜୋଟି—ମିଶ୍ରରୂପତାଳ

(ଡ଼ାକବ ରାଧାରମଣ — ବୃତ୍ତେ)

ଭାଗିଲା ଉତ୍ତରୁ ମାନ ଯେ
ଅହୋ ଶ୍ରୀ ରାଧା ଗୋବିନ୍ଦ ପ୍ରସନ୍ନ ଯେ । ପଦ ।
ସ୍ୱଚ୍ଛନ୍ଦଙ୍କ କେଳି କୁଞ୍ଜ ନିକେତନ
ସେତେ ବିଜେ କଲା ଅନୁ ରଞ୍ଜନ । ୧ ।
ମନାଇ ଅପଘନେ ଅପଘନ
ଆସିଲ ପରି ଦେହକୁ ଜୀବନ
ପ୍ରେମ ସାଗରେ ହେଲାର ମଜ୍ଜନ । ୩ ।
କେତେ ଆଲିଙ୍ଗନେ କେତେ ଚୁମ୍ବନ
ଲୋଭାଇ କରୁଥିବାର ପ୍ରଦାନ । ୪ ।
ଗୋପାଳ କୃଷ୍ଣ ଚନ୍ଦ୍ର ଅନୁଦିନ
କରଇ ଶ୍ରୀ ଯୁଗଳ ରୂପ ଧ୍ୟାନ । ୫ ।

—*—

ରାଗ ମାୟୁମାଳବ ଗୌଡ଼ା—ଆଠତାଳି

(ଶ୍ୟାମ ନାଗର ହେ-ବୃତ୍ତେ)

ନାହିଁ କରିଦେବେରେ କାହିଁପାଇଁ ଅପରୋଧ ।
ବାହୁନି ପର ଲୁହ ବହିଯାଉଛି ଆଉରି ପୀରତି ସଧ । ପଦ ।
କାଲିଯାକ କେ ସେ ଗଞ୍ଜି ହେଉଥିବ ଏ ଅସଲଷ୍ଟ କଥାରେ
ମୂଳଠାରୁ ଚୂଳ ଯାଏ ଲକ୍ଷ ସତ ନଥିବ ଯାହା ଦେହରେ । ୧ ।
କେତେବେଳେ ଅବା କେଉଁଠାରେ କେ ସେ ଭ୍ରମିବାର ଥରେ ସିନା
କୋଡ଼ିଏଥର ଦିନକୁ କହୁଥିଲେ ଘଡ଼ିଏ ହେଲେ ରଖନା । ୨ ।
ଲୁଚାଇ ଅପରାଧ ଯାକ ସଖୀଙ୍କି ନ କହି ସହିଲୁ ଯାଇ
ଡକା କରାଇଲ ବନକୁ ଡକାଇ କଲ ପରା ଉପକାର । ୩ ।
ଅଳି ଗିରି ମଲ୍ଲୀଠାକୁ ନ ଯିବ କି ନଳିନୀ କୋଳରେ ଥିଲେ
ଧୂଳି କୋଳ ନ ହୋଇବ କି କାରଣେ ଶତବାର ଶାଧୋଇଲେ । ୪ ।

ଏଣୀ ଈକ୍ଷଣି ହୃଦରେ ବିରହାଗ୍ନି ଧର କରି ସଦା ରହୁ ।
ଏଣିକ ସେ ମାର ମହୋତ୍ସବ ସୁଖ ନୋହିଲେ ପଛକେ ନୋହୁ । ୫ ।
ଏତେ ଧନ ପର ପୀରତି ବସ୍ତ୍ରଲା ମୁହଁ ଶୁଖାନା ଭୁ ଆଉ ।
ମଥାରେ ପଣନ୍ତ ପକାଇ ସେ ଶ୍ୟାମ ଭାବା ପାନ୍ଥରେ ସେ ଯାଉ । ୬
କହଇ ଗୋପାଳ କୃଷ୍ଣ ସୋପାନରେ ମୋହନ ଆସି ଅଛନ୍ତି
ବହନ ସଖୀ ବଦନେ ଦେଇକାସ ଶ୍ରୀରାଧା ଭୁନ କରନ୍ତି । ୭ ।

—*—

ରାଗ ଷୋଭନା । ଆଠତାଳୀ

ଦୁଃଖିଧନ ଚନ୍ଦାନନ — ବୃନ୍ଦେ
ବ୍ରଜ ବଧୂ ତୋତେ ବିକଳିକବା ପାଇଁରେ । ପ୍ରାଣସଖି
ଘେନ ଭୁଜିରେ ।
ନିତି ପଥ ଜଗୁଛନ୍ତି ଏକା ହୋଇ ରେ । ପଦ ।
ଯମୁନାକୁ ଯିବା ଆସିବା ବେଳେ
ତଟ ନିକଟ ନୀପ ତରୁ ମୂଳେ
ରହି ସରଣୀକି ଚାହିଁ ଥାଉଛନ୍ତି
ଛଳେ ଚରାଇଲା ପରି ଗାଈ ରେ । ୧ ।
ତୋତେ ବାଟରେ କେ ପୁଣି ଡାକିଲା
ରାଧା ବୋଲି ଶ୍ରବଣରେ ପଡ଼ିଲା
ସୁଧାରେ ମଧୁର ଏପରି ହେବକି
ବୋଲି ରହିଲି ପଛ ପକାଇ ରେ । ୨ ।
ଭୁଜି ଆସିଲା ଉତ୍ତରୁ ସେ ଯାଇ
ପଦେ ଚିହ୍ନେ ଅଳି ବସା ଅନାଇଁ
ତନୁ ବାତେ ଚଳ ଦଳ ପରି ହେଲା
ଧୂଳି ବୋଲି ହୋଇଲେ ଲୋଟାଇରେ । ୩ ।
ଆସୁ ବନରୁ କାଲି ବନମାଳୀ
ଭୁମ୍ଭ ଅଟାଳୀ ଆଡେ ଡୋଳା ଢାଳି
ଲୁହଆଖି ସତ୍ତ ହୋଇ ଗଲା ହସି
ଗଲୁ ପୁଣି ପଛସୁଞ୍ଚା ଦେଇ ରେ । ୪ ।

ତାଙ୍କ ଦୁଃଖରେ ଦୁଃଖ ନ ସମ୍ଭାଳି
ମୋତେ ପଥରେ ସୁବଳ ଓଗାଳି
ଲୁହ ନେସ୍ତୁ ପୋଛି ରଖି ଗୁହୁଁ ଥିଲି
ଏକା ଯାଇଥିଲି ମୁଁ ଗାଧୋଇ ରେ । ୫ ।
ଗଡ଼ା ଗଛରେ ବରଜ ଯାକରେ
କେତେବେଳେ ସେ ଥିଲେ କେଉଁଠାରେ
ସମ୍ଭତ ଦୃଷ୍ଟି ଏକା ଏହି ଆଡ଼ରେ
ବୋଲି ଗୋପାଳକୃଷ୍ଣ କହଇ ରେ । ୬ ।

--*

ରାଗକାଫି—ଆଠତାଳୀ

ଅଣ୍ଟି ଗଲାକ କୋଟି ଗୁଣେ ତୋ ସ୍ନେହ ସୁଖ ସରି ଆଉ ନା । ପଦ
ଲୁଚ କପଟୀ ନଟ ଅଭିର ପଲ୍ଲୀ ବଟ
କହି ଆଇ ମୋ ଆଗେ ଗୁହ୍ନୁ କହନା । ୧ ।
କାଲି ନିଶି ଜାଗରେ ନକୁଞ୍ଜ ଅଗଣାରେ
ଜଗାଇ ଦେଲୁ ତାଙ୍କୁ କେତେ ଯାତନା । ୨ ।
କାଣ୍ଡିଦା ପତ୍ରକୁଳେ କାଣ୍ଡିକଲ୍ଲୀ ଆକୁଳେ
ଶ୍ରୁତିରେ ତୋ ଧରମ ହେବ ଶୁଣନା । ୩ ।
ସୁଆଷକୁ ତୋହର କୁହାର ଲକ୍ଷେବାର
ମୋହ ଲଗାଇ ହରି ଲୁହ ଗୋଛୁନା । ୪ ।
ତୋଲାଗି ଯେତେ ବାଧା ସହିଥିଲା ସେ ରାଧା
ଥରେ ହେଲେ ମନେ ନକରୁ ଭାବନା । ୫ ।
ଗୋପାଳ କୃଷ୍ଣ କହି ଅଞ୍ଜଳି କରି ସହି
ବୋଲେ ପୁଣି ଭ୍ରମାଇ ଲୋକ ହସାନା । ୬ ।

—*—

ରାଗ ଧନାଶ୍ରୀ—ମିଶ୍ର ରୂପତାଳ

(ମୋହନ ଶ୍ୟାମ ଚନ୍ଦ୍ରା ପଡ଼ିଲା ମା—ବୃତ୍ତେ)

କଦମ୍ବ ବନେ ବଂଶୀ ବାଜିଲା ରେ ।
ରାଧା-ଦନ୍ତ-ଶିଖରେ ଭାଜିଲା ରେ । ପଦ ।
ତୋ ବିନା ପ୍ରଭାକାର   ଆନ କେ ନାହିଁ ମୋର
ବିବେକ ରତନ ମୋ ହଜିଲା ରେ । ୧ ।
କହୁଁ ମୋତେ ସରଣି   ଆରେ ପ୍ରାଣ ମିତଣି
ନୋହିଲେ ଜୀବନ ବରଜିଲା ରେ । ୨ ।
ଦେଖି ବ୍ରଜେନ୍ଦ୍ର ମୁଖ   ଲାଗିଲା ରେ ଦୁଃଖ
ସ୍ମରାନଳରେ ତନୁ ଭାଜିଲାରେ । ୩ ।
ପଳାଇଲାଣି ମନ   ବେଣୁ ପ୍ରଭ ଶୋଭନ
ପୀୟୂଷ ବା ରାଧିରେ ମଜ୍ଜିଲା ରେ । ୪ ।
ଶୁଣ ସଖି ଲଳିତା   ବୋଲୁ ଛାଡ଼ି ଦା ସୁତା
ସୁଖ ସୁବର୍ଣ୍ଣାବ୍ଜ ବାରିଜଲା ରେ । ୫ ।
ଏକାନ୍ତ ଶ୍ରୀ ଲଳିତା   ଶ୍ରୀ ବୃଷଭାନୁ ସୁତା
ଗୋପାଳ କୃଷ୍ଣ ରହି ଦେଖିଲା ରେ । ୬ ।

ପ୍ରାର୍ଥନା

[ଭକ୍ତକବି ଜୟଦେବ ଗୋସ୍ୱାମୀ ତାଙ୍କ ଗୀତଗୋବିନ୍ଦ କାବ୍ୟରେ ଯେଉଁ ଦଶ ଅବତାରର ବର୍ଣ୍ଣନା କରିଛନ୍ତି ତା ଭିତରେ 'ଶ୍ରୀକୃଷ୍ଣ'ଙ୍କୁ ଗଣାଯାଇନାହିଁ । ମାତ୍ର ଶ୍ରୀକୃଷ୍ଣ କରୁଣାମୃତ' ରେ କୃଷ୍ଣଚନ୍ଦ୍ର କୃଷ୍ଣଙ୍କର ଏକ ଅବତାର ବୋଲି ବର୍ଣ୍ଣନା କରାଯାଇଛି ଏବଂ ଏହି ଗ୍ରନ୍ଥରେ କଳିଯୁଗରେ ନାମ ପ୍ରଚାର କରିବା ପାଇଁ ଜନ୍ମ ଗ୍ରହଣ କରିଥିବା ଶଚୀନନ୍ଦନ 'ଗୌରାଙ୍ଗ' କୃଷ୍ଣଙ୍କର ଏକ ଅବତାର ବୋଲି କୁହାଯାଇଛି]

ଶ୍ଳୋକ-ସତ୍ୟେ ଦୈତ୍ୟକୁଳାଧି ନାଥମଥନେ ସୂର୍ଯ୍ୟେନ୍ଦୁ ଭୂଃ କେଶରୀ
ତ୍ରେତାୟାଂ ଦଶ କଣ୍ଠ କଣ୍ଠ ହରଣେ ରାମାଭି ରାମାକୃତଃ ।
ଗୋପାଳାନ ପଶୁ ପାଳୟନ୍ ବ୍ରଜ କୁଳେଭ୍ରାଜରେ ଦ୍ୱାପରେ
ଗୌରାଙ୍ଗଃ ପ୍ରିୟ କୀର୍ତ୍ତନଃ କଳିଯୁଗେ କୃଷ୍ଣଃ ଶଚୀନନ୍ଦନଃ ।

ରାଗ ମାୟା ମାଲବ ଗୌଡ଼ା – ଆଠତାଳ

ପରମେଶ୍ୱର ଶ୍ରୀକୃଷ୍ଣ ବ୍ରଜେନ୍ଦ୍ର କୁମାର ହେ
ଯୁଗାନୁସାରରେ କରୁଛନ୍ତି ଅବତାର ହେ ।ପଦ।
ଶ୍ରୀ ବଳରାମ ଶ୍ରୀ ନାରାୟଣ ଯା ବିଳାସ ହେ ।
ଶ୍ରୀ ନୃହରି ବାମନ ରଘୁବର ।
କେ କେତେ କଳାରେ ହେଲେ ପ୍ରଚୁର
ଅଂଶ ଲେସନ୍ତି ଆନ ଅବତାର ।
ସର୍ବୋତ୍ତଂସ ଶ୍ରୀ ରାଧା ପ୍ରାଣସାର ।୧
କୃତଯୁଗରେ କୋଟି ଦ୍ୟୁମଣି ଚନ୍ଦ୍ର ଦ୍ୟୁତି ହେ
ଧରି ହେଲେ ଅଦ୍ୱିତୀୟ ନୃକେଶରୀ ମୂର୍ତ୍ତି ହେ
ସୁପର୍ବଣଙ୍କ ଦୁଃଖ ନିବାରଣ । କରିବାକୁ ହୋଇ ଅତି ଭୀଷଣ
ପୁଣ୍ୟଜନ କୁଳ ଚଣ୍ଡ ବର୍ଦ୍ଧୀର । ପ୍ରାଣନେଲେ ନଖେ ଚିରି ଶରୀର ।୨
ତ୍ରେତାଯୁଗେ ଅଭିରାମ ରୂପ ଧରି ହେ
ଦଶରଥ ପୁଣ୍ୟ ପୁଞ୍ଜ ଅରଣ୍ୟେ ବିହରି ହେ ।
ଧରାଭରା ଦଶ ଶିର ସଗୋଷ୍ଠ । ସହନାଶି କଲେ ଲୋକେ ପ୍ରଚଣ୍ଡ
ସୁର ପୁରକୁ ସ୍ୱଦାସ ନିକର । ଫେରି ନେଇକଲେ ଦେବ ଶରୀର ।୩
ଦେବକୀ ସୁତ ରୂପରେ ହୋଇ ଆବିର୍ଭାବ ହେ
ଦ୍ୱାପରେ ଗୋପ ପୁରରେ ପାଳି ଗୋପ ଗାବ ହେ
ପୂର୍ଣ୍ଣ ପୁରୁଷୋତ୍ତମ ରୂପେ ପ୍ରକାଶ । ହୋଇ ପିଷ୍ଟୁପ ଦୁଷ୍ଟ ନାଶ
ମଥୁରା ଦ୍ୱାରକାରେ ବିହାର । ଦ୍ୱିସପ୍ତ ଲୋକେ ହୋଇଛନ୍ତି ପ୍ରଚୁର ।୪
ପୁରୁଷୋତ୍ତମ ରାଧା ପ୍ରାଣନାଥ କୃପାସିନ୍ଧୁ ହେ
ବ୍ରଜ ଯୁବତୀ ନିରଭସନ୍ଧି ପ୍ରେମବନ୍ଧୁ ହେ
ସ୍ୱ-ପ୍ରେମ ଦେବାକୁ କଳିଯୁଗରେ । ସଙ୍କୀର୍ତ୍ତନ ପ୍ରିୟ ଶଚୀ ଗର୍ଭରେ
ଜନ୍ମିଲେ ଶ୍ରୀ-* ପ୍ରତାପରୁଦ୍ରଙ୍କର । ଜୀବନର ପ୍ରଭୁ ଗୌରସୁନ୍ଦର ।୫

---

* ଓଡ଼ିଶାରେ ଗଙ୍ଗବଂଶୀୟ ରାଜାମାନେ ରାଜ୍ୟ ଶାସନ କରୁଥିବା ବେଳେ ସେମାନଙ୍କ ଦ୍ୱାରା ବହୁ ମଠବାଡ଼ୀ ଓ ଦେବ ମନ୍ଦିରମାନ ନିର୍ମାଣ କରା ଯାଇଥିଲା । ଏହି ଗଙ୍ଗବଂଶର ରାଜା ବୀର ଶ୍ରୀ

(ପର ପୃଷ୍ଠାରେ ଦେଖନ୍ତୁ)

ଶ୍ଳୋକ---ଅଭିନବନବ ଣିତସ୍ନିଗ୍‌ଧ ମାପୀତ ଦୁଗ୍‌ଧ
ଦଧିକଣପରିଦିଗ୍ଧଂ ମୁଗ୍‌ଧ ମଙ୍ଗମ୍‌ ମୁରାରେଃ
ଦିଶତୁ ଭୁବନ କୃଚ୍ଛ୍ର ଚ୍ଛେଦିତା ପିଞ୍ଛଗୁଚ୍ଛ-
ଚ୍ଛବିନବ ଶିଖି ପିଞ୍ଛାଲଙ୍କୃତଂ ବାଞ୍ଛିତନଃ ।

—*—

ରାଗ ଧନାଶ୍ରୀ—ଆଡ଼ତାଳି

(ଗୋଷ୍ଠଚନ୍ଦ୍ରମାଙ୍କୁ ଆସ ବେଳିର ଦଣ୍ଡ—ବୃତ୍ତେ)

ମଧୁର ମଧୁରୂପ ବପୁ ଦିଅନ୍ତୁ ମନୋରଥ ଫଳହେ
ନୂତନ ନବନୀତ ସମ ଚିକ୍‌ଣ ସୁସ୍ନାପିତତ ତମାଳ ସ୍ତବକ । ୧
ରଞ୍ଜିତ ଈଷିତ ପୀତ ପୟୋଧି ଶୀକର କୁଳ ହେ ।
ମତ୍ତ ଶିଖାବଳ ଚନ୍ଦ୍ରକ ଚିହ୍ନିତ ମଂଜୁଳ ମନ୍ଦ ସ୍ପନ୍ଦ ଅଳକଚୂଳ । ୨
ସମସ୍ତ ପିଷ୍ଟପ ଜନ ନିକର କଷ୍ଟ ଖଣ୍ଡନଶୀଳ ହେ
ଶ୍ରୀ ପ୍ରତାପରୁଦ୍ର ଭୂପବୃନ୍ଦ ଚନ୍ଦ୍ର ଭାବଲେ ଏ ସ୍ୱରୂପହୋଇ ନିଷ୍ଠଳ ।୩

—*—

ପ୍ରତାପରୁଦ୍ର ଗଜପତି ନାରାୟଣଦେବ ଏକଦା ପାରଳାଖେମୁଣ୍ଡି ରାଜ୍ୟର ଶାସକ ଥିଲେ । ଏହିରାଜା ଯେଭଳି ସୁଶାସକ ସେହିଭଳି ଭକ୍ତ ପରାୟଣ । ବିଶାଳ ପାରଳା ରାଜ୍ୟର ଅଧିପତି ହୋଇ ମଧ୍ୟ ରାଧା କୃଷ୍ଣଙ୍କ ଶରଣ ପଞ୍ଜରରେ ଆଶ୍ରୟ ନେଇ ପବିତ୍ର ଜୀବନ ଯାପନ କରୁଥିଲେ । ଧନ ଜୀବନାଦି ସମସ୍ତ ପ୍ରକାର ବିଭବକୁ ନଗଣ୍ୟ ମନେ କରି 'ରାଜଭକ୍ତ' ମହାରାଜା ସାଧୁ ସନ୍ଥ ସେବାରେ ସବୁବେଳେ ମଜ୍ଜି ରହୁଥିଲେ ଏବଂ ଭକ୍ତ କବି ଗୋପାଳ କୃଷ୍ଣଙ୍କୁ ରାଜ ସଭାରେ ବିଶିଷ୍ଟ ଆସନ ଦେଇଥିଲେ । ଗୁଣଗ୍ରାହୀ ମହାରାଜାଙ୍କ ଅଶେଷ ଗୁଣରେ ପ୍ରୀତ ହୋଇ ରାଜ ଭକ୍ତ ଗୋପାଳକୃଷ୍ଣ ଶ୍ରୀ ଶ୍ରୀକୃଷ୍ଣ କର୍ଣାମୃତରୁ ୧୭ଟି ଶ୍ଳୋକ ଉଦ୍ଧାର କରି ସତର ଗୋଟି କବିତା ରଚନା କଲାପରେ ସେ ସବୁକୁ ମହାରାଜାଙ୍କ ନାମରେ ଭଣିତା କରିଥିଲେ ।

—'ସଂକଳକ'

ଯାଂ ଦୃଷ୍ଟ୍ୱା ଯମୁନାଂ ପିପାସୁର ନିଶଂ ବ୍ୟୂହୋ ଗବାଂ ଗାହତେ
ବିଦ୍ୟୁତ୍ୱାନିତି ନୀଳକଣ୍ଠ ନିବହୋ ଯା ଦ୍ରଷ୍ଟୁମୁତ୍କଣ୍ଠତେ
ଉତ୍ତଂସାୟ ତମାଳପଲ୍ଲବମିତି ଛିନ୍ଦନ୍ତି ଯା ଗୋପିକାଃ
କାନ୍ତିଃ କାଳିୟ ଶାସନସ୍ୟ ବପୁଷଃ ସା ପାବନୀ ପାତୁ ନଃ ।

ରାଗ ନଳିନୀଗୌଡ଼ା—ଆଠତାଳି

(ନଳିନ ବକ୍ତ୍ରମୁଖ ନାଥ ହେ—ବୃତ୍ତେ)

କାଳୀୟ ମର୍ଦ୍ଦନ ଶଙ୍କର ।
କାନ୍ତ ଯହିଁ ନୁହେଁ ଭ୍ରାନ୍ତ କାହାର । ପଦ

ସୁରଭି ନିକର କୁମାରୀ ସୂର୍ଯ୍ୟର
କୋଳ ଧାଉଁଛନ୍ତି ହୋଇ ତୃଷାତୁର । ୧ ।
ବରହି ନିବହ ମଣିବାର ବାହ
ଉତ୍ସୁକିତ ହେଉଛନ୍ତି ନିରନ୍ତର । ୨ ।
ବଲ୍ଲବୀ ତମାଳ ଶ୍ୟାମଳ ତରୁଁ ଦଳ
ଉତ୍ତଂସାର୍ଥରେ ତୋଳିବାକୁ ଚତୁର । ୩ ।
ଆମ୍ଭଙ୍କୁ ରକ୍ଷା କରନ୍ତୁ ପୂର୍ବୋକ୍ତ
ଶ୍ରୀ ପ୍ରତାପ ରୁଦ୍ର ଭଣିଲେ ଏ ଗିର । ୪ ।

—*—

ଶ୍ଳୋକ—ଦେବଃ ପାୟାତ୍ପୟସି ବିମଲେ ଯାମୁନେ ମଜ୍ଜତୀନାଂ
ଯାଚନ୍ତୀ ନାମନୁନୟ ପଦୈର୍ବଂଶତାନ୍ୟଂ ଶୁକାନି
ଲଜ୍ଜ୍ୟାଲୋଲୈ ରଳସବଳଦୈର୍ନୁନ୍ନ ଯୁଗ୍ମକାଙ୍କ୍ଷୈ
ର୍ଗୋପସ୍ତ୍ରୀଣାଂ ନୟନ କୁସୁମୈରର୍ଚ୍ଚିତଃ କେଶବୋ ନଃ ।

ରାଗ ଭୈରବୀ—ଆଦତାଳ

କେଶବ ଦେବ ଗୁଆଳୀଗଣ ସଙ୍ଗରେ । ବହୁରଣ ସୁର
ସୁତାଙ୍ଗରେ । ସିକ୍ତ ରସରେ ରକ୍ତପୀତବସନ ହୋଇ ।
ମାଗନ୍ତି ବାଳା ଚେଳ ସ୍ତ୍ରୀରେ ।

ଅଳପ ବଳସିତ ସୁମନ ଶରେ ଇଷିତ । କୁଞ୍ଚିତ ନେସ ଇନ୍ଦୀବରେ । ହୋଇବାର ଅର୍ଚ୍ଚିତ । ଶ୍ରୀ ବ୍ରଜରାଜ ସୁତ । ସରସ ବନସ୍ଥ ସାରଙ୍ଗରେ । ୨ ।

ବୀର ଶ୍ରୀଗଜପତି ପ୍ରତାପରୁଦ୍ର ଚନ୍ଦ୍ର । ସେ ଖେଳା ସମ୍ପତ୍ତି ଶତ୍ରରେ । ଭଣିଲେ ହରଷରେ । ଆମ୍ଭଙ୍କୁ ପଦାବ୍ଜରେ । ରଖନ୍ତୁ ସେ ଶ୍ରୀହରି ଦାସରେ । ୩ ।

ଶ୍ଳୋକ—ମାତର୍ନାରଃ ପର ମନୁଷତଂ ଯତ୍ର ଖଳାନାଂ ପୁରସ୍ତା-
ଦସ୍ତ୍ରାଶଂକଂ ଜଠର ପିଠର ପର୍ତ୍ତିଯେ ନର୍ତ୍ତିତାସି
ତଷନ୍ତ୍ୟଂ ସହଜ ସରଳେ ବସ୍ତ୍ରଲେ ବାଣିଲୁର୍ଯାଂ
ପ୍ରାପ୍ତୁଶ୍ଚିତଂ ଗୁଣଗୁଣନସ୍ୟା ଗୋପବେଶସ୍ୟ ଶମ୍ଭୋଃ ।

ରାଗ କାମୋଦୀ—ଆଦତାଳ

(ଘେନାଇ ଅମ୍ଭେ ଯେତେ କହିଲୁ—ବୃତ୍ତେ)

ଜାଣି ଜନନୀ ଶୁଣି ଜଣାଣ ହେ
ଦୋଷ ସହ ହୋଇ ସକରୁଣ ହେ ।
କୁକ୍ଷି ଭଜନ ପୂରଣାର୍ଥେ ଦୁର୍ଜ୍ଜନ ଅଗ୍ରେ
ନଚାଇଲ କର ମତ୍ତ ପଣ ହେ । ୧ ।

କଲ ଭ୍ରମର ପଦ କମଳେ ହେ
ଦ୍ରୋହ ନାଶିବେ କୃପା ବସ୍ତ୍ରକେ ହେ
ଧୃତ ବିରଜ ବେଶ ଶ୍ରୀକୃଷ୍ଣ ଗୁଣ ଯଶ
କର କୀର୍ତ୍ତନ ରୂପ ସ୍ମରଣ ହେ । ୨ ।

ବୀରାଧିବୀର ଶ୍ରୀ ପ୍ରତାପରୁଦ୍ର
ଗଙ୍ଗ ବଂଶ କ୍ଷୀର ସମୁଦ୍ର ଚନ୍ଦ୍ର,
ଭଣିଲେ ଶ୍ରୀ ଗୋପାଳ ସ୍ୱାମୀ ପଦାବ୍ଜରେ
ସ-ଦାର-ପୁତ୍ର ହୋଇ ଶରଣ ହେ । ୩ ।

—*—

ଶ୍ଳୋକ—ଅଙ୍ଗୁଲ୍ୟଗ୍ରୈରରୁଣକିରଣୈର୍ମୁକ୍ତ ସଂରୁଦ୍ଧ ରନ୍ଧ୍ରଂ
ବାରଂବାରଂ ବଦନ ମରୁତା ବେଣୁ ମାପୂରୟନ୍ତଂ,
ବ୍ୟତ୍ୟସ୍ତାଂଘ୍ରିଂ ବିକଚ କମଲଚ୍ଛାୟା ବିସ୍ତାର ନେତ୍ରଂ
ବନ୍ଦେ ବୃନ୍ଦାବନ ସୁଚରିତଂ ନନ୍ଦ ଗୋପାଳ ସୂନୁଂ ।

ରାଗ କାମୋଦୀ—ମିଶ୍ରଚ୍ଛପତାଳ

ନନ୍ଦସୁତ ସୁନ୍ଦର—ପୁରନ୍ଦରଙ୍କୁ ।
ବନ୍ଦନା କରୁଛି ସଚ୍ଚିଦାନନ୍ଦଙ୍କୁ । ପଦ ।
ଅରୁଣାଙ୍ଗୁଳି ଅଗ୍ର । ବେଣୁ ରନ୍ଧ୍ରରେ ବ୍ୟଗ୍ର
ନଚୁଇ ଫୁଙ୍କିବାର ଥର ଥରକୁ । ୧ ।
ଛନ୍ଦା ଚରଣ ଦ୍ୱନ୍ଦ । ବିକଚ ଅରବିନ୍ଦ
ନେତ୍ର ଚୁମ୍ବୁଛି ଯାର ଶ୍ରୁତି-ସୀମାକୁ । ୨ ।
ହୋଇଛି ସୁଚରିତ ବୃନ୍ଦାବନରେ ଜାତ
ଯା ଶୋଭା ଜିଣି ଘଉଡ଼ୁଛି କାମକୁ । ୩ ।
ଭଣିଲେ ଶ୍ରୀ ପ୍ରତାପ-ରୁଦ୍ର ଦେବ ସେ ରୂପ
ଭାବ ଧାମ ଭକତୁ ପାଶ ହେବାକୁ । ୪ ।

—*—

ଶ୍ଳୋକଃ—ମନ୍ଦଂ ମନ୍ଦଂ ମଧୁରନିନଦୈର୍ବେଣୁମାପୂରୟନ୍ତଂ
ବୃନ୍ଦଂ ବୃନ୍ଦାବନଭୁବି ଗବାଂ ଚାରୟନ୍ତଂ ଚରନ୍ତଂ
ଛନ୍ଦୋଭାଗେ ଶତମଖମୁଖଧ୍ୱଂସିନାଂ ଦାନବାନାଂ
ହନ୍ତାରନ୍ତଂ କଥୟ ରସନେ ଗୋପକନ୍ୟା ଭୁଜଙ୍ଗଂ ।

ରାଗ ଆନନ୍ଦ ଭୈରବୀ—ଆଦତାଳ

(ମୋତେ ଲଗାନାରେ ବ୍ରଜବଧୂ ଲଟ—ବୃତ୍ତେ)

କର କୀର୍ତ୍ତନରେ ରସନା ସନ୍ତତ
ବ୍ରଜବଧୂ ଜାର କଥାମୃତ କର ପାନ । ୦ ।
ବଂଶୀରେ ମଧୁଆଳାପ । କରି ଅଳପ ଅଳପ
ବୃନ୍ଦାବନେ ଚଳି ଚରାଇ ବାର ଗୋଧନ । ୧ ।
ହବର୍ଗୀ ଯେ ସାଗର । ଇନ୍ଦ୍ରାଦି ଦେବତାଙ୍କର
ଧ୍ୱଂସକ ଦାନବ ନକୁରମ୍ବର ଶମନ । ୨ ।
ଶ୍ରୀ ପ୍ରତାପରୁଦ୍ର ଦେବ ନୃପ । କେଶରୀ ଦୁଷ୍ଟ ଦର୍ପ
ନାଶିଲେ ସେ ଶ୍ରୀକୃଷ୍ଣ ପଦାବ୍ଜେ କରିଧ୍ୟାନ । ୩ ।

ଶ୍ଳୋକଃ—ବେଣୀମୂଳେ ବିରଚିତ ଘନଶ୍ୟାମ ପିଞ୍ଛାବ ଚୂଡ଼ୋ
ବିଦ୍ୟୁଲ୍ଲେଖାବଳୟିତଇବ ସ୍ନିଗ୍ଧପୀତାମ୍ବରେଣ
ମମାଲିଙ୍ଗନ୍ନୁରକତମଣିସ୍ତମ୍ଭ ଗମ୍ଭୀର ବାହୁଃ
ସ୍ୱପ୍ନେ ଦୃଷ୍ଟସ୍ତରୁଣ ତୁଳସୀ ଭୂଷଣୋ ନୀଲମେଘଃ ।

ରାଗ ଝଂକୋଟୀ—ଆଦତାଳ

(ବାହୁନ ବାହୁନରେ—ବୃତ୍ତେ)

ସ୍ୱପନେ ବିଲୋକିଲି ରେ । ନୀଳ ନୀରଦ ମୂରତି
ବେଣୀମୂଳେ ଚୂଡ଼ାଞ୍ଚଳେ । ବରହି ବରହତତି । ୧ ।
ବୀତ ତଡ଼ିତ ବ୍ରତତି । ସ୍ୱଚ୍ଛ ପୀତବାସ ଦ୍ୟୁତି ।
ଶ୍ରୀରାଧା ଲଙ୍ଗିତ ଭୁଜ । ମରକତ ସ୍ତମ୍ଭାକୃତି । ୨ ।
ଭୂଷିତାସିତ ତୁଳସୀ । ଅଳ ସହ ବୈଜୟନ୍ତୀ
ଶ୍ରୀପ୍ରତାପରୁଦ୍ର ଦେବ । ଶରତ୍ତେ ହବାନଶି ଚିନ୍ତି । ୩ ।

ଶ୍ଳୋକଃ—କୃଷ୍ଣେଣ ହୃତ୍ୱା ସିଚୟ୍ୟ ନଚସ୍ୱଂ କୂଳ କୁଞ୍ଜାଧିରୂଢେ
ମୁଗ୍ଧା କାଚନ୍ମୁହୁରନୁନୟୈଃ କନ୍ଧ ତଦ୍ୟାହରନ୍ତୀ
ସଭ୍ରୂଭଙ୍ଗ ସଦରହସିତଂ ସକମ୍ପଂ ସାନୁରାଗ
ଗ୍ଲପ୍ୟାଶୌରେଃ କରତଳଗତାମ୍ବିଣ୍ୟାଚ କର୍ତ୍ତ ।

ରାଗ ବେଗଡ଼ା—ତ୍ରିପୁଟା ତାଳ

(ତାଳେର ତାଳଲୁ ନାହିଁ—ବୃତ୍ତେ)

ମାଘାରୂଢ଼ ବ୍ରଜଶଶି । କରୁ ବାସକେ ଆକର୍ଷି
ମନ୍ଦ ମନ୍ଦ ହସି ହସି । ଲଜେ ମଜ୍ଜିବ ବୟସୀ । ୧ ।
କୁଂଚିତ କର ଭ୍ରୂଲତା । ପୁଣ ପୁଣ ହୋଇ ବନତା
ସଙ୍ଗରେ ମାଗିବାର । ହୃଦେ କୁନ୍ତଳ ବନ୍ୟାସି । ୨ ।
ଶ୍ରୀ ପ୍ରତାପରୁଦ୍ର ଦେବ । ଭାବସ୍ରାନ୍ତରେ ଏଭାବ
ପ୍ରେମ-ସୁଧାବ୍ଧି ମଧ୍ୟରେ । ମଜ୍ଜିଲେ ଦିବସ ନିଶି । ୩ ।

—*—

ଶ୍ଳୋକଃ—ଅପିଜନୁଷି ପରସ୍ମିନ୍ନସ୍ତଂ ପୁଣ୍ୟାଭବେସ୍ତଂ
ତଟଭୁବ ଯମୁନାୟା ସ୍ତାଦୃଶୋ ବଂଶନାଳଃ
ଅନୁଭବତ ଯଏଷ ଶ୍ରୀମଦାଭୀର ସୂନୋ
ରଧରମଣି-ସମୀପନ୍ୟାସ ଧନ୍ୟାମବସ୍ଥାଂ ।

ରାଗ କାମୋଦୀ—ତାଳ ରୂପକ

କେଉଁ ବ୍ରଜ କୁଳାଙ୍ଗନା ମନେ
ମନେ ଭାଳେ ବସି ରହି ନଟବେଶନେ । ପଦ ।
ବଂଶୀର ପୂର୍ବ ଜନ୍ମରେ । କ ପୁଣ୍ୟ ଶ୍ରୀକୃଷ୍ଣାଧରେ
ବସି ସୁଧାପାନ କରେ । ଯମୁନା ତୀରବନରେ । ୧ ।
ଧନ୍ୟ ବେଣୁ ନାଳର ସୁଦଶା
ଆହା ମୁଁ ହୁଅନ୍ତି ପୂର୍ଣ୍ଣ ହୋନ୍ତା ଆଶା
ମଣିସେ ଗୁଆଳଙ୍କର । ହରପ୍ରେମ ଚମତ୍କାର
ଭଣିଲେ ପ୍ରତାପରୁଦ୍ର । ଗଜପତି ନରେଶ୍ୱର । ୨ ।

ଶ୍ଳୋକଃ—ଅସ୍ମି ପରିଚନୁ ଚେତଃ ପ୍ରାତରମ୍ଭୋଜ ନେତ୍ରଂ
କବର କଳତ ଚଞ୍ଚଚନ୍ଦ୍ରିକା ଛଦା ମାଭିରାମଂ
ବଲଭିଦୁ ପଲମାଳଂ ବଲ୍ଲବୀ ଭାଗଧେୟଂ
ନିଖିଳ ନିଗମ ବଲ୍ଲୀ ମୂଳକନ୍ଦଂ ମୁକୁନ୍ଦଂ ।

ରାଗ ଧନାଶ୍ରୀ—ଆଦତାଳ

(ବୃନ୍ଦାରେ ନିକୁଞ୍ଜ ଶେଯକୁ—ବୃତ୍ତେ)

ଚିନ୍ତରେ ସ୍ୱାନ୍ତ ନିରନ୍ତର
ଜଗଦାନନ୍ଦ ମୁକୁନ୍ଦ ସୁନ୍ଦର ଶରୀର । ପଦ ।

ଏହିଟି ସମସ୍ତ ଛନ୍ଦ ବ୍ରହ୍ମାଣ୍ଡର ମୂଳକନ୍ଦ
ମହେନ୍ଦ୍ର ମଣି ନିନ୍ଦି ମୂର୍ତ୍ତି ରୂପୋଦ୍ଧିତ ସାର । ୧ ।

ବାଦର ମୁଖ ନଳନ ପ୍ରସନ୍ନ ଛଣି ନୟନ
ସ୍ପନ୍ଦନ ନନ୍ଦ ଶିଖଣ୍ଡ ମଣ୍ଡନ କବର । ୨

କଲ୍ପସୀ ନିକୁରୁମ୍ବର ଭାଗ୍ୟ ସୁକୃତ ପୁଞ୍ଜର
ଶ୍ରୀ ପ୍ରତାପ ରୁଦ୍ରଙ୍କର ପ୍ରାଣର ଈଶ୍ୱର । ୩

—*—

ଶ୍ଳୋକ—ଅସ୍ୟ ମୁରଲି ମୁକୁନ୍ଦ ସ୍ମେର ବକ୍ତ୍ର ରବିନ୍ଦ
ଶ୍ୱସନ ମଧୁର ସଙ୍ଗେ ତ୍ୱାଂ ପ୍ରଣମ୍ୟାଦ୍ୟ ଯାଚେ
ଅଧର ମଣି ସମୀପଂ ପ୍ରାପ୍ତବତ୍ୟାଂ ଭବତ୍ୟାଂ
କଥୟ ରହସି କର୍ଣ୍ଣେ ମଦ୍ଦଶାଂ ନନ୍ଦସୂନୋଃ ।

ରାଗ ନାଦ ନାମକ୍ରୀୟା—ତାଳଝମ୍ପା

(ଧୀର ସମୀରେ ବସି ଡାକୁଛି ତୋ ନାବରେ—ବୃତ୍ତେ)

କର ଜୁହାର ମାଗୁଛି ମୁଁ ବଂଶୀ ତୋତେ
ହରି କର୍ଣ୍ଣେ କହ ମୋ ଦଶା ଇତରତେ । ପଦ ।

କୃଷ୍ଣ ମୁଖାର ବନ୍ଦ ସମୀର ମକରନ୍ଦ
ରସିକା ତୁ ଅନୁଗ୍ରହ କର ମୋତେ । ୧

ଅଧରାରୁଣ ମଣି ସଦନର ଗୃହିଣୀ
ପଦାବ୍ଜର ଦୁଃଖ ଜଣା ଯେତେ । ୨

ତ୍ରୈଲୋକ୍ୟ ନିରୁପମ ବ୍ରଜ ବନିତା ପ୍ରେମ
ଚିନ୍ତିଲେ ଶ୍ରୀ ପ୍ରତାପରୁଦ୍ର ସନ୍ତତେ । ୩

—*—

ଶ୍ଳୋକଃ—ଅଧର ବିମ୍ବ ବିଡ଼ମ୍ବିତ ବିଦ୍ରୁମଂ
ମଧୁର ବେଣୁ ନିନାଦ ବିନୋଦନଂ
କମଲ କୋମଳ କମ୍ରମୁଖା ମ୍ବୁଜଂ
କମପି ଗୋପ କୁମାର ମୁପାଶ୍ରୟେ ।

ରାଗ କଲ୍ୟାଣୀ—ମିଶ୍ର ଝୂପତାଳ

(ଭଜ କରଜ ରାଜ ରେ—ବୃତ୍ତେ)

ସେବୁଛି କେ ସେହି ସେ । ଗୋପକୁମାର
ମୂର୍ତ୍ତିଙ୍କି ନିଶି ଦିବସେ । ପଦ ।
ବିମ୍ବ ବିଦ୍ରୁମ ଚୁର । ଥାଉଯା ଅଧର
ଶୁଚି ଦ୍ରୁମରେ ରାଗ କୁସୁମ ପରି ଦିଶେ । ୧
ମଧୁର ବଂଶୀସ୍ୱର । ନବରସିକ
ବର କିଶୋର ଶେଖର ମୃଦୁଳ ସରୋଜର
ଶଶାଙ୍କନ୍ତୁ ସୁନ୍ଦର ।
ବଦନ ଶ୍ରୀ ପ୍ରତାପରୁଦ୍ର ଚିନ୍ତେ ମାନସେ । ୨

—*—

ଶ୍ଳୋକଃ—ସାକାପି ସର୍ବଜଗତା ମଭିରାମ ସୀମା
କାମାୟନୋ ଭବତୁ ଗୋପ କିଶୋର ମୂର୍ତ୍ତିଃ
ଯା ଶେଖରେ ଶ୍ରୁତିଗିରାଂ ହୃଦି ଯୋଗଭାଜାଂ
ପାଦମ୍ବୁଜେ ଚ-ସୁଲଭା ବ୍ରଜ ସୁନ୍ଦରୀଣାଂ ।

ରାଗ ମୁଖାରୀ—ମିଶ୍ର ଝୂପତାଳ

(ଜଣା ଗଲାନି, ଝୁଲି ଝୁହାଣି—ବୃତ୍ତେ)

ବ୍ରଜ କିଶୋର । କେସେହି ହେଜ । ପଦ ।
ସର୍ବ ଲୋକର ସେବାରେ ସାର
ଯା ମୂର୍ତ୍ତି ବେଦାନ୍ତ ଶିରେ ଅଗୋଚର । ୧
ବ୍ରହ୍ମ ନୈଷ୍ଠିକ ଯୋଗିମାନଂକ
ହୃଦରେ ଦୁର୍ଲ୍ଲଭ ସ୍ଫୂର୍ତ୍ତି ଲବଯାର । ୨

ଗୋପ ପ୍ରମଦା ପଦାବ୍ରେଜ ସଦା
ସୁଲଭ ସେ ଶିଖି ଶିଖଣ୍ଡ ଶେଖର । ୩
କରନ୍ତୁ ସ୍ଫୂର୍ତ୍ତି ଅଭୀଷ୍ଟ ପୂର୍ତ୍ତି
ସେ ଅଚ୍ଛିଦ୍ର ବ୍ରହ୍ମ ବିଗ୍ରହ ଆମ୍ଭର । ୪
ପ୍ରତାପରୁଦ୍ର ଦେବ ନରେନ୍ଦ୍ର
ସେବିଲେ ସେ ଗୋପୀ ଗୋବିନ୍ଦ । ୫

ଶ୍ଳୋକଃ—ବଦନେ ନବନୀତ ଗନ୍ଧବାହଂ
ବଚନେ ତସ୍କର ଚାତୁରୀ ଧୁରୀଣଂ
ନୟନେ କୁହନାଶ୍ରୁ ମାଶ୍ରୟେଥା
ଶ୍ଚରଣେ କୋମଳ ତାଣ୍ଡବଂ କୁମାରଂ ।

ରାଗ ମୋହନା—ରୂପକ ତାଳ

(ମାନ ମୁଁ କରଥିଲି—ବୃତ୍ତେ)

ମାନସ ଶର ଗୋପାଳଙ୍କୁ । ନୃତ୍ୟ କୁଶଳ । କମଳ କୋମଳ
ଶ୍ରୀଚରଣ ଯୁଗଳଙ୍କୁ । ମାନସ । ୧
ଆସ୍ୟ ନବନୀତ । ମାନସ । ବାସ ସ୍ୱପନ । କପଟ ରୋଦନ ।
କରରେ ନେଇ ପିଣ୍ଡିତ । ୨
ଚାତୁରୀ ଚୌରର । ମାନସ । ବାଣୀ ଜାଣ ଭଣିଲେ ପ୍ରତାପ ରୁଦ୍ର
ଦେବ ନୃପବର । ୩

—*—

ଶ୍ଳୋକ—ଅମୁନାଖିଳ ଗୋପ ଗୋପନାର୍ଥଂ
ଯମୁନା ରୋଧସି ନନ୍ଦ ନନ୍ଦନେନ
ଜମୁନା ବନ ସମ୍ଭବଃ ପପେ ଜମୁନା—
ସୌ ଶରଣାର୍ଥିନାଂ ଶରଣ୍ୟଃ ।

ରାଗ ଭୈରବୀ—ଆଦିତାଳ

(କୁଂଜ ଗଂଜନ ମୁଖୀ ଖଂଜନ ନେତ୍ରାନ୍ତରେ—ବୃତ୍ତେ)

ଏନଂଦ ସୂନୁ ଖାନ୍ତି ନ କରିବେକ । ବିଷାଦ କାହିଁକି ହେ ?
ଛୁଆଇଁ ଚରଣ । ମୋକ୍ଷ କରି ଦେଲେ
କୃଷ୍ଣ ଯୁଗଳକୁ ମାନସେ ନାହିଁ କି ? ପଦ
ଯେ ଯମୁନା ତୀରେ ପଶୁପ ସୁତଙ୍କୁ । ଦାବାଗ୍ନି ଭୟରୁ ହେ
ବୁଜିଟି ନୟନ ବୋଲି କଲେ ପାନ
ବନ ପରି ଆହା ! ବହ୍ନି କି ଦୂରରୁ । ୧
ଶରଣାର୍ଥୀ ଭକ୍ତ । ଶରଣ୍ୟ ଏ ଖ୍ୟାତି । ଅଜାଣ୍ଡ କୋଟିରେ ହେ
ମଣି ଶ୍ରୀପ୍ରତାପ-ରୁଦ୍ର ଦେବଭୂପ ।
ଭଣିଲେ ସେ ମୂର୍ତ୍ତି ଭାବ ହୃଦୟ ରେ । ୨

—*—

ଶ୍ଳୋକଃ—ଜଗଦା ଧରଣୀସୁ ଜାର ଭାବଂ
ଜଳ ଜା ପତ୍ୟ କରେଷୁ ବିଘ୍ନର ଗମ୍ୟଂ
ତନୁତାଂ ତନୁତାଂ ଶିବେ ତରାଣୀଂ
ସ୍ମରନାଥୋପଳ ସୁନ୍ଦରଂ ମହୋନଃ ।

ରାଗଶ୍ରୀ—ରୂପକତାଳ

କୁଶ କରନ୍ତୁ ସେ କୃଷ୍ଣ ଶୁଭଶୁଭକୁ ଆମ୍ଭର ହେ । ପଦ ।
ଭୁବନ ଗୁରୁଙ୍କର ଆଦର । ଶ୍ରୀ ବ୍ରଜର ଜାରଭାବସାର
ବ୍ରହ୍ମାର ବ୍ରାହ୍ମୀ ଉତ୍ତର । ମୀମାଂସାରେ ସେ ଗୋଚର ହେ । ୧
ଶଙ୍ଖମଣି ମଦ ହରକାନ୍ତି । ମୂରତିକି ନିରବଧି ଚିନ୍ତି
ଭାବିଲେ ବୀର ପ୍ରତାପ-ରୁଦ୍ର ଦେବ ନୃପବର ହେ ।୨

ଶ୍ଳୋକଃ—ସଜଳ ଜଳଦନୀଳଂ ବଲ୍ଲବୀ କେଳି ଲୋଲଂ
ଶ୍ରିତସୁରତରୁମୂଳଂ ବିଦ୍ୟୁ ଦୁଲ୍ଲା ସିଚେଳଂ
ନତସୁର ମୁନିଜାଳଂ ସନ୍ମନୋବିମ୍ବଲୀଳଂ
ସୁର ରିପୁ କୁଳକାଳଂ ନୌମି ଗୋପାଳ ବାଳଂ ।

ରାଗ ପାନ୍ତବରାଡ଼ି—ତାଳ ରୂପକ

(ପଗ୍ଧର ଲତାକୁ ସନ୍ଦେଶ—ବୃନ୍ଦେ)

ଜୟ ହୃଷ୍ଟାର ଶ୍ରୀ ଗୋପାଳ ବାଳଙ୍କୁ । ସ୍ଫୀରି ତଡ଼ିତ ବୃନ୍ଦ
ମଦ ବିଡ଼ମ୍ବ ପୀତଚେଳଙ୍କୁ । ପଦ ।
ସଜଳ ସନ୍ନିଭ ଜଳଦମାଳ । ପଶୁପୀନିକର କେଳିଲୋଳ
ସ୍ମିତ ସୁମନସ ବିଟପିମୂଳ । କୌଣପ କୁଳ କାଳଙ୍କୁ ।୧
ନମ୍ର ସୁର ମୁନୀନ୍ଦ୍ର ଜାଳଙ୍କୁ । ସାଧୁ ନିକର ହୃଦୟ
ଆଦରଣ ସାକାର ଲୀଳଙ୍କୁ ।
ବ୍ରଜପୁର ଯୁବରାଜ ଶ୍ରୀଳ । ଅଖଣ୍ଡିନ ନବ ଶିଖଣ୍ଡ ଚୂଳ
ପ୍ରତାପରୁଦ୍ର ହୃଦୟ କମଳ । ଅଳିଧୃତ ବଂଶନାଳଙ୍କୁ ।୨

—*—

ଶ୍ରୀ ରାଧାକୃଷ୍ଣ ପ୍ରାତଃ ସ୍ମରଣୀ ମୃତ

ରାଗ—ନଳିନୀ ଗୌଡ଼ା

(ଗାନ କଳସା ବାଣୀ)

ନିଶି ଚତୁର୍ଥ ଯାମରେ ଶ୍ରୀ ନବଦ୍ୱୀପରେ
ଚେତି ଶଚୀସୁତ ବସି ପଲଙ୍କ ଉପରେ ।୧
ବୃନ୍ଦାବନରେ ଶ୍ରୀରାଧା କୃଷ୍ଣ ଉତ୍ଥାପନ
ଲୀଳାସ୍ମରି ପ୍ରେମାବ୍ଧିରେ ମଗ୍ନହେଲା ମନ ।୨
ଅଥାନନ୍ତରେ ଶ୍ରୀ ବ୍ରଜେ ରବିସୁତା ତୀରେ
ବୃନ୍ଦା ମିଳିଲେ ନିଭୃତ କୁଞ୍ଜ ଅଗଣାରେ ।୩

ବୃନ୍ଦା ଆଗମନ ହେଉଁ ଦ୍ୱିଜରାଜ ଧୀରେ
ଶବ୍ଦିଲେ ମଧୁର ଧ୍ୱନି ଲତା ବିଟପିରେ ।୪
ଦ୍ରାକ୍ଷାଲତାକୁ ଅଇଲେ ସାରିକା ନିକର
ମାରଜ ପର ମଣ୍ଡିଲେ ନିକୁଞ୍ଜ ଶିଖର ।୫

ରସାଳ ଶାଖାରେ ପିକ କରକରେ ଶୁକ
ପିଳୁରେ କପୋତ ଯମୁନାରେ ଚକ୍ରବାକ ।୬
ଅବନରେ କଲେ ତାମ୍ରଚୂଡ଼ ଆମ୍ରେଡ଼ିତ
ହଂସଜାରେ ରାଜହଂସ ବଂଶକଲେ ରୁତ ।୭

ଅନିଳ ବହିଲା ପଦ୍ମ ପରିମଳ ଘେନି
ଅଳି ଆଳି ମିଳିକଲେ କେଳିକୁଞ୍ଜେ ଧ୍ୱନି ।୮
କୁଞ୍ଜ ପୁରତର ଭୃଙ୍ଗ ତୂଳରୁ କଳାପି
ଭ୍ରମନ୍ତେ ଅଇଲେ କେକା ବାଣୀକି ପ୍ରଳାପି ।୯

ବ୍ରଜବଧୂଙ୍କର ସୁରଙ୍ଗ ନାମ କୁରଙ୍ଗ
ପ୍ରିୟା ସଙ୍ଗେ ହେଲା କୁଞ୍ଜ ଅଳିନ୍ଦରଲଗ ।୧୦
ଲଳିତା ଚମ୍ପକଲତା ଚିତ୍ରା ଇନ୍ଦୁଲେଖା
ତୁଙ୍ଗବିଦ୍ୟା ରଙ୍ଗଦେବୀ ସୁଦେବୀ ବିଶାଖା ।୧୧

ମଞ୍ଜରୀ ପ୍ରାନ୍ତ ରୂପ ରତି ଲବଙ୍ଗରସ
ଗୁଣବିଳାସ ହୋଇଲେ କୁଞ୍ଜ ଆସ ପାଶ ।୧୨
ଶ୍ୟାମଳା ବିମଳା ମଧୁମତୀ ଭଦ୍ରସାରୀ
ପାଳିଚନ୍ଦ୍ରମୁଖୀ ଆଦି ଯେତେ ଯୁଥେଶ୍ୱରୀ ।୧୩

ସର୍ବେ ମିଳି ନିକୁଞ୍ଜ ପଞ୍ଜର ଜଳ ପାଶେ
ଭିନ୍ନ ହୋଇ ରହି ବିଲୋକନ୍ତି ଅନିମିଷେ । ୧୪ ।
ବହୁଳ ବିହଗ ରାବ ଗହଳରୁ କୁଞ୍ଜେ
ଗହଳେ ଚେତିଲେ ରାଧାକୃଷ୍ଣ ଫୁଲ ସେଜେ । ୧୫ ।

ନାଚିଲ କେଳି ସାକ୍ଷୀ ପଞ୍ଜରୀ ଶୁକ ସାରୀ
ସର୍ବେ ଡାକନ୍ତି ସ୍ୱ ସ୍ୱପ୍ରଭୁଙ୍କ ନାମଧରି । ୧୬ ।
ଶୁକ ଭଣେ ଜୟ ଗୋକୁଳ-ମଙ୍ଗଳ କନ୍ଦ
ଜୟଶ୍ରୀ ବ୍ରଜ ଯୁବତୀ ଭୁଭଙ୍ଗୀ-ଅରବିନ୍ଦ । ୧୭ ।

ଜୟ ପ୍ରଣତପଦ-ବିବର୍ଦ୍ଧିତ-ନନ୍ଦାନନ୍ଦ
ଜୟ ଜୟ ଗୋବିନ୍ଦ ଅଚ୍ୟୁତ ଶତାନନ୍ଦ । ୧୮ ।
ତେଜ ନିଦ୍ରା ଶ୍ରୀ ପୌର୍ଣ୍ଣମାସୀଙ୍କି ସଙ୍ଗେ କରି
ଶୟନ ମନ୍ଦିରକୁ ନିଯାଇ ଗୋଷ୍ଠେଶ୍ୱରୀ । ୧୯ ।

ତଳ କୋଳରୁ ବିରତି କୁଳଜା ରାଧାଙ୍କୁ
ଦେଖି ପ୍ରାଚୀ ଦିଗ ବିହ୍ୱଳିଣି ଅରୁଣକୁ । ୨୦ ।
ହାସି ଧୀରେ ଡାକେ ଜୟ ଜୟ ଶ୍ରୀ ରାଧିକେ
ଜୟ ବୃଷଭାନୁ ସୁତେ ଜୟ ଗାନ୍ଧର୍ବିକେ । ୨୧ ।

ଜୟ ଜୟ ଶ୍ରୀବୃନ୍ଦାଟବୀ-ପଟ୍ଟାଭିଷେକେ
ଜୟ ରାସେଶ୍ୱରୀ ଜୟ ହରି ପ୍ରାଣାଧିକେ । ୨୨ ।
ଉଠ ଉଠ ନକର ଶ୍ରୀବୃଷଭାନୁ ଜେମା
ବିଲୋକ ଚରମାଚଳେ ସଂପୂର୍ଣ୍ଣ ଚନ୍ଦ୍ରମା । ୨୩ ।

ବିରଜ ବିରଜ ଯୁବରାଜଙ୍କୁ ଏଥର
ସଜହୁଅ ନିଜ ଶଯ୍ୟା ସଦ୍ମକୁ ସତ୍ୱର । ୨୪ ।
ଅଭିମନ୍ୟୁ ଧରି ଆସିବଣି କ୍ଷୀର ଭାର
ଜଟିଳା ଡାକିବେଟି ଆବୋରି ଗର୍ଭାଗାର । ୨୫ ।

ନିରଳସେ ବିନେ କରି ନସରୁ ରଜନୀ
ନିଳୟର ମଙ୍ଗଳ କୃତ୍ୟ କର ସ୍ୱାମିନି । ୨୬ ।
ସାସି ଶିର ମନ୍ଦିର ହୋଇଲା ନିପତନ
ଶ୍ରୀ ରାଧା ହୃଦ କ୍ଷୀରାବ୍ଧି ମଧ୍ୟରେ ବହନ । ୨୭ ।

ସୁମନସ ଶେଜୁ ତୋଳି ଶ୍ରୀରାଧାଙ୍କୁ ଧିରେ
ପହଞ୍ଚାଇଲେ ଶ୍ରୀ ବ୍ରଜ ବଧୂ ହୃଦୟରେ । ୨୮
ମାତମୂଳେ ଥିଲା କକ୍ଖଟୀ ନାମେ ମର୍କଟୀ
ଡାକିଲା ଜଟିଳା ଧରିଣ ଆଇଲେଟି ଯଷ୍ଟି । ୨୯

କାହ୍ନା ଅଙ୍ଗେ କାହ୍ନାବାସ ନୋହିଲା ଗୋଚର
ସୋଦେବ୍‌ରେ ନିକୁଞ୍ଜରୁ ହୋଇଲେ ବାହାର । ୩୦ ।
ଆସୁରାଧା ଆଳୀମେଳେ ଲଳିତା ପାଶକୁ
ହସି କରପ୍ରସାରି ସେ ନେଲେ ହୃଦୟକୁ । ୩୧ ।

ଲଲାମକ ପୁଷ୍ପ ସ୍ରକ ସୀମନ୍ତ ମଧ୍ୟରେ
ଦିଶେ ମଦନ-ଜୟ ଶ୍ରୀପତାକା ପରିରେ । ୩୨ ।
ଇଳାବୃତ-ଧରଣୀରେ ଇନ୍ଦ୍ରଗୋପ ପରି
ଗଣ୍ଡର ତାମ୍ବୁଲ ବୋଳ ଦିଶୁଛି ମାଧୁରୀ । ୩୩ ।

ମଧୁସୂଦନ କ୍ରୀଡ଼ାନ୍ତ ବନ୍ଧୁଳିର ଛବି
ବହୁଛି ଅଧର ରୁଚି କଲେ ଆଳୀ ଭାବି । ୩୪ ।
ସିଥିଳ ସିନ୍ଦୂର ବିନ୍ଦୁ ଦିଶୁଛି ଏମନ୍ତ
ଅନୁରାଗ-ଲକ୍ଷ୍ମୀ ହେଲା ପରାଏ ଉଦିତ । ୩୫ ।

କନକ ଖଣ୍ଡରୁ ଉଛୁଳିତ ଜଳଧାର
ସ୍ରବିଲା ପରି ଖସି ଲୋଟୁଛି ପୀତାମ୍ବର । ୩୬ ।
ତେବେଣେ ରହୁଁ କିଶୋର ଚନ୍ଦ୍ରମା ଲଲାଟକୁ
ବ୍ୟକ୍ତ ହୋଇ ସିନ୍ଦୂର ମୋହୁଛି ମନକୁ । ୩୭ ।

କଳାଉପୁରାଣ ଖସି ଯାଉଛି ଅଙ୍ଗରୁ
କାଳନ୍ଦୀ ପରାଏ କଳନ୍ଦ ମହୀଧରରୁ । ୩୮ ।
ପରସ୍ପରସୁଷମା ସକଳ ସଖୀ ହେଜ
ହେଲେ ହସା ହସି ସୁଖ ସୁଧାବ୍ଧିରେ ମଜ୍ଜି । ୩୯ ।

ଲଳିତାଙ୍କ କୋଳେ ରହି ଖାଉଁଦା କୁମାରୀ
ଡ଼ାଳ ଡ଼ୋଳା ନାଗର ମଧୁକା ଧୃଷ୍ଟ ହରି । ୪୦ ।
କରେ ଥାଉ ବଂଶୀ ମୋ ମୁରଲୀ କାହିଁ ବୋଲି
ଧଇଲେ ଅନଙ୍ଗ ମଂଜରୀଙ୍କ ଭୁଜବଲ୍ଲୀ । ୪୧

ରାଧା ସହ ବସିଲେ ବଦନେ ଦେଇ ବାସ
ତାଙ୍କେ କର୍ଖଣ୍ଟୀ ନରଷ୍ଟା ହେଲାଣି ପ୍ରବେଶ । ୪୨ !
ହେଳ କୃଷ୍ଣ ଚେତ ଅନଙ୍ଗ ମଞ୍ଜୁଷ୍ଟ ପାଣି
ଲଭେ କଶୋଷ୍ଟ ମଣିଙ୍କି ମାଗିଲେ ମେଲାଣି । ୪୩ ।

ଅପାଙ୍ଗରେ ଅଙ୍ଗୀକାର କରୁ ଗଲେ ଚଳ
ଦାସୀ ଚଳପରୁ ଛିନ୍ନ ହାର ମୋତି ତୋଳ ।୪୪
କାଞ୍ଚି କାଞ୍ଚୁଲି ନୂପୁର ପଟଦ୍ଗ୍ରନ୍ଥ ନ୍ୟସ୍ତ
ଧରି ସ୍ବାମମା ଗ୍ରହଣେ ଗଲେ ପରିଗ୍ରସ୍ତ । ୪୫

ଯେଷ୍ଟାଶଯ୍ୟା ନକେତନେ ପହୁଡ଼ିଲେ ଯାଇ
ସେ ଶ୍ବଶ୍ରୀଙ୍କ ପଦପଣନ୍ତରେ ପୋଛିଦେଇ ।୪୬
ଫାଲ୍ଗୁରାଇ ଯତନେ ପ୍ରିୟ ପୀତ ବସନ
ଗୋପାଳକୃଷ୍ଣ କରଇ ପଦସମ୍ବାହନ । ୪୭

—*—

ଶ୍ରୀକୃଷ୍ଣଙ୍କ କୈଶୋରାବସ୍ଥା

ରାଗ ଝିଂଝୋଟି—ମିଶ୍ରଚ୍ଛପତାଳ

ମୋହନ ନୟନାଞ୍ଚଳ ନାଚାଇଲ୍ଲନ । ପଦ
ତନୁ ତମାଳ ବନରେ ତରୁଣ କେଶରୀ ଧୀରେ
ରମ୍ଭବାର ହେଳ ଶିଶୁଦ୍ଧିରଦ ଘୁଞ୍ଚିଲ୍ଲନ । ୧
ମାଳମଣି ଦରପଣ କାଶୀରଣ୍ଡ୍ର ସୂଚକ୍ବଣ
ମକର କୁଣ୍ଡଳ ପ୍ରଭ ତମ୍ବୁକୁ ଯ ଚଳ୍ଲନ । ୨
ମୃଦୁ ମନ୍ଦହାସ-ଇନ୍ଦୁ ମିଶା ଭାଷାସୁଧା ବିନ୍ଦୁ
ଲପନ ଶରଙ୍କ ଶୀତ ମୟୂଖ ସିଞ୍ଚିଲ୍ଲନ । ୩
ପଶୁପ ନାଗରୀଙ୍କର କୋଟିଏ କୋଟି ଜନ୍ମର
ସୁକୃତ ଝଟପି ଫଳ ଏଥର ପାଇଲ୍ଲନ । ୪
ମଦନ ଲୁଟ ମନରେ ଯୁବଣୀ ସୃଷ୍ଟି ଉପରେ
ରୁରୁ ଭ୍ରୂରୁ ଶରାସନ ଧରି ଆମଞ୍ଚିଲ୍ଲ ନ । ୫

ଗୋପାଳକୃଷ୍ଣ ଭଣନ୍ତି ସାଧ୍ୱୀ ହୃଦୟ ହରଣ
ମାରଣ ଅଶନ ବାଣ ଭରନ୍ତି ରଚନା । ୭

—*—

ରାଗଖରହରପ୍ରିୟା—ମିଶ୍ରରୂପତାଳ

ଆସି ଯାଇଛନ୍ତି ସିନା କରମକୁ
ରାଧା ରୁଷିବାର ଥାଇ ଶ୍ୟାମକୁ ଗୋ । ପଦ
ବ୍ରଜ ଯାକ ସହେତାର ସେ ବୃଷଭାନୁ ଜେମାର
ଏଥିରୁ ନଜାଣେ ତାର ଭ୍ରମକୁ । ୧
କେ ହେଲେ ଖଳଲୋକଣ୍ଟକ ସଜ୍ଜନ ହୃଦେଁ ଦୁର୍ହିକ
ଭ୍ରମରେ କରିବାର ଚରମକୁ । ୨
ଅପରାଧ କେତେଥର କ୍ଷମା କରି ନାହିଁ ତାର
ଯାଉ ବୋଲି ପକ୍ଷକରି ତମକୁ । ୩
ଆଳୀକ ଦେଖିଲେ ଯାର ଅଧିକାର ପରିଚାର
ହୁଏ ଯେ ତେଜ ଲଜ ସରମକୁ । ୪
ଜାଣି ସଜନି ଇଙ୍ଗିତ ଗୋପାଳକୃଷ୍ଣ ଭଣିତ
କଲା ଦୋଷ ଭେଦନ୍ତି ମରମକୁ । ୫

—*—

ରାଗ ମାସ୍ଥା ମାଳବ ଗୌଡ଼ା—ତାଳ ମିଶ୍ରରୂପ

(ନାହିଁ ମୋର ପୀରତି ସମକାର—ବୃତ୍ତେ)

ପୂରତରେ ଥିବା ଯାଏ ପୁରୁଷଙ୍କ ଚିତ୍ତରେ
ଜାଣ ଦରପଣ ପରକାର । ୧
ନରହିବ ବୋଲୁ ବୋଲୁ ନୋହିବାରୁ ଛନ୍ଦରେ
ଆନ ଦେଇଥିଲେ ବାର ବାର । ୨
ଦୁଃଖ ମଣୁ ନାହିଁ କାଳେ ହେଲା ଦରଶନ ବେଳେ
ନଥିବାରୁ ସିନା ବୋଲିବାର । ୩

ଅଚ୍ଛକ ନାହିଁ ଆବରେ ବୋଲି ହେଲେ ଥରେ ରେ
ପିବା ବନ୍ଧୁଁ ନ ପେଶିଲେ ଗ୍ଭର । ୪
ଗୋପାଳକୃଷ୍ଣ ପ୍ରବୋଧି ଦେବାର ଅବଧିରେ
ଲେଖିଲା ପରି ପାଣିରେ ଗାର । ୫

—✳—

ଶ୍ରୀରାଧା ଉକ୍ତି

ରାଗ ଆନନ୍ଦ ଭୈରବୀ—ଆଦତାଳ

(ଅଳ କେଶର କୁଂଜରୁ ଅଇଲୁକ—ବୃତ୍ତେ)

ବଂଶୀ ବାଜୁଛି କାହାର କାନନରେ
ନବଘନ ମାରଦ ନଣା ଗର୍ଜନରେ ।
ପୀୟୁଷ ପୂରୁଛି କଂଚା ଆନନରେ । ପଦ

କାଳନ୍ଦୀ ତଟରୁ ସଦ୍ଧି ଆସୁଛି ଏ ନାଦ ବନ୍ଧି
ଏ ବରଜ ନଗରକୁ ସମାନରେ । ୧
ମନ ମଥର ମୋହନ ମନ୍ତ୍ରର ମିତଣୀ ଘେନ
କରିବ ଯୁବଣୀ ସୃଷ୍ଟି ଉଚ୍ଛନ୍ନରେ । ୨
ସନକ ସନନ୍ଦନାଦ୍ଧ ଯୋଗିଜନ ମନ ଭେଦ
ଛଡ଼ାଇ ଦେବନ ବ୍ରହ୍ମଧିଆନ ରେ । ୩
ଯେ ହେଉ ସେ ବଂଶୀ ବଜା ନଷ୍ଟେ ଛଡାଇବ ଲଜ୍ଜା
ସାରଦେବ ପତିବ୍ରତା ଗୁମାନରେ । ୪
ଶ୍ରୁତିରେ ସୁଧା ବରଷା ହୃଦୟରେ କଣ୍ଟକସା
ବହୁଛି ତନୁ ସ୍ମର ହୁତାଶନ ରେ । ୫
ଗୋପାଳକୃଷ୍ଣ କହଇ ସ୍ୱାମିନ ତୁମ୍ଭର ପାଇଁ
ବଜାଉଛନ୍ତି ବ୍ରଜେନ୍ଦ୍ର ନନ୍ଦନ ରେ । ୬

—✳—

ଶ୍ରୀ ରାଧାଗୋବିନ୍ଦ କୀର୍ତ୍ତନ

ବୃନ୍ଦାରଣ୍ୟ ସାର୍ବଭୌମ ଦମ୍ପତି । ରାଧାଗୋବିନ୍ଦ ।

ସର୍ବ ବ୍ରଜବାସୀ ନେତ୍ର ସମ୍ପତ୍ତି । ରା । ୧ ।
ମହାଭାବୋଜ୍ଜ୍ୱଳ ରସ ଶ୍ରୀ ମୂର୍ତ୍ତି । ରା ।
ରାକାବନ୍ଧୁ ବିଜୟୀ ବଦନଦ୍ୟୁତି । ରା । ୨ ।
ସର୍ବାଶ୍ରୟ ସର୍ବଗ ସନାତନ । ରା ।
କିଶୋର ବୟସ ନିତ୍ୟ ନୂତନ । ରା । ୩ ।
ଗୋକୁଳେଶ୍ୱରୀ ବାତ୍ସଲ୍ୟ ସଦନ । ରା ।
ନିଜ ପରିଜନ ଜୀବ ଜୀବନ । ରା । ୪ ।
ଗୋଷ୍ଠକୁଳଜା ନିକର ବେଷ୍ଟିତ । ରା ।
ନାନାରତ୍ନାଲଙ୍କାର ବିଭୂଷିତ । ରା । ୫ ।
ରାସ ମଣ୍ଡଳ ମଧ୍ୟେ ବିରାଜିତ । ରା ।
ଚାରୁ ସରସୀ ରୁହ ବଂଶୀହସ୍ତ । ରା । ୬ ।
ଆହା ଫୁଲଶେଜ ବନେ କାତର । ରା ।
ପରିଷ୍ୱଙ୍ଗ ରଙ୍ଗରେ ମର୍ଜ୍ଜିବାର । ରା । ୭ ।
ଗଣ୍ଡେ ଗଣ୍ଡ ଦେଇ ଉଲ୍ଲସିବାର । ରା ।
ଆଳି ଦେଖିବେ ବୋଲି ଶଂକାବାର । ରା । ୮ ।
ହରିପୁର ସୁଧୀ ପରି ବଚନ । ରା ।
ସଜକଞ୍ଜ ସୁରଭି ନିଶ୍ୱାସନ । ରା । ୯ ।
ମନ୍ଦମୃଦୁ ମଧୁ ଗନ୍ଧ ହସନ । ରା ।
କଳାକାର ଶତ ଶୀତାପଘନ । ରା । ୧୦ ।
ଏକ ଫୁଲମାଳା ବେଣ୍ଟଗଳାରେ । ରା ।
ଗୀତ ମିଶାଇ ବଂଶୀ ନିସ୍ୱନରେ । ରା । ୧୧ ।
ସରୁଚୁମ୍ବ ରଚନା ପରସ୍ପରେ । ରା ।
କର ନିବେଶି ଚାରୁ ଚିବୁକରେ । ରା । ୧୨ ।
ପଶାଖେଳ ବେଳ ବସାସୁଷମା । ରା ।
ମନ ମୋହର ଚୁମ୍ବକ ପ୍ରତିମା । ରା । ୧୩ ।

ଆହା ପୁଲକ ଜାର ଗଣ୍ଡ ସୀମା । ରାଧାଗୋବିନ୍ଦ ।
ଲଜ୍ଜା ହର୍ଷ ମିଶ୍ରିତ ମଧୁରିମା । ” । ୧୪ ।
ମଧ୍ୟାହ୍ନରେ ପୁଷ୍ପାବଚୟନ ରେ । ”
କେବେ ନ ଦେଖିଲି ପର ବନରେ ” । ୧୫ ।
ପ୍ରେମ ପୁରୁଷ ହରିଙ୍କ ସଙ୍ଗରେ । ”
କରିବାର ସଂଳାପ ପରସ୍ପରରେ । ” । ୧୬ ।
ବିଳସିବାର ବ୍ରଜେନ୍ଦ୍ର ପୁରରେ । ”
ବିରହିତା ବଧୂ ପୁନ ପରରେ । ” । ୧୭ ।
ଗୋଷ୍ଠେଶ୍ୱରୀଙ୍କ ଆନନ୍ଦାମୃତ ନିଧି । ”
କରୁଥିବାର କେତେପରି ବୃଦ୍ଧି । ” । ୧୮ ।
ଜନ ଗୋଷ୍ଠୀରେ ହେଲି ଅନା ଅନ । ”
କି ତୁଳନା ହେବ ତୁଚ୍ଛ ଦାମିନୀ । ” । ୧୯ ।
ଗୋବର୍ଦ୍ଧନ କନ୍ଦରର ବିହାର । ”
ବନ ପିଭୁଳାକୁ ବିଲୋକିବାର । ” । ୨୦ ।
ରଙ୍ଗି ରସକଣ୍ଠରେ ପ୍ରକୋଷ୍ଠରେ । ”
ବ୍ରଜେଶ୍ୱରୀଙ୍କ ଆନନ୍ଦ ସିନ୍ଧୁରେ । ” । ୨୧ ।
ମଜ୍ଜାଇ ଦେବାରେ ଦରଶନରେ । ”
ରହିଥିବାର ନିଜ ହରଷରେ । ” । ୨୨ ।
ପ୍ରିୟ ଭୂଷଣକୁ ବୁଜାଇ ବାର । ”
ଆଳୀ ଗଳ ଲୁହଁ ବରଜିବାର । ” । ୨୩ ।
ଦୁହେଁ ମଜ୍ଜାଇ ଉରକୁ ଉରରେ । ”
ଗୁଡ଼ ବୋଲିବାର ଅଙ୍ଗ ଲଜରେ । ” । ୨୪ ।
କୋଟି ବ୍ରହ୍ମାଣ୍ଡେ ନଥିବ ସୁନ୍ଦର । ” ।
ତନୁ ଅଲଙ୍କାରର ଅଲଙ୍କାର । ” । ୨୫ ।
ଲୋକୋତ୍ତର ଗୁଣମଣି ମନ୍ଦିର । ” ।
ଆହା ନୀଳ ପୀତ ଚେଳ ଲିଗିର । ” ।୨୬ ।
ସଦା ବିଳାସ ନିକୁଞ୍ଜ ଆରଣ୍ୟ । ”
ଅବିଚଳିତ ସେ ନବ ତାରୁଣ୍ୟ । ।୨୭ ।

ଶରଣାର୍ଥୀର ପରମ ଶରଣ୍ୟ ।   ରାଧାଗୋବିନ୍ଦ ।
ସ୍ନିଗ୍ଧ ପ୍ରଣୟ ପୀୟୂଷ ବଦାନ୍ୟ ।   ” । ୨୮ ।
ଏକ ଆଦରଣକୁ ଗୁହ୍ନାଁ ବାର ।   ”
ହରଷରେ ହସା ହସି ହେବାର ।   ” । ୨୯ ।
ପଟାଞ୍ଚଳରେ ଝାଳ ପୋଛୁବାର ।   ”
ଉର ଉପରେ ଆଉଜାଇବାର ।   ” । ୩୦ ।
ଚନ୍ଦ୍ର ଚନ୍ଦନ ଚର୍ଚ୍ଚିତ ପ୍ରଷ୍ଟାକ ।   ” ।
କଣ୍ଠେ ଭ୍ରଂସିତ ସପନ ଚମ୍ପକ ।   ” । ୩୧ ।
ହୃଦ ହାରରେ ଅଶୋକ ସ୍ତବକ ।   ”
ହା ସିନ୍ଦୂର ଗୋରଚନା ତିଳକ ।   ” । ୩୨ ।
ଗୁଚ୍ଛ ଅଳକା ବଲ୍ଲ ଶ୍ରୀ ଅଳକ ।   ”
ପୁଷ୍ପ ଝରା କେକପୁଚ୍ଛ ମସ୍ତକ ।   ” । ୩୩ ।
ଆହା ନାସାଭୂଷା ନବ ମୌକ୍ତିକ ।   ”
ଚରମରେ ପ୍ରଲମ୍ବ କୁନ୍ଦସ୍ରକ ।   ” । ୩୪ ।
ଛିଡ଼ିଲାକ ମୋତିହାର ହୃଦରୁ ।   ”
ଗୁନ୍ଥିବାର ଗୋଟିଆଇ ଶେଯରୁ ।   ” । ୩୫ ।
ଖସି ପଡ଼ିଲାର ସ୍ରଜ କେଶରୁ ।   ”
ଠାରି ଦାସୀଙ୍କି ଦେବାର କରରୁ   ” । ୩୬ ।
ଚନ୍ଦ୍ର କରଣେ କୁଞ୍ଜ ପ୍ରାଙ୍ଗଣରେ ।   ”
ମନ୍ଦ ଗନ୍ଧ ଶୀତ ସମୀରଣରେ ।   ” । ୩୭ ।
ବଜେ କର ପ୍ରିୟସଖୀ ଗଣରେ ।   ”
ଆହା ପ୍ରହେଳୀ ପ୍ରଶ୍ନ କୁତୁକରେ ।   ” । ୩୮ ।
ଆସୁ ଆସୁ କାନନୁ ଅଙ୍କାଳରେ ।   ”
ରହି ଭେଟ ହେବାର ସରଣୀରେ ।   ” । ୩୯ ।
ନିଧି ପ୍ରାପ୍ତି ପରାଏ ନିର୍ଦ୍ଧନରେ ।   ”
ମୁଦ ହେବାର ଆହା ପରସ୍ପରେ ।   ” । ୪୦ ।
ଗାଢ଼ ନବ କାଦମ୍ବିନୀ ନିଶାରେ ।   ”
ଘରଛୁଟ ଚିତ୍ତର ସଙ୍କେତରେ ।   ” । ୪୧ ।

ମିଳିବାର ସଦନ ବାଟିକାରେ । ରାଧାଗୋବିନ୍ଦ ।
ଚାହିଁ ଚଉଦିଗକୁ ସଭୟରେ । ” । ୪୨ ।
ଆକର୍ଷିଲେ କେ ଓଟାରି ଦେବାର । ”
ଲାଗି ବାଘକୁ ହୋଇ ତର ତର । ” । ୪୩ ।
ନିକଟରେ ଶୁଭିଲେ ଆଳୀ ଗିର । ”
ଲତା ଗୃହକୁ ପଳାଇ ଯିବାର । ” । ୪୪ ।
ପାଶ ଗଲେ କୁଙ୍କୁମେ ବୋଳି ସହି ”
ବଦନକୁ ଚାହିଁ କେ କେ ନଚାହିଁ । ” । ୪୫ ।
ହସି ଦେବାର କଥା କୁହାକୁହି । ”
ଦ୍ୱିଷ୍ଟାପୁ ବୋଲାବାର କେହି ନାହିଁ । ” । ୪୬ ।
ଜୃମ୍ଭା ଆସିଲେ ଅଙ୍ଗୁଳି ଶବଦ । ”
କରି ହସି ହୋଇବାର ଆନନ୍ଦ । ” । ୪୭ ।
ପୁଣି ଲେଉଟାଇ ବାର ଚାହିଁବାକୁ । ”
କଷ୍ଟ କଷ୍ଟରେ ଟେକି ପକ୍ଷ୍ମଳକୁ । ” । ୪୮ ।
ଆହା କୁଞ୍ଜ ପ୍ରାଙ୍ଗଣେ ମଧ୍ୟାହ୍ନରେ । ”
ପଦ ନଖରେ ଲଲାଟ ପଟରେ । ” । ୪୯ ।
ସ୍ୱ ସ୍ୱ ପ୍ରତିବିମ୍ବକୁ କୌତୁକରେ । ”
ବିଲୋକିବାର ଆଳୀ ସମକ୍ଷରେ । ” । ୫୦ ।
ଆହା ମଧୁପାନେ ହୋଇ ପ୍ରମତ୍ତ । ”
ହାସ ଯୁତ ଲୁପ୍ତବର୍ଣ୍ଣ ଶ୍ୱସିତ । ” । ୫୧ ।
ହା ଖଞ୍ଜନ ନୟନ କଷାୟିତ । ” ।
କ୍ଷଣେ ଚକିତ କ୍ଷଣେ ଆଘୂର୍ଣ୍ଣିତ । ” । ୫୨ ।
ପ୍ରାତଃ ନସ୍ତମ ଶ୍ରୀ ମୁଖ ଲୋକନ । ”
ପକ୍ଷ୍ମ ଫିଟାଇ କରୁ ଦରଶନ । ” । ୫୩ ।
ପ୍ରେମ ସୁଧାବ୍ଧିରେ ହୋଇ ମଗନ । ”
ଦେଇ ଚୁମ୍ବନ ହେବାର ପ୍ରସନ୍ନ । ” । ୫୪ ।
ପରଂପଦରେ ଗୀତ ଯାର ଖ୍ୟାତି ”
ସ୍ୱବୁଝନ୍ତୁ ଶ୍ରୀ ଲୀଳାର ସତ୍ତା । ” । ୫୫

ରାଧାକୃଷ୍ଣଙ୍କ ନିଗୁଢ଼ ପ୍ରେମଲୀଳା

ସ୍ୱ ସ୍ୱ ପ୍ରଷ୍ଠ ବିମ୍ବକୁ କୁତୁକରେ
ବଲେ୍କବାର ଆଲୀ ସମକ୍ଷରେ । ୫୦ ।
ଆହ୍ୱା ମଧୁପାନେ ହୋଇ ପ୍ରମତ୍ତ
ହାସ ଯୁତ ଲୁପ୍ତ ବର୍ଣ୍ଣ ଭାଷିତ । ୫୧ ।
(ଗୋପାଲକୃଷ୍ଣ ଗ୍ରନ୍ଥାବଳୀ ୧୩୪ ପୃଷ୍ଠା)

ଯୋଗୀ ସଦା ଚନ୍ଦ୍ରକାନ୍ତ ସାନ୍ଦ୍ରମୂର୍ତ୍ତି ରାଧାଗୋବିନ୍ଦ ।
ଅସମ ଉନ୍ନତ ସୁଷମା ପ୍ରୀତି । ” । ୫୬ ।
ଦୁହେଁ ନିକୁଞ୍ଜ ପ୍ରଦୀପ ପାଶରେ । ”
ରସ କାବ୍ୟ ପଢ଼ି ପଢ଼ି ପୋଥିରେ ” । ୫୭ ।
ଗଣ୍ଡ ସ୍ଥଳକୁ ମିଶାଇ ଗଣ୍ଡରେ । ”
ମଜ୍ଜିବାର ଆହା ଭାବ ଭାବରେ । ” । ୫୮ ।
ରାସ ନର୍ତ୍ତନର ଅନୁରଞ୍ଜନ । ”
ଆହା ତ୍ରୈଲୋକ୍ୟ ଲକ୍ଷ୍ମୀର ସଦନ ” । ୫୯ ।
ରୂପ ଚରାଚର ପ୍ରାଣୀ ମୋହନ । ”
ଦ୍ୟୁତି ତଡ଼ିତ ଲତା ନବଘନ । ” । ୬୦ ।
କେବେ ସେ ରୁଷିଲେ ଆହା କାହାକୁ । ”
ଲୁଣ୍ଠି ଥିବାର ଲଳିତା ଆଡ଼କୁ । ” । ୬୧ ।
ତାଙ୍କ ଭରଣାରେ ରୋଷ ଦୋଷକୁ । ”
ତେଜି ମିଶି ଶୋନବାର କ୍ଷଣକୁ । ” । ୬୨ ।
ଦୁହେଁଯାକ ଦେହ ପ୍ରାଣ ପରସ୍ପେ । ”
ଦୂର ହେବାର ନାହିଁ ଯେ ଘଡ଼ିଏ । ” । ୬୩ ।
ଅନୁବ୍ରତ ସ୍ନେହରେ ଜରଜର । ”
ସବୁବେଳେ ଅଧୀନ ଆଳୀଙ୍କର । ” । ୬୪ ।
କୁଞ୍ଜବନେ ଲୁଚିଲୁଚି ଖେଳରେ । ”
କ୍ଷଣେ ଦେଖା ନ ଦେଲେ ବିକଳରେ ” । ୬୫ ।
ପୂରିଯାଇ ନେତ୍ର ଅଶ୍ରୁ ଜଳରେ । ”
ଆହା ପୋଛୁ ପୋଛୁ ଚେଲାଞ୍ଚଳରେ ” । ୬୬ ।
ହରି ହେଲା ମୋ କଣ୍ଠ ଆଳୀଙ୍କି । ”
ବୋଲିବାର ଏଥର ଦିଅ ଡାକି ” । ୬୭ ।
ଚିନ୍ତ ଗୋପାଳ କୃଷ୍ଣ ସେ ଚରଣ । ”
ପ୍ରାଣ ସମର୍ପି ପଶିଲୁ ଶରଣ । ” । ୬୮ ।

—*—

ରାଗ ବେହାଗ—ଏକତାଳ

ମୋହନ ମାଧୁରୀ ଦେଖିଥିଲା ନାରୀ
ଜଡ ଯିବ କି ଆଉ ଘରେ । ପଦ ।

ଦୃଷ୍ଟି ପାତ ଠାରେ ଅନୁ କରତରେ
ଛନ୍ଦ ଦଶିବ ତାହାର ରେ
ପାଣକୁ ଆଣିଲା ପରି ଲାଗୁ ଥିବ
ହସି ହସି ବଂଶୀଧାରୀ ରେ । ୧ ।

କି ସମ୍ବନ୍ଧ ନାହିଁ କେଉଁ ଦେବତାଙ୍କୁ
ତା ପ୍ରୀତି ପାଇଁ ତୁ ହାରି ରେ
ସବୁ ବରତ କରିବ ବୋଲୁଥିବ
ପାଇଲେ କୁଞ୍ଜ ବିହାରୀ ରେ । ୨ ।

କୃଷ୍ଣ ବୋଲି କେଣେ କାହିଁକି କେ ତେଣେ
ଡାକିଲେ ପୁରୁ ବାହାରି ରେ
ଚଉଦିଗକୁ ଚାହିଁ ମୋର ମୋହରେ
ହୋଇ ନ ଯିବକି ଧାଇରେ । ୩ ।

କଳିନ୍ଦଜା ତୀରେ ନିକୁଞ୍ଜ କୁଟୀରେ
ନଗ୍ରଷ୍ଟ କାଳ ବିତୁର ରେ
ମିଳିବା ପାଇଁକି କେତେଥର ହେଲେ
ଆଣି ନଯିବକି ବାରରେ । ୪ ।

ସୁଗୁଣ ସୁନ୍ଦର ପଣଯାକ ଗୁଣି
ଏକାଇ ତାକୁ ହିଆରି ରେ
ବୋଲେ ଗୋପାଳକୃଷ୍ଣ ଭାବ ଥିଲେକି
ଯିବ ମନରୁ ପାସୋରି ରେ । ୫ ।

ସ୍ୱାନୁଭୂତ

ରାଗ ଆନନ୍ଦ ଭୈରବୀ—ଆଦିତାଳ

(ଅଳି ! କେଶର କୁଞ୍ଜରୁ ଅଇଲୁକି—ବୃତ୍ତେ)

କଲ୍ପେ ଜଇଥିଲେ ଜସ କରିବରେ
ସଂକଳ୍ପ ଯଦ୍ଧ ଥରେ ନ ପୂରିବରେ । ୦ ।
ବୃନ୍ଦାବନ ଅପ୍ରାକୃତ । ମଦନ ବଚନାମୃତ
ଯା ଶ୍ରୁତି ପଥରେ ନ ସଂଚରିବ ରେ । ୧ ।
ନୀଳୋତ୍ପଳ ମୃଗମଦ । ଶ୍ୟାମଳ ତନୁ ଆମୋଦ
ବାୟୁ ଯା ନାସାରେ ନ ପ୍ରସରିବ ରେ । ୨ ।
ଶଶୀ ଶୋଭା କୃଶ କରି । ବଂଶୀ ବସା ମୁଖ ଶିରି
ଯା ଈକ୍ଷଣେ କ୍ଷଣେ ନ ବିହରିବ ରେ । ୩ ।
ସୁଧାଗର୍ବ ଖର୍ବୀକୃତ । ହରି ତାମ୍ବୁଳ ଚର୍ବିତ
ଲବ ନ ଲଭି ଯେ ଦିନ ହରିବ ରେ । ୪ ।
ପରାର୍ଦ୍ଧ ବିଧୁ ଶୀତଳ । ମୋହନ ଶ୍ରୀ ବକ୍ଷସ୍ଥଳ
ସ୍ୱପ୍ନେ ହେଲେ ସ୍ପରଶି ନପାରିବ ରେ । ୫ ।
ଗୋପାଳକୃଷ୍ଣ କହଇ । ସେ ପାଦପଦ୍ମ ନ ପାଇ
କାହିଁ ପାଇଁ ପ୍ରାଣ ଆଉ ଧରିବରେ । ୬ ।

—*—

ରାଗ ହରି କାମ୍ବୋଦି—ତାଳ ମିଶ୍ରରୂପ

ମାଧୁର୍ଯ୍ୟ ରେ, ମାଧୁର୍ଯ୍ୟ ରେ, ଆହା ମାଧୁର୍ଯ୍ୟ
ନିକୁଞ୍ଜକୁ ତେଜେ କରିବାର ରସୈଶ୍ୱର୍ଯ୍ୟ । ପଦ ।
ପ୍ରଫୁଲ୍ଲିତ ବୃକ୍ଷବଲ୍ଲୀ ଭ୍ରମର ଗୁଞ୍ଜନ
କାଳନ୍ଦୀ କୁମୁଦ ବନ ଶୀତଳ ପବନ । ୧ ।
ତ୍ରୈଲୋକ୍ୟ ଲକ୍ଷ୍ମୀ ବସନ୍ତ କାନ୍ତ ରୂପ ଧାଇ
ପଦ ବିନ୍ୟାସ କଲାର ଧୀର ଧୀର ହୋଇ । ୨ ।

ତମାଳକୁ ଚୁମ୍ବିଁ ଶ୍ୟାମ ଭ୍ରମେ ଚରମକୁ
ଘୁମ୍ବିବାର ଗାଢ଼େ ଧରି ଲଳିତା ଭୁଜକୁ । ୩ ।
ଉଦ୍‌ବେଗ ଚାପଲ୍ୟ ଭ୍ରମ ପ୍ରଣୟ ହରଷ
ସ୍ୱେଦ କମ୍ପ ପୁଲକରେ ଶ୍ରୀଅଙ୍ଗ ଅବଶ । ୪ ।
ପ୍ରାଙ୍ଗଣେ ଜୀବନ ବନ୍ଧୁ ଶ୍ରୀ ମୂର୍ତ୍ତିଙ୍କ ଚୁମ୍ବିଁ
ଚରଣ ନ ଚଳେ ଲାଜେ ବଳାଇଲେ ସଖୀ । ୫ ।
ଖସି ଯାଇ ମାଳ ଉପୁରାଣ ମସ୍ତକରୁ
ଅଧୋମୁଖେ ରହିଲାର କନକ ଉରୋଜରୁ । ୬ ।
ଗୋପାଳକୃଷ୍ଣ ଭାଷେ ନାଗର ଚକ୍ରବର୍ତ୍ତୀ
ଉଭା ହୋଇବାର ସଖୀଙ୍କ ସନ୍ନିଧେ ଶ୍ରୀମୂର୍ତ୍ତି । ୭ ।

—*—

ରାଗ ନାଦନାମ କ୍ରିୟା—ଆଦିତାଳ

(କେତେ କାଳକୁ ମୁଖ ଦେଖିଲି ଆଜ—ବୃତ୍ତେ)

ଏ ଘନ ବନ ଏକା ନେବେ କେ କରି
ପାମରି ଦଇବ କଲା ଆହା ଏତେ ସରି, ସଖି । ପଦ ।
ଶୁଣି ଭେକ କେକୀ ନାଦ ପରମାଦସୁ ପ୍ରମାଦ
କି ହେଉଥିବ ସେ ହୃଦ କର ସହଚଙ୍କି, ସଖୀ । ୧ ।
ଝଟକେ ଅନା ବିଦ୍ୟୁତ ମତ୍ତେ ଅଳି କରେ ରୁତ
ବହେ ମାଳତୀ ମରୁତ ଡାକୁଛି ଝିଙ୍କାରୀ, ସଖି । ୨ ।
ସିବାକୁ ମାଗୁ ନେଲଣି ମୋତେ ମୋର ଗୁଣମଣି
ନିଷଧିଲ ପୁଣି ପୁଣି ଶିରେ କର ଧରି, ସଖି । ୩ ।
ରଖି ନୟନର ନୀର ଲେଉଟି ବିଲୋକିବାର
ଫାଟି ଯାଉ ନାହିଁ ଉର ସେ ରୂପ ସୁମରି, ସଖି । ୪ ।
ଗୋପାଳକୃଷ୍ଣଙ୍କୁ ମୋର ପ୍ରବାସ କଷ୍ଟ ଶଙ୍କର
ଏହିବାରକ ଉଦ୍ଧର କହୁଛି କୁହାରି, ସଖି । ୫ ।

—*—

ରାଗକାଫି—ଆଠତାଳୀ

(ଇନ୍ଦ୍ରରେ ପଶିଣ ବନ୍ଧୁ ଟେକ ମଥା—ବୃତ୍ତେ)

ମୁଁ କି ମୂଢ ବୁଦ୍ଧି କଲିରେ ରସ ନିଧି । ପଦ ।
ଆଳୀ ବଦନରୁ ଶୁଣି ମୋ ନିଷ୍ଠୁର ଗିର
ଝାଳ ଝାଳ ତେଜି ଦୀର୍ଘ ନିଶ୍ୱାସ ସମୀର
ସ୍ୱାନ୍ତେ ଶାନ୍ତକ ଭଜି ଅନୁରାଗ,ଅଙ୍କର
ଖର୍ଗି ଦେବ କି ହୁଡ଼ିଲେ ରେ । ୧ ।
ପ୍ରେମ ଦ୍ରୁମରେ ଫଳିଥିବା ଫଳ ବିଧାତା
କାହ୍ନୁଁ ଜନ ମାଇଲା ପରୀକ୍ଷା ପିଶୁନତା
ମୂଳରୁ ମୁଁ ଛିନ୍ନାଇଲି ରେ । ୨ ।
ତ୍ରୈଲୋକ୍ୟ ଲକ୍ଷ୍ମୀ ବସନ୍ତ ନବନୀତ ଦେହୀ
ଚଣ୍ଡାଳ ମଦନ ଶର କଦନ ନ ସହି
ପ୍ରାଣ ବିସର୍ଜିବି ପଛି ଆଳୀଙ୍କି ନ କହି ।
ବିନା ଦୋଷେ ଦଣ୍ଡ ଦେଲିଟିରେ । ୩ ।
ରାଧା ବୋଲି ପରିତୋଷ ହେଉଥାଉ ମନ
ବେଳେ ହେଲେ ସ୍ୱଚ୍ଛ କରି ସେ ଶ୍ରୀ ଚନ୍ଦ୍ରାନନ
ଆଦ୍ୱା ଦେଖି ନପାରିଲି ରେ । ୪ ।
ବୋଲୁ ଶୁଣୁଥିଲି ଗୋପାଳ କୃଷ୍ଣ ଭଣିଲି
ଆପଣାର ଅଙ୍ଗ ଉତ୍ତୀର୍ଣ୍ଣ ରଙ୍ଗଣ ମାଳା
ଶ୍ରୀ ନିଶୋଣିମଣି କଣ୍ଠେ ଶୋଭା ପାଉଥିଲା ।
ଏକ୍ଷଣି ଦେଖି ଆଇଲି ରେ । ୫ ।

ରାଗ ଧନାଶ୍ରୀ—ଆଦିତାଳ

(କି ଆରେ ମନ ଭଜ ଗେଲ ହରିବୋଲନା—ବୃତ୍ତେ)

କାହିଁକି ମନ ନ ଦେଉ ତୁ କେତେ କହିଲେ
ଶ୍ରୀ ରାଧାକୃଷ୍ଣ ପଦାବ୍ଜେ ରହିଥା ବୋଇଲେ । ପଦ ।
ପରମାନନ୍ଦ ଲୋକରେ ନାହିଁକେ ସେ ସଦ୍ଗଣରେ
ଗଣନା ହୋଇବୁ ତାଙ୍କ କଙ୍କରୀଙ୍କ କୁଳେ । ୧ ।
ଅଧୀମାଧୀଶ ମାଧୁରୀ ସ୍ୱଚ୍ଛନ୍ଦରେ ଅବଧରି
ଯେମନ୍ତ ସୁଖ ଲଭିବୁ ହେଜିବୁ ସେ କାଳେ । ୨ ।
ତୋ ସ୍ୱାମିନ ସ୍ୱାମିଙ୍କର ଶ୍ରୀ ବୃନ୍ଦାରଣ୍ୟ ବିହାର
ଦେଖି ଭାସିବୁ ପୀୟୂଷ ବାରିଧି କଲ୍ଲୋଳେ । ୩ ।
ରାସେଶ୍ୱରୀ ରାସେଶ୍ୱର ହୃଦରେ ଆଜ୍ଞକବାର
ରାସାବସାନେ ସେବିବୁ କସ୍ତୁରୀ ସଂକୁଳେ । ୪ ।
ବିଦ୍ୟନେତ୍ର ପ୍ରେମାଞ୍ଜନ ରଞ୍ଜି କରି ଆଲୋକନ
ରତ୍ନରତ୍ନ ଚିନ୍ତାମଣି ସିଂହାସନ ତଳେ । ୫ ।
କୁଣ୍ଠିତ ବିଷୟ ଭୋଗ ଆଶାରେ ହୁଅନା ଯୋଗ୍ୟ
ଗୋପାଳକୃଷ୍ଣ ବୋଲଇ ମନ୍ତ୍ର ଅବିକଳେ । ୬ ।

--*

ପ୍ରାର୍ଥନା

ରାଗ ମୁଖାରୀ—ମିଶ୍ରରୂପ

(କିଶୋର ମଣି ଗୀତ—ବୃତ୍ତରେ)

ଶଚୀ ନନ୍ଦନ । ପାହି ପ୍ରଭୋ ଦୟାନିଧେ । ପଦ ।
ପୂର୍ଣ୍ଣ ସନାତନ । ଆନନ୍ଦ ବର୍ଦ୍ଧନ
ନିଗମବନଗୁମ୍ଫ । ଜନ ପ୍ରଚ୍ଛନ୍ନ । ୧ ।
ହେମାବ୍ଜ ନନ୍ଦନ । କୋମଳାପଘନ
ପଗର୍ବ ମଦନ ନିର୍ଧୂତ ଶୋଭନ । ୨ ।
ସ୍ୱୀୟପ୍ରେମଧନ । ବଦାନ୍ୟ ଚୈତନ୍ୟ-
ଚନ୍ଦ୍ର ମୁନୀନ୍ଦ୍ର ଧ୍ୟେୟ ଦୁଃଖ ଧ୍ୱଂସନ । ୩ ।

ସ୍ୱରୂପଗାବନ । ରୂପ ହୃଲ୍ଲେଚନ
ସନାତନ ମାନସ ନଳିନନନ୍ଦନ । ୪ ।
ପ୍ରଭୁ ସଂକୀର୍ତ୍ତନ । ପଣ୍ଡିତ ନର୍ତ୍ତନ
ଗୋପାଳକୃଷ୍ଣ ହୃଦ୍ଭ୍ରମ ନିକର୍ତ୍ତନ । ୫ ।

—*—

ରାଗ ସାବେରୀ—ଏକତାଳି

(ଗଳଣିତ ଗଳ୍ପ କଥାରେ ସଂଗୀତ—ବୃନ୍ଦେ)

ପରସ୍ପର କେଣେ ମନରେ ମିତଣି !
ହୃଦରେ ଆବେଶ ହୋଇଛନ୍ତି କରେ ଶ୍ରୀ ବୃନ୍ଦାରଣ୍ୟ ମଦନ ।ପଦ।
ଲଳିତାଙ୍କି ମୂର୍ତ୍ତି ଲଳିତା ଡାକୁଛି ଏଣେ ଦେଉନାହୁଁ କାନ
କି ମଣ୍ଡିଛି ଚିତ୍ତ ଆରେ ପ୍ରାଣମିତ ଡ଼ାକୁତ ନାହୁଁ ନୟନ । ୧ ।
ଆସୁ ଆସୁ ମୁଁ ପାଚ୍ଛେଟି ଆସିଆଗେ ହୋଇ ଯାଉ ସେ ପ୍ରସନ୍ନ
ସ୍ୱେଦୀ ସୀ ବିଦ୍ୟୁଲ୍ଲତା ପରିରମ୍ଭି ପଚେ କହୁଛ ନାହିଁ ବଚନ । ୨ ।
ଛାଡ଼ ମୋ ଅଞ୍ଚଳ କାହାକୁ ବୋଲୁଛୁ କେଉଁ ନାହାନ୍ତି ତଜନ ।
ହାତରେ ସରସିଜ ଧରି ମାଗୁଛି ଦଅବୋଲି ମୋ ନଳିନ । ୩ ।
ପଥ ଛାଡ଼ ବୋଲି କହୁଛୁ କାହାକୁ ବନ ନୁହେଁ ଏସଦନ
କହି ଦେଇବଟି ସଖୀଙ୍କି ବୋଲୁ ଏଣେ ଆଖିରୁ କହୁଛି ବନ । ୪ ।
ଚେତି ଚାହିଁ ଶ୍ରୀ କିଶୋରୀମଣି ଲାଜେ ଲୁଆଁଇ ଦେଲେ ଲପନ
ଭାଣିଲେ ଗୋପାଳକୃଷ୍ଣ ନିତି ଏପରି ହେଲେ କେଉଁପରି ବନ । ୫ ।

—*—

ରାଗ ଖମାଚ—ଆଦିତାଳି

(ନ ଭାଙ୍ଗରେ ଶୁଣୁଙ୍କି ଭାରତିହୁଅ ସ୍ୱାହା—ବୃନ୍ଦେ)

ଭଜମନ ହରିପ୍ରାଣ ପ୍ରେୟସୀ ଶ୍ରୀମତିଙ୍କି
ଶୁଣାଯିବ ସେହି ଗୋଷ୍ଠଚନ୍ଦ୍ରମା ବନିତଙ୍କ । ପଦ ।
ନୋହୁନକର ଶୋଚନା   ସେ ଯେବେ ନାହାନ୍ତି ସିନା
ଜଣାଇଲେ ହୋଇ ପଦ ପଙ୍କଜେ ପ୍ରଣତଙ୍କ । ୧ ।

ସେ ଚନ୍ଦ୍ରାବଳୀଙ୍କ ତୁଲେ　　ଥିଲୁବେଳେ ଭୁ ଦେଖିଲେ
ତୋ ପଛେ ପଛେ ବୁଲୁ ସରବ ଧନ ଗଣ୍ଡକ । ୨ ।
ରୁଷି ଥିଲେ ଶ୍ରୀ କଶୋରୀ　　ତୋ ଆଡକୁ ଅନୁସରି
ଲେଖ ଲେଖିଧରି ଦେଖୁଥିବେ ତୋ ପଦ୍ଧତିକ । ୩ ।
ଗ୍ରାମୁରେ ଅଛୁ ସେବାରେ　　ବୋଲଜଣାଇବୁ ବାରେ
ପାସୋରନା ବୋଲ ଦେବେ ତୋ ପଣତେ ଗ୍ରନ୍ଥିକ ।୪।
କାଟିକା ଦ୍ୱାର କବାଟୀ　　କଲଣି ଦେଇ ନଥାଟି
ବୋଲି ଆନ ଦେବେ ସୁଖ ଲଗାଇ ତୋ ଶ୍ରୁତିକ । ୫ ।
ଗୋପାଳ କୃଷ୍ଣ କହଇ　　ରାଧାଙ୍କୁ ଅଙ୍କେ ବସାଇ
ଡ଼ାକିବେ ନିତ୍ୟାବସାନେ ନାମଧରି କଣ୍ଡକ । ୬ ।

—*—

ରାଗ ନାଦନାମକ୍ରିୟା—ମିଶ୍ରରୂପତାଳ

(ନାହିଁ ମୋର ପୀରତି ସମକାର—ବୃତ୍ତେ)

ଧୀର ସମୀରେ ବସି ଡ଼ାକୁଛି ତୋ ନାଁ ରେ । ପଦ ।
ପ୍ରାଣେଶ୍ୱରି ରାଧିକେ　　ଶ୍ରୀମତି ଗାନ୍ଧର୍ବିକେ
ବୋଲୁ ହଜି ଯାଉଛି ତୋ ଚେତନାରେ । ୧ ।
ବନେ ପ୍ରତି ବଲ୍ଲୀକି　　ଧେନୁ ପଶୁ ପକ୍ଷିକି
ତୋ ଅଭିଧାନରେ କରି କଳ୍ପନାରେ । ୨ ।
ତୋଳି କୁସୁମ ବାଳା　　ତୋ ବେଶ ପାଇଁ ମାଳା
ଗୁନ୍ଥି ସେ ରଖୁଛି ଚନ୍ଦ୍ର ବଦନାରେ । ୩ ।
ଧ୍ୟାନ କରୁ ତୋ ରୂପ　　ବଢ଼େ ଲୁହ ଅମାପ
ଦ୍ୱିଗୁଣେ ବୃଦ୍ଧି ହେଲାନ ଯମୁନାରେ । ୪ ।
ତା ଦୋଷ ବୁଝାମଣା　　କରି ଗ୍ରାମୁକୁ ଅଣା
ଦଣ୍ଡ ଦିଅ ପଲ୍ଲବେ ଭୁ ଉଚନା ରେ । ୫ ।
ଗୋପାଳ କୃଷ୍ଣ ବୋଲେ　　ସେହ୍ନସଙ୍ଗେ ଚଳିଲେ
ପଥେ ସମ୍ମିଳନେ ଶୁଣ ସୁମନାରେ । ୬ ।

———

ରାଗ ମୁଖାରୀ—ମିଶ୍ରରୂପ ତାଳ

(କୋପାଇଲା ଯେ ସେ କ ପାଇଲା—ବୃତ୍ତେ)

କାହ୍ନୁ ଏ ନୂଆ ରୁଷା ଶିଖିଲ ରେ
ସଖି ଏମନ୍ତ କେବେ ନଥିଲାରେ । ପଦ ।

ଘନ ଶିଥିଳ କେଶ   କରିଦେବି ସୁବେଶ
ବୋଲନ୍ତେ କି କପଟ ରଚିଲା ରେ;
ଏଲାଗି ଦୁଃଖ କେତେ   ପାଇବି ସୁଖ ମୋତେ
ହୋଇଛୁ ପିନା ଥାଉ କୋଇଲା ରେ । ୧ ।

ହେଉ ସଫଳ ଶ୍ରମ   ବୋଲି ଜାତି କୁସୁମ
ମାଳା ଯୋଗାନ୍ତେ ବସେ ଗୁନ୍ଥିଲା ରେ;
ଶ୍ରୀକର ଶିରେ ଦେଇ   ହୋଇ ମୋତେ ବିମନସ୍କୀ
ମଥା ମୋ ବଥାଉଛି କହିଲ ରେ । ୨ ।

ମୁଖରୁ ଶ୍ରମ ବାରି   ପୋଛି ଦେବି ବସ୍ତ୍ରର
ଧରୁ ମୁଁ ଉତ୍ତରୀୟୁ ହେଜିଲା ରେ;
ଦେଖି ଶ୍ରମ ଶ୍ରୀକର   ହସେ କେଡ଼େ ସୁନ୍ଦର
ବୋଲି ବନ୍ଧୁ ମୁକୁର ଧରିଲା ରେ । ୩ ।

ଯାବକ ହେଲେ ଦେବି   ବୋଲି ମାନସେ ଭାବି
ଗୋଡୁ ଅଲକ୍ତ ରସ ଜାଣିଲା ରେ;
ଏ ହେଲା କି ସୁନ୍ଦର   ବୋଲି ମୋତେ ତା ଶିର
ଶପଥ ପକାଇ ନଷେଧିଲା ରେ । ୪ ।

ଗୋପାଳକୃଷ୍ଣ ଭଣି   ବଦଗଧ ଶିରୋମଣି
ଶଠଙ୍କୁ ଏକେମନ୍ତ ଆସିଲା ରେ;
କୃଷ୍ଣ କହନ୍ତ ଫଞ୍ଚେ   ମୋତେ ବଳେକ ହୁଞ୍ଚେ
ଦନ୍ତେ ରସନା ଦଂଶି ହସିଲାରେ । ୫ ।

ରାଗ ଯଦୁକୁଳ କାମୋଦ—ଆଦତାଳ

ଶ୍ୟାମକୁ ଜୁହାର ତା'ର ପ୍ରେମକୁ ଜୁହାର ମା ।
ସେ କରୁ ଗୋ ମୀରତ ଯା ଦେହ ଲୁହାର ମା ।ପଦ।

ଶୁଣିଛୁ ପ୍ରସଙ୍ଗରେ ଚନ୍ଦ୍ରାବଳୀର ସଙ୍ଗରେ
ନାଗର ବାଜ ଛୁ ଭୁଜ ଯାକରେ ଯାହାର ମା ।୧

ମଥୁରାକୁ ଉଦ୍ଧବକ ପଥେ ଗଲା ଶୁଆଳକ
ଶେଷେ ଶୁଆଉଛୁ ସେ ଗୋବର୍ଦ୍ଧନ ଗୁହାର ମା ।୨

ପଡ଼ିଲେ କା ଆଗରେ ବୁଡ଼ିବ ଦୁଃଖ ସାଗରେ
ପ୍ରାଣ ଧରିହିବ ମୁଁ ମୁଖକୁ କାହାର ମା ।୩

କାଳିନ୍ଦୀ କୂଳରେ ରହିଲି ନୀପ ମୂଳରେ
ପଳାଇ ଆସିଲି ଠାରି ଜାଗୁଥିଲେ ଦ୍ୱାର ମା ।୪

ଗୋପାଳକୃଷ୍ଣ ଭଣେ ସ୍ୱାମିନି ଭୂମ୍ଭ ପାଇଁ ସେ
ବ୍ରଜବଧୂ ହୋଇଛନ୍ତି ସୁରଭି ମାହାର ମା ।୫

—*—

ରାଗ ବସନ୍ତ—ମିଶ୍ର ରୂପକତାଳ

ହେଟି ଗୋ ଶ୍ୟାମକନ୍ଦକୁ ଅନା କଦମ୍ବ ମୂଳକୁ ।ପଦ।
ଲଳିତ ତ୍ରିଭଙ୍ଗ ଭଙ୍ଗୀ ନଟବର ବେଶ

ରଚିତ କର୍ଣ୍ଣେ ପ୍ରିସ୍ୱ କନକମଞ୍ଜରୀ ନବରତ୍ନ କୁଣ୍ଡଳକୁ ।୧
ଉଲ୍ଲିତ୍ତର ମାଳତୀ ମାଳା ହୃଦୟରେ

କୁ ଚୁଟର ନବଶିଖି ଶିଖଣ୍ଡ ଉରଅଞ୍ଚଳ ଚୂଳକୁ ।୨
କୁଟିଳ ଅଳକା ତଳେ ଚନ୍ଦନର ବିନ୍ଦୁ

ରୁଚି ଭ୍ରୂ ବଲ୍ଲୀ ନାଟ ନାସାରେ ନୂଆ ମୁକୁତା ଫଳକୁ ।୩
ଦଳିତ ନବ ଅଞ୍ଜନ ପୁଞ୍ଜ ତନୁଦ୍ୟୁତି

ନଶିଛନ୍ତି ପଥ ଥରେ ଦଶାଅ ମୁଖଚନ୍ଦ୍ର ମଣ୍ଡଳକୁ ।୪
ମୁରଲୀ ମଧୁର ନାଦେ ସୁରଭି କୁଳକୁ

ଡାକି ଡାକି ଡାକୁଛନ୍ତି ତୋ ଆଡ଼େ କେତେ ନସୁନାଞ୍ଚଳକୁ ।୫
ଚାହିଁ ସଖୀ ଆପଟରେ ରହି ଶ୍ରୀ ରାଧିକା

ଗୋପାଳକୃଷ୍ଣ ବୋଲଇ ଝିଙ୍ଗିଲା କରୁ ମୁରଲୀ ତଳକୁ ।୬

—*—

ରାଗ ପରଜ—ମିଶ୍ର ରୂପତାଳ

ମୋ କୃଷ୍ଣଚନ୍ଦ୍ରମା ପରି ଆନଟି କେ ଅଛି ସରମା । ପଦ ।
ରତ୍ନ ଚିନ୍ତାମଣି ମୋର   ତ୍ରିଭୁବନ ଅଳଙ୍କାର
ଦୁଃଖିର ସଙ୍ଗାଳ ଦରିଦ୍ରର ଧନ ମୋ ଶ୍ରୀ ହରି ।୧
ଝାଳରେ ତିନ୍ତି ଅଳକ   ଲିଭି ଯାଇଛି ତିଳକ
ସ୍ତନ୍ୟ ଦେଇ ମୁଖବାସେ ପୋଛି ଭଷେ ବ୍ରଜେଶ୍ୱରୀ ।୨
ଖେଳୁଥିଲୁ କାହାଘରେ   ଧୂଳି ପୂରିଛି ଦେହରେ
ଦେଖାନ୍ତି ମାଇଁକି ମୋର ବାବୁ ତୋ ବଦନ ଶିରୀ ।୩
ଦେଖ କାହିଁ ନାହିଁ କିଛି   ଉଦର ବଳ ହେଉଛି
ମୂଢ ପଣେ ମୁଁ ରହିଲି ତେଣେ ଗୃହକୃତ୍ୟ କରି ।୪
ତୁମ୍ଭର ଆଶୀଷ ପାଇ   ଆଉ ଚିରଂଜିବ ହୋଇ
ବୋଲି ମୁଖେ ମୁଖ ଦେଇ ଚୁମ୍ବନ୍ତି କାଖରେ ଧରି ।୫
କାହିଁ ରହିଥିଲୁ ଯାଇ   ମୋତେ ମନେ ନ ପକାଇ
ବୋଲଇ ଗୋପାଳ କୃଷ୍ଣ ଖେଳରେ ହେଲେ ପାସୋରି ।୬

—*—

ରାଗ ଝିଂଝୋଟୀ—ମିଶ୍ର ରୂପତାଳ

(ଦୁଃଖିଧନ ଦୁଃଖମୟ ନକର ସରସ ମନ—ବୃତ୍ତେ)
ଶ୍ୟାମ ଅପବାଦ ମୋତେ ଲଗି ଥାଉରେ ପ୍ରାଣସହି ।
ନିତ୍ୟ ସେହି ଚରଣରେ ମୋ ମନ ଯାଉରେ । ପଦ ।
ଚାହିଁଦେଲେ ଥରେ ସେ ଶ୍ରୀମୁଖ   କୋଟିଏ କୋଟି ଜନ୍ମର ଦୁଃଖ
ଲିଭିଯାଇଛି ରେ ପରାଣ ମିତଣୀ ଯେତେତେ ବୋଲିବ ବୋଲୁଥାଉ ।୧
ବିନୟ ବାଗଧି ମୃଦୁବାଣୀ   ଶ୍ରୁତି ପଥରେ ଯେ ଥିବ ଶୁଣି
ପୀୟୂଷାଶନ ଜନଙ୍କୁ ଧନ୍ୟବୋଲି ବୋଲିବ କି ତା ଦୁଖରେ ଆଉ ।୨
ବାଉଭଡ଼ିକି ହୋଇଲି ପରି   ବୋଲୁଥିଲେ ହେଲେ ବ୍ରଜନାରୀ
ଶୁଣି ନଶୁଣିଲି ପରି ମୁଁ ଯାଉଛି ଆଡ଼ ଉହାଡ଼ରେ ଟେକିଦାଉ ।୩
ଗୋପାଳକୃଷ୍ଣ ବୋଲଇ ଧୀରେ   ବାଉଳୀ କୁଟିଳ ରୂପଲୀରେ
ବରଜ-ନଗର ଯାକ ଫୁଟି ହେଲି ଯଦ ବେଳେ ହେଉ ରାଉ ରାଉ ।୪

—*—

ରାଗ କାମୋଦୀ—ଆଦତାଳ

ଅକାରଣେ ଦୁଃଖୀରେ ଆନନ୍ଦ ସୁଖୀ । ପଦ

ନନ୍ଦ ନନ୍ଦନ ମନ୍ଦ ନ ଜାଣୁ ତୁ ତା ଛନ୍ଦ
ଫାନ୍ଦରେ ପକାଇ ତୋ ମନ୍ଦଭାଗ୍ୟକୁ
ନେବ ବୋଲନ୍ତେ ଶ୍ୟାମ ଉଦର ହେଲୁ ତମ
ଛଳି ଶ୍ୟାମ ପ୍ରେମରେ ଗୋପରକୁ ।୧
ମନ୍ତ୍ରର ସ୍ଥାନ ଯାର ସେ ଭଜିବ ସେ ଜାର
ଇତର କଲେ ତାର ନାହିଁ ଗତି;
ବୋଲି ବହନ୍ତେ ତୋତେ ନ ଦେନଲୁ କଂଶତେ
ପ୍ରତେହେଲା କି ଏବେ ଏ ସଙ୍ଗତି ।୨
ଗୁରୁଜନ ତର୍ଜ୍ଜନା ଜରଷ୍ଟର ଭର୍ତ୍ସନା
ଯାହାଲାଗି ଶୋଚନା ନ ହେନଲୁ ;
ସେ କି ଜାଣିଲା ତାହା ଆହା ଶିଷ୍ଟତ ଦେହା
ମୁଁ ଆଉ କଷ୍ଟ ଦେହ ସୁହାଇଲୁ ।୩
ଏହିଲାଗି ବନନ୍ତ ପ୍ରିୟ ହେଲେ ଆରତ୍ତ
ଧଣ ନପାନ୍ତି ଧୃତ ଦସ୍ୟୁବନ୍ତ;
ନୋହିଲେ ଇଷିତରେ ଶିଖି ପିଛ କୂଳରେ
ଲେଟିବାର ଦେଖନ୍ତେ ସଖୀତନ୍ତ ।୪
ଲଳିତା ହିତବାଣୀ ବୃଷଭାନୁଜା ମଣି
ଲଭୁ ଧୈର୍ଯ୍ୟ ସେଷଣି ମାନସରେ;
ଜାଣି ହୋଇଲ ତୁଷ୍ଟ କବି ଗୋପାଳକୃଷ୍ଣ
କୃଷ୍ଣ ଅଇଲେ ସେହି ଅବସରେ ।୫

ରାଗ ମୋହନା—ମିଶ୍ର ରୂପତାଳ

ଦୁଃଖିଧନ ! ଚନ୍ଦ୍ରାନନରେ
ତୋତେ ପଠିଆଇ ଦେବ କେଉଁ ବନରେ ।ପଦ।
ତୋ ଜନମରୁ ଆଜଯାଏ ମୁହିଁ;
ଦେହ ପାସୋରି ନିଦଜାଣି ନାହିଁ;
କ୍ଷଣେ ଇକ୍ଷଣରୁ ଆଉ ହେଲେ ଦଣ୍ଡ
ଦଣ୍ଡ ଦିଶୁଛି ତ ମୋତେ ଶୂନ୍ୟରେ ।୧
ଅତି ବିଷମ ଗୋ ଘରଣି ବୃତ୍ତି
ସେ ତ ଦୁଃସହ ଦୁଃଖର ବସତି;
ଧେନୁ ରଖିବାର ଭୁକ ଜାଣିବାରୁ
ଖାଇ ଜାଣିନାହୁଁ କରେ ଅନ୍ନରେ ।୨
ତୋ'ତେ କେ ଶିଖାଇଲା ଏ ବୁଦ୍ଧି
କେତେ କହିଲେ ନଯେନୁ ପ୍ରବୋଧି;
କାଖରୁ କ୍ଷଣେ ନ ଓହ୍ଲାଇ ତଳକୁ
ପର୍ଯ୍ୟନ୍ତ ନସ୍ତୁହୁ ନିଶିଦିନରେ
ନବ ମାଳିମ ମାରଦ ସୁନ୍ଦର
ନୟନର ମିତୁଳା ତୁ ମୋହର;
କର ମାଳିକର ଲାଗି ଲୁଳିଯିବ
ଶିରୀଷ କୋମଳ ଅପଘନରେ ।୪
ଶେଯେ ଶୁଆଇଲେ କୋଳରୁ ତୋଳି
ମା ମା ବୋଲି ଡାକୁ କଣ୍ଠ ଫୋଟାଳି;
ପଳାଇ ଗଲା ପରି ହୋଇ ଆତୁର
କାଲି କରୁଥିଲୁ ସ୍ତନ୍ୟ ପାନରେ ।୫
ଆରେ କରଜଗତ ପୁଣ୍ୟ ପୁଞ୍ଜ;
ପୁରେ ରହିଥାଅ ତୁ ନଅରଜ;
ପୋଷା ନ ଗଲେ ଭଷା ପଟଳ ମାଗିବ
କାଟି ଇନ୍ଦ୍ର ସମ୍ପତ୍ତି ତୋ ଦରଶନରେ ।୬

ଆଣି ନୟନରୁ ପାଣି ରୋହିଣୀ
ବୋଲନ୍ତି ଶୁଣିବାକୁ ଯଦୁମଣି;
ଜନନୀ ଦୁଃଖ ଧରଣୀ ଧରୁନାହିଁ
କି ଏତେ ନିଷ୍ଠୁର କଲୁ ମନରେ । ୭
କହୁ ପୁଣ କହିଲା ଶ୍ରୀ ଯଶୋଦା
ସ୍ତନ୍ୟ ଅଶ୍ରୁ ସ୍ୱେଦରେ ହେଲେ ଓଦା
ନବୀନ ଗୋପାଳ କୃଷ୍ଣ କହେ ପୌର୍ଣ୍ଣ
ମାସୀ କରିବେ ତ ସମାଧାନ ରେ । ୮

—*—

ରାଗ ଶଂକରାଭରଣ—ରୂପକ ତାଳ

(ପୋଡ଼ୁ ପର ଅନୁରାଗ । ତହୁଁ ଭଲ ତନୁ ତ୍ୟାଗ—ବୃତ୍ତେ)

ବ୍ରଜ ବନକୁ ମନ ଯା ଚାଲିରେ । ଜପୁ ରାଧେକୃଷ୍ଣ ବୋଲିରେ । ପଦ
ସଂସାର ଏଥିରେ କିଛି ନାହିଁ ସୁଖ । ମୂରୁଖ ସବୁଟି ଦୁଃଖରେ ।
ନିଭୃତ କୁଂଜରେ ବିଜେ କରିଛନ୍ତି ରହି ଦେଖ ଚନ୍ଦ୍ର ମୁଖରେ । ୧
ଚିନ୍ମୟ ଚିଦ୍‌ଘନ ରସମୟ କୃଷ୍ଣ । ଆନନ୍ଦ ରୂପିଣୀ ରାଧା ।
ସଖୀ ମଞ୍ଜରୀଙ୍କ ସଂଗତେ ରହିବୁ ନାଶିବେ ସକଳ ବାଧାରେ । ୨
ନିଶାନ୍ତରୁ ରାସାବସାନ ପର୍ଯ୍ୟନ୍ତେ । ସେବାରେ ଥିବୁ ସତତରେ
ନିଷ୍କାମ ହୋଇଣ ସାଧୁଜନେ ପୁଣ ରହିଣ ଭାଳ ତୁ ଅନ୍ତରେ । ୩
ଶ୍ରୀଗୁରୁ ଦତ୍ତ ବୀଜମନ୍ତ୍ର ଆଧାର କରିଣ । ହୃଦରେ ରଖରେ
ଗୋପାଳକୃଷ୍ଣ ଭାଷଇ ସେ ଯୁଗଳ ରସକୁ ଭାବ ତୁ ସୁଖରେ । ୪

—*—

ରାଗ ମୋହନା—ତିସ୍ରଗତି ଏକତାଳି

(ରାଧା ଗୋବିନ୍ଦ ଭଜରେ ମାନସ ! ବୃତ୍ତେ)

କେ ପଥ ବଣା କଲାରେ ବ୍ରଜ ବଧୂକୁ । ପଦ
ସଖି କେଉଁ ରମଣୀ ମୋ ପ୍ରୀତି ଚିନ୍ତାମଣି
ପାଇ ରଖି ଦେଲାରେ । ୧
କେତେ ସରସେ ସଜ ସାଜିଥିଲି ମୁଁ ଆଜ
ମୋ ଆଶା ଛିନ୍ନାଇଲାରେ । ୨

ମୋତେ ସ୍ୱର କଣ୍ଠିରେ   ଜଗାଇ ସେ ଅଙ୍କରେ
ଧରି ନଶି ବଂଶଲି ରେ । ୩
କଣି ଥିଲି କୋଠାରେ   କ କହ୍ନି ସେ ମୋନାଠେ
ମାନସ ଭଙ୍ଗାଇଲାରେ । ୪
ଗୋପାଳକୃଷ୍ଣ ଭାବେ   ଦେଖି ବଚନ କଲେ ସେ
ବୋଲ ଭ୍ରୂରୁ ଗ୍ଲାନିରେ । ୫

—*—

ରାଗ:ଝିଞ୍ଜୋଟି—ମିଶ୍ରଝପତାଳ

(ମୁରଲୀ ତୋରେ ଶରଣ ଗଲି—ବୃତ୍ତେ)

ଯାହାର ଯେ ପ୍ରାଣଧନ ଗୋ
ତାହା ପରେ ସିନା ତାର ଗୁମାନ ଗୋ । ପଦ
ରୂପାନୁଷିରେ ମିଶା ମିଶି ମନ
ସୁନା ସୁଠ ପରି ବଢ଼ଇ ମାନ ଗୋ । ୧
କଥାକୁ ପ୍ରଶ୍ନ ଉତ୍ତର ବଚନ
ନ ଦେଲେ ଅନ୍ଧାରତ ତ୍ରିଭୁବନ ଗୋ । ୨
ବିନ୍ଧି ବଚଣ କେବେ ହୋଇଲେ ଭିନ୍ନ
କୋଟିଏ ଯୁଗତ ଗୋଟିଏ ଦିନ ଗୋ । ୩
ନୁହଇ ମୁଁ ସେତେଭଳି ଭାଜନ
ଚନ୍ଦ୍ରାବଳୀକି ସେ ଅନୁରଞ୍ଜନ ଗୋ । ୪
ଭାଳି ସଜନୀ କଲେ ଅନୁମାନ
ଦୁହେଁ ଦୁହିଁଙ୍କର ମନ ଜୀବନ ଗୋ । ୫
ଗୋପାଳକୃଷ୍ଣ କହଇ ମୋହନ
ହେଟି ଆସିଲେନ ଉଠ ବଦନ ଗୋ ୬

—*—

ରାଗ ମୋହନା—ମ ଶ୍ରରୂପତାଳ

କରନ୍ତୁ ପୀୟୂଷ ଆଳୀ ଢ଼ାଳି ଦେଲ ରେ ପ୍ରାଣମିତଣି । ପଦ
ଧିକ ହେଉ ମୋର ନକଲି ବସ୍ତୁର
ଗୁମାନ ବୋଲି ମୁଁ ବିଷ ପାନ କଲି ରେ । ୧
ରକ୍ଷି ନେନ୍ତେ ମୋର ମୋ ଶ୍ୟାମ ସୁନ୍ଦର
ବ୍ୟାସ ପ୍ରସାରି କନ୍ଥ ଯା ଭୁଜ ହେଳିରେ । ୨
ଦେଇ ନିଜ ଆନ ନାହିଁ ମୋର ଆନ
ବୋଇଲେ ହେଲେ କଂକତେ ନରୁହିଁ ରେ । ୩
ପଦ ହେଲେ ସତେ ତତ୍ତ୍ୱଯାତ୍ରା ଯେତେ
ଆକୁଳ ହୋଇଲେ ମୁଁ ତାଙ୍କ ସହିଲିରେ । ୪
କାଳିନ୍ଦ୍ରୀ ଘାଟରେ ଭଙ୍ଗଏ ତଳରେ
ଗୋପାଳ କୃଷ୍ଣ ଦେଖିଲା ଶୁଣିଥିଲିରେ । ୫

—*—

ରାଗ ନାଦନାମ କ୍ରିୟା—ମିଶ୍ରରୂପତାଳ

ଏକ ପରମାଦ ଆସି ପଡ଼ିଲା ମା ?
ଦଣ୍ଡେ ତ ଶ୍ୟାମ ସଙ୍ଗ ନ ଛାଡ଼ିଲା ମା । ପଦ
ସେହି ବରହ୍ମ ଉତ୍ତଂସ ସେହି ନଟବର ବେଶ
ଯେଣେ ଗଲେ ଆଗେରହି ଅଡ଼ିଲା ମା । ୧
ଚଳି ଯେତେ ପଶି କଳି କଲେ ଶିଖଣ୍ଡ ମଣ୍ଡଳି
ନଷ୍ଟଳ କର ଶିରରେ ଯୋଡ଼ିଲା ମା । ୨
ଲୋଡେ ମୁଁ ଅଧର ବଂଶି ବେଣୀ ଶେଷରେ ପ୍ରେୟସି
ମାରୁ ମାରୁ ହୃଦେ ହସି ଜଡ଼ିଲା ମା । ୩
କେଉଁ ପଥେ କେ ନଜାଣୁ ଯାଇ ସେ ମୁଁ ନ ପାଉଣୁ
ନିତ୍ତ ମୋର ସେଜରେ ଚଢ଼ିଲା ମା । ୪
ଗୋପାଳକୃଷ୍ଣ ଭଣେ ବୃଷଭାନୁ ଜେମା ଶୁଣ
ସେ ପ୍ରେମ ସିନ୍ଧୁରେ ଚିତ୍ତ ବୁଡ଼ିଲା ମା । ୫

—*—

ରାଗ ଆନନ୍ଦ ଭୈରବୀ—ଏକତାଲ

(କେତେ ହଟିଅରେ ସେ ନବନାଗର—ବୃତ୍ତେ)

ମୋତେ ଲଗାନାରେ ବ୍ରଜବଧୂ ଲଟ
ଭୃଙ୍ଗେରୁ ଭୁଞ୍ଜ ଜଟିଳା କରିବ ନିପଟ । ପଦ
ଥରେ ହେଲେ ସ୍ୱଚ୍ଛ କରି   ଦଲେକ ନାହିଁ ମୁଁ ତରେ
କଳାଙ୍କ ଗୋପ୍ତ ସେ ନବ ଶିଖଣ୍ଡ ମୁକୁଟ । ୧
ଅତି ମନ୍ଦ ମୋ ନଣନ୍ଦ   ଜଣିଲ୍ଲ ସଖି ଅଳନ୍ଦ
ସନ୍ଦେହାଧ ହୋଇ ବଦନ କରୁଛି ବିକଟ । ୨
କାଲି ଗୋଷ୍ଠ ପ୍ରାଙ୍ଗଣରେ   ବୃଦ୍ଧ ଆଭୀର ସଭାରେ
ଚନ୍ଦ୍ରାବଳୀର ଚରିତ ବସିଥିଲ ଦାଠ । ୩
ଗୁଲ୍ଲ ଗାଦ କର୍ଣ୍ଣି କର୍ଣ୍ଣି   ପଡ଼ୁଛି ନାନା ଅରିଷ୍ଟି
ଭୁଗ୍ନକୁ ଲୋକ ତରକ ବାନ୍ଧୁଛନ୍ତି ବାଟ । ୪
କୃଷ୍ଣ ଲାଗି ମାଳା ଦେଇ   ଗୋପାଳ କୃଷ୍ଣ କହଇ
ଆନ ଦେଇଛନ୍ତି ଜନ ନଥାଅ କବାଟ । ୫

—*—

ରାଗ ଖମାଚ—ଆଦିତାଳ

(ନବଙ୍ଗରେ ଶ୍ୟାମଙ୍ଗି ଝରଣ ହୁଅ ସାହା—ବୃତ୍ତେ)

ଭଜମନ ରାଧେକୃଷ୍ଣ ରାଧେ କୃଷ୍ଣ ବୋଲରେ ।
ବ୍ରଜକୁ ଚଳା ଯା ଏ ଜଞ୍ଜାଳରୁ ହୁଗୁଳରେ । ପଦ
କାହାର ତୁ ତୋହର ଏକ ହୁଅନା ବାଉଳ ରେ
ମିଳିବନ୍ତି ପ୍ରେମଧନ ପ୍ରାଣକୁ ସଂଖାଳ ରେ । ୧
ଡାଳ ଡାଳ ଶ୍ରୀବୈଷ୍ଣବ ପଦାବ୍ଜ ମଣ୍ଡଳରେ
ବୁଲି ମାଗ ମାଧୁକରୀ ପ୍ରସାରି ଅଞ୍ଜଳୀରେ । ୨
ଗୋବର୍ଦ୍ଧନ ପରିକ୍ରମା କର ମାରି ତାଳରେ
ଲୋଟି ହୁଅ କୋଟିବାର ରାସସ୍ଥଳୀ ଧୂଳିରେ । ୩
ଶ୍ରୀନାମ ସୁଧାରେ ଘନ ସାର ଶ୍ରଦ୍ଧା ଗୋଳରେ
ପାନ କରି ନାଚମଥା ପରେ କର ଭୋଳ ରେ । ୪

ଶ୍ରୀକୁଣ୍ଡ ନୀରରେ ବୁଡ଼ି ତାର କୁଂଜ କଳୀରେ
ରହ ଯା ମଧ୍ୟାହ୍ନ ଲୀଳାଯାକ ଖଳି ଖଳି ରେ । ୫
ପ୍ରେମ ଚନ୍ଦ୍ରାମଣି ଏହି ଅଭଧା ବୁଝିଲ ରେ
ଗୋପାଳକୃଷ୍ଣଙ୍କୁ ଭୁଲନା ଆଉ ତୁ ଭୁଲରେ । ୬

—*—

ରାଗ ମୋହନା—ମିଶ୍ର ରୂପତାଳ

(ଆଗୋ ଜନନ ମାଟି ମୁଁ ଖାଇନାହିଁ—ବୃତ୍ତେ)

କହିବାକୁ ସିନା ଶ୍ୟାମ ପ୍ରୀତି କରୁଛି
ନୋହିଲେ କି ଦାରୁଣ ପ୍ରାଣ ରହିଛି । ପଦ
ଗୁଣ ଯାକ ସୁମରି — ବସିଛି ମୁଁ ଆଉରି
ଯାଠାରୁ ଯାହାକୁ ବନ୍ଧୁ ସରିଛି । ୧
ଏହି ମୁଖେ ମୋହନ — ମୋ ଜୀବର ଜୀବନ
କୋଳୁଥିଲ ତଳେ ମୁହିଁତ ଜଇଁଛି । ୨
ସୌଭାଗ୍ୟ ବଞ୍ଚାପଣ — ଝଣାଇ ବାକୁ ଜାଣ
ଈକ୍ଷଣରୁ ଲୁବ୍ଧ ଦୁହାଇ ଦେଉଛି । ୩
ଜାଣିଲି ଅପସ୍ମାର — ଏ ହୃଦୟ ମୋହର
ଫାଟି ନ ଯାଉ ବୋଲି ବନ୍ଧି ଗଢ଼ିଛି । ୪
ଏ କାଳୁ ବାଣି ଶୁଣି — ଗୋପାଳ କୃଷ୍ଣ ଭଣି
ସେ କେଣେ ଯିବ ମୁହିଁ ଯାଇ ଆଣୁଛି । ୫

—*—

ରାଗ ମାସ୍ୱାମାଳବ ଗୌଡ଼ା—ମିଶ୍ରରୂପତାଳ

(ବରଜ ଶିବ ସର ସିବଟି କଶୋଷ୍ଣରେ—ବୃତ୍ତେ)

କଶୋର ମଣି ! ପଡ଼ିଲା ସେ-ଟୋ ନେତେ ସରଣି ରେ । ପଦ
ନବାଞ୍ଜନ ଚର — ତା ତନୁ ମାଧୁରୀ
କୁଂଜେଚଣି ଦେବତା ସେ ପୁଣିରେ । ୧
ନଟବର ବେଶ — ବରହ ଉତ୍ତଂସ
ଲଳିତ ତ୍ରିଭଙ୍ଗ ଭଙ୍ଗୀ ଠାଣିରେ । ୨

ନାସାରେ ବସିଣ ନାଶିପତ୍ର ବେଣୀ
ବଂଶୀ ମୁଖରେ ବନ୍ଧ ଗୃହାଁଣି ରେ । ୩
ଦେଖିଲେ ସୁବର୍ଣ୍ଣ ଢାଳୁଲେ ଗୋଡ଼ାଙ୍କୁ
ହେଉଛନ୍ତି କୁଂଜର ଗୃହାଣୀ ରେ ।୪
ଲଭିଲୁ ଏଦଶା ବୃଥା ରସାଳସା
କାଲି ଏକା ଆଣିଯାଇ ପାଣିରେ । ୫
କଂପ ସ୍ୱର ଭଙ୍ଗ ରୋମାଞ୍ଚ ଉଦ୍‌ବେଗ
ମୋହ ହେଉଛି କ୍ଷଣକୁକ୍ଷଣି ରେ । ୬
ଏଥିକି ଉପାୟ ଶ୍ରୀନନ୍ଦ ତନୟ
ଜାଣନ୍ତି ଗୋପାଳ କୃଷ୍ଣ ଭଣି ରେ ।

—*—

ରାଗ ମୋହନା—ମିଶ୍ର ରୂପତାଳ

(ଜଣାଥିଲା କି ମୋତେ ଏ ରାତିରେ—ବୃନ୍ଦେ)

ଯେଉଁ ସୁନ୍ଦର ସ୍ୱପନ ରାତିରେ
ଦେଖିଲି ରୋହିଣୀ ଅଷ୍ଟ ମାତ୍ରରେ
ମୋ କୃଷ୍ଣଚନ୍ଦ୍ରମା ବୃଷଭାନୁ ଜେମା
ଦୁହିଁଙ୍କି ଦମ୍ପତି ରାତିରେ । ପଦ ।
ନୂଆ ବସନ ନୂତନ ଭୂଷଣ
ଭୂଷିତ ହୋଇ ଆସି ମୋ ଚରଣ
ତଳେ ଓଳଗିଲୁ ନବବଧୂ ପରି
ବୋଲି ମୁଁ ଧଇଲି ଗୁନ୍ଥରେ । ୧ ।
ମୋ ମୋହନର ହୃଦୟରେ ଥିଲା
ମଲ୍ଲୀମାଳା ମାଗିଲି କାଢ଼ି ଦେଲା
ହସି ତୋତେ ରାଧା କେଶେ ପିନ୍ଧାଇଲି
ବୋଲି ହେଉଛି ପ୍ରଶାନ୍ତରେ । ୨ ।
ରୁଣ୍ଡ ହେଲା ପ୍ରାତେ ସର୍ବ ମଙ୍ଗଳ
ହସୁଥିଲା ଏ ଗୃହ କି ଗହଳ

ବଳସିଲା ପର ପ୍ରତେ ହେଉଥିଲା
ପରମ ଲକ୍ଷ୍ମୀ ମୂରତିରେ । ୩ ।
ଆଣୁ ମୋ ଶ୍ୟାମ ସୁନ୍ଦର ସଦ୍ମକୁ
ଲାଜେ ସେ ଦୁଗ୍ଧ ପିବାର ପଦ୍ମକୁ
ମୁହିଁ କୋଟିଧନ ଲଭିଲା ପରାୟେ
ହେଉଥିଲା ମୋତେ ସୁଖ ଚିତ୍ତରେ । ୪ ।
ପୀଠେ ନବସୁ ଭୋଜ୍ୟ ବାଢ଼ି ଦେଲା
ରମ୍ୟ ରନ୍ଧନ ଗୃହେ ମୁହିଁ ଥିଲା
ଗୋଷ୍ଠେନ୍ଦ୍ର ଅଶନାନ୍ତେ ଶୁଣି ମୁଁ ବୋଲୁ
ବସିଲା ତା କୃଷ୍ଣ କଟିରେ । ୫ ।
ଶୁଣି ଗୋପାଳ କୃଷ୍ଣ ସେ ସଳାପ
ଚଳ ସ୍ୱସ୍ୱାମିନୀ ଆଳି କଳାପ
ବସିଥିଲେ ଶ୍ରୀ ଲଳତାଙ୍କୁ କହିଲା
ଆନନ୍ଦାନ୍ତେ ଏ ସଂଗତ ରେ । ୬

—*—

ରାଗ ଝଞ୍ଜୋଟି—ମିଶ୍ର ରୂପତାଳ

(ମୁରଲୀ ତୋରେ ଶରଣ ଚରଣ ଗଲି—ବୃତ୍ତେ)

ଶ୍ୟାମର ଚୋର କଥା ନାହିଁକି ରେ
ତୁ ନ କହିଲେ ମୁଁ ଜାଣୁ ନାହିଁ କିରେ । ପଦ ।
ତାଙ୍କ ସ୍ତନକ୍ଷତ ପୂଜିବା ଧନ
ସବୁ କରନ୍ତି ମୁହିଁ ଅନୁମାନ ରେ । ୧ ।
ନଜାଣିଲାପରି ସେଟା ଆଢ଼ିକୁ
ଅନ୍ଧୁ ଦୁଗ୍ଧ ପିବାର ତୁ ପଦ୍ମକୁରେ ।୨
ଅର୍ଘ୍ୟ ଥାଳୀରୁ ବଚକଳ ମାଳା
ତୁ ଦେଲାବେଳେ ଚଳା ଚଳି ଡୋଳାରେ ।୪
ସେ ପ୍ରକୋଷ୍ଠରେ ତୁ ରସବଶରେ
ହସା ହସି ହୋଇ ଅନାଅନରେ ।୩
ଚନ୍ଦ୍ରମୁଖୀ ସଖୀ କଣ୍ଠ ହସିଲା
ହୋଇଲେ ଗୋପାଳ କୃଷ୍ଣ ଭସିଲ ରେ ।୫

—*—

ରାଗ—ବରାଡ଼ୀ ଆଷାଢ଼ ଶୁକ୍ଳ ତାଳ-ଝୁଲା

ଭଜ ଭୁ ରେ ମନ ।
ନନ୍ଦ କୁଳ ଚନ୍ଦ୍ର ବ୍ରଜ ମୋହନ । ଘୋଷା ।
ଶ୍ରୀ ବୃନ୍ଦାରଣ୍ୟ ନବୀନ ମଦନ । ଗୋକୁଳଜା ହୃଦତଟ ଚନ୍ଦନ ।
ରାଧିକା ଲପନ ବିଧୁ ଚକୋର । ଭକ୍ତ ଚାତକ ନବ ଜଳଧର । ୧ ।
ବ୍ରଜେଶ୍ୱରୀ ନେହାନନ୍ଦ ପ୍ରସନ୍ନ । ସର୍ବ ବ୍ରଜବାସୀ ଦୁଃଖ ପାସୋରା ।
ନିତ୍ୟ ନୂତନ ମୂରତି ସୁନ୍ଦର । ନବ କିଶୋର ନବ ନଟବର ।୨।
କଦମ୍ବ ପାଦପ ତଳ ଲମ୍ପଟ । ଗୋପୀ ବଦନାମ୍ବୁଜ ମଧୁଲିଟ ।
ଲଳିତ ତ୍ରିଭଙ୍ଗ ମୋହନ ଠାଣି । ସୁରମ୍ୟାଙ୍ଗ ବିଦଗ୍ଧ ବଂଶୀପାଣି ॥
କୋଟିମନମଥ ମନ ମଥନ । ଲାବଣ୍ୟ ବିଗ୍ରହ ମୋଦ ବର୍ଦ୍ଧନ ।
ଗୁଣ ରତ୍ନାକର ଲୀଳା ବିହାରୀ । ଶ୍ରୀ ଗିରିରାଜ ଗୋବର୍ଦ୍ଧନ ଧାରୀ ।୪
ନିଭୃତ ନିକୁଞ୍ଜ ନିଳୟ ବାସୀ । ଅପ୍ରାକୃତ ପ୍ରେମ କେଳି ବିଳାସୀ ।
ସାର ରସାମୃତେ ସଦା ମଗନ । ବ୍ରଜ ବଦ ସାର୍ବଭୌମ ଚିଦ୍‌ଘନ ॥
ଯାମଳାର୍ଜ୍ଜୁନ ଶାପ ବିମୋକ୍ଷଣ । ଧର ଧାରଣେ ଗୋ ବ୍ରଜରକ୍ଷଣ ।
ସଦାନନ୍ଦ ଶ୍ରୀ ସର୍ବ ସୁଲକ୍ଷଣ । ସ୍ଫୁଟ ଶତପତ୍ର ଜଳ ଈକ୍ଷଣ । ୬ ।
କଳିନ୍ଦ ତନୟା ତୀର ବିହାରୀ । ଗୋଧନ ଚାରଣ କାନନଚାରୀ ।
ମହାନାଗରେନ୍ଦ୍ର ସର୍ବାବତାରୀ । ଗୋପାଳ କୃଷ୍ଣର ଶତ୍ରୁ ସଂହାରୀ ।୭

—*—

ଜଣାଣ

ରାଗ ପୁନ୍ନାଗ—ତାଳ ଝମ୍ପା

(ଭଜ ମନରେ, ଘନ କଳା କହ୍ନାଇ—ବୃତ୍ତେ)
ଦୀନ ବନ୍ଧୁ ହେ ! ହରି ଜଗନ୍ନିବାସ
କାହିଁ ପାଇଁ ପ୍ରଭୋ ନିରାଶ କରୁଛ
ନୁହଇ କି ଭବେ ମୁଁ ତୁମ୍ଭ ଦାସ । ଘୋଷା ।
ନିଶ୍ଚିନ୍ତରେ ବସି ନାମ ଭଜିବାକୁ
ପାଉନାହିଁ ଲବେ ମୁଁ ଅବକାଶ,
ଦୁଃଖ ନିବାରଣ କାରଣ ତାରଣ
ସହାୟ ନୋହିଲେ ଗଲିଟି ନାଶ । ୧ ।

ଶ୍ରୀ ପତି ଶ୍ରୀରଙ୍ଗ ଆହେ ଶ୍ୟାମଳାଙ୍ଗ
ନ ଶୁଣିବ ଯେବେ ମୋ ଦୈନ୍ୟଭାଷ,
ତୁମ୍ଭ ବ୍ୟତିରେକେ ଅଛି ବା ଆଉ କେ
ଜଣାଇବି ଦୁଃଖ ମୁଁ କାହା ପାଶ । ୨ ।
ମାଗୁନାହିଁ ଧନ ଜନ ବଡ଼ପଣ
ମାଗୁଛି କେବଳ ଶ୍ରୀ ବ୍ରଜେ ବାସ,
ସାଧୁ ସଙ୍ଗେ ଥାଇ ତବ ଗୁଣ ଗାଇ
ଅବିରତ ହେଉଥିବ ଉଲ୍ଲାସ । ୩ ।
ହେ ରାଧାରମଣ ଶରଣ ରକ୍ଷଣ
ଅକାରଣ କୋଉ ମୋ ଅଭିଳାଷ,
ଗଲାବେଳେ ଜୀବ ତୁଣ୍ଡ ଉଚ୍ଚାରିବ
ହା ରାଧା ଗୋବିନ୍ଦ କୁଞ୍ଜ ବିଳାସ । ୪ ।
ଷଡ଼ ରିପୁଙ୍କର ଦାଉ ଭୟଙ୍କର
ଯେ ଯା ମାର୍ଗେ ଟାଣି ଦେଖାନ୍ତି ତ୍ରାସ,
ଏକରୁ ଆରେକ ଦର୍ପୀ ଅତିରେକ
ଜଗି ବସିଛି କରିବାକୁ ଗ୍ରାସ । ୫ ।

---

* ମୋର କୋରାପୁଟ ଜିଲ୍ଲା ଭ୍ରମଣ କାଳରେ ପାରଳାଖେମଣ୍ଡି ଦେଇ ଗୁଣୁପୁର ଯିବାକୁ ହୋଇଥିଲା । ପାରଳାଖେମୁଣ୍ଡି ଦେବ-ମଠ'ର ସୁଯୋଗ୍ୟ ମହାନ୍ତ ଶ୍ରୀଯୁକ୍ତ ସୀତାରାମ ଦାଶ ଗୋସ୍ୱାମୀ ମହାଶୟ ଗୋପାଳକୃଷ୍ଣ ପାଠାଗାର ଆଡ଼େ ବୁଲାଇ ନେଇଥିଲେ । ଭକ୍ତକବି ଗୋପାଳକୃଷ୍ଣଙ୍କ ସମ୍ପର୍କରେ ସେ ଅନେକ କଥା କହିଲା-ପରେ ତାଙ୍କପ୍ରତି (୰ ଗୋପାଳକୃଷ୍ଣ ପଟ୍ଟନାୟକ) ମୋର ଅପାର ଭକ୍ତି ଆସିଲା । ଗୁଣୁପୁରରେ ଲକ୍ଷ୍ମୀନାରାୟଣ ମନ୍ଦିରରେ ରହିଥିବା ବେଳେ ବଂଶଧାରା କୂଳ ବହ୍ମପୁର ବଜାରର ଗୋଟିଏ ଅନ୍ଧ ମୁହଁରୁ ଏହି କାବ୍ୟଟି ଶୁଣି ସାଦରେ ଲେଖି ଆଣିଥିଲି ।

'ସଂକଳକ'

ଏ ସର୍ବ ବିପଦୁଁ ରଖ ଭକ୍ତବନ୍ଧୁ
ଅନ୍ତର୍ଯ୍ୟାମୀ ନାଥ ହେ ପୀତବାସ,
ହଂସଜ ଡ଼ଗରେ ଆସି ମୋ ଆଗରେ
ଅନ୍ତଃକାଳେ ଗଲେ ନ ଦେବେ ପାଶ । ୬ ।
ଶ୍ରୀ ଗୁରୁ ପ୍ରଦତ୍ତ ଦେହ ପାଇ ନିତ୍ୟ
ଧାମେ ଚଳିଯିବ ସେବା ସକାଶ,
ଗୋପାଳ କୃଷ୍ଣର ଗିର
ବ୍ୟର୍ଥ ନୋହୁ ହରି ଅନ୍ତର ପ୍ରାଣ । ୭ ।

—*—

ରାଗ ଆଶାବରୀ—ତାଳ,ଆଠତାଳୀ

(ପ୍ରିୟସଖି । ଶ୍ୟାମବନ୍ଧୁ ପରି କେହୁ ହିଶୁନାହିଁ—ବୃତ୍ତେ)
ଚନ୍ଦ୍ରାନନେ ! ଧନ୍ୟମୁହିଁ ସିନା ତୋ ପୀରତି ଧନେ ଗୋ । ପଦ ।
ତୋର ତନୁ ଅନୁରାଗେ ଜୀବଧନ
ଅନୁଦିନ ପିନ୍ଧେ ସୁପୀତ ବସନ
କେଳି ନୀପମୂଳ ମୋ ଆଶ୍ରୟ ସ୍ଥାନ,
ଏକା ତୋ ରୂପ ଦର୍ଶନେ ଗୋ । ୧ ।
ତୋ ନାମକୁ ଗାଇବାକୁ ପ୍ରାଣେଶ୍ବର ।
କରେ ଧରିଥାଇ ମୋହନ ବାଂଶୀ
ଯଥାକାଳେ ତୋ ସରଣୀ ଅନୁସରି,
ଭ୍ରମୁଥାଇ ବୃନ୍ଦାବନେ ଗୋ । ୨ ।
ତୋ ଲାଗି ଗନ୍ଧ ସୁମନସ ହାର,
ଖଞ୍ଜିଇ ଚନ୍ଦ୍ରକ ଚୂଡ଼ାରେ ମୁଁ ପରା
ତୋର ପଦଚିହ୍ନ ଧୂଳିରାଶି ତୋଳି,
ବୋଳନ୍ତୁ ଏ ଅଗ୍ରଘଟନ ଗୋ
ଶ୍ରୀ ଭକ୍ତିବେଦାନ୍ତ ସ୍ୱାମିଙ୍କପାଶେ,
କୋଳୁ ଏତେ ମଧୁବନ ଅବକାଶେ,
ଯୁଗଳ ପଦାବ୍ଜ ସେବାଧ୍ୟାନେ ରତ
ଗୋପାଳ କୃଷ୍ଣ ପ୍ରସନ୍ନେ ଗୋ । ୪ ।

—*—

ମନଶିକ୍ଷା-ଯୁଗଳ ଭଜନ

(ରାଗ—ଧନଶ୍ରୀ ତାଳ—ଏକତାଳୀ)

ଭଜମନ ! ରାଧା ଶ୍ୟାମେ,
ବାସ ଅଭିଳାଷ କର ନିତ୍ୟ ବ୍ରଜ-ଧାମେ ।ପଦ।
ଦିନୁ ଦିନୁ ପରମାୟୁ ଯାଉଅଛି ଚତି
ଭାବଦେଖ ରାଧାକୃଷ୍ଣ ବିନୁ ନାହିଁ ଗତି ।୧
ଧନଜନ ପୁତ୍ର ପତ୍ନୀ କେ ଅବା କାହାର ?
ଅସାର ସଂସାର ଏକା ହରିନାମ ସାର ।୨
କୁସଙ୍ଗ ବରଜ ସଦା ସାଧୁ ସଙ୍ଗ ବାଞ୍ଛି
ଜାତି, କୁଳ ଅଭିମାନ ତୃଣ ତୁଲ୍ୟ ମୁଞ୍ଚି ।୩
କୃଷ୍ଣଗୁଣ ଲୀଳା ଗାନେ ହୁଅ ତୁ ପ୍ରମତ୍ତ
ଯୁଗଳ ପଦାବ୍ଜ ଧନେ ହୋଇବୁ କୃତାର୍ଥ ।୪
ଭାଷଇ ଗୋପାଳ କୃଷ୍ଣ କି କହିବି ବେଣି
ସେବା ଅଧିକାର ପାଇଁ ହୁଅରେ ଲାଳସୀ ।୫

—*—

(ରାଗ—ମଙ୍ଗଳ ଗୁଜରୀ ତାଳ—ଏକତାଳୀ)

ଉତ୍ତମାଭକ୍ତି କି ମନ; କର ତୁ ଆଶ୍ରୟ
ପରିହରି ଜ୍ଞାନ କର୍ମ ଲଜ୍ଜା ଘୃଣା ଭୟ ।ପଦ।
ଯାବତ ବାସନା ତୋର ସମୂଳେ ବରଜ
ଅନୁକୂଳ ଭାବେ ସଦା ରାଧେକୃଷ୍ଣ ଭଜ ।୧
ସର୍ବୋପାଧି ଶୂନ୍ୟ ହୋଇ ରହିବୁ ତତ୍ପର
ହୃଷୀକେ ହୃଷୀକେଶଙ୍କ ସେବାକୁ ଆଦର ।୨
ସାଲୋକ୍ୟାଦି ପଞ୍ଚବିଧ ମୁକ୍ତିକି ନ ବାଞ୍ଛ
ଶୁଦ୍ଧ ପୁରୁଷାର୍ଥ ମଣି ତୁ'ପରି ଭିକ୍ଷ ।୩
ନିର୍ବିଧ ସୁଖରେ ତେବେ ଦିଅ ଜଳାଞ୍ଜଳି
ଅନୁରାଗେ ଦେନ କୃଷ୍ଣ ସଦ୍‌ଗୁଣ ଆବଳୀ ।୪

ନିଷ୍କାମେ ସାଧନ ଭାବ ପ୍ରେମଯେ ଅମୂଲ୍ୟ
କୋଟି କୋଟି ବ୍ରହ୍ମାନନ୍ଦ ନୁହେଁ ଯାର ତୁଲ୍ୟ ।୫
ଗୋପୀ ଅନୁଗତେ ରାଗ ମାର୍ଗ ଅନୁସରି
ଲୁବ୍ଧ ହୋ ଗୋପାଳ କୃଷ୍ଣ କହଇ ବହୁରି । ୬ ।

—*—

ଶ୍ରୀ ବୃଷଭାନୁଜା ପ୍ରେମ ନାମାବଳୀ

ଶ୍ରୀକୃଷ୍ଣ ଚୈତନ୍ୟ ଚନ୍ଦ୍ରାୟ ନମଃ

ଇତ୍ଥଂ ସର୍ବାର୍ଥଦା ରାଧା; ପ୍ରେମ ନାମାବଳୀ ଶୁଭା
ଯସ୍ୟାଃ କୀର୍ତ୍ତନ ମାତ୍ରେଣ, ଶ୍ରୀ ରାଧିକା ପ୍ରସୀଦତି

ପାହି ଶ୍ରୀ ରାଧିକେ, ତ୍ରାହି ଗାନ୍ଧର୍ବିକେ,
କୃଷ୍ଣ ପ୍ରାଣାଧିକେ, ଦୀନ ମାଳାଂଶୁକେ । ଧ୍ରୁବ ।

ଶ୍ରୀ କୀର୍ତ୍ତିଦାପୁତ୍ରି, ମହାଭାବ ଗାତ୍ରି
ରମୋମାଧିଷ୍ଠାତ୍ରି, ଗୋପୀ ପ୍ରେମଦାତ୍ରି ।୧
ମାଧୁର୍ଯ୍ୟାଣାଂ ପୂର, ହେ ଶ୍ରୀ ରାସେଶ୍ୱରୀ
ସ୍ଥିର ବିଦ୍ୟୁତ ଗୌର, ସୌଭାଗ୍ୟ ମଞ୍ଜୁଷା ।୨

ସାଧ୍ୱୀ ଜଗଦ୍‌ଗୁର୍ବି, ଗୋଲୋକାଧିଦେବି
ସ୍ୱାମିନି ମାଧବି, ଶ୍ରୀ ବାର୍ଷଭାନବି ।୩
ସୁଚେନ୍ଦୁ ଦାଭ୍‌ସିନି, ଶ୍ୟାମାଙ୍କ ବର୍ତ୍ତିନି
ସ୍ୟନ୍ଦ ନଲ୍‌ହ୍ଲାଦିନି, ହେ ଦୁଃଖ ଧ୍ୱଂସିନି ।୪

ହେ କୁଞ୍ଜ ରୋହଣ ହେମାବ୍ଜ ଦେହିନି
ଗୋବନ୍ଦ ମୋହିନି, କାରୁଣ୍ୟ ବାହିନି ।୫
ରତିର ପଦ୍ମପାଳି, ରୁଷକନ୍ଧରାଳି,
ସର୍ବଦା ପରିଚାଳି, ଶୁଦ୍ଧ ସଦ୍‌ଗୁଣା ବଳି ।୬

ନିତ୍ୟ ନୂତନକାୟେ, ଶ୍ୟାମ ସୁନ୍ଦର ପ୍ରିୟେ
ପ୍ରଣୟ ରହାଳୟେ, ପଶୁପରମାଶ୍ରୟେ ।୭
ଇନ୍ଦ୍ୱବ୍ଜ ପରିମଳେ, ଶଧୁବ୍ରାତ ଶୀତଳେ
ନବନୀତ କୋମଳେ, ନିଜ ଦାସୀ ବତ୍ସଳେ ।୮

ଅଖିଳ ଶକ୍ତିବରେ, ଜଗଦୈକବନ୍ଧୁରେ
ମଧୁବ୍ରତ ଭଙ୍ଗୁରେ, ମଣିଗୁରୁ ନୂପୁରେ ।୯
ଗୋକୁଳାଟ ପାଶେ, ସଦ୍ବ୍ରହ୍ମା ବନ୍ତସେ
ନିର୍ଲିପ୍ତ ନର୍ଦ୍ଦୋଷେ, କୋଟୀନ୍ଦୁସଂକାଶେ ।୧୦

ଅଭିନବ ପ୍ରମଦେ, ନଟନ ବିଶାରଦେ
ଗାମ୍ଭୀର୍ଯ୍ୟ ବରଦ୍ରଦେ, ଭ୍ରମଭସ୍ମ ବରଦେ ।୧୧
ସତ୍ପଥେ ସୁବ୍ରତେ, ଯଶୋଦାଲାଳିତେ,
ଷଡ଼ୈଶ୍ୱର୍ଯ୍ୟାନ୍ୱିତେ, ସ୍ୱୀୟ ପ୍ରେମାର୍ପିତେ ।୧୨

ଅଷ୍ଟାସାହ୍ନିକାଙ୍ଗି, ଚଳାପାଙ୍ଗ ଭଙ୍ଗୀ,
କୃଷ୍ଣ ସ୍ୟାବ୍ଜ ଭୃଙ୍ଗି ଗୋବନ୍ଦ ପ୍ରିୟାଙ୍ଗି ।୧୩
ଜୟ ଶ୍ରୀ କମଳନ, ନିବଳ ସୁଶୋଭନ,
ସିନ୍ଦୂର ତିଳକନ, ରମା ଶ୍ରୀବିଜୟନ ।୧୪

ଶତ୍ରୁ ମଦମର୍ଦ୍ଦିନ, ଗୋଷ୍ଠ ଶୁଭ ବର୍ଦ୍ଧିନ,
କୃଷ୍ଣମସ୍ୟ ବଳ୍ଗିନ, ଲଳିତାମ୍ବ ସଙ୍ଗିନ ।୧୫
ସତ୍ୟେ ଶାର୍ଥପୂତେ, ନଜାଳୀ ପ୍ରସିଦ୍ଧେ,
ଲାବଣ୍ୟାମ୍ବୁଧୌତେ ସ୍ୱପ ବସ୍ତାଙ୍କିତେ ।୧୬

ହେ ଧୀରାତିଧୀରେ, ନିତ୍ୟାନନ୍ଦପୁରେ,
ବନ୍ଧୁ ଗାବାଧରେ, କେଶାଦ୍ୟ ଗୋଚରେ ।୧୭
ହରି କରି ଶୁଙ୍ଗଳେ, ଜୟ ଜଗନ୍ମଙ୍ଗଳେ,
ମନ୍ଦରାକ୍ଷି ନର୍ମଳେ, ପ୍ରାକାନ୍ତ କୌଶଳେ ।୧୮

ସୁଧା ଧାରସିକ୍ତେ, ହେ ନର୍ମ ପଣ୍ଡିତେ,
ସୁସ୍ନିଗ୍ଧେ ବ୍ରଜହୃଦ୍ୟେ, ବିଦଗେ ବଦନେ ।୧୯
ଗୁରୁ ଭୃକାମୁକେ, ରତ୍ନ ଗ୍ରୈବେୟକେ,
ପିୟୂଷ ବାଚକେ, ଲସଦ୍ଧୋବଲ୍ଲିକେ ।୨୦

ସୌଭାଗ୍ୟ ରେଖିକେ, ବଜ୍ର ଲୋକକେ,
ଲୋଳଲୀଳାଳକେ, ସଙ୍ଗୀତ କୌତୁକେ ।୨୧
ହୋଜ୍ଜଳକର୍ଣ୍ଣକଳେ, ଚଳ ଦୃଗାଞ୍ଚଳେ,
ସୁନ୍ଦରକୁନ୍ତଳେ, ଶ୍ରୀଲ ଗଣ୍ଡସ୍ଥଳେ ।୨୨

ଶ୍ରୀ କୃଷ୍ଣାନୁ ଶୀଳେ, ହେଲୋଳ କୁଣ୍ଡଳେ,
ଗୋବର୍ଦ୍ଧନାନୁକୂଳେ, ସ୍ୱକେଳି ବନ୍ଧୁଳେ ।୨୩
ମାଣିକ୍ୟ ଖୁରଦେ; ହର୍ ପ୍ରେମୋନ୍ମଦେ,
କଳାସୁକୋବଦେ, କୃଷ୍ଣଶର୍ମାପ୍ରଦେ ।୨୪

କ୍ରୀଡ଼ାଧୌରେୟକେ, ଦିବ୍ୟାଙ୍ଗୁଳୀୟକେ,
ଘୋଣାଗ୍ର ମୌକ୍ତିକେ, ସ୍ତ୍ରୀ ମୌଳି ମାଳକେ ।୨୫
ସ୍ୱକାନ୍ତେ ସଶ୍ରୋଣି, ରମ୍ଭୋରୁ ସୃଗ୍‌ବିଣି,
କୋକିଳା ଭାଷିଣି, ଓଁକାର ରୂପିଣି ।୨୬

ମତ୍ତେଭ ଗାମିନି, ଚକ୍ରବାକସ୍ତନି
କଳଙ୍କ ବାଧନି, ଗୋଲକ ବାସିନି ।୨୭
ସୁପଟ୍ଟ ରଚଞ୍ଚିକେ, ଚିତ୍ର କଣ୍ଠୋଳକେ,
ମହା ଲକ୍ଷାଂଘ୍ରିକେ, ସୁରକ୍ତାଲକ୍ତକେ ।୨୮

ଶ୍ରୀକୃଷ୍ଣାଦଭନ୍ନେ, ଦାରିଦ୍ର୍ୟ ଦଳନେ
ବିପଦ୍ବିଧୂନନେ, ପ୍ରସୀଦ ପ୍ରସନ୍ନେ । ୨୯ ।
ଦିବ୍ୟରତ୍ନାଙ୍ଗଦେ, ଗୁରୁ ମନ୍ଦ ଭୁଦେ
ଗୋବିନ୍ଦ ଭଙ୍ଗଦେ, ନତୋଽସ୍ମି ତେପଦେ । ୩୦ ।

ଇତି ଶ୍ରୀ ଗୋପାଳକୃଷ୍ଣ ପଟ୍ଟନାୟକ ବିରଚିତ
ଶ୍ରୀ ବୃଷଭାନୁଜା ପ୍ରେମ ନାମାବଳୀ ସମାପ୍ତ ।

ରାଗ ଝିଂକୋଟି—ଆଦିତାଳ

ମୁରୁଛି ନୁହଇ ମନୁ ବନ୍ଧୁଙ୍କ ବୁଦ୍ଧି କରିବ ରେ । ପଦ ।
ରତ୍ନନାହିଁ ନେତ୍ରେ ବନ ଅନୁବ୍ରତେ ନିଶିଦିନ
ତୋ ଶ୍ରୀମୁଖଚନ୍ଦ୍ରଛବି ଖୋଜି ବୁଲି ରେ । ୧ ।
ଦୁଃଖି ହେବାକୁ ଶେ ଚନା ନାହିଁରେ ସ୍ନେହ ଅଧୀନା
ଗଲେ ଜୀବନ ଆଜ କାହ୍ନୁ ଦେଖିବ ରେ । ୨ ।
ନୟନେ କରନ୍ତି ଘର ଭୟେ ହୋଇ ଥର ଥର
ଚୁମ୍ବ ଦେନ ପଳାଇ ଯିବାର ଛଳ କି ରେ । ୩
ଶୁଭଗଲେ ମୋର ଗିର ସ୍ନେହେ ହୋଇ ଜର ଜର
ଆସିବାର ଖୋସି ଖୋସି କେଶ ନାଡ଼ରେ । ୪ ।
ଗୋପାଳକୃଷ୍ଣ ଭାବନ କରେ କୁ ମିଳିଲେ ଧନ
ଲଇଁଥିବା ଯାକ ହରଙ୍କୁ ସେବିବ ରେ । ୫ ।

—*—

ରାଗ ତୋଡ଼ି—ଆଦିତାଳ

ବ୍ରଜ ବଧୂଙ୍କୁ ପଥ କେ ଭୁଲାଇଲା ରେ ।
କେ କସ କହ୍ନି କ ବଗିଡ଼ାଇଲା ରେ । ପଦ ।
ସୁଖେ ପୂରାଇବ ନିଶା ବୋଲି କରିଥିଲି ଆଶା
ନସନ୍ତି କେ ମୋର ମନୋରଥ ଲତା ମୂଳ ଉପୁଡ଼ାଇଲା ରେ । ୧ ।
ଯାଉଁବାର ଗଲା କେଣେ ବେଶ ହେଲି ଅକାରଣେ
ନିକୁଞ୍ଜ ତଳପ ତଳେ ପଣନ୍ତରେ ମୋତେ ତ ଗଡ଼ାଇଲାରେ । ୨ ।
ମଦନ ଦାବ ଦହନ କଦନର ବିମୋଚନ
ପରମ ପ୍ରେମ ପୀୟୂଷ ପୂର୍ଣ୍ଣ ଚଷକ କରୁ ଛଡ଼ାଇଲାରେ । ୩ ।
ଆହା ତୋଳାର ପିନ୍ଧିଲା ଗଳାର ମସାର ମାଳା
ଦୁର୍ଦ୍ଦଇବ ଦୂର କରି ନୟନକୁ ନୀର ନିଗିଡ଼ାଇଲା ରେ । ୪ ।
ଗୋପାଳ କୃଷ୍ଣ ଭାଷଣି ଉଠ ଥଇଲେ ରମଣି
ବୋଲି କୁଞ୍ଜ ଦେହଳୀକି କରଷରେ ତର୍ଜ୍ଜନୀ ବତାଇଲାରେ । ୫ ।

—*—

ରାଗ ଧନାଶ୍ରୀ—ମିଶ୍ରରୂପତାଳ

(ମୋହର ସ୍ୱାନ୍ତ ଚିନ୍ତା ପଡ଼ିଲା ମା—ବୃତ୍ତେ)

କେତେ ବୋଲି ମୋ ଦୁଃଖ ସହିବରେ ।
କା ଆଗେ ହୃଦ ଫେଡ଼ି କହିବରେ । ପଦ ।
ଲଭି ଏତେ କଷଣ — ଯାଉନାହିଁ ପରାଣ
କି ଉପାୟେ ସଂଗିନ ବଞ୍ଚିବରେ । ୧ ।
ପ୍ରବେଶ ହେଲେ ଚିତ୍ତ — ଖସି ଯାଉଛି ଧୃତ
ଜାଣି ନଥିଲି ଏକା ରହିବରେ । ୨ ।
ନୁହଇ ଦାସୀ ଭଳି — ଆସିବା ପାଇଁ ଆଳୀ
ଶ୍ୟାମୁକୁ ଲେଖ କେହି ବହିବ ରେ । ୩ ।
ଦେହେ ପରାଣ ଥାଉ — ସତେ ସଜନୀ ଆଉ
ଗୋପାଳ କୃଷ୍ଣଙ୍କୁ ମୁଁ ଚାହିଁବ ରେ । ୪ ।

—*—

ରାଗ ମୁଖାରୀ—ମିଶ୍ର ରୂପତାଳ

ବନ୍ଧୁ ମୋ ନବାଙ୍ଗ ଆଶାରେ
ଯୋଷା ରତନ ରସଭୂଷାରେ । ପଦ ।
ଚନ୍ଦ୍ର ଚକୋର — ଘରୁଏ ତୋର
ପଥଚାହୁଁଛି ମୃଗ ତୃଷା ରେ । ୧
ଜନମାନ୍ତର — ସୁକୃତ ମୋର
ତୋ କୃପା କଟାକ୍ଷରେ ଦଶାରେ । ୨ ।
ଯୋଡ଼ ବଦନ — ସ୍ମର-କଦନ-
ଅକୂଳ ନଦୀରେ ନ ଭସାରେ । ୩ ।
ସୁଧା କଳପ — କଥା ଅଳପ
କହି ନବାର ଚିର ତୃଷ୍ଣାରେ । ୪ ।

ହେଲେ ସମ୍ମୁଖି   କହିବ ଦୁଃଖ
    ଯେନବୁ ଥାଇ ଏ ଭରସା ରେ । ୫ ।
ଶୁଣି ଲଳିତ   ଦେଲା ସଂକେତ
    ଗୋପାଳ କୃଷ୍ଣଙ୍କୁ ସୁରସା ରେ । ୬ ।

—*—

ରାଗ ବଳାହର—ମିଶ୍ରରୂପତାଳ

ଏକ ହଟା ବ୍ରଜ ଗୋଠା-ଯାକ ପଡ଼ିଲାଣି ହୁରି ମା । ପଦ ।
ଆଜନମରୁ ଆଜକୁ ମୁହିଁ   ସଦନ ଅଳନ୍ଦ ଜାଣିନାହିଁ
    ଦେଖ ପାଦ କଣ୍ଟି ଗୁଲୁ ଗୁଲୁ ହେଲା ଏତେ ସରମା । ୧ ।
ବନକୁ ଗତାଗତରେ ତାର   କେବେଟି କେମନ୍ତ ଦେଖିବାର
    ଏଣୁ ଦୋଷ ଦେଲେ ଏକା ମାତରକ ମୁହିଁ ହାରି ମା । ୨ ।
ଇତର ଜନଙ୍କ ପରି ମୁହିଁ   ହୋଇଥିଲେ କଥା ଲୁହାଲୁହି
    ଢ଼ଅନ୍ତେଣି ପରା ଏତେବେଳକୁ ଜାତିରୁ ନିବାରି ମା । ୩ ।
କେଠାରେ କେ ସାଖି କେତେବେଳେ
                    ମୁଁ ଥିଲି ସେ ବ୍ରଜ ବଧୂ ଭୁଲେ
    ବୃଥା ଅପବାଦ ଆରୋପଣ ନଦେଖି ନଧରି ମା । ୪ ।
ଗୋପାଳକୃଷ୍ଣ ପଟ୍ଟନାୟକ   ଭାଷେ ସ୍ୱାମିନି ଏ ବ୍ରଜଲୋକ
    ପରଖିଲେ ମିଛ ବୋଲିବ ମୁଁ ପରମାଣ କରିମା । ୫ ।

—*—

ରାଗ ମରୁଆ—ମିଶ୍ର ରୂପତାଳ

ଧୃତିକ ଧରିବ ରେ ସଜନୀ କି କରି
ନତିକ ନତି ହେଲେ ଏପରି । ପଦ ।
        ପ୍ରେମ ବଢ଼ିନ୍ଥିରୁ ଯେତେ ଯାତନା ରେ
        ବୈଶ୍ମି ବଡ଼ତ ନ ଯେନନ୍ତ ହରି । ୧ ।
ପ୍ରୀତି ନଜାଣିଲି ସ୍ଥିତି ଏ ନଗରେ
ସ୍ୱୈରିଣୀ ବୋଲନ୍ତି ଏ ବ୍ରଜ ନାରୀ । ୨ ।

ମାଣ୍ଟୁ ଦୁର୍ବଳ ନାହିଁ ବିବେକରେ ।
ଶୌରି ସୁତରେ କି ଦୋଷ ମୁଁ ନାଶ୍ୱ । ୩ ।
ଆନକୁ ଯେନନ୍ତୁ ଏ ଦୁଃଖ ନଜାଣୁ
ଗୌଶ୍ୱ କାଳୁ ସଂଗତ ସହଚର । ୪ ।
ଗୋପାଳ କୃଷ୍ଣ କହଇ ଶ୍ରୀମନ୍ତ ଗୋ
ଗୌଶ୍ୱ ତୀର୍ଥକୁ ଗମିଲେ ମୁରାର । ୫ ।

—*—

ରାଗ ଧନାଶ୍ରୀ—ତିସ୍ରଗତି ଏକତାଳ

କହୁଥିଲି ମୁଁ ନାହିଁ ନାହିଁ ରେ
ଆଣି ପକାଇ ଦେଲୁ ମୋତେ କାହିଁ ରେ । ପଦ ।
ଯିବା ବୋଲି ଗାଧୋଇ   ଫାନ୍ଦେ ମୋତେ ପକାଇ
ବ୍ରଜବଧୂଙ୍କୁ କଲୁ ମୁହାଁ ମୁହିଁରେ । ୧ ।
ସାହସ ଏତେ କେ କରିବ   ଅହରେ ନାଶ୍ୱ ଧରିବ
ସହଚରୀ ଅଛୁ ଜାଣିବ ରହ ମୋ ସଂସାର ସରିବ । ୨ ।
ଜଟିଳା ଦେଉଛି କଷଣ   ନା ହି ଏବେ ମୋ ଲଣ
କୋଟିବାର ତୁମ୍ଭ ଶରଣ ହେଉଛି ଜନ ଭୀଷଣ ଶୁଣ । ୩ ।
ଦିନକର ପୂଜାର ଫୁଲ   ବନଜାକ୍ଷ ସ୍ମରଣିଲ
ବନଯାକ ବୁଲି ବୁଲି ଅଇଲି ସ୍ନାନକରିଥିଲି ଛୁଇଁଲି । ୪ ।
କେଳି କୁଞ୍ଜ ଫୁଲ ସେଜେ   କଲେ ରାଧାକୃଷ୍ଣ ବିଜେ
ଭଜି ଗୋପାଳ କୃଷ୍ଣ ଭଜେ ମିଳି ସେ ଚରଣ ସରୋଜେ । ୫ ।

ରାଗ ବେଗଡ଼ା—ତ୍ରିପୁଟା ତାଳ

(ତାଳେ ତ ଡ଼ାକଲୁ ନାହିଁ କୃପା ସୁଧା ଝରକ—ବୃତ୍ତ)

ଦେଖିଲେ ଦେଖିଲୁ ପର ଅରେ ରସିକ ରାଜଙ୍କୁ
ଅଖିଳ ବ୍ରଜବାସିଙ୍କ ଆଖିର ପୂଣ୍ୟ ପୁଞ୍ଜିକୁ । ପଦ ।
ସୁରଭି ଗଣ ପଛରେ ମୁରଲୀ ବଜାଇ ଧୀରେ
ନାଚ ଆସିବା ବେଳରେ ବନ ବାହୁଡ଼ା ସଜକୁ । ୧ ।
ବନ୍ଧୁ ବନ୍ଧୁ ଶ୍ରମ ଝାଳ ଅଳକା ବୃତ କପୋଳ
ମକର କୁଣ୍ଡଳ ଗଣ୍ଡ ଶିଖଣ୍ଡ ଚୂଳ ଧ୍ୱଜକୁ । ୨ ।
ନଟବର ଶିଖା ମଣି ଚରମ ଦେଶର ବେଣୀ
ଗ୍ରହଳବାର ବଂଶୀ ରନ୍ଧ୍ରେ ବୁଲୁ ଅଙ୍ଗୁଳି ବ୍ରଜକୁ । ୩ ।
ନାସିକାର ମୋତି ବର ଧୀରେ ଧୀରେ ଚଳବାର
ଗୁଞ୍ଜାହାର ଭୁଲେ ଉର ପରମ ବନ୍ୟ ସ୍ରଜକୁ । ୪ ।
ଝୁମୁ ଝୁମୁ ବାଜବାର ମଞ୍ଜୁଳ ମଣି ମଞ୍ଜୀର
ଗୋପାଳକୃଷ୍ଣ ଚନ୍ଦେ ସେ ଛନ୍ଦା ଚରଣ କଞ୍ଜକୁ । ୫ ।

—*—

ରାଗ ମାୟା ମାଳବ ଗୌଡ଼ା – ମିଶ୍ରରୂପତାଳ

(ଆନେ ପରା ନ କର—ବୃତ୍ତେ)

କରନ୍ତୁ କି ମୁହିଁ ଗୁମାନ କାହିଁକି ଆନ । ପଦ ।
ସୁବେଶ ହେବାକୁ ଆଳୀ ଡାକଲେ ମୁଁ ନାହିଁ କଲି
ମଥା ମୋର ବ୍ୟଥା ବୋଲି ତେଣୁ ମୋ ଲପନ ମ୍ଲାନ । ୧
ଏବେ ଶୁଣିଲି ଖବର ଆସିବ ପୁର ଭିତର
ଉଭା ହେବା ଅବସର ନାହିଁ କରିବ ରନ୍ଧନ । ୨
ଏକ୍ଷଣି ହେଲି ଶବଦ ଆସିଲ ଆହା କପର ?
ଡ଼ାକବେ ଶ୍ରୀ ବ୍ରଜେଶ୍ୱରୀ କରିବା ପାଇଁ ଅଶନ । ୩
କେତେ କୋଟି ଜନମର ପୂଣ୍ୟପୁଞ୍ଜ ଫଳ ମୋର
ସେବା ସେ ହୋଇବ ଦୂର ଆହା କେଉଁ ଅନୁମାନ । ୪

ଏବ୍ରଜରେ କାହାଠାରେ କରୁଣା କେଉଁ ପଣରେ
ଦେଖି ନାହିଁ କି ହୃଦରେ ମୋ ଜୀବର ତ ଜୀବନ । ୫
ଗୋପାଳକୃଷ୍ଣ କହଇ ବଢ଼ି ଯାଇଛି ମଣୋହି
ବୋଲୁ ଶ୍ରୀଲଳିତା ନେଇ ପହୁଡାଇଲେ ବହନ । ୬

—*—

ରାଗ ପରଜ—ତିସ୍ରଗତି ଏକତାଲ

(ରାଧାକୃଷ୍ଣ ନାମ ଚନ୍ଦ୍ରା ମଣିକ—ବୃତ୍ତେ)

କି କରିବ ବ୍ରଜବଧୂ ଲାଗି ରେ ।
ମୋର ହୃଦରେ ରହିଲା ଜଗିରେ । ପଦ
ପ୍ରିୟଙ୍କ ମୁକୁ ପଲକ ନ ତଳୁ
ଆଗେ ମିଳଗଲା କେତେ ବେଗିରେ । ୧
ନବେନ୍ଦୀବର ସୁଷମା ଯାହାର
କେତେ ନତ କରୁଛି ଭ୍ରୂଭଙ୍ଗୀରେ । ୨
କୀର୍ତ୍ତି ଶ୍ରୀବସ ଚମ୍ପକ ଜିତଂସ
ହେଟି ଯାଉଛି ପରାଣ ଫଗିରେ । ୩
ଧଇଲା ହାତ ଦେଖ ଗୋ ସଂଗାତ
ଛାଡ଼ି ନାହିଁ ଦେଲେ ମୁଁ ଫିଙ୍ଗିରେ । ୪
କାହିଁରେ ଅଛି କେ ମୁଁ କରୁଛି
ଜାଣୁ ନାହିଁ ଖାଇଲି କାଲାଗିରେ । ୫
କହେ ଗୋପାଳ—କୃଷ୍ଣ ପୀତ—ଚେଳ
ସ୍ମୃତି ଧୃତି ଗିରି ଦେଲା ଭାଙ୍ଗିରେ । ୬

ନାୟକର ବିଦେଶ ଯାତ୍ରା

(ରାଗ—ଦକ୍ଷିଣ କାମୋଦୀ, ତାଳ—ଆଡ଼ତାଳ)

ଯାଉଛୁ ରାମା ରତନ ! ନ ଘେନବୁ ମନେ ଆନ
ପିଣ୍ଡକୁ ସିନାରେ ଧନ ! ନେଉଛୁ ରଖି ଜୀବନ । ପଦ
ପ୍ରାଣ ବନ୍ଧୁ ମୋ ଭରସା   ତୋ ବିନା କେ ଅଛୁ ରସା ?
ନେହୁ ମାର ନବରଷା; ଆସିବ ନୋହୁଁ ବରଷା । ୧
ଅତନୁ ସନ୍ତାପ ସହା   ହୃଦରେ ମୃଣାଳବାହା
ଥିଲା ମୋ କପାଳେ ଏହା, ନକଲା ଦଇବ ଆହା । ୨
ମୋ ଛୁର ପାଇଁକି ଦୁଃଖୀ   ହେଉଛରେ ଆନନ୍ଦ ସୁଖୀ ?
ମୁଁ ସିନା ତୋ ପ୍ରୀତିରଖି, ପାରିଲି ନାହିଁ ସୁମୁଖି । ୩
ସଂଗୀତ ପ୍ରବୀଣୀ ସହି   ସଙ୍ଗୀତ ନଥିଲୁ ହୋଇ
ଭାଙ୍ଗି ତ ଦେଉଛୁ ବହି, ଫିଙ୍ଗି ମୋତେ ଦୂରେ ନେଇ । ୪
ଗୋପାଳ କୃଷ୍ଣ ଚୋହର   ଉପାମାଳଆ ନକର
ନପାସୋର ବୁଟି ବର—ବମ୍ପା ଗୋଷ୍ଠ ରସାସାର । ୫

—*—

ମାନିନୀ ରାଧାଙ୍କ ଦୂତୀ ପ୍ରତି ଉକ୍ତି

(ରାଗ କଲସା—ତାଳ ତ୍ରିପୁଟା)

ହେ ଦୂତି ! କାର୍ଯ୍ୟ ନାହିଁ ତୋ କୋମଳ କଥନେ ।
ବାକ୍ୟାଳାପ ନ କରିବ ସେ ମଧୁ ମଥନେ ଗୋ । ୧
ଯା ସ୍ୱଭାବ ବ୍ୟବହାର ସମ ପରସ୍ପରେ
ତା ଭୁଲେ ମୈତ୍ରୀ ଜନ୍ମିଲେ ସ୍ଥାୟୀ ହୋଇପାରେ । ୨
ନିରନ୍ତ ଶଠ ଚଞ୍ଚଳ ବନ୍ଧୁ ଅପହନ୍ତା
ମୋ ଧୀରତାର ପ୍ରଶଂସା ଦିଗନ୍ତ ବ୍ୟାପିତା । ୩
ଶଠତା ମାତ୍ର କେବଳ ସେ ଶ୍ୟାମ ଚରିତ୍ର
ମୁଁ ଯେ ନିଜ କୁଳପାଳୀ ମୃଦୁହାସୀ ମାତ୍ର । ୪

ଭୁନ୍ତ ହର ଅରଂକୁଶ ନର୍ମ ଚରାୟଣ
ସୁଦୃଢ଼ାକୁ ବନ୍ଧେ ମୁଁ ଧାର୍ମିକା ସହବଜେଣ । ୫
ଏଣୁ ସେ ବଂଚକ ସଂଗେ ମୋ ପ୍ରଣୟ ବ୍ରତ
ସୁଖକର ହୋଇ ନପାରିବ କଥାଗତ । ୬
ବାଲ୍ୟ କାଳାବଧି ପ୍ରାଣବଧ ଯା ଅଭ୍ୟାସ
ଧ୍ୱନିତ ହେଉଛି ପୁତନାଦି କଲା ନାଶ । ୭
ସେ ନାଗରଙ୍କ ଚରିତ ଶାଠ୍ୟ ବୋଲି ମିତ !
ହୋଇ ସାରିଛି ଉତ୍ତମ ରୂପେ ଅବଗତ । ୮
କୋମଳ ହୃଦୟା କୁଳାଙ୍ଗନା ବୋଲି ମୁକ୍ତି
ବୁଝି ପାରି ନଥିଲା ଚେତିଲି ଏବେ ସ୍ୱଚ୍ଛ । ୯
ସେଥିଲାଗି ଯଥୋଚିତ ଶିକ୍ଷା ପାଇଲଣି
ତୋ ଶିକ୍ଷା କଥାରେ ନ ଭୁଲିବ ଆଉ ଗୁଣି । ୧୦
ପ୍ରବୋଧି ଗୋପାଳ କୃଷ୍ଣ କହେ ପୁନର୍ବାର
ଯା' ହେଉ ପ୍ରେମବନ୍ଧର ଆଚରଣ କର । ୧୧

—*—

ରାଗ ଆନନ୍ଦ ଭୈରବୀ—ରୂପକତାଳ

(ଆଜି ଚଳନ୍ତୁ କୁଂଜ ଭୁବନେ ଗୋ—ବୃତ୍ତେ)

ନା ବୋଲି କେତେ କହିଲି ତୋତେ ରେ ସଂଗିନ ।
ଯା ବୋଲି ଶେଷ କହିଲୁ ଶତ୍ରେ ରେ । ପଦ
ଶୁବ ନାହିଁଟି ସେ କହ୍ନାଇକାର
ଠାକରେ ମନ ନ ରହେ ତାର
ଲୋକରେ ହୋଇ ଯିବ ଭ୍ରମର
ଶୋକରେ ସଢ଼ ଯିବୁଟି ସନ୍ତେଷେ ।
ବାସର ଜଗି ହେଜୁଲୁ ନାହିଁ
ବାସ କଲୁ କୁଂଜବନେ ଯାଇ
ରସ ରସେ ଶଙ୍ଖେଙ୍କ ହଜାଇ
କ୍ଳେଶ ଲଭିଲୁ ସଖୀଙ୍କେ ସେଥେ । ୧

ଜାଣନ୍ତୁ ଲୋକେ ଦେବେ ବଡ଼ାଇ
ଘୋଷିବେ ଶୁଣି ସ୍ୱଜନେ ମଣ୍ଡଳୀ
କାନ୍ତ କୁଳ ଦେବତା ହେଲୁ ସଖି
ପ୍ରୀତି କଲେ ସେ ମୋହନ ସଂଗରେ । ୩
ଶ୍ୟାମର ଲାଗି କୁଟିଳ କେଶୀ
ଭାମର ହେଲୁ ଗଞ୍ଜନ ଦେଶୀ
ନାମ ତାହାର ଏକାଇ ଘୋଷି
କ୍ଷମା ହେଲୁ ଝୁରି ଝୁରି ନୟନେ । ୪
କାଣହାଣ୍ଡି ଭ ଦେମ୍ନ ଆଣ୍ଡର
ରୋଷ କରୁ ମେରୁ ପଟାନ୍ତର
ଦାସ ମୁଁ ବୋଇଲେ ପଦ ଧରି
ତୋଷ ହୋଇ ଯାଉନ୍ତୁ କୁ,ଇଡିରେ । ୫
ଏ ପାଳ ହେଲେ ବନମାଳୀଙ୍କି
ସୋପାନ କଲେ ଅନନ୍ତ ତାଙ୍କ
କୃପାକର ବୋଇଲେ ଆଳୀଙ୍କି
ଗୋପାଳକୃଷ୍ଣ ଶ୍ରୀହରି ଇଂଗିତେ । ୬

—*—

ରାଗ ସାବେରୀ—ମିଶ୍ରରୂପ ତାଳ

(ଦୁଃଖି ହେବନି ମୋ ବନା ଆଜମନ ସୁକୁମାରୀ—ଢଙ୍ଗେ)

କି କଳଗଲ୍ । ରାଧିକେ ନେହ ଲୁହ ପୋଛିବାକୁ ଏବେ । ୦ ।
ଟୁଟିଲି ବୋଲି । ନବ ଛଇଲି । ଭାଙ୍ଗୁଛି କି ବସି ।
ଅଧ ବଇଶି । ତୋ ପରବଶି
ହୋଇ ନରହରି ରହିଅଛି ଧେଇ ଭ ଯେସବାକୁ ଏବେ । ୧ ।
ସୁନା ନଳିନ । ସମଦୃଦନ । ମଉଳି ଯାଇଛି ।
କରଣ ପିଠି । ଚରଣେ ଲୋଟି
ଯାଉଛି କେତେଣେ ନ ଖୋଜି ବସିଛୁ ଅନାଇଁ ଧରାକୁ । ୨ ।

ଗୋଷ୍ଠେ ଗୁଆଳ । ତୋ ଛଡ଼ୁଁ ବଳ । କେଉଁଠି ସେ ଅଛୁ ।
ମୋହନ ମନ । ତୋ ଠାରୁ ଆନ ।
କରିବ ଦଣ୍ଡୁନାହିଁ ଜଣେ ମୋତେ ଭିନ୍ନ କରିବାକୁ । ୩ ।
ତପ ଦୁଃଖ ଜାଣି । ଜନନୀ ଆଣି । କୋଳରେ ବସାଇ,
ଭାଷିଲେ କଥା । ନ ଜାଣୁ ମଥା
ଯୋଡ଼ିଥା ଅଞ୍ଜଳି ଗୋଷ୍ଠାଞ୍ଚଳ ଚନ୍ଦ୍ରମାକୁ । ଏବେ । ୪ ।
ନବ ନୀରଙ୍କ । କୁଙ୍କୁମ ପଙ୍କ । ଗଞ୍ଜନ ଝଲକ
ଶିଖଣ୍ଡଚୂଳ । ପଢ଼େ ଗୋପାଳ—
କୃଷ୍ଣ ସହିତେ ଆଜେ ଆସୁଅଛି କହିବାକୁ । ଏବେ । ୫ ।

—*—

ରାଗ ଖମାଜ---ଆଡ଼ତାଳି

(ନ ଭଙ୍ଗରେ ଶୁଣାଇ—କୃଷ୍ଣ)

ଜୀବନ ଯିବ ପରି ସୁମର ମା
ମିଳିବ କି ସତେ ମୋତେ ନିକୁଞ୍ଜ ବିହାରୀ ମା । ଘୋଷା ।
ଅଭ୍ରଲିହାଗ୍ନି ଦହୁଛି ଚଉଦିଗେ ମୋର
ବର୍ଷିବ କେବେ କୋମଳ ରଙ୍ଗିଣୀ ବଲ୍ଲରୀ । ୧ ।
ପୂର୍ବ ପୁଣ୍ୟ ପୁଞ୍ଜ ସବୁ ଦର୍ଶିବ ମୋହର
ହେବ ଯଶୋଦା-ବାତ୍ସଲ୍ୟ-ଲକ୍ଷ୍ମୀଙ୍କ କଙ୍କଣ । ୨ ।
ଲଳିତା ତ୍ରିଭଙ୍ଗ ଭଙ୍ଗୀ ଆଦ୍ୟା ବଂଶୀଧାରୀ
ଆଖିରେ ନାଚୁଛି ଶିର ଶିଖଣ୍ଡ ମାଧୁରୀ । ୩ ।
ବଦନୁ ମିଶା କଟାକ୍ଷ କୁଞ୍ଚନ ଭ୍ରୂଭଙ୍ଗୀ
ନଶିଦିନ ଉହ୍ନାଇ ମୋ ମନେ ସଭ କରି । ୪ ।
କହୁ କହୁ ଗୁହୁଁ ଗୁହୁଁ କାଳଗଲା ସରି
ମନମଥ ହୃଦୟୁ ପକାଉଛି ବଦାରି । ୫ ।
ଗୋପାଳକୃଷ୍ଣ ଅଭିଳାଷ ବସ କାଳେ ବିହାରୀ
ତ୍ରିପୁର ପ୍ରତ୍ୟଙ୍ଗ ଲେଖ ହୃଦ ବାଟେ ଧରି । ୬ ।

—*—

ରାଗ ପାନ୍ତବରାଡ଼ି—ମିଶ୍ରରୂପ ତାଳ

(ଭଜମନ ବ୍ରଜବନ ଦ୍ୱିଜ ରାଜଙ୍କୁ—ବୃତ୍ତେ)

ଜାଣିଲି ସଖି ତୋ ମନ୍ଦ ମନ୍ଦ ଝୁଲ ରେ । ପଦ ।
କହୁଛୁନ ରହୁଥା ବୋଲି ନ ଭୁଲ ରେ । ପଦ ।
ମୁଁ ପଚାରିଲି କଥାକୁ ଉତ୍ତର ଦେଲୁ ବେଳକୁ
କେଣେ କର୍ଣ୍ଣମୂଳ କେଣେ ନଖ ଚଳ ରେ । ୧ ।
ବ୍ରଜବଧୂ ଦୁଃଖ ଶୁଣି ଘୂରିଲଣି ନେତ୍ରେ ପାଣି
ବୋଲୁଛୁ ଯେ ଆଉଷ କା କଳଗଳାରେ । ୨ ।
ଜଳୁଛୁଟି କି ସନ୍ଦେହ ଦମ୍ଭେ ଶଙ୍କି ହେଉ ଦେହ
ଜୃମ୍ଭା ପରେ ଜୃମ୍ଭା ଆଣୁଛୁ ଛଇଲ ରେ । ୩
ମୁଖ ବୁଲାଇଲୁ ଖଣି ଦଣ୍ଡକେ ପ୍ରାଣ ମିଳଣି
ପ୍ରେମ ପୀୟୂଷ ଘଡ଼କେ ଏଡ଼ି ଦେଲାରେ । ୪
ଆସିଛୁ ପଥେ ବସାଇ କଂସ କନ୍ଦରରେ ଯାଇ
ଚୋଲୁ ସଖୀ ନୟନେ ଲୁହ ପୂରିଲା ରେ । ୫
ଲଳିତା ବୁଝି ସେ ଚିତ୍ତ ବକୁଳ କୁଞ୍ଜ ସଂକେତ
କହିଲେ ଗୋପାଳ କୃଷ୍ଣଙ୍କୁ ଚଳିଲା ରେ । ୬

—*—

ରାଗ ମାୟା ମାଳବ ଗୌଡ଼ା—ମିଶ୍ରରୂପତାଳ

(ଶ୍ୟାମ କମନୀୟଙ୍କୁ ସମନାହିଁ ଆଉ—ବୃତ୍ତେ)

ବ୍ରଜ ବଧୂ ପର ମୋତେ କେ ବୁଝୁନାହିଁ
ମନ ପୂରୁଛି କି ହେଲେ ନିତ୍ତ ରହିଁ । ପଦ ।
ପ୍ରଣୟ ପରିହାସ ମିଶା ଭାଷା ପୀୟୂଷ
ହସିବାର ଅଳପ କହି କହି ।
କାନନୁ ଆସିବାର ଅନାଇ ବାର ବାର
ଲେଉଟି ରାଜପଥେ ରହି ରହି । ୨

କୋଟିଏ କୋଟି ମାର ପଦନଖ କୋଣର
ଅଂଶ ଲେଶକୁ ସମ ହେବ କାହିଁ । ୩
ଥିଲେ ହେଲେ ହୃଦରେ ମୋମନ ଶ୍ରୀପଦରେ
ରହି ଥାଉଛି ସମ୍ବାହନ ପାଇଁ । ୪
ପତିବ୍ରତାକୁ ଜଳା- ଞ୍ଜଳୀ ଦେବେ କମଳା
ବିମଳାଦି ପଡ଼ିଗଲେ ମୁହାଁ ମୁହିଁ । ୫
ନିତ୍ୟନୂତନ ବପୁ ବନସ୍ପୁ ଅଦ୍ଭି ଖପୁ
ଦେଖିଲେ ମୁ ରୂଚ୍ଛିବ କେ ଦେହ ବହି ।
ଗୋପାଳକୃଷ୍ଣ ଭଣେ ସୁଷମାରେ ସୁରସେ
ରମା ରମଣ ଯାଏ ସର କାହିଁ । ୬ ।

ରାଗ ପୁନ୍ନାଗ—ଝୁଲ୍ତାଲ

ହସି ହସି ରେ ଗୃହିଁକା ଦିଶୁଛି ଗୁରୁ କେଶିରେ । ପଦ

ଆଲୀ ଠାରୁ ଦେଲେ ମୋର ସିବାର ସଭର
ଆୟୁଧନ କେଶ ଖୋସି ଖୋସି ରେ । ୧
ଦୂରୁ ଶୁଣି ମୋର ବାଣୀ ପଞ୍ଜର ସରଣୀ ।
ପାଶେ ରଖିଥାଉ ମୁଖ ଶଶୀରେ । ୨
ଲଲାଟ ସିନ୍ଦୂର ତୋର କପାଳରେ ମୋର
ଲାଗିଯାଇଥିଲେ ଧନ କେଶିରେ । ୩
ରତି ଶେଷେ ବାସ ପିନ୍ଧୁ ଭଲ ହୋଇ ବନ୍ଧୁ,
ରଦେ ରଦବାସ ଲାଜେ ଦଂଶିରେ । ୪ ।
ଗୋପାଳ କୃଷ୍ଣଙ୍କୁ କଥା କହି ପୋତୁ ମଥା
ଶାଢୀ ବାଡ ନଖେ ଘସି ଘସି ରେ । ୫ ।

ରାଗ ନାଟକ ପ୍ରିୟା—ତାଳ ମିଶ୍ରରୂପ

(ମୁରଲି ତୋରେ ଶରଣ ଗଲି—ବୃନ୍ଦେ)

ଆଜ କି କେଶ ସଜନୀରେ
ପୁଷ୍ପ ବାଟିକ ପ୍ରିୟ ଆସିଲେନାରେ । ପଦ ।
ଚଳନ୍ତି ବେଳେ ଏକା ସୌଦାମିନୀ
ଗବାକ୍ଷ ଜାଲେ ଗୃହିଁ ଚହିଁଲିନରେ । ୧ ।
ହେଲକୁ ନବଜ ଘନ ରଜନୀ
କେଳହୁଁ ମୁହିଁ ଥିଲି ଅନୁମାନ ଗୋ । ୨ ।
ଶାପ ଲଭିଅ ଆସିବା ଗୋ ଯେନ
ବରଷିଲାନି ପରା କାଦମ୍ବିନୀ ରେ । ୩ ।
ହସିପକ୍ଷେ ଯାଉ ସବୁ ସଙ୍ଗିନୀ
ମୋହନ ହୃଦେ ରାଧା ରହିଲେନ ରେ । ୪ ।
କୋଲେ ଗୋପାଳକୃଷ୍ଣ ଶୋଇଲିନ
ଜଟିଳା ପୁରକୁ ଆସ ସ୍ୱାମିନ ଯେ । ୫ ।

—*—

ଖମ୍ବାଜ—ଏକତାଳି

ଶ୍ରୀକୃଷ୍ଣଙ୍କ ପ୍ରତି ମଧୁମଙ୍ଗଳ

ଦହିଦୁଧ ସର ଚୋର !···(କଳାକାହ୍ନୁ)

ଶିଖି ଚୂଳିଆ ହେ   କାଇଁଚ ମାଳିଆ
ଏବେ ପଡ଼ିଯିବ ଧରା । ୦
ବଙ୍କିମ ଅଧରେ   ବେଣୁ ବାଇ ଧୀରେ
ଭଳି ନାଚ ବାଣି ପଥ
ବରଜ ବାଳୀଙ୍କ   କେଳି ସୁଧାରଙ୍କ
ଜାଣେ ମୁଁ ତୁମ ଚୋପରା । ୧
ରବି ସୁତା ତଟ   ନୀପ ତଳେ ଧୃଷ୍ଟ
ଠିଆ ହୁଅ ଦେଖି ଖରା

କଳସୀ କାଖେଇ ଆସିବାର ଗୋଈ
ଦେଖି ମାଇ ଆଖିଠାରି । ୨
ହେ ହଠ ନାଗର ଖାଉଣ୍ଡ ଭ୍ରମର
ବରଜେ ବାଟେ ନାଗରୀ
ଯାଇବ ନୋହିବା ପ୍ରେମ ଖାଉଣିଆ
ତୁମେ ତା ପ୍ରୀତି ପସରା । ୩
ଜାଣ ଯେତେହଠ ହେ ଶଠ ଲମ୍ପଟ
କହ୍ନି ନ ସରବ ଯାଇ
ମୋହିନୀ ଲଗାଇ ନାଗରୀ ଭୁଲାଇ
ଲୁଟନ୍ତୁ ଜୀବନ ସାଇ । ୪
କପଟି ମୋହନ ମୋର ନିବେଦନ
ନ ହୋଇବ ଉକ୍ତିହରି
ଗୋପାଳ କୃଷ୍ଣର ଶତ୍ରୁ ଶ୍ରୀପଦ୍ମର
ରେଣୁ କରନ୍ତି ଆସରା । ୫

—*—

ଶ୍ରୀକୃଷ୍ଣଙ୍କ ପ୍ରତି ଲଳିତା

ତାଳ—ଏକତାଳି

ଆହେ ଶ୍ୟାମ ଘନ ତୁମ ଲାଗି ଯେଣ
ଶ୍ରୀମତୀ ଯାଉଛନ୍ତି ସରି ।
ନେଦଇ ପ୍ରୀତିରସ କର ତାକୁ ପାର
ଶ୍ରୀପଦେ ଜଳ ଏବେ ମାଗ ମୁଁ ଗୁହାରି ।
(ପଦ)
ପଞ୍ଚପୁଷ୍ପ ଶାୟକ
ଲକ୍ଷ କରନ୍ତି ଲକ୍ଷ
ବିରହ ଜ୍ୱରେ ତୋଷ
ନିରନ୍ତର ଜକ ଜକ

ଝର ଝର ନୟନୁ
ନୀର ଝରେ ଅଧିକ
ହତାଶ ଉଚ୍ଛ୍ୱାସରେ
ଶତଧା ଫାଟେ ବକ୍ଷ । ୧

ଶଶୀଜିତ ମୁଖ ମଉଳିଛି ପ୍ରତ୍ୟକ୍ଷ
ମାନସ ପଡ଼ିଛି ଭାଙ୍ଗି
କରଜ କେଶ ବାସ ହୋଇଲାଣି ଅବଶ
ଅମ୍ବୁଜ କଳିକାରେ ଶିଶିର ବିନ୍ଦୁ ଲାଗି—
ଲଭେ ଯେମନ୍ତ ଦଶା
ତେମନ୍ତ ରସାଳସା
ଦିନକୁ ଦିନ କ୍ଷୀଣ
ହୋଇ ହୁଏ ହତାଶା
ପଚ୍ଛରିଲେ ସଜନୀ
ନ କହେ ପଦେ ଭାଷା
ମଥା ପୋତି ତଳକୁ
କରଜେ ଖୋଳେ ରସା । ୨

ନୀଳମଣି ହାର ଗଳାରୁ ବାହାର
କରି ସେ ଦେଇଛି ଫିଙ୍ଗି
ମାଜୁ ନାହିଁ କେଶ ସାଜୁନାହିଁ ବେଶ
ଯମୁନା ଯିବା ପାଇଁ ନହୁଏ ଅନୁରାଗୀ
ଭ୍ରମର ଗୁଣ ଗୁଣି
ଝୁରେ ରମଣୀ ମଣି
ଘୁଞ୍ଚି କଳା ମେଘକୁ
ନେଇ ଝରାଏ ପାଣି
କଦମ୍ବ ନତ ଦେଖି
ଡରଦେ ହୁଏ ଖୁଣ୍ଟି
ତଳପ ତେଜ ତଳେ
ଗଡ଼େ ବକା ଉଜଣା । ୩

କୃପାସିଂଧୁ ବୋଲାଇ   ଅକୃପା କଲେ ଲାଗି
ଆଜ କି ସବେ କହିବ
ସୁତଳରେ ବସୁରି   ହେ ପ୍ରଭୁ ଗିର ଧାରୀ
କହିଲ ଜନେ ଯେତେକ ବିନା ଦୋଷେ ମୁହିଁକ
କହ କିବା ଖ୍ୟାରତି
ଅରଜକ ଶ୍ରୀପତି ?
ନାରୀ ହତ୍ୟା ପାତକୁଁ
କେହ୍ନେଁ କିବା ହେବ ମୁକ୍ତି ?
ଜଗତେ ନ ପାଇବ
ତୁମେ କି ଅପଖ୍ୟାତ ?
ଗୋପାଳକୃଷ୍ଣ ବୋଲେ
ରଙ୍ଗା ଚରଣ ଚିନ୍ତ । ୬

—✳—

ଶ୍ରୀକୃଷ୍ଣଙ୍କ ପ୍ରତି—ଶ୍ରୀରାଧା

ତାଳ—ଆଠତାଳି

ଶ୍ରୀହରି ।···ହେନ ଯାନା ଗୁହାରୀ ହେ ।
ଯୁଗେ ଯୁଗେ ମୁହିଁ ତୁମ୍ଭ କିଙ୍କରୀ ହେ । ୦
ତୁମେ କଳା ନିଧି ମୁହିଁ କୁମୁଦ
ତୁମ ଦରଶନେ ଫିଟଇ ମୁଦ ହେ । ୧
ତୁମେ ରବି ହେଲେ ପଦ୍ମିନୀ ହୋଇ
ସରସୀ ସଲିଳେ ଥାଏ ଅନାଇଁ ମୁଁ । ୨
ନୀପମୂଳେ ତୁମେ ବାଇଲେ ବଂଶୀ
ମନ ପ୍ରାଣ ମୋର ଉଠେ ଉଲ୍ଲସୀ ହେ । ୩
ଗୋବତ୍ସ ଚରାଇ ଆସିଲ ବେଳେ
ଦେଖିବାକୁ ଯେହ୍ନେଁ ମୁହିଁ ନରୋଲେ ହେ । ୪
ଶିରେ ଖୋସି କାମୁ ତାଳ ହେ ଶ୍ୟାମ
ନାଚିବାରେ ଲାଖି ରହେ ମୋ ମନ ହେ । ୫

ଶିଖିଚୂଳ ବଶୁ ଥାଏ ରୁଚିର
ରୁମୁ ଝୁମୁ ବାଜେ ପାଦେ ନୂପୁର ହେ । ୬
ଅଧରେ ମୋହନ ମୁରଲୀ ଶୋଭା
ଦେଖି ଛାନ୍ତି ମନ ହୁଅଇ ଲୋଭା ହେ । ୭
ଭାଲେ ଗୋରଚନା ଗୋପୀ ଚନ୍ଦନ
ଦେଖି ପୀଡ଼ା ହୁଏ ମନ୍ଦ ମଦନ ହେ । ୮
ଦେଖି ନେତ୍ରେ ତ୍ରିଭଙ୍ଗୀ ମୂରତି
କେଉଁ ପତିବ୍ରତା ଧରିବ ଧୃତି ହେ । ୯
ଝୁଲି ଝୁଲୁ ଯେବେ ଗୋପ କଟକେ
ବୁଲୁଥାଅ ସଖାମାନଙ୍କ ଛଟକେ ହେ । ୧୦
ମିଳ ହାଣ୍ଡି ଏ ବୁଲିଲ ଘର
ମଣନ୍ତି ସକଳ କରଜ ନାଶ ହେ । ୧୧
ଘରେ ଘରେ ପଶି ସର ଲବଣୀ
ଚୋର କର ଖାଅ ମୁରଲୀ ପାଣି ହେ । ୧୨
ଯମୁନା ପୁଳନେ ହୋଇଣ ଠିଆ
ଘାଟ ମାଗି ରୋଧେ ଭଙ୍ଗ ମାଠିଆ ହେ । ୧୩
ଯେତେ ଦୁର କ୍ରୂର କର ମୋହନ
ସବୁ ମଣେ ମୁଁ ଖିଆଲି ସମାନ ହେ ।୧୪
ସକଳେ କହନ୍ତି ନନ୍ଦ ନନ୍ଦନ
ମୁଁ କହେ ତୁମେ ମୋ ହୃଦଚନ୍ଦନ ହେ ।୧୫।
ଯାହା କର ମୋର ନାହିଁ ବାରଣ
ଆଶ୍ରା କରି ଅଛି ହୃଦା ଚରଣ ହେ ।୧୬।
ବାଜୁ ପଛେ ଅପବାଦ ନାଗରା
କହୁ କଳଙ୍କିନୀ ଜଗତ ସାରା ହେ ।୧୭।
କାହାର କଥାକୁ ମୋ ନାହିଁ ତ ଡର
ଏକା ପ୍ରଭୁ ତୁମ୍ଭେ ହୁଅ ମୋହର ହେ ।୧୮।
ଯୁଗେ ଯୁଗେ କଥା ଥାଉ ରହଣ ।
ରାଧାକୃଷ୍ଣ ନାମ ଶର ହୋଇଣ ହେ ।୧୯।

ଗୋପାଳ କୃଷ୍ଣର ଏତିକ ଅଳି
ଦୟା କରି ରଖ ଶ୍ରୀବନମାଳି ହେ ।୨୦।

—*—

ଶ୍ରୀରାଧାଙ୍କ ପ୍ରତି ଶ୍ରୀକୃଷ୍ଣ

ତାଳ-ଖେମଟା

ବ୍ରଜ କିଶୋରୀ ରାସେଶ୍ୱରୀ ପ୍ରିୟେ ଗୋ !
ବନ୍ଧା ମୁଁ ପ୍ରେମ ଡୋରେ ତୋହର
ଯେବେ କରିବୁ ହେଲେ ତାଳେ ନିରାଶ
ତେବେ ମରିବ ଭକ୍ଷି ନିଶ୍ଚେ ଜହର ।୦।
ପ୍ରେମର ନିଶାଣୀ ତୋ ପଣନ୍ତ କାନ
ସାକ୍ଷୀ ଅଛିଁ ମୋର ଶିଖି ଚନ୍ଦ୍ରିକା
ମୋହନ ମୁରଲୀ ରାଧେ ରାଧେ ବୋଲି
ରଟୁଥିବନ୍ତି ଅଷ୍ଟ ପ୍ରହର ।୧।
ସଲିଳ ବିହୁନେ···ନିବଞ୍ଚଇ ଯେହ୍ନେ
ଝସକୁଳ ଆଗୋ ଏଣୀ ନୟନୀ
ତେସନ ମୋହଣା···ହେବ ରସାଳସା
ଆନ ହେବ ନାହିଁ କଥା ନକର ।୧।
ମୁଁ ପିଣ୍ଡ ତୁ ପ୍ରାଣ···ରେ ରାମା ରତନ
ମୁଁ ସରସୀ ତୁହି ଜଳ ଭଣ୍ଡାର
ତୋହବିନା ଶୂନ୍ୟ···ଚଉଦ ଭୁବନ
ଲିଭି ଯିବ ଏ କୃଷ୍ଣର ସୁନ୍ଦର ।୨।
ମନ୍ଦର ଉରଜା ରମାଗଣ ରାଜା
ସଜାପଲ୍ଙ୍କେ ଛଅ ଦୋଷ ଦେଖିଣ
ତେଜ ନାହିଁ ଛଳେ ଉରଜରୁ ହେଲେ
ଅରଜ ମାନକ ଏତେ ମୋହର । ୩ ।

ଆନନ୍ଦ ରୂପିଣୀ···ପ୍ରେମମୟୀ ଧନ୍ୟ
ରସମୟ ମୂର୍ତ୍ତି ସିନା ତୋହର ।
ଗୋପାଳକୃଷ୍ଣର ସେବା ନିରନ୍ତର
ଥାଉ ଏହି ଯୁଗଳ ଶ୍ରୀପୟର ।୪।

—*—

ସଖୀ ଏବଂ ଶ୍ରୀରାଧା

ଶ୍ରୀରାଧା—କହ କହ ସହଚରୀ
କି କହିଲେ ସେହି କୁଞ୍ଜ ବିହାରୀ । ସହଚରୀରେ
କିବା ଦେଲେଣି ପାଶୋର ।୧।
ଲଳିତା—ଶୁଣ ଗୋ ହେମ ବରଣୀ
ଭ୍ରମର ବରହେ କାଳିଆ ସୁନା । ବିନୋଦିନୀଗୋ
ହୋଇଛନ୍ତି ଦୁଃଖମନା ।୨।
ଶ୍ରୀମୁଖ ଶୁଖି ଯାଇଛି
ଝର ଝର ନେତ୍ରୁ ନୀର ବହୁଛି । ବିନୋଦିନୀ ଗୋ
ତନୁଟି କ୍ଷୀଣ ଦିଶୁଛି ।୩।
କେଶରେ ନାହିଁ ଶରଧା
ମନେ ପୂରିଅଛି ଅଶେଷ ବାଧା । ବିନୋଦିନୀ ଗୋ
ନିରବଧି ନେତ୍ର ମୁଦା ।୪।
ଯେତେ କହିଲି ମଣାଇଁ
କିଛି ନ କହିଲେ କଳା କହ୍ନାଇଁ । ବିନୋଦିନୀ ଗୋ
ଖାଲି—ଲୁହ ପଡ଼ୁଥିଲା ବହି ।୫।
ଶିଖି ପୁଚ୍ଛଟି ତାଙ୍କର
ତଳେ ପଡ଼ି ଦିଶୁଥିଲା ଅସାର । ବିନୋଦିନୀ ଗୋ
ତନୁ—ଦିଶୁଥିଲା ନାରଖାର ।୬।
ଅଧରେ ମୁରଲୀ ଦେଇ
ଖାଲି—ରାଧା ରାଧା ଡାକନ୍ତି ସେହି । ବିନୋଦିନୀ ଗୋ
ତୋହ ଭାବରେ ବିହ୍ୱଳ ହୋଇ ।୭।

ନିଶ୍ଚେଶ ଆସିଲ ଫେରି
ସେ ବେଳରୁ ମନ ଗଲାଣି ମରି । ବନୋଦ୍ଭବା ଗୋ
ସବୁ ଯିବଟି କରକ ଶିରି । ୮ ।
ଯାହା ଆସେ ତୋ ବଶ୍ୟରେ
ବୁଦ୍ଧି ସୁଦ୍ଧି ଛାଡ଼ା କର ଶୀଘ୍ର ରେ । ବନୋଦ୍ଭବା ଗୋ
ଯେବେ ସ୍ନେହ ଥାଏ ଶ୍ୟାମଠାରେ । ୯ ।
ଶ୍ରୀରାଧା—ଲଳିତା ବଚନ ଶୁଣି
ନେଲେ ଅଶ୍ରୁ ଭରି ତରୁଣୀ ମଣି । ବିଷାଦ ମନେ
ଲଲାଟେ ମଣ୍ଡିଲେ ପାଣି । ୧୦ ।
ହା ହା ମୋ ପ୍ରାଣ ମାଧୋଇ
ଲୁଚିଯିବ ସତେ ତୁମରି ପାଇଁ ମୋ ପ୍ରାଣବନ୍ଧୁ ହେ
ବ୍ରଜେ ମୋର ଗତି ନାହିଁ । ୧୧ ।
ତୁମ ଅଭାଗିନୀ ଲାଗି
ଜାଣୁ ଜାଣୁ କାହିଁ ଏ ଦୁଃଖ ଭୋଗି । ପ୍ରାଣବନ୍ଧୁ ହେ
ନେବ ଯାଇ ଦୋଷ ମାଗି । ୧୨ ।
ବାଜୁ ପଛେ ନନ୍ଦା ବାଜା
ମୁଁ ତୁମ୍ଭ କିଙ୍କରୀ ତୁମ୍ଭେ ମୋ ରାଜା । ପ୍ରାଣବନ୍ଧୁ ହେ
ବନ୍ଧ ଦେଇଛୁ କଲିଜା । ୧୩ ।
ମନ ନରହଇ ଘରେ
ବଂଶୀଧ୍ୱନି ଯେବେ ବାଜେ କାନରେ । ପ୍ରାଣବନ୍ଧୁ ହେ
ଯମୁନାକୁ ଯାଏ ଖରେ । ୧୪ ।
ଦିନେ ନ ଦେଖିଲେ ମୁଖ
ପ୍ରାଣେ ପୂରିଯାଏ ଅନେକ ଦୁଃଖ । ପ୍ରାଣବନ୍ଧୁ ହେ
ଛାତି ହୁଏ ଦକ ଦକ । ୧୫ ।
ତୁମରି ଘନ ବରନ
ଦେଖି ସୁଖୀହୁଏ ଲାପ ନୟନ । ପ୍ରାଣବନ୍ଧୁ ହେ
ପ୍ରୀତିରେ ଡୁବଇ ମନ । ୧୬ ।

ତୁମେ ମୋର ଗଳାହାର
କାଇଁତ ମାଳଆ ମରଲି ଧର । ପ୍ରାଣବନ୍ଧୁ ହେ
ହେଲ କ୍ଷମା ବାରଖାର । ୧୭ ।

ମୁଁ ପାପିନୀ ଦୋଷୀ ହେଲି
ନେହ ପ୍ରତିମାକୁ ଏ ଦୁଃଖ ଦେଲି । ସହଚରୀରେ
କ୍ଷୀରେ ଖାର ମିଶାଇଲି । ୧୮ ।

ସୁଧାକୁ ମଣିଲି ପାଣି
ଅନାଦରେ ଫିଙ୍ଗିଲି ଜାଣି ଜାଣି । ସହଚରୀରେ
ଝୁରି ଯିବେ ମୋ ପରାଣ ମଣି । ୧୯ ।

ଯେନ ମୋହର ବନନ୍ତ
ଆଜ ଥରେ ଭୁହ୍ନ ଚଳ ଝୁଁଟିଭି ସହଚରୀରେ
କହ୍ନ କରି ପ୍ରଭୁ ପନ୍ତ । ୨୦ ।

ବର ହେ ଅଧୀର ହୋଇ
କୁଞ୍ଜେ ଅଛି ତାଙ୍କ ସରଣୀ ଚାହିଁ । ସହଚରୀରେ
କୁସୁମେ ଶେଯ ସେଜାଇ । ୨୧ ।

କ୍ଷମାକର ସର୍ବ ଦୋଷ
ଝୁଲି ଝୁଲି ଆସିବେ ପୀତବାସ । ସହଚରୀରେ
ଖଣ୍ଡିବାକୁ ମାର ତ୍ରାସ । ୨୨ ।

ବିରତି କରିବେ ଯେବେ
ଜହର ଖାଇ ମୁଁ ମରିବି ତେବେ । ସହଚରୀରେ
ଖ୍ୟାତି ରହିବ ଭବେ । ୨୩ ।

ନଦେଖି କଳା ବଦନ
ଦିନୁ ଦିନ କଟି ଯାଏ କଦନ । ସହଚରୀରେ
ଭଗାରି ହୁଏ ମଦନ । ୨୪ ।

ବସି ସାଜନ୍ତି ଦୁଃଖରେ
ପଦ ତରଣୀରେ ତାରନ୍ତୁ ଖରେ । ଅଭାଗିନୀଙ୍କି
ବାନ୍ଧି ବାହୁ ଯୁଗଳରେ । ୨୫ ।

ବିଶ୍ୱାସିଲେ ଦେଖନ୍ତାର
ନଷ୍ଟେ ଗଉରିକ ଖଣ୍ଡନ ପୁର । ସଂସ୍କୃତରେ
ଏଣ୍ଡ ନାବୁଛୁ ସଂସାର । ୨୬ ।

× × ×

ଶ୍ରୀରାଧା ବଚନ ଶୁଣି
ଚକ୍ଷୁଣ୍ଟ ଲୁଚିତା ତରୁଣୀ ମଣି । ଚପଳେ ଯାଇ
ବେଢ଼ିଲି ମୁରଲୀ ପାଣି ।୨୭।
ଗୋପାଳକୃଷ୍ଣ ଭଣନ୍ତି
ଧ୍ୟେୟ ମୋର ସେ ଶ୍ରୀମନ୍ତ ଶ୍ରୀପଦ । ଏ ଭବବନ୍ଧମେ
ତାଙ୍କ ପଦେ ଥାଉ ମନ । ୨୮ ।

ଶ୍ରୀକୃଷ୍ଣଙ୍କ ପ୍ରତି—ଲଳିତା

ତାଳ—ଆଠତାଳି

ହେ ଶ୍ୟାମଘନ । ତବ ବିରହରେ ଗୋପେଶ୍ୱରୀ କ୍ଷୀଣ । ୦ ।
ବିରହ ହୁତାଶେ ଜଳେ ନିତି ତନୁ
ଝର ଝରି ଝର ଝରଇ ନୟନ
ମୋହନ ମୂରତି ନପାଶୋର ମନୁ
ନିରତେ କରେ ରୋଦନ । ୧ ।
ସଜନୀଏ ମିଳି କହିଲେ ବୁଝାଇ
ଶ୍ରୁତି ଢାଳି ଗଲେ ହେଲେ ନଶୁଣଇ
ହାହା ଶ୍ୟାମ ଶ୍ୟାମ ବୋଲି ସେ ଝୁରଇ
ଲୁପ୍ତ କର୍ମେ ଦମ ଦମ ହେ । ୨ ।
ଅତନୁରେ ତନୁ ସଦା ଜର ଜର
ମୁହୁର୍ମୁହୁ ହୁଏ ବିରହେ କାତର
ପଚାରିଲେ କିଛି ନଦେଇ ଉତ୍ତର
ବଖାଣେ ବୁକେ ନାଥଙ୍କ ହେ । ୩ ।

ଚନ୍ଦନ କସ୍ତୁରୀ ଲେପିଲେ ଶ୍ରୀଅଙ୍ଗେ
ଶୋଭୁଛି ଦଏ କାଳୀ ଅଳ ଅନୁରାଗେ
କେବଳ ଅନାଏ ପଥକୁ ଅପାଙ୍ଗେ
ପାଇବାକୁ ଦରଶନ । ୪ ।
ସଂଜରୁ ସକାଳ ଯାଏ କଞ୍ଜକେଶା
ଅଞ୍ଜନ ନୟନ କରୁନାହିଁ କଷା
ଖାଲି ଖାଲି ଉଡ଼ି ଯାଉ ଅଛି ହଂସା
ମଉଳାଇ ଚନ୍ଦ୍ରାନନ । ୫ ।
ଶ୍ରୀଚରଣ ଦାସୀ ଠାରେ ଥିଲେ କୃପା
ପ୍ରକାଶ ମୋହନ ଥରେ ଅନୁକମ୍ପା
ଚମ୍ପା ବରଣୀକୁ ପୋଡ଼ିମାର କମ୍ପା
ହୋଇ କରୁଣା ନିଧାନ । ୬ ।
ଛନ୍ଦା ଚରଣରେ ହୋଇଛି ସେ ବନ୍ଦୀ
ମୁଣ୍ଡେ ମୁଣ୍ଡାଇଛି ସବୁ ନିନ୍ଦା ବାଧା
ତଥାପି ତୁମର ନାମେ ତା ଶରଧା
ଗୋପାଳକୃଷ୍ଣ ରଚନ । ୭ ।

—*—

ଲଳିତାପ୍ରତି ଶ୍ରୀକୃଷ୍ଣ

ରାଗ—ଶଙ୍କରା ଭରଣ

ଯାଅ ଗୋ ଲଳିତେ ଘେନି ନିବେଦନ ମୋର
ସର୍ବସ୍ୱଶ ବଦନାରେ କହିବ ଏ ଗିର
ସେହି ଜଳ ମୁଁହି ମୀନ
ତାର ଅଦର୍ଶନେ ନିରହିବଟି ଜୀବନ । ୧ ।
ଚନ୍ଦ୍ରକୁ ତେଜି ଚକୋର ଲଭଇ ଯେ ଗତି
ରାଇହୀନ ଜୀବନ ମୋ ହୁଏ ସେହି ମତି
ନିଶା ଚକ୍ରବାକ ପରି
ବାହୁନି କାନ୍ଦୁଛି ତାର ଗୁଣକୁ ସୁମରି । ୨ ।

ଝାସ କେବଟ, ର ଦାଉ ନପାରିବ ସହି
ନିଶ୍ଚେ କାଳନ୍ଦୀ ହ୍ରଦରେ ଝାସ ଦେବ ଯାଇ
କଥା କାଳେ କାଳେ ଥିବ
କିଶୋରୀ ଲାଗି ପରାଣ ତେଜିଲା ମାଧବ । ୩ ।

ଛଇଳ ରତନ ସେ ମୋ କଣ୍ଠ ତଟ ମଣି
ମାନସ ନାୟିକା ସ୍ନେହ ସାଗର ଖଣି
ସେତେବେ ଦେଖିବ ସେ ପାଶୋରି
ପରାଣ ତେଜିବ ନିଶ୍ଚେ ତାଙ୍କୁ ଝୁରି ଝୁରି । ୪ ।
ଏ କାରଣେ ଜନ୍ମ ହେଲି ସିନା ତାହାପାଇଁ
କରେ ଜଷ୍ଟି ଘେନି ଧାଏଁ ଗୋବତ୍ସା ଚରାଇ
ଧରି ମୋହନ ମୁରଲୀ
ଫୁକାରି ସନ୍ତୋଷ ପାଏ ରାଧେ ରାଧେ ବୋଲି । ୫ ।
ରାଧା ମୋ ହୃଦ ଚନ୍ଦନ ରାଧା ମୋର ଜପ
ରାଧା ମୋର ଧ୍ୟାନ ଜ୍ଞାନ ରାଧା ମୋର ତପ
ମୁହିଁ ତାର ସହଚର
ସେ ପର କଲେ କହ ମୁଁ ହୋଇବ କାହାର ? । ୬ ।
ରାଧା ଲାଗି ମାଧବ ମୁଁ ରାଈ ଲାଗି କାହ୍ନୁ
କିଶୋରୀ ଲାଗି କିଶୋର ହେଲି ଜନ୍ମଦିନୁ
ବୃନ୍ଦାବନ ରାସ ଖେଳ
ବୃଥା ହେବ ସବୁ ପର କଲେ ସେ ଛଇଳୀ । ୭ ।
ଆଗୋ ଲଳିତେ ପରାଣ ପୋଡ଼ୁଛି ମୋହର
ଶ୍ରୀରାଧା ବିହୂନେ ବୋଲି ଜାଣିଥା ନିକର
ରାତେ ନ ଆସଇ ନିଦ
ବେଳୁ ବେଳ ବଢ଼ିଯାଏ ବିରହ ବିଚ୍ଛେଦ । ୮ ।
କର ଧରି କହୁଛି ମୁଁ ଦୟାକର ଥରେ
ଭେଟାଅ ନେଇଣ ଶ୍ୟାମୁ ଜେମା ସଙ୍ଗତରେ
ଧର୍ମ ହୋଇବ ଅପାର
ତୁମରି ଯଶ ଘୋଷିବ ଏ ଚରାଚର । ୯ ।

ମାନିନୀ ସେ ବିନୋଦିନୀ ବହିଅଛି ବେଷ
ଦେଖା ହେଲେ ଶ୍ରୀଛାମୁରେ ମାଗିନେବି ଦୋଷ
ହୋଇ ବହୁ ନଉଚ୍ଛଳ
ଗୋପାଳ କୃଷ୍ଣ କହଇ ସର୍ମିବ ମଙ୍ଗଳ । ୧୦ ।

ଶ୍ରୀକୃଷ୍ଣପ୍ରତି ଲଳିତା

ତାଳ—ଆଠତାଳି

ଆହେ ଶ୍ରୀ ରଙ୍ଗା ପୟର
ଏ ସଂସାର ସାର ମୁରଲୀଧର ହେ
ଈଶ କୋଟି ଜଗତର । ୦ ।
ଯେ ପଦ ସରୋଜ ରଜ ଲଭିବାକୁ
ବ୍ରହ୍ମା ହର ନିରନ୍ତର
ମାଗୁଛନ୍ତି କର ପ୍ରସାରି ବିନୟେ
କୃପା ଭିକ୍ଷୁ ପରକାର । ୧ ।
ଯେ ଚରଣ ଛୁଇଁ ମୂର୍ତ୍ତିମତୀ ହେଲା
ବନେ ଅହଲ୍ୟା ପଥର
ସେ ଚରଣ ଧୋଇ ସାଯୁଜ୍ୟ ମୁକତି
ହେଲେ ଲଭିଲା ଧିବର । ୨ ।
ମିଠା, ଖଟା, ପିତା, ଫଳ ଚାଖି ଦେଲା
ସ୍ନେହେ ଶବରୀ ମାତର
ଘୃଣା ଛେଡ଼ି ପ୍ରଭୁ ! ଉଚ୍ଛିଷ୍ଟ-ଖାଇଲ
ଭକ୍ତ ଭାବରେ ବିଭୋର । ୩ ।
ଭକ୍ତ ଲାଗି ସ୍ତମ୍ଭୁ ପ୍ରକାଶିତ ହେଲ
ଧରି ନୃସିଂହ ଶରୀର
ଚିରି ଦେଲ ହେଳେ ହିରଣ୍ୟକୁ କଳେ
ଶୁଷ୍କ ତୃଣ ପରକାର । ୪ ।

କ୍ରୋଧେ ଅନ୍ଧ ହୋଇ ଶ୍ରୀବତ୍ସ ବ୍ରାହ୍ମଣ
ଚରଣ କରୁ ପ୍ରହାର
ସ୍ନେହରେ ସେ ଚିହ୍ନ ବକ୍ଷରେ ବହିଲ
କ୍ଷମି ସର୍ବ ଦୋଷ ଭାର । ୫ ।

ଭକତର ବନ୍ଧୁ ସେଣୁ ଦୀନବନ୍ଧୁ
ତେଣୁଟି ସଦା ଉଦାର
ଭକତ ନିମନ୍ତେ କରିପାର ସବୁ
ନିଜକୁ ମଣି ଅସାର । ୬ ।

ଭକ୍ତ ଜନେ ଦଣ୍ଡ ଦେବାକୁ ପ୍ରଚଣ୍ଡ
କ୍ରୋଧେ ହୋଇ ଜର ଜର
ସାତ ରାତି ସାତ ଦିନ ବରଷିଲା
ଘୋର ଆଷେ ଜଳଧର । ୭ ।

ଘୋର ବାତ୍ୟା ଭୁଲେ ପଥର ଛେଚିଲା
କରି ଘ୍ରମ ଅନ୍ଧକାର
ଭକତଙ୍କ ହିତେ କାଣୀ ଆଙ୍ଗୁଳିରେ
ଟେକି ଧରିଲ ମନ୍ଦର । ୮ ।

ହାରି ଯାଇ ଇନ୍ଦ୍ର ଶରଣ ପଶିଲା
ନେବେ ଦେଖିଲୁ ଆମ୍ଭର
ବଛା ହରି ନେଇ ବ୍ରହ୍ମା ହାରି ଯାଇ
ଆଶ୍ରା କଲା ଶ୍ରୀପଦ୍ମର । ୯ ।

ମହାଜନ ମାନେ ଯେ ପଦ ପଙ୍କଜେ
ଭୃଙ୍ଗ ପରି ନିରନ୍ତର
ମଧୁ ପାନ ଆଶେ ନିତୁଛନ୍ତି ଆସି
ସେହିତ ସଂସାରେ ସାର । ୧୦ ।

ସ୍ଥିର ଗୋପାଙ୍ଗଣୀ ମାତ ଆମ୍ଭେ କାହ୍ନୁ
ମରତେ ଜନ୍ମ ଆମ୍ଭର
ତୁମ୍ଭ ଦରଶନେ ହୋଇ ଅଛୁ ଧନ୍ୟ
ସୌଭାଗ୍ୟଟି ନୋହୁ ତୁମ୍ଭର । ୧୧ ।

ଶ୍ରୀରଙ୍ଗା ଚରଣ   ସେବା ଖଟିବାକୁ
କମଳା ସଦା ତତ୍ପର
ଗାଁଗୋ ନେଇ ବାଣୀ   ପରିବୃଷ୍ଟି ରୂପେ
ଗୃହନ୍ତି ଯାଇ ପୟର । ୧୨ ।
ସେହି ମହା ପ୍ରଭୁ   ଲୀଳା ଖେଳା ଲାଗି
ବ୍ରଜେ ହୋଇ ଅବତାର
କଳା କାହ୍ନୁ ରୂପେ   ଆମ୍ଭ ଆଖି ପଟେ
କରୁଛନ୍ତି ମାୟା ବିହାର । ୧୩ ।
ଗୋପାଙ୍ଗନୀ ରାଧା   ଭାବରେ ଶରଧା
ଏତେ ତାହାଁଙ୍କ ତୁମ୍ଭର
ଲୁଚିଯିବ ପ୍ରଭୁ   ସହି ନପାରିବ
ଶୁଣି ତୁମ୍ଭ ଦୁଃଖ ଗିର । ୧୪ ।
କୋଟି କୋଟି ରାଧା   ରହିବେ ପ୍ରଭୁହେ
ସେବିବାକୁ ଶ୍ରୀପୟର
ଏଗୁଭ କଥାକୁ   ଅଧୀର ହୋଇଣ
ଗଡ଼ା ନାହିଁ ଅଶ୍ରୁଧାର । ୧୫ ।
ମୋ'ଭଣ ମାଧବ   ଚିନ୍ତା କର ଗାଧାର
ଆସ ମୋ ଭୁଲେ ନକର ।
ଆଜ ଭେଟାଇବ   ବନୋଦମା ରାଈ
ଗୋପାଳ କୃଷ୍ଣ ବରୁଭ । ୧୬ ।

—*—

ମିଳନ ମାଧୁରୀ

ତାଳ—ଆଠତାଳ

(ଦେଖ) ମିଳନ ମାଧୁରୀରେ । ସହଚରୀ !
କୁଞ୍ଜପଟେ ବାଜୁଅଛି ମଙ୍ଗଳ ମହୁରୀ ରେ । ୦ ।
ଆଲଟ ଚାମର ଘେନି
ଲଳିତା ବିଶାଖା ବେନି
ଢାଳୁଛନ୍ତି ଧୀରେ ଧୀରେ ନେବେ ଠାରି ଠାରି ରେ । ୧ ।

କୁଂଜ ଦୋଳ ସିଂହାସନେ
ସ୍ନେହ ସନ୍ତର୍ପଣ ମନେ
ବସେ ଯୁଗଳ ଛନ୍ଦରେ ରାଈ ଗିରିଧାରୀ ରେ । ୨ ।
କସ୍ତୁରୀ ଚନ୍ଦନ ଗୋଳି
ବୋଳିଦିଏ ଚମ୍ପା କଳୀ
ଇନ୍ଦୁରେଖା ବାସଜଳ ମାରେ ପୀଚକାରୀରେ । ୩ ।
ଗୁନ୍ଥି ସଜଫୁଲ ମାଳ
ଚମ୍ପକଲତା ଛଇଳ
ଯୁଗଳ ମୂରତ୍ତି ଗଳେ ଦିଏ ସଜ କରିରେ । ୪ ।
ତାମ୍ବୁଳ ପେଟିକା ଧରି
ଧୀରେ ତୁଙ୍ଗ ବିଦ୍ୟାଗୋରୀ
ଭୁଞ୍ଜାଏ ରାଈ କାହ୍ନୁଙ୍କ ମୁଖେ ଥିରି ଥିରି ରେ । ୫ ।
ଚମ୍ପକ ଲତା ଛଇଳ
ସ୍ନେହେ ଦିଏ ହୁଳହୁଳୀ
ସୁଦେବୀ କା ରଙ୍ଗ ଦେବୀ କନ୍ଦା ପନା କରିରେ । ୬ ।
ଗାଆନ୍ତି ମିଳନଗୀତି
ସଖୀରେ ଫୁଲାଇ ଛାତି
କର୍ପୂର, ଚନ୍ଦନ, ଚୁଆ ଗୋଳା ପାନ୍ଦଭରିରେ । ୭ ।
ସକଳେ ହୋଇ ମଣ୍ଡଳି
ଦେଇ ଘନ ହୁଳ ହୁଳୀ
ହସି ନାଚି ଖେଳ କୁଦା ପିଚକାରୀ ମାରି ରେ । ୮ ।
ବାଇଲେ ବିବିଧ ବାଦ୍ୟ
ଶୁଣି କୁଞ୍ଜ ବନ ସ୍ତବ୍ଧ
ମୃଦଙ୍ଗ ପହଟ ରବା ମଙ୍ଗଳ ମହୁରୀ ରେ । ୯ ।
ଗାଇଲେ ମଧୁର ଗୀତ
ହୋଇଣ ଉନ୍ମତ୍ତ ଚିତ୍ତ
ଗୋପାଳ କୃଷ୍ଣ ଭଜଇ ଗୋପ ଗିରି ଧାରୀ ରେ । ୧୦ ।

—*—

ସ୍ତବଗାନ

ଜୟ ଜୟ ବ୍ରଜ ଭୁବନ ଚନ୍ଦ୍ରମା
ଜୟ ନାହୁଆ କିଶୋର
ଜୟ ଜୟ ବାଙ୍କ ଚୂଳିଆ କହ୍ନାଇ
ଜୟ ଦଧି ଦୁଗ୍ଧ ଚୋର । ୧ ।
ଚନ୍ଦନ ଚର୍ଚ୍ଚିତା ବୃଷଭାନୁ ସୁତା
ଜୟ ରାଧା ବିନୋଦିନୀ
କୃଷ୍ଣ ପ୍ରାଣାଧିକେ ଜୟ ଗାନ୍ଧର୍ବିକେ
ଗୋପ ଶୋଭା ବିବର୍ଦ୍ଧିନୀ । ୨ ।
ରସ ରାସେଶ୍ୱରୀ ଭୁବନ ଈଶ୍ୱରୀ
ନାଗରୀ ମଉଡ଼ ମଣି
ଶ୍ରୀପାଦ ସରୋଜ ମଧୁ ଲୋଭେ ନିତ
ଛୁଟନ୍ତି ମଧୁପ ଶ୍ରେଣୀ । ୩ ।
ଗୋକୁଳ ମଣ୍ଡନ ଯଶୋଦାନନ୍ଦନ
ଜୟ ହେ ବାଙ୍କ ଚୂଳିଆ
ଅନ୍ଧୁଡ଼ି ଶାଳରେ ପୂତନା ନାଶିଲ
ଗୋପ ବାଳକ ମେଳିଆ । ୪ ।
ତୃଣା, ବକା, ଅଘା, ଶକଟା ନାଶକ
ଗୋବର୍ଦ୍ଧନ ଗିରିଧାରୀ
ଶରତ ରାସର ରସିକ ଶେଖର
ଜୟ କୁଞ୍ଜବନଚାରୀ । ୫ ।
ଧୂଳି ଖେଳ ଛଳେ ଅନ୍ଧ ବ୍ରାହ୍ମଣକୁ
ଚକ୍ଷୁଦାନ କଲ ହେଳେ
କାଳନ୍ଦୀରେ ପଶି କମଳ ତୋଳିଲ
କାଳୀୟକୁ ଦଳନ କଲେ । ୬ ।
ଭୂତ ହୋଇ ରାଧାପୁରେ କଲ କେଳି
ଉଗାଇ କରଜ ସାରୀ

ସସ୍ତ୍ରଜଳା ଜଳସୀରେ ଜଳଚୋଳ
ରାଣ୍ଡି ହେଲେ ସଖୀ ସ୍ୱାସ । ୭ ।
ଧନ୍ୟ ଧନ୍ୟରାଣ୍ଡି ନଗୀନା କିଶୋରୀ
କଳାକାହ୍ନୁ ମନୋହାରୀ
ଯା ନାମ ଧରନ୍ତେ ନରକ ଯାତନା
ପ୍ରାଣୀକୁ ପଳାଏ ଡରି । ୮ ।
ଏ ବ୍ରଜ ବଜାରେ ରାଧା ନାମ ଗୋଟି
ଅମୃତରୁ ବଳ ସ୍ୱାଦ
ରାଧା ବିନା ନାହିଁ କୃଷ୍ଣ ଦରଶନ
ଯୁଗେ ଯୁଗେଟି ପ୍ରବାଦ । ୯ ।
ଯହିଁ ରାଧା ତହିଁ କୃଷ୍ଣ ଗୋ ସଙ୍ଗିନୀ
କୃଷ୍ଣ ଯହିଁ ତହିଁ ରାଧା ।
ରାଧା କୃଷ୍ଣ ନାମ ଜପ କର ପ୍ରାଣୀ
ହରଇ ଶମନ ବାଧା ।୧୦
ଜମ୍ବୁନଦ ଗୋରୀ ଶ୍ରୀରାଧା କିଶୋରୀ
ନୀଳ ମେଘ କୃଷ୍ଣ କାନ୍ତି
କଳାଧଳା ତନୁ ମିଳନ ଦର୍ଶନେ
ତୁଟି ଯାଏ ଭବ ଭ୍ରାନ୍ତି ।୧୧
ଚିନ୍ମୟ ଚିଦ୍‌ଘନ ରସରାଜ କୃଷ୍ଣ
ରାଧା ଆନନ୍ଦ ରୂପିଣୀ
ପାପ ନୟନରେ ନଦେଖିଲେ ଥରେ
ତରେ କାଳ ତରଙ୍ଗିଣୀ ।୧୨
ଆସ ଆସ ଗୋ ବରଜ ଲଳନା
ଧର ବନ୍ଦାପନା ଥାଳି
ବନ୍ଦାଇବା ଆଜ ଯୁଗଳ ଛନ୍ଦରେ
ଶ୍ରୀ କିଶୋରୀ ବନମାଳି ।୧୩
ବୃନ୍ଦାବନାରଣ୍ୟ ଦ୍ୱାଦଶ କୁଞ୍ଜରେ
ଥାପି ଯୁଗଳ ମୂରତି ।

ରଞ୍ଜି ସଞ୍ଜବେଳେ ମଧୁର ସକାଳେ
କରିବା ନୃତ୍ୟ ଆରମ୍ଭ ।୧୩।
ଜୟ ଜୟ ରସରସିକ ଶେଖର
ଜୟ ରସିକା କିଶୋରୀ ।
ଗୋପାଳ କୃଷ୍ଣର ମାନସ ଭ୍ରମର
ମାରେ ସଦା ମଧୁକରୀ ।୧୪।

—*—

ଶ୍ରୀକୃଷ୍ଣଙ୍କ ପ୍ରତି—ଯଶୋଦା
ତାଳ—ଖେମଟା

କଳାକାହ୍ନୁ ଉଠରେ ଉଠରେ ଦେଖ ପାହିଲାଣି ରାତି ।
କୁଞ୍ଜ କୋଣେ ଡାକିଲେଣି ପକ୍ଷୀ ନାନାଜାତି
କାକ-କଜ୍ଜ୍ୱଳ ପାନ୍ତି ।୦।
ବହିଲାଣି ମନ୍ଦ ମନ୍ଦ ମଳୟର ଭାତି
ଉପବନେ ଫୁଟିଲାଣି ଫୁଲ ଜାତି ଜାତି
କାହୁ ଡୋଳେ ପେନ୍ଥି ପେନ୍ଥି ।୧
ଉଠି ବଳରାମ ଦେଖ ଧରେ ପ୍ରଜାପତି
ସଖାଗଣ ଆସି ଦ୍ୱାରେ ଠୁଳ ହୋଇଛନ୍ତି
ତୋତେ ଶ୍ରଦ୍ଧାରେ ଡାକନ୍ତି ।୨
ଉଠି ମୁଖ ପଖାଳରେ ମୋ ଗୁଣ୍ଡୁଣୀ ହାତି
ସର ସାକର ଲବଣୀ ରଖିଛି ସାଇତି
ଭୁଞ୍ଜି-ଦୁଇଭାଇ ହୋଇସାଥୀ ।୩।
ଏତେଢ଼ି ଅଳସୁଆ କାହୁ ହେବାର ଅନୀତି
ନିଦ୍ରା ତେଜନ୍ତି ସବେ ହୋଇଲେ ପାହାନ୍ତି
ଧନ ଦେଖରେ ସମ୍ପ୍ରତି ।୪।
ଉଠ କଳା କଳେବର ନୋହୁ ଅପଖ୍ୟାତି
ଗୋପାଳ କୃଷ୍ଣ କହଇ ନଶୁଅ ଶ୍ରୀପତି
ଦେଖ-ହେଲାଣି ପ୍ରଭାତି ।୫।

—*—

ଶ୍ରୀକୃଷ୍ଣଙ୍କ ପ୍ରତି—ଭକ୍ତ

କୀର୍ତ୍ତନ

ନାଚ ନାଚ ଗିରିଧାରୀ ବ୍ରଜବାଳ ମେଳେ
ମାତି ଉଠୁ ବ୍ରଜଦାଣ୍ଡ ତୁମ ନାଚ ଖେଳେ
ପ୍ରଭୁ ବାଜୁ ଶୁଭ ବାଜା
ଗୋପପୋଏ ପ୍ରଜା ତୁମ୍ଭେ ହୁଅ କାହ୍ନୁ ରାଜା ।୧।

ଗୋପ କନ୍ୟାମାନେ ଧରି ଆଲଟ ଚାମର
ପ୍ରଭୁ ମୁଗ୍‌ଧା କନ୍ୟାମାନେ
ପମାରରେ ପିଚକାରୀ ମାରନ୍ତୁ ଯତନେ ।୨।

ଲୁଚି ରହେ ରବିସୁତା ଢିଏ ଝୁଲଝୁଲ
ସୁବଳ ବଜାଏ ଶଙ୍ଖ ଝଲାଇ କାହାଳୀ
ପଢ଼େ ସୁଦାମ ମଙ୍ଗଳ
ଜୟ ଜୟ ଗୀତି ଗାଏ ଶ୍ରୀମଧୁ ମଙ୍ଗଳ । ୩ ।

ନାଚନ୍ତୁ ଗୋପାଳ ଦୁଏ ହୋଇ ଧାଡ଼ି ଧାଡ଼ି
ଖେଳନ୍ତେ ଗୋପ ଗୋପାଳେ ଆସିଣ ଲଉଡ଼ି
ଦେଖିଣ ଯଶୋଦା ରାଣୀ
ସ୍ନେହେ ସାଇତି ରଖିବେ ସର ଯେ ଲବଣୀ । ୪ ।

ଗବାକ୍ଷେ ଅନାଇ ଥିବେ ବୃଷଭାନୁ ସୁତା
ମନେ ମନେ ହେଉଥିବେ ଅତି ଆନନ୍ଦିତା
ଅଷ୍ଟସଖୀ ହୋଇ ମେଳ
ବଢ଼ାଇବେ ଯତନେ ଘେନିଣ ଅର୍ଘ୍ୟଥାଳ । ୫ ।

ସ୍ୱର୍ଗେଥାଇ ଦେବଗଣ ଦୁନ୍ଦୁଭି ବାଇବେ
ବ୍ରହ୍ମାସୁତ ନାଚି ନାଚି ବୀଣା ବଜାଇବେ ।
ହେବ ଜଗତ ଆନନ୍ଦ
ଲୀଳାରେ ମାତିବା ଦେଖି ଦେବ ଆଦିକନ୍ଦ । ୬ ।

ଜୟ ଜୟ ନନ୍ଦସୁତ ନାଟୁଆ କିଶୋର
ଅଶେଷ କୋଟି ଜଗତ ସାର ପରାତ୍ପର
ସେହି ଚରଣ କମଳେ
ଗୋପାଳ କୃଷ୍ଣ ମଜ୍ଜିଲ ନିରନ୍ତର ଲୁବ୍ଧେ । ୭ ।

—*—

ଖଣ୍ଡିତା ବାଣୀ

ରାଗ ମୁଖାରୀ—ତାଳ ଆଦ

ଯାଅ ଯାଅ ମୋ ପାଶରୁ ଶ୍ୟାମ କେଣିକ ହେ । ଶୋଭା
କି ଭାଗ୍ୟ ଆଜ ମୋହର ପ୍ରଭାତୁ ମୁଖ ଭ୍ରମର
ଦେଖି ନେ ଲୋଭ ନୋହିବ ପୁଣି କହେ । ୧
କାଲି ନିଶୀ ଉଜାଗର ରହିଲ କାହା ମନ୍ଦିର
ଶୟନ କରଯା ଯେନ ବାଣୀ କି ହେ । ୨
ଅଧରେ କଜ୍ଜ୍ୱଳ ଗାର ଦିଶୁଛି କି ମନୋହର
କରେ ଦେଖ କଙ୍କଣର ମଣି କି ହେ । ୩
ଭୃଙ୍ଗ ବରନ ସମାନ ଜାଣିଲେ ଦେଲ ବସନ
ଧନ୍ୟ ବୋଲି ସିନା ସେ ରମଣୀ କି ହେ । ୪
ଜଗନ୍ନାଥ ରାଜା ଭଣେ ଆହା ଧାନେ କି ଶୋଭା ହସ
ଆସିଲ କି ପଥ ଭୁଲି ଏଣିକି ହେ । ୫

—*—

* ଜଗନ୍ନାଥ ରାଜା—ପାରଳା ଖେମୁଣ୍ଡୀ ରାଜ୍ୟର ତତ୍କାଳୀନ ନରପତି । କବି ଗୋପାଳକୃଷ୍ଣ ଏହାଙ୍କ ଅଶେଷ ଗୁଣରେ ପ୍ରୀତ ହୋଇ ରାଜାଙ୍କ ନାମରେ ଭଣିତା କରି ଏହି କବିତାଟି ତାଙ୍କୁ (ରାଜାଙ୍କୁ) ଭେଟି ଦେଇଥିଲେ ।

—ସଂକଳକ—

ଶ୍ରୀ କୃଷ୍ଣଚନ୍ଦ୍ରଙ୍କ ଭାବନା

(ରାଗ ବେହାଗଡ଼ା—ତାଳ ତ୍ରିପୁଟା)

ସରିଲାଣି ସୁଖ ସ୍ନେହ କାହିଁରେ ନଲାଗେ ମନ
କରିଗଲି ଦିନୁ ବ୍ରଜ ପୁର ସୁଖ ନିକେତନ । ପଦ

ରହିଛି ସିନା ଜୀବନ ଝୁରିବାକୁ ନିଶି ଦିନ
ଦିନ ଦିନକର ସେହି ସେନ ସୁଖ ବରଧନ । ୧

ପ୍ରାଣସମା ଯଶୋଦାର ନ ଶୁଣେ ଅମିୟ ଗିର
ବଦନ କଳମଧୁର ହେଲାଣି ଏବେ ସ୍ୱପନ । ୨

କରୁଥିବ କଂସ କସି ଭାଜୁଥିବ ଉଦାସୀ
ଆହାରେ ମନ କରମ ବଧି ହେଲା ବିଡ଼ମ୍ବନ । ୩

ଆସିଥିଲା ବୃନ୍ଦାବନି ସୁବଳକୁ କରି ସାଥୀ
ଦେଇଛି ଅବଧି ତଥି ଯିବ ବୋଲି ବୃନ୍ଦାବନ । ୪

ବ୍ରଜ ବଧୂ ଭୁଲି ଏତେ ଉଦନ୍ତ ଉଦ୍ଧବ ହାତେ
ପେଶୁଁ ଲେଖି ସେ ପଦାବ୍ଜେ ଗୋପାଳକୃଷ୍ଣ ବନ୍ଦନ । ୫

—*—

* ଏହି ସୁମଧୁର ସଙ୍ଗୀତଟି ମୋର ପ୍ରିୟତ୍ତମ ବଂଧୁ ଜାମୁଗାଁ ନିବାସୀ ରଘୁନାଥ ଆଚାର୍ଯ୍ୟଙ୍କ ଠାରୁ ସଂଗୃହୀତ । ବ୍ରଜପୁର ଛାଡ଼ି କୃଷ୍ଣଚନ୍ଦ୍ର ମଥୁରାକୁ ଗଲାପରେ ଆତ୍ମୀୟ ସ୍ୱଜନଙ୍କ ବିଚ୍ଛେଦରେ ତାଙ୍କର ମନ କିଭଳି ଭାବରେ ବିଳପି ଉଠିଥିଲା ସରଳ ସୁନ୍ଦର ଭାଷାରେ ଗୋପାଳକୃଷ୍ଣ ତାକୁ ବର୍ଣ୍ଣନା କରିଛନ୍ତି । ଅନୁଭବ ବ୍ୟତୀତ ଅନ୍ୟ କୌଣସି ଲେଖକ ଏଭଳି ପ୍ରକାଶ କରିବା କ୍ୱଚିତ୍ ଦେଖାଯାଏ ।

—ସଂକଳକ—

ରାଗ ମୋହନା—ରୂପକ ତାଳ

ହୋରି ରଂଗେ ବହରି । ହରି ସଙ୍ଗେ ଶ୍ରୀ କିଶୋରୀ । ପଦ

ପବନେ ଚଳ ଚମ୍ପକ ବଲ୍ଲୀ ତମାଳେ ଢଳିଲା ପରି । ୧
ପଶୁପୀବାଳା ଚପଳା ମାଳା ଘନକୁ ଘେରିଲା ପରି । ୨
ହେମାବ୍ଜ ବନ ବସ୍ନୁସୀ ଜନ ମଧୁବ୍ରତ ଗିରିଧାରୀ । ୩
ଫିଙ୍ଗୁ ଅମ୍ବର ବ୍ରଜ ସୁନ୍ଦରୀ କୁଂଚୁଳି ଗଳି ବାହାରି । ୪
ଶ୍ରୀ ରାଧା ଫିଙ୍ଗୁ ମୋହର ଜଗୁ କାଳି ହୃଦରେ ସଞ୍ଚରି । ୫
ନଳ ସନ୍ତର ଧରି ରନ୍ତର ବଞ୍ଚିନ୍ତ ପନର ବାରି । ୬
ଗୋପାଳକୃଷ୍ଣ ନୟନ ତୃଷ୍ଣ ହୋଇଲା ସେ ଶୋଭାସରି । ୭

—*—

ରାଗ ନୀଲମ୍ବରୀ—ମିଶ୍ରରୂପ ତାଳ

ଯାଉ କଥା କୁହାଯିବରେ ଜାଣିଥା । ପଦ ।
ଲଳିତ ତ୍ରିଭଙ୍ଗଭଙ୍ଗୀ ନଟବର ସଜ
ବରଦ ଉତ୍ତସ ବଂଶୀ କର । ମୁଖାମ୍ଭୋଜ ।
ଯନ୍ଧ ମନରେ ପଡ଼ିବରେ । ୧ ।
ବିଧୁ ଉଦୟରେ କି କୁମୁଦ ନଫୁଟିବ
ଚନ୍ଦ୍ର କାନ୍ତ ମଣିକି ଦରବ ନସ୍ରବିବ
ଆସନ୍ତୁ ସେ ଜଣାଯିବରେ । ୨ ।
କ୍ଷଣ ନ ଦେଖିଲେ ଯାହା କୋଡ଼ିଏଥର
ଆଳୀଙ୍କି ପଠାଇ ଅଣାଉ ଥାଇ ଖବର
ସେ ଲୋଭକି ଗୁଣ୍ଡ ହେବରେ । ୩
କାଳୀନ୍ଦ୍ରୀ ମଥାରେ କଲ୍ପଦନ ସେ ନର୍ତ୍ତନ
ଯାହା ହୋଇଗଲୁ କରିଥିଲୁ ଯେ ଗୁମାନ
ଭାନ୍ତ ଶତ୍ତେ କି ନ ଥିବ ରେ । ୪

ଅଭିମନ୍ୟୁ ସକୁଟୁମ୍ବ ହୋଇ ମଥୁରାକୁ
ସିବ ବୋଲି କାଲି କହୁଥିଲା ଜଟିଳାକୁ
ପଡ଼ିଛୁଟ ଉପଦ୍ରବ ରେ ।୫
ଛଳନା ହୋଇ ଶ୍ରୀ ରାଧିକା ଆଳୀଙ୍କି ସବୁରୁ
ସେ କହନ୍ତି ପଠାଇଛି ପୂର୍ଣ୍ଣମାସୀ ପାରୁ
ଗୋପାଳକୃଷ୍ଣ ଆସିବରେ । ୬

—*—

ରାଗ କାଫି——ମିଶ୍ର ଖମାଜ

(ତୋ ଲାଗି ମୋହନ ହୋଇ ଅଚେତନ—ବୃତ୍ତେ)

ସଙ୍ଗିନିରେ ରାସରଙ୍ଗିନିରେ ଦୋଷ
କ୍ଷମା କର ଜୀବବନ୍ଧୁ ଭୂଷଣାରେ । ପଦ
ଯାକର ତୋ ପଦ ପଙ୍କଜ କିଂକର
ରଙ୍କ ରତନ ମୃଗାଙ୍କ ଲପନାରେ ।
ଶଙ୍କର ଚନ୍ଦ୍ର ନିଃଶଙ୍କରେ ଦହୁଛି
ଅଙ୍କ ପର୍ଯ୍ୟଙ୍କ ମୋ ମନ୍ଦ୍ର ବନାରେ । ୧
ଯୋଡ଼ି ପାଣି ଜଣାଉଛି ରାମାମଣି
ଧରଣୀରେ ନଖଗାର ଲେଖନାରେ ।
କଣିଲ ଜନ ମୁଁ ତୋର ଆଜନ ମୁଁ
ଛନ୍ତୁ ତୋଳ ଗୁରୁ ବେଣୀ ଲେଉଟାନାରେ । ୨
ମାନସରୁ ମାନ ହର ସ୍ୱର ଶରୁ
ରଖ ନୁଆଁ ସରୁ ମାଳ ବସନାରେ ।
ଜାବଧା ପଦରୁ ପୀୟୁଷ ହାସରୁ
ଲଜ ପ୍ରସରୁ ଗଞ୍ଜନ ନୟନାରେ । ୩
ଗୋକୁଳ କୁଳଜା ପରିଷଦ ରାଜା
ନ କଲେ କରୁଣା ମୁଁ ଜଣା ତୋହାରେ ।

ରାଧେ ରାଧେ ବୋଲ ମୋରଲୀ ସଲଲରେ
ହାସିବାର ଶୁଣୁ ସିନାରେ । ୪
ଅବନତ ହୋଇ ଧରୁ ପଦ ଦୁଇ
ରାଧା ପ୍ରସନ୍ନତା କରି କଳନା ରେ
ଗଲେ ନିଜ ନିଜ କୁଞ୍ଜେ ଆଳୀ ବ୍ରଜ
ଗୋପାଳକୃଷ୍ଣ କରେ ଭାବନା ରେ । ୫

—*—

ରାଗ କୀରବାଣୀ—ତାଳ ମିଶ୍ରରୂପ

ସେ ସିନା ନୂଆକରେ ବ୍ରଜବନ୍ଧୁ ।
ଆସ ପଛକୁ ପଳାନା । ପଦ ।
ଆସୁଛନ୍ତି ତୋ ପାଛୋଟି   ଆଗକୁ ସଙ୍ଗିନୀ ହେଟି ରେ
ବିଳାସ ବିହ୍ୱଳା ଅନାଅନା । ୧ ।
ଥରୁଛୁ ଏତେ କାହିଁକି   ରହିଥା ଥାଉ ଘଡ଼ିକ
ପୂରାଇବେ ତୋ ମନ କାମନା । ୨ ।
ମୋ ପାଶେ ଆଜ ରଜନୀ   ରହିପିବୁ କି ସଜନୀ
ତନୁ କୁ ମୋ ପୋଟଳ ପକାନା । ୩ ।
ପୀରତି କଳପଲତା   କାନ୍ତ କୁଳାଧି ଦେବତା
ଲୁଚିବୁ କେହ୍ନି ଚନ୍ଦ୍ର ବଦନା । ୪ ।
ଛଡ଼ାଇ ଯୌବନ ଲଜ୍ଜ୍ୟା   ନିକୁଞ୍ଜ କୁସୁମ ଶଯ୍ୟା
କଲେ ଗୋପାଳକୃଷ୍ଣ ରଚନା । ୫ ।

ରାଗ ଝିଂଝୋଟି—ଆଦିତାଳ

ଶ୍ୟାମସରି ରାଧା ସୁଧାକର ମୁହଁକ ।
ଯାଉଥିଲେ ଘଟଣା ପଡ଼ିନାଥା ସୁନ୍ଦର ପଣକ । ପଦ ।
ବନେ ଦୂର ଦୂରରେ ବ୍ରଜ ରାଜ ପୁରରେ
ବଲୋକ ମୁଁ ଅନୁମାନ ଥିଲି ଦୁହିଙ୍କି । ୧ ।
ଘଲବଟି ଚଉରେ ତାରତମ୍ୟ ଭଙ୍ଗରେ
ଏତା ଶ୍ରୁତିତଟ ସରିହେବ ନାହିଁକ । ୨ ।
ନଦେନ୍ଦ୍ରେ କ ଝାରିଦା ମାଗିଥିଲେ ଯଶୋଦା
ଏବେ ଦେଖି ପୁଣି ନନ୍ଦ ଛନ୍ତି ବହିକ । ୩ ।
ଯମୁନା ଜଳରେ ସୁନା- କଂଜ ପରି ଭାବନା
ବଣୁଥାନ୍ତା ଜନେ ମୁରୁଛନ୍ତେ ବୁହିଁକ । ୪ ।
ଗୋପାଳକୃଷ୍ଣ ଭାଷେ ରାଧା ଲାଜ ହରଷେ
ହସି ହସି ଛଳେ ଚଳ ହେଲେ ଆଳୀଙ୍କି । ୫ ।

—*—

ସଖୀ ଉକ୍ତି *

(ଡ଼ାକବ ରାଧାରମଣ—ବୁଡ଼େ)

ବରଷ୍ଟ ଭଲ ପାଇଲା ରେ
ଶ୍ୟାମ ଅନୁରୂପେ ରାଧା ଉଚଲ ରେ । ପଦ ।
କୋଟି ରତିମାର ନଉଛଣାକୁ
ଭୁଲ ହେବେ ନାହିଁ ପଦ ଚଲକୁ । ୧ ।

---

* ପ୍ରେମ ଆଗରେ ଭଲମନ୍ଦ କିଛି ନାହିଁ । ସାନ ବଡ଼, ପର ଆପଣାର କୌଣସି ବନ୍ଧନ ସେ ମାନେନା । କୃଷ୍ଣଙ୍କ ଭଳି ଜଗଜ୍ଜନ ନୟନାଭିରାମ ପୁରୁଷ ମଧ୍ୟ ସୁନ୍ଦରୀ ସ୍ତ୍ରୀଟିଏ ଦେଖି ପାଗଲ । ସ୍ୱକୀୟା ଆଜି ଥାଉ ପରକୀୟା ପ୍ରେମ କରୁଛନ୍ତି ବୋଲି କୌଣସି ଏକ ସଖୀ ମୁହଁରେ ଅଭିଯୋଗଟି ଗୋପାଳକୃଷ୍ଣ ସୁନ୍ଦର ଭାବରେ ବ୍ୟକ୍ତ କରିଛନ୍ତି ।

ସୁନ୍ଦର ପଣରେ ପ୍ରଥମ ଗିରୀ ।
ଜଗଜ୍ଜନ ମନ ମୃଗ ବାଗୁରୀ । ୨ ।

ବାଦେ ବଡ଼୍ ଭ୍ରାନ୍ତ ଯା ଜଡ ପ୍ରେମ
ଆଜ ସରିକ ନାହିଁ ଯେ ବିଶ୍ରାମ । ୩ ।

ସାମାନ୍ୟ ସ୍ୱକାୟାକୁ ବରଜିଲା
ପରକୀୟାରେ ଚିତ୍ତ ମଜାଇଲା । ୪ ।

ଉଜ୍ଜ୍ୱଲ ନର୍ମାସ କୃଷ୍ଣ ଶ୍ରୀମୂର୍ତ୍ତି
ପରମାନନ୍ଦ ସ୍ୱରୂପିଣୀ ଶ୍ରୀମତ୍ତି । ୫ ।

ଗୋପାଳ କୃଷ୍ଣ ସେ ପଦ ନଳିନ
ଯୁଗେ ସମର୍ପିଲା ମନ ଜୀବନ । ୬ ।

—*—

ରାଗ କୀରବାଣୀ—ମିଶ୍ରରୂପ ତାଳ

(ସେ ସିନା ନୂଆକରେ ବ୍ରଜବଧୂ)

ରାଧାଗୀତ ଘୋଷାଇ ବାହାର, ସତ୍ୟ ସେ । ପଦ ।

ବ୍ରହ୍ମା ନାରଦ ଶଙ୍କର ଧ୍ୟାନରେ ଯେ ଅଗୋଚର
ଅନୁସରନ୍ତି ଦାସୀକି ତାର । ୧ ।

ଯା ବାମ ପଦ କନିଷ୍ଠା ଅଙ୍ଗୁଷ୍ଠି ନଖର ଛଟା
ଲବ ରମାର ଗର୍ବାପହାର । ୨ ।

ବ୍ରଜ ସ୍ତ୍ରୀ ବାଳ ବୃଦ୍ଧାରୁ ସର୍ବାଂଶରେ ସବୁଠାରୁ
ବିଲକ୍ଷଣ ଗୁଣ ଗଣ ଯାର । ୩ ।

ଏ ଗୋଷ୍ଠବାସୀ ସକଳ ଆଖି ବନ୍ଧିବାର ଫଳ
ଏକା ସିନା ତାଙ୍କୁ ଦେଖିବାର । ୪ ।

ଗୋପାଳକୃଷ୍ଣ କଥନ ରହୁ ମୋ ମନ ଜୀବନ
ପଦାବ୍ଜେ ସେ କୀର୍ତ୍ତିଦା ଜେମାର । ୫ ।

—*—

ଭକ୍ତର ଅନୁଚିନ୍ତା

ଡାଲି ଝୁଲି

ମନ ଗାଅ ନିତିରେ

ନଟବର ବଂଶୀଧର   ଶ୍ୟାମଳ ସୁନ୍ଦର କାନ୍ତ । ୦ ।
ଭବପାରାବାର ଘୋର   ଅପାର ଭୟଙ୍କର
ସ୍ଥଳ କୂଳ ନାହିଁ ଥର ଉଠେ ଚିତ୍ତ
ଯେବେ ଲୋଡ଼ିବୁ ଆଲୋକ   ତେବେ ନିରେଖ ଗୋଲୋକ
ବିରଜ ମଣ୍ଡଳେ ଜଳେ ଦିବ୍ୟ ଜ୍ୟୋତି ରେ । ୧ ।
ଘନ ବରନ ମଦନ   ମୋହନ ନନ୍ଦ ନନ୍ଦନ
ପୂତନା ପରାଣହିଆ ନୀଳକାନ୍ତ,
ଯାମଳାର୍ଜ୍ଜୁନ ଭଞ୍ଜକ   ଯଶୋଦା ହୃଦ ଚଦକ
ଯା ଚରଣ ପରିଷ୍ଟୁର କମ୍ପାବନ୍ତ । ୨ ।
ଜୀବନଦ ଘନମାଳ   ଅପଘନ ସୁଷମଳ
ଜମ୍ବୁନଦ ଗୋଷ୍ଠ ଯାର ପ୍ରାଣସାଥି ।
ସେ ପଦ ପଙ୍କଜତଳେ   ପ୍ରେମ ଭକ୍ତି ଭାବ ଭେଳେ
ମୂଢ଼ମନ ଡାକୁଥାଅ ତୋର ମନ୍ତରେ । ୩ ।
ଯେଉଁ ପଦ ଆଶ୍ରା କରି   ତରିଲା ଗୌତମ'ନାରୀ
ଘୋରବନେ ଥାଇ ଶାନ୍ତ ବାନ୍ଧବହାଣ୍ଡି
ରଙ୍କେ ନନ୍ଦ କରି ନାଶ   ଯଶ କଲେ ପରକାଶ
ହେ ପଦ୍ମର ଚିନ୍ତୁଥାଅ ଦିବାରାତ୍ରରେ । ୪ ।
ହର ବିରଞ୍ଚି ସମ୍ପଦ   ଅଟେ ଯେ ଅଭୟ ପଦ
ଯା ପ୍ରସାଦେ ଲଭେ ଯମଦଣ୍ଡ ତ୍ରାଣ ।
ସେ ଅଖିଳ ଚିନ୍ତାମଣି   ଶ୍ରୀପଦେ କରେ ମାଗୁଣି
ଗୋପାଳକୃଷ୍ଣ ପାଗଳା ଦିବା ରାତି ରେ । ୫ ।

—※—

ରାଗ ମାଳବ ଗୌଡ଼ା – ମିଶ୍ରରୂପତାଳ

(ଚଳଣିତ ଗଳ୍ପ କଥାରେ—ବୃତ୍ତେ)

କହ୍ନିଲେ କହ୍ନିବୁ ଗୋଷ୍ଠରେ ସଙ୍ଗାତ ।
ତୁହି ଢେନିବାକୁ ଅଛୁକି ଅଭିର ନିକୁଞ୍ଜ ବିହାରୀ ଦୋଷରେ ।ପଦ।
ବ୍ରଜ ପୁରନ୍ଦର ନନ୍ଦନ ସୁନ୍ଦର ବୃନ୍ଦ ଚନ୍ଦ୍ର ବରତଳ
କର ଯୋଡ଼ରେ ନଚାଇଲୁ ଇତର ଅଢେ ନ ଡ଼ାକୁ ଦୃଷ୍ଟିକ । ୧ ।
ଝରକୁ ଝର ପତ୍ରାବଳୀ ମକରୀ ଲେଖୁଦ୍ଧନ ଅଣ୍ଟୁ ନାହିଁ
ଆଜି ଯେତେ ସେବା ଆଳୀ ଅଜଣାରେ ତୋତେ ଏକାସାକ୍ଷୀ ଭୁହି ।୨
କି କରି ନାହାନ୍ତି ଚୋର ନଣ୍ଡକରି ଗ୍ଳାଇପରେ ପାଶେ ଥାଇ
ତୁ ସିନା ନବେଧେ କହୁଛୁ ଅସିଲେ ସେ ଲକ୍ଷା ଲେଖିବା ପାଇଁ । ୩ ।
ସଢ଼ଏ ଛୁମୁଛୁ ହୋଇଲେ ଅନ୍ତର ତୋ ପାଦର ଶଦ୍ଧର ଧୂଳି
କ ନ ହେଁ ଇନ୍ଦ୍ର ନୂହ ପୋଛି ପୋଛି ବୃନ୍ଦାବନ ସାର ବୁଲି । ୪।
ଶୁଣି ସଖୀ ବାଣୀ ଶ୍ରୀ କିଶୋରମଣି ଶ୍ୟାମ ଛାମୁରେ ମିଳିଲେ
ଗୋପାଳକୃଷ୍ଣ ଉଦାବ୍ଜ ପୋଛୁ ପୋଛୁ ମୋହନ ଭୋଳକୁ ନେଲେ ।୫।

—*—

ରାଗ କାମୋଦୀ—ମିଶ୍ର ରୂପତାଳ

(ହେଗୋପିକା ନନ୍ଦନ ଭୁଚେଁ ନିସ୍ତ୍ୱ ନୂହ ପ୍ରିୟ ହେ—ବୃତ୍ତେ)

ସରଧାରେ କର ମନ । ଶ୍ରୀ ରାଧା ନାମ କୀର୍ତ୍ତନ । ପଦ ।
ବିଶ୍ୱସୃଜ ସର୍ଜନାରେ ଶ୍ରୁତି ପୁରାଣରେ ।
ଏଥୁ ବଳି ନାହିଁ ପଥ ଲଭିବାକୁ ପ୍ରେମଧନ । ୧ ।
କାହାକୁ ନକର ଲକ୍ଷ୍ୟ । ସବୁଥିରୁ ନିରପେକ୍ଷ
ହୋଇ କରୁଥା ଗୋଷ୍ଠେନ୍ଦ୍ର ଅଙ୍କେ ସ୍ୱାମିନୀଙ୍କି ଧ୍ୟାନ ।
ହେ ଶ୍ରୀକୃଷ୍ଣ ପ୍ରାଣପ୍ରିୟେ । ହେ ସର୍ବ ରମା ଆଶ୍ରୟେ
ବୋଲି ଶ୍ରୀକୁଣ୍ଡ ସେତୁରେ ରହିଯା ରଣ ସଦନ । ୩ ।
ରାଜେନ୍ଦ୍ରେଶ ସେବାଯୋଗ୍ୟ । କାକସ୍ତ୍ର ଜନ ସୌଭାଗ୍ୟ
ବୃନ୍ଦାବନ ପୁରନ୍ଦର ବିନା ନ ଜାଣନ୍ତି ଆନ । ୪ ।

ହିଁ ଚନ୍ଦ୍ରର ଯାମଲୀଳା । ସେବା ଗ୍ରାହ୍ୟ ବନ ବଳା
ସ୍ୱକାର୍ଯ୍ୟ ସାଧୁସଙ୍ଗେ ପ୍ରେମ ଭକ୍ତି ସୁଧାପାନ । ୫ ।
ଦସ୍ତାତ୍ମ ଶ୍ରୀଗୁରୁଦେବ । ଦେହକାର ରକ୍ଷା ଅବଶ୍ୟକ
ଗୋପାଳ କୃଷ୍ଣ ଭଣେ ଲଭିବୁ ତୁଅ ସାବଧାନ । ୬ ।

—*—

ରାଗ ମୋହନା—ଚନ୍ଦ୍ରକାନ୍ତ ଏକତାଳ

(ଶ୍ରୀ ଗୌରଚନ୍ଦ୍ର ପଦ ବନ୍ଦରେ ମାନସ—ବୃତ୍ତେ)

ରାଧା ଗୋବିନ୍ଦ ଭଜନରେ ମାନସ । ପଦ ।
ଚେତନ କୁଟ କପଟ ଲୋଟ ଯମୁନା ତଟ
ଶ୍ରୀ ରାସସ୍ଥଳୀ ରଜରେ ମାନସ । ୧
ପ୍ରେମ ଶୁଖ କୁଣ୍ଡତୀର ବନେ ବସନ୍ତ କର
ହର ଏ ଭବ ଦୁଃଖରେ, ମାନସ । ୨
ଗଳ ପଡ଼ିଥିବାର ଚଳେ ମୁକୁତା ହାର
ଗୋଟାଇ ଗୁଞ୍ଜ ସ୍ରଜରେ, ମାନସ । ୩
ଦୋଳାଲୀଳା କାଳରେ ଧରି ଡୋର ସଧୀରେ
ଝୁଲାଇ ସୁଖେ ମଞ୍ଚରେ, ମାନସ । ୪
ରାସ ଅବସାନରେ କୁସୁମ ବ୍ୟଜନରେ
ରଙ୍ଗ ସଖୀ ସମାଜରେ, ମାନସ । ୫
ଗୋପାଳ କୃଷ୍ଣକଥା କରନାହିଁ ଅନ୍ୟଥା
ନିଭୃତକୁଞ୍ଜ ସେଜରେ, ମାନସ । ୬

ରାଗ—ପରଜ—ମିଶ୍ର ରୂପତାଳ

(ଦେଖାଇବ କି ସତେ ଦଇବ—ବୃତ୍ତେ)

ସଙ୍ଗ ଯିବକି ଲୋଡ଼ି ଲୋଡ଼ି ଯେ ମୋତେ ସଭଜ ଲପନା । ପଦ ।
ବସନ୍ତ ମରୁତ ପିକ ମଧୁବ୍ରତ   ବନ୍ଧୁ ସଖା ସେନା ସୈନ୍ୟ ସଂଗେ
କେତକୀ କୁନ୍ତ ଧରାଇ   ରୂପରେ ଶର ବସାଇ
ଦାରୁଣ ମଦନ ଧାଇଁ ଦେବନ୍ଦରେ ଦେବନ୍ଦ । ୧
ପ୍ରାଙ୍ଗଣର ମଲ୍ଲୀ ବଲ୍ଲୀରେ ବଧୂଲି ଅଧର ଭୃଙ୍ଗ ରଙ୍ଗକୁ ଚୁମ୍ବି
ବାମପାଦେ ଅଳନ୍ଦରେ   ରଙ୍ଗି ଦୁଆରି ବନ୍ଧରେ
ଅପସର ଲୁହ ପୋଛୁ ଥିବନରେ ଥିବନ । ୨
ଆଳୀ ମୋ ସଂଦେଶ ପଚ୍ଛୁରୁ ନାସିକ ମଥା ପୋତି ଧରାରେ ଅଙ୍ଗୁଷ୍ଠି
ଘସି ଘସି ଆସୁକନ୍ତ   ବାଣୀ କଣ୍ଠେ ଗଲେ ରହି
ଶୋକରେ ସିବଲୀ ବଳ ହେବନ ରେ ହେବନ । ୩
ଉତ୍ତୀର୍ଣ୍ଣ ସୁବର୍ଣ୍ଣ କାନ୍ତିକ ଯା ବର୍ଣ୍ଣ ହସୁଥାଇ ଏବେ ଶୀର୍ଣ୍ଣ ହୋଇ
ଝାଞ୍ଜୀ ବଳା ନବ ବଲ୍ଲୀ   ଷଡ଼ରସେ ସିବନ ଲୋଳ
ସେ ଯେ ଲଗି ଯାଇଥିବ ମୋ ଷେବନରେ ମୋ ଷେନ । ୪
ମାର ଅଂଧକାର କୂପରେ ଗୁଆଁର ପଣେ ଚିନ୍ତାମଣି ଦେଲଫିଙ୍ଗି
ଗୋପାଳକୃଷ୍ଣ ଭଣିତ   ଆଉ କି ପରାଣମିତ
ଧୃତ ଧରିବ ମୋ ଗୁଣ ବାଜନ ରେ ବାଜନ । ୫

—*—

ରାଗ ଯଦୁକୁଳ କାମୋଦୀ—ମିଶ୍ରରୂପ ତାଳ

ଅନାଥରେ, ଅନାଥରେ
ଅନାଥୁରେ କି ବୋଧ କଲ । ପଦ ।
ହେମ ବରନା   କାମ ଚୋ ବନା
ନେବ ଖାବନ ସୁନ୍ଦନା । ୧
କର ଉଚ୍ଛୁ   କର ଗଣ୍ଡରୁ
ଭର ଦୂର ମୁଁ କି ସରୁ । ୨

ବଚନାମୃତ ଉତ ଭ୍ରଣତ
ମୁଞ୍ଚ ଦୋଷ ପ୍ରାଣମିତ । ୩ ।
ଯୋଷା ଯା କର ଭୂଷା ଯା କର
ହସାଦାରେ ବଂଧୂ ପର । ୪
କୃପାକୁ ଢୋଳା ଅଭାଗା ତଳା
ଗୋପାଳ କୃଷ୍ଣ ଦେଖିଲା । ୫

—*—

ରାଗ—ପୁନ୍ନାଗ ବରାଡ଼ି ଏକତାଳି

ନୂଦାହ୍ନ ନ୍ହେ ନମାହନ ପ୍ରୀତିକି । ଘୋଷା ।

ଯାହାକୁ ଦେଖିଲେ ଭସ୍ମ ସଦା ହେଉଛି ହୃଦୟ
ଧର ହେଉନାହିଁ ଦଣ୍ଡେ ଧୃତିକି । ୧
କେ ମୋ ଲପନକୁ ଦେଖି ଥକାଇ ରଖିଲେ ଆଖି
ଜନ ଅଶ ଯାଉଛି ମୋ ଗତିକି । ୨
ଜାଣିଲେ ବ୍ରଜ ଗୁଆଳୀ ଡାକରୁ ଦେବେ କି ଗାଳି
କହି ଦେବେ ଜଟିଳା ଜରତିକି । ୩
ଶିରେ ଧରୁଛି ତୋହାତ ଶୁଣରେ ପରାଣ ମିତ
ନଆସିଲାପରେ କର ଶାନ୍ତିକି । ୪
ଗୋପାଳକୃଷ୍ଣ କହଇ କେଜାଣିବ କାହିଁ ପାଇଁ
ବୃନ୍ଦା ବନେଶ୍ୱରୀ ଏଡ଼େ * ଭ୍ରାନ୍ତିକି ? ୫

—*—

* ପିରଣ୍ଡି ପଥ ଖସଡ଼ା ଯେତେ ସତର୍କ ରହିଲେ ମଧ୍ୟ ତାହା ବୃଦ୍ଧ ଲୋକମାନେ ଜାଣିବେ ଏଇ ସିଦ୍ଧାନ୍ତରେ କବି ଉପନୀତ ହୋଇ ପ୍ରେମିକା (ରାଧା) ମୁହଁରେ କୁହାଇଛନ୍ତି ।

—ସଂକଳକ—

ରାଗ କାମୋଦ—ମିଶ୍ରରୂପ ତାଳ

(ନାଗର ବର ପ୍ରେମ ନରେଖି କର—ବୃତ୍ତେ)

କେବେ ନଥିବା ରୁଷା ଆଜ କାହିଁକ
ମୋହନ ଠାରେ ମନ ଭାଜଗଲା କ ? ପଦ ।
କରଜବୁ ତୁ ସିନା କପଟ ସେ ତୋ ବନା
ବଞ୍ଚିବେ ମାନସରେ ପାଞ୍ଚିଲୁ କ ? ୧
ଶ୍ରୀ ବ୍ରଜେନ୍ଦ୍ର ନନ୍ଦନ ମୋ ଜୀବର ଜୀବନ
କେତେଥର ବୋଲିଛୁ ପାସୋଶଲୁ କ ? ୨
ମହାଭାବ ରୂପିଣି ପ୍ରେମଧନରେ କଣି
ଅଧରୁ ସୁଧା ଯାକୁ ଦେଉଛୁଲୁ କ । ୩
ଆରେ ପ୍ରାଣ ମିତଣି କେଉଁ କହିଲେ ଶୁଣି
ଏପରି ଦୃଅନା ରେ ଆଉ ଏଣିକ । ୪
ଗୋପାଳ କୃଷ୍ଣ ବୋଲେ ହାତଧରି ପହିଲେ
ଆନ ପକାଇ ଲୁହାଯାଇ ନାହିଁକ । ୫

—✳—

ରାଗ ଝଞ୍ଜୋଟି—ମିଶ୍ର ରୂପତାଳ

(ମୁରଲୀ ତୋରେ ଶରଣ ଗଲ—ବୃତ୍ତେ)

କ କଲ । କ ମୁ ରୁଚିଲ * ରେ ।
କାଳେ ହେଲା ଆସି କ ରହିଗଲ ରେ । ପଦ ।
କ କରୁଥିବ ନବ ଛଇଳୀ
ଲଉଲ ବସ୍ତୁସେ କ ଦଣ୍ଡ ଦେଲ ରେ । ୧ ।

---

* ଭକ୍ତକବ ଗୋପାଳକୃଷ୍ଣ, ବୃଦ୍ଧ ବୟସରେ ପୁତ୍ର ଓ ଜାମାତାଙ୍କ ବିୟୋଗରେ ଶୋକାକୁଳ ହୋଇ ଉଠିଥିଲେ । ପାଣ୍ଡବାଣୀକ ଦୁଃଖ ତାଙ୍କୁ ମର୍ମାହତ କରିଥିଲା । ଶେଷପୁତ୍ର କରୁଣାନିଧି ପଟ୍ଟନାୟକଙ୍କ ମୃତ୍ୟୁ ପରେ ସେ ଏକରକମ ମୂକ ପାଲଟି ଗଲେ । ନିଜ ଗୃହର ଏକ ନିର୍ଜନ ସ୍ଥାନରେ ବସି ଉପରୋକ୍ତ କବିତାଟି ଲେଖି ଥିଲେ ବୋଲି ଶୁଣାଯାଏ ।

ନିଃଶଙ୍କ ବସି ମା ଅଙ୍କ ରେ ଧନ
କହି ନଥିଲ ସ୍ୱଚ୍ଛନ୍ଦେ ବଚନ ରେ । ୨ ।
ପଚାରିଲେ ଆଳୀ ଯିବାର ମୋର
ଲୁଆଁଇ ଦେଉଥିବ ପଣ୍ଟ ଶିରରେ । ୩ ।
ଅବଧି ବଳବା ହନୁ ସୁବେଶ
ନତ ହେଉଥିବ ରମଣୀ ଈଶରେ । ୪ ।
ଫଳିଆ ପୀରତି କଳପ ବଲ୍ଲୀ
ବିଚ୍ଛେଦ ଅସିରେ ମୂଳୁ ନାଶିଲ ରେ । ୫ ।
ଗୋପାଳ କୃଷ୍ଣ ଭାଷଇ ଦଇବ
କପଟ ବୁଝିବ ଜୀବନେ ଥିବ ରେ । ୬ ।

—*—

ବାଲ୍ୟଲୀଳା

(ଶ୍ରୀକୃଷ୍ଣଙ୍କ ବାଲ୍ୟାବସ୍ଥାରେ ମାତା ଯଶୋଦା ନାନା ପ୍ରକାର ଭୟ ଜନ୍ମାଇ ଶୁଆଇ ଦେଉଥିଲେ । ଏହି କବିତାରେ ମୃଦୁ ଭର୍ତ୍ସନା ଗୁଡ଼ିକ ବାତ୍ସଲ୍ୟ ରସର ଏକ ଏକ ନମୁନା—ସଙ୍କଳୟିତା

ରାଗ ଧନାଶ୍ରୀ—ମିଶ୍ରରୂପକତାଳ

(ଗୋଷ୍ଠ ଚନ୍ଦ୍ରମାଙ୍କୁ ଆସ କୋଳରେ—ବୃତ୍ତେ)

ବ୍ରଜକୁ ଚୋର ଆସିଛି ସେନ ନେବ ଶୁଅ ତୁନ ହୋଇ ରେ ।
ରଙ୍କର ଧନ ମୋ ଗୋକୁଳ ଚନ୍ଦ୍ରମା ନଶି ଯାଇ ନାହିଁ ରେ । ୧ ।
ରାତି ଗୋଠା ଯାକ ମାତିଲୁ ନାଟରେ ପଲକ ନ ପକାଇରେ
ଗ୍ରାମ ନିଶବଦ ହେଲାଣି କି ତୋତେ ନିଦ୍ରା ଆସୁନାହିଁ ରେ । ୨ ।
କେ ଶିଖାଇ ଦେଲା ଡୋଳା ଡ଼ାଳିବାର ତାଳ ଭୃକୁଟାଇ ଦେଇ
ପାଦ ବଥାଇବ ପରା ଆଉଟିକ ନାଚ ଅଣ୍ଟି ନାହିଁ ରେ । ୩ ।
ନିର୍ମଞ୍ଜନ ହିତ କେତେ ଝାଳ ବହିଗଲା କ୍ଷୁଧା ପାଇରେ
ଆସ ଆସ ସ୍ତନ୍ୟ ପାନ କରାଇବି ବାବୁ କାହିଁଆଇରେ । ୪ ।
ପଣ୍ଡୁ ଚନ୍ଦ୍ରକୁଳ-ପ୍ରଦୀପ ତୁ ଦେଖ ଖେଳ ଛାଡ଼ି ଦେଇରେ
କେତେବେଳ ହେଲା ଶୟନ କଲାଣି ବଳରାମ ଯାଇରେ । ୫ ।

ଚୁମ୍ବନ ଶିରେ ଦେଇ ନେଲେ ଯଶୋଦା ହୃଦରେ ଲଗାଇ ଯେ
କର୍ଣ୍ଣ ମୂଳେ ଧୀରେ ଧୀରେ କର ମାର ଦେଲେ ପହୁଡ଼ାଇ ଯେ । ୬ ।
ନିମ୍ବ ପର୍ଣ୍ଣ ହରିଦ୍ରା ଚୂର୍ଣ୍ଣ ଘଷନ୍ତ ଅନଳେ ପକାଇ ଯେ
ଗୋପାଳକୃଷ୍ଣ କହଇ ଧୂପଦେଲେ ଧନସ୍ତିକା ନେଇ ଯେ । ୭ ।

—✳—

ରାଗ ନାଦନାମକ୍ରିୟା—ଏକତାଳ

ଶ୍ୟାମ ସୁନ୍ଦର ମୁରଲୀ ନିନାଦ କାନ୍ତ ନେବ ମଣିଲି । ପଦ ।
ଗୁରୁଜନ ସଂଗେ କଥା ପରସଙ୍ଗେ
ବସିଥିଲି କି ଚମକି ପଡ଼ିଲି । ୧ ।
ପୂରିଲା ପୁଲକ ଦେହ ଗୋଟାପାକ
ବିନା ଶୀତରେ ମୁଁ କେତେ ଥରିଲି । ୨ ।
କାହିଁ ଗଲା ମନ ବୁଡ଼ି ଗଲା ଜ୍ଞାନ
କେଜ ନୟନ ମୁଁ ବୁଜି ରହିଲି । ୩
ନିଶି କି ଦିବସ ବନ କି ଆବାସ
ଜାଗର କି ସ୍ୱପନ ନ ଦେଖିଲି । ୪ ।
ଗୋପାଳ କୃଷ୍ଣ ସେ ଶ୍ରୀ ରାଧାଙ୍କୁ ଭାଷେ
ଗ୍ରୀବ ଭୁଜ ଶ୍ରବୁଥିଲି ଗୁହିଁଲି । ୫ ।

—✳—

ରାଗ ଧନାଶ୍ରୀ—ମିଶ୍ରରୂପତାଳ

ତୋତେ କେ କହିଲା ପରି ମୋତେ ଚରମ କରି
ମରମ ବିଦାରି ପକାଇଲା ରେ । ପଦ ।
ବାଟ ପାଶୋରିଲୁ ପରି ଯେ ଅଇଲୁ
କେତେ ଦିନକୁ ଦୟା ହୋଇଲା ରେ । ୧ ।
କରିଅଛୁ ବ୍ରତ ଆଜ ପୁରହିତ
ପୁଚ୍ଛିବାକୁ ଅନାନା ବୋଇଲା ରେ । ୨ ।

ଭୃ ଭଙ୍ଗନ୍ତେ ଧୀରେ କଥାହେଲେ ଥରେ
ନଷେଧି ମଥାକ କମ୍ପାଇଲା ରେ । ୩ ।
ମୋହନଙ୍କୁ ମୁହିଁ ଗୁହିଁବକ ନାହିଁ
ତୋ ମୁଖେ ଯାଆନ୍ତୁ ବୋଇଲା ରେ । ୪ ।
କୁଶଳକ ମିତ କୁମ୍ଭର ଯାବନ୍ତ
ସଙ୍ଗୁଳିଲା ଆଗନ୍ତୁଁ ଛଇଳାରେ । ୫ ।
ଗୋପାଳକୃଷ୍ଣ ସେ ବାଣୀ ଶୁଣି ଭାଷେ
ଆପଣ ସ୍ୱାନ୍ତକ ଯୋଗାଇଲା ରେ । ୬ ।

ରାଗ ଭୈରବୀ—ମିଶ୍ର ରୂପତାଳ

(ମୋହନଙ୍କୁ ଲୁଚିବ କି ସେ ରାଧା ଭୁନାରେ—ବୃତ୍ତେ)
ବ୍ରଜେନ୍ଦ୍ର ନନ୍ଦନ ସନ୍ଧ୍ୟେ ଏକା ଶ୍ରୀରାଧାର । ପଦ ।
ଚନ୍ଦ୍ରାବଳୀ ଆଦି କରି ପଣ୍ଡୁପ ନାଗରୀ ନାରୀ
ବୃଥା ପଙ୍କେ ଧାଇଁ ବାର । ୧ ।
ଏ ଦେହ ସେ ଚରଣଟି ସେ ତନୁ ଏ ଜୀବନଟି
କାର ହେଉନାହିଁ ପ୍ରୀତି ସାର । ୨ ।
ଯେତେଁପଣ ସୁଲକ୍ଷଣ ସେମନ୍ତ ଶୋଭି ସୁଗୁଣ
ଊଣା ଅଧିକ ନାହିଁ କାହାର । ୩ ।
ସେ ଦୁହିଙ୍କି ଏକା ବେଳେ ଦେଖି ନେଉଛୁ ଯେ ଡୋଳେ
ଆନନ୍ଦଇଟି ହେଉଛୁ ତାର । ୪ ।
ଯା ମନ କୃଷ୍ଣକୁ ରସି ଭକ୍ତବ ରାଧାର ଦାସୀ
ହେଉ ଗୋପଳ କୃଷ୍ଣ ପ୍ରକାଶ । ୫ ।

ରାଗ କୀରବାଣୀ—ମିଶ୍ରରୂପକତାଳ

ସଖି ସେଖି ଏ ବ୍ରଜେନ୍ଦ୍ର କୁମାର । ପଦ ।

କର କୁସୁମ ଚୟନ ଦେଖାଇଲୁ ଯେ ଏକା ବନରେ
କୃଷ୍ଣର ବୋଲି ମୁଁ କହିବାର । ୧ ।
ଶୁଣି ଯେ ହୋଇଲୁ ଛନ୍ନ ସେ ବନ ମୁରଲୀ ସ୍ୱନ ରେ
ଏହି ବୃନ୍ଦାବନ ଚନ୍ଦ୍ରମାର । ୨ ।
ବିଶାଖା ଲେଖି ପଟରେ ଦେଇଥିଲେ ତୋ ହସ୍ତରେ
ନୂଆ ନଟବର ରୂପ ଯାର । ୩ ।
ଆଖି ପୂରି ଦରଶନ କଲୁ ଜୀବନ ଧନ ରେ
ମୂର୍ତ୍ତି ବନ୍ତ ହୋଇଛି ଶୃଙ୍ଗାର । ୪ ।
ତୋ ପାଦ ତଳର ଧୂଳି ହୃଦୟରେ ହୋଇ ବୋଲି ରେ
ପୋଛୁଥିଲେ ନେହ ନୀରରେ । ୫ ।
କାନନ କାହ୍ନୁଡ଼ା ବାଟେ ନିକଟେ ଅଟାଳି ତଟେ ରେ
ଗୋପାଳକୃଷ୍ଣ କରି ବହୁର । ୬ ।

—*—

ରାଗ ଝିଂଝୋଟି—ମିଶ୍ରରୂପ—ତାଳ

(ତୋରେ ସନ୍ଧ ନ ଲାଗିଲାକି ଶ୍ୟାମ ବାଧା—ବୃନ୍ଦେ)

କାହିଁକିରେ ମନ ମାନେ ଆଜ ମାନ
ତୋର ମୋହନର ସଙ୍ଗ । ପଦ ।
ଶତ ଶୀତ କର ନହୁଁଛଇ କାର
ଶ୍ରୀମୁଖେ ସରସ ନାହିଁ । ୧ ।
ନୟନରେ ନୀର ଅଛି ଦୁଃଖିଙ୍କର
କଣ୍ଠ ହେଜ ହେଉ ନାହିଁ । ୨ ।
ପଦ୍ମା ଯାଇଥିଲା ଭେଟ ନ ପାଇଲା
ବୁଝି ଆସିଲାକି ମୂର୍ତ୍ତି । ୩ ।



ପୂର୍ଣ୍ଣଚନ୍ଦ୍ର ଆଲୀନକର   ଲଗିଲଣି ଖେଳ ପଶାର
ଯୋଦ୍ଧା ଶିରୋମଣି ଆସେ ବସିଲେଣି
ମୁହାଁ ମୁହିଁ ହୋଇ ନାଗର ରାଜା ।

(ଗୋପାଳକୃଷ୍ଣ ଗ୍ରନ୍ଥାବଳୀ ୨୧୧ ପୃଷ୍ଠା)

ଦୁହିଁଙ୍କର ନେଣ ପଥେ ଦୁଇ ଗାଣ
ଲେଖାହେଲା ପରି ରନ୍ଧ୍ର । ୪ ।
ବ୍ରଜ ଜନଙ୍କର ଆଖି ରନ୍ଧ୍ରଧାର
ଫଳ ଯେ ସେ କୃଷ୍ଣ ଭୁନ୍ଧ୍ର । ୫ ।
କୁଟିଳା ଜଗିଲା ନିଶି ବନ୍ଧ ଗଲା
ଗୋପାଳକୃଷ୍ଣଙ୍କ କନ୍ଧ । ୬ ।

—*—

ରାଗ କଲ୍ୟାଣୀ—ରୂପକ ତାଳ

(ଘନ ପାବ୍ଦଗଲା ହେ ହାଣ୍ଡି—ବୃତ୍ତେ)

ସରଧାରେ ଧାଇଁ ଶ୍ରୀରାଧା—କୁଞ୍ଜବନକୁ ଜୀବନ ଦେଖି ଯା
ପ୍ରାଣନାଥ ସଙ୍ଗେ ବଢେ କରନ୍ତି ଅନଙ୍ଗ ମଞ୍ଜରୀଙ୍କର ଅଗ୍ରଜା ।
ବିଶ୍ୱସୃଜ କି ରଚିଥିଲା ଶ୍ରୀକୁଣ୍ଡ କୁଞ୍ଜର ଚନ୍ଦ୍ରଶାଳା
ଯା ସୋପାନ ଶ୍ରେଣୀ ରତ୍ନ ଚିନ୍ତାମଣି
ବିଲୋକିଲେ ପ୍ରଶଂସିବେ ଦେବରାଜା ।୧
ତୃଣ ଛନ୍ତି ଆଳି ନିକର ଲାଗିଲେଣି ଖେଳ ପଶାର
ଯୋଷା ଶିରୋମଣି ଆସେ ବସିଲେକ
ମୁହାଁ ମୁହିଁ ହୋଇ ନାଗର ରାଜା ।୨
ପଣ କରି ଶିଖଣ୍ଡ ବେଣୀ କୁଣ୍ଡଳ ତାଟଙ୍କ ସଙ୍ଗିନୀ
ବଂଶୀ ହାରାବଳୀ ରାସେଶ୍ୱରୀ ହାରି
ବୋଲି ହୋଇଗଲେକ ତ ହାଉଜା ।୩
ଶ୍ରୀ ଗାନ୍ଧର୍ବୀ ଖେଳରେ ଜିଣୁ ସଖୀ ଛଡ଼ାଇ ଆଣୁ ବେଣୁ
ବୃନ୍ଦାବନ ପଞ୍ଚମନ୍ତ୍ରୀ ହସନ୍ତି
ଆଲୀପରେ ଦେଇ ଦର ଆଉଜା ।୪
ରଖିଦେଇ ପଶାଗ୍ରନ୍ଥର ହେଲେକ ଦାସୀ ଉପହାର
କାହାରି ସିବେ ଗୋପାଳ କୃଷ୍ଣ ବୋଲେ
କରିବାକୁ ଏବେ ତରଣୀ ପୂଜା ।୫

—*—

ସ୍ୱ ଅନୁଭୂତି

ରାଗ କୀରବାଣୀ—ତାଳ ମିଶ୍ରରୂପ

(କବି ଗୋପାଳକୃଷ୍ଣ, ରାଧାକୃଷ୍ଣଙ୍କ ପ୍ରେମଲୀଳାରେ ଏପରି ବିଭୋଳ ଥିଲେ ଯେ ରାତ୍ରରେ ଶୋଇଲାବେଳେ ସ୍ୱପ୍ନ ମଧ୍ୟ ଦେଖୁଥିଲେ । ରାଧାକୃଷ୍ଣଙ୍କ ଲୀଳା ଖେଳାକୁ ଯିଏ ଆଖିରେ ଦେଖିଛି ସିଏ କେତେ ବଡ଼ ଭାଗ୍ୟବାନ ହୋଇ ନଥିବ ! ଗୀତଚ୍ଛଳରେ କବି ସୁନ୍ଦର ଭାବରେ ଏହି ବିଷୟ ବର୍ଣ୍ଣନା କରିଛନ୍ତି)

(କେଉଣେ ନଶୁଣି ଯେ ଡାକୁଥିଲେ ଏତେପରି—ବୃତ୍ତେ

ଥରେ ଦେଖିଛି ଯେ ସେ ସିନା ସେ ସୁଖ ଜାଣେ

ଶ୍ରୀ ରାଧା ଗୋବିନ୍ଦ ମୂରତି ସୁଷମା ମନରେ ଥିବା କ୍ଷଣେ ।ପଦ।
ନିଶାନ୍ତରେ ବୃଦ୍ଧ ମର୍କଟୀ କଖିଖଟୀ ଡାକ ପଡ଼ିଗଲେ କର୍ଣ୍ଣେ ।
ଝଟାପଟି ଆସି ଉଭାହୋଇବାର ନିଭୃତ କୁଞ୍ଜ ଉତ୍ତୀର୍ଣ୍ଣେ ।୧
ନନ୍ଦାଳୟରେ ଅଶନ ସମୟରେ ସୁରସ ପରିବେଷଣେ ।
ନିଜ ହରଷରେ ଜରଜର ହୋଇ ଅନାଅନି ନେତ୍ର କୋଣେ ।୨
ଶ୍ରୀ ଯଶୋଦା କୋଳେ ଧରି ଶ୍ରୀରାଧାଙ୍କୁ ଭୂଷିତ କରି ଭୂଷଣେ ।
ବଧୂ ସଧେ ବ୍ରଜବଧୂଙ୍କୁ ବିନୋକୁ ଲେଖାଇ ବାତ୍ସଲ୍ୟ ଗୁଣେ ।୩
ମଥୁରା ପଥେ ଓଗାଳି ସେ ଛଇଳବର ରଙ୍ଗି ଦାମାପଣେ
ଶ୍ରୀରାଧା ତନୁରେ ଜନ୍ମିବାର ଭାବ ଚେଲାଞ୍ଚଳ ଆକର୍ଷଣେ ।୪
ଶ୍ୱେତ ରୂପଲ ମାନ ଗର୍ବ ରୋମାଞ୍ଚ ସ୍ୱେଦାଶ୍ରୁ କମ୍ପ ସ୍ଫୁରଣେ
ନିଜ ହର୍ଷ ହାସ ଉନ୍ମାଦ ଜନିତ କୃଷ୍ଣସ୍ପୃହାୟୁ ପୂରଣେ ।୫
ରୁଷି ବସିଥିଲେ ବୃନ୍ଦାବନେଶ୍ୱରୀ ସ୍ୱ ଚେଳାଞ୍ଚଳ ବରଣେ
କରୁଣା ମୟୀ ଶ୍ରୀକରେ ତୋଳିବାର ମୋହନ ପଡ଼ୁ ଚରଣେ ।୬
ଗୋବର୍ଦ୍ଧନ ଗିରିବର ଗହ୍ୱରରେ ବିଶ୍ୱକର୍ମାର ନିର୍ମାଣେ
ବନ୍ଧ ପିଞ୍ଜୁଲା ବ୍ୟୂହ ମଧ୍ୟେ ହଂସୁଲି ଭୁଲି ଶେଷ ବାହାରଣେ ।୭
ଅଧେ ତନୁପୀତ ଅର୍ଦ୍ଧାଙ୍ଗ ଅଶିତ ହେବାର ବନ ଭ୍ରମଣେ
ସପଲ୍ଲବ ପୁଷ୍ପ ପରସ୍ତରେ ଅବତଂସ କଳ୍ପର ଶ୍ରବଣେ ।୮

ଫୁଲ ତୋଳୁ ପାଶେ ମିଳୁ ଅଳି ଆଳୀ ଭସ୍ମେ ବାର ଉପୁରଣେ
ରମଣ କୋଳରେ ଲୁଚି ରହିବାର ଶ୍ରୀକୁଣ୍ଡ ସେତୁ ପ୍ରାଙ୍ଗଣେ ।୯
ରତ୍ନ ଦୋଳାରେ ବନେଚର କାଳରେ ପଞ୍ଚାଉ ସଜନ ଟାଣେ
ବେଣୀ କରେ ପ୍ରିୟ ଭୁଜ ଭିଡ଼ି ସ୍ମର ବାଣ ରଖଇ କ ତୂଣେ ।୧୦
ମଧୁପାନେ ମତ୍ତ ହୋଇ ମଦଘୂର୍ଣ୍ଣୀ ରହି ମୋହନ ଡାହାଣେ
ତାମ୍ବୁଳ ଯୋଗାଇ ଭୃଙ୍ଗକର ଜାତୁ ଆଳୀ ହସିବାର ତେଣେ ।୧୧
ସାବନ୍ତ ସୁବେଶ ଶ୍ଳଥ ହୋଇଥାଇ ଗାଢ଼ ମନମଥ ରଣେ
ଶ୍ରୀକୁଣ୍ଡ ତଟରେ ଭଗ୍ନ ହୋଇବାର ମନ୍ଦ ଗନ୍ଧ ସମୀରଣେ ।୧୨
ଶ୍ରୀସରସୀରେ ଜଳଯୁଦ୍ଧେ ଶ୍ରୀହରି ହାରି ବୁଡ଼ି ରହିକ୍ଷଣେ
ଧରି ରାଧାଙ୍କୁ ଚଳାଇ ରହିବାର କଣ୍ଠ ଜଳ ପରିମାଣେ ।୧୩
ଚନ୍ଦନ ବୋଳି ଉତ୍କଣ୍ଠାଇ ଚରଣେ ରହି ଶ୍ରୀରାଧା ଆପଣେ
ହସାହସି ହୋଇବାର ଗୃହେଁ ପ୍ରାନ୍ତବନ୍ଧ ଦରପଣେ ।୧୪
ନିକୁଞ୍ଜେ କେଶ ଅଶନ ଶୟନାନ୍ତେ ଶ୍ରୀବୃନ୍ଦାଙ୍କ ପ[illegible]ମାଣେ
ପରସ୍ପରେ ତନୁ ପୁଲକ ହେବାର ଶୁକ ସାରୀଙ୍କ ଭାଷଣେ ।୧୫
ପଶା ଖେଳରେ ମୁରଲୀ ହାରି ଦେଇ ବୃଷଭାନୁଜାଙ୍କୁ ଏଣେ
ମାଗିଦିଅ ବୋଲୁ ହସିଲେ କସ୍ତୁରୀ ପୁଣି ଧାଇଁବାର ତେଣେ । ୧୬ ।
ମିହାର୍ଚ୍ଚନାନ୍ତରେ କପଟେ ବଟୁଙ୍କୁ କହ ବୋଲି ହେ ଆପଣେ
ଜଟିଳା ବନ୍ଧୁ କରଦେଇ ଦେଖାଉ ରାଧା ଥିବୁ ଦରପଣେ । ୧୭ ।
ନବଢ଼ ମାରଦ ନିଶିରେ ଶ୍ରୀବୃଷଭାନୁଙ୍କର ସାଧାରଣେ
ଟିକପରି ଡାକୁ ଜାଣି ସଦନକୁ ଆଣିଲାକାଳେ ଗହଣେ । ୧୮।
ରାସ ଅବସାନେ ଯମୁନା ପୁଳିନେ ନିର୍ମଳ ଚନ୍ଦ୍ର କିରଣେ
ବ୍ରଜବଧୂ କୋଳେ କଶୋଷ ମଣିଙ୍କି ନବ କସ୍ତୁରୀଙ୍କ ଗଣେ । ୧୯ ।
ନିଭୃତ ନିକୁଞ୍ଜ ଜାତ ପୁଷ୍ପ ଶେଯ ପାଦୋପଧାନ ଅଭ୍ୟନ୍ତେ
ବସି ଗୋପାଳକୃଷ୍ଣ ପଞ୍ଚନାସ୍ୱକ ପରମ ହରଷେ ଭଣେ । ୨୦ ।

ରାଗ ଶ୍ରୀ—ଆଦିତାଳ

(ନାହିଁ ମୋ ଗଣ୍ଡ ତୋ ବନାରେ ଲୁଦରଦନା—ବୃତ୍ତେ)

ପଙ୍କଜ ଲୋଚନା ! ଦୁଃଖୀ ନୋହିବୁ ମୋ ବନାରେ । ପଦ ।
ଅଧିବ ରଞ୍ଜିବା ବର ନିକଟେ ଶ୍ରୀମୁଖୁ ତୋର
ପ୍ରଫୁଲ୍ଲ ନୋହୁ ସୁମନାରେ । ୧ ।
ଦୂବପରି ଗଜଗଣ୍ଡ ଡେଉରବୁ ନାହିଁଟି ଶ୍ରାନ୍ତି
ଡାକିଲେ ପାଶ୍ୱି ମୋ ନାରେ । ୨ ।
ଯାଅ ବୋଲି ଶ୍ରୀମୁଖରୁ ସରସେ ବାଣୀ ଉଚାରୁ
କହୁ ମୋ ଗଣ୍ଡି ସ୍ବନାରେ । ୩ ।
ନ ବୁଝା ନୟନୁ ନୀର ଯେଣେ ଧନ ଆନ ମୋର
ଟେକି ମୁଖ ମୋତେ ଅନାରେ । ୪ ।
ଗୋପାଳ କୃଷ୍ଣ ଅଙ୍କରେ ବସାଇ କହେ ସଧୀରେ
କରୁଣେ କହୁଲି ପିନାରେ । ୫ ।

—*—

ରାଗ ପୁନ୍ନାଗ ବରାଡ଼ି—ମିଶ୍ରରୂପତାଳ

(ନାହିଁ କରଦେ ରେ—ବୃତ୍ତେ)

ଶ୍ୟାମ ବୋଇଲେ ଗୋ ଡର ମୁଁ ଏଣ୍ଡୁ ତହିଁକି
ନେନେ ମନ ଧରି ଭୁଲୁଥିଲେ ହେଲେ ଜାଣୁମଣି ଜାଣିଲୁ କି । ପଦ ।
ଭୁଜଙ୍ଗ ପରାଏ ଗଣ୍ଡ ତା ପ୍ରେମର ସ୍ୱଭାବ ସଦା କୁଟିଳ
ଏ ଯେଣେ କହୁଛି ସତ୍ୟ ତାର ବାଣୀ ଉପରେ ମୋ ଗିର ତଳ । ୧
ମୋହିତ ମୁକୁତା ହାର ପଦକର ମଣିରେ ତା ରୂପଶୁହିଁ
ଆନନାରୀ କେ ମୋ କୋଳରେ ରହିଛି ବୋଲି ଗଲ ମାନ ବହି । ୨
ପଶା ଖେଳରେ ହାରିଲେ ମୁଖ ଶୁଖିପିବ ଯେ ବୋଲି ମୁଁ ମ ।
କିଣା ଦାନ ନପକାଇ ଶୁଣିବାକୁ ଶ୍ରୀମୁଖ ସରସ ବାଣୀ । ୩

ଆପଣର ଦନ୍ତ କଣ୍ଠର ନଖ କ୍ଷତ ଆଦି ମୋ ଅଂଗରେ ଦେଖି
ଉତ୍ତର ନ ଦେଇ ହଳାପ ବାହୁଲା ହୁଏ ଅବନତ ମୁଖୀ । ୪
ଶିର ଛୁଇ ପଦ ପ୍ରାନ୍ତରେ ପଙ୍କାଇ କ୍ଷଣାଙ୍କ ଥିଲି ତ ଏଣେ
ଗୋପାଳକୃଷ୍ଣ ଭଣଇ ଚନ୍ଦ୍ରାବଳୀ ଯାଉ ଅଣାଇଲ କେତେ । ୫

—*—

ରାଗ ଝଂଝୋଟୀ—ମିଶ୍ରଝୂପତାଳ

(ଠାକୁର ରାଧା ରମଣ ବୋଲି—ବୃତ୍ତେ)

ମୁଁ ଶ୍ୟାମ ବଂଧୁ ଭଳି କ ଗୋ ।
ସମ ନୋହିବ ଯେ ପଦ ଧୂଳିକ । ପଦ
ତାମରସ ବନ କେଳି ଅଳିକ ।
କ ମଣି କଯୋଗ୍ୟ ଗିର ମଲ୍ଲୀକ । ୧
ନାଗର ନିକର ବଳି ସଳିଳ
ସାମ୍ୟ କରୁଛୁ ମୂଢ଼ ଗୁଞ୍ଜାଳୀକ । ୨
ଭୁଲ କରୁ ମୋତେ ବନମାଳୀକି
ଶୁଣିଲେ ଜନେ ମ୍ୟାଣ୍ଡେବ ତାଳିକ । ୩
ନୀଳୋତ୍ପଳ ଗର୍ବ ଦଳ ଝିଲିକ
ଭୁଲୁଛୁ କଣ୍ଠା ହରିଦ୍ରା ମଳିକ । ୪
ଗୋପାଳ କୃଷ୍ଣ ଭୋଳ ମଣ୍ଡଳିକ
ହସିଲ ସ୍ୱାମିନୀ କହୁ ଆଳୀଙ୍କି । ୫

ରାଗ କୀରବାଣୀ—ଆଦିତାଳ

ସଖି କି ବ୍ରତ କରି ବର ପାଇଲୁ
ସେବି କେଉଁ ଦେବତାଙ୍କୁ ମନାଇଲୁ ? ପଦ ।
ସେ କୃଷ୍ଣ କଉଣକ ସେବକଙ୍କ ପରି କରି
ନବ କିଶୋରୀ ପଛେ ବୁଲାଇଲୁ । ୧
ଜଗନ୍ମୋହନ ମାନସ ମତ୍ତାଇଲୁ
ମାନ କରି ପ୍ରପଦରେ ନୋଟାଇଲୁ
ଯା ସ୍ମୃତି ଲବ ଭବ ବ୍ରହ୍ମାଦିଙ୍କୁ ଦୁର୍ଲ୍ଲଭ
ତାଙ୍କୁ କରି କୋଡରେ ନଚାଇଲୁ । ୨
ଆନ ବିଷୟୁ ମାନ ପାସୋରାଇଲୁ
ଧ୍ୟାନ ତୋରୂପ ସନ୍ତତ କରାଇଲୁ
କାନରେ କି ମନ୍ତ୍ର ଦେଲୁଟି ନିରନ୍ତର
ରାଧେ ହା ଶ୍ରୀରାଧେ ବୋଲି ଜପାଇଲୁ । ୩
କେତେ ବାର ତରୁଣୀଙ୍କି କନ୍ଦାଇଲୁ
ତାଙ୍କ ମନୋରଥ ଦ୍ରୁମ ଭଙ୍ଗାଇଲୁ
ବନମାଳୀ ସେ ଚନ୍ଦ୍ରାବଳୀ ପ୍ରୀତି ପଥରେ
ଧୂଳି ଉଡ଼ୁଥିଲା ତୃଣ ଉଠାଇଲୁ । ୪
ବନଯାକର କୁସୁମ ତୋଳାଇଲୁ
ପ୍ରସାଧନୀ ଦେଇ ଖୋସା ଖୋସାଇଲୁ
ମକରୀ ପତ୍ରାବଳୀ ତିଳକ ସଜଡ଼ାଇ
ପଦଧରାଇ ଯାବକ ଲେଖାଇଲୁ । ୫ ।
ପୁଷ୍ପ ବାଟିକା ଡକାଇ ଅଣାଇଲୁ
ସୁରେ ବାଳି ଦୃଷ୍ଟି ପାସୋରି ଶୋଇଲୁ
ଗୋପାଳ କୃଷ୍ଣ ଭଣେ ଆଳୀଙ୍କି ରାଧା ଏଣେ
ହସି ବସନ୍ତ ଅଞ୍ଚଳ ଢଙ୍କାଇଲୁ । ୬ ।

ରାଗ ମୋହନା—ଏକତାଳି

(ରାଧା ଗୋବିନ୍ଦ ଭଜରେ—ବୃନ୍ଦେ)

ରାଧା ଗୋବିନ୍ଦ ବୋଲି ଗଲାରେ, ପରାଣ । ପଦ ।

ବ୍ରଜ ବନକୁ ଯାଇ ସ୍ୱାମିନୀ କୃଷ୍ଣେ ରହି
ବୋଲ ହୋଇଲି ମୁଁ ଶରଣ ରେ । ୧ ।
ଶ୍ରୀ ରାସେଶ୍ୱରଙ୍କର କଳଙ୍କ ଭୁ ପୂର୍ବର
କହିଲି ଝଟେଁ ଏବେ ଜାଣରେ । ୨ ।
ନୁହଇ ସେ କାହାର ବୋଲୁ ସବୁ ମୋହର
ହୋଇଥିବୁଟି ଆକାରଣ ରେ । ୩ ।
ହଜିଛି ଯେଉଁ ଠାରେ ଲୋଡ଼ ଯାରେ ତହିଁରେ
କାହାରେ କରନା ଭ୍ରମଣରେ । ୪ ।
ଗୋପାଳ କୃଷ୍ଣ ଭଣେ ନପାଇ ତ ଜମିବେ
ମିଳିବ ସ୍ୱେଶ୍ୱରଙ୍କ ଚରଣ ରେ । ୫ ।

—*—

ରାଗ ମୁଖାବତୀ—ମିଶ୍ରରୂପକତାଳି

ସ୍ୱପ୍ନରେ ଦେଖିଲିନ ବଂଶୀନା । ପଦ ।

ବୃନ୍ଦାବନ ଚନ୍ଦ୍ରମା ଦର୍ଶନର ମହିମା
ଅଇଲି ଦେଲି ତନୁ ଭୁ ଲୁଣ୍ଠନା । ୧ ।
ବରହି ପକ୍ଷ ରଖି ନେତ୍ରେ ପଲକ ରଖି
ଶ୍ରଦ୍ଧାବେଶ ପଡ଼ିଏ କାଇଲି ହୋନା । ୨ ।
ନୀପ କୁସୁମାକର ଦଶୁଛି କଳେବର
ଦକ୍ଷିଣାନିଳରେ ଅପବାଦ ବେଦନା । ୩ ।
ଗୁଞ୍ଜା ଗ୍ରଜ ସଲୋକ ନେତ୍ର ମୀର କାହିଁକି
ବଢ଼ୁଛି ଅବଦମ୍ଭ ମୋତେ ବନ୍ଧୁ ବନା । ୪ ।
ଗୋପାଳ କୃଷ୍ଣ ଭଣେ ଜାଣିପିବାକୁ ଦୋଷେ
ଏ ବରଜ ଲୋକରୁ ସଖିଙ୍କ ବିନା । ୫ ।

—*—

ରାଗ କୀରବାଣୀ—ମିଶ୍ରଝମ୍ପତାଳ

(ସେ ସିନା ନୂଆଙ୍କରେ ବ୍ରଜ ବଧୂ—ବୃତ୍ତେ)

ମୁଁ ତ ଜାଣି ଜାଣି କରୁଛୁ ମାନ । ପଦ ।

କାହାକୁ ବୋଲିବି କସ ମୋହରି କରମ ଦୋଷ
ସ୍ୱହସ୍ତେ କରୁଛି ବିଷ ପାନ । ୧ ।
ଅଛୁର ସତେ ଏ ଯୋଗ ଆନ କେଁ କରିବ ଭୋଗ
ଲୁହ ପୋଛୁ ହୋଇବାକୁ ଗ୍ଳାନ । ୨ ।
ଆହା ହାତ ଧରି ମୋତେ ଏହ୍ନୁରୁଷା ଲାଗି କେତେ
ଦେଉଥିଲେ ନ ପାଳିଲି ଆନ । ୩ ।
ବ୍ରଜବଧୂ ଦୁଃଖ ଦେଖି ହୋଇବ କୋଳିତ ସୁଖୀ
ଆନକୁ ବତାଇ ଦେଲି କାନ । ୪ ।
ଗୋପାଳ କୃଷ୍ଣ କହଇ ଆଣିଲେନ ଲେଉଟାଇ
ସଜନି କର ସେହ୍ନ ଗୁମାନ । ୫ ।

—*—

ରାଗ ଝଂଝୋଟି—ମିଶ୍ରଝମ୍ପତାଳ

(ମୋହନ ନୟନାଞ୍ଚଳ ନାଚିଲି—ବୃତ୍ତେ)

ଯେ ଦେଖିଛୁ ସେ ସିନାରେ ଜାଣିବ । ପଦ ।

ନଟନ ଶିଖଣ୍ଡି ଚଳ ନୂଆଁ ମକର କୁଣ୍ଡଳ
ମୁରଲୀ ବସା ଶ୍ରୀମୁଖ-ରାଜୀବ । ୧ ।
ଆଗରେ ବଳାଇ ଧେନୁ ଆସୁଥିଲା କେତେ ବନ୍ଧୁ
ଆହା ନର୍ତ୍ତନ ରଙ୍ଗ ମହୋତ୍ସବ । ୨ ।
ଅଳସ ହସି ଆଗତ ରଖି ଡ଼ାକିଲେ ନେତ୍ରାନ୍ତ
କଥା ନୋହୁ ମଥାରେଡ ପାରିବ । ୩ ।
ଘରେ ନମିଛେ ଦେଲେ ବସିବା ବସାଇ କୋଳେ
ମହା ଆଦରଣ ଆଗରେ ଥିବ । ୪ ।

ପରିହାସ ଆଳାପରେ   ଚଉଲକ୍ଷ ସମକ୍ଷରେ
କୁଞ୍ଜ ଫୁଲ ଶେଯେ ସେ ଅବସ୍ଥା । ୫ ।
ଗୋପାଳ କୃଷ୍ଣ କହଇ   ଶୁଣ କରଜ ବଢ଼ାଇ
ବୁଷ୍ଟି ସୋପାନରେ କି ନ ଗଢ଼ିବ । ୬ ।

ରାଗ ଝଞ୍ଜୋଟି—ମିଶ୍ରରୂପ ତାଳ

(ତୋତେ ସନ୍ଧ ନ ଲାଗିଲାନି ଶ୍ୟାମ ବାଧା—ବୃତ୍ତେ)
ଯାହା ଭଲଥିଲେ ହୋଇଥିଲେ ଆଜ ଚନ୍ଦ୍ରାନନ ଦିଶନ୍ତା କି । ପଦ ।
ଶତ ଅବଯୂବ ଚେଜଲେ ଗ୍ରୀବା-ପଦ ସେବା ମିଳନ୍ତା କି । ୧ ।
ମୋଗ୍ରାବ ମାଳନ ହୃଦର କଦନ କେ ଲଖାଇ ପାରନ୍ତା କି । ୨ ।
ମନେ ପଡ଼ିଗଲେ ମୁହିଁ ବେଳେ ୨ ନେତ୍ରେ ଲୁହ ଭରନ୍ତା କି । ୩ ।
ଲୁଷନ୍ତେ କା'ପରେ କେଳି ତଳପରେ ବଳେ କେ ଚୁମ୍ବନ୍ତେନ୍ତା କି ।୪।
କହଇ ଗୋପାଳକୃଷ୍ଣ ସେ କମଳ ଭଳ ଏହା କରନ୍ତା କି । ୫ ।

—*—

ରାଗ ପରଜ—ମିଶ୍ରଚାପତାଳ

ଗୁଣମଣି । କି ଗୁଡ଼ି ଅଇଲା ଜାଣି ଜାଣି ରେ । ପଦ ।
ଯାଉଛୁ ବୋଲି ମୁଁ କହୁ   ଯାହା ହେଲୁ ଗୃହୁଁ ଗୃହୁଁ
ବହିଗଲା ନୟନରୁ ପାଣି ରେ । ୧ ।
କଣ୍ଠ ଗଦଗଦ ହେଲା   ବଦନରୁ ନ ସ୍ଫୁରିଲା
ଉତ୍ତର ଆସୁ ଅବଧି ବାଣୀରେ । ୨ ।
ଫିଟି ଖୋସୁ ଖୋସୁ ବେଶ   ଲୋଟୁଥିଲା ବାସ ଶେଷ
ଆସି ରହିଥିଲୁ ଆରୋହଣୀ ରେ । ୩ ।
ନଖେ ଶାଢ଼ୀ ଧଡ଼ି ଘସି   ଲୁଆଁଇ ବଦନଶଶୀ
ଦିଶୁଛି ତୋ ଉଭାହେବା ଠାଣିରେ । ୪ ।

ପାଷାଣୁ ହେଲ ଦାରୁଣ   କି ଚଳିଲା ମୋ ଚରଣ
ତୋର ସେ ଭାଷଣ ଶୁଣି ଶୁଣି ରେ ।୫।
ଗୋପାଳ କୃଷ୍ଣ କହଇ   ଏ ଭାଗ୍ୟ କରିଛି ଯାଇ
ବସାଇବ ତୋତେ ଅଙ୍ଗେ ପୁଣିରେ ।୬।

—*—

ରାଗ ଖରହରପ୍ରିୟା—ତିସ୍ରଗତି ଏକତାଳ

ନନ୍ଦ ନନ୍ଦନ-ଇନ୍ଦୀବର-ଇନ୍ଦୁ ତୋ ଲାଗି
ଯୋଗୀ ହୋଇଗଲା ପରି ଦିଶୁଛି ଭଙ୍ଗୀ ।ପଦ।
ଶ୍ରୀ ଅଙ୍ଗରେ ବିନ୍ୟାସି   ଛନ୍ଦ ଦେବତା ଦୃଷ୍ଟି
ଭୂଜ ଭୂଷଣ ହେଉଥିଲେ ଓଲଗି ।୧।
ଚିତ୍ତେ ଚିନ୍ତ ତୋରୂପ   ତୋ ନାମ କରି ଜପ
ନିଭୃତ ନିକୁଞ୍ଜରେ ଅଛନ୍ତି ଜଗି ।୨।
କି ବୋଲି କହିବି ମୁଁ   ବିବେକରେ ଜାଣି ମୁଁ
ସାଜ ସଜ ଏ ବେଶ ହୁଅ ଉଲ୍ଲାସି ।୩।
ମସୃଣ ଘୃଣଟି   ତନୁରେ ବିଭୂତି
କାରଣ ହେଉନାହିଁ ଶିଖିବ ଅଙ୍ଗି ।୪।
ଦେଇଛନ୍ତି ଶ୍ରୀକର   ଲେଖ ଦେଖ ସତ୍ୱର
ଉଠ ମଠ ନ କର ପରାଣ ସଙ୍ଗି ।୫।
ଗୋପାଳ କୃଷ୍ଣ ବୋଲେ   କୃଷ୍ଣ ପାଶେ ମିଳିଲେ
ପ୍ରିୟ କଲ୍ୟ ଦୋଷ ପଛକୁ ପିଙ୍ଗି ।୬।

ରାଗ ଆଶାବରୀ—ଆଦ୍ୟତାଳ

ମୃଦୁବାଣୀ ଅରେ ଶୁଣାରେ । ପଦ ।

ପୂର ଦୁଆର ଯାଏ   ଜଣବେଳେ ବଳକ୍ଷେ
କୃପାଳୁ କର କରୁଣା ରେ । ୧ ।

ଶୀତଳ କର୍ପୂରରୁ   ସ୍ୱାଦୁ ପୀୟୂଷ ଠାରୁ
ସୁ ସ୍ୱର ବୀଣାରୁ କିଣାରେ । ୨ ।

ଯୁବା ମୋହ ମନ୍ତର   ମଦନ ଦର ହର
ମୁନୀନ୍ଦ୍ର ଧଇର୍ଯ୍ୟ ହଣାରେ । ୩ ।

ପ୍ରତି ଅକ୍ଷରେ ପ୍ରେମ   ମୂର୍ତ୍ତିବନ୍ତ ଅସମ
ଯେ ଶୁଣେ ହୁଏ ତା କଣାରେ । ୪ ।

ଗୋପାଳ କୃଷ୍ଣ ବୋଲେ   ଆଳୀଙ୍କ ଡାକ ଦେଲେ
ଉଙ୍କି ହୋଇ ଅଗଣାରେ । ୫ ।

—*—

ରାଗ ଝିଂକୋଟି—ତାଳ ମିଶ୍ରଚାପ

ନନ୍ଦନା ଯେନ କାମନାରେ
ଗଲ୍ଲ ଚପଲେ ବୋଲୁ ଅନା ଅନା ରେ । ପଦ ।
ପ୍ରାଙ୍ଗଣରେ ବିବଶରେ ନିରତେ
ଦେଖିବା ପାଇଁ ଖେଳା ନାନା ମତରେ । ୧ ।
ମୋ ନାମ କହିବା ଶିଶୁକୁ ହୃଦେ
ଚକାଇ ଡାକୁ ଥାଇ କି ପ୍ରମୋଦେ ରେ । ୨ ।
ମୋତେ ଦେଖିଛି ବୋଲି ସଜନୀରେ
ନେତ୍ରରେ ଚୁମ୍ବୁଥାଇ କେତେଥର ରେ । ୩ ।
କ୍ଷଣେ ନଦେଖିଲେ ଆଳୀଙ୍କ ଡାକ
ବୋଲେ ନ ହଣେ ମୁଁ ଅପରାଧୀ କରେ । ୪ ।

ଅଳୀକରେ ଗୃହିଁ ମୋ ଲାଗି ପ୍ରବ
ପୁଲକାଇ ଦଏ ପ୍ରତି ପ୍ରଶ୍ନକରେ । ୫ ।
ଗୋପାଳକୃଷ୍ଣ ପୁଚ୍ଛଇ ଦୂତୀକ
କହ ମୋ ପରେ ସତେ ତୃଷି ଛୁ କରେ ! ୬ ।

—*—

ରାଗ ମାନ୍ଧ୍ରା ମାଳବ ଗୌଡ଼ା—ମିଶ୍ର ରୂପତାଳ

ଶ୍ୟାମ କମମାସ୍ୱକୁ ସମନାହିଁ ଆଜ ଜଣେ । ପଦ ।
ବେନ ବାଣୀ ଶୁଣୁଶୁଣୁ ହେଲେ ହୋଇ ଲୋଭ ଲୋଭ
ଯାହା ହେଉଥାଇ ଦେହ ପୁଲକାଣେ । ୧ ।
ବଦନେ ମୁଖ ଦେଖା ଦେଖି ନୋହୁଥିବ ଯେତେ ଆଖି
ଝୁଁରୁଥାଇ ତାକୁ ଝୁଁରି ଅନୁସରଣେ । ୨ ।
ଅଙ୍ଗରେ ଅଙ୍ଗ ନମିଶେ ମିଶିଲା ପରି ଆଶ୍ୱସେ
ଗୃହିଁ ଦେଲେ ନାଚୁଥାଇ ନେହକୋଣେ । ୩ ।
ଲବେ ହୋଇଲେ ମଣ୍ଡନ ପକାଇ ଦେଇ ଗୁମାନ
ଦୂତୀ ପଛେ ବୁଲଇ ସେ ଯିବ ଯେଣେ । ୪ ।
କେ ଅବାକ କହିବାକୁ ଡାକିଲେ ଠାରେ ରହକୁ
କମ୍ପୁଥାଇ ବପୁ ଯେତେ ଦରପଣେ । ୫ ।
ଗୋପାଳ କୃଷ୍ଣ କହଇ ଛନ୍ଦକୁ ପଛେ ପକାଇ
ଶବ୍ଦକୁ ହେଲେ ହେଁ ମିଶ ବୋଲି ଭଣେ ।

—•—

ସାଧକ ଦେହୋଚିତ ଲାଳସା
ରାଗ ଝଞ୍ଜୋଟି—ମିଶ୍ରରୂପ

(ଡାକର ରାଧା ରମଣ ବୋଲି—ବୃନ୍ଦେ)

ଜନମିଥିଲେ ଶ୍ରୀ ବ୍ରଜେମୁଁ
ସେବଥାନ୍ତି ରାସେଶ୍ୱରୀ ପଦାବ୍ଜେ ମୁଁ ।ପଦ।
ପାଠକ ଗୋପକାନ୍ତ ସମ୍ବନ୍ଧରେ
ଅନୁଦ୍ଧତ ରହିଥାନ୍ତି ସେବାର ।୧

ପ୍ରାତଃକୃତ୍ୟାନ୍ତ ହା ଦାସୀ ରସଜ୍ଞ
ପରମୈଶ୍ୟାସବ ହୃଅନ୍ତା ମୋର ।୨
ବେଶ ହେବାର ସମ୍ଭାର ଯାବନ୍ତ
ସଜ୍ଜେ ରଖନ୍ତୁ ଜାଣି ଅଭିମତ ।୩
ବ୍ରଜେନ୍ଦ୍ର ପୁରକୁ ଯିବା ବେଳକୁ
ଡାକନ୍ତେ ମୋତେ ଠାଣ୍ଡ ମସ୍ତକକୁ ।୪
ଭେଟହେଲେ ପ୍ରିୟ କୁଞ୍ଜାରଣ୍ୟରେ
ମୁଁ ଲୁଚନ୍ତେ ଫୁଲଚୋଳା ଛଳରେ ।୫
ଶବଦାଉ ମୁଁ ଆଳୀ ଆସିବାର
ପ୍ରାଣେଶ କୋଳରୁ ହେଉ ଅନ୍ତର । ୬ ।
ଗୋପାଳ କୃଷ୍ଣ ଏ ଉକ୍ତିରୁ ଲୀଳା
ଭାବ ଭାବ ଦୀର୍ଘ ଶ୍ୱାସ ଚେଳିଲା ।୭

—*—

ରାଗ ଧନାଶ୍ରୀ—ମିଶ୍ର ଚାପ ତାଳ

(ମୋହନ ଗୀତ ଚନ୍ଦ୍ରାପଢ଼ିଲା ରେ—ବୃତ୍ତେ)

ଅନୁସରିବା ଫଳ ଫଳିଲାରେ
ଅନୁଭବକୁ ଆଜ ଆସିଲା ରେ ।ପଦ।
ମୋ ଦୁଃଖରେ ଦୁଃଖିନୀ   ହେବାଥାଉ ସଜନୀ
ଶୁଣି କନ୍ଦନ ପୁଣି ହସିଲାରେ ।୧
ଦୂରରୁ ଦେଖିମୋତେ   କର ଉରରେ କେତେ
ମାରନ୍ତେ ରସନା ଦଂଶିଲା ରେ ।୨
ତା ମୋ ଭେଟପଥରୁ   କାର ପଞ୍ଜରୀ ଖଞ୍ଜୁ
ଅନ୍ତର କଲାରୁ ଆକ୍ଷେପିଲା ରେ ।୩
ଦେଖି ମୋ ପୂର୍ବ ଲେଖା-   ମାନ ଲଭି ବିମୁଖ
ଛୁନାଇ ରହରେ ଯା ଖୋସିଲା ରେ ।୪
ଗୋପାଳ କୃଷ୍ଣ ବୋଲେ   ଦରଶନ ନଦେଲେ
ଆଳୀକ ହେଲେ ଯା ନ ପେଷିଲା ରେ ।୫

—*—

ରାଗ ମାଧ୍ବୀମାଳବ ଗୌଡ଼ା—ମିଶ୍ରଝମ୍ପତାଳ

କେ କି ଲଗାଇ କହିଲା ଧନକୁ ମୋ ନାରେ । ପଦ ।
ଡ଼ାକିଲେ ଆଳୀ କହନ୍ତେ ବୋଇଲା ତୁ ନାରେ
ପୂରିଛି ନୟନୁ ନୀର ଯେ ଅନାଇ ଦେଲେ ଶିର
ଲୁଆଁଇ ଦେଉଛି ସୁମନାରେ । ୧ ।
ପୂରୁବ ପରି ମୋହର ପ୍ରସଙ୍ଗ ସଖୀ ନିକର
ସଙ୍ଗେ କରୁନାହିଁ ଗ୍ରୀବନାରେ । ୨ ।
ସତେ କରି ଦେବି ଭିନ୍ନ ମୋ ସ୍ନେହ ଦରିଦ୍ର ଜନ
ଧନ ମୋ ଗଣ୍ଠିର ସୁନାରେ । ୩ ।
ଅଖ୍ୟାତି ନୂତନ ପ୍ରେମ ଲୋଭିତ ପରାଣ ସମ
ମାନିଲା କେମନ୍ତ ଗ୍ରୀବନାରେ । ୪ ।
ଗୋପାଳ କୃଷ୍ଣ କହଇ ଗୁଣ ପାସୋର ନୁହଇ ।
ଆନ ନଜାଣଇ ମୋ ଜିନାରେ । ୫ ।

—*—

ରାଗ ଧନାଶ୍ରୀ—ମିଶ୍ରଝମ୍ପତାଳ

କି କରି ନାହିଁ ପଙ୍କଜ ମୁଖ ଶ୍ୟାମ ଅଙ୍କସୁଖ ଆଶାରେ
ଧିକ ହେଉ ଧୈର୍ଯ୍ୟ ଧରିକି ଗାଇଁଛି
ପାମରୀ ମୁଁ କୁଳଜାଙ୍କର ତନ୍ତରେ । ପଦ ।
ପରାଣ ସମାନ ଆପଣ ଦୁହିଁକି ଦେଇ ମୁଁ କପଣ ରେ
ଜାରି ବ୍ରଜରାଜ ସନ୍ଧି ଧିକି ଅନୁ ବରଜାଇଲି ଯା ମାର ଉନ୍ମାଦରେ ।୧ ।
ଗୁରୁତର ଲଜ୍ଜା ମୁଆଁ କପୂରରେ ହେଲି ଶିଥିଳାଇ ଯେ
ଗୁଣବନ୍ତ ରମା ମୋ ଆଡ଼କୁ ଚୁହିଁ ନହସି କେବି ହାତଦେଇ ମୁଖରେ
ଲଳିତା ତ୍ରିଭଙ୍ଗ ଭଙ୍ଗୀ ଆହା ବଂଶୀ ଧାରୀ
ଆଖିରେ ନାଚୁଛି ଶିର ଶିଖଣ୍ଡ ମାଧୁରୀ । ୩ ।
ବନପୁ ମିଶା କଟାକ୍ଷ ବୁଡାନ ଚୂଳୁରୀ
ଜୀବିତ ରହିଲା ମୋ ମନେ ଉର କରି । ୪ ।

କହୁ କହୁ ଗୁହ୍ନୁଁ ଗୁହ୍ନୁଁ କାଳଗଲା ସର
ମନମଥ ହୃଦୟୁ ପଳାଇଛୁ ଉଦାର । ୫ ।
ଗୋପାଳକୃଷ୍ଣ ଅଇଲା ସେ କାଳେ ବାହାର
ପ୍ରିୟୁ ପ୍ରତ୍ୟଙ୍ଗ ଲେଖ ହୃଦ ବାସେ ଧର । ୬ ।

—*—

ରାଗ ଭୈରବୀ—ମିଶ୍ର ରୂପତାଳ

କ୍ଷଣକୁ କ୍ଷଣ ପର ପ୍ରେମ କପଟ ଲୋଡ଼ାଇ
ଯେ ଗଢ଼ିଛି ସେ ବୁଢ଼ିଛି ତାର ବଡ଼ାଇ । ପଦ ।
ଦୃଷ୍ଟିରୁ ଅଇଲେ ଦୂର ଜନମାଇ ନେତ୍ରୁ ନୀର
ଧର ପଣନ୍ତ ଦୁଖର ପଙ୍କରେ ଗୋଡ଼ାଇ । ୧ ।
ବିରହୁ ଯା ଖବ ଶଙ୍କେ ଡ଼ାକଲେ ରନ୍ଧ୍ର ପୁରତେ
ନଶୁଭେ ଶୁଭିଲେ ପ୍ରତି ଉତ୍ତର ହୁଡ଼ାଇ । ୨ ।
ଶୁଣାଇ କାହା କଳ୍ପିତ ମଣାଇ ତା ବାଣୀ ବତ
ଆଣୁଥାଇ ଦେହଳୀକ ବିଷୟୁ ଏଡ଼ାଇ । ୩
ସୋପାନ ଉପରେ ରହି ସେ ବଶିବା ଦିଶେ ଗୁହିଁ
ବୀଣାରୁ ସୁସ୍ୱର କର ସାଷ୍ଟକ ପଡ଼ାଇ । ୪ ।
ଗୋପାଳ କୃଷ୍ଣ କହଇ ଯଦି ଅଳପ ଡୋଳାଇ
ତା ପ୍ରସଂଗ ବାଉଳାଇ ନଦ୍ରାହି ଛଡ଼ାଇ । ୫ ।

—*—

ଶଙ୍କର୍ଣ୍ଣ

ରାଗ କୀରବାଣୀ—ତାଳ ମିଶ୍ରରୂପ

(ଜଣା ପଡ଼ିଲାରେ କଣା ମୃଗାକ୍ଷୀ ତୋ ଗୁଲ—ବୁଝେ)
କେତେଣେ ନଶୁଣ ଯେ ଡ଼ାକୁଥିଲେ ଏତେ ପର
ପରିଚୟୁ ଦେଲେ ସୁନ୍ଦର ଘଣ ମୁଁ ପଳାଇ ଯିବାକ ଧର ? । ପଦ
ସ୍ୱାଗତୁ ଦେଲ ଦତ୍ତକଲା କଥାରେ ଆଶା ଅନେକ ବଢ଼ିଲା
ଅକଳଙ୍କ ପୂର୍ଣ୍ଣ ଶରଦ ଚନ୍ଦ୍ରମା ମୁଖ ଥରେ ନଦେଖିଲା । ୧ ।

ଷୋଡ଼ଶ ନାମ ମନ୍ତ୍ରାର୍ଥାନୁସାରରେ ନିତ୍ୟ ଦାସୀ ଯେ ଯାହାର
ପରାର୍ଦ୍ଧ କାଳ ବ୍ରହ୍ମାର ସରଳାନ ଆତୁର ହେଉଛି ଦୂର । ୨ ।
ହେ ଶ୍ରୀ ନାଗରେନ୍ଦ୍ର ବୃନ୍ଦାବନ ଚନ୍ଦ୍ର ହେ ଗୋଷ୍ଠେଶ୍ୱର ତନୁଜ ।
ଶ୍ରୀ ରାଧା ଜୀବନ ନୂତନ ମଦନ ବ୍ରଜ ନବ ଯୁବରାଜ । ୩ ।
ଧୃତବଂଶୀ ବେଶ ପରବଶ ତରୁଣ ହେ ବ୍ରଜେଶ୍ୱରୀଙ୍କ ପୁତ୍ର
ଶତପତ୍ର ନେତ୍ର ମୁଦିରାଭ ଗାତ୍ର ହେ-ଗୋକୁଳା ରଣ୍ୟ ମିତ୍ର । ୪ ।
ମାଗୁନାହିଁ କିଛି ମନେମାତ୍ର ଅଛି ଆଖି ପୂରାଇ ଦେଖିବି ।
କୃପାକଲେ ତୁମ୍ଭ ପ୍ରାଣବନ୍ଧୁ ରାଧା ପଦାବ୍ଜ କିଙ୍କରୀ ହେବି । ୫ ।
ଶ୍ରୀ କିଶୋରୀମଣି କରିଥିଲେ ମାନ ବଲେଇ ଆପଣା ଦୋଷ ।
ତୁମ୍ଭ ପାଇଁ ଲଳିତାଙ୍କ ପାଦ ପଡ଼ି ଛଡ଼ାଇ ଦେବି ସେ ରୋଷ । ୬ ।
ଆଣି ଦେଉଥିବି ମୋ ସ୍ୱାମିନୀ ଶ୍ରୀ ହସ୍ତର ଗୁନ୍ଥା ଫୁଲମାଳା ।
ତୁମ୍ଭେ ସଜାଡ଼ି ଦେବାର ଛଇନେଇ ଦେଇ କହିବି ଫିଟିଲା । ୭ ।
ବିଜେ କରିଥିଲ ବେଳେ ଶ୍ରୀ ଖଣ୍ଡିତା ଜେମା ତୁମ୍ଭ ଶ୍ରୀଅଙ୍ଗରେ
ଗୋପାଳକୃଷ୍ଣ ତାମ୍ବୁଳଭାଙ୍ଗି ଲାଗି କରାଉଥିବି ଘୁମୁରେ । ୮ ।

ରାଗ ଶଙ୍କର ଭରଣ—ରୂପକ ତାଳ

କି ନାଦରେ ପ୍ରାଣ ସଂଗିନି ଶୁଭୁଛି କଦମ୍ବ ବନେ ।
ଶ୍ରୁତିରେ ସୁଧା ବରଷି ଧୃତି ନାଶେ ମନ୍ଦି ମନେ । ପଦ ।
ଦିଗ ଦିଗରେ ପ୍ରସରି   ଖଗ ମୃଗ ଜଡ଼କରି, ସଖି !
କୁଳବତୀ ମାନୀ ଗ୍ରନ୍ଥି ଫିଟାଉଛି ଅଯତନେ । ୧ ।
ଜଳ ସ୍ତମ୍ଭ ଗ୍ରାବ ଦ୍ରବ   ହୋଇଲାକି ଅସମ୍ଭବରେ, ସଖି !
ଆଜନ ମୁଁ ଆଜକୁ ମୁଁ ଶୁଣିଚ ନଥିଲି ଦିନେ ଦିନେ । ୨ ।
ଆସୁ କିନା ମୋ ପାଶକୁ   ଲଭିଲଟି କି ଦଶାକୁରେ ସଖି !
ନୀପ ଫୁଲ ପରି ଲୋମ ପୂରିଲା ମୋ ଅପଘନେ । ୩ ।
ତୋଳିଲି କୁସୁମ କରୁ   ଗଳି ପଡ଼ିଲା ରମ୍ଭୋରୁ ରେ, ସଖି !
ରହି ପାରିବି ନାହିଁ ମୁଁ ଗୁଡ଼ି ଦେ ନେଇ ସଦନେ । ୪ ।
ବଜାଉଛି ରସାଳସି   ନିକୁଞ୍ଜ ଦେବତା ବଂଶୀରେ, ସଖି !
ଗୋପାଳ କୃଷ୍ଣ ଭାଷଇ ପ୍ରକଟିଲା ତ୍ରିଭୁବନେ । ୫ ।

ରାଗ ଖମାଚ—ଆଦିତାଳ

(ଭଜମନ ହରିପ୍ରାଣ ପ୍ରେୟସୀ ଶ୍ରୀମତୀଙ୍କ—ବୃତ୍ତେ)

ଆଜ ବ୍ରଜରାଜ ପୁରେ ଲାଜେ ମୁଁ ବୁଡ଼ିଲି ମା । ପଦ ।
ରୋହିଣୀଙ୍କ ସଙ୍ଗତରେ ଥିଲି ରନ୍ଧନ ମନ୍ଦରେ
ପଛରୁ ନାଗର ବର ଦୃଷ୍ଟି ପଡ଼ିଲି ମା । ୧
ହୃଦକରେ ଦମ ଦମ ବୁଦ୍ଧି ମୋ ହୋଇଲା ବାମ
ସୁଧାସମ ଶିଖରଣୀ ଜଳେ ନଉଡ଼ିଲି ମା । ୨
କପଟିମା କୁନ୍ଦବଲ୍ଲୀ ଜାଣି ପାଶୁ ଗଲା ଚଳି
ସାଶୁ ପଢ଼ିବାରୁ ଆଣି ଓଢ଼ଣି ଓଢ଼ିଲି ମା । ୩
ହେଲୁ କି ପାକ ସମ୍ଭାର ବୋଲି ପଚ୍ଚରନ୍ତେ ମୋର
ଧଇ ଖସିଗଲା ପ୍ରଭ ଉତ୍ତର ଦୁଡ଼ିଲି ମା । ୪
ମୋ ଓଷ୍ଠ କମ୍ପିଲା ଦେଖି ହସିଲା ସେ ଆଡ଼େ ରହି
ତା ଇଂଗିତ ହେଜ ଶୀଘ୍ରେ ଅଧର ପୀଡ଼ିଲି ମା । ୫
ଗୋପାଳ କୃଷ୍ଣ କହନ୍ତି ରହୁ ଜଣିଲା ଅଇଲି
ଆସନ୍ତୁ ସଜନି ତୋତେ କେତେ ମୁଁ ଲୋଡ଼ିଲି ମା । ୬

—※—

ରାଗ ମୁଖାରି—ମିଶ୍ରଝାପତାଳ

ଜଣା ଗଲାନି । ଧୀର ବୃନ୍ଦାଣୀ
କଶୋରୀ ମଣି । ପଦ
ଲଳନା ବର ଥରକୁ ଥର
ଯମୁନାରୁ ନୀର ଅଣା ଗଲାନି । ୧
ବ୍ରଜେନ୍ଦ୍ର ସୁତ ନୟନ କୁନ୍ତ
ଘାତ ବିବେକ ବୁଦ୍ଧି କଣା ଗଲାନି । ୨
ତୋ ଭବନାରେ ଶ୍ୟାମ ପାଦରେ
ମଦନ ରଜା ନହିଁ କଣା ହେଲାନି । ୩

ପ୍ରାଣ ମିତଣି ଚନସ୍ତୁ ବାଣୀ
ଆତ୍ମ ଉଦ୍ୟାନରେ ରତ୍ନ ଶୁଣା ଗଲାନ । ୪
ଆପ କରଣ ସ୍ତୁଁ ଝଟତ
ଗୋପାଳ କୃଷ୍ଣ ବୋଲଇ ତୁଅ ତୂନ । ୫

—*—

ରାଗ ଖମାଚ—ଏକତାଳ

(ନଭଙ୍ଗରେ ଶୁଭଙ୍ଗି ଖରଣ ତୁଅ ସାଦ୍ଧା—ବୃତ୍ତେ)

ଏଣୀ ଈକ୍ଷଣି ରାଧେ ଏଣିକ ଆରେ
ଚଢ଼ିବ ଅଦ୍ଧର ରଜ ଶ୍ରୀମୁଖ ଲୁଆଁ ରେ । ପଦ
ମନମଥ ସଜ ହୋଇଛନ୍ତି ଆଜ
ଅନା ଲୁଆଁ ମାଳ ଜଳଧର ଝଁଳଆରେ । ୧
ଫୁଲ ଧନୁକର ଉଛେ ସୁମଣର
ଖୋପି ଚରମେ ଲମ୍ବିଲ ନବ ରଙ୍ଗି ଆରେ । ୨
ମୁରଲୀ ରଶିସେ ଭୁନ ବନ୍ଧ ବାସେ
ଅନାଉଛନ୍ତି କଟାକ୍ଷ କର ଲୁଣିଆ ରେ । ୩
ଫଗୁ ମୁଠାକରୁ ଫିଟିଲା ଉମ୍ଭୋରୁ
ଉପର ଉପୁରାଣରେ ମଥା ଯୋଡ଼ିଆରେ । ୪
ଗୋପାଳକୃଷ୍ଣ ସେ ସମସ୍ତରେ ଭଟେ
ଆସ ଭାଷେ ଅଧିଜଲ ସେ କୁଂଜ ଲୁଟୀଆରେ । ୫

ଲାଳସା

ରାଗ କାଫି—ମିଶ୍ରରୂପ

(ମୂର୍ଚ୍ଛା ମୂର୍ଚ୍ଛି କିଶୋର ଚନ୍ଦ୍ରମାଙ୍କର ମୋର ପ୍ରଶ୍ନ—ବୃତ୍ତେ)

ଗଲାବେଳେ ମୋ ଜୀବ । ଶ୍ୱାସରୋଧେ ଆଖି ଯିବ
ରହୁ ଶ୍ରୀ ଗୋସ୍ୱାଚଳ ଚନ୍ଦ୍ର କୋଳରେ । ପଦ ।
ଦଶନେ ବଂଶୀଭୂଷଣ   ଜଣାଉଥିବି ଜଣାଣ
ଶ୍ରୀ ବୃନ୍ଦାବନେଶ୍ୱରୀ ପଦ ତଳରେ । ୧
ରାସ ଅବସାନରେ   ଆଉଜାଇ ହୃଦରେ
ମୋହନ ବଂଶୀ ଥିବେ ପଦ ତଳରେ । ୨
କୋଟି କୋଟି ଜନ୍ମର   ସୁକୃତ ଫଳ ମୋର
ଦୟାମୟି ବଂଶୀଅ କୃପା ବଳରେ । ୩
ଦୀନ ହୀନ ପାମର   ତୋଳି ନେବେ ଉଦ୍ଧର
ରାସେଶ୍ୱରୀ ଅଲୋକ ନେତ୍ରାଞ୍ଚଳରେ । ୪
ମୋ ମତେ ମୁଁ କିଂକରୀ   ହେବାକୁ ଆଶା କରି
ରହିଛି ଶରଣକୁ ମୁଁ ଆକୁଳରେ । ୫
ପ୍ରାର୍ଥନା ବାର ବାର   ଏ ଗୋପାଳକୃଷ୍ଣର
କହ ହେଲେ ପ୍ରାଣେଶ ଶ୍ରୀ ଶ୍ରୀ ମୂଳରେ । ୬

ରାଗ ମାୟା ମାଳବ ଗୌଡ଼ା—ମିଶ୍ରଚାପ ତାଳ

(ନାହିଁ କରିଦେବରେ—ବୃତ୍ତେ)

ଲେଖିଅଛନ୍ତି ଗୋ ତୋ ଶୁଣ କୁଂଜ ଭିତ୍ତିରେ
ଭୁଲି ଅନାଇବାର ପ୍ରାଣମିତଣି ବ୍ରଜେନ୍ଦ୍ର ରସବନ୍ତିରେ । ପଦ
ଦିଶି ନ ଦିଶିଲା ପରି ଜଗି ହୋଇ ଦୁଆର କନ୍ଧ କଣ୍ଟରେ
ନବ ବଧୂପରି ବଣ୍ଟାଇ ଦେବାର ଭୋଜ୍ୟ ରୋହିଣୀ ହାତରେ ୧
ଖସି ଯାଇଛି ମଥାରୁ ଉପୁରଣ ସ୍ୱେଦ ବିନ୍ଦୁ ଶ୍ରୀମୁଖରେ
ଜନତ ହୋଇଛି ଲୁଳାପାତ ଅଙ୍ଗି ବେଣୀ ଲମ୍ବିଛି ପୃଷ୍ଠରେ । ୨

ଗଣ୍ଡ ମଣ୍ଡଳର ଲୋମ କଣ୍ଟକର ସିଂଦୂର ବନ୍ଦୁ ଚ୍ଛ ଝଳ
ଚିବୁକର ନବ ମୃଗମଦ ବିନ୍ଦୁ ଶୋଭା ପଡ଼ୁଛି ଉଜ୍ଜ୍ୱଳ । ୩
ନିରିଚ୍ଛି ପ୍ରତି ଅଙ୍ଗରେ ଅଳଂକାର ଭୂଷାର ମୟୂଖ ମୁଖି
ପିନ୍ଧାଇଛନ୍ତି କଳାଶାଢୀ ସତେ ମୁଁ ଭ୍ରମ୍ବ ବୋଲି ଦେଲି ଦେଖି । ୪
ଭୁଜପି ତରଳ ଡୋଳା ଡାଳବାର ଭଙ୍ଗୀଯା ହୋଇଛି ସବୁ
ସକଳ କଳା ଶେଷ ଗୁଣ ବଶୁଛି ବ୍ରଜ ବଧୂଙ୍କର ତହିଁ । ୫ ।
ପଦରେ ଯାଚକ ରଂଜୁଥିଲେ ମୁହିଁ ଗ୍ରାମୁକୁ ଗଲା ବେଳକୁ
ବୋଲୁ ସ୍ୱାମିନୀ ହସିଲେ ଏଣେ ରହିଁ ଗୋପାଳକୃଷ୍ଣ ମୁହିଁକୁ । ୬

ରାଗ ହରିକାମୋଦ—ରୂପକ ତାଳ

(ଯାସୋର ଦେଲୁ ନା କହରେ ନବୀନା—ବୃଜ୍ଞେ)

କୁଞ୍ଜବନ ଯାକ ଉଜାଡ଼ ଥିବେ ପରା
ତୋତେ ମୋ ଜୀବ ଜୀବନ
ଧିକ ନାସି ଜନ୍ମ କି ଦେଲୁ ବିରଳ
ସଦାକଳ ପରାଧୀନ ।୧
ସଂକେତ କୁଞ୍ଜକୁ ଶୂନ୍ୟ ଦେଖି ନେବେ
ମାର କର ଥନ ଥନ
ବୃନ୍ଦା ପଣ୍ଟୁରୁ ନଣ୍ଠକର କଣ୍ଠେ
ଉଚ୍ଚାରିବ ସେ ବଚନ ।୨
ପରିହାସ କରି ଲୁଚିଛି ମୁଁ ବୋଲି
ସଧୀରେ କରିଗମନ
କୁଞ୍ଜକୁ ହେଲେ ଦେଖିଲେ ଆସି ବୋଲି
ପଛେ ହୋଇବେ ସେ ମ୍ଳାନ ।୩
ତାଙ୍କୁ ଦେଖି ମୋ ନାଁ ଡାକିଲେ ସାରିକା
ଉଲ୍ଲସାଇ ଅପଘନ
ବନପକ୍ଷୀଙ୍କି ପଠିଆଇ ପଥକୁ
କରୁଥିବେ ଆଲୋକନ ।୪

ପଡ଼ ଯାଉଥିବ କରରୁ ମୁରଲୀ
ନଥିବାରୁ ସାବଧାନ
ଶତ ଶୀତ କର ନଉଥିବ ବାର
ମୁଖ ଦିଶୁଥିବ ମ୍ଳାନ ।୫
ସ୍ୱ ଇଶ୍ୱର୍ଯ୍ୟ ପଦ ଭୁଲା କୋଟି ଦ୍ୱନ୍ଦ
କାହାର କର ସହନ
ଗୋପାଳକୃଷ୍ଣ ଭୁନକର କହିଲ
କଠିଲା କଲେ ଶପ୍ନ ।୬

—*—

ରାଗ ପନ୍ତୁବରାଡ଼ି—ମିଶ୍ର ଚାପତାଳ

(ଭଜମନ ବ୍ରଜବନ ଦ୍ୱିଜରାଜ—ବୃତ୍ତେ)

ଧନ୍ୟ ସଜନୀ ଧନ୍ୟ ତୋ ତୋଳା ତଳାରେ
ବୃନ୍ଦାରଣ୍ୟ ମଞ୍ଜ କନ୍ଦର୍ପ ଶୃଙ୍ଖଳା ରେ ।ପଦ।
ଯା ଏକ ଅଙ୍ଗରେ ସ୍ଥିତି   ଅଖିଳ ଇନ୍ଦ୍ରିୟ ବୃତ୍ତି
ଆହା ସେ ବିବେକ କାହିଁ ଭଜ ଗଲାରେ ।୧
ସୁମନ ପୁଟିକା ଭୁଲେ   ବଂଶୀଦେଉ ତୋ ଅଞ୍ଚଳେ
କର ଉର ଅଧରକ ଥରୁଥିଲା ରେ ।୨
ନ ପାରନ୍ତି କେହ୍ନିକୁହିଁ   ଯା ବଂଶୀକ ଥିଲେ ଖୋଇ
ପଶ୍ୟ ତୋହର ସାଦୃଶ ପର ହେଲାରେ ।୩
ମଥାର ମଣି ଦର୍ପଣ   ଛବି ଗଣ୍ଡେ ସ୍ୱେଦ କଣ
ଗୃହୁଁ କାହୁଁ ବନାଶ୍ରମେ ଜନମିଲା ରେ ।୪
ସୁଧା ସହୋଦର ଗର   ଜଳପୁ ଥରକୁ ଥର
ପୁଣି ସେ ବର୍ଣ୍ଣ ଲୁପ୍ତହସା ଆସିଲା ରେ ।୫
ଗୋପାଳକୃଷ୍ଣ ଭାଷଣ   ଗଢ଼ଲକ୍ଷଣି ଭି କ୍ଷଣ
ରାଧା ବେଶ ପର ତନୁ ପୁଲକଲା ରେ । ୬

—*—

ରାଗ ଝିଞ୍ଜୋଟି—ଆଦିତାଳ

ଆଜ ଆସିବେ ଶ୍ୟାମ କହ୍ନାଇ ରେ
ଚନ୍ଦ୍ରାବଳୀ ପୁରକୁ ଥିବେ ଯାଇ ରେ
ସେତ ରଖିଥିବ ହୃଦେ ଲଗାଇ ରେ । ୧
ଥିଲା ମନୋରଥ ଯାକ ପୂରାଇ ରେ
ବସିଥିବେ ଅଙ୍ଗ ଅଙ୍ଗେ ମିଶାଇ ରେ
ଘନ ବିଦ୍ୟୁତ ଦ୍ୟୁତିକି ଲସାଇ ରେ ।୨
ସର୍ବେ କସାଇଲ ମୋତେ ଭୁଲାଇ ରେ
କେହ୍ନ ଆଣିଲ ନାହିଁ ଲେଉଟାଇ ରେ
ଏବେ କହୁଛ କେଣେ ବଟିଆଇ ରେ ।୩
ଇଚ୍ଛାଥାଅ ସନ୍ତି କୁଶଳ ହୋଇ ରେ
ମୁଁ ଯମୁନାକୁ ଯାଉଛି ଗାଧୋଇ ରେ
ବିଧି ଲେଖନ କେ ଦେବ ଲିଭାଇ ରେ ।୪
ଛଳ ପଟ ହେଲେ ଦିଅ ଅଣାଇ ରେ
ବୋଲୁ ଲଳିତା ମୁଖକୁ ଅନାଇ ରେ
ନେଲେ କୋଳକୁ ଲୁହ ପୋଛି ଦେଇ ରେ ।୫
ବୃନ୍ଦା ଆଣିଲେ କୋଳ ବାହୁଡ଼ାଇ ରେ
କର ଗୋପାଳ କୃଷ୍ଣ କଢ଼ାଇ ରେ
ଦେଲା ଶ୍ରୀ ରାସେଶ୍ୱରୀଙ୍କି ଦେଖାଇ ରେ ।୬

—*—

ରାଗ ଶଙ୍କରା ଭରଣ—ମିଶ୍ରଚାପ ତାଳ

ମୋହନ ଦେଖିଲେ ତୋତେ ରେ କହୁଥିଲେ ତ ମୋତେ ।ପଦ।
ଅରବିନ୍ଦ ବନ୍ଧୁ ସୁତାକୁ ଆସୁ ସଖୀ ସଙ୍ଗତେ
ତୁ ପୁଣି ଛନ୍ଦରସ ବେଳ ରୁନ୍ଧିଲୁ ପଙ୍କଆଡ଼କୁ କି ସଙ୍କେତରେ । ୧
ଉଡ଼ୁଥିଲେ ପୁଣି ଚକୋର ତୋ ଲପନ ପୁରତେ
ଚେଳମ୍ବ ନିକୁରୁମ୍ବକୁ ନିବାରୁଥିଲୁ ସରୋରୁହ ଥିଲା ହାତେରେ ।୨

ତୋ ହରଣୀଠାକୁ ଯେ କୃଷ୍ଣ କୃଷ୍ଣସାର ଆସନ୍ତେ
ଚମକଇ ହୋଇ ପାଶକୁ ଡାକିଲୁ ଲଳିତାଙ୍କୁ ପୁଣି କେତେ ରେ ।୩
ଯାଇ ତଟେ ତୋ ମଲ୍ଲୀ ଲଟମାଳା ବାନ୍ଧ ବାସାନ୍ତେ
ରଖିଛନ୍ତି ତନୁ ସୁରଭ ତୋହର ପ୍ରସରୁଛୁ ଅବରତେ ରେ ।୪
ଗୋପାଳକୃଷ୍ଣଙ୍କୁ ନେ ବୋଲି ନାଗେଶ୍ୱର ବଅନ୍ତେ
ଆଣିଲି ସେ ଅଳ ନ ବସା ସୁମନ ଦେବାପାଇଁ ତୋ ସୁରତେ ରେ ।୫

ରାଗ କୀରବାଣୀ—ମିଶ୍ରତାପତାଳ

(ରାଧା ସୁରତକୁ ଯାନା ଶଠ ଲମ୍ପଟ କାନା ବୁଝେ)

ହସୁଛୁ ତ ଉନ୍ମେପର କ ରେ ନବ କଶୋର ।ପଦ।
ବସିଛୁ ଗୁମାନେ　　　　କ ପାଶ୍ୱ ନର୍ତ୍ତନେ
ଯଣନ୍ତି ହୋଇ ପାତ୍ମର ।୧
ସାଜବ ତ ସଜ　　　　ବୋଲ ମୁହିଁ ଆଜ
ଭାବଥିଲି ନୂଆ କର ।୨
ଧେନୁ ଅଡାଇ ଆସୁ　　　　ଦେଲେ ବଡ଼ାଇ
ଏ ଝଁଗ ଆଣିଛୁ ଧର ।୩
ଶ୍ୟାମ ପ୍ରେମ ସୁଧା　　　　ରସନିଧି ରାଧା
ବୋଲି ଥାଏ ମୁଁ ହରୁର ।୪
କହଇ ଗୋପାଳ　　　　କୃଷ୍ଣ ତହୁଁ ବେଳ
ଯାଇ ଶୋଇଲେ ପାସୋର ।୫

ରାଗ ନୀଳାମ୍ବରୀ—ମିଶ୍ରତାପତାଳ

କି ପଢ଼ିଗଲୁ ଶ୍ୟାମ ଆସୁତେଣ୍ଡ ଆହା ଆଜନମ ସୁକୁମାରି ।ପଦ।
କ୍ଷୀଣ ହେଲାତନୁ ଚିହ୍ନି ହେଉନାହିଁ କି ମନ୍ତ୍ର ଦେଲା ମୁରାରି
ତେଜିଲୁ ଶୟନ ବିଭୂଷଣ ଭୋଜନ ଜପିଲୁ ନାମ ତାହାରି ।୧
ଧୂର୍ତ୍ତ ଗୁରୁରୁ ଶଠଶିଖାମଣି ନଷ୍ଟ ହୁଏ କି ତା ଘାତକାରି
ପୟପାନ କରି ଶିଶୁ ବୟସେ ଯେ ଜାଣିଛୁ ନାଶିଛୁ ନାରୀ ।୨
ତା ଅପରାଧେ ମୋତେ ନଦେଉ ଉତ୍ତର ଯେତେ କହିଲେ ତିଆରି
କାନନ କୁରଙ୍ଗୀ ଠାରୁ ବଳିଗଲୁ ଏକାଇ ତାକୁ ବିଆରି ।୩
ତଳପ କଲୁ ତଳକୁ ଅହି ନିଶି ନେନେ ନରହିଲା ବାରି
ଅପଘନେ ଘର କଲା ସ୍ମର ଜ୍ୱର ନଷ୍ଟ ହୋଇଲୁ ଧିକ୍କାରି ।୪
ନନ୍ଦନନ୍ଦନ ଇନ୍ଦୀବର ଚନ୍ଦ୍ରମା ରହି ଶୁଣି ତେଣି ପାରି
ଦେଖି ଗୋପାଳ କୃଷ୍ଣ ଏଣେ ସଖୀଙ୍କି କହିଦେଲା ଆଖିଠାରି ।୫

ରାଗ ମାୟାମାଳବ ଗୌଡ଼ା ମିଶ୍ରତାପତାଳ

(ନାହିଁ ମୋର ପୀରତି ସମକାର—ବୃତ୍ତେ)

ତୋ ପୀରତି ଲାଗିରେ ହୋଇବି ଯୋଗୀ ।ପଦ।
ଧରି ଜପାମାଳୀ ତୋ ଗୁଣ ଆବଳୀ
ନିରତେ ଜପିବି ଶାବ ସଙ୍ଗୀରେ ।୧
ଅଙ୍କେ ସୁରତାନ୍ତେ ପହୁଡ଼ାଇ ମୋତେ
ନିଶିଯାକ ବସିଥାଉ ଜଗିରେ ।୨
ଦୂରୁ ମୋତେ ଚାହିଁ ହସୁ ଚନ୍ଦ୍ର ମୁହିଁ
ମୁଖ ନାଗବଲ୍ଲୀ ଦେଉ ଫିଙ୍ଗିରେ ।୩
ଭାଷଇ ଗୋପାଳ— କୃଷ୍ଣ ବଂଶୀଲୋଳ
ହେଲେ ମୋହପାରେ ଭ୍ରୂରୁ ଭଙ୍ଗୀରେ ।୪

ରାଗ ପୁନ୍ନାଗ—ତ୍ରିପୁଟା ତାଳ

କେ ମୁଁ କି ଜାଣଇ ମା । ଗୋଷ୍ଠ ଚନ୍ଦ୍ରମା ।
ତୋ ମୁଖରୁ ସିନା ଏବେ ଶୁଣୁଛି ମା । ପଦ ।
ଜାଣିନାହିଁ ହେଉଳ ସହି ଆଜକୁ ବୋଲି
କୁଟିଳା କୁଟିଳାଙ୍କୁ ଡର ।
ଗବାକ୍ଷର ମାର୍ଗର ସେ ମାଳ ପୁରନ୍ଦର
ଲୁଚକି ହେଉଛୁ ଥରେ ଅନାଇ ମା । ୧ ।
କଳଙ୍କ କି ମନ୍ତର ପଢ଼ିଥୁବେ ମୋହର
ରହି ବସୁଛି ଘଡଶେ ଘଡଶେ
ପଳାଇଲେ ଆଗର ପଥ ଓଗାଳେ ମୋର
ଶ୍ୟାମ ସୁନ୍ଦର ଭୁଜ ପ୍ରସାରି ଦେଇ । ୨ ।
କାଳନ୍ଦ ତନୟାକୁ କାଲି ଗାଧୋଇବାକୁ
ଗଲିବେଳେ ଏକା ହୋଇ
ପ୍ରତିଚ୍ଛନ୍ଦ ମୂରତି ପରହେଲା ପ୍ରତୀତି
ଦିଶୁଥିଲା ତ୍ରିଭଙ୍ଗ ଭଙ୍ଗିମା ହୋଇ । ୩ ।
କେଉଁଠାରେ ସଦନ ସେ କାହାର ନନ୍ଦନ
ଗୁହୁଁ ଥିଲା ବେଣୁ ବଜାଇ
ଗୋପାଳ କୃଷ୍ଣ ଭାବେ ପ୍ରାଣନାଥ ହେବେ ସେ
ଲୋଡ଼ା ଲାଗିଲାନି ଦୂତି ତୁମ୍ଭ ପାଇଁ । ୪ ।

ରାଗ କାମୋଦୀ—ତ୍ରିପୁଟାତାଳ

ଗୁହୁଁ ନାହିଁ ସରକରି କହୁଛି କି କଥା ହେଲେ
ମୋତେ ସବୁ ବନ ପରି । ପଦ ।
କ୍ଷଣେ ନପାଇ ମୋ ଭେଟ ବାହାରେ ରହିଲେ ଘଣ୍ଟ
ଉରଜା ଜଗୁଛି ବାଟ କବାଟରେ ଅପସରି । ୧ ।
କେତେ ମୁଁ ମନ ମିଶାଇ ଡାକିଲେ ଗୁଣ ପକାଇ
ରହି ନରହିଲା ହୋଇ ଆଶୁଛି ନୟନୁ ବାରି । ୨ ।

ସୁମନ ଗୁନ୍ଥି ସୁକରେ ବାନ୍ଧଥିଲୁ ପଣନ୍ତରେ
ସଖୀଙ୍କ ନେଇ ରହରେ ଦେଇ ପଠାଇଲୁ ଠାରି । ୩ ।
ଗୁରୁଜନ ପାଶେ ଜାତି କରଜା ପଦ୍ମଡ଼ ଘାତି
ଯାକ ରହିଥିଲୁ ଚେତି ମୋ ଗୁନ୍ଥ ଶେଜ ସୁମରି । ୪ ।
ଗୋପାଳକୃଷ୍ଣ କଥନ ଯେ ଜୀବନର ଜୀବନ
ସେ ଲୁଆଁଇଲେ ଲପନ କେଣ୍ଟ ରହେ ଧୃତି ଧରି । ୫ ।

—*—

ରାଗ ଝିଂଜୋଟି—ରୂପକ ତାଳ

ପ୍ରାଣ ସଙ୍ଗିନି ରେ ଦେଖିଆ ।
ବ୍ରଜ ରାଜ ତନୁଜ ଭଙ୍ଗୀକି ନଚାଇବାର ଭ୍ରୂରୁ ଭୁଜଙ୍ଗୀ କୁ ।
ଗୁନ୍ଥି ନ ଗୁନ୍ଥିଲା— ପରି ଖେଳାଇ ଡୋଳା
ଶ୍ରୁତି ପଥରେ ଥକାଇ ଦେଉଛି ନବରଂଗିଆ । ୧
ଅଧରେ ନବେଣି ରମଣୀସୁ କରି ବଂଶୀ
ବଜାଇ ଆସୁଛି ସେ ଶିଖଣ୍ଡ ଉତ୍ତମାଙ୍ଗିଆ । ୨
ପୀତବାସ କାଛି ପିନ୍ଧିବାର ନୁହଇ ମୂରୁଛି
ନାରୀମନ ନଳିନର ସୁନ୍ଦର ମଦ ଭୃଙ୍ଗିଆ । ୩
ଆହା କି ମଧୁର ମନ୍ଦହା କି ସୁଧାର ଧାର
ସ୍ମରଶାଣ—ରସାଣିତ—ବରଛି ଅପାଙ୍ଗିଆ । ୪
ଗୋପାଳ କୃଷ୍ଣ ସେ ସୁଖ ସୁଧାବ୍ଧିରେ ଭାସେ
ଆସି ଭେଟହେଉ ଶ୍ରୀରାଧା ସେ କଷ୍ଟ ଶୃଙ୍ଗିଆ । ୫

ରାଗ ଆନନ୍ଦ ଭୈରବୀ—ମିଶ୍ରରୂପ ତାଳ

(ମୋହନଙ୍କୁ ରୁଷିବ କି ସେ ରାଧା ଭୁଲାଏ—ବୁଝେ)

ଭାଲୁ କେ କି କଳଙ୍କ ଦେଲା ମୋ ନାରେ ଲଗାଇ । ପଦ

ମୋ ଲୋକନକୁ ସୁମନା　　　　ହେଲୁ କି ଯୋଗୁ ବିମନା
ଦୃଷ୍ଟକ ପ୍ରାଙ୍ଗଣରେ ଯେ ଥାଇ ଜଗାଇ । ୧

ମୋ ଲାଗି କୁସୁମ ମାଳା　　　　ଦେଖି ଆଳୀ କରେ ବାଳା
ମଉଳ ଗଳାନ ବୋଲି ଦେଲୁ ଫିଙ୍ଗାଇ । ୨

ମୁଁ ଜଗିଛୁ ବୋଲି ସଖୀ　　　　ଠାରେ କହନ୍ତେ ସୁମୁଖୀ
ମଥା କଂପାଇ କଂପାଇ ଦେଲୁ ଫିଙ୍ଗାଇଁ । ୩

କି ଗୁଢ଼ ଗଲୁ ସନ୍ଧରେ　　　　ତା ଶତ୍ରୁ ଚୀନ ଚେଲରେ
ପ୍ରେମ ମଞ୍ଜିଷ୍ଠା ରଙ୍ଗ ମୁଁ ଥିଲି ରଂଗାଇ । ୪

ଗୋପାଳ କୃଷ୍ଣ ଭାଷଇ　　　　ଆସ ସଜନ ଜଣାଇ
ଯୋଗୀ ହୋଇ ବୁଲୁଥିବି ତା ଗୁଣ ଗାଇ । ୫

ରାଗଆନନ୍ଦ ଭୈରବୀ—ଏକତାଳ

ରସ ସରସି ଦିଶା ଦେ ରେ ଥରେ । ପଦ

ପ୍ରାଚୀର ପ୍ରାଚୀ ଅଚଳେ　　　　ଶ୍ରୀମୁଖ ଚନ୍ଦ୍ରମା
ପୂର୍ବ ପର କରଅ ଉଦେ ରେ । ୧

କଥା ଶିଖାଇଲୁ ପର　　　　ସାଗ୍ରିକ ସୁଧୀର
ଶୁଭ୍ର ହେଲେ ବଚନ ପଦେରେ । ୨

ମାଗୁଣି ମାଗୁଛି ଏତେ　　　　ଉକାଇଲ ଶ୍ରୀମୁଖ
ଲେଖା ହେଲେ ଯାବକ ପଦେରେ । ୩

ଦେଖିଲୁ ଝରକୁ ଚୋଟେ　　　　ଯାଉ ପଛେ ପ୍ରାଣ
ଦାରୁଣ ମଦନ ବିପଦରେ । ୪

କହଇ ଗୋପାଳ　　　　ପଞ୍ଚନାସ୍ତିକ ଧନ
ଅନା ଆସି କରୁଣା ହୃଦରେ । ୫

ରାଗ ବସନ୍ତ—ମିଶ୍ର ଚାପତାଳ

ମଜ୍ଜା ମଜ୍ଜାଇଲ ନ ଯାଇ ହଜାଇଲି ଲଜ୍ଜାକୁ ଜାଣୁ ମଣିକ ରେ ।ପଦ
ଏ ମଧୁର ନିଶାରେ ଏ ବରଦ ଦଶାରେ
ପ୍ରାଣ ଧରିବ କେମନ୍ତ କାଣ ସ୍ମରର ସନ୍ତ
ଝାଣ ନ ହସେ ଚେଣିକରେ । ୧
ତେଜୁ ନେଜୁ କାହିଁ ହେବନି ଧିକ୍କାର
କ୍ଷମା ତ ହଶୁଥିବ ଯାମକ ଯୁଗ ହେବ
ତାମରସ ଈକ୍ଷଣୀକ ରେ । ୨
ଅରଜିଲ ନିନ୍ଦା ବରଜିଲ ଫନ୍ଦା
ଆଶୀବିଷ ପୋଷିଲି ନାଶି ସୁମନ ବଲ୍ଲୀ
ଆସି ଉଜ୍ଵଳ ଏଣିକ ରେ । ୩
ମନେ ମନେ ମୋତେ ଲେଉଁଥିବ କେତେ
ଆଜ ଦେଖିବ ମୁହିଁ ଦାଉ ମାରଇ ସହି
ଆଜ ପ୍ରାତଃ ସ୍ମରଣୀ କ ରେ । ୪
ଗୋପାଳ କୃଷ୍ଣର ବାଞ୍ଛା କରିବାର
ସୁକୃତର ଫଳ କି ସତେ ଲଭ୍ୟ ହେବ କି
ଦେଖି ସୁରୁରୁ ବେଣୀ କ । ୫

ରାଗ ସାବେରୀ—ମିଶ୍ର ଚାପତାଳ

(ଗଳ୍ପିତ ଗଳ୍ପ କଥାରେ ସଂଗୀତ—ବୃନ୍ଦେ)

କାହିଁ ଲୁଚିବ ନାସ୍ତି ମନଟରେ ନାଗରୀ !
ଅସାଧାରଣ ତାଙ୍କ ପ୍ରେମା ଚରଣ
କ୍ଷଣକୁ କ୍ଷଣ ନୂତନ ରେ । ପଦ
ପୁରୁଷଙ୍କୁ ବପୁ ପ୍ରାଣ ସମର୍ପଣ
କରିଥାନ୍ତି ଋଜମାରେ
ବାସରେ ମଦନ ଦହିଦେଲେ ହେଲେ
ଅନାନ୍ତି ନାହିଁ ହେଳାରେ । ୧

ପାଶେ ରହି ଜନେ ଡାକଲେ ନ ଶୁଣେ
ଯା ପ୍ରେମ ଭକ୍ତ ମାନସେ
ତାଙ୍କୁ ପୁରତରେ ଦେଖିଲେ ପଳାନ୍ତି
କାହିଁ ପାଇଁ ଜନା ଦୋଷେ । ୨
ଲକ୍ଷା ଲେଖି ଦେବ ବୋଇଲେ ଓଲଗି
ଗଳାନ୍ତି ଆପଣା ଆନ
ମାନ କଲ୍ଲ କାଳେ ଚରଣେ ପଡ଼ିଲେ
ନୁହନ୍ତି ଲବେ ପ୍ରସନ୍ନ । ୩
ସୁରୁଷାପ୍ତି ତେ ଅବାସତନ୍ତୁ ଶୋଭା
କରନ୍ତି ଦରଶନକୁ
ଏଥୁ ଆନ ବେଳେ ନ ଦେଖାନ୍ତି ପଦ
ଅଙ୍ଗୁଷ୍ଠି ଅଗ୍ର ଭାଗକୁ । ୪
ହୃଦେ ଥାନ୍ତି ଜଡ଼ ନାଶି ବେଳ ଘଡ଼ି
ଥାଉ ତଳ୍ପେ ଉଠିବସି
ଗୋପାଳ କୃଷ୍ଣ ଭାବଇ ଯିବା ବେଳେ
କହନ୍ତି ମାଧ ଆଶ୍ବାସି । ୫

ଅଭିଷ୍ଟ ଲାଳସା

ରାଗ କଲ୍ୟାଣୀ—ରୂପକତାଳ

(ଶୁଭ ପାଇଗଲା ସେ ହାତ କୃତ୍ତେ)

ବ୍ରଜ ଜନ ନେତ୍ର ସଂପତ୍ତି । ହା ନନ୍ଦୁତ କୁଂଜ ଗୃହ ଦମ୍ପତ୍ତି । ପଦ
ଦିବ୍ୟ ରତ୍ନ ପୀଠ ପକାଇ ।
ଗୋପେନ୍ଦ୍ରଙ୍କୁ ବସେ କରାଇ ।
ନେଇ ବାଢ଼ିବା ସୁବର୍ଣ୍ଣ ପାତ୍ରରେ
ସୁଧା ସ୍ବାଦୁ ଭୋଜ୍ୟ ହା ରସବତୀ । ୧

କରୁ ଜୀବ ବନ୍ଧୁ ଅଶନ
ହା ହା ସେ କାଳର ପ୍ରସନ୍ନ
ରସବତୀ ଦ୍ୱାର ପାଶୁ ଚଳିବାର
ଚେତନ କରିବାକୁ ସ୍ୱାମୁର ବତୀ । ୨
ହେଉ ଏକା ଚାରି ନୟନ
ଲାଜ ହାସ ଭ୍ରୁରୁ କୁଂଚନ
ବେନି ବଦନ ହା ହା କି ସେ ଶୋଭନ
ହେଉ ଲୁହା ଲୁହି ଧୀର ଭାରତୀ । ୩
ପର କେଷଣି କଡ ଚମତ୍କାର
ଗୁହ୍ନିଁ ରମା ଉମା ବଧୂର
ହରିଯିବ ସେହିକ୍ଷଣି ପୁରାତନ
କୁଟୁମ୍ବିନୀ ନୟଣତା ଉନ୍ନତ । ୪
ଅଶନାନ୍ତରେ ଆଗମନ
ଦେଇ ପୋଛୁବାକୁ ବଦନ
ନିଜ ଚେଳାଞ୍ଚଳ ବଢ଼ାଇ ଦେବାର
ତ୍ରିଭୁବନ ଶୂନ୍ୟ ପ୍ରଣୟ ଗୀତ । ୫
ପଲଙ୍କରେ ପ୍ରିୟ ଅଂକରେ
ବସି ତାମ୍ବୁଳ ସେବନ କରେ
ଯାଙ୍କି ପ୍ରାଣନାଥ ମୁଖେ ଦେବା ଶୋଭା
ଆହା ସେ ସଂକଳ୍ପ ସିଦ୍ଧ ମୂରତି । ୬
ଆସି ଆପଣାର ଆଳୀଙ୍କି
ଡାକ ବସାଇ ମଣୋହିକ
କାନ୍ତ ଅବଶିଷ୍ଟ ଅଶନରୁ ଜାତ
ହରଷ ଧରିବ କି ବସୁମତୀ । ୭
କେତେ ଦିନର ମନୋରଥ
ଆଜ ହୋଇଲା ଯେ ଚେ ସାର୍ଥ
ବୋଲୁ ଲଳିତା ହୃଦେ ରାଧା ଆଜିକ
ଲାଜେ ହସିବାର ବଦନ ପୋଡି । ୮

ଅଦ୍ୱିତୀୟ ପରମ ତତ୍ତ୍ୱ
ପରମାନନ୍ଦ ସାରସତ୍ତ୍ୱ
ନିତ୍ୟ ସନାତନ ସର୍ବଦା ନୂତନ
ବୃନ୍ଦାଟବୀ ପ୍ରାଣ ପ୍ରେମ ବସନ୍ତ । ୯
ଆଳୀ ସଙ୍ଗ ସ୍ୱାଦୁ ଭୋଜନେ
ଆଚମନ ତାମ୍ବୂଳାଶନେ
ଶ୍ୟାମ ଗୁମ୍ଫୁକୁ ଶ୍ରୀମତୀ ଚଳନ୍ତି
ସ ସ୍ୱ କୁଞ୍ଜକୁ ଯିବାର ସଖୀ ସଂହତି । ୧୦
ତା ସାଙ୍ଗ ଗୋପାଳ କୃଷ୍ଣର
କେବେ ହେବ ଦୃଷ୍ଟି ଗୋଚର
ଶ୍ରୀ ରୂପ ମଞ୍ଜରୀ ଦେବେ କୃପାକରି
ସେ ଅବଶେଷ ଲଭି ହେବ ତୃପ୍ତ । ୧୧

—*—

ରାଗ ପୁନ୍ନାଗ ବରାଡ଼ି—ମିଶ୍ରରୂପ ତାଳ

(ଆହା କି ଗଳ୍ପରେ କି ସ୍ୱପ୍ନ କେତେ ଦୂରକୁ—ବୃନ୍ଦେ)
ପ୍ରାଣ ମିତଣୀରେ ଫିଟାଇ କହନ୍ତୁ ମଜା ।
ତୋତେ ମୋହନଙ୍କୁ ବନ୍ଦ କରିଥିଲି କୁଞ୍ଜେ କେଡେ ସୁଖ ରାଜା । ପଦ
ଚଳପାଙ୍ଗି ପ୍ରତଳାକ ମୁକୁଟକୁ ଭେଟ ହେଲୁ କେଉଁଠାରେ
କି ଲଟରୁ ତାଙ୍କ ଉତ୍ତରୀୟ ପୀତବସ୍ତ୍ର ବନ୍ଧିଛୁ ଅଙ୍ଗରେ । ୧
ଫୁଲ ତୋଳୁଥିଲୁ ପଲ୍ଲବ ଅଧର ଏବେ ଆଳୀ ଲୋହିତରେ
କେ କମ୍ପିଲା ଗଣ୍ଡ ମଣ୍ଡଳେ ତାମ୍ବୂଳ ବୋଳ ମକରୀ ଉପରେ । ୨
ଲବ ମିଥିଳ ନୋସ୍ୱଥିଲୁ ସଜାଡ଼ି ଥିବାର ସକ ସାବତ
ମଦ କୁଞ୍ଜର କରଙ୍କଜ ପରାଏ ହୋଇଛୁ ତ ଅସ୍ତବ୍ୟସ୍ତ । ୩
କଟୋଶା ମୁକୁଟ ମଣି ମୋ ମୁହିଁକୁ ରହିଁ କନା ସରିକରି
ଲାଗକୁ ଆସ ବିନ୍ଦୁ ବିନ୍ଦୁ ମୁଖରେ ଝରୁଛି ତ ଶ୍ରମବାରି । ୪
କୁଞ୍ଜ ଲତାକୁ ହସିଣ ଶ୍ରୀ ଲଳିତା ଘଟନ୍ତ କେ କହିଲେନ
ଗୋପାଳ କୃଷ୍ଣ ଭଜେ ରାଧା ପଦାବ୍ଜେ କୁସୁମ ବ୍ୟଜନ ଯେନ । ୫

—*—

ରାଗ ଭୈରବୀ—ମିଶ୍ର ରୂପତାଳ

ଛଳିଲ କର ଘୁମୁରେ ପଡ଼ିଲି
ଛନ୍ଦ ହେଲି ପଦ ତୋତେ ଲୋଡ଼ିଲି । ପଦ ।
ଆଗେ ଗଲି ଇନ୍ଦୁଲେଖା ପଛେ ରହିଲି ବିଶାଖା
ଏକାକିନୀ ଜଳଧିରେ ବୁଡ଼ିଲି । ୧ ।
ଦମ ଦମ ହେଲି ଛାତି ଝସିଗଲି ଗୋ ମୋ ଧୃତି
କହିବାର ଭାରତୀ ମୁଁ ହୁଡ଼ିଲି । ୨ ।
ରୋମାଞ୍ଚିତ ହୋଇଗଲି ଛୁଆଇଁ ଦେଇ ମୁରଲୀ
ହସି ଦନ୍ତେ ଦନ୍ତ ବାସ ଭିଡ଼ିଲି । ୩ ।
ଥରି ଥରି ପ୍ରାଣମିତ ପାଣିକି କୋଭଙ୍କା କୃତ
କରି କେତେଥର ଶିରେ ଯୋଡ଼ିଲି । ୪ ।
ଗୋପାଳକୃଷ୍ଣ ଭାଷିଲି ହେଟି କୁଟିଳା ଆସିଲି
ବୋଲି ଗଲେ ଏଣିକି ବାହୁଡ଼ିଲି । ୫ ।

—*—

ସ୍ୱାନୁଭୂତ

ରାଗ ଝଂଜୋଟୀ—ତାଳ ମିଶ୍ରରୂପ

(ମୋହନ ନୟନାଞ୍ଜନ ନାଟକରେ—ବୃନ୍ଦେ)

ମାନସରୁ ଯିବନି ସେ ଭାବନା । ପଦ ।
ବ୍ରଜେନ୍ଦ୍ରୁ ଅଗେ କଣୋସି । ଉଭାହେବାର ମାଟସ୍ଥି
ମଧ୍ୟାହ୍ନରେ ମାଧବୀ ମଣ୍ଡପର ଘଟନା । ୧ ।
ଦରବୃତ ଉପବଣି । ଖଣ୍ଡିତଟ ଆବରଣ
ପଦଅଙ୍ଗୁଳି କି ଘସି ବୁଲିବର ବଞ୍ଚନା । ୨ ।
ସୁମନ ପିନ୍ଧାଇବାକୁ । ପ୍ରିୟ ପାଶୁ ଶ୍ରୀମୁଖକୁ
ରୁନ୍ଧି ନାକେ ବଂଚିବାର ଦଶନେ ରଚନା । ୩ ।

କଉସ୍ତୁଭ ସୀମନ୍ତକ । ଯୋଗ ହେଉ ଦୁଇଯାକ
ଯେ ବଲ୍ଲେକଛୁ ସେ ଶୋଭା ଜାଣିବ ସେ ସିନା । ୪ ।
ସଦନା ନନ୍ଦନା କୁଞ୍ଜ କାନ୍ତି ଘାଗୃଡ଼ାରୁ ସେଜ
ଗୋପାଳ କୃଷ୍ଣ ସଧୀରେ କଲାଉ ରଚନା । ୫ ।

ରାଗମୋହନା—ରୂପକ ତାଳ

ଯିବ ପରା ପରାଣ ସଙ୍ଗିନୀ ଉଠିଆରେ
ବଶୁଥିବ ଶ୍ୟାମ କାମ ପାଶ ପଡ଼ିଆରେ । ପଦ ।
ବ୍ରଜ ହାଟ ବାଟ ହେଲାଣି ନସ୍ତଟ
ଜଗିଥିବେ ବ୍ରଜବଧୂ ନିକୁଞ୍ଜ ଦୁଆରେ । ୧ ।
ପବନେ ପଲ୍ଲବ ଚଳିଲେ ମାଧବ
ପଥ ଚାହୁଁ ଛନ୍ତି ଧରି କେଶର ସୂଆରେ । ୨ ।
ଆଜ ହେବା ସଜ ପରାର୍ଦ୍ଧ ଚଉଜ
ନଇଁଗୁଇ ହେବେ ହୋଇ ପଦ ତଳିଆରେ । ୩ ।
ଅନା ଔଷଧୀଶ ହେଲାନ ପ୍ରକାଶ
ଶୁଣୁନାହୁଁ ଅଳନ୍ତ କୁଞ୍ଜେ ଏକୁଟିଆ ରେ । ୪ ।
ଯାମ ହେଲା ଆସି ଉପାଉଛୁ ବସି
ଭାକୁ ଭାକୁ ଡାକବ ତ କୁକ୍କୁଟ କୁଆରେ । ୫ ।
ଆଳୀ କର ଧରି ଚାହିଁ ଶ୍ରୀ କିଶୋରୀ
ଗୋପାଳକୃଷ୍ଣ ଭାବେ ହେଟି ସେ କଲ୍ପ୍ୟାରେ । ୬ ।

ରାଗ କୀରବାଣୀ—ରୂପକ ତାଳ

(ଶ୍ୟାମ ପ୍ରୀତିରେ ଭସାଇ—ବୃତ୍ତେ)

ଏତେ ଦୁଃଖ କାହିଁକି ? ପ୍ରାଣ ସଙ୍ଗିନୀ ମୋ ଘୁଷ ପାଇଁକି । ପଦ ।
ବ୍ରଜରେ ସଜପଙ୍କଜ ମୁଖୀ ବ୍ରଜ ନାହାନ୍ତି ମୋ ବନ୍ଧୁ କଣକି
ନୀରଜବନ୍ଧୁଜା ତୀର କୁଞ୍ଜବନ ଦୂରକୁ ଘୁଞ୍ଚିଗଲା କି ? ୧ ।
ଅଲକାକୁଞ୍ଚିତ କଟିଳ ତିଲକକୁ ଗୋରଚନା ନ ମିଳିଲା କି
କଲାପି କଲାପ ଅପୂର୍ବ ହେଲାନା ବଂଶୀ କେ ଘେନିଗଲା କି ? ୨
ଗାଢ଼ିପୀଠ କାନନ ସଦ୍ମା ପଦ୍ମା ଆଜ ଆସିନାହିଁ ସଖୀଲୁକି
ପଞ୍ଚାଣର ସମ ଚନ୍ଦ୍ରାବଳୀ ପ୍ରେମ ଏଡ଼େ କେବି ଭାଜିଗଲା କି । ୩ ।
ଗାଇଣିକ ନୀପମଞ୍ଜରୀ କୃଷ୍ଣଲୀମାଳା ଦେଲେ କେ ନ ଦେଲେ କି
ନଟବର ବେଶ ଧେନୁ ଅଞ୍ଚଳାସ୍ୟ ମନରେ ନ ପଡ଼ିଲା କି ? ୪ ।
ବ୍ରଜରେ ଅଚ୍ଛିତ ଆଜ କେଉଣେ ଲୋକାନ୍ତର ହୋଇ ଭରିଗଲା କି
କେବେ କେତେବେଳେ ଅରେକେଉଁଠାରେଦ୍ୱଲୋକିଲେ ନୋହିଲାକି ୫
କୋଟିଏ କୋଟି ମଦନ ନର୍ମଞ୍ଜନ ହୋଇବେ ପଦ ସରିକି
ରମାନ୍ଧ ଅଖିଳ ରମଣୀ ଦେଖିଲେ ଲୋଭାଇବେ ଶ୍ରୀମୂର୍ତ୍ତିକି । ୬ ।
ଆସି ଲଳିତା ଭାଷିଲେ ବୃନ୍ଦ ଦୁଃଖ ଶୁଣିବାକୁ ଆଜ ଥିଲାକି
ବୋଲୁ ଗୋପାଳକୃଷ୍ଣ ଫେଡ଼ି ଧରିଲା ପଦ ନୂପୁର ଦୁହିଁକି । ୭ ।

—*—

ରାଗ କାମୋଦ—ମିଶ୍ରରୂପ—ତାଳ

(ନାଗରବର ପ୍ରେମ କରେଖି କଣ—ବୃତ୍ତେ)

କେତେ କହିଲେ ତୋତେ କଶୋଦ୍ଧ ମଣି
ପ୍ରତେ ନକର ବୋଇଲୁ ଯେ କେ ଜାଣି ।ପଦ।
ସବଦା ସୁପ୍ରସନ୍ନ ସଜ କଞ୍ଜ ଲପନ
ଶୁଖାଇ ନୟନରୁ ପୋଛିଲୁ ପାଣି ।୧
ସୁନ୍ଦର ପୁରନ୍ଦର ମୁକୁଟ ଅଲଙ୍କାର
ହେଲେ କି ଅଦେ ସତ ନାହିଁ ତା ବାଣୀ ।୨

ଅଦ୍ୱିତୀୟ ବନ୍ଧୁରଧ   ଧୀର ଶୀଳ ସୁସ୍ନିଗ୍ଧ
ହୋଇ କି ହେବ ଜାର-ବର ଅଗ୍ରଣୀ । ୩
ସାଜି ସେ ପରସଙ୍ଗ   ବୋଲି ଦମ୍ଭରେ ଅଙ୍ଗ
ଭଙ୍ଗି ହେଲୁ ନାହିଁକି ଜନ୍ମାକୁ ଆଣି । ୪ ।
ମନକୁ ନ ଆସିଲେ   ଅସାର ଭଲକହେଲେ
ବୋଲି ଉଠିଗଲୁ ରେ ପ୍ରାଣମିତଣି । ୫ ।
ଆସ ଆସ ଉତ୍ତର   ହେଲାଣି ଅଭିସାର
ବାଳ ଆଗ ସଜାଡ଼ି ଦେଖ ମୁଁ ବେଣୀ ୬ ।
ହେଲାନ ହେଲାକଥା   ହୋଇବ କି ଅନ୍ୟଥା
ଗୋପାଳକୃଷ୍ଣ ଶ୍ରୀ ଲଳିତାଙ୍କୁ ଭଣି । ୭ ।

—*—

ରାଗ ଖମାଚ—ରୂପକ ତାଳ

ମୋହନ ପ୍ରସଙ୍ଗ ସଙ୍ଗିନ ରେ ଆଜି କହନା
ଅଭିଳାଷ ଅନଳରେ ସମିଧ ଦେଇ ଦହନା । ପଦ ।
ପୁଣି ମୁଁ ଆଶା କରିବ   ବୋଲି କି କହୁଛୁ ସ୍ୱବ
ଶୁଖିଗଲା ଅଗାଧ ତରଙ୍ଗି-ସୁଖ ପ୍ରବାହନା । ୧ ।
ଶାଶୁ ନଣନ୍ଦ ଭର୍ତ୍ସନା   ସ୍ୱବନ୍ଧୁ ଜନ ତର୍ଜନା
କେତେ ସୁହାଇବ ତନୁ ଶିଳା ମୁଁ ମହାନୁହନା । ୨ ।
କୁମୁଦିନୀ ଗୋପିବ୍ରଜ   ବ୍ରଜବଧୂ ସେ ସହଜ
ସେ କି ଭୂଷିତ ସୁତକ ମୁଁ ନବ ବାରିବାଧୁନା । ୩ ।
ଲୁଚିଲା ଜାତି ନାଶିଲି   ଅଲଂଘ୍ୟ ଯାକ ଲଂଘିଲି
ବାସ ପ୍ରସାର ମାଗୁଛି ସଖି ଗୋ ମାସେ ସ୍ନେହନା । ୪ ।
ଗୋପାଳକୃଷ୍ଣ ଭାଷିତ   ଶ୍ୟାମ ଲଳିତା ଏକାନ୍ତ
ହେଉଛନ୍ତି ପ୍ରାଙ୍ଗଣରେ ମାନସରେ ସଂବେଦନା । ୫ ।

ରାଗ ଝଂଝୋଟି—ମିଶ୍ରରୂପ ତାଳ

(ମୋହନ ନୟନାଞ୍ଚଳ ନାଚଲୁ—ବୃତ୍ତେ)

କହ ସହଚରୀ ବରନାରୀ କି । ଘୋଷା ।

ଉଷ୍ଣ ଶ୍ୱାସରୁ ଅଧର — ରଙ୍ଗ ହୋଇଲା ବଦୁର
ପୋଡ଼ମଥା ନେଇ ମୁଁ ତେ ବାରିକା । ୧ ।
ଧନ୍ୟ ଭୂଷାର ସେବକ — ବୋଲି ମୁଁ ଯେ ପଢ଼େ ଡାକ
ଜିଣି ବ୍ରହ୍ମଲୋକ ଶ୍ରେଣୀ ପାରକ । ୨ ।
କଣା ଜନରେ ଦ୍ୱେଷକୁ — କଲେ କି ଲଭେ ଯଶକୁ
ତରଜିବା ପରେ ନପସ୍ତରକ । ୩ ।
ଯେ ପିନା ଦେଲା ବଶୋର — ପାଶୋରନ୍ତ ମୁଁ କି କର
ମୋ ନାମ ପଢ଼ାଇବାର ସାଗ୍ରକ । ୪ ।
କଲତ ଯେବେ ଦୋଷକୁ — ଅଲ୍ପକିସ ପାଂଟିବାକୁ
ମାରୁ ଅଙ୍ଗେ କରଜ କଟାକ୍ଷକି । ୫ ।
କହିବୁ ଏତୁ ଉଦନ୍ତ — ଥାଉ ନୟନାନ୍ତ କୁନ୍ତ
ସମର୍ପିଲୁ କିମ୍ବା ଶମ୍ବରାରିକି । ୬ ।
ଗୋପାଳକୃଷ୍ଣ କହଇ — ମଣ୍ଡିରେ ତା ବନା ହୋଇ
କେ ଶୁଣିବା ଅଛି ମୋ ଗୁହାରିକି । ୭ ।

—*—

ରାଗ ମୁଖାରି—ମିଶ୍ରଚାପତାଳ

କୋପାଇଲା ନଯ ଯେ କି ପାଇଲା ମା ।ପଦ।

ଆନ ମାନଙ୍କ ପର — ରାଧାକୁଞ୍ଜ ଦ୍ୱାରି
ପୀରତ ବୋଲ ପଶି ମଣିଲାରେ,
ପରମାନନ୍ଦ ରୂପରୁ — ଜାତ ପରମ ପ୍ରେମ
ସୁଧାବ୍ଧି ପଶେ ତୃଣ ଜାଳିଲାରେ ।୧
ଶୁଣି ଯା ନାମଲିପି — ନୟନେ ଲୁହବ୍ୟାପି
ଯାଉ ବିକଳୀ ବୋଲି ହୋଇଲାରେ,

ତା ଆଳୀ ଅଳିଦର   ତଳେ ମାଳମଣିର
ଯଷ୍ଟି ପର ମୋହନ ଗଢ଼ିଲାରେ ।୨
ପୂଟ ପୁରଟ ପର   ଉଚ୍ଛୁରିତ ଆଭରି
ନିରଭ-ସନ୍ଧି-ସ୍ପନ୍ଦ ବର୍ତ୍ତିଲା ରେ,
କୂଟ କପଟ ଯାକ   ସରସ ସୁବଦେବକ
ପଣ କ୍ଷଣକେ ଜଣା ପଡ଼ିଲାରେ ।୩
ଦେଖିବ ଆସିଥାଉ   ଆଉ ଘଡ଼ିଏ ଯାଉ
ରାସାବସାନେ ହଂସଜା ବେଳାରେ,
କିଶୋର ଚନ୍ଦ୍ରମାର   ବୃଷଭାନୁ ଜେମାର
ଅପଡ଼ ହୋଇବାର ତା ଦୋଳାରେ ।୪
ଗୋପାଳକୃଷ୍ଣ ଭଣେ   ଲଳିତା ଶ୍ରୁତି ପାଶେ
କି କହିଲେଟି ହେଲେ ହସିଲାରେ,
ବଢ଼ାଇ ଫୁଲଦୋଳା   ବଇଜୟନ୍ତି ମାଳା
ଗୁନ୍ଥିବାର ଉଦ୍ୟମ ଲାଗିଲାରେ ।୫

ରାଗ ନାଟ କୁରଙ୍ଗୀ—ରୂପକତାଳ

(ସଖି ଏଇଟି ପଣୁପି ଲମ୍ପଟିଆ—ବୃତ୍ତେ)
ଦୁଃଖ ସିନ୍ଧୁରେ ବନ୍ଧୁ ଯାଉଛି ରେ ଭାସି ।ପଦ।
କହ୍ଲାର ଶିରୀଷ ଦେହା   ପଙ୍କେ ବୋଲବୁଟି ଆହା
ମଦନ କୁମ୍ଭୀର ଦେଲେ ଗ୍ରାସି ।୧
ନିକଟରେ ଉପୁଡ଼ାଇ   ଢଅନାରେ ଫୋପଡ଼ାଇ
ପାଳି ପ୍ରେମ ଅମର ପନ୍ନଶୀ ।୨
ତୋର ବୋଲି ଏଜଗତେ   ନଚିହ୍ନିବେ ଅଛିମୋତେ
ନନ୍ଦା ପଢ଼ସିବୁ ପିକଭାଷି ।୩
ଗାବସିବାର ଆଖର   ହେଲାନି ରସିକାବର
ଦଶା ମୁଖଶଶୀ ଅରେ ଆସି ।୪
ଗୋପାଳକୃଷ୍ଣ ନା ଲୁକା-   ନାରେ ତୋ କୃପାନଉକା
ପକାଇ ଉଦ୍ଧର ଦରହାସି ।୫

ରାଗ ସାବେରୀ—ମିଶ୍ର ଝୂପତାଳ

(ଜଣା ପଡ଼ିଲରେ ବଣାମୃଗାକ୍ଷି ତୋ ଭୁଲ—ବୃତ୍ତେ)

ଆହା କି ଗଲାରେ କି ସ୍ନେହ କେତେ ଦୂରକୁ
ଦାରୁଣ ଦଇବ କେଣେ ଅଦୂରୁକ ହେଲେ ଥରେ ବୁଝିବାକୁ ।ପଦ।
ଗ୍ରୀଷମ ଋତୁ ଦିବସ ଦ୍ୱିଜାମରେ ଦ୍ୱିମଣି ତପ୍ତ କରଣେ
ପଦ ତଳେ ରଖି ପଣନ୍ତ ମୋ ଶାଇ ବଳେଲକୁ ଥାଉ ପ୍ରାଙ୍ଗଣେ ।୧
ଠାର ଦୃଷ୍ଟିକ ପଣ୍ଟରୁ ମୋ ସମସ୍ତ ଦେଖିନାହିଁ ସେ ଭାଷିଲେ
ଆଣି ନେଲେ ପାଣି ଯାହା ହେଉଥାଉ କେ ଜାଣିବ ତା କହିଲେ ।୨
ବିଚ୍ଛେଦ ନୋହିବାକୁ ଯେତେ ବରତ କରିଛୁ ସୁଜାଣୁମଣି
ଥାଉ ଆଉ ନାସ୍ତି ପ୍ରଭୃତି ପାଳିବାର କର୍ଣ୍ଣରେ ନଥିବ ଶୁଣି ।୩
ନତ ପୁରୁଷ ନାସ୍ତି ଋଷି ବସିବା ପ୍ରସଙ୍ଗ ପଦ୍ଧ ପଢ଼ିଲ
ଧଇର୍ଯ୍ୟ କେମନ୍ତ ଧରନ୍ତୁ ଗୋ ବୋଲି ଆଳକ ପଣ୍ଟରୁ ଥାଇ ।୪
ମାରଜକୁ ଯଦ୍ଧ ନଖିରେ ବଳେକେ ମାର ନଯନୁ ବୁହାଇ
ଶାସ୍ତ୍ରକୁ ତୋ ଦଣ୍ଡ ନୋହୁ ବୋଲି ଗର୍ଣ୍ଣେ ଗୋପାଳକୃଷ୍ଣ ତୁମ୍ଭଇ ।

—*—

ଶ୍ରୀକୃଷ୍ଣ ଉକ୍ତି

ରାଗ—ସୁଖାବତୀ—ଆଦିତାଳ

(କି କହିବି ସେ ଧନ ଜଘନା ବେଦନା—ବୃତ୍ତେ)

କହରେ ସଚିନ କେ ସେ ନୂଆଁ ଲଳନା, ମୋତେ
କାନ୍ତି କୁଳ ଦେବତା କି କରି କଳନା । ପଦ
ଦଶ ଦିଶ କାନ୍ତିକାଭ ଦଶୁଛି ଏ କି ଦୁର୍ଲ୍ଲଭ
ଦଶାର୍ଦ୍ଧ ଶର କରିଛି ଏ କି ରଚନା ।୧
ଶୁଣ ନୂପୁର ସୁରତ ମଣି ଭୂଷାର ସିଂଜିତ
ବ୍ରଜର ଲକ୍ଷ୍ମୀ ପରାଏ କର ବରଜା । ୨
ପରମ ଧାମର ଡଭୂତ ଲଜା ମୋ ନେବ ସଂପତ୍ତି
ମୁର୍ତ୍ତିବନ୍ତ ହୋଇ ଚଳସୁତ କି-ଅନା । ୩

ବୃନ୍ଦାରଣ୍ୟ ଜନଙ୍କର କୋଟିଏ କୋଟି ଜନ୍ମର
ଭାଗ୍ୟରାଶି ପର ହେଉଛି ମୋଭାବନା । ୪
ଗୋପାଳକୃଷ୍ଣ ଭାଷଣ ଯେ ନୂତନ ଭଣରଣ
ରହୁ ଅଳସ ବଦନରେ ଚନ୍ଦ୍ରିକ ସ୍ମିନା । ୫

ଗ୍ରାମ୍ୟ ରସ

ରାଗ ଝିଂଜୋଟୀ—ମିଶ୍ର ରୂପତାଳ

ବନ୍ଧୁ ନାସ୍ତି କରି ମୋତେ କାନ୍ଦି ପାଇଁ ଗଢ଼ିଲୁ ରେ । ପଦ ।
ବଧୂ ନଶି ମଧୁକାଳ ବହୁତ ଦକ୍ଷିଣା ନଳ
ଏକାକିନୀ ନାରୀ ନାଶ ଦଶା ଆସି ପଡ଼ିଲୁ ରେ । ୧
ଏ ବୟସ ଅକାରଣ ଗଲୁରେ ସଜନ ଜାଣ
ବନର ମାଳତୀ ପରି ବନେ ଫୁଟି ଝଡ଼ିଲୁରେ । ୨
ନିତିଦିନ ଭାଭି ସହି ଯାଉ ଗଲୁ କାଳ ବହି
ମନର କଥା ମନରେ ରହି ଦେହ ସଢ଼ିଲୁରେ । ୩
ମୁଁ ହେଲି ପର ଆଶ୍ରିତ ସ୍ୱାଧୀନ ନୋହିଲୁ ଚିତ୍ତ
ମଦନ ହନ୍ତକ ଖୋଜ ଅନୁଗ୍ରହେ ପୀଡ଼ିଲା ରେ । ୪
ଗୋପାଳକୃଷ୍ଣଙ୍କୁ ବେଳେ ଦେଖିବି ବୋଇଲେ ଡୋଳେ
କୁଳ ଭୟ ଲାଜ କ୍ଷଣେ ଚିତ୍ତରୁ ନ ଛାଡ଼ିଲୁ ରେ । ୫

ରାଗ ମାୟାମାଳବ ଗୌଡ଼ା—ମିଶ୍ର ରୂପତାଳ

(ଏକ ପରମାଦ ଆସି ପଡ଼ିଲା ମା—ବୃତ୍ତେ)

ନୂଆ ସ୍ନେହ ଯା ମୋ ଗୁଣ ଗୁଣି କରେ
କି ଛାଡ଼ି ଅଇଲି ମୁହିଁ ଏଣିକି ରେ । ପଦ ।
ନଆସେ ନିଦ୍ରା ପଲକେ ମୋ ହୃଦ ଭାବନା ପଲଙ୍କେ
କରିଥିବ ଶଯ୍ୟା ସେ ଧରଣୀକି ରେ । ୧
ଲୋଟୁଥିବ କାୟ ଶେଷ ଫିଟୁ ଖୋସୁ ଖୋସୁ କେଶ
ଆସି ଲୁହୁଁଥିବ ମୋ ସରଣୀକି ରେ । ୨

ଚନ୍ଦ୍ର ମୋତେ ମନେ ମନ ଚକାଇ ନିଶ୍ୱାସ ଧନ
ପୋଛୁଥିବ ପଣ୍ଡ ନେତ୍ର ପାଣିକ ରେ । ୩
କି ଧରିବ ଧୃତି ବାଳା ସହଜେ ପ୍ରୀତି ବହଳା
ମୁଁ ଦିଶୁଥିବ ବୃନ୍ଦିଲେ ସେଣିକ ରେ । ୪
ଅବଧି ଦିନ ଗଣୋଇ ଭିତ୍ତି ନିକଟକୁ ଯାଇ
ଗଣୁଥିବ ପଣ୍ଡ ଗାର ଶ୍ରେଣୀକ ରେ । ୫
ଗୋପାଳକୃଷ୍ଣ କହଇ ବିଦେଶୁ ମୁଁ ଫିବାପାଇଁ
ସହିଥିବ ଚମ୍ପା ଫୁଲ ପାଣିକ ରେ । ୬

ରାଗ ଖମାଚ—ଆଦିତାଳ

(ନବାଙ୍ଗରେ ଶୁଭାଙ୍ଗି ଭରଣ୍ଡ ହୁଅ ସାହା—ବୁଢ଼େ)

ମୋ ଦିନ ଯିବପରି ଏକା ଏକ୍ୱିପରି ଯେ
ପୁଣି ଚଢ ସେବା ମୋତେ ଦେବେ କି କିଶୋରୀ ଯେ ?
ବୃନ୍ଦାରଣ୍ୟରାଜ୍ୟ ରାଣୀ କ୍ରୀଡ଼ିବା କୁମାରୀ
ପରାନନ୍ଦ ଶ୍ରୀ ମୂର୍ତ୍ତିଙ୍କି ସୁମରି ସୁମରି ଯେ । ୧
ଆହା ଶ୍ରୀରାଧିକେ ହା ସ୍ୱାମିନି ରାସେଶ୍ୱରି ।
ବୋଲି ବୋଲି ଯାଉନାହିଁ ଜୀବନ କାହାରି ଯେ । ୨
ବିନେକଲ୍ପ ଶୋଭା ପ୍ରିୟୁ ହୃଦେ ଅପସରି
ଦିନେ ଦିନେ ଦିଶି ହୃଦ ହେଉଛୁ ବିଦାରି ଯେ । ୩
ଆହା କରୁଣା ବାରିଧି ନିକୁଂଜ ବିହାରି ହେ
ହା କଳ୍ପଲତା ଲଳିତେ ଶ୍ରୀ ରୂପମଞ୍ଜରି ଯେ । ୪
ଜଗତେ ଚିହ୍ନିଲେ ନି ବୋଲି ସାହା କିଂକରୀ
ଜନ୍ମବି ସ୍ୱାମିନି ଆଜ କାହାକୁ ଗୁହାରି ଯେ । ୫
ଗୋପାଳ କୃଷ୍ଣକୁ ଦୃଷ୍ଟି ମସ୍ତକରେ ଠାରି
ଡାକିଲେ ଉଣ୍ଡା ହେବ କି ଗ୍ରାମୁରେ ଗୁହାରି ଯେ । ୬

ସାଧକର ଦେହୋତ୍ତର ଲାଳସା

ରାଗ ଆନନ୍ଦ ଭୈରବୀ—ଆଦତାଳ

(ଅଳି ! କେଶର କୁଞ୍ଜରୁ—ବୃତ୍ତେ)

କେତେ ବେଳକୁ ଶ୍ରୀପଦାବ୍ଜ ଦର୍ଶିବ ସେ ।
ଛାଡି ଅଳି ଯାଇ ସୁଖେ ବସିବ ସେ ।ପଦ।
ଶ୍ରୀ ଗୋବିନ୍ଦ କଣ୍ଠସ୍ଥଳ   ସଂଯୋଗର ପରିମଳ
ତହୁଁ ଲଭି ଲୋଭେ ମତ୍ତି ରହିବ ସେ ।୧
ଗୋପେନ୍ଦ୍ର ନୟନ ଭୃଙ୍ଗ   ସଙ୍ଗତରେ କରିରଙ୍ଗ
ସ୍ୱେଦ ମକରନ୍ଦ କ୍ଷୋଦ ପିଇବ ସେ ।୨
ସୂକ୍ଷ୍ମ ଧୂଳି ପରାଗରେ   ଲୋଟିବ ଅନୁରାଗରେ
ସୁରମ୍ୟ ମଧୁର ନାଦ କରିବ ସେ ।୩
ବ୍ରଜ ନବ ଯୁବା କର   ଶ୍ରୀ କରେ ଚନ୍ଦ୍ର କଳାର
ଯାବକ ପରିଧି ଯାକ ବୁଲିବ ସେ । ୪ ।
ସୌଭାଗ୍ୟ ରେଖାଙ୍କିତ ଚିହ୍ନ   ଚିହ୍ନିବ କରି ଦର୍ଶନ
ଭାବ ସୁଧା ବାରିଧିରେ ଭାସିବସେ । ୫ ।
ଅଶୋକ କଳିକା ବଳି   ସୁସ୍ନିଗ୍ଧ କୋମଳାଙ୍ଗୁଳି
ବିକସିବ ବୋଲି ଆଶା କରିବ ସେ । ୭ ।
ଊର୍ଦ୍ଧ୍ୱରେ କେତକୀ କାନ୍ତି   ତଳେ କୋକନଦ ଦ୍ୟୁତି
ବିଲୋକି ଅତି ପ୍ରମୋଦ ମାଣିବ ସେ । ୮ ।
ସୁମନ କମ ରହର   ଭୂଷାରେ ନୂପୁରାଦର
ପୁଷ୍ପ ଭ୍ରମେ ଉଡ଼ିତ ସ୍ପର୍ଶିବ ସେ । ୯ ।
ଶ୍ରୀ ରୂପ ମଞ୍ଜରୀ କର   ଲଳିତ ମଧୁର ତର
ପରମାନନ୍ଦ ଆସ୍ୱାଦ ପାଇବ ସେ । ୧୦ ।
ଗୋପାଳକୃଷ୍ଣ ଏ ଭାଗ୍ୟ   ଦେଖିବାକୁ ହୋଇବ ଯୋଗ୍ୟ
ଶ୍ରୀ ସ୍ୱାମିନୀ ଦୟା ଦୃଷ୍ଟି ପଡ଼ିବ ସେ । ୧୧ ।

—*—*--

ରାଗ ଭୈରବୀ—ରୂପକ ତାଳ

(ହୋଇଥାରେ କେଶ କୁଞ୍ଜକୁ ଯିବା ପରା—ବୃତ୍ତେ)

ଦେଖିଲେ ପରାଣ ଯିବ ଛାଡ଼ି ମୋହନ । ପଦ ।

ବାସ ବରଜ ହେଲେ କହୁଛି   କେଶ ଖସିଲା ଖୋସୁଛି
କେଶୀ ମଥନ ଜୁହାରୁଛି କେ ସେଠି ଏଣିକି ଆସୁଛି । ୧ ।
ସାହସ ଏତେ କେ କରିବ   ଅଧରେ ନାସା ଧରିବ
ସ୍ୱହସ୍ତେ ଅଛି ଜାଣିବ ରହ ମୋ ସ୍ୱସାର ସରିବ । ୨ ।
ଜଟିଳା ଦେବଟି କଷଣ   ନାଠି ଏବେ ମୋବାଣ
କୋଟିବାର ତୁମ୍ଭ ଶରଣ ହେଟି ଜନ ଭାଷଣ ଶୁଣ । ୩ ।
ଦିନକର ପୂଜାର ଫୁଲ   ବନଜାକ୍ଷ ସ୍ଥବଶିଲ
ବନ ଯାକ ବୁଲି ଅଇଲ ସ୍ନାନ କରିଥିଲ ଛୁଇଁଲ । ୪ ।
କେଳିକୁଞ୍ଜ ଫୁଲ ସେଜେ   କଲେ ରାଧା କୃଷ୍ଣ ଭଜେ
ଭାଳ ଗୋପାଳକୃଷ୍ଣ ଭଜେ ମିଳ ସେ ଚରଣ ସରୋଜେ । ୫ ।

—*—

ରାଗ ଝିଂଝୋଟୀ—ତସ୍ରଗତି ଏକତାଳ

ଗୁଞ୍ଜି ଗଳିକ ଭଙ୍ଗୀରେ ଛାଇଲା ଅଳସ ଭଙ୍ଗିରେ । ପଦ ।

ଚନ୍ଦ୍ରାବୃତ୍ତ କରି ଭୁଜ ଲତିକା   ଟେକାଲ ଉର୍ଦ୍ଧ୍ୱକୁ ସେ ନବରସିକା
ମଦନ ମୁଠାରୁ ଫିଟିଲା ବରଛି ପରି କଟାକ୍ଷ ଦେଲା ଫିଙ୍ଗିରେ । ୧ ।
ହୋଇଲା କ୍ଷଣି ଏକା ଗୁରିଆଖି   ଚେଲାଞ୍ଚଳ ଗଣ୍ଡ ପାଶରେ ରଖି
ଜର ଜର ହୋଇ ହରଷ ଲାଜରେ ନଚ୍ଛଇ ଭ୍ରୂରୁ ଭୁଜଙ୍ଗୀରେ । ୨ ।
ଡାକିଲା ଯା ଶ୍ରୁତି ସୀମାରେ ଡୋଳା ଚନ୍ଦ୍ରମଣ୍ଡଳୁ ଇନ୍ଦୀବର ମାଳା
ଚପଳା ଚଳିଲା ପରି ଖସି ଆସି ହେଲା ମୋ ହୃଦୟୁ ସଙ୍ଗୀରେ । ୩ ।
ଲାବଣ୍ୟ ଲତାରୁ ସୁନା ନଳିନ   ବୁଲିଗଲା ପରି ବାଜି ପବନ
ଦଶିଲା ମୁଖ ପାଲଟାଇ ପଙ୍କଜକୁ ହସି ହସି ରସରଙ୍ଗୀରେ । ୪ ।
ତର୍ଜ୍ଜନୀ ଚିବୁକ ମଧ୍ୟରେ ରଖି   ଘୂମାଇଲା ପରି ମୋଦରେ ଆଖି
ମେଲାଣି ମାଗିଲା ଗୋପାଳ କୃଷ୍ଣଙ୍କୁ ଆଳୀ ଗଞ୍ଜରେ ଶୋଭାଙ୍ଗିରେ । ୫ ।

—*—

ବଙ୍ଗଶ୍ରୀ—ତାଳ ମିଶ୍ରଝମ୍ପ

(ମୁହିଁ । ମୁହିଁ କିଶୋର ଚନ୍ଦ୍ରମାଙ୍କର ମୋର—ବୃତ୍ତେ)

କେତେ ଯତ୍ନ ଡ଼ାକିଲେ ଯାହିଁକି ବୋଲି ଦେବେକି
ଆଜ ସରିକ ଶୁଣା ଗଲା ନାହିଁ ଯେ । ପଦ ।
ଶ୍ରୀ ବ୍ରଜେନ୍ଦ୍ର କୁମାର   ଯାହାଙ୍କ ଲେଖିବାର
ପଦାବ୍ଜର କିଙ୍କରଜନ ମୁହିଁ ଯେ । ୧ ।
ଚିଦାନନ୍ଦ ରୂପିଣୀ   ପରମ ଠାକୁରାଣୀ
ତୋ ପ୍ରଭୁ ବୋଲି ଗୁରୁ ଦେଲେ କହି ଯେ । ୨ ।
ଶଶୀ ଯହିଁ କଳଙ୍କୀ   ସ୍ୱାମିନୀ ହୋଇବେ କି
ଚରଣେ ଚନ୍ଦ୍ରପଣ ଯିବ ରହି ଯେ । ୩ ।
ମକରନ୍ଦ ପୀୟୂଷର   ବଚନ ଶ୍ରୀ ମୁଖର
ଶୁଭ୍ର ଲଭିବ ତାପାର୍ଦ୍ଧ କରନ୍ତି ଯେ । ୪ ।
ଦସ୍ୟାକ୍ତ ପଣ ଶାନ୍ତ   ପ୍ରଶ୍ନ ଆଶାରେ ନିତ
ଗୋପାଳ କୃଷ୍ଣ ଅଶ୍ରୁ ପୋଛି କହି ଯେ । ୫ ।

ରାଗ ମାଧ୍ୟମାଳବ ଗୌଡ଼ା—ମିଶ୍ରଝମ୍ପତାଳ

କେବଣ ବରଷା । ବାଳା ବଳେଦ ବରଷି
ସନ୍ତାପଟେଶୀର୍ଣ୍ଣ ହୋଇକରେ ଭଲା ଅରବାହେ ରହି । ୧
ଏ ମଧୁ ନଶିକ   ଯୁହିଁ ସମ୍ପୂର୍ଣ୍ଣ ଶଶୀକ
କି ବସୁରୁଥିବ କି ଯୁଝି ଅଇଲ ପୀୟୂଷଦାସୀ କି । ୨
ଗଜ ଗମନାକ   ରଙ୍ଗିଥିବ କାମ ନାକ
ଯାଇ ଏଥିରୁ ମୁଁ ଆଜ କି ଶୁଣିବି ଦୁଃଖ ଶମନାକ । ୩
ଦେଖି ନଆଳୀକ   ଗାଉ ମଧୁପ ଆଳୀକ
କି ଯମୁନୁଥିବ ଲହୁଲ ବସୁରୀ ଅନାଇ ଆଳୀକ । ୪
ମୋ ଦୁଃଖୀ ଦରବ   ଶୁଣି ବନପ୍ରିୟ ରବ
ବରଜବନ ମନରୁ ମଦନକୁ ଜଣାଇବା ଗରବ । ୫

ଏ ମନ୍ଦ ପବନ ନଷ୍ଟେ ହେବନି ଜୀବନ
ପଣନ୍ତେ ଶରଣ ପଶି ପୋଛୁଥିଲି ନୟନରୁ ଜଳ । ୭
ଥିଲ କି ରସାରେ ତାହାର ସୁରସାରେ
ବୋଲେ ଗୋପାଳକୃଷ୍ଣ ବନ୍ଧୁ ଭଙ୍ଗିଲୁ କେଉଁ ଭରସାରେ । ୬

ରାଗ ଝିଂଜୋଟି—ତାଳ ମିଶ୍ରଚାପ

(କୃଷ୍ଣ ପଦ ଶବ୍ଦ ଦେଖ ଗୋ—ବୃତ୍ତେ)

ଅନୁଗତ କଲା ଫଳ ସୁଶୀଳା ଏହିକି ରେ । ପଦ
ଆପଣା ଜନକୁ ଦୂର କରିବାର ଅବେଇର
ଦୁଃଖ କଲେ ହେଲେ ତା ମୁଖକୁ ନ ଚାହିଁ କିରେ । ୧
ଦେଇ ଅଧରୁ ପୀୟୂଷ ପୋଷିଯାକୁ ସମାଇଶ
ଜାଣି ସେ ନଜାଣି ଦୋଷ କଲେ ନ ସହି କି ରେ । ୨
ପ୍ରାଣ ଭର ଯେ ଯାହାର ଭଷିଲେ ସେ ଯୋଡ଼ି କର
ଥାଉ ଦୟା କରିବାର କଥା ନ କହି କି ରେ । ୩
ସୁଶାଣ କଟାକ୍ଷ ଶର ଥାଉ ତୋ ରସିକା ବର
ଦଣ୍ଡ ଦଆଉଛୁ ପର ହାତରେ କାହିଁକି ରେ । ୪
ମଦନ ଖେଦ ବାରଣ ଅରୁଣା ରୁଣ ଚରଣ
ଦେଇ ଶିରେ ଏ ମୋ ପ୍ରାଣ ରକ୍ଷା ନ କରିକିରେ । ୫
ଗୋପାଳକୃଷ୍ଣ କହଇ ଛଳ ପଞ୍ଚରେ ପକାଇ
କରୁ ନାହୁଁ ଅନୁଗ୍ରହ ଗୃହୁଁ କି ମହୀକି ରେ । ୬

ରାଗ ଝିଂଜୋଟି—ମିଶ୍ରରୂପତାଳ

(କା ମନେ ଥିଲା ଏକଥା—ବୃତ୍ତେ)

କେ କସ କହିବ ତାକୁରେ
କେଉଁକି ମଥା ଗୃହୁଁ ନାହିଁ ମୁହିଁକୁରେ । ପଦ
ପଲକ ପତନ କାଳ ଅନ୍ତର
କୋଟିଯୁଗ ହେଉଥାଇ ଯାହାକୁରେ । ୧

ରଖିଲା ନାହିଁ ଦେଲେ ହେଲେ ସଖୀ
ଲେଖି ପ୍ରେମ ତନୟୁ ଜଣାଣକୁ ରେ । ୨
ଜାଣିଛୁ ତ ଚଣ୍ଡ ମୁଁ କି ବୋଲିବ
ପୀୟୁଷ ବିଷ ହେଲା କରମକୁରେ । ୩
ଶୁଭିଲେ ବାଣୀ କ୍ଷଣପ୍ରଭା ପରି
ଝଲକୁ ଥାଇ ଆସି ଅଗଣାକୁ ରେ । ୪
ଗୋପାଳକୃଷ୍ଣ କହଇ ଧରାରେ
କଥା ରହିଗଲା କାଳ କାଳକୁ ରେ । ୫

ରାଗ ମାୟା ମାଳବ ଗୌଡ଼ା—ମିଶ୍ର ଝୁପତାଳ

(ଆନେ ନକର ପ୍ରୀତି—ବୃତ୍ତେ)

କାଜୁଛି ସବୁ କାଜାରେ, ତୋନାରେ ବ୍ରଜ ବଜାରେ ।ପଦ।
ଅଟ୍ଟାଳରେ ତୁ ଥିବାର   କାନକୁ ସେ ଆସିବାର
ଅନା ଅନା ଚମତ୍କାର ଶ୍ରବଣା ତୋର ତାହାର ।୧।
ବ୍ରଜ ବଧୂ ପୀତ ପଟ   ତୋମାଳ ଶାଢ଼ୀ ପାଲଟ
ହୋଇବାର ବାଟ ଘାଟ ଯାକରେ ହେଲାଣି ସ୍ଫୁଟ ।୨।
ଯାଇ ଯମୁନା ପାଣିକି   ତୁ ନବୁଢ଼ାଇ ଘଡ଼ିକି
ମାପରୁ ଶ୍ୟାମ ଗୁଳକ ଅନାଇଥିଲୁ ନାହିଁକି ?
କହୁଥିଲା ଚନ୍ଦ୍ରାବଳୀ   ଶେଟଜ ଶିଖଣ୍ଡ ମଣ୍ଡଳି
ହେଉଥିବାର ବାଉଳି ଜୟ ରାଧେ ଶ୍ରୀ ରାଧେ ବୋଲି ।୩।
ଗୋପାଳ କୃଷ୍ଣ କହଇ   ଗୋପୀଙ୍କି ସବୁ ଆପଇ
ଆପଣାର ଦୋଷ ନେଇ ପରେ ଦିଅନ୍ତୁ ଲଗାଇ ।୫।

ରାଗ ପରଜ—ଆଦତାଳ

ଚାହାଁରେ ନିକୁଂଜ ଶେଜକୁ
ଜୀବନର ବନ୍ଧୁ ରାଧା-ଗୋବିନ୍ଦ ସଜକୁ ।ପଦ।
କେତେ କାଳରୁ ବିରହୀ   ବାଟ ରହିଥିଲେ ସଂଚି
ସଂସାର ସାର ସୁଷମା ସଂପର୍ଣ୍ଣ ବ୍ରଜକୁ ।୧।
ସୁମନ ତଳ୍ପ ସରରେ   କଣ୍ଠି ପରମ ତୋଷରେ
ଧରିଲେ ପଶି ଦିଶୁଛି ସୁନା ପଙ୍କଜକୁ ।୨।
ଦେଖ ରୂପ ଆଖି ଏକା   ହସ ପ୍ରିୟ ଶ୍ରୀରାଧିକା
କାନ୍ତକରେ ଲୁଚାଉଛି ଲୋଚନ ଲାଜକୁ ।୩।
ଅଚଳ ଚପଳା ହୃଦେ   ବନ୍ଧୁ ଘନ ହେଲ ଉଦେ
ଉଛନ ଦଶା ପଡ଼ିଲା ମକର ଧ୍ୱଜକୁ ।୪।
ଏ ବ୍ରଜରେ ଆଖି ବନ୍ଧି   ଥିବ ଜନଙ୍କର ସନ୍ଧି
ଜନ୍ମାନ୍ତର ପୁଣ୍ୟ ଫଳ ଘଟିଛି ଆଜକୁ ।୫।
ଗୋପାଳକୃଷ୍ଣ କାତାଧି   କବାଟକଲା ନିରୁଦ୍ଧି
ଆଳୀ ଏ ସିବା ଉଣ୍ଣରୁ କଢାଇ ଭୁଜକୁ ।୬।

—*—

ରାଗ ଆଷାଢ଼ ଶୁକ୍ଳ

କୁମ୍ଭଜ ପରାଏ ବିପକ୍ଷ ହୋଇ
କେ ପ୍ରେମ କାଧି ଦେଲା ଶୁଖାଇ
କର ଚିନ୍ତାମଣି ପଥର ହେଲା
କରୁଣା ବୃକ୍ଷେ ନିର୍ଗୁଣ ଫଳିଲା
କାହ୍ନୁଁକି ଶୁଣିଲ, କଥା ନକହ ମଥା ପୋତି ଦେଲ । ୧
କୂର୍ମ କୁମ୍ଭରୁ ଧରଣୀ ଖସନ୍ତା
କୂଳକୁ ପଛେ ସାଗର ଲଙ୍ଘନ୍ତା
ବନମାଳୀ ବନ୍ଧୁ ହେଲେ ଭୁଗତ
କଂସଠେ ବିରସ ନୁହନ୍ତା ଚିତ୍ତ
କାହ୍ନୁଁକି ଶୁଣିଲ କଥା ନ କହ ମଥା ପୋତି ଦେଲ । ୨

—*—

ରାଗ ଶଙ୍କର ଭରଣ—ରୂପକ ତାଳ

(ପୋଢ଼ ପର ଅନୁରାଗ—ବୃନ୍ଦେ)

ଅନୁ ସରିବାର ପାର
ଏହି ଏକାକି ସହି ପଡ଼ୁର ଗୋ । ପଦ
ଅପାର କରୁଣା ଅକୂପାରବୋଲି
ଅନୁ ଦିନ ଆଶା କରିଗୋ
କାଳ ବହିଗଲା ଦୁଃଖ ନ ସହିଲା
ଯୋଉ ନୟନରୁ ବାରିଗୋ
ଯା ଦୟା ଦୃଷ୍ଟି ପ୍ରାନ୍ତ ଲବ ଲେଶକୁ
ଭିକ୍ଷୁକ ପରାଏ ହୋଇ ଗୋ
ଖୁଣ୍ଟିଁବା ଜନକୁ ହୃଦେ ହୃଦ ଦେଇ
କର ମାରିକ ପଳାଇଗୋ ।୨।
ମାର ମାରଣରେ ପରାଣ ଆଖିର
ହୋଇଲାଣି ବୋଲି ଶୁଣି ଗୋ
ଘୁମୁକୁ ଡକାଇ ମୁଖକୁ ଅନାଇ
ପଦେ ନ କହି କି ବାଣୀ ଗୋ ।୩।
ଅଧରୁ ଅମୃତ ପାନ କରିବାକୁ
ଅରହି ଯେ ପୀରତିରେ ଗୋ
ସ୍ନେହ କପ୍ରଳାପଣେ ହେଲେ ତାକୁ
ନସଙ୍ଗୁଳି କି ଗୁପତରେ ଗୋ ।୪।
ଯେମନ୍ତ ହେଲା କୁରଂଗ ସୁଧାକର
ପକ୍ଷରେ ବଳାଇ ଆଶା ଗୋ
ଶ୍ରୀ ଜଗନ୍ନାଥ ଗଜପତି *
ଭଣିଲେ ହେଲ ମୋ ସେହି ଦଶାଗୋ ।୫।

—*—

* ଶ୍ରୀ ଜଗନ୍ନାଥ ଗଜପତି—ପାରଳା ଖେମୁଣ୍ଡୀ ରାଜ୍ୟର ତତ୍କାଳୀନ ରାଜା ।

ରାଗ ଧନାଶ୍ରୀ—ମିଶ୍ରରୂପତାଳ

(କେତେ ବୋଲି ମୋ ଦୁଃଖ—ବୃତ୍ତେ)

ତୋ ରୂପ ପ୍ରତି ଦଶେ ଦିଶୁଛି ରେ
ତୋ ପରି ଲକେ ରହି ହସୁଛି ରେ ।ପଦ।
ପ୍ରସାରି ମୁଁ ପଣନ୍ତ   ଡାକିଲେ ପ୍ରାଣମିତ
ଭୟେ ଦନ୍ତେ ରସନା ଦଂଶୁଛିରେ ।୧।
ଦୂରୁ ଲେଉଟି ବୃହିଁ   ମୋତେ ପରାଣ ସହି
ନଶୁଭୁ ଧୀରେ ଗିର ଭାଷୁଛିରେ ।୨।
ଫିଟି ଯାଉଛି କେଶ   ନିବିଡ଼ ନୀବି ବାସ
ଆତୁର ହୋଇ କେତେ ଖୋସୁଛିରେ ।୩।
ପ୍ରତିଦିନ ଶୟନେ   ଚଳ୍ଲ ଚଳେ ସଦନେ
ସୁରତ ସତେ ଆସି ଭାସୁଛି ରେ ।୪।
ଗୋପାଳ କୃଷ୍ଣ ଭଣେ   ତୋର ଗୁଣସ୍ମରଣେ
ମାନସ ଅନୁକ୍ଷଣେ ରସୁଛି ରେ ।୫।

—*—

ରାଗ ଖମାଚ—ଆଦିତାଳ

(ଭଜମନ ହରିପ୍ରାଣ ପ୍ରେୟସୀ ଶ୍ରୀମତିକ—ବୃତ୍ତେ)

* ଜୀବନ ବନ୍ଧୁ ମାଗୁଣି ମାଗୁଛି ରେ ଏତିକ
ନାହିଁ କରିବୁ ନାହିଁଟି କହିଲି ବନିତାକ । ପଦ ।
ନଚାଇ ଚରମେ ବେଣୀ   ବଜାଇ କଟି କିଙ୍କିଣୀ । ପଦ ।
ଝୁଲାଇବୁ ଉପସ୍ଥତେ ଭୁଲାଇକର ମୋତିକ । ୧ ।

---

* ଏହି ପ୍ରେମ କବିତାଟିକୁ ଭକ୍ତକବି ଗୋପାଳକୃଷ୍ଣ ତାଙ୍କର ଯୁବାବସ୍ଥାରେ ରଚନା କରିଥିଲେ । ତାଳପତ୍ର ଖେଦାରେ ଲେଖି ବ୍ୟାକରଣ ବହି ଭିତରେ ରଖି ଥିବା ବେଳେ ସହାଧ୍ୟାୟୀ ପଣ୍ଡିତ ଶ୍ରୀ ଚନ୍ଦ୍ର ପଟ୍ଟନାୟକ ନେଇଯାଇ ତାଙ୍କର ଗୁରୁଦେବ ପଣ୍ଡିତ ଶ୍ରୀ ଦିନବନ୍ଧୁ ପଟ୍ଟନାୟକଙ୍କୁ ଦେଖାଇବାରେ ଭକ୍ତପ୍ରବର ଗୁରୁଦେବ-ହସି ହସି କହିଥିଲେ " ଆହୁରି ଆମ୍ଭ ଗୋପାଳର ଶିଶୁବୁଦ୍ଧି ଛାଡ଼ି ନାହିଁ !"

ସ୍ୱନ ଭୁଲେ ତୋଷ ହାସ   ଭାଟଙ୍କ ଝଲକା ଝଷ
        ଚଳାଇବୁ କାହିଁ ମୋତେ ନଳଖାଇ ଭଣ୍ଡକ । ୨ ।
ବଲୋକନ ଦଗଧର   ଭଡ଼ା ମୁଖ ସୁଧାକର
        ସ୍ୱେଦ ଜରଜର ଅନମ୍ବର ଦେହ ଦ୍ୟୁତକ । ୩ ।
ଲତା ମଧ୍ୟରେ ନେଇ   ଖଞ୍ଜନ ଡୋଳା ଖେଳାଇ
        ଯାହା ବୋଲୁଥିବୁ ଶୁଭୁଥିବଟି ମୋ ଶ୍ରୁତକ । ୪ ।
ଦୁଃଖରୁ ଉଦ୍ଧରିବାକୁ   ଥିଲେ ଗୋପାଳ କୃଷ୍ଣକୁ
        ଅଙ୍ଗୀକାର କରି ଥରେ ପଠିଆଅ ଦୂତକ । ୫ ।

—*—

ସଖୀମାନଙ୍କ ପ୍ରତି ଶ୍ରୀରାଧା

ତାଳତାଳ—ଏକ

(ବାଟେ ଛାଡ଼ ଦେରେ—ବୃତ୍ତେ)

ଆଗୋ ସହଚର
କି ନ କଲେ ସେ କେଶୁଧାର ।
ଦଗା ଦେଲେ ମନକୁ କି ବରୁର । ପଦ ।
କଣ୍ଟେ ଦେଇ କୁଂଜକୁ ଡକାଇଲେ
ଠକ ପଣ ଧରିଣ ଠକାଇଲେ
ଚନ୍ଦ୍ରାବଳୀ କୁଂଜେ   ମିଳି ରଂଗ ସଂଗେ
        ପକାଇଲେ ମୋତେଟି ପାଶୋର । ୧ ।
ଭାଗ୍ୟ ବନ୍ତ ହେଲ ସେ ଗୋପିନୀ
ମୁଁ ସିନା ହୋଇଲି ଅଭାଗିନୀ
ସାଜ ବାର ଶେଯ   ବୃଥା ହେଲା ଆଜ
        ନଇଲେ ଯେଣୁ କୃଷ୍ଣ ବହାର । ୨ ।
ନବ କଣଳସ୍ତେ ସାଜ ଶେଯ
ସିଞ୍ଚିଲି ରଜନୀକର ରଜ
ଗୋଳି ଏଣୀ ମଦ   ଚନ୍ଦନ କୁଙ୍କୁମ
        ରଖିଥିଲି ଅଙ୍ଗ ଯତ୍ନକରି । ୩ ।

ଭାଙ୍ଗି ନାଗବଲ୍ଲୀ ସଜତନେ
ଶ୍ରୀ ମୁଖ ପଖାଳା   ପଣାର ଝରକି
ତାଙ୍କି ରଖି ଥିଲ ମୋତେଭର ।୪।
ଧୂପ ଦୀପ ଗଂଧ ପୁଷ୍ପହାର
ସବୁ ହେଲା ମୋର ନାର ଖାର
ନଇଲେ ନାଗର   କର ହରବର
ଉକୁଟିବା ଶତ୍ରୁ ଗଲା ଝୁରି ।୫।
କି ଦୋଷ କଲି ମୁଁ ଆଗୋ ଆଳି
ପର କଲେ ମୋତେ ବନମାଳି
ଅଭି ସାରକାର   ଭରରେ ପଦର
ଛେଳିବାର କେଉଁ ବାହାଦୁରି ।୬।
ଯାହା କଲେ ଆଜ ସେ ମାଧବ
କେଉଁ ନାରୀ ଏହା ସାଗୌରବ
ଭାବଇ ଗୋପାଳ   କୃଷ୍ଣ ରାଧାଭାବ
ପାଶୋରିଲେ ବରଜ ବିହାରି ।୭।

—*—

ରାଗ ଚକ୍ରବାକ—ମିଶ୍ରଝମ୍ପତାଳ

(ସଖି ଗୁଣ୍ଡି ନପାରେ ମୁଁ ସେ ପ୍ରୀତିକ---ବୃତ୍ତେ)

ପ୍ରେମ ଚନ୍ଦ୍ରା ମଣ୍ଡିକ କେ ଲୁଣ୍ଠାଇଲା ନର
ହମରେ ଏଣିକ ଭରସାଇଲାରେ । ପଦ ।
ଯେ କଳା ଏ ବସ୍ତୁର   କି ତତ୍ତ୍ୱ ମୁଁ ତାହାର
ଭଙ୍ଗାଇ ମୋ ଆଶ ଲଭିବ କି ଯଶ
କ୍ଷୀରରେ ଖାର କେ ମିଶାଇଲା ରେ । ୧
ପୁରାତନ ବେଶରେ   ବସି କେଳି ବାସରେ
ଚୁମ୍ବୁଥିଲା ହାର ଶୁଣି ମୋର ଗିର
ନେହ ମାରି କରଖାଇଲା ରେ । ୨

ସେଣ୍ଟ ଧନ୍ୟ ମାତର   ମୁଁ ତାଙ୍କୁ ଦେଖିବାର
ହେଲି କେତେ ଦୋଷୀ, ଲଜ୍ଜିଲି ବସ୍ତ୍ରପୀ
ମୁଖ ଆଉ ନ ଦଶାଇଲା ରେ । ୩
ଦୁଃଖ ମୋ ଶୁଣି କ୍ୟଥା   ଲଭ୍ଭ କା ଥାଉ କଥା
କୁସଙ୍ଗରେ ହେଲେ ମୋର ନାମ ଥରେ
ବଦନରେ ନ ବସାଇଲା ରେ । ୪
ଗୋପାଳକୃଷ୍ଣ କହେ   ମୁ ଛୁଞ୍ଛି କାର ନୁହେଁ
କାହାକୁ ବୋଲବ କ କର ଭୁଞ୍ଜିବ
ବଂଧୂ ଭଗାର ହସାଇଲା ରେ । ୫

—*—

ରାଗ ବସନ୍ତ—ମିଶ୍ର ଝୂପତାଳ

ଊଠ ନ କର ମଠ ତୋ ଦରଶନକୁ
ମୋହନ ଆସିଛନ୍ତି ପଛ ରେ । ପଦ ।
ପଲଙ୍କ ତଳରେ   ପ୍ରଦୀପ ପାଶରେ
ଉଭା ହୋଇଛନ୍ତି ଧୀରିଧୀରି ରେ । ୧
ହେବୁ ବୋଲି ବେଣ   କରି କେତେ ଆଶ
ଆଣିଛନ୍ତି ସୁମନସ ଝଁଗିରେ । ୨
କୁଞ୍ଜ ଅପହୃତ   ତଳପ ସଜାଡ଼ି
ପ୍ରାଣନାଥ ମନୋରଥ ପୂରିରେ । ୩
ସର୍ଖୀକର ଧରି   ଶ୍ରୀନନ୍ଦ କଶୋର
ଚେତ ଉଭା ହେଲେ କସୁନ୍ଦରୀରେ । ୪
ସଖୀ ଗଲେ କହି   ସମସ୍ତଙ୍କୁ ଭୁଞ୍ଜି
ଗୋପାଳକୃଷ୍ଣ ବୋଲିଇ ଭଣି ରେ । ୫

—*—

ରାଗ ମାୟା ମାଳବ ଗୌଡ଼ା – ମିଶ୍ରରୂପ—ତାଳ

(ଯେ ପୀରତି କରନ୍ତି ତାର ମନ ଜାଣେ—ବୃତ୍ତେ)

ମନରକ୍ଷା ପୀରତି କେ କଳନ ମନା
ଭଜନ୍ତି କଲେ କରଇ ଦଇବ ସିନା । ପଦ
ଜାତି ମାତି ଧନ   ମହତ୍ତ୍ୱ ଗୁମାନ
ତେଜିବାକୁ ଅଛି ଯାର ଆଲୋଚନା । ୧
ସ୍ଥିର କି ସ୍ଥିରର   ସ୍ପର୍ଶିଲେ ତାହାର
କରଇ ଯେ ପ୍ରଭୁ ସମ ସମ୍ଭାବନା । ୨
ଯା ଲାଗି ଯା ପ୍ରାଣ   ଯିବ ଏପ୍ରମାଣ
ଦେଲେ ଛାଡ଼ିବ କି ତା ତୁଳ ରେ ସୁନା । ୩
ନୟନ ଅୟନେ   ଶୟନେ ସ୍ୱପନେ
ନଦ୍ଦିଶଇ ଆନ ତା ମୂରତି ବିନା । ୪
ଯିବା ଯାଏ ଶିର   ଯାର ଅଙ୍ଗୀକାର
କଥା ପଦକୁ ଥାଇ କି ତା ଶୋଚନା । ୫
କହଇ ଗୋପାଳ-   କୃଷ୍ଣ ସ୍ନେହଜଳ
ନିଧି କରିବେ କି ଜନେ ଅକଳନା । ୬

—*—

ତାଳ—ଝିପଟା

(ଜାଣିଛି ମୁଁ ଏବେ ମାହତଗୋ—ବୃତ୍ତେ)

ତରଣୀ ଯା ତଟେ   ବାଳୁଛି ବାଂଶୀ
ଚଉ ମନ ଭେଳ କରିବାକୁ
ଧରଣୀ ହୋଇକେ   ସମ୍ଭାଳିବ ଲାଜ
ମନସୂତ ଶରେ ମରିବାକୁ । ପଦ ।
ଆଖି ତାଳ ଗୁହେଁ ସେ ପୀତ ପଟିଆ
ଢଗାଳ ଲାଗିଁ କି ଗୋପୀଙ୍କ ମାଠିଆ
ଘାଟ ମାଗି ହଟ   ଲଗାଇବ ନଟ—
ଲୁଟିଆ ମହତ ସାରିବାକୁ । ୧ ।

ତରଣୀ ଯା ତଟେ   ବାଜୁଛି ବାଂଶରୀ
ଶତ୍ରୁ ମନ ସ୍ୱୈର କରିବାକୁ
ଧରଣୀହୋଇ କେ   ସମ୍ଭାଳିବ ଛାତି
ମନସୂତ ଶରେ ମରିବାକୁ ।।

(ଗୋପାଳକୃଷ୍ଣ ଗ୍ରନ୍ଥାବଳୀ   ୨୭୨ ପୃଷ୍ଠା)

କଳା କଳାହକ ଜିଣି ଅଙ୍ଗକାନ୍ତି ସାଜେ
ବରହା ମୁକୁଟ ଶିର ପରେ ରାଜେ
ଝଲୁଟିଛି ସ୍ମିତ ଅର୍ଦ୍ଧଚନ୍ଦ୍ରାଧରେ
ସାରସ୍ୱଣୀ ପ୍ରାଣ ଘାରିବାକୁ । ୨ ।
ଦମ୍ଭ ଧରି କେହ୍ନେ ଏ ବ୍ରଜ କଟକେ ।
ମୋହନ ମୋହମା ମୋହକୁ ଛଟକେ
ରହି ପାରିବକି ଆଣି ଟାଣି ମିତ
ଭେଳକବକି, ଲୁହ ଝରିବାକୁ । ୩ ।
କିକରିବା ଏବେ କହଲେ ମିତଣୀ
କେମନ୍ତେ ଲଙ୍ଘିବା ମଦନ ସରଣୀ
ଏହୃଦ ଚନ୍ଦନ
ସେ ନନ୍ଦ ନନ୍ଦନ
ସାରି ହେବ ଗୁଣ ଝୁରିବାକୁ । ୪ ।
ହେଉ ଯା ହେବାର ଆଗୋ ପ୍ରାଣସଖି
ଆସ ଥରେ ଯିବା ନାଗରଙ୍କୁ ଦେଖି
କହଇ ଗୋପାଳ କୃଷ୍ଣ ହୋଇ ଦୁଃଖୀ
ପଦଚନ୍ତି ଅଘ ତରିବାକୁ । ୫ ।

—*—

ସଖୀମାନଙ୍କପ୍ରତି ଶ୍ରୀରାଧା

ତାଳ—ଏକତାଳି

(ହେନାଇ ଆମ୍ଭେ ଯେତେ---ବୃଜେ)
ନୟନେ ଦେଖିଲି ମୁଁ ଶ୍ୟାମକୁ ଗୋ
ମୂରତି ଜିଣେ କୋଟି କାମକୁ ଗୋ । ପଦ ।
କାମ କମାଣ ଜିଣି
ସାଜେ ଭ୍ରୂଲତା ଠାଣି
ଚୂଳେ ଖଞ୍ଜିଛି ଫୁଲ ଦାମକୁ ଗୋ । ୧ ।

ତଳ ଗୁଲଇ ରଙ୍ଗେ
ବ୍ରଜବାଳକ ସଙ୍ଗେ
ବାମରେ ରଖି ବଳରାମକୁ ଗୋ । ୨ ।
କୋଳ ନନ୍ଦ ନନ୍ଦନ
କରି କେତେ ଯତନ
ଗଢ଼ିଲା ତନୁ ଦେଖି କାମକୁ ଗୋ । ୩ ।
ନାଗରୀ ମନଚୋର
ଘେନି ବରଜ ଭାବ
ଆସି ମଣ୍ଡିଛ ଧରା ଧାମକୁ ଗୋ । ୪ ।
ଗୋପାଳ କୃଷ୍ଣ କହି
ଯାନ ନୁହେ ଗୋ ସଖି
ଯୁଦ୍ଧାର କଳାକହ୍ନୁ ପ୍ରେମକୁ ଗୋ । ୫ ।

ରାଗ ମୋହନା—ମିଶ୍ର ରୂପତାଳ

(ଜଣାଥିଲା କି ମୋତେ ଏ ଖଣ୍ଡରେ—ବୃତ୍ତେ)

କି କରି କିଳିଲୁ ପାପ ବନ୍ଧରେ ।
କି ଦୋଷ କରିଥିଲି ମୋର କପାଳେ
ଏଣ୍ଡି ଏକା ଥିଲୁ ଲିହିଲେ । ପଦ ।
ଏ ନାରଦ କଥିକି ଅନାଇଁ
ଏକାମନେ ମନେ ମୋତେ ଧିଆଇ
ଲେଖୁଥିବ ପରି ଅବନୀ ଶେଯରେ
ବାର ବାନ ସ୍ୱର୍ଣ୍ଣ ଦେହୀ ରେ । ୧
କେଶରୀ ମଧ୍ୟାରୁ ଅଷ୍ଟକେ ସର
ଆଜ ଗଢ଼ିବ କି ନାସ୍ତି ତା ପର
ଯା ଠାରୁ ଅବନୀ ଶିଷ୍ଟି ସରିଯିବ
ତାଙ୍କୁ କି ଏ ଦଣ୍ଡ ଦନ୍ଧରେ । ୨

ଆସି ଦେଖିଲୀ କୁଆର ଖାସରେ
ବସିଥିବ ପଦ୍ମ ନଳି ବାସରେ
ମୋ ପଥକୁ ଚାହିଁ କଟୁଥିବ ଥିବ
ଶରଦ ଚନ୍ଦ୍ରମା ମୁହଁରେ । ୩
ମୁଁ ଯେ ଅଇଲି ବେଳରେ ଏଣିକ
ଲୁହ ପୋଛୁ ଥିଲି ଧରି ପାଣିକ
ସୁମନା ସ୍ମୃତି ନୋହୁ ଲେଉଟିବାକୁ
ପ୍ରବୋଧି ଆସିଲ କଣ୍ଠ ରେ । ୪
ଆଜ ଗୋପାଳକୃଷ୍ଣଙ୍କ ଲଭିବ
ଯାକୁ ଦେଖି ପଶୁ ବଶୀ ହୋଇବ
ତାକୁ ସ୍ୱରେ ଦୁଃଖ ଦିଆଇବାକୁ ନତା
ମାନସ ବଳିଲି କେଉଁରେ । ୫

ରାଗ ରୀତିଗୌଡ଼ା—ରୂପକ ତାଳି

(ରାଧେ ଶ୍ରୀ ପଦାବ୍ଜ ଦଅ ଦରଶନ—ବୃତ୍ତେ)

ଆରେ ଫୁଲ ତୋଳି ଯିବା ବୃନ୍ଦାବନ
ଆସି ଲେଳି ଆଳୀ ନାକର । ପଦ

ତମାଳ ବନଟି ଘନ ପରିଦରେ ଶୋଭିବନ
ବନ୍ଧୁପର ଫୁଟିଅଛି ସୁମନ । ୧
ନାଳ ଶାଢ଼ୀକ ତୋ ତନୁ ବରଜୁ ଅଛି ସୁତନୁ
ଦେଖି ଡ଼ରି ପଳାଇବ ମଦନ । ୨
ପୁଣି ଯମୁନାରେ ପଶି ସ୍ନାନ କରିବା ସୁବେଶି
ମାଳା ଲାଗି କରିଦେବ ବନ୍ଧନ । ୩
କଳା ଡୋଳାକୁ ଟଳାଇ ହେଳା କରି ଦେବୁ ଭୁଜ
ହେଳା ମାତେ ମୋହ ହେବେ ମୋହନ । ୪
ତାକୁ ଲଳିତାଙ୍କ ଗୀତେ ଶୁଣି ଚଞ୍ଚଳେ ସନ୍ତୋଷେ
ଭବ ଗୋପାଳକୃଷ୍ଣର କଥନ । ୫

ରାଗ ଭୈରବୀ—ମିଶ୍ରରୂପତାଳ

(ଶ୍ୟାମ କମଳାଙ୍କୁ ସମ ନାହିଁ ଆଜ—ବୃତ୍ତେ)

କି ସୁକୃତ କରିଥିଲୁ ସେ ଶ୍ରୀ କିଶୋରୀ
ଅନ୍ୟ ଜନମରେ କହ ସହଚରି । ପଦ
ଯେ ନେହାନ୍ତ କୋଣରେ ଅନାଇଁ ଦେଲେ ଅରେ
ବ୍ରଜବଧୂ ହେଉଛନ୍ତି ଦାସୀ ପରି । ୧
ଆଜ ଗୋ ଆଜ ଯାକ ଯୁବାବୃନ୍ଦ ତିଳକ
ତା ଦାସୀ କି ରହୁଛନ୍ତି ଅନୁସରି । ୨
ଜାଣିଲେ ଯେତେ ରସ ହୋଇଲେ କେତେ ବେଶ
ତା ଗୁରୁ ଛବିକି ହୋଇବ କେ ସରି । ୩
ନୋହିବା ଯାକ ସ୍ଫୂର୍ତ୍ତି ତା ସୁଗୁଣ ଶ୍ରୀ ମୂର୍ତ୍ତି
ଯାହା ମତେ ଉତ୍ତମ ସେ ବ୍ରଜନାରୀ । ୪
ଗୋପାଳ କୃଷ୍ଣ ଜାଣ ସେ ଶ୍ରୀପଦ ଶରଣ
ହେଲୁ କି କହନ୍ତୁଟି ସେ ରାସେଶ୍ୱରୀ । ୫

—*—

ଶ୍ରୀରାଧାପ୍ରତି—ଲଳିତା

ଶୁଣ ଗୋ କିଶୋରୀ ମଣି । ଯାହା କରନ୍ତି ମୁରଲୀ ପାଣି
ନାରୀମଣି ଗୋ
ଦେଖି ହୃଦ ହେଲା ହାଣି । ୧ ।
କୁଞ୍ଜେ ଡକାଇ ତୁମ୍ଭଙ୍କୁ । ରମିଲେ ଯାଇ ସେ ଚନ୍ଦ୍ରାବଳୀକୁ
ନାରୀମଣି ଗୋ
କହିଲେ ଫାଟଇ ବୁକୁ । ୨ ।
କୁଞ୍ଜେ କୁଞ୍ଜେ ଖୋଜି ଧୀରୀ । କାହିଁ ନ ଦେଖିଲ ମୁରଲୀ ଧରୀ
ନାରୀ ମଣି ଗୋ
ହେଉଥିଲ ଧୈର୍ଯ୍ୟହରୀ । ୩ ।

ଦ୍ୱାଦଶ ବନ ବୁଲିଲି । ଗୋଳକୁଞ୍ଜ ଖୋଜି ନ ପାଇଲେ ଗଲି
ନାଗରମଣି ଗୋ
ଚନ୍ଦ୍ରାବଳୀ କୁଞ୍ଜେ ବୋଲି । ୪ ।

ଦେଖିଲି ଭଙ୍ଗୀ ମୋହନ । ଚନ୍ଦ୍ରାବଳୀ ବାହୁପାଶେ ବନ୍ଧନ
ନାଗରମଣି ଗୋ
ବଳ ଦେଇଛନ୍ତି ମନ । ୫ ।

ଛଇଳବଶ ଚନ୍ଦ୍ରାବଳୀ । ପଡ଼ିଅଛି କାହ୍ନୁ କୋଳରେ ଢଳି
ନାଗର ମଣି ଗୋ
ଲାଗି ଅଛି ରତି କେଳି । ୬ ।

ଭଙ୍ଗି ଭ୍ରୂଭଙ୍ଗେ ଯାନ । କହିଲା ପାଶୋର ନ ଦେବ କାହ୍ନୁ
ଏ-କଣା ଦାସୀଙ୍କ
ହୃଦରେ ଦେବ ଆସନ । ୭ ।

ଅଙ୍ଗୀକାର କଲେ ହରି । କେତେ ଗେଲ କଲେ କୋଳରେ ଧରି
ରାସ ରଙ୍ଗୀରେ
ଦେଖି-ତନୁ ଉଠିଲା ମୋ ଥରି । ୮ ।

ନଖକୁ କଜ୍ଜ୍ୱଳ ନେଇ । କରଜ ମୁନରେ ଲେଖ ଲେଖାଇ
କେତକୀ ଦଳେ
ଗବାକ୍ଷେ ଦେଲି ଗଳାଇ । ୯ ।

ଦଗାଦାରି ବେଣୁଧର । ଯାହା କଲ ଆଜ ସଖୀଙ୍କ ମୋର
କଳା କାହ୍ନୁ ହେ
ପ୍ରତିଶୋଧ ନେବି ତାର । ୧୦ ।

ମୋ ନାମ ଯେବେ ଲଳିତା । ଧନେ ନଷ୍ଟେ ରାଧା ପାଦ ଅଳତା
କଳା କାହ୍ନୁ ହେ
ମଣ୍ଡାଇବି ତୁମ ମଥା । ୧୧ ।

ଲଳିତା ମୁଖରୁ ଶୁଣି । ଜ୍ଞାନ ହୀନା ହେଲେ ଭାନୁ ଦୁଲଣୀ
ମୀନ ନୟନୁ
ଝରି ଝରି ଗଲେ ପାଣି । ୧୨ ।

ହା ହା ଶ୍ୟାମବନ୍ଧୁ ମୋର । କବା ଦୋଷେ ମୋତେ କଲ ଅନ୍ତର
ଲୀଳା ନିଧି ହେ
ଗୋପାଳ କୃଷ୍ଣ କିଙ୍କର । ୧୩ ।

ସଖୀମାନଙ୍କ ପ୍ରତି—ଶ୍ରୀରାଧା

ତାଳ—ଆଠତାଳି

ଯେବେ ନ ଆସିଲେ ଆଭେଷା ବାନ୍ଧବ ବାସକ ଶେଯେ ଭଣ୍ଡାଇ
ତେବେ ଗୋ ସଙ୍ଗିମା—ତାଙ୍କଠାରୁ ମୋର ସମ୍ବନ୍ଧ ଦଉଛୁଣ୍ଡାଇରେ
ସଙ୍ଗିମା
ସେ ଚନ୍ଦ୍ରାବଳୀର ନାଥ
ବୃଷଭାନୁ ସୁତା ଶ୍ୟାମ ଉପେକ୍ଷିତା
ଜୀବନଟା ତାର ବ୍ୟର୍ଥରେ । ୧ ।
କରୁଛି ଦୁର୍ଜ୍ଜୟ ପଣ ମୁହିଁ ଆଜ ଶୁଣ ଗୋ ସଜନୀ ମାନେ
ନଦେଖିବି କଳା ପଦାର୍ଥ ଶୁଣିବି ନାହିଁ କୃଷ୍ଣ ନାମ କାନେରେ
ସଙ୍ଗିମା
କୃଷ୍ଣ ଦ୍ରବ୍ୟ ମୋ ବଇରୀ
କଳା ମରକତ ଚୂଡ଼ା କାଡ଼ି ହେମ
କାଚ ଦିଅ କରେ ଭରିରେ । ୨ ।
ଆଖିରେ କଜ୍ଜ୍ୱଳ, ନରଞ୍ଜିବି ଆଉ, ନପିନ୍ଧିବି ନୀଳପାଟ
ଶ୍ୟାମା ସଖୀଏ ମୋ, ପାଶେ ନରହିବେ, କଳସୀକୁ ଭାଙ୍ଗ ଘଟରେ
ସଙ୍ଗିମା
ଶୁଆ ସାରୀଙ୍କୁ ସତ୍ୱର
ଦିଅ ଉଡ଼ାଇଣ ପିଞ୍ଜରାଟି ଖୋଲି
ଆଖିରୁ ହେଉ ଅନ୍ତରରେ । ୩ ।
ତମାଳ ବୃକ୍ଷଟି ଉପାଡ଼ିଣ ଦିଅ
ଫୁଲ ତାର ଦିଅ ଦଳି

ଖାଇଁ ଦିଅ ଯେତେ ଉପବନେ ଅଛୁ

ଶ୍ୟାମଳ କୁସୁମ କଢ଼ିରେ

ସଜନି

କଳାରଙ୍ଗ ନଦେଖିବ

ଯମଭଗ୍ନୀ କଳା ଜଳ ଆଣିବାକୁ

କଳସୀ ଘେନ ନଯିବରେ । ୪ ।

କଳାଆକାଶକୁ ନଚ୍ହିଁବ ଆଉ କଳାଭୃଙ୍ଗ ମୋ ଅରାତି

ତେଣୁ ବୃକ୍ଷଲତା ଡଙ୍କ ମୋଡ଼ିଦିଅ ସବୁଯାଉ ପୁଷ୍ପ ପ୍ରୀତି ଗୋ

ସଜନି

କଳାକୁ କଲି ବର୍ଜନ

ନ ଦେଖା କେ କଳା ନଶୁଣାଅ କଳା

ଗୋପାଳକୃଷ୍ଣ ରଚନରେ । ୫ ।

ସଖୀଗଣଙ୍କ ପ୍ରବୋଧ

ତାଳ ଝପର୍ତା

ଗୁମାନ କର ଏଥିକେ ରହିପାରିବୁ କରେ

ସତେ ଶ୍ୟାମଙ୍କ କଥା ମନୁ ପାଶୋରିବୁ କରେ । ପଦ ।

କାନକେ ବାଜିଲେ ବଂଶୀ ତନୁ ଉଠିବ ଉଲ୍ଲସି

କଳସୀ କାଖେ ତୁ ନାସ୍ତ ପାଇଁ ନବାହାରିବୁ କରେ । ୧

ଗୋଧନ ବାହୁଡ଼ାବେଳେ ଗୋପାଳ ବାଳକ ମେଳେ

ଆସିବାର ଦେଖି ଡୋଳେ ନେତ୍ର ନଠାରିବୁ କରେ । ୨

ସେ ନଟ ନାଗର ବର ନୟନରେ ଭରିମାର

ଚିଆ ହୋଇଲେ ସମ୍ମୁଖ ନରଖି କରିବୁ କରେ । ୩

ବନସ୍ତେ କହିଲେ ସେହି ଖାଇଁ ପାରିବୁ କି ସହି !

କରଧରିଲେ ତୋର ତୁ କର ନ ଧରିବୁ କରେ । ୪

ସେ ନାଟୁଆ ଶିରୋମଣି ଜାଣେ ବହୁତ କାଟେଣି

କାଟି କହିଲେ ବଚନ ଆଣ୍ଟିକି ବା ମରିବୁରେ । ୫

ଗୋପାଳ କୃଷ୍ଣ ରଚନ ଆଗୁ ହୁଅ ସାବଧାନ
ନହେଲେ ମହତ ମାନ ଏକ ସଙ୍ଗେ ସାରବୁରେ । ୭

—*—

ଶ୍ରୀକୃଷ୍ଣଙ୍କ ପ୍ରତି ଚନ୍ଦ୍ରାବଳୀ

ତାଳ ଖେମଟା

ଶ୍ୟାମବନ୍ଧୁ ମୋ ବନ୍ଧୁ ପରା
ବହୁ ଦିନାନ୍ତରେ ଦେଇଛ ଧରାହେ । ପଦ ।
କିମନ୍ତ୍ର କରଛ ବୃଷଭାନୁ ଜେମା ଚୋରାଇଛ ତାର
ପ୍ରୀତି ପସରା
ଚନ୍ଦ୍ରାବଳୀ କିବା ନହେବାରୁ ଯୋଗ୍ୟ ପରକଲ ତାକୁ
ମୁରଲୀ ଧରା ।
(ହେ) ନାଟୁଆ କିଶୋର ସଖାଧୂର୍ତ୍ତ ଶ୍ରେର ଭୃମ୍ଭଲାଗି ଯେତେ
ନନ୍ଦାଙ୍କାପରା । ୧
ଏ ବ୍ରଜ ବଜାରେ ସ୍ନେହ ମଥା ପୋତି କହୁଥିଲେ କଥା
ହେବ ଅସରା ।
କେତେ ରଙ୍ଗ ସଙ୍ଗେ ବସି ଶୂନ୍ୟ କୁଂଜେ ବଷାଦେଗଣିଛୁ
ସରଗ ତରା । ୨
ଆଖି ପାଣି ଆଖି କୋଣେ ଶୁଖାଇଛୁ ଗ୍ଲାନିକି କରାଇ
ବିଷାଦ ଭରା ।
କଣ୍ଠ ଦେଇ ଖଣ୍ଡ ପଣ ଆଚରିଛୁ ଶୁଖାଇ ମୋହର
କୁସୁମ ଝରା । ୩
ବିରାଗ ଗୀତିକା ଗାଇ କଲକଣ୍ଠ ହସି ଅଛୁ କେତେ
ହୋଇ ଶ୍ଲେପରା ।
ଶୁଭ ଯୋଗେ ଆଜ ପାହଥିଲା ନିଶି ତେଣୁ ବଜେକଲ
ରଙ୍ଗ ଅଧରା । ୪
ଚନ୍ଦ୍ରାବଳୀ କୁଂଜ ହେଲା ଆଜ ଉଜ୍ଜ ହୃଦସ୍ଫୁଟି ହେଲା
ଆନନ୍ଦ ଭରା ।

ବହୁଦିନାନ୍ତରେ ପାଇଛୁ ବନ୍ଧୁ ହେ ନ ଛାଡ଼ିବ କେବେ
ପାଶରୁ ପଙ୍ଗ । ୫
ବାହୁପାଶେ ବାନ୍ଧି ରଖିବ କାଳକୁ ହେଲେ ହେବ ବ୍ରଜେ
ମହତ ସଙ୍ଗ ।
ତୁମେ ଶ୍ୟାମ ବନ୍ଧୁ ଚନ୍ଦ୍ରାବଳୀ ବନ୍ଧୁ ବୋଲି ଜାଣନ୍ତୁ ଏ
ଜଗତ ସାଙ୍ଗ
ଗୋପାଳ କୃଷ୍ଣଙ୍କୁ ଗତି ଦିଅ ପ୍ରଭୁ ପଦ ପଙ୍କଜକୁ
କରୁଛୁ ଆସଙ୍ଗ । ୬

ଚନ୍ଦ୍ରାବଳୀ ପ୍ରତି ଶ୍ରୀକୃଷ୍ଣ

ଚାଲ ଖେମଟା

'ଚନ୍ଦ୍ରାବଳୀ ଗୋ । ଚନ୍ଦ୍ରାନନା ମୋ ଗଳାମାଳ ଗୋ
ତୋ ବିନା ଭୁବନ ଲାଗେ ମୋତେ ଶୂନ୍ୟ
ମୁଖ ନ ଦେଖି ମରେ ଜ୍ୱଳି ଗୋ । ପଦ ।
ପ୍ରାଣ ବାନ୍ଧବୀ ତୁ ମୋର ମୁଁ ତୋ ବାନ୍ଧବ
ସାକ୍ଷୀ ରଖି କହୁ ଅଛୁ ଚନ୍ଦ୍ରିକା ଧବ
ରତି ପଙ୍କଜ ପରି
ପ୍ରୀତି ତୋର ମୋହର
'ରହୁ ଚିର ଜନ କେବେ ନ ଯିବ ସରି
ତୁମୋ ପୀୟୂଷ ଭରା ଥାଳ ଗୋ । ୧
କଣ୍ଠି ରଖିଲୁ ମିତଣୀ ସେନହେ ମୋତେ
କଦାପି ମୁରୁଛି ଆଜ ନୋହିବ ତୋତେ
କୋକନଦ ଅଧରୁ
ମଧୁ ଦେଇ ରମ୍ଭୋରୁ
ତେରଙ୍କେ ଗୁହିଁଥରେ ଖେଳାଇ ଦିଅ ଭୁରୁ
ମଦନ ଜାଲ ଯାଉ ଜଳି ଗୋ । ୨

ଆସ ଆସ ସଙ୍ଗୀତରେ ମାଳ କୁନ୍ତଳା
ସାର୍ଥକ କର ରଜନୀ ଖେଳାଇ ଦୋଳା
ମାର ମାର୍ଗଣ ବାଜ
ପରଶେ ଦୂରେଁ ଯାଉ
ତୋର ମୋର ମିଳନ କଥା କାଳକୁ ଥାଉ
ଗୋପାଳକୃଷ୍ଣ ଗୀତେ ଭଣେ ଗୋ । ୪

—⁂—

ଲଳିତାର—ଶ୍ରୀକୃଷ୍ଣଙ୍କ ପ୍ରତି

କ୍ରୋଧୋକ୍ତି
ତାଳ—ଝିପୁଟା

ଦଗାଦାର ଶ୍ୟାମବନ୍ଧୁ ବଟାଳିଆ ହେଲେ ହେ
ଦୁର୍ବିଷ୍ଣୁର କଲ ବନ୍ଧୁ !
ମୁକୁଳତା ମାଳତୀଙ୍କ ପାଦରେ ଦଳିଲ ହେ
ସ୍ନେହ ଲତା ମୂଳ କାଟି ଝରିରେ ଥାପିଲ ହେ । ୧
କି ଅମଳ ଖାଇ ତୁମ୍ଭେ ବିବେକ ହାରିଲ ହେ
ରାଈ କୁଂଜ ବାଟ ଛାଡ଼ି ବିପଥେ ଅଇଲ ହେ । ୨
ନବ ବକୁଳସୁ ଶେଯେ ପାହାନ୍ତା ପଡ଼ିଲ ହେ
ବୃଥା ହେଲ ଫୁଲ ଶେଯ ଟିକେ ନ ଭାଳିଲ ହେ । ୩
ଉଡୁକାନ୍ତ ମୁଖୀ କଥା ଟିକେ ନ ଥୋଇଲ ହେ ।
ଉନ୍ନିଦ୍ରେ ବସାଇ କୁଞ୍ଜେ ଆହ୍ଲାଦରା ଦେଲ ହେ । ୪ ।
ଆଶା କରିଥିଲ ସତ୍ୟ ଆସିବେ ଛଳିଲ ହେ
ଗୁନ୍ଥିଥିଲ ପ୍ରୀତିହାର ମଣ୍ଡିବାକୁ ଗଲ ହେ । ୫ ।
ବୃଥା ହେଲ ସବୁ ଶ୍ୟାମ ଏକି କରାଇଲ ହେ
ଏଣୀ ନୟନା ନୟନୁ ଅଶ୍ରୁ ଝରାଇଲ ହେ । ୬ ।
ଚନ୍ଦ୍ରାବଳୀ କୁଞ୍ଜେ ମାତି ରାତି ପୁହାଇଲ ହେ
ଲଭିଲ ରାଉଳ କଥା କେତେ ପାଶୋରିଲ ହେ । ।୭।

ସଂକେତ ଦେଇ କୁଞ୍ଜକୁ ଡକାଇଣ ଥିଲ ହେ
ବାସକ ହୋଇଲି ଶଯ୍ୟା ତଳେ ନ ଖାଇଲ ହେ । ୮ ।
କିଣା ଜନେ ନାଶ କରୁ କି ଯଶ ପାଇଲ ହେ
ନିରବଧି ନୟନରୁ ନୀର ବୁହାଇଲ ହେ । ୯ ।
ମନେରଖ ବନ୍ଧୁ ଆଜ୍ଞା ଯାହା କରି ଦେଲ ହେ
ସେଥିପାଇଁ ହେବ ପଛେ ନିଟସ୍ତ କଲବଲ ହେ । ୧୦ ।
ମୋ ନାମ ଲଳିତା ବୋଲି ଜାଣ ନନ୍ଦଲାଲ ହେ
ଛଡ଼ାଇ ଦେବି ଦଣ୍ଡକେ ଏ ସବୁ ଖିଆଲ ହେ । ୧୧ ।
ଆଜ ରାଧିକା ଯେପରି ଦୁଃଖୀ କରାଇଲ ହେ
ସେହି ପରି ଦୁଃଖୀ ହେବ ଯଶୋଦା ଦୁଲାଳ ହେ । ୧୨ ।
ଯାଉଛି ମୁଁ ସଖୀ ପାଶେ କହିବି ଏ ହାଲ ହେ
ଥାଅ ଚନ୍ଦ୍ରାବଳୀ ପ୍ରିୟ କହଇ ଗୋପାଳ ହେ । ୧୩ ।

ରାଗ ଆନନ୍ଦ ଭୈରବୀ—ତ୍ରିପଟା ତାଳ

(ଘେନ ସୁଚନ୍ଦ୍ରେ ଗୋ—ବୃନ୍ଦେ)

କାହା ଶତ୍ରୁ ତାହା ରୂହିଁ ନ ବଳବ ଯାହା ଦେଖିଲି ଗୋ ମା
ଆହା ନବତାରୁଣ୍ୟ ଆହା ସେ କି ଲାବଣ୍ୟ
ଆହା ବ୍ରଜେନ୍ଦ୍ର ପୁଣ୍ୟପୁଞ୍ଜ ଗୋଷ୍ଠ ଚନ୍ଦ୍ରମା ।ପଦ।
ବଳାହକ ନିବହ କଲାରୁ ବଳ ଦେହ
ଡୋଳାରେ ନାଚୁଛି ଗୋ ମା,
ତାଳାତୁଳ ଧ୍ୱଜକୁ ଭୁଲା କୋଟି ଚଳକୁ
ବଳାଉ ଦୃଷ୍ଟି ସରିଗଲା ସବୁ ଗାରିମା ।୧
ନଟିଳାଳକ ଅଧ କୁଟିଳ ଭ୍ରୂରୁ ମଧ୍ୟ
ପଟୀର ତିଳକ ଗୋ ମା,
ନଟୀ ରତ୍ନ କୁଣ୍ଡଳ ଘୋଟିଛି ଗଣ୍ଡସ୍ଥଳ
କଟୀ ପୀତ ଦୁକୂଳହା ତ୍ରିଭଙ୍ଗ ଭଙ୍ଗିମା

ଖଞ୍ଜନ ଯୁଗମଦ　　　ଗଞ୍ଜନ ନେତ୍ର ଦ୍ୱନ୍ଦ
　　କ ଅନୁରଞ୍ଜନ ଗୋ ମା,
କଞ୍ଜ ସଂଯୋଗଅଳି　　　ପ୍ରଭଞ୍ଜନେ ଆନ୍ଦୋଳି
　　ହେଲା ପରିଏ ଚଳ ମଣ୍ଡୁଛି ଶ୍ରୁତି ସୀମା ।୩
ସୁଦ୍ଧା ଜନକର କର　　　ନବାବତାର ମାର
　　ଜବା ସେ ହୋଇଛି ଗୋ ମା,
ନିବାସ ମୁରଲୀର　　　ଶୀବାଭୁ ସୁବର୍ଣ୍ଣର
　　ଜବା ଗର୍ବାପହର ଅଧର ଅରୁଣି ମା ।୪
ଗୋପାଳ କୃଷ୍ଣ ଭାଷେ　　　ଅପାର ଦନରୁ ସେ
　　ଉପାୟୁ କଲେଣି ଗୋ ମା,
ନପାଇ ଅବସର　　　କୃପାମୟୀ ତୁମ୍ଭର
　　ସ୍ୱରୂପ ହୋଇଲାଣି ଶ୍ୟାମ ନେତ୍ର ପ୍ରତିମା ।୫

ଶ୍ରୀରାଧା—ବିରହିଣୀ

ବହ୍ନନାରେ ମଳୟୁ ବାଆ

ଦହନା ବିରହେ ତନୁ···କେବେ ଫେରି ଯାଆ । ପଦ ।
ଶ୍ୟାମ ବିଚ୍ଛେଦନା ମୁହିଁ ଭୁଞ୍ଜାଇଛି ମାୟୁ
ଏ ଭବ ଭବନେ ମୋର କେହି ନାହିଁ ସାହା । ୧
ରେ କଳା କୋକିଳ ବୃଥା ହେବୁ ଯେବେ ବାୟୁ
ଏ ସଂସାରୁ ପୋଛି ଦେବି ମୁଁ ତୋହର ନାଆଁ । ୨
କଳା କଳା ମେଘ ଘୋଟି ଦେଲେ ଉପଦ୍ରୁବୁ
ମୋର ଅଭିଶାପେ ପୋଡ଼ି ହୋଇ ଯିବ ଧୂଆଁ । ୩
କଳା ଭୃଙ୍ଗ ଦେଖି ବଡ଼ ଲାଗୁଛି ଘୃଣିଆଁ ।
ତେଣୁ ତରୁ ଲତାରେ ମୁଁ ଜଳାଇଛି ନିଆଁ । ୪
କଳା ପ୍ରତି ମୋ ଅନ୍ତରେ ନାହିଁ ଟିକେ ଦୟା
ଗୋପାଳକୃଷ୍ଣ ଭାଷଇ ହୋଇ ଅମାନିଆ । ୫

ଶ୍ରୀକୃଷ୍ଣଙ୍କ ଅନୁଚିନ୍ତା

ତାଳ—ଏକତାଳି

କି କଲି ମୁଁ—ଖିଆଲେ ବୁଦ୍ଧି ହରାଇଲି
ମନ୍ଦ ମଦନ ମାଦକେପଥ ହୁଡ଼ିଲିରେ । ପଦ ।
କାଳୀ କଳାହକ କେଶୀ ଗର୍ବ ଖର୍ବସ୍ମିତ ହାସୀ
ଗରବ ଦଳାଇ କିବା ଖ୍ୟାତି ଅର୍ଜିଲିରେ । ୧
ଅଭିସାରିକା ସେବାଳୀ କୁଂଜେ ନଶି ପୁଚ୍ଛାଇଲି
ସଙ୍କେତ ଦେଇଣ ତାକୁ ନିରାଶ କଲିରେ । ୨
ସେ ନବ ଲାବଣ୍ୟ ବଳୀ କେମନ୍ତେ ଧରିବ ଧୃତି
ଅମୃତ ବୋଲି ଜହର ଖଣ୍ଡ ଗୋଳିଲିରେ । ୩
ସେ ଯେବେ ବନ୍ଧିବ ବେଷ ଯୋଗୀ ହେବି ତ ମୁଁ ଉଦାସ
କଜ୍ଜଳ ଘୋର ଅଂଧାରେ ପଥ ହୁଡ଼ିଲିରେ । ୪
ନମାନିଲେ ଯୋଷାବର ଜନମେ ଧରିବି କର
ଗୋପାଳକୃଷ୍ଣ ଶଙ୍କର ହାରିତ ଗଲି ମୁଁ ଗଲିରେ । ୫

—×—

ବିଶାଖା ଏବଂ ଶ୍ରୀରାଧାଙ୍କ

ଉକ୍ତି—ପ୍ରତ୍ୟୁକ୍ତି

(ଗଲଣିତ ଗଳ୍ପ କଥା—ଛୁଟେ)

ବିଶାଖା—ହେଲା କଥା ଅଘଟନ ଗୋ କିଶୋରି !···
ଶ୍ରୀରାଧା—ସେ ଧୂର୍ତ୍ତ ଲମ୍ପଟ ପୀତପଟ୍ଟଠାରେ କହିଲି ଦୁର୍ଜ୍ଜୟ ମାନ । ୧
ବିଶାଖା—ଏ ଆଶ୍ଚ ରହିବ ଟିକି ଗୋ କିଶୋରି !
ଶ୍ରୀରାଧା—ଗୋଳ ଜହରକୁ ପିଇବି ବିଶାଖେ
ଯେବେ ନପାରିବ ରଖି । ୨ ।
ବିଶାଖା—ପ୍ରାଣଥିଲେ ମିଳେ କୃଷ୍ଣ ଗୋ କିଶୋରି !
ଶ୍ରୀରାଧା—କୃଷ୍ଣ ନାମ କହ ଆଜ ଗୋ ବିଶାଖେ !
ଉଠନା ମୋ ପ୍ରାଣେ କଷ୍ଟ । ୩ ।

ବିଶାଖା—ଏ ଜଗତ କୃଷ୍ଣ ମୟ ଗୋ କିଶୋରି !
ଶ୍ରୀରାଧା—କଳା ବୋଲି ସେହୁ ତେଜିଲି ବିଶାଖେ
ପୁଞ୍ଜିଣି କିପାଇଁ କହ ।୪।

ବିଶାଖା—ଧଳା ପାଖେ ଥାଏ କଳା ଗୋ କିଶୋରି !
ଶ୍ରୀରାଧା—କଳାକୁ ତେଜି ମୁଁ ଆଦରି ନେଇଛି
ଅନ୍ୟରଙ୍ଗ ଭୁଲେ ଧଳା ।୫।

ବିଶାଖା—କଳା ତ ଅଟେ ରଜନୀ ଗୋ କିଶୋରି !
ଶ୍ରୀରାଧା—ଆଲୋକ ଜଳାଇ କଳାକୁ ମୁଁ ଧଳା
କରିବି ପ୍ରାଣ ସଜନୀ ।୬।

ବିଶାଖା—କଳା ଯମୁନାର ନୀର ଗୋ କିଶୋରି !
ଶ୍ରୀରାଧା—ସେ ଜଳେ କେବେ ମୁଁ ସ୍ନାନ
ନକରିବି କହିଲି ନିରାଟ ଗିର ।୭।

ବିଶାଖା—ଆକାଶ କଳା ଅଟଇ ଗୋ କିଶୋରି !
ଶ୍ରୀରାଧା—ପ୍ରାଣେ ଥିବାଯାଏ ଗୁଲିବି ବିଶାଖେ
କେବଳ ତଳକୁ ଚାହିଁ ।୮।

ବିଶାଖା—ତଳେ କଳା ଦୁର୍ବାଦଳ ଗୋ କିଶୋରି !
ଶ୍ରୀରାଧା—କେଦାର ପ୍ରାନ୍ତରେ ନଯାଇ
ଉଆସେ କାଟିବି ଜୀବନ କାଳ ।୯।

ବିଶାଖା—ତୋ ମସ୍ତକେ କଳା କେଶ ଗୋ କିଶୋରି !
ଶ୍ରୀରାଧା—ଗୋଟି ଗୋଟି କରି ଓପାଡ଼ାଇ ଦେବି
ଲଗାଇ ଖଣ୍ଡି ପାଉଁଶ ।୧୦।

ବିଶାଖା—ଭ୍ରୂ ଲତା କିସ କରିବୁ ଗୋ କିଶୋରି !
ଶ୍ରୀରାଧା—କ୍ଷୌରକାର ଡାକି ତଣାଇ ଦେଇ ମୁଁ
ପୋଡ଼ି ପକାଇବି ସବୁ ।୧୧।

ବିଶାଖା—ଆଖି ପତାକୁ ଭୁ ଅବା ଗୋ କିଶୋରି !
ଶ୍ରୀରାଧା—ଦେଖି ନହୁଏ ସେ ତେଣୁ ତା ପାଇଁକି
ନାହିଁ ମୋ ମନେ ଶୋଚନା ୧୨।

ବିଶାଖା—ଆଖି ଢୋଳା ସବୁ କଳା ଗୋ କିଶୋରି !
ଶ୍ରୀରାଧା—ଚୁମ୍ବ ଧରି ତାକୁ ଚାହିଁବ ବିଶାଖେ !
ଛିଣ୍ଡି ଯିବ ସବୁ ଜ୍ୱାଳା ।୧୩।
ବିଶାଖା—ଏ ଦୁର୍ବୁଦ୍ଧି ଛାଡ଼ ଦିଅ ଗୋ କିଶୋରି !
ଶ୍ରୀରାଧା—କରଧରି ସଖି ବିନତି କରୁଛି
ଆଜି ମୋତେ ନକଳାଅ ।୧୪।
ବିଶାଖା—ତୁ ଆମ୍ଭର ଗଳାମାଳି ଗୋ କିଶୋରି !
ଶ୍ରୀରାଧା—ଛାଡ଼ିଦିଅ ମୋର ଆଶା ଗୋ ବିଶାଖେ
ଭାଗ୍ୟ ମୋ ଯାଇଛି ଜଳି ।୧୫।
ବିଶାଖା—ନଦିଅ ଏ କଦର୍ଥନ ଗୋ କିଶୋରି !
ଶ୍ରୀରାଧା—କି ଲଭ ଆଜି ଏ ଅସାର ଜୀବନେ
ପର କଲେ ଶ୍ୟାମଘନ ।୧୬।
ବିଶାଖା—ସବୁ କଥା ତୁଟି ଯିବ ଗୋ କିଶୋରି !
ଶ୍ରୀରାଧା—ତୁଟିବା କଥା ତୁ କହନା ବିଶାଖେ !
ଗୋପାଳ କୃଷ୍ଣର ଭାବ ।୧୭।

—*—

ସଖୀମାନଙ୍କପ୍ରତି ଚନ୍ଦ୍ରାବଳୀ

(ତାଳ—ଝମ୍ପକ)

ନୟନେ ଦେଖିଲି ନାହିଁ ତାରେ
ଶୁଣିଛି ମୁରଲୀ ରେ
ମନପ୍ରାଣ ଯାଚିଲି ହୋଇ
ଦେଇଅଛି ଡ଼ାଳରେ
ସଙ୍ଗୀତ । ପଦ ।
ପୀତ ପଛିଆ କାହ୍ନୁ
ଭୁଲି ଲୁଚେ ନୟନୁ

ଲାସ୍ୟ ରତା   ମିଳନ୍ଦ ଭଙ୍ଗୀ
ମିଶିଛି ତା ଗୀତରେ
ସଙ୍ଗୀତ । ୧ ।

ହାଣିଲେ ନେତ୍ର କୁନ୍ତ
ଛନକା ଉଠେ ଚିତ୍ତ
ଜଳି ଉଠେ   ଛାତିରେ ନିଆଁ
ଯାଏ ମୁଁ ଚହଲରେ
ସଙ୍ଗୀତ । ୨ ।

ଡାକେ ସେ ବଂଶୀଧାରୀ
ପାଲେ ପଡ଼ିଲି ଧରା
ଭରମରେ   ନରମି ଯାଇ
ସରମେ ସରିଲିରେ
ସଙ୍ଗୀତ । ୩ ।

ଅପାଙ୍ଗେ ଚାହିଁ ଥରେ
କୋଇଲି ମଧୁ ସ୍ୱରେ
କୁଞ୍ଜପଥେ   ଆସ ଗୋ ଧନି
ତୁ ନବ ଛଇଳିଟିରେ
ସଙ୍ଗୀତ । ୪ ।

ତା ଅପରୂପ ଛବି
ଦେଖି ମୁଁ ଗଲି ଦ୍ରବି
ନପାରିଲି   ମୂରୁଛି ତଳେ
ତା ବଚନେ ଭୁଲିଲିରେ
ସଙ୍ଗୀତ । ୫ ।

ମୋ କର ଧରି ଧୀରେ
ନେଲା କୁଞ୍ଜକୁ ଖରେ
କୋଳେଧରି   ଚୁମ୍ବନ୍ତେ ଗଣ୍ଡ
ମୋହିତ ହୋଇଲିରେ
ସଙ୍ଗୀତ । ୬ ।

ଶୀତ ପକ୍ଷିଆ ଶ୍ରୀପତି
କେତେ ରଙ୍ଗେ କଲା ପ୍ରୀତି
ରସାଇଲା ମନକୁ ମୋର
ତା ତନୁରେ ଜଡ଼ିଲେ
ସଙ୍ଗାତ । ୭ ।

ରଜନୀ ଗଲା ପାହି
ଜାଣି ପାରିଲି ତାହିଁ
ଭସିଗଲି ମଧୁ ମାଦକେ
ବାହୁରେ ଭିଡ଼ିଲାରେ
ସଙ୍ଗାତ । ୮ ।

ଡାକନ୍ତେ କାକ ପିକ
ମନେ ଲାଗିଲା ଦକ
ଘର କଥା ପଡ଼ିଲା ମନେ
କାନସ୍ତେ କହିଲିରେ
ସଂଗାତ । ୯ ।

ଛାଡ଼ ହେ ଆନନ୍ଦକନ୍ଦ
ମୋର ଶାଶୁ ନଣନ୍ଦ
ଧିଙ୍ଗାସରେ ଗଞ୍ଜିବେ ମୋତେ
ମୁଁ କି ଲାଜେ ସଡ଼ିଲିରେ ସଙ୍ଗାତ । ୧୦ ।

ସେ ନଟପଟଳ ରଞ୍ଜା
କହିଲେ ବେଗେ ଯା' ଯା'
କଣା ଏଣୀ ଘରୁଏ କେଗି
ପଳାଇ ଅଇଲି ରେ ସଙ୍ଗାତ ।୧୧।

ସେବକୁ ପ୍ରୀରକ୍ଷିତ
ଗୁଣ୍ଡରେ ହେଲା ଗାର
କହନ୍ତି ଶ୍ରୀ ଗୋପାଳକୃଷ୍ଣ
ସେ ମୋର ଗଳା ମାଳରେ ସଙ୍ଗାତ ।୧୨।

—*—

ରାଗ ଖର ହରପ୍ରିୟା—ତାଳ ମିଶ୍ରଚାପ

ମାନସ ଭବ । ରାଧା ମାଧବ
ନୂତନ ଭେଟ ମହୋତ୍ସବ ମାଧୁର୍ଯ୍ୟ ସେବା
ଶ୍ୟାମ କୁଞ୍ଜରେ ରାଧା ଆଜରେ
ତାର ତରଳ ଡୋଳା ଖେଳା ଲୁଚୁରି । ୧
ଆଳୀ ନକର କେଳି ମନ୍ଦର
ଦୁଆର ରୁଦ୍ଧ ଦେବାର କର ଧର । ୨
ସଙ୍ଗିମା ବାସ ନଟେଶ ରାସ-
ରଙ୍ଗିମା ଥକାବାର ଲଜେ ଦେବି । ୩
ସଖୀ ବସନ୍ତ ଅଣୁ ଶ୍ରୀମଣି
ଆସୁ ନିକଟକୁ ନିକୁଞ୍ଜ ବାହାରି । ୪
ଭ୍ରମରରାଜ ହେମ ପଙ୍କଜ
ନେଲପର ଦେବାର ନବ କଣୋଣି । ୫
ହେଲ ସନ୍ତୁଷ୍ଟ ଗୋପାଳକୃଷ୍ଣ
ଧୀରେ କବାଟ ପୂଟ ଟାଣି ଓଟାର । ୬

—*—

ଶ୍ରୀକୃଷ୍ଣ ଦର୍ଶନେ ସଖୀଗଣ

ତାଳ—ଯତି

ଚାଲ ଆସେ ମୋହନ ମୂରତି ଗୋ । ରସବନ୍ତି
ବ୍ରଜ ପୁର ଶୋଭାର ସଂପତ୍ତି ଗୋ । ରସବନ୍ତି । ପଦ ।
ତେଜ ଲଜ୍ଜ ଅଭିମାନ
ବନ୍ଧୁଙ୍କୁ କର ଦର୍ଶନ
ଏ ପରା ଅଖିଳ ଜନଭୂତି ଗୋ । ୧
ହୁଲୁ ଭୁଲୁ ନାଚବାର
ମୁରୁକି ହସିବା ସାର
ଦେଖି କହ ରତିକ କା ଧୃତି ଗୋ । ୨

ଗଳେ ମାଳୋପୂକ ମାଳ
କଟୀରେ ପୀତ ଦୁକୂଳ
ଚୂଡ଼ାରେ ଖଞ୍ଜିଛି ବାସ ଫୁଲ ନାନା ଜାତି ଗୋ । ୩
ଶିରେ ବରଷ୍ଟ ମୁକୁଟ
ଦିଶେ କେତେ ଝଟ ଝଟ
ବନ୍ଦେ ବଂଶୀ ବାଇ କରେ ଜଗାଉ ଏମିତି ଗୋ । ୪
ଏ ବନ୍ଧ ଗୁହାଁଣୀ ତାର
ଦନ୍ତ ଚନ୍ଦ ଛାଞ୍ଚିବାର
ନନ୍ଦଙ୍କୁ ହାଣୀ ଯେମନ୍ତ ତାଣ ଥିଲ ହାଣ୍ଡି ଗୋ । ୫
ନୟନେ କଣୀ କଳଣ
କଟାକ୍ଷେ ମାର ମାର୍ଗଣ
ନାଗରୀ ମାରିବା ପାଇଁ ରଖିଛନ୍ତି ସାଇତି ଗୋ । ୬
ଭଙ୍ଗୀତାର ଆନ ଆନ
କୋଟି କନ୍ଦର୍ପ ସମାନ
ଦେଖିଲେକେ ମୁ ବୁଝିବ ଠାଣି ନଜ ଧୃଷ୍ଟି ଗୋ । ୭
ଗୋପାଳ କୃଷ୍ଣ ଭଣେଇ
ଅଧ ଅଂଶେ ସର୍ବ ସନ୍ଧି
ମନ ମୋହନ ରୂପରେ ମିଶାଇବା ଯୁକ୍ତି ଗୋ । ।

ରାଗ ଶଙ୍କରା ଭରଣ—ମିଶ୍ର ଏକ ତାଳ

(ହରି ବସିଛୁ କଶୋଷ ପ୍ରଭ—ବ୍ରତେ)

ସାଧକ ଦେହାନ୍ତର ଲାଳସା

(ଏହି ସଙ୍ଗୀତରେ କବି ତାଙ୍କ ନିଜ ମନର ବାସନାକୁ ବ୍ୟକ୍ତ କରିଛନ୍ତି । ସଂସାରର ଅଳୀକ ମାୟାପ୍ରତି ଆକୃଷ୍ଟ ନହୋଇ ରାଧାକୃଷ୍ଣଙ୍କ ଶରଣପଞ୍ଜରେ ଆଶ୍ରୟ ନେବାକୁ ତାଙ୍କ ମନ ପାଗଳ ହୋଇ ଉଠିଛି । ଭାଷା ସରଳ ଭାବ ଗମ୍ଭୀର ହୋଇଥିବାରୁ ପ୍ରତ୍ୟେକ ସଙ୍ଗୀତ ପ୍ରେମିଙ୍କ ଏହା ଆଦରଣୀୟ ହୋଇ ପାରିଛି ।

ସଂକଳୟିତା)

ଦୟାମୟି ଦଣ୍ଡିବ ଯିବାକାଳରେ ମୋ ଜୀବ ଯିବ—ଯେ
ବ୍ରଜବଧୂଙ୍କ ଅଙ୍କରେ ଥିବ ଯେ ।ପଦ ।
ଦନ୍ତେ ତଂଶିତୃଣ, କରୁଛି ଜଣାଣ, ଶୁଣ ପୁଣ ଏହି ସ୍ତବ;
ଶରଣ ମୁଁ ହୋଇଥିଲି ଶ୍ରୀ ଚରଣ ହୃଦେ ମୋର ଉଦେହେବ ଯେ ।୧
ରମଣଙ୍କୁ ନାଗବଲ୍ଲୀ ଯାଚି ଯାଚି ମୋ ଆଡ଼େ ତୋଳା ତାଳବ
କୃପା କଟାକ୍ଷ ପୀୟୁଷ ପଡ଼ି ମୋର ଅପଘନ ଉଲ୍ଲସିବ ଯେ ।୨
ଅକଳଂକ ପୂର୍ଣ୍ଣଚନ୍ଦ୍ର ମୁଖ ହୃଦ ତଯ ଛଣି ଆଖି ଦେଖିବ
କୋଟିଏ ଜନ୍ମର ଦୁଃଖ ଦୂର ହୋଇ ଆନନ୍ଦାଶ୍ରୁ ବର୍ଷିବଯେ ।୩
ଜୟ ଶ୍ରୀରାଧା ଗୋବିନ୍ଦ ବୋଲି ନାମ ବଦନରୁ ଉଚ୍ଚରିବ
ମଥାରେ ଗୃମୁକୁ ଡ଼ାକିଲା ପରାଏ ମାନସରେ ଆଶ୍ରୟିବ ଯେ ।୪
ଗୋପାଳ କୃଷ୍ଣ ଭଣେ ଶ୍ରୀ-ଗୁରୁଦେବ ଦତ୍ତ ଦେହେ ପ୍ରବେଶିବ
ଅରୁଣ ଅମଳ କମଳ ଅଂଘ୍ରିର ସେବାରେ ନିଯୁକ୍ତ ହେବ ଯେ ।୫

ରାଗ କୀରବାଣୀ ତୀଣ୍ଡ୍ରପଣ୍ଡି ଏକ ତାଳ

କି ଶୁଣିଲି ଆଜ ନୂଆ କରବେ
ସଡଟିକି କହ ସହଚରରେ
ଭୁ ସୁଣି କଶୋର ମଣିକ ବଳେ୍ଲକ
ମଥାପୋଷ ଗଲୁ ଅପସଣରେ ।ପଦ।

ସ୍ମରଣା କରୁଛି ଅଦୃଷ୍ଟକୁ
ଯାହା ମୂରତି କ ଦେଖିବାକୁ
ଯୋଡ଼ଏ ନୟନ ଦେଲୁ ବୋଲି ଯେତେ
ନିନ୍ଦା କରୁଥାନ୍ତୁ ବିଧାତାକୁ ।୧

ଖବଣି ନମୁ ଛୁଚ୍ଛି ଶଙ୍ଖପଟ
ବନକୁ ଯିବା ଆସିବା ବାଟ
ଜଗି ବସିଥାଉ ଶିଖଣ୍ଡ ମୁକୁଟ
ଭେଟକୁ କେ କଲା ଏଡ଼େ କୂଟ ।୨

ନିରେଖି ନଭରେ ଘାରିଘନକୁ
ପୁଲକାଇ ଦେଉ ଶ୍ରୀ ଅଙ୍ଗକୁ
ଯା ତନୁ କାନ୍ତିକି ଲକ୍ଷ ବୋଲି ପକ୍ଷ
ନେଉଥାଇ ପରଇମ୍ଭଣକୁ ।୩

ଗୋବର୍ଦ୍ଧନ ଶିଖରରେ ରହି
ଗୋଷ୍ଠେନ୍ଦ୍ରସୁତ ପଥକୁ ଚାହିଁ
ବନ ବିଥାମରେ ଦ୍ୟୁମଣି ଶିଳାରେ
ଉଭାହେବା ଲୋଭ ଗଲା କାହିଁ ।୪

ଭାଷନ୍ତି ଶ୍ରୀମତୀ ହସି ଧୀରେ
ଗୁରୁଜନେ ଥିଲେ ପୁରତରେ
ଗୋପାଳକୃଷ୍ଣ କହିଲ ଠାଉ କୃଷ୍ଣ
ଜଗିଛନ୍ତି କୁଞ୍ଜ ବାଟିକାରେ ।୫

ରାଗ ମାଳବ ଗୌଡ଼ା—ମିଶ୍ରଚାପ ତାଳ

(ଗଳ୍ପିତ ଗଳ୍ପ କଥାରେ—ବୃନ୍ଦେ)

କହିଲେ ବହିବୁ ରୋଷରେ, ସଙ୍ଗାତ
ଭୁଲି ଯେନବାକୁ ଅଛୁ କି ଆଉରି ନିକୁଂଜ ବନ୍ଧାଣି ଦୋଷରେ ।ପଦ।
ବ୍ରଜ ପୁରନ୍ଦର ନନ୍ଦନ ସୁନ୍ଦର ବୃନ୍ଦ ଚଞ୍ଚ ବରଣିକ
କର ଯୋଡ଼ରେ ନମ୍ରିଲୁ ଇତର ଆଡ଼େ ନଡ଼ାନ୍ତୁ ଦୃଷ୍ଟିକ । ୧
ଥରକୁ ଥର ପତ୍ରାବଳୀ ମକରୀ ଲେଖୁ ଥିବ ଅଙ୍ଗେ ନାହିଁ
ଆଜି ଯେତେ ସେବା ଆଳୀ ଅଜଣାରେ ତୋତେ ଏକାସାକ୍ଷୀ ଭୁଲି ।୨
କି କରୁଣାହାନ୍ତି ତୋର ନାଗରବର ଛାଇ ପର ପାଶେ ଥାଇ
ଭୁ ସିନା ନିଷେଧ କରୁଛୁ ଅସିଲେ ସେ ଲକ୍ଷା ଲେଖିବା ପାଇଁ । ୩
ସଜ୍ଜଏ ଶୁଣୁଛୁ ହୋଇଲେ ଅନ୍ତର ତୋ ପାଦ ତଳ୍ପର ଧୂଳି
କୋଳ ଦେଉଛନ୍ତି ଲୁହ ପୋଛି ପୋଛି ବୃନ୍ଦାବନ ଯାକ ବୁଲି । ୪
ଶୁଣି ସଖୀ ବାଣୀ ଶ୍ରୀ କିଶୋରୀମଣି ଶ୍ୟାମ ଗ୍ରାମରେ ମିଳିଲେ
ଗୋପାଳ କୃଷ୍ଣ ପଦାମ୍ବୁଜ ପୋଛୁ ପୋଛୁ ମୋହନ କୋଳକୁ ନେଲେ । ୫

ବୃନ୍ଦାପ୍ରତି—ଶ୍ରୀକୃଷ୍ଣ

ତାଳ—ଆଠତାଳି

ବୃନ୍ଦେ ଗୋ । ଅପରାଧ କ୍ଷମା ଲାଗି କହ ଛଇଳକୁ
ଜାଣିକେ ମନ୍ଦଇ କୋପି ଥିବା କନ୍ଦଳକୁ । ୧।

କଣାଜନ ଠାରେ ଜଣା
ପ୍ରଭୁ ନକରେ କରୁଣା
ଯାହା କରୁ ରସବଣ୍ଟ
ଚନ୍ଦ୍ରେ ସ୍ଥା ଖଳଙ୍କୁ । ୧

ରସାଳସା ରସାଣାରେ
ଅବତାର ମୋ ରସାରେ

ଦାସୀ କରି କରୁଅଛୁ
ମୁଁ କର ମାଳକ । ୨
ବନ୍ଧୁ ହୋଇ କୁପିତ
କରୁ ଅଛୁ ହନ୍ତ ସନ୍ତ
ନିରବଧି ଚିତ୍ତକୁ ମୋ
ଦେଉଅଛୁ ଜାଳକ । ୩
ଜମ୍ବୁନଦ ଗୋସ୍ୱ • ଲଗି
ଜଗତେ ମୁଁ ଅନୁରାଗି
ଯୋଷାବର ଅଟେ ସିନା
ମୋ ଭଜନ ଥାଳିକ । ୪
କରିବ ଯେବେ ନିରାଶ
ଭକ୍ଷି କାଳ କୂଟ ବିଷ
ନାଶ ହୋଇ ଛଡ଼ାଇବି
ପ୍ରାଣୁ ଦୁଃଖ କାଳିକ । ୫
ଅନୁକଂପା ପରକାଶି
କୋପନା ମୋ ଦୁଃଖ ନାଶି
କ୍ଷମା ଦେଉ ଏଥରକ
ସେନ ନଉ ଗ୍ଲାନିକ । ୬
ଗୋପାଳ କୃଷ୍ଣ ରଚନ
ଚଳ ଗୋ ବୃନ୍ଦେ ବନ୍ଧନ
ସେନାଇ ମୋ ଲାଗି କନ୍ଧ
ନାଗରୀ ମଣ୍ଡଳିକ । ୭

ରାଗ ଶ୍ରୀ—ଆଦିତାଳ

ମୋହନ ଯା ଯା ତୁ ତୁଅଁ ନା । ପଦ ।
ବାରଣ ପର ନ ଘେନ ବାରଣ ବାଳକ ପରି ହୋନା
ବାର ଆଜ ଶ୍ରୀମିନ୍ଧ ମୁଁ ପୂଜନ୍ତ ଅପକାରନ୍ତ ବହନା । ୧
ବାଟ ନିକଟ ନଟବର ନିପଟ ପାଟକ ଗୋପକାନ୍ତ
ହାଟ ଘାଟରେ ପଶୁପୀ ଲମ୍ପଟ ପାପ ତେଜ ଅପଖ୍ୟାନ୍ତ । ୨
ଅନ୍ତର ହୁଅ ଧ୍ୱାନ୍ତ ସହଚର କାନ୍ତ ଆସିବେଟି ମୋର
ସ୍ୱାନ୍ତରେ ରଖି ହନ୍ତକ କଂସକୁ କହ୍ନ ସାରିବେ ସଂସାର । ୩
ଆଳୀ ଅଇଲେ ତାଳ ଦେଇ କରତାଳ ମାରିବେଟି ଶୂଳ
ଶାଳୀ ଟାପରା ସେ ଚନ୍ଦ୍ରାବଳୀକି କରିବୁ ଯା ବନମାଳ । ୪
ପାଣି କୋରକୀକୃତ କରି ସେ ହରି ସେବକୀ ବୋଲୁ ମୁହିଁ
ଜାଣି ସେବ ବୋଲ ସେବକାନ୍ତରେ ଗୋପାଳକୃଷ୍ଣ କହଇ । ୫

ରାଗ ଶ୍ରୀ—ଆଦିତାଳ

(ନାହିଁ ମୋ ଗନ୍ତ ରୋ ବିନାରେ କୁନ୍ଦରଦନା—ବୃତ୍ତେ)

କେ କି କହିକଲା ମନାରେ ଚନ୍ଦ୍ର ବଦନା । ପଦ ।
ଯାସୋର ଦେଲୁ କେମନ୍ତେ ଅଙ୍କେ ଧରି ସୁରତାନ୍ତେ
ବୋଲୁ ମୋ ଗଣ୍ଡିର ସୁନାରେ । ୧ ।
ଆଗେ ପଠାଇ ଆଳୀକି ଆସିଥାଉ ଦେହଳୀକି
ଯାଗ୍ରେଛି ଘନଜଘନା ରେ । ୨ ।
ତନୁ ମାସ ଫୁଲ ପରି ହେଉଥାଇ ଜବାଧରି
ଶୁଣିଲ୍ଲ ଷଡ଼ୀ ମୋର ନାରେ । ୩ ।
ପ୍ରୀତି ବହୁଳା ପଣରେ ନାହିଁ ଜଗତ ଯାକରେ
ଭଳେନଥିଲ୍ଲ ଭୁଲନାରେ । ୪ ।
ହସି ହସି ଲାଜେ କଥା କହି ପୋଛିବାର ମଥା
କାହିଁଗଲା ସେ ଲୁବନାରେ । ୫ ।

ଗୋପାଳ କୃଷ୍ଣ କହଇ ପର୍ବ ପରି ବେଶ ହୋଇ
ଥରେ ଦଶା ହେଉ କ ନାରେ । ୬ ।

ରାଗ ଶଙ୍କରାଭରଣ—ରୂପକ ତାଳ

ଲାଗି ଲାଗି ସଙ୍ଗିନି ମୋତେ ସରକ ପକାଇ ଦେଲ
ମୋହନ ହାତେ । ପଦ ।
ନାହିଁ ନାହିଁ କରୁଥିଲି ଫୁଲ ତୋଳିଯିବା ବୋଲି
ଘେନିଗଲ ଯେ ଭୁଲାଇ କୁଞ୍ଜବନକୁ ସଙ୍ଗତେ । ୧ ।
କେବେ ହେଲେ ଯେ ବର୍ବର ସହି ତାଙ୍କର ତୋହର
ଅଲଙ୍ଘ୍ୟ ପଣ୍ଡ ବରତା ବ୍ରତ ନାଶିଲ ଇଷତେ । ୨
ବୃନ୍ଦାଜାଣିଗଲେ ଅତ ସଙ୍ଗତ ଯାକ ଯାବନ୍ତ
ହସି ହସି ମାଳା ଦେଲେ ଆଜ ବସି ମୋ ପୁରତେ । ୩
ବରଜ ଯାକ ଶୁଣିବେ ଶ୍ରୀ ପୌର୍ଣ୍ଣମାସୀ ଜାଣିବେ
ଚନ୍ଦ୍ରାବଳୀ ପରି ରାଧା ହେଲା ବୋଲିବେ ଜଗତେ । ୪
ଗୋପାଳକୃଷ୍ଣ କହଇ ସେ ପଚାରେ ମୁଁ ନୁହଁଇ
ସରିଛି ବିବାଦ ସବୁ ଧୂଳିରେ ନାହିଁ କଅତେ । ୫ ।

ରାଗ କୀରବାଣୀ—ଆଦିତାଳ

ସହି ତୋ ପରି କେହି ଦିଶୁନାହିଁ । ପଦ ।
ନାଗରୀ ଅଗ୍ରଗିରୀ ବହି ଦେଇଛି ପରା
ଶ୍ୟାମ ନୟନେ ତୋତେ ଲହି । ୧ ।
ପୁରତେ ଚନ୍ଦ୍ରାବଳୀ ପଦ୍ମା ସବ୍ୟାଦି ଆଦି
ଥାଉ ବୋଲନ୍ତି ରାଧେ ଛାହି । ୨ ।
ଧନ୍ୟରେ ଧନ୍ୟ ଭନ ଭୁବନେ ଚନ୍ଦ୍ରାନନା
ମୋହନ କୁ ପାରିଲୁ ମୋହି । ୩ ।

କେଶର ନକୁଞ୍ଜରେ କଣଲସ୍ନ ଶେଯରେ
କି ଦଶା ଆସିବଟି ରହିଁ । ୪ ।
ଗୋପାଳକୃଷ୍ଣ ବୋଲେ ସେନ୍ହ ସଙ୍ଗେ ମିଳଲେ
ବ୍ରଜବଧୂ ଅଛନ୍ତି ପହିଁ । ୫ ।

—୪୦—

ଶ୍ରୀକୃଷ୍ଣଙ୍କ ପ୍ରତି ସଖୀଗଣ

ନବ ନାଗର ବର ହେ
ବିନା ଦୋଷେ ରାଇକି କଲତ ପରହେ । ପଦ ।
ପଙ୍କ ପୁରୁଷ ତୁମେ ଉର୍ବୀ ପାଳକ
ଗରବ ଗଂଜା ବୋଲି କହନ୍ତି ଲୋକ ହେ । ୧ ।
ପୁଣି କହନ୍ତି ତୁମେ ଦୀନ ସୋଦର
ଆଉଛି ଆଉଁହରା ରଥାଙ୍ଗ ଧର ହେ । ୨ ।
ଆମ୍ଭେ ବୁଝୁଛୁ ଅଛୁ ମିଛ ଏ କଥା
ନଟ କୁଟିଆ ତୁମ୍ଭେ ଖଣ୍ଡ ଦେବତା ହେ । ୩ ।
ରମଣୀ ମରୁ ପ୍ରୀତି ଲମ୍ପଟ ଅତି
ପ୍ରୀତି ପାଇଁ ନବାଛ ଜାତି ଅଜାତି ହେ । ୪ ।
କନକ ଅଙ୍ଗୀ ଆମ ରାଇ କିଶୋରୀ
କୃଷ୍ଣ ପ୍ରାଣ ଗାନ୍ଧର୍ବୀ ରସ ଈଶ୍ବରୀ ହେ । ୫ ।
କି ନାରଖାର ତାକୁ କଲ ମୋହନ
ଦୁଃଖୀ ନୁହ କି ଦେଖି ଦେଖି ତାର କଦନହେ । ୬ ।
କେତେ ଦୁଃଖ ପାଇଲା ତୁମର ଲାଗି
ଥରେ ଯା ହୁଅ ତାର କଦନେ ଭାଗୀ ହେ । ୭ ।
ମାନ କରିଛି ଧନୀ ଅତି ଦୁର୍ଜ୍ଜୟ
ପାର ଯେବେ ଯାଇଣ କର ଆଲୟ ହେ । ୮ ।
ସବୁ ହୃଦର ଜାଣ ହେ ନଟବର
ଛୁଟେକେ ଭାଙ୍ଗ ରାଈ ମାନ ସତ୍ତ୍ୱର ହେ । ୯ ।

ହେଲା କଲେ ଭେଳାଟି ଯିବ ବୁଡ଼ିଣ
ଶମନ ପୁରେ ଯିବ ଗାଣ୍ଠି ପଗାଣ ହେ । ୧୦ ।
କେଉଁ ଉପାୟ କର ହଟାଅ କଷ୍ଟ
କରେ ଏତେ ମାଗୁଣୀ ଗୋପାଳ କୃଷ୍ଣ ହେ । ୧୧ ।

ସଖୀମାନଙ୍କ ପ୍ରତି—ଶ୍ରୀକୃଷ୍ଣ

ରାଗ—ଖେମଟା

ସଖୀଏ ମୋ ପାଇଁ ଥରେ କହଯା କିଶୋରୀଙ୍କି ଗୋ
କଣାଜନ ମୁହିଁ ମୋତେ ନଦେଅ ପାଶୋରି ଗୋ । ପଦ ।
ନଜାଣି କଲି ମୁଁ ଦୋଷ
କ୍ଷମା ନଥି କଲି ରୋଷ
ଯେବେ ଦଣ୍ଡ ଦେବ ଦେଉ ସୁରତେ ବଗୃରିକି ଗୋ । ୧ ।
ହୁଡ଼ିଗଲି ମାତ୍ର ଥରେ
କଣା ହୋଇ ଅନ୍ଧକାରେ
ଏଣିକି ହୁଡ଼ିବ ନାହିଁ ଆସିବ ପଛୁରି କି ଗୋ । ୨ ।
ମୁଁ ରଙ୍କର ମୋର ରାଣ୍ଠି
ବିନୁ ଅନ୍ୟ ଗତି ନାହିଁ
ପର କରିବ ସେ ଯେବେ ହେବି ବନ ବୃହକି ଗୋ । ୩ ।
ନୋହିଲେ କାଳନ୍ଦୀ ନୀରେ
ଝାସ ଦେବି ବିରହରେ
ଗୋପାଳ କୃଷ୍ଣର ଗିର—ନଷ୍ଟ ଯିବ ସରି କି ଗୋ । ୪ ।

ଶ୍ରୀରାଧାଙ୍କ ପ୍ରତି—ସଖୀଗଣ

ତାଳ—ଏକତାଳ

ଗୁମାନ ତେଜ ଏଥର କିଶୋରୀମଣି
ଗୁଣ୍ଡି ନକର ପଥର । ପଦ ।
ବାରଣ ଗମନାରେ ଅକାରଣେ କିମ୍ପାଇଁ
ମରଣ ଲୋଡ଼ୁ ବନ୍ଧୁ ଶରଣ ତେଜି ଦେଇ
ବର ବରଣ ଦେହା
ତରଣୀ ସୁତନୟା
ମାର ମାର୍ଗଣା ଘାତେ ଉଣା ନକର ମାୟା
ଗୁଣା କର ତୋ ଲାଗି
ବଣେ ହେଣେଣି ବାୟା
ଠାଣ ପଣ ବରଜ ମଟିନେ ଆପଣାର । ୧ ।
ବଣା କୁରଙ୍ଗୀ ନୟନା—କିଶୋରୀମଣି
ନହୁଅ ଆଜ ମାନନୀ
ଷଣ କୁସୁମ ଜଣା ତନୁକୁରେ ନବାନା
ଉଣା କରୁ କି ଲାଗି କୁପା କାରଣ ବିନା
ମେତୋ ବଣିଲି କନ
ଭୁ'ଡା ପ୍ରାଣର ପ୍ରାଣ
ଅରଣ୍ୟ ସାବ ଘରେ ତୋ ଲାଗି ଶ୍ୟାମରାଣ
ଦାରୁଣ ହେଲେ ରାଣୀ !
ବରଜକ ସେ ପ୍ରାଣ
ଜାଣିବାର ହୋଇଛୁ ହାଣନା ସ୍ମରଣର । ୨ ।
ଜୀବନ ଯେଣ ମୋହନ କିଶୋରୀ ମଣି
ରହିବ ନାହିଁଟି ଯେନ
ବନକାନ୍ତି ଭୁ ମନୁ ନ ତେଜିଲେ ଗୁମାନ
ମନସୁତ ଜନକ ଯିବ ଯମ ସଦନ
ମନ୍ଦ ମଦନ ଶରେ
ଝୁର୍ଣ୍ଣି ସେ ନିରନ୍ତରେ

ମାନ ମୟୀ ତୋ ଲାଗି ନୟନୁ ନୀରଧାରେ
ଜୀବନ ବରଜର
ଜଳ ଅଛି ବହୁଇ । ୩ ।
ତୋ ଜଣା ଜନ ମୋହନା କିଶୋରୀ ମଣି
ତାପ୍ରତି ଲୁବ୍ଧ ଭାବନା
କର ଧରି ତୋହର କହୁ ନାଗରୀବର
ନରକ ନାଶନର ଅରଜ ଘେନା କର
ସରସିଜ ଲୋଚନା
ଦୂରକର ଶୋଚନା
ଧଣୀଧର ଖେଦ ହର ମାରି ମୋଚନ ।
ବଞ୍ଚନା କର ନାହିଁ
ଗୋପାଳକୃଷ୍ଣ ଗିର । ୪ ।

—*—

ରାଗ କୀରବାଣୀ—ମିଶ୍ର ରୂପକତାଳ

ବୁଡ଼ିଗଲୁ ଶ୍ୟାମ ପ୍ରେମରେ । ପଡ଼ି ଭ୍ରମରେ
ଶ୍ରୀରାଧେ ରାଧେ । ପଦ ।
ବରଜ ପ୍ରାଙ୍ଗଣେ ସଖି କରନ୍ତି ନୃତ୍ୟ ନିରେଖି
ବରତନୁରୁ ଥିଲୁ ଧଇର୍ଯ୍ୟ ଉପେକ୍ଷି ରାଧେ । ୧ ।
ପଞ୍ଚଶାଙ୍ଗି ସ୍ୱପନରେ ଜଳ ବିଲୋକିଲୁ ରାତିରେ
ଭାବି ଶୋକ କରୁଥିଲୁ ଧକି ଧକି ଧୀରେ ରାଧେ । ୨ ।
ଫୁଲପରି କଦମ୍ବର ଭୁଲି ଢଳିଲୁ ଶରୀର
ପୁଲକରେ ବସ୍ତ୍ର ପଡେ ବିଲୋକୁ ସୁନ୍ଦର ରାଧେ । ୩ ।
ସୁନାର ସୁନ୍ଦର ତନୁ ଚିନ୍ତା ନୋହେ କଲୁ ତନୁ
ନାନା ଦଶା ହେଲୁ ଦଣ୍ଡେ ନ ପାସୋରି ମନୁ ରାଧେ । ୪ ।
ସଖୀଙ୍କି ଲୁଚିଲ ଦୁଃଖ ରହିଲୁ ଶୁଖାଇ ମୁଖ
ବନ୍ଧକ ସୁମରି ହେଲୁ ସ୍ମର ଶର ଲକ୍ଷ ରାଧେ । ୫ ।

କହିଲେ ବେଷ କହିଲୁ   ନୋହିଲେ ନୋହୁ ବୋଇଲୁ
ମଣିକ ଝୁଣ୍ଟି ନୟନୁ ଲୁହ ବୁହାଇଲୁ ରାଧେ । ୬ ।
ଏ ପ୍ରାଭରେ ନମସ୍କିଲେ   କୃପା ମୟୀ ଆଳୀ କୋଳେ
ଗୋପାଳ କୃଷ୍ଣ ସେବେ ସେ ଅମଳ ପଦ କମଳେ । ୭ ।

ରାଗ ଭୈରବୀ—ମିଶ୍ରରୂପତାଳ

(ସରସିଜନ ଜୀବନେ କଶୋଗ୍ର—ବୃତ୍ତେ)

ଘନ କୁନ୍ତ ! ମାର ମୁଖଁ ଏ ବାରେକ ବଂଶୁରେ । ପଦ ।

ତଳପ ତଳେ ବସନା ଗ୍ରମାବର
ଜଳଦ ସୁଧାକପ୍ରଦ ରୁରୁ ଗିର ।
କଳପ କୋଟି ସୁକୃତ ଫଳ ମୋର
ଅଳପ ଦୃଷ୍ଟିରେ ପଶୁରେ । ୧ ।

ଦ୍ୱାରବାନ୍ତି ସୁନା ଜଡ ସୁବରନି
କାର ଗିର ଦେନ ହୋଇକୁ ମଞ୍ଜମା
ସୁରସ ଦାନ ପଣକୁ ଦେବ ଦ୍ୱାନ
ଗଣ୍ଡୁ ଟେଳାଞ୍ଚଳ ଢୁଞ୍ଚରେ । ୨ ।

ଅବାସ ତନୁ ନେଣ ସୁଖ ନବାସ
ଢଣାଇ ମୋ ପରି ସୁରତରେ ରସ
ହାସ ଚନ୍ଦ୍ରାପ କରି ପରକାଶ
ବେଣୀ ନାଗ୍ୟାମଣି ନଶୁରେ । ୩ ।

ସ୍ତୁର ଗ୍ରହାବେଶ ସୀତ୍କାର ମନ୍ତ୍ରରେ
ଝାଡ଼ ଗୁଡ଼ଇ ଦେଇ କ ନା ସନ୍ତରେ
ଚଖାଇ ସଣ ଅଧର ପୀୟୂଷରେ
ହରବ ଜ୍ୱର ଅତ୍ତୁଶୁରେ । ୪ ।

ଚୋଟେ ଚୁଷାଇଲ ବୋଲରେ ଛଇଲ
ଚରଣ ସୃଷ୍ଟିରେ କାନ୍ଦା ଅରଜଲ
ଗୋପାଳ କୃଷ୍ଣ ଅଙ୍ଗରେ ବାହୁବଲ୍ଲୀ
ଝଡ଼ ବସା ଚୂଡ଼ ସଞ୍ଚାରେ । ୫ ।

—*—

ରାଗ କାମୋଦୀ—ତାଳ ମିଶ୍ରଚାପ

(ଅବହେଳ ଦଇବ କି ଛଡ଼ାଇଲା—ବୃତ୍ତେ)

ରାଧା ରୁଷିଛି ମୋହନଙ୍କୁ ବୋଇଲେ
ହସିବେ ନାହିଁକରେ ଲୋକ ଶୁଣିଲେ । ପଦ ।
ବନରୁ ଆସିବାର   କେବେହେଲେ ଉଚ୍ଚୁର
ମାର ସ୍ଫୁରୁଛି ଯାର ନେହ ଯୁଗଳେ । ୧ ।
ପୀୟୂଷ ସାର ରସ   ଯାର କର ପରଶ
ନୋହିଲେ ତୁହିଁ ନାହାନ୍ତି ଯେ ପହିଲେ । ୨ ।
ଭୁଜ ବଧୂ ଛାମୁରୁ   ପିକା ଆଳୀଙ୍କ ଦୂରୁ
ଦେଖି ଉଠି ଯେ ଉଙ୍କ ହେଉଛି ତଳେ । ୩ ।
ବଦଗ୍ଧ ମିଥୁନର   ପ୍ରଣୟ ଅମର୍ଷର
ପ୍ରାନ୍ତର ଭାବ ଜାଣିବକେ ପାଞ୍ଚିଲେ । ୪ ।
ପୂରିଥିଲେ ଗୁଆଳୀ   ରାସ ମଣ୍ଡଳେ କାଲି
ବାଞ୍ଛୁଥିଲେ ଯେ ଯାକୁ ବସାଇ କୋଳେ । ୫ ।
ପରସ୍ପର ଅଧର   ସୁଧା ଶୀଧୁ ଭୁ ଯାର
ତେଜ ହୁଏ କି ଗୋପାଳ କୃଷ୍ଣ ବୋଲେ । ୬

—*—

ସଖୀମାନଙ୍କ ପ୍ରତି—ଶ୍ରୀରାଧା

ତାଳ—ଝୁପକା

ସଖିରେ ! ଆଉ ନଶୁଣା ତା କଥା

ଶୁଣି ଲାଗଇ ବ୍ୟଥା   ଭରମି ଯାଏ ମଥା
ମୁଁ ତାର କୂଟତ୍ଵ ଜାଣିଥା । ପଦ ।
ଦଗାଦାର ସେ ଭୃଙ୍ଗ ସ୍ଵାର୍ଥକ ବନ୍ଧୁଅଛି
ପ୍ରୀତି ପୀୟୂଷ ଲୋଭେ ଯା କଛି କହୁଅଛି
ନାହିଁ ତାକୁ ବିଶ୍ଵାସ   ନାଗ୍ରମଣି ପୁରୁଷ
କପଟେ କରିବ ହତ୍ୟା । ୧ ।
ମରିବି ବିରହରେ କାତରେ ସହି ଦୁଃଖ
ଆଉ ମୁଁ ନ ଚୁହିଁବି କେବେହେଁ ତାର ମୁଖ
ଏ ମୋର ଦୃଢ ପଣ   ଜାଣ ଗୋ ସଖିଗଣ
କେବେ ନ ହେବ ଅନ୍ୟଥା । ୨ ।
ଯାହା କରିଛି ମୋତେ ସଙ୍କଟେ ବସାଇଣ
ନପାରିବି ପାଶୋରି ପିଣ୍ଡରେ ଥିଲେ ପ୍ରାଣ
ନିଷ୍ଠୁର ସେ ମାଧୋଇ   ତାକୁ ପରତେ ନାହିଁ
ଦିନେ ଖାଇବ ମୋ ମଥା । ୩ ।
ଜାଣି ସକଳ ଭାବ ତୁମେ ଗୋ ସଖିମାନେ
ପୁଣି କମ୍ପା ତା ମଥା ଶୁଣାଅ ମୋର କାନେ
ଯୋଡ଼ଯାଡ଼ ଶ୍ଳୀପତି   ଯୋଡ଼ି ଯୋଡ଼ା ପୀରତି
ବାଆକୁ ନଖଞ୍ଜି ବତା । ୪ ।
ମରିବି ନଶୁଣେଁ ତାର ଅମାତ୍ତ କଥା ଭାଳ
କରିବି ନାହିଁ ଆଉ ଦିନେ ତା କୁଟିଳ କେଳି
ଗୋପାଳ କୃଷ୍ଣ କହି   ନକର କହିଲଇଁ
ଏତେ କି ମନେ ରଖିଥା । ୫ ।

ଶ୍ରୀକୃଷ୍ଣଙ୍କ ପ୍ରତି—ବୃନ୍ଦା

ନାଗର ହେ—କାଳିଆ ସୁନା

ରସିକ ମଣ୍ଡଳ ମଧେ ଉଡେ ତୁମ୍ଭ ବାନା । ପଦ ।

ଶ୍ରୀମୁଖ ଶୋଭକୁ ଚନ୍ଦ୍ରେ ନାହିଁ ଟି ଉପମା
ଏ ସ୍ଥିର କଥାକୁ କାହିଁ ହୁଅ ଖେଦମନା-୧
ଦୁର୍ଜ୍ଜୟ ମାନ କରିଛି ଶ୍ରୀମତୀ ସୁମନା
କରିବାକ ନ କରିବ ଅନୁନୟ ଯେନା-୨
ତଥାପି କହିବି ଯାଇ ତୁମ୍ଭ ଆରାଧନା
ଏ ବ୍ରଜ ମଣ୍ଡଳେ ରାଧା ଅଟେ ଶତଧନ୍ୟା-୩
ଜନମ ହୋଇଲ ମର୍ତ୍ତ୍ୟେ ରାଧା ପାଇଁ ସିନା !
ସୁଷମା ନୋହିବ ରାଧା କେବେ ତୁମ୍ଭ ବିନା-୪
ଗୋପ ନଗରେ ଅଛନ୍ତି ଯେତେକ ଲଳନା
ସବୁରି ମଧେ ଉତ୍ତମା ବୃଷଭାନୁ ଜେମା-୫
ଗୋଲୋକନାୟିକା ସେହି ମର୍ତ୍ତ୍ୟେ ଅବତୀର୍ଣ୍ଣା
ହୋଇଛି ତୁମ୍ଭରି ଲାଗି ଜାଣ ନନ୍ଦ କାହ୍ନା-୬
ଜୀବ ପରମ ରୂପରେ ଖେଳୁଅଛି ସିନା
ଆଦି ସେ ଅନାଦି ତୁମେ ବ୍ରଜ ମାଧୁରିମା-୭
ମୋ ଦ୍ୱାଦଶ ବନ ପାଇଁ କରେ ମୁଁ ଗରବନା
ମାନମୟୀ ହେଲେ ରାଇ ସବୁ ହେବ ଚୂନା-୮
ବୃନ୍ଦାବନ ରାସ କେଳି ଆଦି କଳପନା
ବୃଥା ହେବ ରାଧାକୃଷ୍ଣ ଯୁଗଳାଙ୍କ ଲୀନା-୯
ତେଣୁ ମୁଁ କରିବ ଉଭା ମିଳନ କାମନା
ଗୋପାଳକୃଷ୍ଣ କହଇ ପୂରୁ ମୋ କାମନା-୧୦

—*—

ଶ୍ରୀରାଧାଙ୍କ ଗୀତ

—ଖାଉଁନ—

ଅଭିମାନ ଅଗ୍ନି ପ୍ରବଳ ଜଳଇ
ଭାଇ କ୍ରୋଧେ ଜର ଜର
ଶ୍ୟାମ ନାଗରଙ୍କୁ ଆଜ୍ଞ ନର୍ହିଁବ
ନକରିବ ଅଭିସାର
ଏଣୁ ଖେଦ ମନରେ
ବସି ଅଛି ସଦନରେ-୧

ତଆର କହିଲେ କିଛି ନଶୁଣଇ
ନେତ୍ରୁ ଖାଲି ଗାଳେ ନୀର
ଦୀର୍ଘଶ୍ୱାସ ଜୃମ୍ଭା ଉନ୍ନିଦ୍ର ଉଛନ୍ନ
ପ୍ରାଣେ ତା କଲଣି ଘର
ଜଳଇ ଖାଲି ଅନ୍ତର
ତନୁ ସ୍ୱେଦ ଜର ଜର-୨

ପଚାରିଲେ କେହି ନଦେଇ ଉତ୍ତର
ତଳକୁ ପୋତଇ ମଥା
ଝର ଝର ଝର ନେତ୍ରୁ ବହେ ନୀର
ମୁଖୁ ନ ବାହାରେ କଥା
ଘୁନ୍ତ କରି ବପାର୍ଶ୍ୱି
ଭୂତଳେ କରେ ଶୟନ-୩

ଆହାର ବିହାର ଘୁଡ଼ି ଲାଗି ଧମ୍ମ
ସ୍ନାହାନକୁ ଯାଉ ନାହିଁ
ପିନ୍ଧିବା ବସନ ମଳିନ ହେଲେ ମଧ
ଧୋଇବାର ନ ଯୋଗାଇ
ଅତ୍ୟନ୍ତ କାତରରେ
କଂପଇ ବିଚ୍ଛେଦ ଜ୍ୱରେ-୪

ସଜନୀ ଏ ଯାଇ ବୁଝାଇ କହିଲେ
କହେ ମୋ ପାଶରୁ ଯା ଯା
ନ ଶୁଣିବ କଳା ଭ୍ରମରର କଥା
ଯେଣୁ ସେ ଲଂପଟ ରାଜା
ତାହା ଲାଗି ମରିବ
ଜଳା ହାର ନ କରିବ-୫

ଦହୁ ଦହୁ ତନୁ କୃଶ ହୋଇଲାଣି
ଶ୍ୱାସ କହେ ଘନ ଘନ
ଥନ ଥନ ହୁଏ ନୟନ ଯୁଗଳ
କନ କନ ଅପଘନ
ମନ ଯାଏ ମଉଳ
ବନ ମାଳୀ ଲାଗି ଗ୍ଳାନ-୬

ସଜନୀ ଏ ସବୁ ସରୋଜ ପତର
ଆଣି ଶେଷ ସଜାବନ୍ତି
ଉଶୀର ବ୍ୟଜନ ଯୋଜ ଦୁଃଖଚିତ୍ତେ
ପାଶେ ବସିଣ ବିଞ୍ଚନ୍ତି
କେ ଚନ୍ଦନ ଗୋଳହେଇ
ତନୁ ସାରା ଦଏ ବୋଳି-୭

କେ କର୍ପୂର ମିଶା ପମାର ସିଞ୍ଚଇ
କେ ମାରଇ ପିଚକାରୀ
ଏସବୁକୁ କେବେ ନକରେ ଆଦର
ମାନମୟୀ ବିମ୍ବାଧରୀ
କହେ କଟୁ ବଚନ
ଗୋପାଳକୃଷ୍ଣ ରଚନ-୮

ଦୂତୀପ୍ରତି---ଶ୍ରୀକୃଷ୍ଣ

ଛାନ୍ଦ-ସ୍ୱର

ଜକଲ ଜକଲ ମୋର ନବଛଇଳକ
ଜାଣି ଜାଣି ଦଳାଲ ଗୋପିକା କନ୍ଦଳକ
ଲଳିତେ । ସରିଗଲା ସୁଖ
ସର୍ବସିଜ ଦେହା ଲଭୁ ଥିବ ସିନା ଦୁଃଖ । ୧ ।

କଳନ୍ଦ ଜା ତଟେ ଯେତେ ବସୁଛୁ ଅନାଇ
କଳାଦ ନଳମା କଳ ଘଷା ନଶୁଣଇ
ଲଳିତେ । ସେତେମୋ କଳ୍ପଦ୍ରୁ ମା
ତା ବନା ବାଳଣ ସମ ହେଉଛି ମୁଁ ଭ୍ରମ । ୨ ।

ଜକରିବ କେଣେ ଯିବ କହଗୋ ଲଳିତା
କେମନ୍ତେ ନାଶିବ ବାନ୍ଧବୀର ମନୋ ବ୍ୟଥା
ଲଳିତେ । ଘନବାଣ ସମ
ବାଛକ ନେହା ନୟନୁ ବହୁଥିବ ଜନ । ୩ ।

ସତେ ଗୋ ମୁଁ କ ହୁହଲ କଲ କ କରମ
କରମାଙ୍କ ତନୁତାର ଦଳାଲ ମରମ
ଲଳିତେ । ବାମ ମୋତେ ଧାତା
ତେଣୁ ବସିରୋହା ନକହୁଛି ପଦେକଥା । ୪ ।

କରଧରି କହୁଛି ମୁଁ ଲଳିତେ ଗୋ ଚଳ
ଚଳାପାଙ୍ଗୀ ଶତ୍ରୁ ଲଭି କ୍ରୋଧର ଅନଳ
ଲଳିତେ । ନିବେଦନ ମୋର
ଅରେ ମାତ୍ର ଧନ୍ୟା କର୍ଣ୍ଣେ କରାଅ ଗୋଚର । ୫

ପଣକର ମୁଁ ତାହାର ସେ ମୋ ଆତ୍ମା ଭୂତ
ସାଜେ ତାର ପ୍ରସନ୍ନତା ସର୍ବଦା ମୋ ପ୍ରତି
ଲଳିତେ । କଲେତ ନପାଶ
ଯହାଣ ତେଜବ ଭକ୍ଷି କାଳକୂଟ ବିଷ । ୬ ।

ରାଧା-କୃଷ୍ଣ ତେବେ ବ୍ରହ୍ମାଣ୍ଡର ଶ୍ରେଷ୍ଠଧନ
ରାଧାସ୍ଥାନ କୃଷ୍ଣ ପ୍ରାଣ କାହ୍ନାଁଙ୍କ ରତନ
ଲଳିତେ । ସଖି ମାନଥାଉ
ଗୋପାଳକୃଷ୍ଣ ଘେନଇ କୃଷ୍ଣ ପ୍ରାଣରାଜ । ୭ ।

———

ଶ୍ରୀକୃଷ୍ଣ ପ୍ରତି ଲଳିତା

(ତାଳ—ଏକତାଲି)

ଧାର ନହୁଅ ବଂଶୀଧାରି ହେ
ମିଳାଇବ କିଶୋର କିଶୋରୀ ।
ମୋ ନାମ ଲଳିତା   ସେବେକେ ଜାଣିଥା
ନପିବ କେବେହେଲେ ପାଶୋରି
ବୃଷାକପି ଧେନୀ   ତରଣୀ ନନ୍ଦନୀ
ହେବ ତୁମରି ଗଳେ ହାରସରି । ୧ ।
ଅଭିମାନେ ଧନୀ   ହୋଇଛି ମାନିନୀ
ଜାଣି ଇଥାଙ୍ଗ ଦଶା ବିଶୁରି
କଣ୍ଠ ଦେଇଛ ଖଣ୍ଡ   ପଣ କଲ କୃଷ୍ଣ
କହ କି ହୋଇଥିଲି ତାହାରି । ୨ ।
ନାଗରୀ ମୁକୁଟ   ଚିତ୍ତରେ ଗରିଷ୍ଠ
କଷ୍ଟ ହୋଇଛି ଜାଣ କକାରି ।
ଦାବାଗ୍ନିରୁ ଜଳ   ଗ୍ରୀଷ୍ମ ଯାଏ ଜଳ
ତେଣୁ ସନ୍ତାପ ଭୂଏ ସେ ନାରୀ । ୩ ।
ବନସ୍ଥ ବଚନ   ପ୍ରଶ୍ନ ଶୁଣିଲେ କର୍ଣ୍ଣ
ନଦେଇ କାହିଁ ଅଶ୍ରୁ ନଗାରି
କରଜ ମୂଳରେ   ମସ୍ତକୁ ବଢାଇ
ତୁମରି ନଷ୍ଟ କୃତା ସୁମରି । ୪ ।

ତଥାପି ମୋହନ ତୁମନବେଦନ
କହିବା ପାଇଁ ଇଚ୍ଛା ମୋହର
ହେଉ ଯା ହେବାର ସଙ୍ଗିମାନ ମୋର
ଶୁଣାଇ ଦେବ ଥରେ ପୁକାର । ୫ ।
ନଦେଖିବ ଶ୍ୟାମ ତୁମର ବଦନ
ନ ଡାଳ ଆଉ ନପୂନୁ ବାଣ
ଦେଖିଏ ଅବସ୍ଥା ଚିତ୍ତେ ଲାଗେ ବ୍ୟଥା
କ ଶୁଖିଗଲ ତୁମେ ଅଧାର । ୬ ।
ଯାହା ଦରଶନ ଲାଗି ପଦ୍ମାସନ
ନିରତେ ହୋଇଛନ୍ତି ଉଖାସି
ତୃଷା ତୃଷାସନ ଅଦଶା ନନ୍ଦନ
ଶ୍ରିସ୍ୱାମ୍ବୃତ ଓାକନ ଶଙ୍କାର । ୭ ।
ବୀଣା ପାଣି ଯାର ସେବକ୍କା ଆବର
ପଦ ଲୁପନ୍ତି ସିନ୍ଧୁ କୁମାରୀ
ସେ ପ୍ରଭୁଙ୍କୁ ସ୍ଥିର କ ଲେଉଁ ମାତର
ଗୋପ ପୁର କୁଞ୍ଜିତା ଆଦର । ୮ ।
ଯେବେ ହେଲା ଶ୍ରଦ୍ଧା ତେବେ କ ସେ ବାଧା
ନୋହିବ ପଦପ୍ରାନ୍ତେ କଙ୍କାର
ଗୋପାଳ କୃଷ୍ଣର ଭଣା ବଂଶୀଧର
ଆସ ମୁଁ ଥିବ ବକ୍ଷରେ ଧରି । ୯ ।

ଗୋପୀମାନଙ୍କର ଉକ୍ତି

ତାଳ—ଝପକା

(ହୃଦ କୁମୁଦ ବନ୍ଧୁଙ୍କୁ—ବୃତ୍ତେ)

କଳିନ୍ଦଜା କୂଳେ କାଲି ମୋହନ ଘାଟ
ଓଗାଳିଲେ ସଜନୀ ଗୋ ଆମ୍ଭଙ୍କୁ ବାଟ । ପଦ ।

ନାନାରଙ୍ଗେ ଘୁଣ୍ଟୁ କରୁ ଘାଟ ମାଗିଲେ ଗୋ ସଖୀ
କଥା କଥାରେ ଭାଙ୍ଗିଲେ ସବୁରି ଆଣ୍ଠୁ । ୧

କକ୍ଷରେ ଜଳ ମାଠିଆ ଘାଦ ଭାଙ୍ଗି ହେଲୁ ଠିଆ
ବୋଇଲୁ ତନଟେ ଶୁଣ ହେ ନନ୍ଦସୁତ । ୨ ।

ଆମ୍ଭେ କୁଳ ଭୁଆସୁଣୀ ଆସିଛୁ ନେବାକୁ ପାଣି
ଜାଣିଲେ ଶାଶୁ ନଣନ୍ଦ ବସିବ ହାଟ । ୩ ।

କେବେ ଘାଟ ମାଗ ନାହିଁ ଆଜ ଝଟକ କପାଇଁ
ଘୁଡ଼ ଘୁଣ୍ଡ କାହ୍ନୁ କୁଆ ନଲଗା ନାଟ । ୪ ।

କହିବୁ ରାଣୀଙ୍କୁ ଯାଇ ସେ ଆସି ନେବେ ଧରାଇ
ପଟାଇବେ ପିଠି ମାଡ଼ ଚେମ୍ଭୁଲ ଘୁଣ୍ଟ । ୫ ।

ଆମ୍ଭ କଥା ଶୁଣି ବଂଶୀ- ଧାରି ମୃଦୁମନ୍ଦେ ହସି
ବୋଇଲେ ଗୋ ଶୋଣ୍ଠ କେତେ କର ମୁହାଟ । ୬ ।

ଖାତ୍ରୀ ଦେଇ କଂସ ମୋତେ ଘାଟ ଜଗାଇଛି ଏଥେ
ନଦେଲେ ଘୁଣ୍ଡବ ନାହିଁ କଥା ନାଗଟ । ୭ ।

ଶୁଣି ଭାଇ ଗଲୁ ଆଣି ନଚଳିଲୁ ପାଦ ପାଣି
ବେଳକୁ ବେଳ ଏମନ ହେଲା ଉଚ୍ଚାଟ । ୮ ।

ଆମ୍ଭଙ୍କୁ ଦେଖି ମାରବ ନଟକୁଟିଆ ମାଧବ
ଭାଙ୍ଗିଲେ ମାଠିଆ ଭିଜେ ଭିଜିଲୁ ପାଟ । ୯ ।

ଲଜେ ମୁଣ୍ଡି ଘୋଡ଼ାଇଲୁ କାହେ ଦୁଃଖେ ଲେଉଟିଲୁ
ଗୋପାଳ କୃଷ୍ଣ ଭଜନ୍ତ ଘାଟର ନାଟ । ୧୦ ।

ଯଶୋଦାଙ୍କ ପ୍ରତି ଗୋପୀଗଣ

(ଚାଲ—ଝୁଲ)

ଯଶୋବନ୍ତୀ ମାଏ ଶୁଣ । କଳା କାହ୍ନୁ କାର ଗୁଣ
ଯେତେ ଦୁଷ୍ଟା କରେ ଗୁଜ କଟକରେ
ଯଶୋବନ୍ତୀ ଗୋ
କେ ସହି ପାରିବ ପୁଣ । ୧ ।

ଦଧି ଦୁଗ୍ଧ କରେ ଚୋରି । କହିଲେ ଗୋଡ଼ାଏ ମାରି
ଆକଟ କରି ସେ କହେ ଆଗସରି
ଯଶୋବନ୍ତୀ ଗୋ
ଶାଢ଼ୀ ଟାଣି ଦିଏ ଚିରି । ୨ ।

ଲୁଚି ଲୁଚି ପଶେ ଘରେ । ଭାଣ୍ଡ ଦେଖେ ଶିକାପରେ
କାନ୍ଥି ହାତେ ଧରି ଭାଣ୍ଡ କଣା କରି
ଯଶୋବନ୍ତୀ ଗୋ
ଧାରକୁ ତୁଣ୍ଡ ପ୍ରସାରେ । ୩ ।

ଝରକାବଣୀ ଚୋରାଇ । ମୁଖରେ ଦିଏ ପୂରାଇ
ପଳାଇବାକାଳେ ଯେବେ ଗୋଡ଼ାଇଲେ
ଯଶୋବନ୍ତୀ ଗୋ
ଢାଉ ଗୋଟେ ମୁଣ୍ଡେ ଦେଇ । ୪ ।

ପିଲାଙ୍କୁ ମାରଇ ଡାକ । କହିଲେ ଦେଖାଏ ଆଖି
ବେଣି ସେ କହେ ତା ହାଣ୍ଡି ଭାଙ୍ଗି ଦିଏ
ଯଶୋବନ୍ତୀ ଗୋ
ସବୁ କଥା ଦିଏ ଫାଙ୍କି । ୫ ।

ମନଃ ଶିକ୍ଷା

ରାଗ—କଲ୍ୟାଣ ଆହାର

(ଝୁମ୍ପା ତାଳ)

ସା'ରେ ମାନସ । ଶ୍ରୀ ବ୍ରଜଦେଶ ନ ଭୁଲ ବିଷୟ ଗନ୍ଧେ
ବାରେ ବାରେ କହୁଛନ୍ତି ତୋତେ ସଢ଼ନା ଜଂଜାଳ ଦ୍ୱନ୍ଦେ । ଘୋଷା ।
ଶ୍ରୀକୁଣ୍ଡ ନୀରେ ମୁଣ୍ଡ ବୁଡ଼ାଇ ତୁଣ୍ଡରେ ବୋଲ ରାଧେ
ପୁଣ୍ଡରୀକାକ୍ଷ ଭୁଲେ ଶ୍ରୀ ସ୍ୱାମିନୀ ଦର୍ଶନେ ପ୍ରେମାନନ୍ଦେ । ୧ ।
ସୁଚରୂପା ସଖୀ ଦୁହେଁ ସ୍ନେହେ ରହିଁ ହସି ହସି ମନ୍ଦେ ମନ୍ଦେ
କୃଷ୍ଣ ବଦ୍ୟାଙ୍କର ଯୁଥରେ ଗଣିବେ ମଞ୍ଜରୀ ମଧ୍ୟେ ସାନନ୍ଦେ । ୨ ।
ଶ୍ରେଷ୍ଠା ଅଷ୍ଟଆଳୀ ମାନସରେ ଭଜ ସେବାଯାଉ ଦେଉଁ ଶ୍ରୀଙ୍କେ
କଂକରୀ ବିଧାନେ ଥିବୁ ସାବଧାନେ କୁଞ୍ଜ ମନ୍ଦିର ଅଳନ୍ଦେ । ୩ ।
ମଧ୍ୟାହ୍ନ ଲୀଳାରେ ବୃନ୍ଦାବନେଶ୍ୱରୀ ଆରାଧି ଯାଉଁ କାନନେ
ମୁଖବାଦ୍ୟ ତାନେ ସୁଖାନ୍ତି ଗମନେ ସଙ୍ଗେ ନେବେ ସଖୀବୃନ୍ଦେ । ୪
ଶ୍ରୀ ଲଳିତାଦି ସଖୀଙ୍କ ଶରଣେ ରହି ଚଳିବୁ ସ୍ୱଚ୍ଛନ୍ଦେ
ବ୍ରଜେନ୍ଦ୍ରଙ୍କ ଜାର ରସ ତରଙ୍ଗରେ ରସିଥିବୁ ପ୍ରେମବନ୍ଧେ । ୫
ଆଠଯାମ ଯାକ ଖଟଣୀ ଖଟିବୁ ମହା ଆମୋଦ ପ୍ରମୋଦେ
କହଇ ଗୋପାଳ କୃଷ୍ଣସ୍ୱାମୀନ୍ତେ ଭଜ ଯୁଗଳ ପଦାରବିନ୍ଦେ । ୬

--*--

ଶ୍ରୀ ଶ୍ରୀ ରାଧାଙ୍କ ବର୍ଣ୍ଣନା

ଶ୍ଳୋକ

ନବ ଗୋରଚନା ଗୌରୀଂ ପ୍ରବରେନ୍ଦୀ ବରାମ୍ବରାଂ
ମଣି ସ୍ତବକ ବଦ୍ୟୋତ ବେଣୀ ବ୍ୟାଳାଙ୍ଗନା ଫଣାଂ ।

(ରାଗ କଳସା)

ଜୟ ଶ୍ରୀରାଧେ ଶ୍ରୀରାଧେ କୃଷ୍ଣ ବଧାନନ୍ଦା
ଅଭିନବ ଗୋରୋଚନା ଜିତ ବରନା ଗୋ ।୧
ଲାବଣ୍ୟ ଶ୍ରୀଅଙ୍ଗ କାନ୍ତି ଶୋଭା ମାଧୁରିମା
ମାଳ ପଞ୍ଚ ଶାଟୀ ସ୍ୱର୍ଣ୍ଣଜରି ବୁଟାରମା ଗୋ ।୨

ସୁରଙ୍ଗ ଉତ୍ତଂସ ଉପରେଣ ମନୋହର
କଳା ଭୁଜଙ୍ଗିନୀ ଜିଣି ବେଣୀ ସୁରୁଚିର ଗୋ ।୩
ରତ୍ନଗୁଚ୍ଛ ବିଚକିଳ ସୁମନସ ପନ୍ତି
ଗଗନେ ନକ୍ଷତ୍ରାବଳୀ ପ୍ରାୟେ ଶୋଭା ତହିଁ ଗୋ ।୪
ସୁନଆଳୀ-ମାଳିକା ବେଷ୍ଟିତ ଗଣ୍ଡ ତୋର
ଗୋପାଳକୃଷ୍ଣର ସେବ୍ୟା କୃଷ୍ଣଧୃତି ହରା ।୫

—*—

ଶ୍ଲୋକ

ଉପମାନ ଘଟାମାନ ପ୍ରହାର ମୁଖମଣ୍ଡଳାଂ
ନବେନ୍ଦୁ ନିନ୍ଦ ଭାଲୋଦ୍ୟତ୍ କସ୍ତୁରୀ ତିଳକ ଶ୍ରୀୟୁଂ । ୨

(ରାଗ—ଆଷାଢ଼ ଶୁକ୍ଳ)

ଅଖିଳ ଉପମା ଜିଣି ଶୋଭନା
ସେ ସୀମା ସମକୁ ନାହିଁ ତୁଳନା
କୋଟୀନ୍ଦୁ ନିନ୍ଦ ଶ୍ରୀମୁଖ ମଣ୍ଡଳ
ନବେନ୍ଦୁ-ଜିତ ଲଲାଟ କପାଳ
କସ୍ତୁରୀ ତିଳକ
ଶିଶୁଅଳି ଆଳି କି ସେ ଅଳକ । ୧

—*—

—ଶ୍ଲୋକ—

ଭ୍ରୂଜିତ ଅନଙ୍ଗ କୋଦଣ୍ଡାଂ ଲୋଲ ନୀଳାଳକା ବଳୀଂ
କଜ୍ଜ୍ୱଳୋଜ୍ଜ୍ୱଳତା-ରାଜ-ଚକୋରାକ୍ଷି ଚାରୁ ଲୋଚନାଂ ।୩

ରାଗ—ମଧୁଶ୍ରୀ

ଭ୍ରୂଯୁଗଳ ପରିପାଟୀ ସ୍ମର ଚାପ ନିନ୍ଦେ
ଉଜ୍ଜ୍ୱଳ କଜ୍ଜ୍ୱଳ ନେତ୍ରଯୁଗ ଅରବିନ୍ଦେ
ମନ୍ଥନ କରଇ ମତ୍ତଚକୋରଣୀ ଗଣ୍ଡ
ଲୋଲ ନୀଳାଳକାବଳୀ ଦୁଅଇ ପ୍ରଶସ୍ତ ।୧

—*—

ଭାଲଙ୍କୁଲୀ

(ସଜନୀରେ ଆଜ—ବୃତ୍ତେ)

ମିତଣୀରେ—ସେହ୍ନ କଳା କହ୍ନାଇ
ଠାରି ଆଖି କୋଣେ ଡାକି କୁଞ୍ଜବନେ
ଖଣ୍ଡପଣତାର ଦେଲା ଟହ୍ଲାଇ ।ପଦ।
ମଧୁରେ ମୁରଲୀ ବଜାଇଲା
ଆଖିରେ ମୋହିନୀ ରଞ୍ଜାଇଲା
ସଜା ଦେବାପାଇଁ ବଚନେ ମନାଇ
ଚିତ୍ତ ମନ ସବୁ ନେଲା ମନାଇ ।୧
କୋଳେ ଧରି ଚୁମ୍ବଦେଲା ଗଣ୍ଡେ
ରସିଲା ଭାସିଲା ହସି ଗୁଣ୍ଡେ
ଦଣ୍ଡକ ମଧ୍ୟରେ ତା ପଦ୍ମ ପାଦରେ
ଛନ୍ଦିଦେଲି ଚିତ୍ତ ହୋଇ ମୁଁ ବାଇ ।୨
କେତେ ମତେ ପ୍ରୀତି ଜାଣେ ଗୋ ସେହ୍ନ
କଣ ନୋହିବ କେ ରମଣୀ ହୋଇ
ମନେ ପଡେ ମିତ ସେଦିନ ସୁରତ
ତିଳେ ହେଲେ ମନୁ ପାଶୋର ନାହିଁ ।୩
ମନେ ପଡେ ସେହ୍ନ ଚନ୍ଦ୍ରମା ମୁଖ
ଦେଖି ହରେ ଯାହା କୋଟିଏ ଦୁଃଖ
–ଗୋପାଳ କୃଷ୍ଣର ମାନସ ଭ୍ରମର
ଲୋଡ଼ୁଅଛି ସୁଧା ସେ ପଦେ ଯାଇ ।୪

ବଂଶୀ ବାଦନ

(ତାଳ—ଝଂପା)

ବାଜ—ବାଜରେ ମୁରଲୀ-ବାଜ ବାଜ ରାଧା ବୋଲି
ଅଖିଳ ବିଶ୍ୱ-ଆନନ୍ଦ ସୁନ୍ଦରୀ ଲହରୀ ।ପଦ।
ପୂରଟ ଅଙ୍ଗୀ ସଲ୍ଲୀଳା ହାସ୍ୟ ଲାସ୍ୟମୟୀ
କୃଷ୍ଣ ପ୍ରିୟା ଭାନୁସୁତା କୁବଳୟ କଳି ।୧
ଅପରୂପା ରାସେଶ୍ୱରୀ ଶ୍ରୀମତୀ କିଶୋରୀ
ହାସ୍ୟମୟୀ, ରାଈ, ବିନୋଦିନୀ ରସ କଲି ।୨
ଆଭୀରବର ବରଜ କଣ୍ଟକ ଆଲୋକ
ବୃନ୍ଦାବନ ମଣ୍ଡନା ଗୋପୀକା ପ୍ରିୟ ଆଳି ।୩
ନନ୍ଦ ନନ୍ଦନ ଯାହାର ଗଳାରତ୍ନ ହାର
ତା ପଦେ ଲୋଟୁ ଗୋପାଳ କୃଷ୍ଣର ମଉଳି ।୪

ତାଳ—ଏକତାଳି

ଶ୍ୟାମଳ ସୁନ୍ଦର ତନୁ ଧାରିଲାରେ
ନେହାନ୍ତ କୁନ୍ତ ପ୍ରହାରି ପାରିଲାରେ ।ପଦ।
ଅଭିସାରକୁ ମନ   ହେଲାଣି ଛନ୍ଦ ଛନ୍ଦ
ବନଜ ନେହ ଭ୍ରମ ଝରିଲାରେ ।୧
କୁଳ ମାନ ବରଜ   ଶିଖି ଚୂଳକୁ ହେଳ
ବାଳିକୁଳ ମରମ ଥରିଲାରେ ।୨
ଯୋଡ଼ିକ ଯୋଡ଼ ହୋଇ   ଚଳିଲେ ଗୋପ ଗୋଷ୍ଠ
ନନ୍ଧଣେ ଅରଣ୍ୟାନ ଘୁରିଲାରେ ।୩
ଏକେ ଶରଦ କାଳ   ଶଙ୍ଖସ୍ତ ପରମଳ
ମାନସ-ମଳ ପ୍ରାଣ୍ଡ ହରିଲାରେ ।୪
ବାଜିଲା ମୃଦୁସ୍ୱରେ   ଶ୍ୟାମବଂଶୀ ମଧୁରେ
କୂଳବଣ୍ଟ ଘୁମାନ ସରିଲାରେ ।୫।

ରାସ ଉଲ୍ଲାସ ହେଲି ବଂଶୀ ଧ୍ୱନେ ବ୍ରଜ ନାରୀ
ପ୍ରାଣେ ମୃଦୁ ଉଚ୍ଚାଟ ଭରିଲରେ ।୭।
କୁଞ୍ଜ ମିଳନ ଆଶେ ଗୋପାଳକୃଷ୍ଣ ଭାଷେ
ପୀକ କଣ୍ଠୁ ଅମୀୟ ଝରିଲରେ ।୭।

ଶ୍ରୀକୃଷ୍ଣଙ୍କ ପ୍ରତି—ଗୋପୀଗଣ

(ତାଳ—ଖେମଟା)

ନଟ ପଟଳ ମୁକୁଟ-କପାଁକର ଏବେକଟ
ଜଣାଗଲା ତୁମ୍ଭ ସ୍ୱଭାବ ଅଟ ହଗଟ ଲମ୍ପଟ ।ପଦ।
ବଂଶୀ ସ୍ୱନରେ ଡକାଇ ବନକମାଳୁଙ୍କ ଠକାଇ
ଆହେ କକାଡବା ତୁମ୍ଭେ ହେଲ କହିଁ ଏତେ ଶଠ ।୧।
ଷୋଳସସ୍ର ବ୍ରଜବାଳୀ ମରୁଛୁ ତୁମ୍ଭଙ୍କୁ ଭାଳି
କାହିଁ ଅଛ ବନମାଳୀ ଶ୍ରୀମୁଖ ଦେଖାଅ ଝଟ ।୨।
ହସୁଛି ଶରଦଶଶୀ ବନଭୂମି ଉଠେ ହସି
ବଜାଅ ମୋହନ ବଂଶୀ ଚାଲ ଚାଲ ଶ୍ରୀଗୋଷ୍ଠ ।୩।
ବାଳକୁଦେ ବସି ବସି କାନ୍ଦୁଛୁ ସର୍ବ ସୁକେଶୀ
ଲୁଚନା ଆଉ ହେ ବଂଶୀଧାରି କରି ଛଟନଟ ।୪।
ଏକାଦଶୀ ମରୁ ସ୍ୱତ ତେଜ ମନରୁ ଶ୍ରୀପତ
ଦରଶନ ଦିଅ ଧାଇଁ ଭାବଇ ଗୋପାଳ କୃଷ୍ଣ ।୫।

ରାଗ ସାବେରୀ—ତାଳ ଆଠତାଳୀ

(ଝଟକ୍ଷଣାରେ । ଝନା ତୋ ପ୍ରୀତିରେ—ବୃତ୍ତେ)

ଯୋଷାକର ରେ ।
ତେଷାଇଲଣି କେ ତୋତେ କରୁ ଅନାଦର । ଯୋଷା ।
ରସାମଣ୍ଡନା ସୁର ସାଲସା ।
ତୋହ ବିନେ କେ ମୋର ଭରସା ?
ପ୍ରତ୍ତ କୂଳାହେଲେ ଶଶା-ଦଶା
ଲଭିବାର ସାର ହେବ ଜାଣନ୍ତୁ ନକର । ୧
ତୋର ବିଶ୍ବରକୁ ଯେବେ ମୁହିଁ
ଅପରାଧୀ ହୋଇଛି ସୁ ମୁହିଁ,
ଦଣ୍ଡଦିଅ ଇଚ୍ଛାମତେ ସହି
ଅଛି ଜପମାଳ ସମ୍ମୁଖରେ ତ ଏ କିଙ୍କର । ୨
କରଧର କହୁଛିରେ ବାଳୀ !
ଅନା କରୁଣା କଟାକ୍ଷ ଡାଳ
ନୁହ ଗୁମାନୀ ମୋ ଗଳା ମାଳ
ଚଖା କିନା ଥରେ ଧନ । ତୋ ସ୍ନେହ ଶାକର । ୩ ।
ରସ ରଙ୍ଗିନୀ ପ୍ରାଣ ସଂଗିନୀ ।
କଷ ବାହୁପାଶେ ଭୁଜଙ୍ଗିନୀ ।
ଯଶ ରଖ ଶିଖିତ ଅଙ୍ଗିନୀ ।
ଦାସ ଗୋପାଳକୃଷ୍ଣର ଅଙ୍କ ତଳ୍ପପର । ୪ ।

ରାଗ ଦେଶବରାଡ଼ି—ତାଳ ଆଠତାଳୀ

(କହରେ ସଜନୀ ! ଆଜ ଏ ରଜନୀ—ବୃତ୍ତେ)

ହେ ମନ୍ଦରଧର, କନ୍ଦର୍ପ ସୁନ୍ଦର ! ତମ୍ଭଙ୍କୁ ସୁନ୍ଦର ଏ'ହେଲା କି ?
ଅବଳା ମାରଣ ବିଦ୍ୟାଟିକି କାହୁଁ ଶିଖିଥିଲ ହଠ କଲଭୁଲା ।ପଦ।
ତୁମ୍ଭ ଲାଗି ମୋର ଜୀବନ ସଂଗିନୀ
ହୋଇଲାଣି ଆହା କି ଦୁଃଖଭାଗିନୀ

ହେବାରୁ ନବୀନା ପ୍ରୀତି ସୋହାଗିନୀ
ତାର ପ୍ରତିଫଳ ଏହି ନିକା । ୧
ଅକଥନୀୟ ତା ଦୁର୍ଦ୍ଦଶା କାହାଣୀ
କହି ଆସୁଁ ମୁଖେ ନ ସ୍ଫୁରଇ ବାଣୀ
ଆହା ଦେଖିଲ ଯା ଏମୋର କଳିଜା
ହୋଇ ଯାଉଅଛି ଟିକି ଟିକି । ୨
ବିରହ ଅନଳ ତାପ ପଡ଼ୁଁ ବଳି
କୋମଳ ତନୁଟି ଯାଉଅଛି ଜଳି
ସେ ତୀବ୍ରତାପ ସହନେ ଅସମର୍ଥୀ
ମୃତପଙ୍କେ ଲୁଣ୍ଠଇ ବଧୂମୁଖୀ
ତୁମ୍ଭେ ସୁପୁରୁଷ ଶିରୋମଣି ବୋଲି
ଜଗତେ ବିଖ୍ୟାତ ପରା ବନମାଳି
ଏବେ ନାରୀବଧ ବିପୁଳ କଳଙ୍କେ
ସେ ସୁଖ୍ୟାତି ଲୁପ୍ତ ନୋହିବ କି । ୪
କେ କେତେ ଆଶ୍ୱାସ ଦେଇ ସଖୀଗଣ
ଶାନ୍ତ କରିବା ଚେଷ୍ଟାରେ ଅନୁକ୍ଷଣ
ତା ଭୀଷଣ ବେଦନାର ପରିମାଣ
ଅବୋଧନ୍ତୁ ସର୍ବେ ଅଶ୍ରୁମୁଖୀ । ୫
ତବ ଅଙ୍ଗ ସ୍ପର୍ଶ ପ୍ରତିଜ୍ଞାରେ ମାତ୍ର
ପ୍ରାଣଧରି ରହିଅଛି ଏପର୍ଯ୍ୟନ୍ତ
କହଇ ଗୋପାଳକୃଷ୍ଣ ମୁଁ ଏମନ୍ତ
ଜାଣେ ଅନୁମାନେ ଅବଲୋକି । ୬

ଶ୍ରୀକୃଷ୍ଣଙ୍କ ଖେଦ

ରାଗ ପୂରବୀ—ତାଳ ଝୁଲା

(ଶ୍ୟାମବନ୍ଧୁଙ୍କୁ ନରତେ ଦେଖିବ—ବୁଝେ)

ମୋହର ଜନ୍ମ ଭୂ ଭୁଷ ନା ଆଜରେ
ଏଗୁମାନ ଧନ, କର ବ୍ୟାଜରେ । ଘୋଷା ।
ଅଳିତ କୁନ୍ତଳା ରସିକା ଛଇଳା
ଚେକ ମୁଖ ଦ୍ୱିଜ ଖଜରେ । ୧
ତମୋ ଉଦେକ ଦରେ ସ୍ମର ତୀକ୍ଷ୍ଣ ଶରେ
ଅଙ୍ଗ ଜଳସେ ବରଜରେ । ୨
ଏଣୀଦୃଶୀ ବେଣୀ ଶୋଭା କଷ୍ଟ ଶ୍ରେଣୀ
ତନାସ ନମଣି ବ୍ୟାଜରେ । ୩
'ଖେନ ଭ୍ରୂଲାଳସା ବ୍ରଜରେ ନନ୍ଦସା
ପର ପଣ୍ଡି ମ୍ନ ସମାଜରେ । ୪
ତମା ସୁଖ କନ୍ଦଳ ନପକା ଅଦଳ
ଆଳ ମେଳେ ଦେଇ ଲାଜରେ । ୫
ପ୍ରବୋଧି ଗୋପାଳ- କୃଷ୍ଣ କହେ ଭାଳ
କୃପାଦୃଷ୍ଟି ରଜ ରାଜରେ । ୬

ରାଗ ଖମାଚ—ଆଦିତାଳ

(ନ ଭାଙ୍ଗରେ ଶୁଭାଙ୍ଗି ସାରଣୀ ହୁଅସାହା—ବୃତ୍ତେ)

ଜନେ ଜାଣିଲେନ ବୋଲି ତୁ ଏକାନ୍ତଜାଣୁ
କହ୍ନାଇ ସଜନ ମୋତେ ବଚନରେ ଜଣୁ । ଘୋ ।
ନବ ନୀରଦକୁ ଦେଖି   ଆଖିର ପଲକ ରଖି
ଏପରିଛଳବଳେ ଅଛୁ ବୋଲୁ ସାହା ଭଣୁ । । ୧ ।
ଥରକୁ ଥର କାନନ   ବାଟକୁ ଅନାଉ ଧନ
ଅଣ୍ଟୁ ନାହିଁ ଅପସୃଷ୍ଟ କାଳ ନ ହେଉଣୁ । ୨ ।
ଲୁଣ୍ଠିକର ସକୁଟରେ   ବଂଶ ଗାଣ୍ଡ ତା ପାଶରେ
ଲେଉଟି ଯିବାର କାକ ପିକ ନଡ଼ାକୁଣୁ । ୩ ।
କରୁ କି ଏଡ଼େ ସାହାସ   ନଆଙ୍କଶୋର କପୁସ
ଆଜକୁ କାହାରିନାହୁଁ ଭସ୍ମରେ ପ୍ରାଗଣୁ । ୪ ।
ଏ ବ୍ରଜେ ଦୋଷ ଦେବାକୁ   ଅଛୁକେ ଆଉ କାହାକୁ
ଗୋପାଳକୃଷ୍ଣ ଭଣେ ଭୁନହୋ କେ ନଶୁଣୁ । ୫ ।

—*—

ଲାଳସା

ରାଗ ମୋହନା—ରୂପକ ତାଳ

ମୁଁ ଘୁଡ଼ଦେନ୍ତି କ । ଦଶା ଦେଲେ । ପଦ ।
ପୁର ପଦ୍ମବରେ   ଶ୍ରୀ ଚରଣାମ୍ବୁଜରେ
ମୁଁ ନ ଲୋଟନ୍ତି କ ? ୧
ପଦାମ୍ବୁଜର ଧୂଳି   ଶିରେ ହୋଇ ବୋଳି
ମୁଁ ନଗଡନ୍ତି କ ? ୨
ଆନନ୍ଦରେ ପ୍ରେମ   ପିୟୂଷ ସିନ୍ଧୁରେ
ମୁଁ ନ ମଜ୍ଜନ୍ତି କ ? । ୩
ମୋର ଦଶା ଡୋଳେ   ବଲ୍ଲେକ ଧକଲେ
ଚୋଳନ୍ତେ ନାହିଁକି ? ୪

ହୋଇଲାର ଯୋଗ ଶ୍ରୀ କୃଷ୍ଣାଙ୍ଗ ରାଗ
ମୁଁ ନ ଲଭନ୍ତ କି ? ୫
ପ୍ରଭାକରେ ଯାବ ପ୍ରବେଶ ଉତ୍ସବ
ଘଟନ୍ତା ନାହିଁକି ? ୬
ଗୋପାଳ କୃଷ୍ଣର କୋଟି ଜନ୍ମାନ୍ତର
ଦୁଃଖ ଉଦ୍ଧନ୍ତା କି ? । ୭

ରାଗ ବଲାହର—ମିଶ୍ର ରୂପତାଳ

(ଏକ ହଟା ବ୍ରଜ ଗୋଷ୍ଠାଯାକ—ଦୂତୀ)

ତୋତେ ଭୁଲିବ ପ୍ରାଣସଖି ସାକ୍ଷୀ ମୁଁ କି ଜଣାଇବ ରେ । ପଦ ।
ଚନ୍ଦନ କୋଳି ଦେଇ ଯା ଅଙ୍ଗେ-
ଉଲୁଟାଇ ଦେଉ ସେହିଲାଗେ
ଆଜ ବନଯାକ ଦେଖିନାହୁଁ ମାନସେ କି ଭାବଟରେ । ୧ ।
ପଣା ଖେଳରେ ମୋହନ ହାର-
ଛିଣ୍ଡିଲେ ମିଶାଇ ଦେଇ ସାର
ହସି ବୋଲୁଥାଉ ପଦ୍ମ ଅସ୍ତ ହୋଇଯିବେ ରବିରେ । ୨ ।
ଲୁଚି ଥାଉ ପରିହାସ କରି
କ୍ଷଣେ କାଳ ନୋହୁ ଜଳାଧର
ଚରମରୁ କୋଳ କରୁଯାଇ ଚମ୍ପକ ଅଟବୀରେ । ୩ ।
ଆସୁ ଆସୁ ଗୋଚାରଣ କରି
ଅଟ୍ଟାଳୀ ଶିଖରେ ବଜେ କରି
ଯାହା ହେଉଥାଉ ଦୃଷ୍ଟି ତାଳ କାନନ ପଦପାରେ । ୪ ।
ଗୋପାଳକୃଷ୍ଣ ଭଣଇ ଗୀତ
ଭକ୍ତମନ୍ତ ଶ୍ରୀମନ୍ତ ଶୁଣ ମିତ
ପରାଧୀନ କୁଳବଧୂ ଜନ ମୁଁ କିସ କହିବରେ । ୫ ।

ଦୈନ୍ୟ ବୋଧିକା

(ଭକ୍ତ ମୁହଁରେ ନିଜ ମନରେ ଦୈନ୍ୟ ଭାବକୁ ଏହି କବିତାରେ ସୁନ୍ଦର ଭାବରେ ବର୍ଣ୍ଣନା କରାଯାଇଛି । କବିସୂର୍ଯ୍ୟ ବଳଦେବ ରଥ ପୁତ୍ରଶୋକରେ ଅଧୀର ହୋଇ ଏହି ଭଳି ଭାବରେ ବେଦନାକୁ ଜଗନ୍ନାଥଙ୍କ ପାଖରେ ଜଣାଇ ଥିଲେ କିନ୍ତୁ ଠାକୁରେ ତାଙ୍କର ଗୁହାରି ନଶୁଣିବାରୁ "ବାଧିଲା ଜାଣିଛମା" କବିତାକୁ ଗାଇଥିଲେ । ମାତ୍ର ଭକ୍ତ ଗୋପାଳକୃଷ୍ଣ ଏହି କବିତାରେ ଧନରତ୍ନ କିଛି ମାଗି ନାହାନ୍ତି । ବିନମ୍ର ସହକାରେ ମାଗୁଣି କରିଛନ୍ତି ଆରାଧ୍ୟ ଦେବତା ରାଧା କୃଷ୍ଣଙ୍କ ସେବା ପାଇଁ)

ରାଗ—କୌଶିକ

କୃପା ନ କଲେ । କାହିଁକି ଧରିବ ପରାଣ ?
ବ୍ରଜେନ୍ଦ୍ର ହୃଦୟ ବିହାରିଣୀ ରାଧେ ହୋଇ ଯିବତ ଅକାରଣ । ପଦ ।
ନମିଳିବ ବେଳେ ହେଲେ ପଦସେବା
ଅମଳ ଶ୍ରୀକଂଜ ଚରଣ
ପ୍ରାଣନାଥ ସଖୀ ମଂଜରୀ ମାନଙ୍କୁ
ଏହି ପାଇଁ ନତି ଜଣାଣ । ୧
ରାସା-ବସାନରେ କୁସୁମ ବ୍ୟଜନ
ଆଳୀ ଛଡ଼ିଲେ ମୋତେ ଡ଼ାକି
କୋଟିଏ ଜନ୍ମର ତପସ୍ୟାର ଫଳ
ବ୍ରଜ ପ୍ରାପ୍ତି ଆଉ କାହିଁକି । ୨
କେଶର କୁଂଜରେ ପ୍ରାଣେଶ ସଂଗରେ
ନ ଦେଖିବ ଯଦି ଦୁହିଁଙ୍କ
ଆଖି କହ୍ନିବାର ହୋଇଯିବ ସିନା
ଯେମନ୍ତେ ଚନ୍ଦ୍ର ଚକୋରଙ୍କ । ୩
ପରମ ଅଭୀଷ୍ଟ ସ୍ୱାମିନୀ ସୁକୃଷ୍ଣ
ନ ପାଇବ ଯଦି ରସନା

ଢଳସୁ ଢଳ ପଙ୍କଜ ଘର୍ମ ଭୂଷେ
ହୋଇଥିବ ପିନା କୁଳବା । ୪
ଭୁଜ ଯୁଗଳ ପିନ୍ଧାଇ ଥିବାର
ସୁଧନସ ସ୍ରଜ ପ୍ରାନ୍ତରେ
ସଜ ସାଜବାକୁ ପିଁଠାଣ୍ଡି ସଜନି
ନ ଦେବେ ଯନ୍ଧ ମୋ ହାତରେ । ୫
ପରମ ଦୟା ମୟୀ ନାମ ଶୁଣି ମୁଁ
ପ୍ରତ୍ୟାଶା କରଛୁ ସ୍ୱାମିନ
ଦନ୍ତେ ତୃଣଧରି ଭଣଇ ଗୋପାଳ
କୃଷ୍ଣ ହେ କୃଷ୍ଣ ପ୍ରଣୟିନୀ । ୬

କୁଞ୍ଜବିହାରୀ ଶ୍ରୀକୃଷ୍ଣଙ୍କ ପ୍ରତି ଚନ୍ଦ୍ରାବଳି

ତାଳ ଆଠ ତାଳି
(ଯୋଷା କରରେ—ଭୂଷେ)

ବନମାଳି ହେ
ଚନ୍ଦ୍ରାବଳୀର ଖେଳା ମାଳ ହେ ।
ରସିକ ମଣ୍ଡଳ ସାର ସୁନା ଥାଳ
କେଳଣ୍ଡ କୈରବ ଖାଣ୍ଡି ହେ । ପଦ ।
ଶ୍ରୀପଦ ସାରଙ୍ଗ ଢଳେ ମନ ଭୃଙ୍ଗ
ଖାଉଥିବ ଯାହା ଗଳ ହେ
ଅଖିଳ ଅବନୀ ମଧ୍ୟେ ସୌଭାଗିନୀ
ନଥିବ କେହି ତା ଭଳି ହେ । ୧ ।
ବରଣ୍ଣ ଶଙ୍କର ଯେ ପଦେ କଙ୍କର
ଯା ଭଙ୍ଗା ପଯ୍ୟର ଧୂଳି ହେ
ମଉଳରେ ବୋଳି ଗୌତମ ଲଲନା
ଲଭିଲା ଅଖେଳ ହେ । ୨ ।

ଶ୍ୟାମ ମୋ ଗଳାର ମାଳ ଗୋ

ଶ୍ୟାମ ଲାଗି ମୁଁ ପାଗଳ

ଶ୍ୟାମ ସୁମନରେ ଅତି ଯତନରେ

ଭରନ୍ତ ପୂଜାର ଥାଳ ଗୋ ।

(ଗୋପାଳ କୃଷ୍ଣ ଗ୍ରନ୍ଥାବଳୀ ୩୧୪ ପୃଷ୍ଠା)

ଲଭି ସେ ପୟର — ଧନ୍ୟ ହେଲା ମୋର
ନଶ୍ୱର ଜୀବନ ଜନ୍ମ ହେ
କେବେ ନନ୍ଦସୁତ — ଆଶ୍ଳେଷେ ଲଭିବି
ଜଡ଼ ଅଙ୍ଗେ ଶକ୍ତି ଭଳି ହେ । ୩ ।
ନ ତେଜଇ ପ୍ରାଣ — ସ୍ୱୟଂ ରସିକେଶ
ରତି ଅପାଙ୍ଗଭଙ୍ଗୀ ହେଲେ ହେ
ମନ-ସ୍ମୃତି ଭଣ୍ଡାର — ଲୁଟିବ ଅବଶ୍ୟ
ଦରଶ ହୋଇବ ଭଳି ହେ । ୪ ।
ଗୋଲକ ବିହାରି — ହେ ପ୍ରଭୁ କଂସାରି
ସେବକ ଯାଚନା ନଇଚ୍ଛିଲ ହେ
ଏହି ବାଞ୍ଛା ଥିବ — ଅନ୍ତର ନୋହିବ
ଗୋପାଳ କୃଷ୍ଣ ସ୍ୱୀ ଭଲ ହେ । ୫ ।

—*—

ଶ୍ରୀକୃଷ୍ଣଙ୍କ ପ୍ରତି ଶ୍ରୀରାଧା

ରାଗ—ପଦମଞ୍ଜରୀ

(ପୀତପଟ କଛଟ—ବୃତ୍ତେ)

ବାଟ ଛାଡ଼ ହଟିଆ-ଏତେ ହଟ କର ଆଉ ନମାଗ ବାଟ ।
ଶୁଣିଲେ ଏ ନଟ — ଗୋପ କଟକରେ
ନାଗରୀ ସମାଜ କରିବେ ଥଟ୍ଟା । ପଦ ।
ଶାଶୁ ମୋର ଦୁଷ୍ଟା ଜଟିଳା
ଶୁଣି ନଣନ୍ଦଟି କୁଟିଳା
କେତେ ହଟା ନଟା — ଲୁଟାଇ ଦେବେଟି
ଯିଠା ହୋଇଯିବ ଘୁଟା ମୁହଁଟା । ୧ ।
ଭୁଲ ଲଗି ବ୍ରଜ କଟକେ
ମୁଣ୍ଡ ଟେକି ମୁହଁ ଝଟକେ
ଆରୋଗ ନାସୁଣାରେ — ବାଉଁଶ ପକ୍କେ ନଇଁ
ବାଟେ ହାଟେ ବେଶ୍ଲ ଉପରେ ଖଟା । ୨ ।

ବେଳ ହୋଇଲାଣି ଉଛୁର
ଖାଳ ମୋତେ ମାଡ଼ୁଛି ଡର
ଗଂଜଣ ଅପାର ନଣନ୍ଦ ମୋହର
ଶାଶୁ କହୁଦେବେ କୁଳଟା । ୩ ।
ତୁମ ଲାଗି ହେ ବନମାଳୀ
ଖାଇ ନାମେ ଲାଗିଛି କାଳି
ଗାଳି ଶୁଣି ଶୁଣି ହାଲିଆ ହେଲିଣି
ତେବେ ସୁଦ୍ଧା ତୁମେ ଲଗାଅ ନାଟ । ୪ ।
ହେଲେ ହେଉ ଯେତେ କଳଙ୍କ
ଶ୍ୟାମ ତୁମେ ମୋର ବାଳକ
କରୁଛି ନୟମ ସାକ୍ଷୀରଖି ଧନ-
ମଣିକୁ ନିର୍ମଳ କରି ମନଟା । ୫ ।
ଦୟା ରଖିଥାଅ ମୋହନ
ମାୟା ନକରଣ ରଚନ
ଭଣିଲେ ଗୋପାଳ କୃଷ୍ଣ ଭାଳ ଭାଳ
ସମ୍ବଳ ଖଣ୍ଡିଏ ପଦ୍ମପାଦଟା । ୬ ।

—*—

ଶ୍ରୀକୃଷ୍ଣଙ୍କ ପ୍ରତି—ଚନ୍ଦ୍ରାବଳୀ

ରାଗ—ଝୁଲା

କଳା କାହ୍ନୁ ହେ କେତେ ମୁଁ କହିବ ଆଉ ।
ଯା ହେବାର ହେଉ ଜୀବ ଗଲେ ଯାଉ
ପ୍ରୀତି ସମ୍ବନ୍ଧନେ ଥାଉ ।
ମୋହନ । ପଦ ।
ଘନା ଚନ୍ଦ୍ରାବଳି ମାଗେ ପଦଧୂଳି
ତାପ୍ରତି କରୁଣା ହେଉ
ଫୁଲ ଭୃଙ୍ଗ ପରି ପ୍ରୀତି ନ ଆଚରି
ଚିରକାଳ ଜଣା ରହୁ । ୧ ।

ମୋ କଣ୍ଠର ମଣି ତୁମ୍ଭେ ନୀଳମଣି
କେବା ଜାଣେ ତୁମ୍ଭ ଭାଉ
ବହୁ ଦିନ ପରେ ଲଭି ନିକଟରେ
ଛାଡ଼ି ଦେବାର ନ ହେଉ । ୨
ଶ୍ୟାମ ପ୍ରୀତି ଧନ ପାଇ ଏ ଜୀବନ
ଯିବାର ହୋଇଲେ ଯାଉ
ପର କରି ହରି ନ ଦିଅ ପାଶୋରି
କୁଂଜରେ ରଜନୀ ପାହୁ । ୩
ହେ ପ୍ରାଣ ବାଂଧବ ଚନ୍ଦ୍ରାବଳୀ ଧବ
ତୁମ ମାୟା ଜାଣେ କେହୁ
ଗୋପାଳ କୃଷ୍ଣର ଅକିଂଚି ମାତର
ଅଳ ପ୍ରଭୁ ଗୁଣ ଗାଉ । ୪

ସେବାଲାଳସା

ରାଗ ଜୌନପୁର ତୋଡ଼ି—ତାଳ ଯତିତାଳୀ

(ପୀରତି ପ୍ରଥଗସତ୍ତାରେ ସଙ୍ଗୀତ—କୃତେ)

ଚିନ୍ତୁଥା ତୁ ନିରନ୍ତରେ ରେ ମାନସ ! ଚିନ୍ତୁଥା ତୁ ନିରନ୍ତରେ
ହେବାକୁ କିଂକରୀ ବୃନ୍ଦାବନେଶ୍ୱରୀ ଶ୍ରୀ ପଦାମ୍ବୁଜ ପ୍ରାନ୍ତରେ ।ସଦା
ସୌନ୍ଦର୍ଯ୍ୟର ଅଧିଷ୍ଠାତ୍ରୀ ଯା ଚରଣେ ହୋଇବା ଆଶାରେ ଦାସୀ
ଶ୍ରୀ ବନରେ ବସି ତପ ସାଧୁଛନ୍ତି ଯୁଗଳ ସେବା ମନାସି ।୧
ପ୍ରେମର ଆଶ୍ରୟ କେବଳ ଶ୍ରୀବୃଷଭାନୁ ନୃପତି ନନ୍ଦନା
ପ୍ରେମର ବିଷୟ କୃଷ୍ଣପ୍ରାପ୍ତି ହେବେ ତାଙ୍କ ଅନୁଗ୍ରହେ ବିନା ।୨
ଯଥାର୍ଥରେ ବୁଝି ତୋ ବିଚ୍ଛେଦ ଦୁଃଖ ଦାରୁଣ ଯନ୍ତ୍ରଣା ସୃଷ୍ଟି
ହୋଇଯିବ ଲଣା ତାହାଙ୍କ କରୁଣାମୃତ ଧାରାହେଉ ବୃଷ୍ଟି ।୩
ସିଦ୍ଧ କଳେବର ଅନୁସରି ତୋର ନାୟିକାଦେହୁଁ ତେଜି ଲୋଭ
ଖସଇ ଗୋପାଳକୃଷ୍ଣ ଦାସ ପାଇଁ ପ୍ରମାଦରୁ ଏତେ ଲୋଭ ।୪

ରାଗ କେଦାର—ମିଶ୍ରରୂପ ତାଳ

(ବନ୍ଧୁ ଏ କି ଲାଜ ନଦେଇ ମୋତେ ଉପହସେ—ବୃତ୍ତେ)

ନୟନରେ ନାଚୁଛି ତୋ ରୂପ ଚନ୍ଦ୍ରମା ମୂର୍ତ୍ତିରେ
ଯେଣିକି ଚାହିଁଲେ ତୋ ଲାବଣ୍ୟ ମୋହିତ କେବଳ ଜଣେ
ନନ୍ଦସୂନାହିଁରେ ।ପଦ।
ବିଲୋକିଲେ ଅବା ଶୁଣିଲେ ମୋ କାଣୀ
ଗାଳବନ୍ଧୁ କେତେ ସ୍ନେହୀ
ମାଘ ଫୁଲ ପରି କଳେବର ଯାକ
କିଶୋର ପୁଲକୁ ଥାଇ ।୧
ଦେଖୁଥାଇ ରତେ ମୋ ଦୃଷ୍ଟି ଖଞ୍ଜନ
ଚଳଲୁ ଚଳଲେ ସବୁ
ଚୁମ୍ବ ଦେବା ଛଳେ ମୁଖେ ମୁଖ ଦେଇ
ରହୁ କି ମୁକୁଳିଲି ମୁହିଁ ।୨
ସୁର ଭାବେ ତଳୁ ତଳେ ଅଲୋଦରି
ତୁପାଖ ପାଖରେ ରହି
କାସ ପିନ୍ଧୁ ମାଳ ବନ୍ଧ ଖୋସୁ ବନ୍ଧ
ହସି ଯା ଦେଖୁଛୁ ଚାହିଁ ।୩
ଅଇଲା ବେଳେ ମୋ ପଛେ ପଛେ ଆସି
ଦାଉଦାନ-ସ୍ପର୍ଶ ଦେଉ
ଦେହଲୀ ଦୁଆରୁ କନକ ରତ୍ନୋଲୁ
ରତ୍ନସିଂହାସ ଭୁ କଣ୍ଠ ।୪
ଇନ୍ଦ୍ରମଣି ସୁଷ୍ଟ ସ୍ତ୍ରକ ତୋର ବଣ୍ଟ-
କର୍ଣ୍ଣ କି ପାଖେ ଲଗୁ
କୋଳେ ଗୋପାଳକୃଷ୍ଣ ଆଉ ଲଭବ
ଉଲଟଲେ ଭବାଯାଇ କାହିଁ ।୫

ସାଧକର ଲାଲସା

ରାଗ, କଲହଂସ କେଦାର—ତାଳ, ଝୁଲା

(କହଇ ମନ ଆରେ ମୋ ଖ୍ୟାଲକର ବୃତ୍ତେ)

କରୁଣାମୟୀ ରାଧେ ! ଶ୍ରୀ ଗାନ୍ଧର୍ବିକେ
ଗୋଷ୍ଠେନ୍ଦ୍ର ସୂନୁ କୃଷ୍ଣ—ଜୀବନାଧିକେ ସ୍ନେହା
ଦୟା ସାଗର ବୃନ୍ଦାରଣ୍ୟାଧୀ ଦେବି ।
ସତେ କି ମିଳ ଦେବେ ସେବକ ବୃତ୍ତି ମୋ ।୧

ସୁରଥଶ୍ରାନ୍ତ ଶ୍ରୀ ଭୁଜଙ୍ଗବଦ୍ୟା ସଙ୍ଗିନୀ
ବଲ୍ଲକୀ ବିନୋଦନୀ ଗୀତରଙ୍ଗିଣୀ ହେ
ସୁରୂପା ସଖୀଙ୍କି ଦେଉଁ ଆଦେଶ
ତାଙ୍କ ମୁଖରୁ ନେବେ ସିଖାଇ ବେଶ ଯେ ।୨

ତାଙ୍କ ଆଜ୍ଞାବାଣୀ ଶିରେ ଘେନ ସନ୍ତୋଷେ
ସୁସେବା ଆଦରିବ ମଞ୍ଜରୀ ମଧ୍ୟେ ହେ
ଯାବନ୍ତ କାଳ ଯନ୍ତ୍ରବର୍ଯ୍ୟ ଯେମନ୍ତେ
ସବୁ ନର୍ତ୍ତା କରିବ ଚରଣ ପ୍ରାନ୍ତେ ହେ ।୩

ନିଭୃତ ନିକୁଞ୍ଜରେ କେଳି ବିଳାସେ
ନିଶାନ୍ତେ ବଣାଦେଇଁ ଗବାକ୍ଷ ପାର୍ଶ୍ୱେ ଯେ
ଯୁଗଳ ଜୟଗୀତ ଗାଇଁ ନାନନ୍ଦେ
ଜାଗିଁନା ବେଶେ ମୁଗ୍ଧଦେବ ସ୍ୱଚ୍ଛନ୍ଦେ ଯେ ।୪

ସାଧକାଂଗେ ସାଧନ ଧନ ପ୍ରାପତେ
ଜୀବନକୁ ସାର୍ଥକ ମଣିବ ଶତେ ଯେ
ହେ ସ୍ୱାମିନି ! ଏଭାଗ୍ୟ କେବେ ଘଟିବ ?
ଗୋପାଳକୃଷ୍ଣ ଶ୍ରୀ ପଦାବ୍ଜେ ଘଟିବ ଯେ ।୫

ବିଦେଶରେ ବିରହୀର ଭାବନା

ରାଗ ପରଜ—ତାଳ ଆଠତାଳୀ

(ଦେଖାଇବକ ସତେ ଦଇବ—ବୃତ୍ତେ)

ସଖି ଜିବନ ଲୋଡ଼ ଲୋଡ଼ ଯେ ମୋତେ ସରୋଜ ଲପନା ।ପଦ।
ବସନ୍ତ ମରୁତ   ପିକ ମଧୁ ବ୍ରତ:
ବଧୂ ସଖା ସେନା ସୈନ୍ୟ ସଂଗେ
କେତକୀ କୁନ୍ତ ଦିଶାଇ   ଚାପରେ ଶର ବସାଇ
ଦାରୁଣ ମଦନ ଧାଡ଼ି ଦେବନରେ ଉଦ୍ଭବନ । ୧

ପ୍ରାଙ୍ଗଣର ମଲ୍ଲୀ   ବଲ୍ଲୀରେ ବନ୍ଧୁଲୀ-
ଅଧରା ଭୃଙ୍ଗ ରଂଗକୁ ସ୍ପୃହିଁ ।
କାମପଦ ଅଳନ୍ଦରେ   ଝଙ୍ଗି ଦୁଆର ବଂଧରେ
ଅପସରି ଲୁହ ପୋଛୁ ଥିବାନରେ, ଥିବନ । ୨

ଆଳୀ ମୋ ସଂଦେଶ   ପଶୁନ୍ତି ନାସ୍ତିଶ
ମଥା ପୋଛ ଧସାରେ ଅଙ୍ଗ ଶ୍ରୀ
ଝସି ଘସି ଅସୁଁ କଣ୍ଠ   ବାଣୀକଣ୍ଠେ ଗଲେ ରହି
ଶୋକରେ ଜିବଳୀ ବଳ ଦେହବନରେ, ଦେହବନ । ୩

ଉତ୍ତୀର୍ଣ୍ଣ ସୁବର୍ଣ୍ଣ   କାନ୍ତକ ଯା ବର୍ଣ୍ଣ
ହସୁଥାଇ ଏବେ ଶୀର୍ଣ୍ଣ ଦେହ
ଝାଞ୍ଜି ବଜା ନବବଲ୍ଲୀ   ପରଶେ ଜିବନ ଲୋଳ
ଶେଷ ଲଗି ଯାଇଥିବ ମୋ ଦେହନରେ, ମୋ ଦେହନ । ୪

ମାର ଅଂଧକାର   କ ପରେ ଗୁଆଁର
ପଣେ ଚିନ୍ତାମଣି ଦେଲ ଫିଙ୍ଗି
ଗୋପାଳ କୃଷ୍ଣ ଭଣିତ   ଆଜ କ ପରାଣ ମିତ
ଧନ ଧରିବ ମୋଗୁଣ ବାଉନରେ ବାଉନ । ୫

—※—

ରାଧାଙ୍କୁ ସଖୀମାନଙ୍କ ପ୍ରଶଂସା

ରାଗ ତୋଡ଼ି ପରଜ—ତାଳ ଆଡତାଳୀ

(ଲୋ ସଜନୀ ! ଗଲିନି ମୁଁ ଲାଜେ ସରି—ବୃତ୍ତେ)

ରେ କିଶୋରି ! କନକ ମୁକୁର କାନ୍ତି
ଶ୍ୟାମ ବିଳାସର ସୁନ୍ଦରି ତନୁ ତୋ ଦିଶେକି ଅପୂର୍ବ ଭାନ୍ତି । ଘୋଷା ।
ସୁନୀଳ ବସନ ରତନ ଭୂଷଣ
ଜଳଦେ ଦାମିନୀ ଉଦେ
କୁଂଚିତ କେଶରି ସର୍ପିଣୀ ବେଣୀଟି
ଦୋହଲି ଖେଳଇ ହୃଦେ । ୧
ସ୍ମର ମୁଗ୍ଧ କର ଲଲାଟେ ସିନ୍ଦୂର
ତହିଁ ମଳୟଜ ରେଖା
ନବ ଜଳଧର କୋଳେ କି ଅରୁଣ
ନବ ଇଂଦୁ ଦେଲା ଦେଖା । ୨
ଲୋଚନ ଖଞ୍ଜନ ଗଂଜନ ରଂଜନ
ଅଂଜନ ବସନ ରାଜେ
ରୁଣିତ କିଂକିଣୀ ସୁମଞ୍ଜୀର ଧ୍ୱନି
ମନୋହର ବାଜେ । ୩
ରାଜ ହଂସ ଗଜ ଗତି ବିଡମ୍ବନ
ଅବଲମ୍ବୀ ସଖୀ ହାତେ
ଚରଣ ଶବ୍ଦେ ମଧୁକର ନିକର
ବସନ୍ତ ଯୂଥିକୁ ଯୂଥେ । ୪
ସ୍ୱର୍ଣ୍ଣ ଲତାଜିଣି ନବସୌଦାମିନୀ
ରୂପ ତୋ ବଧି ଅବଧି
ଗୋପାଳକୃଷ୍ଣ ଯେ ଶ୍ରୀପଦାବ୍ଜେ ଭଜେ
ନୂଆ ଦାସୀପଣ ସାଧି । ୫

ରାଗ ଖଣ୍ଡିଆରୀ—ତାଳ ଏକତାଳି

ଧୀରେ ଧ୍ୟାଅ ମନ !

ରାଧା ଗୋବିନ୍ଦ ମୂରତି କି ସଙ୍ଗନ !

ନିକୁଞ୍ଜ ଶେଯରେ ବିଜେ କରିଛନ୍ତି

ସଖୀ ମଞ୍ଜରୀଙ୍କ ପ୍ରାଣ-ଧନ । ଘୋଷା ।

କୁନ୍ଦନ ମଣ୍ଡିତ ମଣିଆଗ୍ର ତମାଳେ କନକଲତା କିବା

ବ୍ରଜାଙ୍ଗନା ଦେଖେ ସମୁଦିତ କସେ

ସ୍ଥିରି ସୌଦାମିନୀ ଘନ ପ୍ରଭା । ୧

ତରୁଣ ତରୁଣୀ ରମ୍ୟବେଶ ପରିଧାନ ନୀଳ ପୀତବାସ

ମୃଗ ମଦକରି ଗାଲେ ମନୋହର

ଅପୂର୍ବ ପ୍ରଣୟ ଭାବାବେଶ । ୨

ଶ୍ରୀବକ୍ଷେ ମାଳତୀ କୁନ୍ଦହାର ଶିରେ କେକୀପୁଚ୍ଛ ପୁଷ୍ପଝୁରି

ନୀଳ ଶୋଣାବ୍ଜ ନୟନୁ ସ୍ରବ ପଡ଼େ

ଝର ଝର ପ୍ରେମ ଅଶ୍ରୁଧାର । ୩

ଆଳୀ ଆଳ ସ୍ଥିତ ଚଉପାଶେ ପରସ୍ପରଙ୍କ ହାସ ପରିହାସେ

ସ୍ୱେଶ୍ୱରୀ ସ୍ୱେଶ୍ୱରି ଯୁଗଳ ପୟର

ସ୍ମରଣେ ଗୋପାଳକୃଷ୍ଣ ଭାଷେ । ୪

—✳—

ମନଶିକ୍ଷା

ରାଗ ଶଂକର ଭରଣ—ତାଳ ଆଠତାଳୀ

(ଦୟାମୟୀ ଈଶିକ—ବୃତ୍ତେ)

ରାଧା ବଂଶୀ ବଦନ । ସ୍ମର ନିଭୃତ ନିକୁଂଜେ ମନରେ ।ପଦ।

ଶ୍ରୀ ବୃଷଭାନୁ କୁମାରୀ ରାସେଶ୍ୱରୀ ଗୋଷ୍ଠ ମଧବା ନନ୍ଦନ

ଅଭିନବ ଲୀଳା କମଳ ଧାରିଣୀ ବ୍ରଜେନ୍ଦ୍ର କଗଦନ୍ଦନ । ୧

ମହା ଭାବମୟୀ ବୃନ୍ଦାରଣ୍ୟ ରାଣୀ ଶ୍ରୀବ୍ରଜାରଣ୍ୟ ମଦନ

ଅପ୍ରାକୃତ ପ୍ରେମ ପ୍ରତିମା ଯୁଗଳ ଲାବଣ୍ୟ ମୃତ ସଦନ ଯେ । ୨

ଘାଟମୂଲ ନ ଦେଇ   କାହିଁ କରୁଛ ଗୋଳ

କଥା ପଡ଼ିବ କଂସ ଆଗର ରେ

ଗୋପାଳ କୃଷ୍ଣ ବୋଲେ   ଆଜି ଘାଟ ନଦେଲେ

କଳସୀ ରହିଯିବ ଠାଉ ରେ ।

(ଗୋପାଳକୃଷ୍ଣ ଗ୍ରନ୍ଥାବଳୀ   ୩୨୩ ପୃଷ୍ଠା)

ଶ୍ରୀ ଗୋକୁଳେଶ୍ୱରୀଙ୍କର ଜୀବନ ଭୂଷଣ ଗୋପିନୀ ଜୀବନ ଧନ
ଉଜ୍ଜ୍ୱଳ ରସ ବିଗ୍ରହ ବ୍ରଜଜନ ବୃନ୍ଦ ଆନନ୍ଦ ବର୍ଦ୍ଧନ ଯେ । ୩
ଜମ୍ବୁନଦ ହେମ ଅମ୍ବୁଦ ବରନ ନୀଳଶୋଣାବ୍ଜ ନୟନ
ଗୋପାଳକୃଷ୍ଣର ହୃଦ ସଂପୁଟକ ଅମୂଲ୍ୟ ମଣି ରତନ । ୪

ସଖୀମାନଙ୍କପ୍ରତି—ଶ୍ରୀରାଧା

(ତାଳ—ଆଠତାଳି)

ପୀତପଟ୍ଟ ସେ ଶ୍ୟାମ ସୁନ୍ଦର ଗୋ ସଖି !
ଯାହା କଲେ ମୋ' ସଙ୍ଗେ ଶୁଣରେ ଗୋ । ପଦ ।
ଯମୁନା ଗଲି ସଖି । ପାଣି ଆଣିବା ପାଇଁ
ପଥେ ଭେଟିଲେ ବ୍ରଜ ଚନ୍ଦ୍ର ଗୋ । ୧ ।
ବନ କୁସୁମେ ବେଶ ସାଜିଥିଲେ ସରସ
ମୁରଲୀ ଥାପିଲେ ଅଧର ପରେ । ୨ ।
ମୋତେ ଦେଖି ସେ ମନ୍ଦେ ହସି ତ୍ରିଭଙ୍ଗୀ ଛନ୍ଦେ
କହିଲେ ଆସି କଥା ମଧୁରରେ । ୩ ।
କିଗୋ ବ୍ରଜ କିଶୋରୀ ଏକ ଗୋପ ଆଚରି
ସାର ନେଉଛ କର ଅନ୍ତର ରେ । ୪ ।
ଘାଟ ମୂଲ ନ ଦେଇ ଚାଲି କରୁଛ ଭଣ୍ଡାଇ
କଥା ଶୁଣିବ କଂସ ଆଦରରେ । ୫ ।
ଗୋପାଳ କୃଷ୍ଣ କୋଲେ ଆଜି ଘାଟ ନ ଦେଲେ
କଳସୀ ରଖିଯାଅ ଏଠାରେ ରେ । ୬ ।

ତାଳ ଏକତାଲି

(ବୃନ୍ଦାରେ ମିତ—ବୃତ୍ତେ)

ବୃନ୍ଦ ।ଶ୍ରୀନନ୍ଦ—ନାଳନ୍ଦାଞ୍ଚ

ବୁଲେ କି ରଙ୍ଗେ
ଶିରେ ଶିଖିପୁଚ୍ଛ କେଡ଼େ ସୁନ୍ଦର
ତୋଳିଥିଲେ ପର୍ବ ଗିରି ମନ୍ଦର
କ୍ଷୀର ଖିଆଇଛଲେ ପୂତନା ନାଶିଲେ
ଥାଇ ଉତ୍ସଙ୍ଗେ ।୧।
ଶିରେ ଖୋଷି ରଙ୍ଗ ଜାମ୍ବୁ ଡାଳିକ
ଭଙ୍ଗୀ କରି ବାଙ୍କେ ବୁଲେ ଚଳକ
ଗଳ ଗଳ ବୃନ୍ଦେଁ ବରଜ ବାଳୀଙ୍କି
କେଳି ତରଙ୍ଗେ ।୨।
କୋଟି କାମ ଜିଣି ତନୁ ସୁଷମା
ବାଳାରୁଣ କି ଅଧର ରଙ୍ଗିମା
ରୁଣୁ ଝୁଣୁ ବାଜେ ନୂପୁର ପଦ୍ମରେ
ଘାଗୁଡ଼ି ସଙ୍ଗେ ।୩।
ଚଳେ ପଛେ ଯାଉ ଏଥୁ ପରାଣ
ନଛାଡ଼ିବ କେବେ ଛନ୍ଦାଚରଣ
ଗୋପାଳ କୃଷ୍ଣ ଭାଷଇ ମୋ ମାନସ
କୃଷ୍ଣ ପ୍ରସଙ୍ଗେ । ୪ ।

ରାଗ ଭୈରବୀ—ଆଠତାଳି

ଶ୍ୟାମଳ ନିର୍ମଳ ଜଳଧର ଲୁଣ୍ଠକ ।ପଦ।
ଲାଜ ସନ୍ତ ପିତା ବୁଲ— ଜଳଧି କରି ଚଞ୍ଚଳ
ପ୍ରୀତି ଲାଗି ରାଧା ତନୁ ଦେଲାନ ବଳ ।୧
ଜାଣରେ ସଜନ ଜୀବ ଯେବେହେଲେ ବରଜବ
ଲୁଚିଦେଲେ ସବୁଦନେ ଭଉଁଥିବ କି ।୨

ଆଜଟାଏ ଆଜନମୁ   ବରତ କେତେ କରି ମୁଁ
ବର ମୁଁ ମାଗୁଛି ନନ୍ଦ ସେବ ଉଦ୍ଧବ ।୩
କଳା ରତ୍ନ ମଣି ମୋର   ଗଳାର ହାରଇଲ କର
ମୁଁ ଯୋଗୀ ସେ ଥାଳ ତେଜ ବରଣ୍ଡବ କ ।୪
ଉପାସ୍ୟ କହୁଛି ତୋତେ   ବିଷ ଗୋଳଦେ ମୋହାତେ
ମନା କରନା ତୋ କଥା ନପାଳିବ କ ।୫
ଗୋପାଳ କୃଷ୍ଣ ଭଣିତ   ଆଳୀ ବୁଝିବାକୁ ତତ୍ତ୍ୱ
ପଦ୍ମଶରଳେ ବଜେକର ବୃନ୍ଦାଟବୀ କ ।୬

—•—

ଶ୍ରୀକୃଷ୍ଣ ପ୍ରତି ଯଶୋଦା

(ଉଠିଲ୍ ଏଡ଼େ ବେଗି—ବୃନ୍ଦେ)

ମାଲ ହାଣ୍ଡ ! ଲୁଚ ପିବ ମୁଁ ତୋହ ପାଇଁକ
ଚତ୍ତ୍ୱରେ ଭଲେ ଉର ନାହିଁକ । ପଦ
ନମାନ ମୋରମନା   ଆରେ କାଳଆ କାହ୍ନା
ଏତେ ଦ୍ୱରି କରୁଛୁ କାହିଁକ ? ୧
କ୍ଷୀର ସର ଲବଣୀ   ଦେଲେରେ ମାଳମଣି
ଥୂ ଥୂ ଥୂ କରୁ ତୁ ନ ଖାଇକ । ୨
ପତି ଗୋପ ନଗରେ   ଲୁଚିଇ ଘରେ ଘରେ
କହନ୍ତି ଆସି ଗୋପ ଗୋଇକ । ୩
ନଶୁଣି ବ ମୁଁ ଏତେ   ଲୁଚ ପିବରେ ତୋତେ
ବୁଡ଼ି ମରିବ ଜଳେ ଯାଇକ । ୪
ମୋଘରେ କିସ ନାହିଁ   ପର ଘରେ ଲୁଚିଇ
ଖାଉଛୁ ଲାଜ ଲାଗୁ ନାହିଁକ । ୫
ଗୋପାଳକୃଷ୍ଣ କହୁ   ଆଉ କେଣେ ନଯାଇ
ଯା' ଇଚ୍ଛା କର ଘରେ ଥାଇକ । ୬

—*—

ଶ୍ରୀରାଧାଙ୍କ ପ୍ରତି ସଖିମାନେ

(ରାଗ—ସୋରଠ)

ଏକତାଳି—ମାନ ଭଞ୍ଜନ ଯଥାଧଷ୍ଟ ।

ଲୋ ଅନୁରାଗରେ ମଣ୍ଡଳ ଗଲେଣି
କଳାକାନ୍ତ ବଂଶୀ ଧାରି । ପଦ ।
କିଶା ଜନେ ଜଣା କରିବା କରୁଣା
ବଢ଼ମ୍ନା ନନ୍ଦସୁଣ
କଟୁବଚନରେ ମୁନ ମାନସ ମୋହିନୀ
କଲୁ ତାଙ୍କୁ ଏତେ ସର । ୧
ବିରତ ଗମନା ଚପ କାଳିଆ ସୁନା
ନୂତନ କବା ତୋହର
ତାଙ୍କ ଅବର୍ଣ୍ଣେନ ଚୋରେନ ନୟନୁ
ନୀର ନପିବକ ଝର । ୨
ରୋ ବରହେ ଧନୀ ପ୍ରଚଣ୍ଡ ଅଗନୀ
ଧାତେ ବ୍ୟଥା ପାଇ ହଞ୍ଜ
ବାଧା ନ ପାଇଣ କରନ୍ତି କାରୁଣ୍ୟ
ଦେଖି ଗୁଣ୍ଡ ଉଠେ ଅଛି । ୩
ମାର ମାର ଗଣି ଯୋଗି ପଣ ପଣ
ଭାଇ ସାଥେ ସମ୍ଭାଳି
ସହ୍ୟ ନପାରନ୍ତି ମଧ୍ୟରେ ଲେଟନ୍ତି
ତାକ ରାଖି ଶ୍ରୀ କିଶୋର । ୪
ଦେଜ ଅଭିମାନ ରେ ରାମା ରତନ
ଆଣ ତାଙ୍କୁ କର ଧରି
ଗୋପାଳକୃଷ୍ଣର ଦୁଃଖ ହେଉ ଦୂର
ଅଭିମାନ ଯାଉ ସରି । ୫

—*

ମିଳନ ମାଧୁରୀ

ତାଳ—ଏକତାଳି

(ଧୀରବରେ—ବିଧନ୍ତୁଙ୍କ ବୁଦ୍ଧଗ)

ସହିରେ· · ·ଦେଖ ଥରେ ଖୋଲି ନୟନ ।
ବଜେ କୁଂଜ ଦୋଳପରେ ମଦନ ମୋହନ
ବାମେ ରାସେଶ୍ବରୀ ରାଈ
ଶ୍ରୀ ଅଙ୍ଗେ ଅଙ୍ଗ ଜଡ଼ାଇ
ପର୍ବ ଶର୍ବରୀଶ ମୁଖ ଦିଶେ କି ଶୋଭନ । ୧
ଅଧରେ ମୋହନ ବେଣୁ
ଦେଇଣ ଯଶୋଦା ସୂନୁ
ଶ୍ରୀରାଧେ ଶ୍ରୀରାଧେ ବୋଲି କରନ୍ତି ବାଦନ । ୨
ଆଲିହିଁ ଚାମର ଧରି
ଖଟିଛନ୍ତି ସହଚରୀ
ସବୁରି ମୁଖ ମୟୂଖ ଦିଶୁଛି ପ୍ରସନ୍ନ । ୩
ଭୁଙ୍ଗ ବିଦ୍ୟା ବୀଣାଧରି
ବାଏ ଅତି ଯତ୍ନ କରି
କୁଂଜେ କୁଂଜେ ଉଡ଼ି ଉଠେ ସୁରଙ୍ଗ କେତନ । ୪
ଆହା ଯୁଗଳ ମୂରତି
ନୟନେ ତୃପ୍ତି ଭରନ୍ତି
ଗୋପାଳକୃଷ୍ଣ କରୁଛି ଭକ୍ତିରେ ବନ୍ଦନ । ୫

ଯଶୋଦାଙ୍କ ପ୍ରତି—ଶ୍ରୀକୃଷ୍ଣ

(ପଦ୍ମପଞ୍ଚ—ଏକତାଳ)

କହ୍ନା ଚରାଇ ଯିବ ମା ! ବେଳ ହେଲାଣି ବିଳମ୍ବ
ଦାଣ୍ଡେ ଜୁଣ୍ଡ ହୋଇଲେଣି ଆସି ମୋ ସଖା କଦମ୍ବ । ପଦ ।
ଭୁଞ୍ଜିବି ଦିଅ ଗୋ ଆଣି
ସର ସାକର ଲବଣୀ
ବଳରାମ ଭାଇ କାମ ସାରିଲେଣି ବେଗ ବେଗ । ୧
ଦେଖ ଧବଳୀ ଶ୍ୟାମଳୀ
ଛାଡ଼ିଲେଣି ହମ୍ବାରଡ଼ି
ବନେ ଯିବା ପାଇଁ କହ୍ନା ହୋଇଲେଣି ଚଙ୍ଗଚଙ୍ଗ । ୨
ଦିଅ ମୋ ଲଉଡ଼ି ବଂଶୀ
ଚୂଳେ ଶିଖି ପୁଚ୍ଛ ଖୋଷି
ଗୁଞ୍ଜମାଳ ଦିଅ ଗଳେ ଦିଶୁଥିବ ଅଭିରଙ୍ଗ । ୩
ପୀତବାସ କଟିତଟେ
ନୀଳ ଦୁକୂଳକୁ ଆଣେ
ଝଡ଼ ନୂପୁରେ ସଜାଇ ଦିଅ ମୋ ଚରଣ ଯୁଗ । ୪
ଭଳି ଭଳି ସଖା ସଙ୍ଗେ
ନାଚିବି ମୁଁ ନାନାରଙ୍ଗେ
କହ୍ନା ପଛେ ନାଚି କୁଦ କରିବି ମୁଁ କେତେରଙ୍ଗ । ୫
ନକର ଉଚ୍ଛୁର ଆଉ
ତୁମ ଦଧିମନ୍ଥା ଆଜି
ଗୋପାଳକୃଷ୍ଣ ଭାବର ସଖା ହୋଇଲେଣି ବ୍ୟଗ୍ର । ୬

ବାତ୍ସଲ୍ୟ ମମତା

ବତ୍ସା ଚରାଇ ଯିବି ମା ! ବେଳ ହେଲାଣି ବିଳମ୍ବ
ଦାଣ୍ଡ ଝୁଣ୍ଡ ହୋଇଲେଣି ଆସି ମୋ ସଖା କଦମ୍ବ । ୦ ।
× × ×
ଦିଅ ମୋ ଲଉଡ଼ି ବଂଶୀ
ଚୂଳେ ଶିଖୀ ପୁଚ୍ଛ ଖୋସି
ଗୁଞ୍ଜମାଳ ଦିଅ ଗଳେ ଦିଶୁଥିବ ଅନ୍ତରଙ୍ଗ । ୩ ।
(ଗୋପାଳକୃଷ୍ଣ ଗ୍ରନ୍ଥାବଳୀ ୩୨୮ ପୃଷ୍ଠା)

ଗୋପୀମାନଙ୍କ ଚିନ୍ତା

(ତାଳ—ଆଠତାଳି)

ସେ ନନ୍ଦ ଶିର ସୁଷମା
କେ ପାଶୋର ପାରିବ ମା । ପଦ ।

ଶ୍ରୀମୁଖ ମୟୂଖ ଠାଣି   ଧୈର୍ଯ୍ୟବନ୍ଧ ଛଏ ହାଣି
ତ୍ରିଭଙ୍ଗୀ ଛନ୍ଦ ନିରେଖି
ମୂର୍ଚ୍ଛିବ କେଉଁ ବାମା । ୧ ।

ନୀପପୃଷ୍ଠେ ବସି ସେହି   ମୁରଲୀ ବାଇଲେ ସହି
କହ ନ ଟଳିବ କାହା
ଧଇର୍ଯ୍ୟ ବନ୍ଧର ସୀମା । ୨ ।

ଯା'ର ନବନୀତ ତନୁ   ଜିଣିଛି କୋଟି ଅତନୁ
ବାଳାରୁଣ ନିନ୍ଦା କରେ
ଯାହା ଅଧର ରଙ୍ଗିମା । ୩ ।

ସେହି ମୋହନ ମୂରତି   ଯା ନେତ୍ର ହେବ ଭରତି
ନ ପଡ଼ି ପୀରତି ଫାନ୍ଦେ
ରହିବ କି ତା ଗରିମା । ୪ ।

ଗୋପାଳ କୃଷ୍ଣର ତନୁ   ବନ୍ଦା ସେ ପାଦେ ସନ୍ତତ
ଅଖିଳ ପତି ସେ ତାଙ୍କ
ପରବ୍ରହ୍ମ ଶ୍ରୀସ୍ୱାମୀ ରମା । ୫ ।

ଭକ୍ତର ଅନୁଚିନ୍ତା

(ତାଳ—ଝିମ୍ପତାଳ)

ରାଧେ କୃଷ୍ଣ ରାଧେ କୃଷ୍ଣ
ରଟରେ ରସନା ରଟ
ନିଖିଳ ଜଗତ ସ୍ୱାମୀ
ନିଖିଳ ଜଗତ ସ୍ରଷ୍ଟା । ପଦ ।
ଯୁଗଳ ପଦ କଞ୍ଜରେ
ରହ ମିଳିନ୍ଦ ଅଙ୍ଗରେ
ପାନକର ମକରନ୍ଦ
ଚିନ୍ତାକୁ କର ଉଚ୍ଚାଟ । ୧ ।
ଚିନ୍ମୟ ଶବ୍ଦବ୍ରହ୍ମ ଅନ୍ତ
ରସମୟ ଶିବପତି
ଆନନ୍ଦ ରୂପିଣୀ ସ୍ଫୁଟ
ସକଳ ଶାସ୍ତ୍ରେ ପ୍ରକଟ । ୨ ।
ଯେ ଦ୍ୱାଦଶ ବୃନ୍ଦାବନ
ସୁରମ୍ୟ ଗୋଲକ ଧାମ
ସେ ଧୂଳି ଲାଗିଲେ ମାଥେ
ନଦଣ୍ଡେ ଶମନ ସ୍ପୃଷ୍ଟ । ୩ ।
ଭଜମନ ସେ ଚରଣ
ହୋଇବୁ ସେବେ କାରଣ ।
ଲଂଘିବୁ ଯମ ଯାତନା
ଭଣିଲେ ଗୋପାଳ କୃଷ୍ଣ । ୪ ।

ଶ୍ରୀରାଧାଙ୍କ ପ୍ରତିସଖୀଗଣ

ତାଳ—ଆଠତାଳ

(ଦୁଃଖମଣ୍ଡ ନକର ସରସ—ବୃତ୍ତେ)

ରସବତୀ !

(କହ) କହିଁ ଆଜ ଆନ ତୋରଚିତ୍ତ । ପଦ ।
ଶ୍ରଦ୍ଧା ନାହିଁ ବେଶ ଭୂଷଣରେ
ମାଇ ଖୋଲୁ ଶୋଇ ଧରଣୀରେ
ମଉଳନ୍ତି ସିନ୍ଥି ପୂର୍ଣ୍ଣ ମୁଖ ଛବି
ମଳିନ ଦିଶୁଛି ଅଙ୍ଗ କାନ୍ତି । ୧ ।
କେ କିସ କହିଲା କିବା ତୋତେ
ଫେଣ୍ଡି ନନ୍ଦସୁତ କିମ୍ବା ଏତେ
କିବା ରସ ଗୁଜ ନଯୋଗ ଅଭଜ
ବିଫଳ କଲେ ବାସର ରାତି । ୨ ।
କଣ୍ଠ ଦେଇ କିବା ନ ଅଇଲେ
ଖଣ୍ଡ ଘର ଆଚରଣ କଲେ
ତେଣୁ ତୁ ଗୁମାନ ଭଲୁ ଗୋବଧନ
ଶିଥିଳ କରାଇ ଚୂଳ ଗ୍ରନ୍ଥି । ୩ ।
ଦେଖି ତୋର ବିରହିଣୀ ବେଶ
ଆମ୍ଭଙ୍କୁ ଲାଗଇ ଅତିକ୍ଲେଶ
କହ ପ୍ରାଣ ମିତ ଯା ହେବା ଉଚିତ
ତା କରିବୁ ଆମ୍ଭେ ତାଳମତି । ୪ ।
ଗୋପାଳ କୃଷ୍ଣର ନିବେଦନ
ସେଣୁ ତୁ ଆମ୍ଭ ଜୀବ ଜୀବନ
ଫେଡ଼ି କହ ଗୋସା କପଟ ନକରି
କହୁଛୁ ଆମ୍ଭେ ଏହି ବିନତି । ୫ ।

ସ୍ୱାଭୀଷ୍ଟ ଲାଳସା

ରାଗ ମଙ୍ଗଳଗୁର୍ଜ୍ଜରୀ—ତାଳ ଏକତାଳୀ

ସ୍ୱେଶ୍ୱରୀଙ୍କ କୃପା କେବେ ହେବ ଏ ଦାସୀରେ
ଗୁରୁରୂପା ସଖୀ ଆଜ୍ଞା ବହିବଇ ଶିରେ ଯେ । ୧ ।
ସିଦ୍ଧଦେହେ ସ୍ୱ ସେବାରେ ରହି ପ୍ରତିଯାମେ
ଶ୍ରୀ ପଦାମ୍ବୁଜ ଯୁଗଳ ସଂବାହନେ ପ୍ରେମେ ଯେ । ୨
ଚନ୍ଦନା ଗୁରୁ କାଶୀର ଚର୍ଚ୍ଚିତାଙ୍ଗୀ ଦେଖି
ସେବୋପାଯୁନ ନିର୍ମାଣ କୁଶଳା ବଲ୍ଲବୀ ଯେ । ୩
ଚତୁଃଷଷ୍ଟୀ କଳାନ୍ୱିତା କଶୋରୀ ପଦ୍ମ ମା
ଶ୍ରୀମତୀ କରୁଣାର୍ଥିନୀ ସୁନ୍ଦର୍ଯ୍ୟ ରୂପିଣୀ ଯେ । ୪ ।
ପରମାରାଧ୍ୟା ମଧୁର ସ୍ମିତା ସୁନାଗରୀ
ଗୋପାଳକୃଷ୍ଣର ସେବ୍ୟା ପ୍ରେୟସୁ ସାଗରୀ ଯେ । ୫

—*—

ରାଗ ବଙ୍ଗଳାଶ୍ରୀ—ତାଳ ଆଡ଼ତାଳୀ

କେବେ ମୁଁ ଅରୁଣ କମଳ ଦଳରେ
ଶୋଯାଇବି କୁଞ୍ଜେ ଶେଯ
ପରଦ୍‌ଗ୍ରନ୍ଥ ଝରି ଆଦସେ ଖଟଣି
ଖଟିବ ସମ୍ଭାର ସଜ । ୧
ଶ୍ରୀ ସ୍ୱାମିନୀଙ୍କର ସଂଗିନୀଙ୍କ ଦାସୀ
ଅହ୍ମମାନେ ସିଦ୍ଧାଙ୍ଗରେ
ଗୁରୁରୂପା ସଖୀ କାମେନାମ୍‌ମାଥେ,
ସଂଯୁକ୍ତ ହେବି ସଙ୍ଗରେ । ୨
କେବେ ହେବ ମୋର ଏମନ୍ତ ସୁଦିନ,
ରହିବି ସେବକା ପଣେ ।
ଗଣିବେ ସ୍ୱେଶ୍ୱରୀ ଅନୁକମ୍ପା କରି,
ମଞ୍ଜରୀ ମଧ୍ୟରେ ଜଣେ । ୩ ।

ବଧୂମୁଖାମ୍ବୁଜେ ତାମ୍ବୁଲ ବିଟିକା
କେବେ ଯୋଗାଇବ ମୁହିଁ ।
ଶ୍ରୀ ବ୍ରଜେନ୍ଦ୍ର ଭାମ୍ବା କାନ୍ତି ଆସ୍ୱାଦିବେ
ବଙ୍କିମ ନୟନେ ଚାହିଁ । ୪
ଗୋଷ୍ଠେନ୍ଦ୍ର ନନ୍ଦନ ବଦାନ୍ୟ ବିଳାସେ
ଶ୍ରୀବୃଷଭାନୁଜା ଠାଇ ।
ଆସ ଗୋ ଯାବଟେ ବୋଲି ମୃଦୁସ୍ୱରେ,
ଡାକିବେ ମୋତେ ହରଷେ । ୫ ।
ଶ୍ରୀ ରୂପ ମଞ୍ଜରୀ, ମଦନ ମଞ୍ଜରୀ;
ଲଳିତାଦି ସଖୀ ସଙ୍ଗେ ।
ପଙ୍ଖା ଚାମର କରେ ଦେଇ, ଚଳିବ
ନବଦାସୀ ଭାବେ ସଙ୍ଗେ । ୬
କେବେ ମୋ ଉପରେ ବୃନ୍ଦାବନେଶ୍ୱରୀ
ଢାଳିବେ କରୁଣାଦୃଷ୍ଟି ।
ଅଷ୍ଟକାଳୀୟ ପରିଚର୍ଯ୍ୟା ଗୋପାଳ-
କୃଷ୍ଣ କାଙ୍କ୍ଷେ ହୋଇ ତୁଷ୍ଟି । ୭ ।

—*—

ଶ୍ରୀ ଶ୍ରୀ ଗୌରାଙ୍ଗ ସ୍ତବାମୃତ

(ଆଷାଢ଼ ଶୁକ୍ଳ ବାଣୀ)

କନକ ରୁଚିର କାନ୍ତି ଶ୍ରୀ ଗୌର । ସର୍ବ ଭକ୍ତଜନ ଚିତ୍ତୈକ ଚୌର
ପ୍ରକୃତ ମଧୁର ସୁନ୍ଦର ତନୁ । ନବଦ୍ୱୀପ-ଚନ୍ଦ୍ର ଶ୍ରୀ ଶଚୀ ସୂନୁ
ସୁଲଳିତ ରୂପ
ଲାବଣ୍ୟ ମନ୍ଦିର କନ୍ଦର୍ପ ଭୂପ । ୧ ।
କୁନ୍ତଳ କୁଞ୍ଚିତ ଚିକୁର ବନ୍ଧ । ପୁଷ୍ପବେଢ଼ା ସ୍ନିଗ୍ଧ ମୁଗ୍ଧ ପ୍ରବନ୍ଧ
ବନ୍ଧୁର ବିବିଧ ମଞ୍ଜୁଳ କେଶ । ମନୋହର ଜ୍ୟୋତି ତା ଶେଷବେଷ
ନଟନ ମୁରତି
ଲକ୍ଷ୍ମୀ ବିଷ୍ଣୁପ୍ରିୟା ପରାଣ ପତି । ୨ ।

ବିକଶିତ ପଦ୍ମ ବିସ୍ତାର ନେତ୍ର
ପରମ ସ୍ନିଗ୍ଧ ଦୃକ୍ ପ୍ରେମ ପାତ୍ର
ଖଞ୍ଜ ମୃଦୁଳ ମଧୁର ଚରିତ୍ର
ମାଧୁରିମା ପ୍ରୋଜ୍ଜ୍ୱଳ ସବୁରୁ ଗାତ୍ର
ଭକ୍ତଜନ ପ୍ରିୟ
ପତିତ ପାବନ ପ୍ରପନ୍ନାଶ୍ରୟ । ୩ ।
ପୂର୍ଣ୍ଣ ଲାବଣ୍ୟ ସଦନ ଶ୍ରୀଅଙ୍ଗ ।
କଳିତ ଲଳିତ ଛବି ତ୍ରିଭଙ୍ଗ
ସୁବିମଳ ସ୍ମିତ ସ୍ୱର୍ଣ୍ଣାବ୍ଜ ବକ୍ତ୍ର
ସୂକ୍ଷ୍ମ ନବପ୍ରାନ୍ତ ବସ୍ତ୍ରାନ୍ତ ରକ୍ତ
ରଭସ ବିହାର
ପୂର୍ଣ୍ଣାନନ୍ଦ ପୂର୍ଣ୍ଣ ଲୀଳା ବତାର । ୪ ।
ସକଳରସ ବିଦଗ୍ଧ ପ୍ରବର
ସର୍ବାଙ୍ଗ ପ୍ରଶୁଦ୍ଧ ବିଶ୍ୱମ୍ଭର
ସର୍ବେଶ ସକଳ ସୁଖ ବିନୋଦ
ମହିମା ବିଖ୍ୟାତ ନୃତ୍ୟ ପ୍ରମୋଦ
ସକଳ ସୁଖଦ
ଧନ୍ୟ କାରୁଣ୍ୟ ଧାମ ଗୌର ଚନ୍ଦ୍ର । ୫ ।
ନୟନ ଅନ୍ତରିତ ଗଳଦସ୍ର
ଅପ୍ରାକୃତ ପ୍ରେମଧାରା ସହସ୍ର
ସ୍ନପିତ ସକଳ ଦେଶ ପ୍ରଦେଶ
ସଦା ଶ୍ରଦ୍ଧାସ୍ପଦ ନାମୋପଦେଶ
ଭୁବନ ବନ୍ଦିତ
ସର୍ବ ପ୍ରାଣୀ ନିସ୍ତାରକ ସାମନ୍ତ । ୬ ।
ସର୍ବାଙ୍ଗ ଘନ ପୁଲକ କଦମ୍ବ
ସୁନିର୍ମଳ ସ୍ଥୂଳ ମୁକ୍ତା ସମାମ୍ବୁ
ସ୍ନପିତ ତର ନବ୍ୟ ହୃଦୋର
ଘନ ଘନ ପ୍ରେମ ହୁଙ୍କାର ଘୋର

ସଦସ୍ୟ ମଧୁର
ମୂର୍ତ୍ତି ବିଶ୍ୱ ବିଖ୍ୟାତ କାନ୍ତି ସାର । ୭ ।
ଅଖିଳ ଭୁବନ ମଣ୍ଡଳ ଭର୍ତ୍ତା
ଶୋକ ଦୁର୍ଗତି ପରିତ୍ରାଣ କର୍ତ୍ତା
କୃପାକ୍ଷୁ ଜଳ କଳୁଷ ନିହନ୍ତା
ଅକିଞ୍ଚନ ପାନ ଦୁଃଖୈକ ଶାନ୍ତା
ନିଜ ଗୁଣ ଗାଥା
ସଂକୀର୍ତ୍ତିନାନନ୍ଦ ପରମ ଦାତା । ୮ ।
ସୁର ମୁନି ଭକ୍ତ ନିକର ବନ୍ଦ୍ୟ
ବ୍ରଜାଙ୍ଗନା ପ୍ରେମ ଭକ୍ତ୍ୟେକ ସିନ୍ଧୁ
ଅତୁଳ ପ୍ରକଟ ସୁରଭିନନ୍ଦ
ଶ୍ରୀଲ ସୁମଞ୍ଜୁଳ ପଦାରବିନ୍ଦ
ନର୍ତ୍ତନ ମଧୁର
ମନ୍ଦ ପ୍ରଗାଢ଼ ପ୍ରବନ୍ଧ ରୁଚିର । ୯ ।
ସକଳ ଆଗମ ନିଗମ ସାର
ଅପ୍ରାକୃତ ପ୍ରେମ ପୂର୍ଣ୍ଣାବତାର
ଅସୀମ ପ୍ରଚୁର ଗୁଣ ଗମ୍ଭୀର
ସର୍ବାଶ୍ରୟ ସର୍ବ ସନ୍ଧାନ ଧୀର
ଦରିଦ୍ର ବାନ୍ଧବ
ପୂର୍ଣ୍ଣ କାରୁଣ୍ୟ ସିନ୍ଧୁ ଦୁଃଖୀଧବ । ୧୦ ।
ସପ୍ରେମ ମୃଦୁ ମଧୁର ଆଳାପ
ବଶୀକୃତ ଜଗଜ୍ଜନ କଳାପ
କୋଟି ଶାରଦେନ୍ଦୁ ପ୍ରଭ ଆନନ
କୋଟି କନ୍ଦର୍ପ ଲାବଣ୍ୟାପଘନ
ଶୃଙ୍ଗାର ବିଗ୍ରହ
ରମ୍ୟ ବରନ ହେମ ବାରିବାହ । ୧୧ ।
ଭକ୍ତ୍ୟାତ୍ମକ ଭକ୍ତ୍ୟାସ୍ୱର ବିହାସ୍ତି
ପ୍ରେମ କେଳି ଲୀଳା ତାଣ୍ଡବ କାସ୍ତି

ରସାବେଶ ମଦାଳସ ଲୋଚନ
ଜଗଦାନନ୍ଦ କନ୍ଦ ଭକ୍ତାଧୀନ
ସନ୍ତାପ ଖଣ୍ଡନ
ବଦଗ୍ଧା ନାଗରୀ ଭାବ ମଣ୍ଡନ । ୧୨ ।

ପ୍ରେମ ସ୍ଫୁଦ୍ଧାନ ଲଳିତ ଦ୍ୱିଭୁଜ
ଭକ୍ତବେଶୀ ପ୍ରେମାରାଧ ପଦାବ୍ଜ
ଗୋପାଙ୍ଗନା ପ୍ରେମ ଭକ୍ତ ମନ୍ଦର
ନିଜଭାବ ରସୋଲ୍ଲାସୀ ସୁଧୀର
ରସିକ ଅଗ୍ରଣୀ
ନଟେନ୍ଦ୍ର ଶ୍ରୀ ନାଗର ଶିରୋମଣି । ୧୩ ।

ଶ୍ରୀ ମଦ୍ଦ୍ୱିଜ କୁଳୋତ୍ତଂସ କିଶୋର
ଭକ୍ତ ସାଧ୍ୟ ଭକ୍ତ ରୂପୀ ଈଶ୍ୱର
ନିତ୍ୟାନନ୍ଦ ପ୍ରିୟତମ ନିରତ
ଅଦ୍ୱୈତ ସେବ୍ୟ ପଦାମ୍ବୁଜ ଶୌର୍ଯ୍ୟ
ଗଦାଧର ସ୍ପୃୟ
ଶ୍ରୀବାସାଦ ଭକ୍ତଜନ ଆଶ୍ରୟ । ୧୪ ।

ନରହରି ଶ୍ରେଷ୍ଠ ସ୍ୱରୂପ ପ୍ରିୟ
ସନାତନ ଗତି ଶ୍ରୀ ଜଗନ୍ମୟ
ଶ୍ରୀରୂପ ହୃଦ ନିକେତନ ପ୍ରଭୁ
ଶଚୀ ନେସ ଚନ୍ଦ୍ର ଜଗନ୍ନାଥଭୂ
ଶ୍ରୀ ଦେବ ଦେବେଶ
ରାମାନନ୍ଦ 'ତତ୍ତ୍ୱକାଶ ନିଶୀଶ । ୧୫ ।

ଶ୍ରୀନିବାସାଦ ଭକ୍ତ ସୁସ୍ୱମାନ
ସାର୍ବଭୌମାନନ୍ଦ ଦାତା ବିଦ୍ୱାନ୍
ସର୍ବ ଭକ୍ତ ମନୋରଥ ପୂର୍ତ୍ତିକ
ଅଶେଷ ଜୀବ ସଭାଗ୍ୟ ଦାୟକ

ଯୁଗଳ ପଦାବ୍ଜେ
ଗୋପାଳକୃଷ୍ଣ ନିରନ୍ତର ଭଜେ । ୧୭ ।
ଇତି ଶ୍ରୀ ଗୌରାଙ୍ଗଙ୍କ ସୁପ୍ରଭାତର ଚଂପୂ ଶ୍ରୀ

ଶ୍ରୀରାଧାଙ୍କ ପ୍ରତି ବିଶାଖା

(ତାଳ—ଏକତାଳି)

ମିତଣି ! ଅନା ଘନ କାଳିଆକୁ
ଗୋବର୍ଦ୍ଧନ ପର୍ବତ ତୋଳିଆକୁ । ପଦ ।
କଦମ୍ବ ତଳେ ବସି ବାଏ ମୋହନ ବଂଶୀ
ଚୂଳେ ଖୋଷି ଛୁ ଜାମୁ ଡାଳିଆକୁ । ୧
ମଦନ ଜିଣା ଛବି ଅଧର ଜିଣି ରବି
ଧନ୍ୟ ସେ ବ୍ରଜକୁଳ ପାଳିଆକୁ । ୨
ଦେଇ କୁସୁମ ବେଢ଼ା ଯତ୍ନେ ବାନ୍ଧିଛି ଜୁଡ଼ା
ଅଙ୍ଗେ ଭରି ସୌନ୍ଦର୍ଯ୍ୟ ନାଳିଆକୁ । ୩
ଗୋପାଳକୃଷ୍ଣ କହି ଭକ୍ତିରେ ଦେଖିରହି
କାଳିଆ ବିଷଧର ଗୃଳିଆକୁ । ୪

ଶ୍ରୀରାଧାଙ୍କ ପ୍ରତି—ଲଳିତା

ତାଳ—ଆଡତାଳି

ବନୋଦରୀ ଗୋ ।
ତୋ ବଚନେ ଶ୍ୟାମ ହେଲେ ହୀନମାନୀ ।
ଗେଲେସିନା ଅଭିମାନ କଲୁ
କି ଘଟିବ ପଛେ ନ ଚେତିଲୁ
ଧନ ଦମ୍ଭପରେ   ଦମ୍ଭୋଳି ହେଳିଲୁ
ପ୍ରାଣମିତ
ଏ ଭଳୁଟି କାହାଧେନ ଗୋ । ୧

ବୁଝି ନାହୁଁ ଯେତେ ବୁଝାଇଲେ
କି ମାଡି ଯାଇ ଅଛୁ ଖିଆଲେ
ହାଣ ପଞ୍ଚବାଣ   ଆଣିରେ ହାଣିଲେ
ପ୍ରାଣମିତ
ସମ୍ଭାଳିବୁ କି କହନ ଗୋ । ୨

ନାଗର ରାଜ ତୋ ଗୁଣ ଝୁରି
ଅନୁତାପାନଳେ ଯାନ୍ତି ସରି
କୃପା ପ୍ରସ୍ରବଣ   ନସ୍ରବାଲେ ଗୋସାଁ
ପ୍ରାଣମିତ
ଯଶ ଯିବେ ମାନମଣି ଗୋ । ୩

ବଡୁରି ତେଜ ଏ ଅହଙ୍କାର
ପ୍ରାଣ ବନ୍ଧୁରେ ନକର ପର
ଯାଉ ଯା ହେବାର   କଥାକୁ ପାଶୋର
ପ୍ରାଣମିତ
ଗୋପାଳକୃଷ୍ଣ ଦୟିମା ଗୋ । ୪

କାଚ ବିକା ଛାନ୍ଦ—ବୃତ୍ତି

ଆସ ଗୋ କରଜ କାଳୀ
ଆଣିଅଛୁ କାଚ ଭଲକୁ ଭଲ ଗୋ
କଳା, ଶ୍ୟାମଳଆ, ନେଳ
ଗୁଆଲୀ ଗୋ । ୧

ଯାହା କରନ୍ତୁ ସେମନ୍ତେ
ସାଜକୁ ଗଣ୍ଠିଇ ନଅ ତେମନ୍ତେ ଗୋ
ବାଛି ନିଜ ଇଚ୍ଛାମତେ
ଗୁଆଲୀ ଗୋ । ୨

ବହୁ ଦୂରେ ମୋର ଘର
ଗାଁ ଗାଁ ନିମନ୍ତେ କରେ ବେପାର ଗୋ
ଖାଲି ମୂଲେ ମୂଲେ ବାରବାର
ଗୁଆଲୀ ଗୋ । ୩

ଶୁଣୁଛି ଏହି ଗୋପରେ
ଲକ୍ଷ୍ମୀ ଜନ୍ମିଛନ୍ତି ରାଧା ରୂପରେ ଗୋ
ତାଙ୍କ କଥା ଭାବ ଦେହଥରେ
ଗୁଆଲୀ ଗୋ । ୪

ଆଗୋ ମୋ ବେପାର ଘେନ
ତାଙ୍କର ହାତେ କରିବ ଲଗନ ଗୋ
କାଚ ଦେଖି ମନ ସିବମାନ
ଗୁଆଲୀ ଗୋ । ୫

ଅପସନ୍ଦ କଲେ ସେହି
ଅନ୍ୟ କାହାରି କି ଦରକାର ନାହିଁ ଗୋ
ସବୁ ଭାଙ୍ଗି ଦେବ ଫୋପଡ଼ାଇ
ଗୁଆଲୀ ଗୋ । ୬

ଗୋପାଳକୃଷ୍ଣ ଭାବଇ
କଳା କାଚ କାହ୍ନୁ ଦେବ ପିନ୍ଧାଇ ଗୋ
ଦେଖି ଖୁସି ହେବେ ସିନା ରାଈ
ଗୁଆଳୀ ଗୋ । ୭

ତାଳ—ଏକତାଳି

(ମାନମୟୀ ମାନସେ—ବୃତ୍ତେ)

ରସନାରେ···କୃଷ୍ଣ କଥାରେ ବାନ୍ଧ ବାସନାକୁ । ପଦ ।
ଭବ ସାଗର ଅଥଳ
ନାହିଁ କାଚ କେରୁଆଳ
ନାଉରୀ ନାମେ ଚଲାଅ ରସନାକୁ । ୧ ।
ତରଣୀ ତନୟା ତଟେ
ନିରେଖିବୁ ନୀପ ପୁଟେ
ବସିଛି କାଣ୍ଡାରୀ ଯାଇ ଭଜ ତାକୁ । ୨ ।
କୋଟି କାମ ଦେବ ଜିଣି
ସେ ଅଖିଳ ଚିନ୍ତାମଣି
ବ୍ରହ୍ମା ହର ଧ୍ୟାନଲକ୍ଷ୍ୟ ନିତି ଯାକୁ । ୩ ।
ସେହି ଯାକୁ ହେବ ସଦୟ
ଜ୍ଞାନତା ହୁଏ ଉଦୟ
ନିର୍ଦ୍ଦୟ ହେଲେ କେ ନାହିଁ ତାରିବାକୁ । ୪ ।
ସଚରାଚର ତାହାର
ଅଟଇ ଲୀଳା ଆଗାର
ଗୋପାଳ କୃଷ୍ଣ ସତତ ଭାବିବାକୁ । ୫ ।

ଡାଳ—ଝୁଲି

(ଶ୍ରୀଯୁକ୍ତ ଭୁବନେଶ୍ୱର ଯାବାଙ୍କ—ବୃତ୍ତେ)

ଶ୍ୟାମ ମୋ ଗଳାର ମାଳ ଗୋ
ଶ୍ୟାମ ଲାଗି ମୁଁ ପାଗଳ
ଶ୍ୟାମ ସୁମନରେ ଅତି ଯତନରେ
ଭରିବି ପୂଜାର ଥାଳି ଗୋ । ପଦ ।
ଶ୍ୟାମଳ ବସନ କରି ପରିଧାନ
ତୋଳି ଶ୍ୟାମ ଫୁଲକଳି
ଶ୍ୟାମ ଚୂଳେ ଦେବି ଶ୍ୟାମଙ୍କୁ ପୂଜିବି
ଶ୍ୟାମ କୁଞ୍ଜେ ଖେଳ ଦୋଳି ଗୋ । ୧ ।
ଶ୍ୟାମଳ କଙ୍କଣ କରେ ଆଭରଣ
କରି ହୋଇବି ଛଇଳି
ଶ୍ୟାମ ବଂଶୀ ସ୍ୱନ ଶ୍ରବଣେ ଶୁଣିଣ
ନାଚୁଥିବି ଟଳି ଟଳି ଗୋ । ୨ ।
ଶ୍ୟାମ ନାମ ସ୍ତୁତି- ରଟେ ଶୁଣି ମତି
ଉଠୁଥିବି ଫୁଲି ଫୁଲି ।
ଶ୍ୟାମ ଗୁଣ ଗାଇ ତନୁ ଚମକାଇ
ବୁଲୁଥିବି ଝୁଲି ଝୁଲି ଗୋ । ୩ ।
ଶ୍ୟାମ ବନ୍ଧୁ ମୋର ଚିର ଆପଣାର
ମୁଁ ତାଙ୍କର ରସକଲି
ଗୋପାଳ କୃଷ୍ଣର ଜାଣ ସେ ଶ୍ୟାମର
ଶ୍ରୀଚରଣେ କନା ଦେଲି । ୪ ।

ଶ୍ରୀକୃଷ୍ଣଙ୍କ ଅନୁଚିନ୍ତା

ତାଳ—ଏକତାଳି

ମିତଣୀରେ ।
ପାଷାଣେ ଗଢ଼ିଲୁ କି ଛାତି ?
ବିନାଦୋଷେ ମାରୁ କିପାଁ ବିରହ ତାଣ୍ଡରେ । ପଦ ।
ସପନରେ ଦେଖିଲେ ଥରେ
ପାଶୋରି ନାହିଁ ମୁଁ ତୋରେ
ବସିଛି ଅନାଇ ପଥେ ନିର୍ଜନ ଗୃହରେ । ୧ ।
ଚନ୍ଦ୍ର ତୁ ଚକୋର ମୁହିଁ
ବିନୁ ଆନ ନଜାଣଇ
ତୋଲାଗି ସିନା ବଞ୍ଚି ଅଛି ଜଗତେ ମୁଁ ମାଣ୍ଡରେ । ୨ ।
ତୁ ଯେବେ କରିବୁ ପର
କହ ମୁଁ ହେବି କାହାର
ଝର ଝର କରିବ ସେ ଦେବକୀ ନାଣ୍ଡ ରେ । ୩ ।
ଗୋପାଳ କୃଷ୍ଣ କହଇ
ଦୟାବନ୍ତ ଦୟାମୟୀ
ଆଶ୍ରିତଙ୍କୁ ଦାନକର ଥରେ ତୋ ସାଥୀରେ । ୪ ।

ଶ୍ରୀରାଧାଙ୍କପ୍ରତି—ସଖୀଗଣ

ଝାଂପ—ତାଳ

ମାନିନୀ ତୋ ମନୁ ମାନ ମାରିଦେ ଏଥରରେ
ମାର ତାତ ହୋଇଲଣି ବିରହେ କାତର ରେ । ପଦ ।
ସାର ସାରସ ନୟନା
ବାରଣ ବର ଗମନା
ସ୍ମର କଥାକୁ କେଣେ ତୁ ହୃଦସ୍ଥରେ କରୁଗା ର । ୧ ।
ଯାର ଶ୍ରୀଚରଣ ଧୂଳି
ହର ବ୍ରହ୍ମା କରେ ଅଳି
ତାର ହେଲେ ଅପରାଧ କାହାକୁ ଜଣାଇବାର । ୨ ।
ତାରକ ପତି ଲପନା
କାରେ ମାନ କର ଧେନା
ବାରିନିଧି ସୁତାପତି ବିପତ୍ତିଟି ଗୁରୁତର । ୩ ।
ବଙ୍କାଙ୍ଗୀ ନରୁଷ ଆଜ
କର କୃପା ଦୁଃଖଯାଉ
ଗୋପାଳ କୃଷ୍ଣ ଭଣିଲା ଚିନ୍ତ ବାରିଜ ପୂରର । ୪ ।

—*—

ଶ୍ରୀକୃଷ୍ଣଙ୍କପ୍ରତି—ଲଳିତା

ତାଳ—ଖେମଟା

କସ ହେବାରୁ ଯେ ଧୂଳିରେ ଧୂସର କେଣେ ?
ଚନ୍ଦ୍ରାବଳି କୁଞ୍ଜ   ତେଜି ରସ ରାଜ
କି ଲାଗି ଆସିଲ ଏଣେ । ପଦ ।
ହେନୂଆ ଛଇଳ   ଚତୁରେ କି ଭାବିଲ
ନଗୁହ୍ଲିଲ ଆଖି କୋଣେ ।
ଭାଉ ଗୋଟାଯାକ   ପୀରତି ମାଦକ
ଲୁଟି କଲ ପିନା ଜଣେ । ୧ ।
ହେ କଳା କାଞ୍ଚନ   ବଳା ଅଷ୍ଟ ଘନ
ତୋଳା ପ୍ରତିମାକୁ କଣେ
କଣା କରି ଖଣା   ଖାତେ ଦେଲ ଠଣା
ପାଞ୍ଚିଥିଲ କି ପରାଣେ । ୨ ।
ଜାଣି ସ୍ୱରକର   କୁସୁମ, ନାଗର
ଦଳ ଦେଇଣ ଚରଣେ
କଂଶୁକରେ ଚଉ   ଦେଲ ହେ କାଞ୍ଚତ
ଝିଗୁରିଲ ନାହିଁ ମନେ । ୩ ।
କଢ଼ିଗଲା କଥା   ଏବେ କଅଁା ମଥା
ଘୋଡ଼ୁଛ କହ ମଉନେ
ମୀନ ନୟନାକୁ   କ୍ଷୀଣ କରିବାକୁ
ଆଉ କି ପାଞ୍ଚୁଛ ମନେ । ୪ ।
ଯା ହେବାର ହୋଇ   ଗଲା ହେ ମାଧୋଇ
ଫେରିଯା ନିଜ ସଦନେ
ଗୋପାଳ କୃଷ୍ଣର   ମାନ ଗୁରୁତର
ନ ମେଣ୍ଟ କି ବୋଲ ଜାଣେ । ୫ ।

ରାଗ—ଝିଗଣ୍ଟା

ଘନକାଳେ ବନଜାକ୍ଷି ମନେ କ ପାଞ୍ଚିଲୁରେ
ବନେ ବନେ ବୁଲାଇଲୁ । ପଦ ।

ଭାଗିରଥୀ ନୀରେ ଅବଗାହନ ମୁଞ୍ଚିଲୁରେ
ଗୋଷ୍ପଦ ସଲିଳ ସାରି ସର୍ବାଙ୍ଗେ ସିଞ୍ଚିଲୁରେ ।୧।
ହରି ବଦନକୁ ଉପହାସ ବସୁରିଲୁରେ
ପଟେ ଯାଇ ହେଳୁ ସିନା କାଇ ନପାରିଲୁରେ ।୨।
ବାଞ୍ଛି କୋଳି ବାଣିଜାକ୍ଷୀ ସୁଧାକୁ ଢାଳିଲୁରେ
ଖାରି ସାଗର ବାରିରେ ସାକର ଗୋଳିଲୁରେ ।୩।
ଆପଣାର ଜନକୁ ତୁ ଭଲେ ନ ଗୁଣ୍ହିଲୁରେ
ବିନା ଦୋଷେ ନେତ୍ରପଣ ଦୂରେ ଫିଙ୍ଗି ଦେଲୁରେ ।୪।
ଚନ୍ଦନ ବୃକ୍ଷେ କର୍କଟୀ ଲତା ଚଢ଼ାଇଲୁରେ
ଦ୍ରାକ୍ଷାକୁ ଗୁଡ଼ିକୁ ଦାଣ୍ଡ ଖୋଳକ ମଣ୍ଡାଇଲୁରେ ।୫।
ଜାଣିବାର ହୋଇ କିବା ଜାଣି ନପାରିଲୁରେ
ଅମଳ ପାଣି ପିଇକି ଅଦେଖ ଦାରିଲୁରେ ।୬।
ମନେ ଥାଉ ମିତଣୀ ତୁ ଯାହା କରି ଦେଲୁରେ
ଗୋପାଳକୃଷ୍ଣ କହଇ ଚିକେ ନଗ୍ରହିଲୁରେ ।୭।

ଶ୍ରୀକୃଷ୍ଣଙ୍କ ପ୍ରତି ଯଶୋଦା

(ବାତ୍ସଲ୍ୟ)

ରାଗ—ତାଳ ଝୁଲା

କୋଳ ଧରି ନେବରେ ଶୋଇ ପଡ଼ ବାପ ଧନ ।
ବଡ଼ ବଡ଼ ଆଖି   ଜହ୍ନମାମୁଁ ପରି
କୁଲା ପରି ତାର କାନ । ପଦ ।
ଅନ୍ଧାର ରାତିରେ   ଲୁଚି ଲୁଚି ଆସେ
ଗାଆଁ ହୋଇଲେ ନିର୍ଜନ
ଅଝଟ ପୁଅଙ୍କୁ   ଧରି ନେଇ ଯାଏ
କରି ମେଘ ଗରଜନ । ୧ ।
ଦାନ୍ତ ନକୁଟି ସେ   ଆଖି ତରାଟିଲେ
ଡରନ୍ତି ଜଗତ ଜନ
କାନ କାଟି ନେବ   ନାକ କାମୁଡ଼ିବ
ମାଡ଼ ଦେବ ଘନ ଘନ । ୨ ।
କାଲି ଆସି ଆମ   ଗାଆଁରେ ପଶିଲା
ଚେଇଁ କାନ୍ଦୁଥିଲା ଘନ
ଧରି ନେଇ ତାକୁ   ଫୋପାଡ଼ି ଦେଇଛି
ହୋଇଛି ସେ ଅଚେତନ । ୩ ।
ଅଜଟ ନହୋଇ   ଶୋଇପଡ଼ କାହ୍ନୁ
ବୁଡ଼ିଲାଣି ପରା ଜହ୍ନ
ବଳରାମ ଭାଇ   ଦୁଧସର ଖାଇ
ନିଦେ ହେଲାଣି ଅଜ୍ଞାନ । ୪ ।
ଭଣ୍ଡାରି ଦେଉଛି   ସରଳବଣୀ ତୁ
ସୁଖରେ କରି ଭୋଜନ
ଠାକୁର ମନ୍ଦିରୁ   ଫେରୁଥିବେ ବାପା
ସାରି ଗୋବିନ୍ଦ ଭଜନ । ୫ ।

ଦେଖି ଦେଖି ରାତ୍ର ମାଡ଼ି ଆସିଲାରେ
କୋକ ହେଲଣି ଉଛନ୍ନ
ଏଖଣି ଆସିବ କାନ କାଟି ନେବ
ଗୋପାଳ କୃଷ୍ଣ ରତନ ।୭।

—*—

ଶ୍ରୀକୃଷ୍ଣଙ୍କ ପ୍ରତି—ଗୋପୀ

ତାଳ-ଝୁଲା

ନାଗରବର ।
ଧରା ପଡ଼ିଛ ଏଥିଥର । ପଦ ।
ଆସି କାଚରା ବେଶେ ଭଣ୍ଡୁଛ ଆମ ପାଶେ
ବାନ୍ଧିବୁ ଯେବେ ପ୍ରୀତି ଡୋର । ୧ ।
ଆମ୍ଭେ ଗୋପ ତରୁଣୀ ଚତୁରା ପଣେ ମଣି
ତୁମ୍ଭେ କି ଆମ୍ଭଠୁଁ ଚତୁର । ୨ ।
ଧରାଇ ଦେବୁ ଘରେ ରାଧିକାଙ୍କ ହାତରେ
ପାଇବ ନାହିଁଟି ନିସ୍ତାର । ୩ ।
ତୁମେ ସେହି ହଟିଆ ଧିଠ ନଟନୁଟିଆ
ଦଧି ଦୁଧ ଲବଣୀ ଚୋର । ୪ ।
ଛାଡ଼ ଏ ଠକ ଗିର ଲମ୍ପଟ ବଂଶୀଧାରୀ
ଏଠାରେ ନୁହେଁ ଚଳିବାର । ୫ ।
ଆମ୍ଭ ସଖୀ ଶ୍ରୀମତୀ ଗୁମାନ ବଢ଼ି ଅତି
ପ୍ରତିଜ୍ଞା କରିଛି କଠୋର । ୬ ।
ତାର ଦୁର୍ଜୟ ମାନ ଖଣ୍ଡିବ କେ ଭଜନ
ନହେବ କହିଲୁ ନିକର । ୭ ।
ଫେରିଯାଅ ହେ ହଠ ପୀତପଟିଆ ଶଠ
ଗୋପାଳ କୃଷ୍ଣର ବିଗ୍ଭର । ୮ ।

—*—

ତାଳ—ଆଠତାଳି

(ଥାପିରେ କହନ୍ତ—ବୃନ୍ଦେ)

ମନାଇ କହ ମୋ ନାଁରେ ରେ-ପ୍ରାଣମିତ
ମନେ ନପଡ଼େ ତାଙ୍କର
ଘେନାଇ କହିଲେ ନଶୁଣନ୍ତି ତଳେ
ବସୁଥିଲେ କବା ପଛରେ
ପ୍ରାଣମିତ । ୧ ।

ଶଙ୍କସ୍ଥ ରଥାଙ୍ଗ ଦଶା କର ଲୋକ
ଧୃତି କି ରହଇ କାର ?
ପ୍ରିୟଜନ ପ୍ରୀତି ତେଜି କେ ସୁକୃତି
ରହିଛି କି ହୋଇ ସ୍ଥିର
ପ୍ରାଣମିତ । ୨ ।

ସିନ୍ଧୁଜ ବଦନ ଦର୍ଶନେ କଦନ
କରଥିଲ ସିନା ଦୂର
ଏବେ ବିରହରେ ମରୁଛି କାତରେ
ପ୍ରାଣୁ ଉଠେ ହାହା କାରରେ
ପ୍ରାଣମିତ । ୩ ।

ମଦନ ଦମ୍ଭୋଳି ଘାତେ ମନ ଶିଳ
ହୋଇଲାଣି ଶତେ ଚୂର
ସିନ୍ଧୁ କୃପାକାର ସେ ମୁରଲୀ ଧାରୀ
ବସୁରନ୍ତୁ ଝଙ୍କାର ରେ
ପ୍ରାଣ ମିତ । ୪ ।

ଶ୍ୟାମ ବରବର୍ଣ୍ଣୀ ଶଙ୍କିତା ରମଣୀ
ସ୍ୱଶର୍ଣ୍ଣ ହେବା ସାର
ମାରନ୍ତୁ ତାରନ୍ତୁ ଆକାଂକ୍ଷା କରନ୍ତୁ
ଗୋପାଳକୃଷ୍ଣ ବସୁର ରେ
ପ୍ରାଣମିତ । ୫ ।

—*—

ଶ୍ରୀରାଧାଙ୍କ ପ୍ରତି—ସଖୀଗଣ

ତାଳ—ଅଠତାଳି

ସଖି ! ଡ଼ାଳଁକ ହେବ ଲୁହଁ ଧାରକୁ ରେ
ଜାଣି ଫିଙ୍ଗିଲୁ ମଣି ହାରକୁରେ । ପଦ ।

ବାରି ନପାରି ବାରି
ବୋଲରେ ବମ୍ବାଧରୀ
ଡେଇଁ ଗଲୁ ଅମୀୟ ଝରକୁ ରେ ।
କର୍ଣ୍ଣି ଦେଖି ଗଣ୍ଡୁଷ୍ଟ
ପିଇଲ କାଳକୂଟ
ଜାଳିବୁ ବୋଲି ମୃତ୍ୟୁ ଡରକୁରେ । ୧ ।
ଯାହାଙ୍କୁ କରୁ ମାନ
ସେ ତୋ ଜୀବ ଜୀବନ
କମ୍ପା କରୁଛୁ ହର ବରକୁ ରେ ।
ବଉଳ ଆଡ଼ ଭୂଷା
ଅରଜ ବେନ ଯୋଷା
କୋଳକୁ ଆଣ ଧରି କରକୁ ରେ । ୨ ।
ଫୁଲ ତଳପ ତେଜ
ଧୂଳି ଦାଣ୍ଡରେ ମଜ୍ଜି
ଶୋଇ ବାର ନ କର ଯାଉକୁ ରେ ।
ଶିତ କଦମ୍ବ ଦେହା
ଅସୁନ୍ଦରଟି ଏହା
ବନ୍ଧୁକୁ କର ଅଙ୍ଗୀକାରକୁ ରେ । ୩ ।
ତୋଷଗ ବନ୍ଧୁ ଦାନ
ଶ୍ୟାମ ହେଲେଣି କ୍ଷୀଣ
ଆଣ୍ଡି ଲେଖି ଶମନ ଘରକୁ ରେ ।
କରୁଣା କରଯାଇ

ଅଲ୍ଲଣା ଧରି ଯାଇ
ଅପ୍ରାଧ ମାଗ ବନ୍ଧୁ କରିଲୁ ରେ । ୪ ।
ନୁହେଁ ସେ ଆନଜନ
ତୋର ନୟନ ଧନ
ଗୃହଁା ଥରେ ତା ନେହ ଝୁରିଲୁରେ ।
ଗୋପାଳ କୃଷ୍ଣ କହି
ମନ୍ଦ ମଧୁରେ ଗୃହିଁ
ବିନାଶ ତା ବିରହ ଜ୍ୱରଲୁ ରେ । ୫ ।

—*—

ରାଗ ବେହାଗଡ଼ା—ତାଳ ଝୁଲା

ଭଜ ମନ, ଗୋପେନ୍ଦ୍ର ନନ୍ଦନ ବଂଶୀ ଧାରୀଙ୍କି
ଶିଖୀ ଶିଖଣ୍ଡ ମୁକୁଟ ଶ୍ରୀ ବ୍ରଜ ବିହାରୀଙ୍କି । ପଦ ।

ଗୋକୁଳ କୁଳଜା ପତି ବ୍ରଜ ଭଙ୍ଗକାରୀଙ୍କି
ତପନଜା ତଟ ନୀପ ଅଟବୀ ସଞ୍ଚାରୀଙ୍କି । ୧ ।

ନବୀନ ଘନ ସୁନ୍ଦର ଭକ୍ତ ଚିତ୍ତ ହାରୀଙ୍କି
ସୁରତି କେଳି ନିବାସ ବକାଘ୍ନ ଅଘାରୀଙ୍କି । ୨ ।

ଶ୍ରୀରାଧା ମାନସ ହଂସ କେଶିବ କଂସାରୀଙ୍କି
କୋଟି ମନ୍ମଥ ମନ୍ମଥ କଲ୍ମଷ ନିବାରୀଙ୍କି । ୩ ।

ଧାତା ଗର୍ବ ଖର୍ବ କର ସର୍ବ ଅବତାରୀଙ୍କି
ଇନ୍ଦ୍ର ଦର୍ପ ହର ଦାବାନଳ ପାନକାରୀଙ୍କି । ୪ ।

ବକ୍ଷପ୍ରାଣ ଜବଳଆ ପଣ୍ଡା ଶକଟାରୀଙ୍କି
ଗୋପାଳ କୃଷ୍ଣର ହୃଦ୍‌କମଳ ମଧୁହାରୀଙ୍କି

ଶ୍ଳୋକ

ଅସ ଚେଷ୍ଟା କଷ୍ଟ ପ୍ରଦ ବିକଟ ପଶାଳ ଭତୋଦ୍ଧ
ପ୍ରକାମଂ କାମାଦ୍ୟ ପ୍ରକଟ ମନ ଗ୍ରାଡ ବ୍ୟନ୍ତ କରେୈଃ
ଗଳେ କଦ୍ଧା ହନ୍ୟେଽହମିତ୍ତି ବକଭିଦ୍ କର୍ତ୍ତ୍ର ଗଣେ
କୁରୁତ୍ଭଂ ଫୁତ୍ କାରାନ ବପତି ସ ଯଥାତ୍ଭଂ ମନଃ । ଭତ୍ତଃ ।

ରାଗ କମ୍ବୋଜ ତାଳ—ଅଡ଼ତାଳ

ଜାଣ ଆରେ ମନ । ଘୋଷା ।

କାମ କ୍ରୋଧାଦ୍ୟ କୁପଥ ଗତାଙ୍କୁ ନକର ।
ଅସତ୍ ପ୍ରବୃତ୍ତି କଷ୍ଟପ୍ରଦ ଭୟଙ୍କର । ୧ ।
ଖଷଣ ଦଣ୍ଡଦ୍ଧମାନ ଦୃଢ଼ତ ଗଳେ ବାନ୍ଧି
ବିନାଶ କରନ୍ତି ଅନନ୍ତ ମୋତେ ନିରବଧି । ୨ ।
ଏଣୁ ତୁ ଶ୍ରୀକୃଷ୍ଣ ଭକ୍ତ ମାନଙ୍କର ପାବଣ
ସକାତରେ ଉଚସ୍ବରେ କାନ୍ଦ ଅହର୍ନିଶେ । ୩ ।
ତେବେ ରୋଦନ ଶୁଣି ସେହି ସାଧୁକ ବୈଷ୍ଣବେ
ଆସି ଏ ଶତ୍ରୁଙ୍କ ହସ୍ତୁ ରକ୍ଷଣ କରିବେ । ୪ ।
ନିର୍ଭୟ ହୋଇ ତଦ୍ଗତଚିତ୍ତ କୃଷ୍ଣ ପ୍ରେମାନନ୍ଦେ
ସେବା କରିଲ ନିଶ୍ଚିନ୍ତେ ଶ୍ରୀରାଧା ଗୋବିନ୍ଦେ । ୫ ।

ସଖୀଙ୍କ ପ୍ରତି ଶ୍ରୀରାଧା

(ଶ୍ରୀରାଧା ବାଉଳୀ—ଚୂଡ଼ୋ)

ଶୁଣ ପ୍ରାଣମିତ ଅତି ବିପରୀତ
ଯାହାକଲେ ନନ୍ଦ ସୁତ କାହ୍ନୁ
ପାଶୋର ନଯିବ ଥିବା ଯାଏ ଜୀବ
ତାକଥା ମୋହର ଜନେ ମନୁ ।
ଆଗୋପ୍ରିୟ ଆଳୀ
ନଟକୁଟି ଆସେ ବନମାଳୀ
ଯମୁନା ତଟରେ ନୀପ ନିକଟରେ
ନାଚଥିଲେ ରଙ୍ଗେ ଭଳି ଭଳି । ୧

ଖରା ବେଳେ ମୁହିଁ ଗଲି ନୀର ପାଇଁ
ନଗ୍ରେଲା ଦେଖି ପାଶେ ମିଳିଲେ
ଅଧର ଥରାଇ ଅଶ୍ରୁ ବରଷାଇ
କାଖକର ମାଇଁ ଗୋ ବୋଇଲେ
ସ୍ନେହ ନଭାଙ୍ଗିଲି
କଳସୀ ରଖି କୋଳକୁ ନେଲି
ମୋ ଉରଜେ ହାତ ଥୋଇ ଗୋ ସଙ୍ଗାତ
କଲେ ନାନାରଙ୍ଗେ ଖିଆଲି । ୨

ବାଳ କୁମରର ଦେଖି ଅତତ୍ତ୍ୱର
କୋଳରୁ ଓହ୍ଳାଇ ଦେଲି ତଳେ
ବୋଇଲେ ମୋନାଣ୍ଟୁ ଗ୍ଭେରଣୀ ତୁ ଅଟୁ
ଦଅ ନୋହିଲେ ମୁଁ ନେବି ବଳେ
ପକାଇଲେ ଡକା
ଶୁଣି ମିତ ମୁଁ ହେଲି ଚାଟକା
ମହତ ହାରିଲି ଲାଜେ ମରିଗଲି
ଯାହା ଜାଣେ ସେ କାଳିଆ ଟୋକା । ୩

ଯଶୋଦା ଆଗରେ   ବୋଇଲା ରଙ୍ଗରେ
ଝାଡ଼ିଦିଅ ତୋ ସ୍ତୁତିର ବାସ
ଝାଡ଼ିଲେ ଯଶନ୍ତ   ସରଦେଲା ମିତ
ଦେଖି ସବେଁ କଲେ ଉପହାସ
ଲାଜେ ଜଳି ଗଲି
ମୁଖ ପୋତି ପଳାଇ ଅଇଲି
ଭାବ ସେ ବାସର   ହୋଇଲା ଅସର
ମନକଥା ମନରେ ସାରିଲି । ୪
ସେଦିନୁ ଗୋ ସଖି   ଜୀବନରେ ଥାଇ
ମୃତପରି ମୁଁ କାଟୁଛି କାଳ
ଧନ୍ୟ ସେ କାଳିଆ   କାଇଁଚ ମାଳିଆ
ଜାଣେ କେତେ କଳ କଉଶଳ
ଦଗାଦାରି ଖଣ୍ଡ
ପଦେ ନମଇ ଗୋପାଳକୃଷ୍ଣ
ଯାହା କଲେ କରୁ   ମନୁ ନ ପାଶୋରୁ
ସେହି ସିନା ମୋ ପ୍ରାଣର ଇଷ୍ଟ । ୫

—*—

ଶ୍ରୀକୃଷ୍ଣ ପ୍ରତି ବ୍ରଜବଧୂ

(ତାଳ—ଝୁଲା)

କଳା ଶ୍ରୀମୁଖ ହେ ! ଏସନ୍ତ ଶିଖିଲ କାହୁଁ
ତୁମେ ନବ ଘନ   ନୃପତି ନନ୍ଦନ
ମୁଁ ତୁମ ପରଜା ବୋହୂ । ପଦ ।
ଦାଣ୍ଡଦାଣ୍ଡେ ଏତେ ଝାପସ ଖେଳିଲେ
କେ ସହିବ ଭଲ ସହୁ
ଜାଣିଲେ ନଣନ୍ଦ   ଆରମ୍ଭିବ ଦ୍ୱନ୍ଦ
ଚନ୍ଦ୍ରକୁ ଯେମନ୍ତ ରାହୁ । ୧

ବଉଳେ ରହିଛୁ ଘର କରିସିନା !
ନିଜ ଭାତ ନିଜେ ଖାଉ
ନୃପତି ବସ୍ତିରେ ଭ୍ରମ ଅଳନ୍ଦରେ
କେବେ ହାତ ନ ପତାଉ । ୨
ଏଡ଼େ ଅଲୟୁକ ବନମାଳି ତୁମ୍ଭେ
କାଆଗେ କହିବ ଆଉ
ସାହା କଲେ କର ସବୁ ସହିବାର
ଜୀବନ ପଛକେ ଯାଉ । ୩
ଆହେ ଘନ ଶ୍ୟାମ ଶ୍ରୀରଙ୍ଗା ଚରଣ
ସେବାରେ ଏ ଦିନ ଯାଉ
ନାମ ଶୁଣିବାରେ କାମ୍ୟନରନ୍ତରେ
ଗୋପାଳ କୃଷ୍ଣର ଥାଉ । ୪

—*—

ରାଗ ଶଂକରା ଭରଣ—ତାଳ ଆଠତାଳି

ଯେନ ଅବୋଧମନ !
ବ୍ୟର୍ଥେ ହୋଇ ନ ଯା ତୁ ଉଛନ୍ନ ରେ । ଘୋଷା
ଦୁଶ୍ଚିନ୍ତା ବରଜ ବର ଭାବେ ମଜ
ଯୁଗଳ ନାମ ଭଜନ ରେ
କରିବୁ ଅପୂର୍ବ ଆନନ୍ଦାବୁ ଭବ
ସେବାକୁ ହୋଇ ଭାଜନ ରେ । ୧
ରାଧେକୃଷ୍ଣ ରାଧେ କୃଷ୍ଣ ବୋଲି ଚିନ୍ତା
ପ୍ରେମ ଲୋତକେ ନୟନ ରେ
କୃପାମୟୀ ବନେ— ସ୍ୱପ୍ନ ଦଶାଇବେ
ଶ୍ରୀ ବୃନ୍ଦାରଣ୍ୟ ଅୟନରେ । ୨
ଜନ୍ମ ଜନ୍ମାନ୍ତର ଦୁଷ୍କୃତ ହୋଇବ
ତତକ୍ଷଣେ ବହ୍ନିକ ଦହନ ରେ

ଚଳ ଯିବୁ ସୁଖେ ଚିନ୍ମୟ ଧାମକୁ
ଲଭ ସିଦ୍ଧ ଅପଦନ ରେ । ୩
ସ୍ୱାଦରେ ଶ୍ରୀଗୁରୁ ରୂପା ସହଚରୀ
ନେବେ କର ଆଲିଙ୍ଗନରେ
ସର୍ବ ସଖୀ ମଞ୍ଜ— ରୀଙ୍କ ଶୁଭ ଦୃଷ୍ଟି
ତୋ ପରେ ହେବ ପତନ ରେ । ୪
ଶ୍ରୀଲଳିତା ସଖୀ ଦେବେ ଯେ ଚିହ୍ନାଇ
ସ୍ୱାମିନୀଙ୍କ ସନ୍ନିଧାନ ରେ
ନବଦାସୀ ପଣେ ରଖିବୁ ଗହଣେ
କରୁ ସେ ଅନୁମୋଦନ ରେ । ୫
ସ୍ଥାନ ତୋ ପାଇଁରେ ସେ ଯୋଗପୀଠରେ
ହୋଇ ଅଛି ନିରୂପଣରେ
ଗୋପାଳକୃଷ୍ଣ ଏ ଭାଗ୍ୟ ଲୋଭ ଲୋଭେ
ଧନ୍ୟ ମଣିବ ଜୀବନରେ । ୬

—*—

ରାଗ, ଦୀର୍ଘଛନ୍ଦ—ତାଳ ଏକତାଳି

ଯେଉଁରେ ଅବୋଧମନ ଅନ୍ୟେ କିବା ପ୍ରୟୋଜନ
ସଦା ଚିନ୍ତ ନିତ୍ୟ ବୃନ୍ଦାବନ
ଦିବ୍ୟ ଚିନ୍ତାମଣି ଧାମ କରନ୍ତି ତହିଁ ବିଶ୍ରାମ
ଯେ ନିଭୃତକୁଞ୍ଜ ନିକେତନ । ୧
ଦିବ୍ୟ ଚକ୍ଷୁରେ ଯାହାର ଭାଗ୍ୟେ ଅଛି ଦେଖିବାର
ସେ ଦେଖଇ ରତ୍ନମୟ ସ୍ଥଳ
ରାଧାକୃଷ୍ଣ ଲୀଳାମନ ଯାର ସୁସାଧ୍ୟ ସାଧନ
ସିଦ୍ଧତନୁ ଲଭେ ସେ କେବଳ । ୨
ଏ ସତ୍ୟ ନିତ୍ୟ ନିଶ୍ଚୟେ ଅନ୍ୟ ଅଜ୍ଞ କଳ୍ପିନୁହେ
ସଂଶୟ ନ କର ଏଥିଲେଶେ

ବ୍ରଜବନ ଲୀଳାଯାକ ସାଧନେ ତୁମ୍ଭ ସାଧକ
ବ୍ରଜେ ସିଦ୍ଧ ଦେହ ଲଭିବା ବେଶ । ୩
ଲଳିତା ବିଶାଖା ଆଦି ସଖୀଙ୍କ ଅନୁଗା ସାଧି
ସେବ ଶ୍ରୀ ସ୍ୱାମିନୀଙ୍କ ଚରଣ
ଗୋପାଳକୃଷ୍ଣ ଭାରତୀ ଏ ସବୁ ବାଞ୍ଛିଟି ଗତି
ସେ ପଦାବ୍ଜେ ପଶି ଯା ଶରଣ । ୪

—ଶ୍ଳୋକ—

ମଧୁରା ନାଥଭ୍ରେ ବ୍ରଜ ବିପିନ ଚନ୍ଦ୍ରଂ ବ୍ରଜବନେ
ଶ୍ୱରଂ ତାଂ ନାଥଭ୍ରେ ତଦତୁଳ ସଖୀଭ୍ରେଷୁ ଲଳିତାଂ
ବିଶାଖାଂ ଶିକ୍ଷାଳୀ ବିତରଣ ଗୁରୁଭ୍ରେ ପ୍ରିୟସରେ
ଗିରୀନ୍ଦ୍ରୌ ତତ୍‌ପ୍ରେକ୍ଷା ଲଳିତ ରତିଦଭ୍ରେ ସ୍ମର ମନଃ ।

ରାଗ ବଙ୍ଗଳାଶ୍ରୀ—ତାଳ

ଶୁଣ ଆରେ ମନ ! ଯଥାର୍ଥ ବଚନ କହୁଅଛି ତୋତେ ମୁହିଁ
ହୃଦରରେ ଘେନ ତୁ ଅନା ଜଗନ୍ନ ବିଷୟ ଜଞ୍ଜାଳେ ରହି । ୧
ଶ୍ରୀବୃନ୍ଦାରଣ୍ୟ ଚନ୍ଦ୍ରଙ୍କୁ ଶ୍ରୀରାଧାଙ୍କ ପ୍ରାଣ ନାଥ ରୂପେ ଚିନ୍ତ
ସ୍ୱାମିନୀଙ୍କୁ ବ୍ରଜେନ୍ଦ୍ରଙ୍କ ପ୍ରିୟାରୂପେ ଭାବନା କର ସନ୍ତତ ।
ଲଳିତା ସଖୀଙ୍କି ଶ୍ରୀକିଶୋରୀଙ୍କର ଶ୍ରେଷ୍ଠ ସଂଗିନୀ ସ୍ୱରୂପେ
କରନ୍ତୁ ଭଜନ ପ୍ରେମରେ ମଜ୍ଜନ ହୋଇ ସଦାନଂଦେ ଆପେ । ୩
ବିଶାଖା ଆଳୀଙ୍କି ଶିକ୍ଷାଗୁରୁ ପଦେ ସାଦରେ କରିବରଣ
ଶ୍ରୀକୁଣ୍ଡ ଗୋବର୍ଦ୍ଧନକୁ ରତିପ୍ରଦ ସ୍ୱରୂପେ କର ସ୍ମରଣ । ୪
ଏସିନା ତୋହର ସାଧନ ସରଣୀ ଅନ୍ୟେ କିବା ପ୍ରୟୋଜନ
ଗୋପାଳ କୃଷ୍ଣକୁ ଭୁଲାନା ମାନସ କୁପଥେ କରି ଗମନ । ୫

ରାଗ—ଦୀର୍ଘଛନ୍ଦ ତାଳ—ତ୍ରିପୁଟା

କହୁଛି ଯେନରେ ମନ !　　　　　　ଅନ୍ୟ କିବା ପ୍ରୟୋଜନ
　　ଯତାଶନ୍ତ ନିତ୍ୟ ବୃନ୍ଦାବନ
ଦିବ୍ୟ ଚିନ୍ତାମଣି ଧାମ　　　　　　କରନ୍ତୁ ତହିଁ ବିଶ୍ରାମ
　　ଯେ ନିଭୃତ କୁଂଜ ନିକେତନ । ୧
ଗୋବର୍ଦ୍ଧନ ଗିରିବର　　　　　　ସୁଖେ ପ୍ରଦକ୍ଷିଣ କର
　　ମୁଖେ ଗାଇ ସେ ଲୀଳା ପ୍ରସଙ୍ଗ
ଗୋବିନ୍ଦ କୁଣ୍ଡରେ ବୁଡ଼　　　　　　ଇନ୍ଦ୍ର ଯଜ୍ଞସ୍ଥଳେ ଗଡ଼
　　ଧୂଳି ଧୂସରିତ କର ଅଙ୍ଗ । ୨
ଯମୁନା ପୁଳିନ ବନ　　　　　　ବୁଲି କର ଦରଶନ
　　ଧୀରେ ସମୀର ଶ୍ରୀ ବଂଶୀବଟେ
ଆନନ୍ଦେ କର ବିଶ୍ରାମ　　　　　　ବୋଲି ଜୟ ରାଧେ ଶ୍ୟାମ
　　କୁଟୀର ବନାଅ କେଶୀଘାଟେ । ୩
ଦ୍ୱାଦଶ କାନନ ଯାଇ　　　　　　କୃଷ୍ଣଲୀଳା ସ୍ଥାନ ଦେଖ
　　ଅଦ୍ୟାବଧି ରହିଅଛି ଚିହ୍ନ
ସବୁ ତୁ ପ୍ରତ୍ୟକ୍ଷେ ଦେଖ　　　　　　ଦୁଶ୍ଚିନ୍ତା ମନୁଁ ଉପେକ୍ଷ
　　ଗୁରୁ ଆଜ୍ଞାରୁ ନହୁଅ ଭିନ୍ନ । ୪
ଶ୍ରୀକୃଷ୍ଣ ମାନସ ନଗ୍ରୀ　　　　　　ନନ୍ଦୀଶ୍ୱର ପୁର ଆଦି
　　ଭ୍ରମଣ କର ତୁ ଠାବେ ଠାବେ
ସିଦ୍ଧସାଧକ ବୈଷ୍ଣବେ　　　　　　ରହିଛନ୍ତି ବ୍ରଜ ଭାବେ
　　ସେ ସଂଗ ଆଚର ଭକ୍ତି ଭାବେ । ୫
ସେ ଚିନ୍ମୟ ଭୂମିଜାଣ　　　　　　ତହିଁ ବିସର୍ଜିଲେ ପ୍ରାଣ
　　ହୋଇ ଯିବୁ କାରଣନିଷ୍ଟସ୍ୱ
ଗୋପାଳକୃଷ୍ଣଙ୍କୁ ଖାଲି　　　　　　ଜଞ୍ଜାଳେ ନ ପକାଉଲ
　　ଯୁଗଳ ଚରଣେ ହୁଅ ଥୟ । ୬

—*—

ମଦନମଧୁବରେ—ବୃତ୍ତେ

ମିତଣୀ ତାକୁ କହିଦେ ଫେର ଯିବାକୁ ।
ଆସିଛୁ କାହାର କଲେ ପଦେ ଲାକ୍ଷା ରଞ୍ଜିବାକୁ । ପଦ ।

ଧରି ନାପିତୁଣୀ ବେଶ
ଆସିଅଛ ପୀତବାସ
ଜାଣେ ମୁଁ ତା ଛଳ ଶ୍ଳେଷ   ହାଣଇ ନାଗସ୍ୱରୁକୁ । ୧ ।
ମୁଁ ନୋହେ ଆନ ରମଣୀ
ନାମ ଧରେ ରାଧାରାଣୀ
ଭଙ୍ଗୀରେ ମୋ ମନ କିଣି   ବସିଛୁ ଭୁଲାଇବାକୁ । ୨ ।
ଲେଖା ଲେଖୁ ଲକ୍ଷା କମ
ଲେଖିଲୁ ଆପଣା ନାମ
ଜାଣିଲି ତା କର୍ମ ବାମ   ଅପମାନ ଲଭିବାକୁ । ୩ ।
ହେ ଲମ୍ପଟି ଶଠରାଜ
ଧରୁ ପଡ଼ିଗଲୁ ଆଜ
ନାହିଁ ତା ଶ୍ରୀମୁଖେ ଲାଜ   ଚୂନକଳା ଦିଅ ତାକୁ । ୪ ।
ଗୋପାଳ କୃଷ୍ଣ ବର୍ଣ୍ଣିର
ଝାଅ ବେଗେ ଦୂର କରି
ଯାଉ ଲମ୍ପଟିଆ ହରି   ଲୁଚାଇ କଳା ମୁଖକୁ । ୫ ।

ରାଗ, କଲ୍ୟାଣୀ—ତାଳ, ରୂପକ

ଶରଧାରେ ଧାଇଁ ଶ୍ରୀରାଧାକୁଣ୍ଡ ବନକୁ ଗାବନ ଦେଖି ଯା

ପ୍ରାଣନାଥ ସଙ୍ଗେ ବିଜେ କରନ୍ତନ୍ତି ଅନଙ୍ଗ ମଞ୍ଜରୀଙ୍କରଅଗ୍ରଜା । ପଦ

ବିଶ୍ୱସୃକ କି ରଚିଥିଲା ଶ୍ରୀକୁଣ୍ଡ କୁଣ୍ଡର ଚନ୍ଦ୍ରଶାଳା
ଯା ସୋପାନଶ୍ରେଣୀ ରତ୍ନ ଚିନ୍ତାମଣି
ବିଲୋକଲେ ପ୍ରଶଂସିବେ ବିଡୌଜା । ୧ ।

ପୂରିଛନ୍ତି ଆଳୀନିକର ଲଗିଲାଣି ଖେଳ ପଶାର
ଯୋଷା ଶିରୋମଣି, ଆଗେ ବସିଲେଣି
ମୁହାଁ ମୁହିଁ ହୋଇ ନାଗର ରାଜା । ୨ ।

ପଣ କର ଶିଖଣ୍ଡ ବେଣୀ କୁଣ୍ଡଳ ଚାଟଙ୍ଗ ସଙ୍ଗିନୀ
ବଂଶୀ ହାରାବଳୀ ରାସେଶ୍ୱରୀ ହର
ବୋଲି ହୋଇ ଗଲାନି ତ ହାଉଜା । ୩ ।

ଶ୍ରୀ ଗାନ୍ଧର୍ବା ଖେଳରେ ଜିଣୁଁ ସଖୀ ଛଡାଇ ଆଣୁ ବେଣୁ
ବୃନ୍ଦାବନ ପଞ୍ଚମସ୍ୱରୀ ହସନ୍ତି
ଆଳୀ ପରେ ଦେଇ ବରଆଉଜା । ୪ ।

ଭଙ୍ଗିଦେଇ ପଙ୍କା ଭ୍ରମର ନେଲେଣି ଦାସୀ ଉପହାର
ବାହାରି ଯିବେ ଗୋପାଳକୃଷ୍ଣ ବୋଲେ
କରିବାକୁ ଏବେ ତରଣିପୂଜା । ୫ ।

ଶ୍ଳୋକ-

ଯଦୀ ଚ୍ଛେଦାବାସଂ ବ୍ରଜଭୁବି ସରାଗଂ ପ୍ରତିଜନୁ
ର୍ଯୁବଦ୍ୱନ୍ଦଂ ତଚ୍ଚେତ୍ ପରିଚରିତୁ ମାରାଦ ଭିଲ ଷେଃ
ସ୍ୱରୂପଂ ଶ୍ରୀ ରୂପଂ ସଗଣମିହ ତ ସ୍ୟାଗ୍ରଜମପି,
ସ୍ଫୁଟଂ ପ୍ରେମ୍‌ଣା ନିତ୍ୟଂ ସ୍ମର ନମ ତଦାତ୍ୱଂ ଶୃଣୁମନଃ ।

ରାଗ ଜୟଶ୍ରୀ—ତାଳଝୁଲା

ଶୁଣକନା ଆରେ ମନ ଶ୍ରୀକୃଷ୍ଣ ଦାସୀ ବଚନ
ଯଦି ବ୍ରଜବାସ ରସୁ, ନହୋଇ ପଶୁରେ ।୧

ଅନୁରାଗରେ ସ୍ୱଚ୍ଛନ୍ଦେ, ଇଷ୍ଟଶ୍ରୀ ରାଧା ଗୋବିନ୍ଦେ
ସେବା କରିବରେ ଆଶା, ଯେବେ ମୋ ଭାଷାରେ ।୨

ଶରଣ ଯେବେ ସ୍ୱରୂପେ ଗଣ ସହିତେ ଶ୍ରୀରୂପେ
ତାଙ୍କ ଜ୍ୟେଷ୍ଠ ସନାତନେ, ବୈଷ୍ଣବ ଜନେ ରେ ।୩

ଭକ୍ତିଭାବ ସହକାରେ ନିତ୍ୟ ସମ୍ୟକ ରୂପରେ
ସ୍ମରଣ ନମସ୍କାର ସତନେ କର ରେ ।୪

ଏଥିରେ ନକର ହେଳା ଏ ତୋହର ଶୁଭବେଳା
ଗୋପାଳ କୃଷ୍ଣ ଭଣଣ, ଯିବ ଜଣଣ ରେ ।୫

ଶ୍ଲୋକ—

ରତିଂ ଗୌରୀ ଲୀଲେଅପି ତପତି ସୌନ୍ଦର୍ଯ୍ୟ କିରଣୈଃ
ଶଚୀ ଲକ୍ଷ୍ମୀ ସତ୍ୟାଃ ପରିଭବତି ସୌଭାଗ୍ୟ ବଲନୈଃ
ବଶୀ କାରୈଶ୍ଚନ୍ଦ୍ରାବଳୀ ମୁଖ ନବୀନ ବ୍ରଜ ସତୀଃ
କ୍ଷିପତ୍ୟାରାଦ୍ ଯା ତାଂ ହରି ଦୟିତ ରାଧାଂ ଭଜମନଃ

ରାଗ-ମଧୁଶ୍ରୀ । ତାଳ—ଝୁଲା

ଭଜନ ପୂଜନରେ ମନ !
ଶ୍ରୀକୁଣ୍ଡବାସୀଙ୍କର ଶିକ୍ଷା ବଚନ ।ଘୋଷା
ଯାହାଙ୍କର ମଧୁର ସୌନ୍ଦର୍ଯ୍ୟ ଛଟା
ରତି, ଗଉରୀ, ଲୀଳା ସୌନ୍ଦର୍ଯ୍ୟ ହଟା ।୧
ଯାହାଙ୍କର ସୌଭାଗ୍ୟ ସେ ଲୋକେ ନାହିଁ
ଶଚୀ ଲକ୍ଷ୍ମୀ ଆଦିଙ୍କି ପରା ଭବଇ ।୨
ଯାହାଙ୍କର ସୁଗୁଣାବଳୀ ଅପାର
ଚନ୍ଦ୍ରାଦି ବ୍ରଜ ଯୋଷା ହେଲେଟି ଦୂର ।୩
ସେହି ଶ୍ରୀସ୍ୱାମିନଙ୍କିଙ୍କୁ ନିରନ୍ତର
କଙ୍କସ୍ତ ଅଭିମାନେ ଭଜନା କର ।୪
ସୌନ୍ଦର୍ଯ୍ୟ ସଉଭାଗ୍ୟ ସୁଗୁଣବନ୍ତି
ସେ କୃଷ୍ଣ ପ୍ରିୟା ରାଧା ଦେବେ ସୁରତି ।୫
ଶ୍ରୀବ୍ରଜେ ବାସ ବାଞ୍ଛା କର ମାନସ ।
ଗୋପାଳ କୃଷ୍ଣ ହରୁ ସେ ତାପ କ୍ଲେଶ ।୬

ଶ୍ଳୋକ

ଗୁରୌ ଗୋଷ୍ଠେ ଗୋଷ୍ଠାଳୟିଷୁ ସୁଜନେ ଭୂସୁରଗଣେ
ସ୍ୱମନ୍ତ୍ରେ ଶ୍ରୀନାମ୍ନି ବ୍ରଜ ନବଯୁବ ଦ୍ୱନ୍ଦ୍ୱ ଶରଣେ
ସଦାଦମ୍ଭଂ ହିତ୍ୱା କୁରୁରତିମପୂର୍ବା ମତିତରାଂ
ଅୟେସ୍ୱାନ୍ତ ର୍ଭ୍ରାତ ଶ୍ଚଟୁଭିର ଭିଯାଚେ ଧୃତପଦଃ

ରାଗ ତୋଡ଼ିପରଜ—ତାଳ ଆଡ଼ତାଳୀ

ଗର୍ବଦମ୍ଭ ପରିହରିରେ ମାନସ
ଶୁଣ ବଚନ ମୋହର
ଯାଚଞ୍ଚା କରୁଛି ମିନତି ପୂର୍ବକ
ତୃଣ ଦନ୍ତେ ପଦ ଧରି । ଘୋଷା ।
ଶ୍ରୀଗୁରୁଦେବେ ଚନ୍ଦ୍ରଯୁ ବ୍ରଜ ନାମେ
ବ୍ରଜ ବାସୀଜନ ଗଣେ
ବୈଷ୍ଣବେ ବ୍ରାହ୍ମଣେ ସ୍ୱୀୟ ଦୀକ୍ଷା ମନ୍ତ୍ରେ
ଶ୍ରୀ ଭଗବନ୍ତର ନାମେ ।୧
ରକ୍ଷକ ସ୍ୱରୂପ ବ୍ରଜ ନବ ଯୁବ
ଯୁଗଳ ରାଧା ଗୋବିନ୍ଦେ
ଅତ୍ୟନ୍ତ ଭକତି କରି ନିତି ନିତି
ମଜ୍ଜି ପରମ ଆନନ୍ଦେ ।୨
ଦୀକ୍ଷାଗୁରୁ ରୂପେ ସ୍ୱୟଂ ଶ୍ରୀ ଗୋବିନ୍ଦ
-ଶିକ୍ଷାଗୁରୁ ରୂପା ରାଧା ।
ବୈଷ୍ଣବ ସ୍ୱରୂପେ ସଖୀଗଣ ସବେ
ହରିବେ ତୋ ବିଘ୍ନ ବାଧା ।୩
ନାମରୂପେ କୃଷ୍ଣ ସଦାସ୍ତୁ ତୋହର
ସଂସାର ସିନ୍ଧୁ ତାରଣେ
ଗୋପାଳକୃଷ୍ଣ କହଇ ଭୁଲ ନ ସା
ସାଧନ ମାର୍ଗକୁ କ୍ଷଣେ ।୪

—*—

ରାଗ ଶଙ୍କର ଭରଣ—ତିସ୍ରଗତ ଏକତାଳ

ପରି ପନ୍ଥି—ଗରବ—ଗିରି ଭାଙ୍ଗି ଦେଲରେ ।
ରସ ରଙ୍ଗିନ ରେ ତୋ ଭଙ୍ଗି କାଲି ।ପଦ।
ସୁଧା ସାର କଳପ ତୋ ମଧୁର ଆଳାପ
ଶ୍ୟାମ ବଂଶୀସ୍ୱନକୁ ଯା ଚୁମ୍ବୁଥିଲା ରେ ।୧
ଲାସ୍ୟରେ ରହି ରହି ପ୍ରିୟ ଆସ୍ୟକୁ ଚାହିଁ
ହସି ଖେଳାଉଥିଲାର ଲାଜେ ଡୋଳାରେ ।୨
ନବୀନ ପରାକ୍ରମ ଜାଣି ହୃଦକୁ ଶ୍ୟାମ
ସେ ନେଲେ ଲୋଭେ ଯା ତୋତେ ଛଇଲା ରେ ।୩
ମସ୍ତକ ଶ୍ୟାମ ଅଂଶ ପକାଇ ଭୁ ଅଳସେ
ଉଭା ହେବା ଶୋଭା ଚାରୁ ହରିନେଲା ରେ ।୪
ଗୋପାଳ କୃଷ୍ଣଭଣେ କୃଷ୍ଣ ପ୍ରେୟସୀ ଗଣେ
ଅଦ୍ୱିତୀୟା ବୋଲି ବ୍ରଜେ ଜଣାଇଲା ରେ ।୫

ରାଗ ଧନାଶ୍ରୀ ମିଶ୍ର ରୂପତାଳ

ଗୋଷ୍ଠ ଚନ୍ଦ୍ରମାଙ୍କୁ ଆସ ବୋଲିରେ ସଖି
କହିଦେଲୁ ନ କରେ ।ପଦ।
ଏତିକ କେତୁ ମୋ ତନୁ ଥରୁଛନ୍ତି
ଦେଖି ନାହିଁ ମୁଖ ଆଉରି ଆଖିରେ ।୧
ଗୃହ କୃତ୍ୟ ସ୍ଫୁରି ହେଲା ନାହିଁ ତିନି ପହରରୁ ମନ୍ଦିରେ
କେତେବେଳେ କେ ଦେଖି ଦେବଟି ବୋଲି
ଦମ ଦମ ହୃଦ ହେଉଛି ଖାତ ରେ ।୨
କି ବୁଦ୍ଧି କରିବି କୁଟିଳା ମର୍କଟମୁଖୀ ଅଛି ପୁରରେ
ଅଗଣାକୁ ଗଲେ ଦେଇ ଅପବାଦ
ମାରିତାଳି ଆସି ନାଚିବ ଦୁଆରେ ।୩

କି କରୁଥିଲେ କୁହ ଗଲାବେଳକୁ ଥିଲେ କେଉଁ ଠାବରେ
କି ବୋଇଲୁ କସ ପଶୁରିଲେ ତୋତେ
କହୁ ପିନା ଶୁଣିବା ରହସ୍ୟରେ ।୪
ନ ଆସ ବୋଲି ଜଣାଅ ଯାଇ ହେଲେ ସଖି ଜୁହାରୁଛି ମା
ଚନ୍ଦ୍ରାବଳୀ ହେଲାପର ହେବ ପିନା
ଜଳ ଜଳ ମୋତେ ଦିଶୁଛି ଆଖିରେ ।୫
ଗୋପାଳ କୃଷ୍ଣ ଘରେ ଜଗିଥିଲେ ସେ ତୋ ପାଇଁ ପ୍ରାଙ୍ଗଣରେ
ଲାଗ ହୋଇ ଏଣେ ତେଣେ ବୁଲି ଧୀରେ
ଖଞ୍ଜିଲେ ଥାଉଛି ପୁଷ୍ପ ବାଟିକାରେ ।୬

—×—

ରାଗ ମାସ୍ତମାଳବ ଗୌଡ଼ା—ମିଶ୍ରରୂପ ତାଳ

କେବଣ ବରଷା । ବାଲା ବିଚ୍ଛେଦ କରନ୍ତ
ସନ୍ତାପରେ ଶୀର୍ଣ୍ଣ ହୋଇ କରେ   ଚିନ୍ତାପର ବାସେ ରତ୍ନ ।୧
ଏ ମଧୁ ନଶିକ   ବୃନ୍ଦି ସମ୍ପୂର୍ଣ୍ଣ ଶଶୀକ
କି ବର୍ଷୁଥିବ କି ଗୁଡ଼ ଅଇଲ ପୀୟୂଷ ହାସିକ ।୨
ଗଜଗମନୀ କି   ରଖିଥିବ କାମନାକ
ଯାଇ ଏଥିରୁ ମୁଁ ଆଉ କି ବୁଝିବ ଦୁଃଖ ଶମନୀ କି ।୩
ଦେଖି ନଆଳୀକ   ଯାଉ ମଧୁପ ଆଳୀକ
କି ପଶୁରୁଥିବ ଲତ୍ବଲ ବସୁସୀ ଅନାଇ ଆଳୀକ ।୪
ମୋ ଦୁଃଖୀ ଦଉବ   ଶୁଣି ବନପ୍ରିୟ ରବ
କରଜବନ ମନରୁ ମଦନକୁ ଜଣିବା ଗରବ ।୫
ଏ ମନ୍ଦ ପବନ   ନିଶ୍ଚେଷ୍ଟ ଚେତନବ ଗାବନ
ପଣନ୍ତେ ଶରଣ ପଶି ପୋଷୁଇଲା ନୟନକୁ ବନ ।୬
ଥିବ କି ରସାରେ   ଭାହାଣ ସୁରସା ରେ
ବୋଲେ ଗୋପାଳ କୃଷ୍ଣ ଚନ୍ଦ୍ର ଭାଙ୍ଗିଲୁ କେତେ ଭରସାରେ ।

—*—

ରାଗ ଖମାଚ—ତାଲ ଆଦ୍ଧାତାଲ

ଭଜମନ । ଶ୍ରୀ ଶଚୀ ନନ୍ଦନ ଗୌରହରି
ସାଧନ ମାର୍ଗରୁ ଲଭେ ରହନା ଓହରି । ଘୋଷା ।
ଅଦ୍ୱୈତ ପ୍ରକଟି କୃତ ନରହରି ପ୍ରେଷ୍ଠସୁତ
ସ୍ୱରୂପ ଗୋସାଇଁ ପ୍ରିୟ ଦଣ୍ଡ କମଣ୍ଡଳୁ ଧାରୀ । ୧
ନିତ୍ୟାନନ୍ଦ ପ୍ରାଣ ସଖା ସନାତନ ଗତି ଏକା
ଶ୍ରୀ ରୂପ ହୃଦ କେତନ ଲକ୍ଷ୍ମୀ ପ୍ରାଣ ପତି ହରି । ୨
ଗଦାଧର ରସୋଲ୍ଲାସୀ ଜଗନ୍ନାଥ ପୁର ଶଶୀ
ସାଙ୍ଗୋପାଙ୍ଗେ ସଂକୀର୍ତ୍ତନେ ମହା ପ୍ରମତ୍ତ କେଶରୀ । ୩
ଶ୍ରୀ ବାସାଙ୍ଗଣ ନର୍ତ୍ତକ ବିଷ୍ଣୁ ପ୍ରିୟାଙ୍କ ନାୟକ
ଶ୍ରୀ ନବଦ୍ୱୀପ ନାଗରୀ ମାନସ ସଂପଦ ହାରୀ । ୪
ଗୋପାଳକୃଷ୍ଣ ଭୂଷଣ ସେବ୍ୟଟି ତୋ ପ୍ରାଣଧନ
କୁଂଦନ ନନ୍ଦନ କାନ୍ତି ଜାହ୍ନବୀ ତୀର ବିହାରି । ୫

ରାଗ ତୋଡ଼ି ପରଜ—ତାଲ ଆଡ଼ତାଲୀ

ରେ ମାନସ ତ୍ୟଜ୍ୟ ଅନ୍ୟ ଅଭିଳାଷ
ଶ୍ରୀରାଧା ଗୋବିନ୍ଦ ଚରଣାର ବିନ୍ଦ ସ୍ମରଣେ ହୁଅ ଉଲ୍ଲାସ ।ପଦ
ନିଷ୍କାମ ଗୋପୀକା ଭକ୍ତିରେ ଭୁଏକା ହେଉଥା ତନ୍ମୟ ନିତ୍ୟ
କୃପାମୟୀ ରାସେଶ୍ୱରୀଙ୍କ କୃପାରୁ ଲଭେ ନୋହିବୁ ବଞ୍ଚିତ । ୧
ସ୍ୱୀୟ ବ୍ରଜବାସ ଭଜନା ଲାଲସ ବଢ଼ାଅ ଶ୍ରଦ୍ଧା ସରାଗେ
ପ୍ରତିଷ୍ଠା ଲଭେ ଯା ଲାଳାୟିତ ହେଉ ଯହକର ପରିତ୍ୟାଗେ ! ୨
ସ୍ୱାମିନୀ ଶ୍ରୀକୁଂଜେଶ୍ୱରୀଙ୍କର ଦାସୀ ଅଭିମାନେ ହୁଅ ବ୍ରତୀ
ତଯାସ୍ତୁ ସାକ୍ଷାତ ସେବା ପ୍ରାପ୍ତି ଆଶା ହେଉ ତମେ ବଳବତୀ । ୩
ପୂଜାନାମ, ଧ୍ୟାନ, ମହିମା ଶ୍ରବଣ, ପ୍ରଣାମ ଏ ପଞ୍ଚାମୃତ
ସେବନ କରିଣ କୃତାର୍ଥ ହୋଇ ଯା ଗୋପାଳକୃଷ୍ଣ କଥିତ । ୪

ରାଗ ଝିଂଝୋଟି—ତାଳ ଆଠତାଳୀ

ମାନସ କେଣେ ରହୁ ଓହରି ?
ଆଶ୍ରୟ ପ୍ରଦାତ୍ରୀ ଥାଉଁ ତୋହରି । ଘୋଷା ।
ଉଜ୍ଜ୍ୱଳ ପରକୀୟା ପ୍ରେମାମୃତ
ରସ ବାରିଧିରେ ମଜ୍ଜ ସତତ । ୧
ସଖୀଙ୍କ ସଂଗିନୀ ପଣେ ସହଜେ
ସିଦ୍ଧତନୁ ଅନୁସର ଶ୍ରୀବ୍ରଜେ । ୨
ଦୟାମୟୀ ବୃନ୍ଦାରଣ୍ୟ ଈଶ୍ୱରୀ
ରକ୍ଷି ପାରିବେ କ ଲବେ ବିସ୍ମରି । ୩
କୃପା କଟାକ୍ଷରେ ତାଙ୍କ ମସ୍ତକ
ଯାଚି ଦେବେ ସେବା ସମ୍ଭାର ଯାକ । ୪
ଗୋପାଳକୃଷ୍ଣ କହଇ ପ୍ରବୋଧି
ସାଧନେ ସୁଲଭ ଜୀବକୁ ସିଦ୍ଧି । ୫

—◆X✻X◆—

ରାଗ ଗାନ୍ଧାର—ତାଳ ପହପଟ

ପାମର ମନ । ରାମ ଅନୁଜ ନାମକୁ ରଟୁଥାରେ ।
ବାମ ନୋହିବ ତାମରସର ବନ୍ଧୁଜ ତୋହଠାରେ । ପଦ ।
କାମ ମୋହନ ଶ୍ୟାମ ସୁନ୍ଦର, ଦାମ ଉଦର ମନ୍ଦର ଧର
ଧାମକୁ ଯାଇ କୁଟୀର ବନାଇ ବଧି ହଂସଜା ପନ୍ତାରେ । ୧
ଗ୍ରାମ ଯାବଟ ଶ୍ରୀନନ୍ଦୀଶ୍ୱର ମୁଖରାଇ ବରଷାଣ ନବର
ବୁଲି ଝୁଲି ଧରି ମାଗି ମଧୁକରୀ ଭୁଂଜ ରାଧେଶ୍ୟାମ ନାମରେ । ୨
ସମର୍ଥ ଆଜ୍ଞ ପଳାଇଯା ଯା ପରିହରି ସୁତ ବିତ୍ତ ଭାର୍ଯ୍ୟା
ଉନମତ୍ତ ହୋଇ କରେ ତାଳିବାଇ କୃଷ୍ଣଗୁଣ ଗୀତ ଗାଆରେ
ଯାମ ଯାମକେ କର ସ୍ମରଣ ଶ୍ରୀ ଯୁଗଳ ଲୀଳା ରସ କଥନ
ସାଧନେ ସ୍ୱତନ୍ତ୍ର ନାମ ବୀଜମନ୍ତ୍ର ଗୋପାଳକୃଷ୍ଣେ ଜପାରେ । ୪

—✻—

ରାଗ ଆଶାବରୀ—ତାଳ ଆଠତାଳୀ

ଶାରଧାରେ କର ମନ । ଶ୍ରୀରାଧା ନାମ କୀର୍ତ୍ତନ । ଘୋଷା ।

ବିଶ୍ୱସ୍ତ ସର୍ଜ୍ଜନାରେ ସ୍ମୃତି ଶ୍ରୁତି ପୁରାଣରେ
ଏଥୁଁ କଳନାହିଁ ପଥ ଲଭିବାକୁ ପ୍ରେମଧନ । ୧ ।
କାହାକୁ ନକର ଲକ୍ଷ୍ୟ ସବୁଥିରୁ ନିରପେକ୍ଷ-
ହୋଇ କରୁଥା ଗୋବିନ୍ଦ ଅଙ୍କେ ସ୍ୱାମିନୀଙ୍କ ଧ୍ୟାନ । ୨
ହେ ଶ୍ରୀକୃଷ୍ଣ ପ୍ରାଣପ୍ରିୟେ ହେ ସର୍ବ ରମା ଆଶ୍ରୟେ
ବୋଲି ଶ୍ରୀକୁଣ୍ଡ ସେତୁରେ ରହି ଯା ରତି ସଦନ । ୩
ରାସେଶ୍ୱରୀ ସେବାଯୋଗ୍ୟ କଂକଣୀ ଜନ ସୌଭାଗ୍ୟ
ବୃନ୍ଦାବନ ପୁରନ୍ଦନ ବିନା ନଜାଣନ୍ତି ଆନ । ୪
ହିଁ ଚତୁର ଯାମଲୀଳା ସେବା ଭାବ ଧନ କଳା
ସ୍ୱକାଙ୍କ୍ଷାଧୀ ସାଧୁସଙ୍ଗେ ପ୍ରେମଭକ୍ତି ସୁଧାପାନ । ୫
ଦୟାଳୁ ଶ୍ରୀଗୁରୁଦେବ ଦେବାର ତୋ ଅବସ୍ଥକ
ଗୋପାଳକୃଷ୍ଣ ଭଣେ ଲଭିବୁ ହୁଅ ସାବଧାନ । ୬

ରାଗ ଶଙ୍କରା ଭରଣ—ତାଳ ଆଠତାଳୀ

ମନ ! ଏକ ଚୋର ଭ୍ରମ

କେବଳେ ଦେଖିଲେ ନ ଚିନ୍ତିଲୁ ଯାହାଟି ସ୍ୱଧର୍ମ । ପଦ ।

ଭକ୍ତି ନ ଯା ନଆଦରୁ ମୁକ୍ତି ଯାର ଦାସୀ
କେଉଁ ସୁଖ ଲାଗି ହେଉ ମୋକ୍ଷ ଅଭିଳାଷୀ । ୧ ।

ଦାନ ଯଜ୍ଞ ତପସ୍ୟାଦି ଯେତେ ଅନୁଷ୍ଠାନ
କୃଷ୍ଣଭକ୍ତି ଷୋଦକୁ କେ ନୁହଇ ସମାନ । ୨ ।
ସର୍ବ ସିଦ୍ଧି ଯାକ ସ୍ଥିତ ଗୋବିନ୍ଦ ଚରଣେ
ନାନା ତୀର୍ଥ ବ୍ରତେ ଶ୍ରମୀ ହେଉଛ କାରଣେ । ୩
ବ୍ରଜେ ସିଦ୍ଧ ଦେହ ପ୍ରାପ୍ତି ଲାଳସେ ନିରତ
ଶ୍ରୀରାଧା ସଖୀଙ୍କ ଦାସୀ ଭାବେ ହୁଅ ରତ । ୪
ସାଧନେ ଲଭିବୁ ସିଦ୍ଧି ରାଗାନୁଗା ମତେ
ଯୁଗଳ ପଦାବ୍ଜେ ସେବା ମିଳିବ ଯୁକତେ । ୫
ଅନ୍ୟ ବାଞ୍ଛା ଶୂନ୍ୟ ହୋଇ ଭଜ ରାଧା ହରି
କହଇ ଗୋପାଳକୃଷ୍ଣ ଦନ୍ତେ ତୃଣ ଧରି । ୬

—*—

ରାଗ ନାଦନାମ କ୍ରିୟା—ତାଳ ଆଡ଼ତାଳୀ

ଭଜ ବ୍ରଜେନ୍ଦ୍ର ନନ୍ଦନରେ ମାନସ ।
ଶିଖୀ ଶିଖଣ୍ଡିକ ଚୂଡ଼ୁ ଅବତଂସ ନିଖିଳ ଜଗବନ୍ଦନ । ପଦ ।

ତ୍ରିଭଙ୍ଗ ଲଳିତ ନର୍ତ୍ତକ ସୁନ୍ଦର ବେଦରେ ଦୁର୍ଲ୍ଲଭ ଯେହୁ
ନିଷ୍କାମ ନିର୍ମଳ ଗୋପିକା ଭକ୍ତିରେ ଜୀବକୁ ସୁଲଭ ସେହୁ । ୧ ।
ଯାହାଙ୍କର ଶ୍ରୀଚରଣ ଅରବିନ୍ଦ ମହିମା ନ ଜାଣେ ବିଧି
ଏକା ବ୍ରଜଦେବୀ ମାନଙ୍କୁ ଗୋଚର ଅତୁଳ ମହତ ସିଦ୍ଧି । ୨ ।
ଇନ୍ଦ୍ର ବାଗପତି ସୂର୍ଯ୍ୟ ଅନଳାଦି ଅମରେ ଯା ଆଜ୍ଞାଧୀନ
ଲୀଳା ନୁରୂପେ ସେ ତ୍ରୈଲୋକ୍ୟ ମୋହନ ହୋନ୍ତି ସ୍ୱଜନ ଅଧୀନ । ୩

ଶ୍ୱର ପୁରୁଷାର୍ଥ ଅଷ୍ଟନଧି ଆଉ ସ୍ୱଭକ୍ତେ ପାରନ୍ତି ଦେଇ
ପ୍ରେମାନନ୍ଦ ମହାନନ୍ଦ ସଞ୍ଚିତରେ ଭିତରଣେ ଅତି ସ୍ନେହି । ୪
ମହାନାରାୟଣ ପରବ୍ୟୋମ ଈନ ଯେଉଁ ଗୋବିନ୍ଦଙ୍କ ଅଂଶ
ରାମାଦି ଅବତାର ମୂର୍ତ୍ତି ଯେତେକ ଯାହାଙ୍କ କଳା ପୁରୁଷ । ୫
ଚିନ୍ମୟ ଚିଦ୍‌ଘନ ରସରଭଣ୍ଡାର ସଚ୍ଚିଦାନନ୍ଦ ବିଗ୍ରହ
ସର୍ବ କାରଣର କାରଣ ଯେହୁଁଟି ଶ୍ରୀବୃନ୍ଦାରଣ୍ୟ ଅଦେହ । ୬
ସ୍ୱୟଂପ୍ରୁ ସାତ୍ତ୍ୱିକ ହର୍ଷଆଦି ବ୍ୟଭିଚାରୀ ଭାବେ ତାଙ୍କୁ ଚିନ୍ତ
କହଇ ଗୋପାଳ କୃଷ୍ଣ ପିରିତିକୁ ପାଇ ହୋଇବୁ ନିଶ୍ଚିନ୍ତ । ୭

ରାଗ କେଦାର ଚନ୍ଦ୍ରକେଳି—ତାଳ ଝମ୍ପା

ଆରେମନ ନହୁଅ ରତ
ଅସତସଙ୍ଗ-ରୂପ ବେଶ୍ୟାକୁ ଛାଡ଼ । ୧
କ୍ୟାଶ୍ରୀ ରୂପା ମୁକ୍ତି ସମ୍ବନ୍ଧ କଥା
ଶ୍ରବଣ ନକର ଭୁଲି ସର୍ବଥା । ୨
ଶ୍ରବଣ ମାତ୍ରେ ସେ ମାନସ ହରେ
ସର୍ବାଙ୍ଗ ଗ୍ରାସଇ ଅତି ବେଗରେ । ୩
ଅପିଚ ଯେଉଁ ନାରାୟଣ ଭକ୍ତି
ହୋଇ ଶୂନ୍ୟେ ବା ବୈକୁଣ୍ଠେ ଗତି । ୪
ତାହା ମଧ୍ୟ ପରିତ୍ୟାଗ ପୂର୍ବକ
ବ୍ରଜଧାମେ ଶ୍ରୀରାଧା କୃଷ୍ଣେ ଡାକ । ୫
କଲେ ତୁ ଯୁଗଳ ସେବା ଭଜନ
ଯାଚି ଦେବେ ସେ ପ୍ରେମ ମହାଧନ । ୬
ଏଣୁ ନକର ଅନ୍ୟାଭିଳାଷ
ଗୋପାଳକୃଷ୍ଣ ନ ହେଉ ନିରାଶ । ୭

ମନଶିକ୍ଷା ଚଉତିଶା

ବ୍ରଜବାସ ଲାଳସା—ରାଗ ରସ ମଞ୍ଜରୀ

କହୁଛିରେ ମନ ! ଶୁଣ ମୋ କଥା
ଖଳ ସଙ୍ଗରେ ନ ପାଅ ବ୍ୟଥା । ୧
ଗଂଜ ଗୁହ ବ୍ୟର୍ଥେ ଜଂଜାଳ ଜାଳେ
ଘର ତ୍ୟଜି ପଳା ଶ୍ରୀ ବ୍ରଜଆଳେ ।୨
ଓପାଡ଼ କୁଳା ଭ୍ର ମାନତରୁ
ଚରଣେ ଠେଲଦେ ଗୌରବ ଗରୁ ।୩।
ଛଡ଼ାଇ ପ୍ରତିଷ୍ଠା ମଣିକ ଖରେ
ଜଳାଞ୍ଜଳି ଦିଅ ଜାତି ଗୋସରେ ।୪।
ଝଁଳ ରସ ବିଗ୍ରହ ରାଧା ଶ୍ୟାମେ
ନିଷ୍ଠା ଭକ୍ତି ବଳାଅ ଅବିରାମେ ।୫।
ଟଳାଇ ଦମ୍ଭ ଗର୍ବ ଅହନ୍ତା
ଠଣି ଶ୍ରୀ ପଦାବ୍‌ଜେ ରଖ ମମତା ।୬।
ଡର ସରମ ପରିହରି ଦୂରେ
ଢଳାଇ ମଙ୍ଗଳ ଗୁରୁ ପପୁରେ ।୭।
ଅର୍ପିମା ନଂଦିମା ପୁଲକ ବନେ
ତରୁତଳ ବାସୀ ହୁଅ ସଘନେ ।୮।
ଥକାଇ ନେତ୍ରେ ପ୍ରେମ ଲୋତକ
ଦୟାମୟୀ ଶ୍ରୀ ସ୍ୱାମିନୀଙ୍କି ଡାକ ।୯।
ଧରି ସଦ୍‌ବେଶକୁ ସାତ୍ତ୍ୱିକ ଭାବେ
ନତ ମସ୍ତକ ହୋଇ ଠା'ବେ ଠାବେ ।୧୦।
ପଶୁପ ପଲ୍ଲୀରେ ଆନନ୍ଦେ ବୁଲି
ଫେରନ୍ତରେ କଂଧେ ପକାଅ ଝୁଲି ।୧୧।
ବଖାଣି ଭୃଙ୍ଗେ ଶ୍ରୀ ରାଧାଶ୍ୟାମ
ଭଜନାନଂଦେ ଭୁ ହୁଅ ନିଷ୍କାମ ।୧୨।

ମଧୁ କଣ୍ଠ ବୃତ୍ତି ଅବଲମ୍ବନେ
ସଥା ଜଠରରେ ସ୍ତୁ ଭକ୍ଷାଟନେ ।୧୩।
ରଖି ଲାଳସା ତୁ ଶ୍ରୀ ନାମାଭ୍ୟାସେ
ଲଜ୍ଜାକୁ ନୋଶ୍ବ ପ୍ରଭୁ ଅବକାଶେ ।୧୪।
ବରଜ ବାସୀଙ୍କ ଦ୍ୱାରେ ଦ୍ୱାରେ
ଶରଣାଗତ ହୁଅ ଶ୍ରଦ୍ଧାଭରେ ।୧୫।
ଷଡ଼ରସରେ ଚତୁର୍ବିଧ ଅନ୍ନ
ସମ୍ପୂର୍ଣ୍ଣ କର ଜଠର ପୋଷଣ ।୧୬।
ହରେକୃଷ୍ଣ ନାମ ଉଚ୍ଚର ମୁଖେ
କ୍ଷଣଦା ଦିବସ କଟନ୍ତୁ ସୁଖେ ।୧୭।
କ୍ଷକର୍ଣ୍ଣେ ଗୋପାଳକୃଷ୍ଣ ଭଣେ
କ୍ଷମାମୟୀ ରାଧା ପଦ ସ୍ମରଣେ ।୧୮।

ରାଗ–ପୁରବୀ । ତାଳ ପହପଟ

ଆନ ରସରେ ରସ ନାହିଁରେ, ରସନା ।ଘୋଷା।
କୃଷ୍ଣ ନାମାମୃତ ମଧୁର କେମନ୍ତ
ଆସ୍ୱାଦୁ ଜାଣିବୁ ସିନାରେ ।୧।
ଖଣ୍ଡ କ୍ଷୀର ସର ମଣିବୁ ଛୁକାର
ଜଗତର ଅମୃତ ପଣାରେ ।୨।
ନାମ ରସାୟନ କରିଥିଲେ ପାନ
ହଟେ ନିତାପ ଯାତନାରେ ।୩।
ବିଷୟ କଂଗାଳ ବଡ଼ମ କାଙ୍ଗାଳ
ତଥିଁ ନରଖ ବାସନାରେ ।୪।
ଗୋପାଳ କୃଷ୍ଣର ଏ ମିନତି ଗିର
ନ ମଣିବୁ ବିଡ଼ମ୍ବନାରେ ।୫।

ରାଗ ରସ କେଦାର । ତାଳ ପହପଟ

ଭଜମନ ଶ୍ରୀ ବ୍ରଜେନ୍ଦ୍ର ପଦ କଞ୍ଜକୁ
ମଣ୍ଡଳରେ କୋଳି ରାସସ୍ଥଳୀ ରଙ୍ଗକୁ । ଘୋଷା

ସଂସାର ସାର ସୁଷମା   ଅଭିନବ ତ୍ରିଭଙ୍ଗିମା
ଅପୂର୍ବ ଲାବଣ୍ୟ ଠାଣି ବଂଶୀଭୁଜଙ୍କୁ ।୧।
ଚିନ୍ମୟ ଉଦ୍‌ଘନ ରସ   ନିର୍ମଳ ପ୍ରେମ ପୀୟୂଷ
ଆସ୍ୱାଦନ କର ଧନ୍ୟ ମଣ ନିଜକୁ ।୨।
ସହସ୍ର ଦଳ କମଳ   ଗୋକୁଳାଖ୍ୟ ରମ୍ୟସ୍ଥଳ
ତହିଁ ମଧ୍ୟେ ବିରାଜିତ ରସ ରାଜଂକୁ ।୩।
ଗୋଲୋକର ନିତ୍ୟଧନ   ସେ ଅପ୍ରାକୃତ ମଦନ
ହରଣ କରିବେ ତବ ଆଜନ୍ମ ଦ୍ୱନ୍ଦ୍ୱ ।୪।
ଭବ ବିରଂଚି ବଂଦନ   ସ୍ୱୟଂ ବ୍ରଜେନ୍ଦ୍ର ନଂଦନ
ଶତମନ୍ମଥ ମର୍ଦ୍ଦି କାନ୍ତି ପୂର୍ଣ୍ଣ ପୁଞ୍ଜକୁ ।୫।
ଗୋପାଳ କୃଷ୍ଣ ଭଣିତ   କୁଞ୍ଜାଙ୍ଗରେ କର ନୃତ୍ୟ
ପରିହରି କୁଳ ଭୟ ଲାଜ ବ୍ୟାଜକୁ ।୬।

ରାଗ-ତୋଡ଼ି ପରଜ । ତାଳ-ଆଡ଼ ତାଳୀ

ରେ ମାନସ ! ଶୁଣ ସାର ଉପଦେଶ
ସଦା ଇଷ୍ଟ ପ୍ରଦ ମଧୁର ରସରେ ମଜ୍ଜି ରହ ଆହର୍ନିଶ ।ପଦ।
ଶ୍ରୀ ସ୍ୱାମିନୀ ସ୍ୱାମୀ ରାଧା ଗୋବିନ୍ଦଙ୍କ ନାମ ଗୁଣ ଲୀଳାମାନ
ବସି ନିଶ୍ଚିନ୍ତରେ କରୁଥା ଶ୍ରବଣ କୀର୍ତ୍ତନ ଅନୁଧ୍ୟାନ ।୧।
ରସମୟୀ ରସମୟ ଶ୍ରୀ କିଶୋରୀ କିଶୋର ଶ୍ରୀମୂର୍ତ୍ତି ରମ୍ୟ
ଯେ ପଦାବ୍ଜ ବେଣ ଶେଷାଦି ଦେବାଧିଦେବଙ୍କ ଦୁରଧିଗମ୍ୟ ।୨।
ଏମନ୍ତ ଦୁର୍ଲଭ ଧନ ସ୍ୱେଶ୍ୱରୀଙ୍କ ସଖୀ ମଂଜରୀ ନିକର
ତଦୀୟ ଅନୁଗା ପ୍ରେମ ସେବାରେ ଯେ ପ୍ରଗାଢ଼ ଲାଲସାଧର ।୩।
ଶ୍ରଦ୍ଧା ବିଶ୍ୱାସ ସହିତରେ ଭଜନ ସାଧନ ମାର୍ଗରେ ପଶ
ଶ୍ରୀଗୁରୁ ପ୍ରଦତ୍ତ ବୀଜମନ୍ତ୍ର ତନ୍ତ୍ର ଉଲ୍ଲାସ ପରାଣେ ପୋଷ ।୪।
ତୋର ସିଦ୍ଧତନୁ ଅନୁସ୍ମରଣେରେ ଯୋଗପୀଠେ ରଖି ଲକ୍ଷ୍ୟ
କହଇ ଗୋପାଳକୃଷ୍ଣ ତୁ ଶ୍ରେଷ୍ଠ ସେବାଧନ ପାଇବୁ ନିଶ୍ଚୟ ।

ରାଗ ଜୌନପୁର ତୋଡ଼ି—ତାଳ, ଝୁଲା

ଏକି ତୋର ବୁଝାମଣା ରେ ମାନସ !
ଜାଣି ଜାଣି ଯାହା   ଗରଳ ଗିଳୁଛୁ
ଛାଡ଼ ସୁଧା ସର ପଣାରେ ମାନସ । ଘୋଷା ।
କାମ କ୍ରୋଧାଦିକ   ପାଲେ ହୋଇ ରଂକ
ହେଉଛୁ ଯା ପଥ କଣା
ପଡ଼ି ଯିବ ଝୁଣ୍ଟି   ନପକାଉ ଦୃଷ୍ଟି
ଆଗରେ ରହିଛି ଖଣାରେ ମାନସ । ୧
ପଥ ପ୍ରଦର୍ଶକ   ସେ ସିଦ୍ଧ ସାଧକ
ତାହାଙ୍କୁ ନକଲୁ ଜଣା
ମହାଶତ୍ରୁ ତୋର   ଛଅଙ୍କୁ ନବାର
ସେଠି ବିଷମ ମାରଣାରେ ମାନସ । ୨

ଛନ୍ତି ବ୍ରଜବାସୀ ବୈଷ୍ଣବେ ଉଦାସୀ
ଆଦର ଗୋପପାଞ୍ଚଣା
ନର ମସ୍ତକରେ ସେ ସାଧୁ ନିକରେ
ବିନୟ ବଚନେ ମଣାରେ ମାନସ । ୩

ତୋ ପ୍ରତି କରୁଣା ନକରିବେ ଜଣା
ବତାଇ ଦେବେ ଠିକଣା
କହଇ ଗୋପାଳ— କୃଷ୍ଣ ପ୍ରତିପାଳ
ମୋ କଥା କରି କଲଣାରେ ମାନସ । ୪

—*—

ଭୀଗଚୋଡ଼ି ପରକ—ତାଳ ଆଡ଼ତାଳୀ

(ମନ ପ୍ରତି ବିବେକର ଶିକ୍ଷା ଉପଦେଶ)

ରେ ମାନସ ! ଶୁଣ ସାର ଉପଦେଶ

କରନ୍ତୁଧାରଣ ସଂସାର ତାରଣ କାରଣ ସଜନବେଶ । ଘୋଷା ।

ଶ୍ରୀ ଗୁରୁ ଗଉର ବୈଷ୍ଣବ ଚରଣ ଆଶ୍ରୟ ଗ୍ରହଣ କରି
ବିଶ୍ୱାସ ଦ୍ୱାର ଅନନ୍ୟ ଭଜନ ବଳରେ ସିଦ୍ଧ ଆଦରି । ୧

ଏ ସଂସାରେ ଅପାମର ଦୁରବୃତରେ ଏଥି ପୂର୍ବେ ଥିଲେ ଯେଇଁ
ହେଲେ ସେ ସୁକୃତି ଶାଳୀ ମହାମତି କରିଗୁରୁ ସାଧୁସେବା ।୨

ସବୁ ଜାଣି ଶୁଣି ବିଷୟ ଲାଳସେ ଲାଳସିତ ହେଉଛୁ କେଣେ
ଉତ୍କଟ ଗରଳ ସେ ପିନା କେବଳ ଭ୍ରୂକ୍ଷେପ ନ ରଖି ତେଣେ ୩
ପ୍ରାଚୀନ ପ୍ରମାଣ ପଥ ଅନୁସରି ମହାଜନଙ୍କର ମତେ
ଭକ୍ତି ଶ୍ରଦ୍ଧା ରଖି ଶ୍ରୀ ଗୁରୁ ବୈଷ୍ଣବେ ଏକାନ୍ତେ ଅନୁବରତେ ।୪

ଗୋପାଳକୃଷ୍ଣ କହଇ ଆପଣାର ହୋଇ କେହି ନାହିଁ ତୋର
ଇଷ୍ଟ ମନ୍ତ୍ର ଦାତା ଏକା ପରିତ୍ରାତା ସେ ପଦାବ୍ଜ ସଦା ସ୍ମର ।୫

—*—

ଭଜନ ନିଷ୍ଠା

ରାଗ ମଙ୍ଗଳଗୁର୍ଜ୍ଜରୀ—ତାଳଏକପଟା

ମୂଢ଼ ମନ । ଦୃଢ଼ କରି ଭଜ ଶ୍ରୀ ଗୋବିନ୍ଦ
ଘୁଞ୍ଚିବ ସକଳ ଜ୍ୱାଳା ପାଇବୁ ଆନନ୍ଦ । ୧
ଉଚ୍ଚୈଃସ୍ୱରେ ଶବଦାଇ ହରି ହରି ବୋଲି
ସଙ୍ଗରେ ବୈଷ୍ଣବ ଗଣ କରିନେବେ କୋଳ । ୨
ପରିହରି ଦୂରେ ମନ । ଯାବନ୍ତ କାମନା
ବ୍ରଜେ ରାଧାକୃଷ୍ଣ ଲୀଳା କରନ୍ତୁ ଶ୍ରବଣା । ୩
ସଖୀଙ୍କ ସଂଗିନୀ ରୂପେ ମଂଜରୀ ଦେହରେ
ସେବାକୁ ଆଚର ସଦା ପରମ ସ୍ନେହରେ । ୪
କୁ ତର୍କେ ପଡ଼ି ଭ୍ରମନା ରହ ସାବଧାନେ
ନିମିଷେ ନକର ହେଳା ଭଜନ ସାଧନେ । ୫
ଐଶ୍ୱର୍ଯ୍ୟ ଜ୍ଞାନକୁ ତୋର ଦିଅ ଜଳାଞ୍ଜଳି
ପ୍ରତିଷ୍ଠା ଗୌରବ ଗୁମାନକୁ ପକାଦଳି । ୬
କୁଳାଭିମାନ ମର୍ଯ୍ୟାଦା କରି ବର ଜନ
ପଳା ଯା ବ୍ରଜ ବନକୁ ଭଜିବ ନୋହିଛନ । ୭
ଜାତି, ବିଦ୍ୟା, ରୂପ, ଯୌବନାଦି ମୂଳଚ୍ଛେଦ
ଗୋପାଳକୃଷ୍ଣ ନ ହେଉ ଜଞ୍ଜାଳେ ଆବଦ୍ଧ । ୮

ରାଗ ଦେଶାକ୍ଷ—ତାଳ ଆଠତାଳୀ

ଶ୍ରୀ ଗୁରୁ କଳପ ତରୁ କରନ୍ତୁ ମନ ଆଶ୍ରୟ
ସ୍ୱୟଂ ଗୋବିନ୍ଦ ସ୍ୱରୂପ ଜାଣ ତାହାଙ୍କୁ ନିଶ୍ଚୟ । ଘୋଷା ।
ତାହାଙ୍କ କରୁଣା ଦୃଷ୍ଟି   ପଡ଼ନେ ପ୍ରାପ୍ତ ହେବୁଟି
ଶ୍ରୀ ବ୍ରଜ ଚିନ୍ମୟ ଧାମ ପରମ ଶାନ୍ତି ନିଳୟ ।୧।
ମୋଦରେ ଶ୍ରଦ୍ଧା ବଢ଼ାଇ   ନେବେ ସରଣୀ କଢ଼ାଇ
ଚିନ୍ତିଲେ ତୁ ଅହରହ ଅରୁଣ ପଦାବ୍ଜ ଦ୍ୱୟ ।୨।
ଗୋକୁଳ ଗୋପେଶ ଧାମ   ହୋଇବ ଅତି ସୁଗମ
ମିଳିବ ନିଭୃତ କୁଂଜେ ସେବା ସମ୍ପଦ ନିଚୟ ।୩।
ଆଳୀ ଆଳୀଙ୍କ ହେତରେ   ବ୍ରଜ ବଧୂଙ୍କ ଅଙ୍କରେ
ସ୍ୱାମିନୀ ଶ୍ରୀ ରାସେଶ୍ୱରୀ ତୋର ହିତାର୍ଥେ ବିଜୟ ।୪।
ଗୋପାଳକୃଷ୍ଣ ଅଦୃଷ୍ଟ   ଲବ୍ଧ ଫଳ ହେଉ ପୁଷ୍ଟ
ଭ୍ରାନ୍ତ ଧ୍ୱାନ୍ତ ଧ୍ୱଂସନରେ ଲଭିବ ସୁଖ ସଞ୍ଚୟ ।୫।

—*—

ରାଗ କୌଶିକ । ତାଳ ଏକତାଳି

ମାନସ ! କେଣେ ହୋଇଯାଉ ନିରାଶ
ପରମ ଦୟାମୟୀଙ୍କ କୃପାପାଙ୍ଗେ ନ ଘୁଞ୍ଚିବ କେବେ ଦୁର୍ଦ୍ଦଶା ।ପଦ
ଅବଲମ୍ବନ କରି ଶ୍ରୀ ଗୁରୁ ରୂପସଖୀ ଲବଙ୍ଗ ମଞ୍ଜରୀଙ୍କ ।୧
ନିଭୃତ କୁଞ୍ଜରେ ବ୍ରଜେନ୍ଦ୍ରଙ୍କ ଅଙ୍କେ, ସଧୀରେ ବୃନ୍ଦେ ହେବୁ ଶୁଷ୍ଣାଙ୍କ ।୧
ବିଜେ ରମ୍ୟରୂପେ ସୁମନସଙ୍କଳ୍ପେ, ପର୍ଯ୍ୟାଣ ପ୍ରତିମା ସୁଗନ୍ଧି
ବିଲୋକନେ ତୋର କୋଟିର ଜନ୍ମର, ସୁକୃତି ଫଳ ମିଳିବ ମିଳି ।୨
ଶ୍ରୀ ଲଳିତା ସଖୀ ଦେବେ ସେ ଚିହ୍ନାଇ, ଏ ନୂଆ କିଙ୍କରୀ ବୋଲିଣ
ମୃଦୁ ମଧୁରେ ହସିଧନ୍ୟ ସେବେ ବେଳେ, ଯା ରେ ପଦାବ୍ଜେ ଶରଣ ।୩
ସଙ୍କଳ୍ପ ଲାଳସା ମେଣ୍ଟିବ ତକ୍ଷଣେ ଆଦରନ୍ତେ ସେବା ସମ୍ଭାର
କହଇ ଗୋପାଳକୃଷ୍ଣ ସନ୍ତୁଷ୍ଟରେ, ସିଦ୍ଧାପଦନ ଅନୁସର ।୪

—*—

ରାଗ ନାଦନାମ କ୍ରିୟା—ତାଳ ଏକତାଳି

ରେ ମାନସ, ଗୁରୁ ଆଜ୍ଞା ବ୍ରତପାଳି
ଶ୍ରୀରାଧା ଗୋବିନ୍ଦ ଗୁଣାବଳୀ ପଦ ଗାଉଥା ବଜାଇ ତାଳି ।ପଦ

ନିଶାନ୍ତଠାରୁ ନିଶିଥିନୀ ସର୍ବ ଲୀଳାସାକ ଭାଳି ଭାଳି
ରତ୍ନସାରୁ ସ୍ୱାମିନୀଙ୍କ ସେବାରେ ଆଶ୍ରୟ କର ପ୍ରେଷ୍ଠାଳୀ ।୧
କସ୍ତୁରୀଳଙ୍କାର ମଣ୍ଡି କଳେବର ହୁଅ ନବ ବ୍ରଜ ବାଳୀ
ଯୂଥେଶ୍ୱରୀ ଭୃଙ୍ଗ ବିଦ୍ୟାଙ୍କ ଯୂଥରେ ଗଣିବେଶିରୁ ଦୁଲାଳୀ ।୨
ନିଭୃତ ନିକୁଞ୍ଜେ କାଳକାଳେ ବଜେ ଶ୍ରୀ କିଶୋରୀ ବନମାଳୀ
ଆସ ନୂଆଦାସୀ ବୋଲି ସ୍ନେହେ ହସି ଡାକିବେ ବଇଁଙ୍କ ତାଳି ।୩
ଶ୍ରୀ ଗୁରୁମଞ୍ଜରୀ ପ୍ରିୟନର୍ମ ମୃଦୁଗିରେ ହୋଇଧିରେ ନିଜସ୍ଥଳ
ଓଳଗି ସ୍ୱ ପରିଚର୍ଯ୍ୟା ଆଦରିବୁ ସୁମଧୁ ସିଦ୍ଧ ପ୍ରଣାଳୀ ।୪
ଚିନ୍ତ ବ୍ରଜେଶ୍ୱରୀ କୀର୍ତ୍ତିଦା ଯଶୋଦା ପଣତ ଗଣ୍ଠି ସଙ୍ଖାଳି
ଭକ୍ତେ ଗୋପାଳ କୃଷ୍ଣ ପ୍ରେମଲୋଭକେ ଭୂଷଣ ଯୁଗଳ ଖାଳି ।୫

—※—

ରାଗ-ତୋଡ଼ି ପରଜ—ତାଳ-ଆଡ଼ତାଳି

ପୁରୁଷାଭିମାନ ପରିହରିମନ ! ସାଜରେ ପ୍ରକୃତି ବେଶ
ରାଗମାର୍ଗେ ସେବ ଶ୍ରୀରାଧାମାଧବ ଯୁଗଳ ପଦ ସାରସ
ରେ ମାନସ ! ସ୍ୱାଭୀଷ୍ଟ ସିଦ୍ଧି ଲାଳସେ
ଅନୁକ୍ଷଣେ ଅନୁଗତ ହୋଇରହ ପ୍ରେଷ୍ଠାଳୀଙ୍କ ବାମପାଶେ । ୧
ପୂର୍ବରାଗ ଆଦି ଯେ ରସ ଯେ ଲୀଳା ଯାବନ୍ତ କର ସ୍ମରଣ
ବିପ୍ରଲମ୍ଭ ସମ୍ଭୋଗାନୁସାରେ ନିତ୍ୟ ପାଳିଥାଅ ଆଚରଣ
ରେ ମାନସ ! ରସକଥା ଆଲୋଚନେ
ସଖୀଙ୍କ ମଧ୍ୟରେ ବସନ୍ତି କର ତୋ ସ୍ୱମ୍ପସିଦ୍ଧ ଅନୁସନେ ।୨
ଅନାଥିନୀ ଦେଖି ଶ୍ରୀ ଲଳିତା ସଖୀ ଅନାଇଁ କୃପା ଈକ୍ଷଣେ
ମେଣ୍ଟିବ ଦୁର୍ଦ୍ଦଶା ପୂର୍ଣ୍ଣିବ ଆଶା ରଖିବୁ କିଂକରୀ ପଣେ

ରେ ମାନସ ! ଶ୍ରୀ ବିଶାଖା ଦେଖ ତୋଷେ
କୃପା ସ୍ନେହର ଦୃଗଞ୍ଚଳେ ଯାଉଦେବେ ସେବା ଯଥା ଅବକାଶେ ।୩
ସ୍ୱାନୁଚରୀ ଭାବ ଭୃଙ୍ଗବିଦ୍ୟାଦେବୀ ଆଜ୍ଞାଦେବେ ସ୍ମିତେ ହସି
ମିଷ୍ଟାନ୍ନ ସେବନେ ଗନ୍ଧାନୁଲେପନେ ଖଟିବୁ ସୁଖେ ଭରସି
ରେ ମାନସ ! ନିଭୃତ ନିକୁଞ୍ଜଧାମେ
କହଇ ଗୋପାଳକୃଷ୍ଣ ଆଶ୍ରାଯେନ ଶ୍ରୀଗୁରୁରୂପାଙ୍କ ବାମେ ।୪

ମନଃଶିକ୍ଷା

ଶ୍ରୀ ବୃନ୍ଦାବନ ସ୍ମରଣାନନ୍ଦ
ଶ୍ରୀମଦ୍ ବୃନ୍ଦାବନଂ ଧ୍ୟାୟେ ବୈଷ୍ଣବଂ ହୃଦୟେ ସଦା
ମହାପଦ୍ମ ଯୋଗପୀଠଂ କାଞ୍ଚନ ସ୍ଥଳୀ ନିର୍ମିତଂ ॥

—ଚୋଇବାଣୀ—

ରମ୍ୟ ବୃନ୍ଦାବନେ ଧ୍ୟାନକର ମନ !
ମହା ପଦ୍ମପରେ ଯୋଗପୀଠ,
ଅପୂର୍ବ କାଞ୍ଚନ ସ୍ଥଳୀ ମନୋହର
ସ୍ମର ଭୂରେ ହୋଇ ଏକନିଷ୍ଠ । ୧

ପୂର୍ଣ୍ଣ ଶଶଧର ଉଦୟ ରୁଚିର
ସର୍ବସ ବିବିଧ ପୁଷ୍ପାନ୍ୱିତ,
କଦମ୍ବ ପାଦପ ଛାୟା ସୁଶୀତଳ
କାଳନ୍ଦୀ ପୁଳିନ ସୁଶୋଭିତ । ୨

ମାଧବୀ କୁଞ୍ଜ ବିଭ୍ରାଜ ପୁଞ୍ଜ
ପୁଞ୍ଜ ଗୁଞ୍ଜିନ୍ମଧୁବ୍ରତ ଚକ୍ରଭିଥି
କଲାପି କୁହୁତ ମଧୁର ସଂଗୀତ
କଳାପୀ କଳାପ ନୃତ୍ୟରତ । ୩

ବୃକ୍ଷ ସାରଗଣ ଲତା ସମାକୀର୍ଣ୍ଣ
କାମଧେନୁ ବୃନ୍ଦସୁଖାସ୍ପଦ,
ଗୋପଗୋପୀ ପ୍ରିୟ ସ୍ଥାନ ରମଣୀୟ
କଳ୍ପବୃକ୍ଷରାଜି ଶୋଭାସଦ୍ମ । ୪ ।

ମଧ୍ୟେ ଗୋବର୍ଦ୍ଧନ ଗିରି ବିଦ୍ୟମାନ
ରତନ ମଣି ମନ୍ଦିର ତଥି,
ରତ୍ନସିଂହାସନ-ଯୁକ୍ତ ପଦ୍ମରାଗ
ସରୋରୁହ ଫୁଲ ଦିବ୍ୟକାନ୍ତି । ୫ ।

ତନ୍ମଧ୍ୟେ ବିଜୟେ ଶ୍ରୀ ସଚ୍ଚିଦାନନ୍ଦ
ବିଗ୍ରହ କୈଶୋର ବଂଶୀଧାରୀ,
ବାମେ ପ୍ରିୟାରାଧା ଶ୍ରୀ ବାର୍ଷଭାନବୀ
ଲୀଳା-ବିଳାସିନୀ ଶ୍ରୀ କିଶୋରୀ । ୬ ।

କୋଟି ରତିସ୍ମର ଯୁଗଳ କିଶୋର
ପଦାବ୍ଜ ମରନ୍ଦଲୁବ୍ଧନିତ୍ୟ,
ଗୋପାଳକୃଷ୍ଣର ସ୍ମରଣ ସଂପଦ
ଶ୍ରୀଗୁରୁ ପ୍ରଦତ୍ତ ବୀଜମନ୍ତ୍ର । ୭ ।

ଶ୍ଲୋକ

ପ୍ରତିଷ୍ଠାଶା ଧୃଷ୍ଟା ଶ୍ୱପଚ ରମଣୀ ମେ ହୃଦି ନଟେତ୍
କଥଂ ସାଧୁପ୍ରେମା ସ୍ପୃଶତି ଶୁଚିରେ ତନ୍ନନୁ ମନଃ ।
ସଦାତ୍ଵଂ ସେବସ୍ୱ ପ୍ରଭୁ ଦୟିତ ସାମନ୍ତ ମତୁଲଂ
ଯଥା ତାଂ ନିଷ୍କାଶ୍ୟ ତ୍ୱରିତ ମିହତଂ ବେଶୟତିସଃ ॥

ରାଗ—କଳହଂସ କେଦାର । ତାଳ—ଝୁଲା

ପ୍ରତିଷ୍ଠା ଆଶା ଦୁଷ୍ଟା ଚଣ୍ଡାଳୁଣୀଟି
ମୋ ହୃଦେ ନାଚୁଅଛୁ ନିରନ୍ତେ ଘୋଟି ଯେ ।
କି କରି ସାଧୁ ପ୍ରେମ ଛୁଇଁବ ମୋତେ ?
ଏଣୁ ଆରେ ମାନସ କହୁଛୁ ତୋତେ ଯେ । ୧ ।
ମହା ରାଜାଧିରାଜ କୃଷ୍ଣ ଅଧୀନେ
ଅଛନ୍ତି ଯେଉଁ ଭକ୍ତ ଶ୍ରେଷ୍ଠ ରାଜନେ ଯେ ।
ସେହି ସାଧୁ ଜନଙ୍କ ସେବାକୁ କର
ତେବେ ସେ ଚଣ୍ଡାଳୀକି କରିବେ ଦୂର ଯେ । ୨ ।
ତୋ ହୃଦେ ସୁନିର୍ମଳ ପ୍ରେମ ରତନ
କରିବେ ପ୍ରତିଷ୍ଠିତ ହୋଇ ପ୍ରସନ୍ନ ଯେ
ଏଥି ସଂଶୟ ନାହିଁ ବୁଝରେ ମନ
ସିଦ୍ଧ ସାଧକ ହେବୁ କଲେ ଯତନ ଯେ । ୩ ।
ଶୂକରୀ ବିଷ୍ଠାତୁଲ୍ୟ ପ୍ରତିଷ୍ଠା ଜାଣ
ଗୌରବ ଭକ୍ତେ ରଉରବ ସମାନ ଯେ ।
ଅଭିମାନକୁ ସୁରାପାନ ତୁ ମଣି
ମୁଞ୍ଚ ଗୋପାଳକୃଷ୍ଣ ସଦୈନ୍ୟେ ଭଣି ଯେ । ୪ ।

—◆)(O)(◆—

ଯୁଗଳ ଭଜନ ନିଷ୍ଠା

(ରାଗ ବସନ୍ତ—ତାଳ ସରମାନ ଯତି)

ଭଜମନ ଦିବସ ଭଜରେ ମାନସ
ବ୍ରଜ ନବ ଯୁବ ଦ୍ୱନ୍ଦେ
ଅଜ ଶେଷ ଭବ ଦେବେ ଯେ ଦୁର୍ଲ୍ଲଭ
ଚିନ୍ତ ସେ ସୁଧା ଗୋବିନ୍ଦେ । ଘୋଷା ।
ନିଭୃତ ନିକୁଞ୍ଜେ ସୁମନସ ଶେଯେ
ରସାଳ ସେ ବଳେ କରକ୍ରାନ୍ତ ସେ ଯେ,
କନକ ଜଳଦ କାନ୍ତି ମନୋହର
ପରିବେଷ୍ଟିତାଳୀ ବୃନ୍ଦେ । ୧ ।
ଅଭିନବ ମାଳ ଶୋଣାବ୍ଜ ନୟନ
ମୃଦୁହାସ୍ୟ ଯୁତ ପ୍ରଫୁଲ୍ଲ ବଦନ
ମଳୟଜ ମୃଗ- ମଦର ତିଳକ
ଅଳକ ତଳକ ମଧ୍ୟେ । ୨ ।
ଶିରେ ଶିଖୀ ଶିଖ- ଣ୍ଡକ ପୁଷ୍ପ ଚୂଳ
ଶ୍ରୁତି ଯୁଗେ ଅବତଂସ ଶ୍ରୀକୁଣ୍ଡଳ
ଗଳେ ବିଲମ୍ବିତ ବୈଜୟନ୍ତୀ ବନ-
ମାଳା ସୁମାଳତୀ କୁନ୍ଦେ । ୩ ।
ନବୀନ ତରୁଣୀ ତରୁଣ ସୁବେଶ
ପରିଧାନ ପଟ୍ଟ ନୀଳ ପୀତ ବାସ
ମୋହନ ମୁରଳୀ ଲୀଳା ତାମରସ
ଶ୍ରୀକର ମଣ୍ଡିତ ଶ୍ରେଷ୍ଠେ । ୪ ।
ପଦାବ୍ଜ ଯୁଗଳେ ମଂଜୁଳ ମଂଜୀର
ବିବିଧ ଭୂଷଣେ ଭୂଷିତ ଶରୀର
ନିତ୍ୟ ନୂତନ ଶ୍ରୀମୂର୍ତ୍ତି ଶୋଭନ
ଗୋପାଳ କୃଷ୍ଣ ବ ବନ୍ଦେ । ୫ ।

ରାଗ ଶଙ୍କରା ଭରଣ—ତାଳ ଆଠତାଳି

ମନ ଭଜ ନିରନ୍ତରେ
ଅଭିନବ ଶ୍ରୀ ଯୁଗଳ ରୂପକୁ ସ୍ୱାନ୍ତରେ । ପଦ ।
ଜମ୍ବୁନଦ ହେମ ନୀଳ ଇନ୍ଦୀବର କାନ୍ତି
ଶ୍ରୀରାଧା ଗୋବିନ୍ଦ ଜଗନ୍ମୋହନ ମୂରତି । ୧ ।
ସଖ୍ୟ ଲଳିତାଦି ଆଳୀ ଆଳି ପରିବୃତ
ନୀଳ ପଟ୍ଟଶାଢ଼ୀ ପୀତାମ୍ବର ପରିହିତ । ୨ ।
ମଧୁର ଶ୍ରୀଅଙ୍ଗ ନାନାଭୂଷଣେ ମଣ୍ଡିତ
ନବୀନ କୈଶୋର ରୂପ ଶୋଭା ଅଳଙ୍କୃତ । ୩ ।
ଗାନ୍ଧର୍ବୀଜନ ଅବ୍ୟସ୍ତ ସୁଲଳିତ ବେଶ
ଅପୂର୍ବ ସୁନ୍ଦର ନଟବର ବଂଶୀବାଶ । ୪ ।
ଶ୍ରୀ ବୃନ୍ଦାରଣ୍ୟ ଦମ୍ପତି ପଦାବ୍ଜ ସ୍ମରଣେ
ଆନନ୍ଦାଶ୍ରୁ ନୟନେ ଗୋପାଳକୃଷ୍ଣ ଭଣେ । ୫ ।

ଯୁଗଳ ଭଜନ

ରାଗ ଧନାଶ୍ରୀ—ତାଳ ଏକତାଳୀ

ଭଜମନ ରାଧା ଶ୍ୟାମେ,
ବାସ ଅଭିଳାଷ କର ନିତ୍ୟ ବ୍ରଜଧାମେ । ପଦ ।
ତନୁ ତନୁ ପରମାୟୁ ଯାଉଅଛି ବିତି
ଖାଲି ଦେଖ ରାଧାକୃଷ୍ଣ ବିନୁ ନାହିଁ ଗତି । ୧ ।
ଧନଜନ ପୁତ୍ର ପତ୍ନୀ କେ ଅବା କାହାର ?
ଅସାର ସଂସାରେ ଏକା ହରିନାମ ସାର । ୨ ।
କୁସଙ୍ଗ ବର୍ଜି ସଦା ସାଧୁ ସଙ୍ଗ ବାଞ୍ଛି
ଜାତି କୁଳ ଅଭିମାନ ତୃଣ ତୁଲ୍ୟ ଗଣି । ୩ ।
କୃଷ୍ଣ ଗୁଣ ଲୀଳା ଗାନେ ହୁଅନ୍ତୁ ଘମନ୍ତି
ଯୁଗଳ ପଦାବ୍ଜ ଧନେ ହୋଇବୁ କୃତାର୍ଥ । ୪ ।

ଭାଷଇ ଗୋପାଳକୃଷ୍ଣ କି କହିବ ବେଶି
ସେବା ଅଧିକାର ପାଇ ହୁଅନ୍ତେ ଉଲ୍ଲାସୀ । ୫

—*—

ରାଗ ନାଦନାମକ୍ରିୟା—ତାଳ ଆଡ଼ତାଳି

(କପଟ ମଧୁର ଯୌନରେ—ବୃତ୍ତେ)

ରଜନୀ ଦିନକୁ ଭଜରେ ମାନସ ।
ଅଜ ଶେଷ ଶିବ ବାସବାଦି ଦେବ ବନ୍ଦ୍ୟ ଯେଉଁ ଶ୍ରୀକୃଷ୍ଣ । ପଦ ।
ସଚ୍ଚିଦାନନ୍ଦ ସାନ୍ଦ୍ରାଙ୍ଗ ଶ୍ରୀମୂରତି ସର୍ବସ୍ୱ ସ୍ୱରୂପ ଧାମ
ଅଚିନ୍ତ୍ୟ ମହାଶକ୍ତି ସୁବିଦଗ୍ଧ ବଂଶୀ ବୃନ୍ଦାରଣ୍ୟ ନାମ । ୧ ।
ଅଖିଳ ସିଦ୍ଧି ନିକର ଯାହାଙ୍କର ବଶୀଭୂତ ନିରନ୍ତର
ମାଳକୁ ମାଳ ଅଗଣିତ ବ୍ରହ୍ମାଣ୍ଡ ବିଗ୍ରହେ ଭୂରିତ ଯାର । ୨ ।
ପ୍ରତ୍ୟୁତ୍ପନ୍ନ ମତି ବଳିଷ୍ଠ ଯେ ଅତି ଯେ ମେଧାବି ସୂକ୍ଷ୍ମବୁଦ୍ଧି
ସକଳ ବିଦ୍ୟା ବିଶାରଦ ନାତିଜ୍ଞ ଅପାର କୃପା ବାରିଧି । ୩ ।
ନୃତ୍ୟ ଗୀତ କଳାସାଦିତରେ ସନ୍ତତ ପରମ ନିପୁଣ ଯେହି
ନିରୁପାଧିପ୍ରେମ ପରିପୂର୍ଣ୍ଣପାର ରସ କଥନରେ ସ୍ନିଗ୍ଧ । ୪ ।
ସର୍ବାନ୍ତର୍ଯ୍ୟାମୀ ସର୍ବଜ୍ଞ ସନାତନ ସ୍ୱରୂପ ନିତ୍ୟ ନୂତନ
ନବୀନ କିଶୋର ନବ ନଟବର ନବୀନ ଘନ ବରନ । ୫
ମହା ମନୋହର ଗୋପବେଶଧର ଅନନ୍ତ ଯା ଗୁଣାବଳୀ
ଶରଣାଗତ ପାଳକ ଭକ୍ତବନ୍ଧୁ ପ୍ରେମବଶ୍ୟ ବନମାଳୀ । ୬
ହ୍ରୀମାନ ଦାୟକ ଶାନ୍ତ କ୍ଷମାଶୀଳ ଆତ୍ମାରାମ ଗଣାକର୍ଷୀ
କହଇ ଗୋପାଳକୃଷ୍ଣ ସେ ପଦାବ୍ଜେ ଯାଅନ୍ତୁ ଶରଣ ପଶି । ୭

ଶ୍ରୀ ଶ୍ରୀ ରାଧାକୃଷ୍ଣ ଯୁଗଳଭଜନାମୃତ

ହେମେନ୍ଦୀବର କାନ୍ତି ମଞ୍ଜୁଳତରଂ ଶ୍ରୀମଜ୍ଜଗନ୍ମୋହନଂ
ନିତ୍ୟାଭିର୍ଲଳିତାଦିଭିଃ ପରିବୃତଂ ସନ୍ନୀଳଂ ପୀତାମ୍ବରଂ
ନାନା ଭୂଷଣ ଭୂଷିତାଙ୍ଗ ମଧୁରଂ କୈଶୋର ରୂପ ଯୁଗ୍ମଂ
ଗାନ୍ଧର୍ବୀ ଜନମବ୍ୟୟଂ ସୁଲଳିତ ନିତ୍ୟ ଶରଣ୍ୟଂ ଭଜେ ।

ରାଗ ଶଂକରା ଭରଣ—ତାଳ ଆଠତାଳି

ମନ ସଦା କର ଆଶ
ଶ୍ରୀରାଧା ଗୋବିନ୍ଦ ଯୁଗ୍ମ ପଦ୍ମର ସାରସ । ଘୋଷା

ନବ ହେମ ଇଂଦୀବର କାନ୍ତି ମନୋହର
ଜଗନ୍ମୋହନ ଶ୍ରୀ ମୂର୍ତ୍ତି କିଶୋରୀ କିଶୋର । ୧
ନିତ୍ୟ ଲଳିତାଦି ସଖୀଗଣେ ପରିବୃତ
ନୀଳ ପୀତାମ୍ବର ଶୋଭା ବଢ଼ଇ ବହୁତ । ୨
ନାନା ଭୂଷଣେ ଭୂଷିତ ଶ୍ରୀଅଙ୍ଗ ମାଧୁର୍ଯ୍ୟ
ଅତୁଳନୀୟ ଅପୂର୍ବ ଚମତ୍କାର ଧୂର୍ଯ୍ୟ । ୩
ଗାନ୍ଧର୍ବିକା ରାସେଶ୍ୱରୀ ନବ ନଟବର
ଚିଦାନନ୍ଦ ଶ୍ରୀଯୁଗଳ ରୂପ ସୁରୁଚିର । ୪
ସୁଲଳିତ ଲାବଣ୍ୟ ଶ୍ରୀଚରଣାର ବିନ୍ଦ
ମତ୍ତ ଭରେ ଚୁମ୍ବେ ଭକ୍ତ ମାନସ ମିଳିନ୍ଦ । ୫
ଚିନ୍ମୟ ଚିଦ୍‌ଘନ ରସମୟୀ ରସରାଜ
ସୁଖାନନ୍ଦ ପ୍ରଦାୟକ ଅମଳ ପଦବ୍‌ଜ । ୬
କୋଟିରତ୍ନ ତୁଲେ କିସେ କୋଟି ରଣରଣ
ଗୋପାଳକୃଷ୍ଣ ନିରନ୍ତେ ଘେନୁଛି ଶରଣ । ୭

—*—

ଶ୍ଲୋକ

ଆଲୋଲ ଚନ୍ଦ୍ରକ ଲସଦ୍ ବନମାଲ୍ୟ ବଂଶୀ
ରତ୍ନାଙ୍ଗ ପ୍ରଶସ୍ତ କେଳି କଳା ବିଳାସଂ
ଶ୍ୟାମଂ ତ୍ରିଭଙ୍ଗ ଲଳିତଂ ନିୟତ ପ୍ରକାଶଂ
ଗୋବିନ୍ଦ ମାଦ୍ୟପୁରୁଷଂ ତମହଂ ଭଜାମି ।

—*—

ରାଗ ମଙ୍ଗଳଗୁର୍ଜ୍ଜରୀ—ତାଳ ତ୍ରିପୁଟା

ଭଜରେ ମାନସ ! ବ୍ରଜରାଜ ନନ୍ଦନଙ୍କୁ
ସଜକଂଜ ନେତ୍ର ଭକ୍ତ ହୃଦ ଚନ୍ଦନଙ୍କୁ । ଘୋଷା ।
ଈଷଦ୍ କମ୍ପାନ୍ୱିତ କେଶ ବରହ ଚନ୍ଦ୍ରକ
ମସ୍ତକ ଚୂଡ଼ା ଉପରେ ଦିଶେ ଝକଝକ । ୧
ଅଧରେ ମୋହନ ବଂଶୀ ବନମାଳା ଗଳେ
ମଣ୍ଡିତ ରତ୍ନ ବଳୟ ଶ୍ରୀବାହୁ ଯୁଗଳେ । ୨
ପ୍ରଶସ୍ତ ପୂର୍ବକ ପରିହାସାଦି କରଣେ
ବିଶେଷରେ ପରମ ନିପୁଣ ଅନୁକ୍ଷଣେ । ୩
ଶ୍ୟାମ ସୁନ୍ଦର ତ୍ରିଭଙ୍ଗ ଲଳିତ କିଶୋର
ନିୟତ ପ୍ରକାଶ ଗୋପବେଶ ମନୋହର । ୪
ସେହି ସର୍ବ ଅବତାରୀ ଗୋବିନ୍ଦ ଚରଣ
ସଦା ଆଶ୍ରିତ ଗୋପାଳକୃଷ୍ଣ ଅଶରଣ । ୫

ରାଗ ତୋଡ଼ିପରଜ—ତାଳ ଆଡ଼ତାଳୀ

ରେ ମାନସ ! ସ୍ୱାମିନୀ ସେବାରେ ରହି
ବହୁ କାଳଯାକ ସଫଳିବେ ତୋର
ମଞ୍ଜରୀ ପଣକୁ ବଞ୍ଛରେ । ଘୋଷା
ପ୍ରେଷ୍ଠାଳୀଙ୍କ ଆଜ୍ଞା ପାଳ ପ୍ରତି କ୍ଷଣେ
ଖେଳିବ କୁଂଜ ପ୍ରାଙ୍ଗଣ
ଅସାର ସଂସାର ଦୁର୍ଲକ୍ଷ୍ୟକ ବୁଝି
ଘେନ ସଖୀ ଆଚରଣରେ -୧
ଛଟକତ ଜାଣି, ନଆଳୀ ସେବନ୍ତି
ଯୂଥିକା ସୁମନ ହାର
କେମ୍ବୁ ନଦାଙ୍ଗିମା କେମ୍ବୁ ଅଭିମଣି-
ଗଳେଦଅ ଉପହାରରେ -୨
କୁଂଗ ବଦ୍ୟାଙ୍କର ଅନୁଗତେ ହର
ସୁଖେ ହବସ ଯାମିନୀ
ନବଦାସୀ ଅଭ୍— ମାନେ କୁ ଆଦର
ଯାଶ ଦେବାର ଖଟଣି ରେ -୩
ଗୋପାଳକୃଷ୍ଣର ସେବା ଅଧିକାର
କେବେଳେ ନହେଉ ବ୍ୟର୍ଥ
ଶ୍ରୀଗୁରୁ ପ୍ରଦତ୍ତ ବୀଜମନ୍ତ୍ର ତତ୍ତ୍ୱ
ଗଣ୍ଠି କରଥା ଅନ୍ତରେ । ୪

ରାଗ କାଳସା—ତାଳ ଏକପୁଟା

ଶ୍ରୀ ଗୁରୁ ପ୍ରଭୁଙ୍କ କୃପା ସାଗରେ ମାନସ !
ସ୍ୱାମିନୀଙ୍କ ଅଷ୍ଟକାଳ ସେବା କୃତ୍ୟେ ଭସ ଯେ ।ଘୋଷା
ନିଶାନ୍ତେ କୁଞ୍ଜରୁ ଯୁଗଳ ଚଳନ୍ତେ କଟାକ୍ଷ
ସଖୀ ସଙ୍ଗେ ଯିବୁ ଶତଦ୍ରୁହ ଝର ଧରି ଯେ ।୧
ତପାସୁ ନିଦ୍ରା ଭଞ୍ଜନେ ଯାବଟ ମନ୍ଦିରେ
ଖଣ୍ଡଣି ଖଟିବୁ ସ୍ନାନ ବେଶ ଭୂଷାଦିରେ ଯେ ।୨
ବ୍ରଜେନ୍ଦ୍ରଙ୍କ ପ୍ରୀତ୍ୟର୍ଥେ ମନୋଜ୍ଞ ଦ୍ରବ୍ୟ ପାକେ
ନନ୍ଦ ଗ୍ରାମେ ଯିବୁ ସ୍ୱେଶ୍ୱରୀଙ୍କ ପକ୍ଷ ପାଖେ ଯେ ।୩
ସୂର୍ଯ୍ୟ ପୂଜା ଛଳେ ଯାବେ ଆଳୀଗଣ ସଙ୍ଗେ
ଯୁଗଳ ମିଳନ ଶୋଭା ବିଲୋକିବୁ ରଙ୍ଗେ ଯେ ।୪
ଶ୍ରୀ ଅଙ୍ଗ କାନ୍ତିରେ ସଖୀ ମାନଙ୍କ ଅଶ୍ଳେଷେ
ଅନୁଭବିବୁ ଅପୂର୍ବ ଆନନ୍ଦ ବିଶେଷେ ଯେ ।୫
ଦୋଳା ପଞ୍ଚା ସୁନ୍ଦର କରଣେ ହେବୁ ସଖୀ
ଧନ୍ୟ ହେବୁ ମଧୁପାନା ଧରାମୃତ ଚାଖି ଯେ ।୬
ଜଳକେଳି ଆଦି ଯେତେ ମଧ୍ୟାହ୍ନ ବିଳାସ
ବନ୍ୟ ଭୋଜନ ପାଶ କ୍ରୀଡ଼ା ହାସ ପରିହାସ ହେ ।୭
ଉତ୍ତର ଗୋଷ୍ଠେ ଅନ୍ତାଳ ଦର୍ଶନ ସମୟେ
ସଖୀ କୂଳେ ବ୍ୟଗ୍ରତା ମଣିବୁ ଅନ୍ତଶୟେ ଯେ ।୮
ସାୟଂ କାଳରେ ଆଣିବୁ ମିଳନ ସଙ୍କେତ
ନିଶା ଯୋଗେ କୁଞ୍ଜ ଅଭିସାରେ ହେବୁରତ ଯେ ।୯
ସେ ମିଳନାନନ୍ଦାବଧିରେ ରହିବୁ ନିମଜ୍ଜି
କୃତାର୍ଥ ହେବ ଗୋପାଳକୃଷ୍ଣ ଲୀଳା ହେଜ ଯେ ।୧୦

ରାଗ-ତୋଡ଼ି ପରଜ । ତାଳ-ଅଡ଼ତାଳୀ

ରେ ମାନସ ! କାହାକୁ ଭଜିବୁ ଆଉ ?
ଧାତା ଇନ୍ଦ୍ର ହର ଆଜ୍ଞାକାରୀ ଯାର
ଏମନ୍ତ ସାମନ୍ତ ଥାଉଁ । ଘୋଷା ।

ଏକା କୃଷ୍ଣ ବ୍ରଜେ ବ୍ରଜେନ୍ଦ୍ର ନନ୍ଦନ
ପୂର୍ଣ୍ଣତମ ଆତ୍ମାରାମ
ଆନ ଯେତେରୂପ ତାହାଙ୍କ ସ୍ୱରୂପ
ପୂର୍ଣ୍ଣତର ପୂର୍ଣ୍ଣ ନାମ ।୧

ସହସ୍ରାନନରେ ଶେଷ ଭଣି ଶେଷ—
କରନାହିଁ ଯା ମହିମା
ଏକ ମୁଖେ ଅବା କେ ବର୍ଣ୍ଣି ପାରିବ ?
ସେ ଅନନ୍ତ ଗୁଣ ସୀମା ।୨

ଚତୁର୍ବ୍ୟୂହ ମୂର୍ତ୍ତି ପରଂବ୍ୟୋମ ପତି
ଯାହାଙ୍କର କଳାଅଂଶ
ସର୍ବ ଅବତାରୀ କ୍ଷୀରାବ୍ଧି ଶାୟୀ ଯେ
ଯା ଧାମାଙ୍କ ଅବତଂସ -୩

ସର୍ବ ଶକ୍ତିମନ୍ତ ସର୍ବାନ୍ତର୍ଯ୍ୟାମୀତ
ବେଶ ବେଣୁ ଶୃଙ୍ଗ ପାଣି
କହଇ ଗୋପାଳ କୃଷ୍ଣ ତୁ ସତୃଷ୍ଣ
ନେବେ ବଲେ ବୁଥା ଜାଣି -୪

—ଶ୍ଲୋକ—

ସମଂ ଶ୍ରୀ ରୂପେଣ ସ୍ମର ବିବଶ ରାଧା ଗିରିଭୃତୋ,—
ବ୍ରଜେ ସାକ୍ଷାତ୍ ସେବା ଲଭନ ବିଧୟେ ତଦ୍‌ଗଣଯୁଜୋଃ
ତଦିଜ୍ୟାଖ୍ୟା ଧ୍ୟାନ ଶ୍ରବଣ ନତି ପଞ୍ଚାମୃତ ମିଦଂ
ଧୟନ୍ ନୀତ୍ୟା ଗୋବର୍ଦ୍ଧନ ମନୁଦିନଂ ତ୍ୱଂ ଭଜମନଃ

ରାଗ—ମାଳଶ୍ରୀ

ଆରେ ମନ ! ବ୍ୟର୍ଥ ହୋଇ ନ ଯା ବାଉଳି
ଗିରିରାଜ ଗୋବର୍ଦ୍ଧନେ ଲଗା ମଉଳି ।୧।
ଗୁରୁଦେବ ଶ୍ରୀ ରୂପଙ୍କ ସହ ଶ୍ରୀ ବ୍ରଜେ
ପରମ ଆନଂଦ ରସେ ମଜ୍ଜି ଭୁଞ୍ଜେ ।୨।
କଂଦର୍ପ ବିବଶ ରାଧା ଗୋବିନ୍ଦଙ୍କର
ସାକ୍ଷାତ ସେବା ପ୍ରାପ୍ତି ପାଇଁ ଆତୁର ।୩।
ନିୟମେ ପୂଜନ ନାମ ଗାନ ଧ୍ୟାନେ
ମହିମା ଶ୍ରବଣେ ନମସ୍କାର ବିଧାନେ ।୪।
ଏହି ପଞ୍ଚାମୃତ ସୁଖେ ସେବନ କରି
ଶ୍ରୀ ଗୋବର୍ଦ୍ଧନଙ୍କୁ ଭଜ ନିଷ୍ଠା ଆଚରି ।୫।
କହଇ ଗୋପାଳକୃଷ୍ଣ ହର୍ଷ ବଦନେ
ଭଜନ ରତ୍ନ ପାଇବୁ ଶ୍ରୀ ବୃନ୍ଦାବନେ ।୬।

ରାଗ ଚକ୍ରବାକ ତାଳ ମିଶ୍ରରୂପ

(ପ୍ରେମ ଚନ୍ତାମଣିକ କେ ଲୁଚାଇଲାରେ—ବୁଝେ)

କେତେ କାଳ ହେଲା ଦେଖୁନାହୁଁ ସଖି
ଶେଯ ଯାକ ତିନ୍ତିଗଲା ଲୁହ କହି କହି ।ପଦ।
ତରଣି ପୂଜିଗଲୁ   ଏଯଣିତ ଅଇଲୁ
ଅଣ୍ଟିଲା ନାହିଁକ କଣ୍ଠୀରବ ମଧ୍ୟ
ଦ୍ୱାର ପର ହୁଡଦେଥିଲୁ ରହି ।୧
ଆହାକ ଅସମ୍ଭବ   କେ ଶୁଣିଚଲ ହସିବ
ବନ୍ଧୁ ଧେନୁ ପଛେ ବଂଶୀ ବଜାଇ ସେ
ଗଲେ ବାଟ ଜଗିଥିଲୁ ଭୁଲି ।୨
ଗୁଳ ବାଜ ଯେଉଁକ୍ଷେ ଗଣ୍ଡି ଯାଏ ଫୁଟି
ଚେତକ୍ଷେ ବ୍ୟଥା ହେବ ଲାବଣ୍ୟ ତନୁଟି
ନ ପାରବୁ ଉଠି   ଆଖେଁ ବମ୍ବଓଷ୍ଠୀ
ଟାଣି ନ ପାରବୁ ଆଣିକ । ୩ ।
ବଡ଼ ଲମ୍ପଟିଆ ଗୋଧନ ଗୋଠିଆ
ଘାଟ ଜଗି ଛାଡେ ଗୋପୀଙ୍କ ମାଠିଆ
ନଟକୁଟି ଆସେ   ଉଜାଡ ବେଠିଆ
ଗୋପାଳକୃଷ୍ଣ ତା ଭାବ ଜାଣିକ । ୪ ।

ମନପ୍ରତି ବିବେକ ବାଣୀ

(ରାଗ ବଙ୍ଗଳାଶ୍ରୀ—ତାଳ ପହପଟ)

ଭଜକନା ‘ ରାଧେ କୃଷ୍ଣ ’ ମାନସ !
ନରତେ ହୋଇ ସନ୍ତୁଷ୍ଟ
ତ୍ରିତାପ ଯନ୍ତ୍ରଣା   ହୋଇଯିବ ଉଣା
ନରହିବ ଗ୍ଲାନି ଉଷ୍ମ । ୧ ।

ଶ୍ରୀ ଯୁଗଳ ଭାବେ ମଜ୍ଜିରେ ମାନସ !
ନାମ ହେଉଥିଲେ ଭଜ
ଭୁଞ୍ଜ ଭୁଦ ବେଭୁ ଏଭବେ ଆରମ୍ଭୁ
ହୋଇବୁ—ଦଢ଼ଗାଞ୍ଜୀ । ୨ ।
କେଣେଟି କରୁ ପରୁଆରେ ମାନସ !
ହୋଇ ଦୁଃଶନ୍ତା ଜୁରୁଆ
ପଳା ବ୍ରଜଗ୍ରାମେ ରହିବୁ ଆରାମେ
ନ ହୋଇ ଯମ ଉରୁଆ । ୩ ।
ରାଧେଶ୍ୟାମ ଗୁଣ ଗୀତ ରେ ମାନସ !
ବ୍ରଜ ବାସୀଙ୍କ ଆଶ୍ରିତେ
ଅପୂର୍ବ ଆନନ୍ଦ ପ୍ରେମର ସମ୍ପଦ
ଅସ୍ୱାଦିବୁ ସୁଖେ ନିତ୍ୟେ । ୪
ଶ୍ରୀ ଗୁରୁ ଦେଇବାର ମନ୍ତ୍ରରେ ମାନସ
ଜପି ହୋଇବୁ ସ୍ୱତନ୍ତ୍ର
ସିଦ୍ଧ ତନୁ ଧରି ଗୋପାଳ କୃଷ୍ଣର
ପୂରୁ ସଂକଲ୍ପ ଯାବନ୍ତ । ୫ ।

ରାଗ ତୋଡ଼ି ପରଜ—ତାଳ, ଆଡ଼ତାଳୀ

ରେ ମାନସ ! ସ୍ୱବଲେ ସ୍ୱବଲ ପଣ
ଶ୍ରୀରାଧା ଗୋବିନ୍ଦ କଥା ହୋଇବାର ହସି ଧୀର ଧୀର କଣ । ଘୋଷା
ନିଭୃତ କୁଞ୍ଜରେ ସୁମନ ଶେଯରେ ରାତି ଥାଉ ଚେତା ହୋଇ
ବୃକ୍ଷରେ ବଲ୍ଲୀ ବେଢ଼ିଲା ସଜେ ରହି ଶ୍ରୀମୁଖେ ମୁଖ ଲଗାଇ ।୧
ଆଲୀମାନେ ଥିଲେବେଳେ କେଣେ ମୋର ନିକଟକୁ ଆସିବାର
କି ଲାଜ ନାହିଁ ବୋଲୁ ବ୍ରଜବଧୂ ସବୁ ଚୁମ୍ବନ ଦେବାର ।୨
କି ଲାଜ ନାଚିବା ଲୋକର ବରଜ ରାଜପଥେ ଗୁଲଗୁଲି
ବୋଲୁ ଶ୍ରୀ ପ୍ରାଣେଶ ଗଣ୍ଡେଗଣ୍ଡ ଦେଇ ମଜ୍ଜିବାର ଝୁଲଝୁଲ ।୩

ଜଟିଳା ଆସୁଛି ବୋଇଲେ ପଳାଇ ସପ୍ତପର୍ଣ୍ଣି କୁଞ୍ଜ ମଧ୍ୟରେ
ଦୁହେଁ ଯାକ ଲୁଚି ପଡୁଥିବ ଦେଖିଲ ରସିକ ଶିରୋମଣି ବାସରେ ।୪
ଶ୍ୟାମଳା ବେଶରେ ସୁବଳୁ ସିବାର ଚାଲ ରାତିର ଚରିତ
ନାସା ଭୂଷଣ କାହ୍ନୁଁ ବୋଲିଁ ସ୍ୱତନ୍ତ୍ର କୁଞ୍ଜଲତା କଳ୍ପଦତ୍ତ ।୫
ଘନ ସୁନ୍ଦର ଶ୍ରୀମନ୍ତ ହୋଇ କନଅର ତଳେ ଭେଟାଭେଟି
ପରସ୍ପରଙ୍କ ରଙ୍ଗେ ମଜ୍ଜି ପୁର ଆଣ୍ଡେ ଭୟେ ତାଳତାଳ ଦୃଷ୍ଟି ।୬
ଗୋପାଳକୃଷ୍ଣ କହେ ଶ୍ରୀ ରାଧାକୃଷ୍ଣ ପ୍ରେମରସ ସୁଧାବ୍ଧିର
ଶୀକର ଯାର ସ୍ୱ ରଚନା ରସିକ ସେ ଜାଣିବ ଏ ମଧୁର ।୭

—*—

ରାଗ ବେହାଗଡ଼ା—ତାଳ ତ୍ରିପୁଟା

(ଦେଖିଲେ ଦେଖିଲାପରି—ବୃତ୍ତେ)

ଶ୍ରୀରାଧା ଗୋବିନ୍ଦ ବୋଲି ବ୍ରଜକୁ ଚଳଯା ମନ !
ଅଳିକ ସୁଖରେ କେଣେ ବ୍ୟର୍ଥେ ହେଉଛୁ ଉଛନ୍ନ ।ପଦ

ଚିଦାନନ୍ଦ ସୁଖଦାୟୀ ସେ କାରୁଣ୍ୟାମୃତମୟୀ
ସେ ପଦାବ୍ଜ ଉନବଂଶ ଚନ୍ଦ୍ର ଭୁଲେ ହୋ ବିଲୀନ ।୧

ଯେବେ ସେବାଧନେ ବାଞ୍ଛା ଶ୍ରୀ ଗୁରୁଙ୍କୁ କର ପୂଜା
ବତାଇ ଦେବେ ଯାବନ୍ତ ପରିଚର୍ଯ୍ୟାର ବିଧାନ ।୨

ସ୍ୱ ସଖୀରୂପା ସେ ତୋର ଦେବେ କୃପା ଅଳଙ୍କାର
ଶ୍ରୀ ରୂପଢକ ଆଶ୍ରିତେ ଜୀବନ ମଣିବୁ ଧନ୍ୟ ।୩

ସ୍ୱାମିନୀ କୁଣ୍ଡ ତଟରେ ବାସ କର ରହସ୍ଥିରେ
ଶ୍ରୀ ରାସେଶ୍ୱରୀ କଙ୍କରୀ ପଣେ ଯାଚିବେ ଶରଣ ।୪

ଗୋପାଳକୃଷ୍ଣ ଭାଷଇ ନଯା ଅକାରଣ ହୋଇ
ଛୁଡ଼ିବେ ମାୟାମମତା ପୁତ୍ର ପତ୍ନୀ ପରିଜନ ।୫।

—*—

ରାଗ ଶଙ୍କ ଶ୍ଳୋକ

ଚିନ୍ତାମଣି ପ୍ରକର ସଦ୍ମସୁ କଳ୍ପବୃକ୍ଷ
ଲକ୍ଷାବୃତେଷୁ ସୁରଭିରଭି ପାଳୟନ୍ତଂ
ଲକ୍ଷ୍ମୀ ସହସ୍ର ଶତ ସଂଭ୍ରମ ସେବ୍ୟମାନଂ
ଗୋବିନ୍ଦମାଦି ପୁରୁଷଂ ତମହଂ ଭଜାମି ।

ରାଗ ଶଙ୍କରା ଭରଣ—ତାଳ ଆଠତାଳି

ମନ ଭ୍ରମହେଉ କେଣେ ?
ରହ୍ୟ ଯା ସ୍ୱାମିଙ୍କ ସ୍ୱାମୀ ପଦାବ୍‌ଜ ସ୍ମରଣେ ।ପଦ
ଚିନ୍ତାମଣି ନିର୍ମିତ ନିଳୟବ୍ରାତ ସହି
ଲକ୍ଷ ଲକ୍ଷ କଳ୍ପବୃକ୍ଷେ ଯେ ସ୍ଥାନ ଶୋଭଇ ।୧
ସେ ଅସାଧାରଣ ଗୋକୁଳ ନାମେ ପୀଠ ସ୍ଥଳେ
ଯେ କାମଧେନୁ ବୃନ୍ଦକୁ ପାଳନ୍ତି କୁଶଳେ ।୨
ବ୍ରଜ ସୁନ୍ଦରୀ ରୂପିଣୀ ଲକ୍ଷ୍ମୀଗଣ ତୋଷେ
ଯାହାଙ୍କ ସେବା ଖଟନ୍ତି ଯଥା ଅବକାଶେ ।୩
ସେହି ଆଦି ପୁରୁଷ ଶ୍ରୀ ଗୋବିନ୍ଦ ଭଜନେ
କଣ୍ଠିତ ନୋହୁ ଗୋପାଳକୃଷ୍ଣ ନିତ୍ୟଧନେ ।୪

—*—

ରାଗ ଖରହର ପ୍ରିୟା—ତାଳ ପହପଟ

ଭବ ଶୋକ ରୋଗ ଜାଣି ତୁ ମାନସ ! ଏ ଜଞ୍ଜାଳୁ ଖସି ଯାରେ
ଶ୍ରୀରାଧା ଗୋବିନ୍ଦ ପଦ ଅରବିନ୍ଦ ମକରନ୍ଦ ଚୁମ୍ବୁଥାରେ । ଘୋଷା
ତୋ ସିଦ୍ଧ ପ୍ରଣାଳୀ ଦେହନାମ ଖାଳ ଚିନ୍ତ ଶ୍ରୀଗୁରୁ କୃପାରେ
ଆନନ୍ଦ କୌତୁକ ପୂର୍ତ୍ତିକର ଅଷ୍ଟ ଯୁଗଳୁ ବଶ ଚିନ୍ତାରେ । ୧
ଗୋବର୍ଦ୍ଧନ ଗିରି ପ୍ରଦକ୍ଷିଣ କରି ମଜ୍ଜ ମାନସୀ ଗଙ୍ଗାରେ
ବ୍ରହ୍ମ ରୁଦ୍ର ଇନ୍ଦ୍ର, ଗୋବିନ୍ଦ କୁଣ୍ଡରେ ଅବଗାହି ମୋଦ ପାରେ । ୨
ଦର୍ଶନେ ଶ୍ରୀ ଲୀଳେ ଶ୍ରୀକୁଣ୍ଡ ସଲିଳେ ମଜ୍ଜି ପାତକ ହଜାରେ
ସୂର୍ଯ୍ୟକୁଣ୍ଡନୀରେ ବୁଡ଼ ପ୍ରେମସରେ ରାଧେ ଶ୍ୟାମ ମୁଖେ ଗାରେ । ୩

ସଂକେତ ବର୍ଷାଣ ରାଧି ନନ୍ଦଗ୍ରାମ ଯାବଟ ମୁଖରା ଗାଁରେ
ଘୁରିବେ ଝୁଲି ଝୁଲି ନଚାଇ ମଣ୍ଡଳ ଆଭିରଙ୍କ ଦ୍ୱାରେ ଦ୍ୱାରେ
ଯେନ କହେ ଖୋଲି ପ୍ରସାରି ଅଞ୍ଚଳ ମଧୁକରୀ ମାଗି ପାରେ । ୫
ହା ସ୍ୱାମିନି ରାଧେ ! ଡାକି ସାନନ୍ଦେ ଗଡି ଯମୁନା କିନାରେ
ଉର୍ଦ୍ଧ୍ୱେ କାହ୍ନୁ ତୋଳି ରାସସ୍ଥଳୀ ଧୂଳି ବୋଳି ହାତୋନକରାରେ ।୬
ବ୍ରଜବନ ବାସୀ ସାଧୁଙ୍କ ପଦପୂନରେ ଅପୁର ଶିର ଲଗାରେ
ସଙ୍କଳ୍ପ ପୂର୍ଣ୍ଣେ ଗୋପାଳକୃଷ୍ଣ ଭଣେ ଶ୍ରୀରାଧା କାନ୍ତ ଆଗାରେ । ୭

—*—

ରାଗ କଲ୍ୟାଣୀ—ତାଳ ରୂପକ

(ନ ତେଜବ ମୁରଲୀ ଧର ବୃନ୍ଦେ)

ଭ୍ରମି ନୁହ ବିଷୟ ବନେ
ରହ ସ୍ୱରାଗମାର୍ଗ ଅନୁସରଣେ । ଘୋଷା

ମନ ଭୂତ ମତ୍ତ ବାରଣ ହୋଇ ଯିବୁଟି ଆକାରଣ
ଶ୍ରୀଗୁରୁ ଚରଣ ପଙ୍କଜେ ଶରଣ
ନେଇନଥା ଭକ୍ତ୍ୟଙ୍ଗ ଯାଜନ ପଣେ । ୧

ସାଧୁ ସଂଗେ ହରି କଥନ ପ୍ରସଙ୍ଗକୁ କର ଯଜନ
ଆଚରୁଁ ଏ ସ୍ଥିତ ଅନର୍ଥ ନିବୃତ୍ତି
ହୋଇଯିବ ଶଙ୍କା ପାଇ ଆପଣେ । ୨

ପ୍ରବର୍ତ୍ତକ ଅବସ୍ଥା ଅନ୍ତେ ସାଧକ ଭୂ ହେବୁ ନିଶ୍ଚିନ୍ତେ
ତଦନ୍ତରେ ସିଦ୍ଧ ତନୁଟି ବହିବୁ
ସ୍ୱାଭୀଷ୍ଟ ଲାଲସା ପରି ପୂରଣେ । ୩

ରାସେଶ୍ୱରୀ କରୁଣା ଦୃଷ୍ଟି ତୋ ଉପରେ କରିବେ ବୃଷ୍ଟି
କହଇ ଗୋପାଳକୃଷ୍ଣ ଗଣ୍ୟ ହେବୁ
ସଖୀ ମଞ୍ଜରୀଙ୍କ ମଧ୍ୟରେ ଜଣେ । ୪

—*—

—ଶ୍ଳୋକ—

ନ ଧର୍ମଂ ନା ଧର୍ମଂ ଶ୍ରୁତି ଗଣ ନିରୁକ୍ତଂ କିଲକୁରୁ
ବ୍ରଜେ ରାଧାକୃଷ୍ଣ ପ୍ରଚୁର ପରିଚର୍ଯ୍ୟାମିହ ତନୁ
ଶଚୀସୂନୁଂ ନନ୍ଦୀଶ୍ୱର ପତି ସୁତତ୍ୱେ ଗୁରୁବରଂ
ମୁକୁଂନ୍ଦ ପ୍ରେଷ୍ଠତ୍ୱେ ସ୍ମର ପରମଜସ୍ରଂ ନନୁମନଃ

ରାଗ,ଶଙ୍କରାଭରଣ—ତାଳ ଆଠତାଳୀ

ମନ ଶୁଣ ମୋର ବାଣୀ
ଶ୍ରୀଦାସ ଗୋସ୍ୱାମୀ ପାଦାନ୍ତଦ୍ଧ ଚିନ୍ତାମଣି । ପଦ
ବେଦ ବିଧି ନିଷେଧରେ କିସ ପ୍ରୟୋଜନ ?
ଚତୁର୍ବର୍ଗ ଲଭ ଆଶା କର ବରଜନ । ୧
ସାଧକ ଦେହରେ ସିଦ୍ଧ ଦେହ ଅନୁସର
ଶ୍ରୀସ୍ୱ ବ୍ରଜବାସ ଭାବନାରେ ନିରନ୍ତର । ୨
ଶ୍ରୀରାଧା ଗୋବିନ୍ଦଙ୍କର ପ୍ରଚୁର ସେବନେ
ଶଚୀସୁତ ଶ୍ରୀ ଗୌରାଙ୍ଗେ ନନ୍ଦସୁତ ଜ୍ଞାନେ । ୩
ଶ୍ରୀ ଗୁରୁ ଦେବଙ୍କୁ କୃଷ୍ଣ ଅବରୂପ ଜାଣି
ସ୍ମରଣ କରୁଥା ନାମ ବଦନେ ବଖାଣି । ୪ ।
ଦେହ ଯହିଁ ତହିଁ ଥାଉ ବ୍ରଜେ ଥାଅ ମନ
ନଞ୍ଜାଳେ ଗୋପାଳକୃଷ୍ଣ ନୋହୁଟି ଉଛନ୍ନ । ୫ ।

ରାଗ, ବଙ୍ଗଳାଶ୍ରୀ—ତାଳ, ସରିମାନ

ଭଜୁଥାରେ ମନ ଶ୍ରୀରାଧା ରମଣ
ଶରଣ ରକ୍ଷଣ ହରିଙ୍କି,
ଯେବେ ଭବାର୍ଣ୍ଣବୁ ଉଦ୍ଧାର ହୋଇବୁ
ଧର ଶ୍ରୀପଦାବ୍ଜ ତାଙ୍କର । ପଦ ।
ଜନ୍ମି ମଥୁପୁରେ କଂସ ବନ୍ଦୀଘରେ
କରୁଣା କଲେ ଆତ୍ମଜଙ୍କି,
ଶ୍ରୀବ୍ରଜ ମଣ୍ଡଳେ ନାନାରୂପ ହେଲେ
ଲୀଳା ଛଳେ ମାୟା କରିକ । ୧ ।
ବତ୍ସ ବକା ଶଣ୍ଢା ଶକଟା ଦୁର୍ଦ୍ଦଣ୍ଡା
ବତ୍ସା ଅଘା ଆଦି କରିଙ୍କି
ପ୍ରାଣେ ବିନାଶିଲେ କାଳିଙ୍କ ଦଳିଲେ
ଟେକିଲେ ମନ୍ଦର ଗିରିକ । ୨ ।
ଘୋର ଦାବାନଳ କଲେ ଯେ କବଳ
ଧାତା ଗର୍ବ ଦେଲେ ଚୂରିକ
ବ୍ରଜଶିଶୁ ସଂଗେ ଖେଳି ନାନାରଙ୍ଗେ
ମୋହିଲେ ଗୋକୁଳ ନାରୀଙ୍କି । ୩ ।
ଏହିପରି କେତେ କଉତୁକ ଲୀଳା
କେ ପାରିବ ଅନ୍ତ କରିକ ?
ଶ୍ରୀ ବୀର ପ୍ରତାପ- ରୁଦ୍ର ଦେବ * ଭୂପ
ବଂଦେ ସେ କଲୁଷ ହାରୀଙ୍କି । ୪ ।

---

* ପ୍ରତାପରୁଦ୍ର ଦେବ-ପାରଳା ଖେମୁଣ୍ଡୀର ମହାରାଜା ଗୋପାଳ-କୃଷ୍ଣଙ୍କ କବିତ୍ୱରେ ମୁଗ୍ଧ ହୋଇ ତାଙ୍କୁ କବି 'କଳହଂସ', ଓ ବସନ୍ତ କୋକିଳ, ଉପାଧି ଦେଇଥିଲେ । ସଂକଳକ

ଶ୍ଲୋକ

ବେଣୁଂ କ୍ୱଣନ୍ତ ମରବିନ୍ଦ ଦଳାୟତାକ୍ଷଂ
ବର୍ହାବତଂସ ମସିତାମ୍ବୁଦ ସୁନ୍ଦରାଙ୍ଗଂ
କନ୍ଦର୍ପ କୋଟି କମନୀୟ ବିଶେଷ ଶୋଭଂ
ଗୋବିନ୍ଦମାଦି ପୁରୁଷଂ ତମହଂ ଭଜାମି ।

ଆଷାଢ଼ଶୁକ—ତାଲ ଝଁପ୍

ଭଜ ରେରେ ମନ !
ବ୍ରଜ ବଧୂ ଶ୍ରୀ ଗୋପେନ୍ଦ୍ର ନନ୍ଦନ । ଘୋଷା ।

ଯା ମଧୁର ବଂଶୀଧ୍ୱନି ଶ୍ରବଣେ
ବିମୋହିତା ବ୍ରଜ ଲଳନା ଗଣେ
ଯାହାଙ୍କ ନୟନ ଯୁଗ ଶୋଭିତ
କମଳ ପଲାଶ ପରି ବିସ୍ତୃତ । ୧ ।

ମସ୍ତକେ କଳାପୀ ଚନ୍ଦ୍ରିକା ଚୂଡ଼ା
ବେଷ୍ଟିତ ସେବନ୍ତୀ ମଲ୍ଲୀ ପାଖୁଡ଼ା
ଅନୁପମ ବେଣୀ ଚରଣେ ଦୋଳେ
ସାଧ୍ୱୀବ୍ରତ ହତ ବିଲୋକ ଭୋଳେ । ୨ ।

କସ୍ତୁର ନୀରଦ ଦଳତାଞ୍ଜନ
ନୀଳେନ୍ଦୀବର ଅତସୀ ସୁମନ
ଇନ୍ଦ୍ରନୀଳ ମଣି ମର୍କତ ପନ୍ତ
ତା ତହୁଁ ଅଧିକ ଶ୍ରୀଅଙ୍ଗ କାନ୍ତି । ୩ ।

କୋଟି କୋଟି କନ୍ଦର୍ପ ଏକାବେଳେ
ଶରଣାଗତ ଯା ପଦ କମଳେ
ସେହି ଶ୍ରୀ ଗୋବିନ୍ଦ ଆଦି ପୁରୁଷ
ଗୋପାଳ କୃଷ୍ଣଙ୍କ ସେବ୍ୟ ସର୍ବସ୍ୱ । ୪ ।

—*—

—ଶ୍ଳୋକ—

ଅରେ ଚେତଃ ! ପ୍ରୋଦ୍ୟତ୍ କପଟ କୁଟିନାଟୀ ଭର ଖର
କ୍ଷରନ୍ମୂତ୍ରେ ସ୍ନାତ୍ୱା ଦହସି କଥମାତ୍ମା ନମପି ମାଂ
ସଦା ତ୍ୱଂ ଗାନ୍ଧର୍ବା ଗିରିଧର ପଦ ପ୍ରେମ ବିଲସତ୍
ସୁଧାମ୍ଭୋଧୌ ସ୍ନାତ୍ୱା ସ୍ୱମପି ନିତରାଂ ମାଞ୍ଚ ସୁଖୟ ।

ରାଗ ମଙ୍ଗଳ ବରାଡ଼ି—ତାଳ ତ୍ରିପୁଟା

ଆରେ ମନ ! କେଣେ ତୁମ୍ଭ ହେଉ ଅବୁଝାଣ
ଶ୍ରୀ କୁଣ୍ଡବାସୀଙ୍କ ଉପଦେଶ ଶିରେ ଘେନ । ୧ ।
ଅନ୍ୟବସ୍ତୁ କପଟତା କୁଟିନାଟି ପୂର୍ଣ୍ଣେ
ଆସକ୍ତି ଗର୍ଦ୍ଦଭ ମୂତ୍ରେ ସ୍ନାନ ଆଚରଣେ । ୨ ।
ମୋତେ ତୋ ସଙ୍ଗତେ ପକାଉଛୁ ଦଗ୍ଧକରି
ଏକି ବଡ଼ମନ ରୀତି ଦେଖୁଛି ତୋହରି । ୩ ।
ସର୍ବଦା ଶ୍ରୀରାଧା କୃଷ୍ଣ ପଦାବ୍ଜ ଯୁଗଳେ
ପ୍ରେମଭକ୍ତି ଅନୁଷ୍ଠାନ କରି ସୁବିମଳେ । ୪ ।
ଅମୃତ ସାଗରେ ସ୍ନାନ କରାଇ ଯତ୍ନରେ
ନିଜେ ସୁଖ ଲଭି ସୁଖୀ କରାଅ ତୁ ମୋରେ । ୫ ।
ପରିହର ବିଷମସ୍ତୁ ବିଷୟ ଲାଳସା
ନ ଭୋଗୁ ଗୋପାଳକୃଷ୍ଣ ସଂସାର ଦୁର୍ଦ୍ଦଶା । ୬ ।

—*—

ବିବେକର ମନପ୍ରତି ପ୍ରବୋଧ ବାଣୀ

ରାଗ ଜୌନପୁର ତୋଡ଼ି—ତାଳ ଝୁଲା

ମନ । ତୋତେ ବୁଝାଇ କହୁଛିରେ ଘେନ ସାର ଉପଦେଶ
ମିଛ ମାୟାଜାଲେ ଆବଦ୍ଧ ହୋଇ ତୁ କାହିଁ ପାଇଁ ପାଉ କ୍ଲେଶ
ଅନ୍ୟାନ୍ୟ ଅଭିପ୍ସା ସଂସାର ଆସକ୍ତି ପରିତ୍ୟାଗ କରିଥକା
ଶ୍ରୀ ରାଧା ଗୋବିନ୍ଦ ଚରଣ ସ୍ମରଣେ ଶ୍ରୀବ୍ରଜେ ନିପୁଣ ଥକା । ୧ ।

ସର୍ବ ଦୁର୍ବାସନା ହୋଇଯିବ ଚୂନା ଭଜନେ ଥିଲେ ନିରତ
ଯୁଗଳ ପଦାବ୍ଜେ ଏକାନ୍ତ ଭାବେ ତୁ ହୋଇ ଯା ଶରଣାଗତ । ୨ ।
ହା ପ୍ରଭୁ ହା ନାଥ ହା କୃଷ୍ଣ ଉଚ୍ଚାର ଉତ୍କଣ୍ଠାରେ ତାଙ୍କୁ ଡାକ
ସକଳ ମମତା ସର୍ବ ମଳିନତା ଅହଂତା ଦୂରେ ଉପେକ୍ଷ । ୩ ।
ବିଷୟ କୂପରେ ପଡ଼ି ଅନ୍ଧ ମୂଢ଼ ଥାଉଁ ତୋ ଦିବ୍ୟ ନୟନ
ଦୀକ୍ଷାଦାତା ଗୁରୁ ଦେଇଛନ୍ତି ପର ମହୌଷଧି ଜ୍ଞାନାଞ୍ଜନ । ୪ ।
ତେବେ କାହିଁକି ତୁ ନ କରୁଛୁ ହେତୁ ଭ୍ରମ ହୋଇ ମାୟା ବଶେ
ଉଠ ଅକାତରେ ଦୁଃଚିନ୍ତା ସ୍ରୋତରେ ଭାସି ନ ଯା ଅକାରଣେ । ୫ ।
ଦୁସ୍ତର ସଂସାର ସାଗର ତର ତୋ ନାମ ଭାବ ଆଶ୍ରା କର
କହଇ ଗୋପାଳକୃଷ୍ଣ ଶେଷ ଲୋଭ ମୁଁ ଦାସ ତୋ ପଦର । ୬ ।

ସିଦ୍ଧାନ୍ତ ଲାଳସା

ରାଗ—ପୁନ୍ନାଗ । ତାଳ-ଆଠତାଳୀ

'ଜୟ ରାଧେ କୃଷ୍ଣ' ବୋଲି   ପଳା ମନ । ବ୍ରଜବନେ
ପାଇବୁ ଅପୂର୍ବ ସୁଖ କଳିନ୍ଦ କନ୍ୟା କୂଳନେ । ପଦ ।
ନିଭୃତ ନିକୁଞ୍ଜ ଶେଜେ   ତୋ ସ୍ୱାମୀ ସ୍ୱାମିନୀ ବିଜେ
ବେଷ୍ଟିତ ଆଳୀ ସମାଜେ ମିଳିଯା ହର୍ଷ ବଦନେ । ୧ ।
ହି ଚତୁର ଯାମ ଯାକ   ଲୀଳା ବିଳାସ ଯେତେକ
ପ୍ରିୟ ଅବସରେ ସେବା ଆସ୍ୱାଦ କର ଯତନେ । ୨ ।
ତୋ ଅପୂର୍ବ ଅବୟବ   ଦେଇଛନ୍ତି ଗୁରୁ ଦେବ
ଗୁଣମନ୍ତ୍ର ଘୋଷି ଘୋଷି ରହି ଯା ସୁଆତ୍ମ ଧ୍ୟାନେ । ୩ ।
ସଖୀଙ୍କ ସଙ୍ଗିନୀ ରୂପେ   ପ୍ରେଷ୍ଠାଳୀଙ୍କର ସମୀପେ
ଥିବୁ ସେବାରେ ଅନୁକ୍ଷଣେ ଗୁରୁରୂପାଙ୍କ ପ୍ରସନ୍ନେ । ୪ ।
ତାହାଙ୍କ କୃପାଳଙ୍କାର   ମଣ୍ଡି ହୋଇ ସୁଶୃଙ୍ଗାର
ପ୍ରେୟସୀଙ୍କର ଜଙ୍ଗ ଯୋଗ୍ୟ ହୁଅ ଅନୁଧ୍ୟାନେ । ୫ ।
ହୋଇ ପରମ ସନ୍ତୁଷ୍ଟ   କହଇ ଗୋପାଳକୃଷ୍ଣ
ଉତ୍କୃଷ୍ଟ ସୌଭାଗ୍ୟ ତବ ବାହାର ହୁଅ ସଘନେ । ୬ ।

—*—

ରାଗ ଜୌନପୁର ଖୋଡ଼ । ତାଳ,ଝୁଲା

ଏକ ତୋର ବୁଝାମଣାରେ ମାନସ

ଜାଣି ଜାଣି ଯାହା ଗରଳ ଗିଳୁଛୁ

ଗୁଡ଼ ଗୁଆ ସର ପଣା ବୋଲି ମାନସ ।ଘୋଷା

କାମ କ୍ରୋଧାଦିଂକ ପାଲେ ହୋଇ ରଂକ

ହେଉଛୁ ଯା ବତ ବଣା

ପଡ଼ିଯିବୁ ଫୁଣି ନପକାଉ ଦୃଷ୍ଟି

ଆଗରେ ରହୁଛି ଖଣାରେ ମାନସ ।୧।

ପଥ ପ୍ରଦର୍ଶକ ଯେ ସିଦ୍ଧ ସାଧକ

ତାହାଙ୍କୁ ନକଲୁ ଜଣା

ମହାଶତ୍ରୁ ତୋର ଛଅଙ୍କୁ ନବାର

ସେଡ଼ି ଦମନ ମାରଣାରେ ମାନସ ।୨।

ଛନ୍ତି ବ୍ରଜବାସୀ ବୈଷ୍ଣବେ ଉଦାସୀ

ଆଦର ଗୋପପାଞ୍ଚଣା

ନତ ମସ୍ତକରେ ସେ ସାଧୁ ନକରେ

ବଚନ୍ତୁ ବଚନେ ମଣାରେ ମାନସ ।୩।

ତୋ ପ୍ରତି କରୁଣା ନ କରିବେ ଊଣା

ବତାଇ ଦେବେ ଠିକଣା

କହଇ ଗୋପାଳ କୃଷ୍ଣ ପ୍ରତିପାଳ

ନମା କଥା କରି କଲଣାରେ ମାନସ ! ୪ ।

ଭକ୍ତକବି ଗୋପାଳକୃଷ୍ଣଙ୍କର ବହୁ ଅପ୍ରକାଶିତ କବିତା ସ୍ଥାନାଭାବ ହେତୁ ପ୍ରଥମ ଭାଗରେ ପ୍ରକାଶ ପାଇ ପାରିଲା ନାହିଁ ।

ସହୃଦୟ ପାଠକମାନେ ଗୋପାଳକୃଷ୍ଣ ଗ୍ରନ୍ଥାବଳୀର ଦ୍ୱିତୀୟ ଭାଗ କ୍ରୟ କଲେ ଅବଶିଷ୍ଟ କବିତାମାନ ପାଇ ପାରିବେ ।

ସଂକଳକ

—ଶୁଦ୍ଧି ପତ୍ର—

ପୃଷ୍ଠା	ଧାଡ଼ି	ଅଶୁଦ୍ଧ	ଶୁଦ୍ଧ
୧	୧୦	ଜଯୋଗ	ଜଯୋଜ
୨	୧	କୃଷ୍ଣଙ୍କୁ	କୃଷ୍ଣଙ୍କୁ
୨	୧୯	ଶ୍ରୀମୂର୍ତ୍ତି	ଶ୍ରୀମୂର୍ତ୍ତି
୩	୩	ପ୍ରାଣଶଂକର	ପ୍ରାଣେଶଙ୍କର
୩	୧୨	ଡ଼ାଲି	ଡାଳି
୩	୧୯	ସେଯେ	ଶେଯେ
୩	୨୧	କ୍ରିଡ଼ାନ୍ତରେ	କ୍ରୀଡ଼ାନ୍ତରେଁ
୩	୨୨	ସେଯୁ	ଶେଯୁ
୩	୨୮	କୁଞ୍ଚର	କୁଞ୍ଚନ
୪	୭	ବୃନ୍ଦାବନେ	ବୃନ୍ଦାବନେ
୪	୧୩	ଡ଼ାକ	ଡାକ
୭	୨	ଭୁଯେ	ଭୁଜେ
୭	୮	ଶ୍ରୀହସ୍ତେ	ଶ୍ରୀହସ୍ତେ
୭	୧୪	ମଞ୍ଜିପିକେ	ମଞ୍ଜୁପ୍ରିକେ
୭	୧୧	ଭାତ	ହାତ
୭	୧୨	ଘୃତ	ଘୃଡ଼
୭	୧୭	ବାନ୍ଧି	ବାନ୍ଧି
୭	୧୮	ଶିଖିଯିବୁ	ଶୁଖିଯିବୁ
୭	୧୯	ଗୁହକୃତ୍ୟ	ଗୃହକୃତ୍ୟ
୭	୨୧	ଚୁମ୍ବନ	ଚୁମ୍ବନ
୭	୨୨	ଚନ୍ଦ୍ରାର୍ଦ୍ଧି	ଚନ୍ଦ୍ରେ
୮	୮	ସନ୍ଧୁ	ସସ୍ଥ
୮	୧୩	ଅର୍ଘ	ଅର୍ଦ୍ଧ
୮	୧୩	କୀଯାମା	କି ଯାମା
୮	୨୩	ପରିଜସ୍ଯୁ	ପର୍ବଜସ୍ଯୁ
୯	୨	ଗୁପେଶ୍ବର	ଗୋପେଶ୍ବରୀ
୯	୪	ବ୍ରଜବଧୂ	ବ୍ରଜବଧୂ
୯	୭	ଜକଂଜ	ଜଲୁଂଜ
୯	୮	ବରୁଣାଲୟେ	ବରୁଣାଲୟେ

ପୃଷ୍ଠା	ଧାଡ଼ି	ଅଶୁଦ୍ଧ	ଶୁଦ୍ଧ
୯	୧୯	କେତେ	କେତେ
୯	୨୪	ସ୍ୱର୍କିକଣ୍ଠ	ସ୍ୱକଙ୍କଣ୍ଠ
୯	୨୬	କାଳକୁଟ	କାଳକୂଟ
୯	୨୭	ଦେହୁ	ଦେହୁ
୧୦	୧	ପିୟୁଷ	ପୀୟୂଷ
୧୦	୨	ଭୂଣିଧର	ଭୂଣଧର
୧୦	୪	ହୋଇଯିବା	ହୋଇଯିବ
୧୦	୨୧	ଗୁଞ୍ଜନରେ	ଗୁଞ୍ଜନରେ
୧୦	୨୭	ସଞ୍ଚିତ	ସଞ୍ଚିତ
୧୧	୩	ତମସାରେ	ତମସାରେ
୧୧	୪	ଚରମରେ	କରରେ
୧୨	୭	ବୁଲବୁଲ	ବୁଲବୁଲ
୧୨	୧୧	ସ୍ମୃ	ସ୍ମ
୧୩	୯	ଲକ୍ଷୀ	ଲକ୍ଷ୍ମୀ
୧୩	୧୩	ଗୁରୁଜନ	ଗୁରୁଜନ
୧୩	୧୭	ନେତ୍ର	ନେତ୍ର
୧୪	୨୧	ରଜବାସେ	ରଦବାସେ
୧୫	୪	କମ୍ପିବାର	ଘମ୍ପିବାର
୧୫	୫	ପୀୟୁଷ	ପୀୟୂଷ
୧୫	୧୧	ଯଦୁକୁଳ	ଯଦୁକୁଳ
୧୫	୧୭	ମର୍ଦ୍ଦନ	ମର୍ଦ୍ଦନ
୧୫	୧୯	ବୃତାନନ	ବୃତ୍ରାନନ
୨୧	୨୮	ଘୃଷ୍ଣ	ଘର୍ଷଣ
୨୨	୩	ସିଂଦୂର	ସିନ୍ଦୂର
୨୨	୪	କଙ୍କନ	କଙ୍କଣ
୨୩	୨୭	ହେମାତେଜ	ହେବାତେଜ
୨୫	୧୭	ନାଦନାମନସ୍ଥା	ନାଦନାମନ୍ଦିସ୍ଥା
୨୯	୨୫	କାଲାଞ୍ଜଳି	କଲାଞ୍ଜଳି
୨୯	୨୭	ସଙ୍ଖାଳି	ସଙ୍ଖାଳି
୩୩	୩	ସୂର୍ଯ୍ୟ	ସୂର୍ଯ୍ୟ
୩୩	୩	ଅଲକୃତ	ଅଲଂକୃତ

ପୃଷ୍ଠା	ଧାଡି	ଅଶୁଦ୍ଧ	ଶୁଦ୍ଧ
୩୩	୧୫	ପାଶୋର	ପାସୋର
୩୩	୨୨	ବଂଶି	ବଂଶୀ
୪୦	୧୭	ରଘ	ରଶ
୪୦	୨୪	ଲ୍ଲା	ଲୀଲା
୪୦	୨୭	ଷାଷ୍ଟ ଷାଷ୍ଟ	ପାସ୍ ପାସ୍
୪୧	୩	ଅରବିଂନ୍ଦ	ଅରବିଂଦ
୪୧	୭	ମଦଂ	ମଂଦ
୪୧	୮	ଉଠାରୁ	ଓଁଠାରୁ
୪୧	୧୧	ପଗଙ୍କ, ରୁପୋଧଣ	ପର୍ଶ୍ଵ, ରୁପୋଲଣ
୪୧	୧୩	ବୋଲୁଛୁ	ବୁଲୁଛୁ
୪୧	୧୭	ପ୍ରକୃତି	ପ୍ରକୃତ
୪୧	୨୧	ବନନ	ବନ ନ—
୪୧	୨୩	କାଲଧୂଲୀ	କାଲଧୂଳି
୪୧	୨୪	ଜରର	ଜରଜର
୪୩	୧୦	ଇଏ	ଏ
୪୩	୧୨	ବଳିତା	ବଲ ତା
୪୩	୧୮	ସାର	ସାଅ
୪୩	୨୫	ସ୍ଥିରପର	ସ୍ଥିର ପର
୪୫	୧୩	ଶ୍ରୀମନ୍ତ	ଶ୍ରୀମନ୍ତ
୪୫	୧୫	ସେ ସେ	ଶେଯେ
୪୭	୧୯	ସୌଗ୍ରଷ୍ଟ	ସୌରାଷ୍ଟ୍ର
୪୭	୨	ଏପାଖିରେ	ଏ ପାଖରେ
୪୭	୭	ସ୍ପଟ	ସ୍ପଷ୍ଟ
୪୭	୧୭	ବଲ୍ଲି	ବଲ୍ଲୀ
୪୭	୨୦	ପାଥରେ	ପଥରେ
୪୭	୨୧	ବୃଢ଼ଗଲ ଆଜରେ	ବୃଢ଼ଗଲ୍ ଆଜରେ
୪୮	୧୭	ମିତଣି	ମିତଣୀ
୪୯	୪	ନଡ	ନଡ଼
୪୯	୧୦	ସନକୁମାର	ସନତ କୁମାର
୪୯	୧୪	ବଟପିର	ବଟପୀର
୪୯	୧୫	କଙ୍କୁଜ	କଙ୍କୁଂଜ

ପୃଷ୍ଠା	ଧାଡ଼ି	ଅଶୁଦ୍ଧ	ଶୁଦ୍ଧ
୪୯	୧୭	ଭୁଜେନ୍ଦ୍ର	ଭୁଜେନ୍ଦ୍ର
୪୯	୧୯	ଅଦ୍ଧନଶା	ଅଦ୍ଧନିଶା
୫୦	୧	ସ୍ରମ	ସ୍ୱର
୫୦	୧୦	ସ୍ୱଧିରେ	ସ୍ୱଧୀରେ
୫୦	୨୭	ନୁହେଁରେ	ନୁହଁରେ
୫୧	୧	ଟେକ	ଟେକ
୫୧	୩	ସରଣି	ସରଣୀ
୫୧	୭	ଗିର	ଗୀର
୫୧	୯	ଗର୍ମୀ	ସ୍ୱର୍ମା
୫୧	୧୯	ନ କନ୍ଧୁ	ନ ବନ୍ଧୁ
୫୧	୨୦	ଅଦ୍ଭୁଠ	ଅଦ୍ଭୁତ
୫୧	୨୦	ଶେ ସେ	ଶେଷେ
୫୨	୨	ଶ୍ରୀ ମୂର୍ତ୍ତି	ଶ୍ରୀମୂର୍ତ୍ତି
୫୨	୨୭	ଗାମ୍ଭୀର୍ଯେ	ଗାମ୍ଭୀର୍ଯ୍ୟ
୫୩	୫	ଧ୍ୱଶିଜ	ଧ୍ୱଂସଜ
୫୩	୭	ବଂଶଢ	ବଂଶଢ
୫୩	୮	ଭଦନ୍ତ୍ର	ଭଦନ୍ତ
୫୩	୯	କବଦ	କବ
୫୩	୧୫	ନାନ	ନାମ
୫୪	୨	ସ୍ୱଜନୀ	ଜନନୀ
୫୪	୧୭	ଚନ୍ଦ୍ରନ	ଚନ୍ଦ୍ରକ
୫୫	୧	ଧନ୍ୟାଶି	ଧନାଶ୍ରୀ
୫୫	୭	ଦଣା	ଦଶା
୫୫	୯	ସ୍ୱରୂଣ	ସ୍ୱରୂପ
୫୬	[illegible]	କଳଙ୍କ	କଳନ୍ଦ
୫୭	୫	ଢ଼ଳ	ଢଳ
୫୭	୮	ଗଲେରେ	ଅଙ୍ଗରେ
୫୭	୧୫	ବାଣୀହେଲା	ବଣା ହେଲା
୫୭	୧୫	ବଷ୍ଟିରେ	ବାଣୀରେ
୫୭	୧୬	ମୋ	ସେ
୫୭	୧୮	ଜଟିକା	ଜଟିଳା

ପୃଷ୍ଠା	ଧାଡ଼ି	ଅଶୁଦ୍ଧ	ଶୁଦ୍ଧ
୫୮	୩	ବନକାକ୍ଷି	ବନକାକ୍ଷୀ
୫୮	୧୬	ପ୍ରବେଶେ	ପ୍ରଦେଶେ
୬୦	୧	ଅଞ୍ଜଳୀ	ଅଞ୍ଜଳି
୬୦	୩	ସାଢ଼ୀ	ଶାଢ଼ୀ
୬୦	୧୦	ଜବାବୁ	ଜବାବୁ
୬୦	୧୨	ସମ୍ମୁଖ	ସମ୍ମୁଖ
୬୧	୧	ଜାଣିଛୁ	ଜାଣିଛୁ
୬୧	୧୬	ଡଲେ	ଚଲେ
୬୫	୬	ମୁଁ	ମୋ
୬୫	୮	ମୁଗେ	ମୁଗେ
୬୫	୧୧	ବନସେ	ବନରେ
୬୬	୪	ଅଲ	ଅଲି
୬୬	୧୬	ଯୁଃଧୈର୍ଯ୍ୟ, ଡ଼ାକ	ଯୁବା ଧୈର୍ଯ୍ୟ, ଡାକ
୬୬	୯	ଅକ୍ଷି ଖିର ବଂଦର	ଅକ୍ଷି-ପକ୍ଷୀର ବନ୍ଧ
୬୬	୨୧	ପାଶ୍ୱବର	ପାଶ୍ୱବତ
୬୬	୨୫	କୁଂଜନ	କୁଜନ
୬୮	୧୦	ଶେକେ	ଶେଯେ
୬୮	୨୧	ଖାଇସାଇ	ଖାଜ ଯାଇ
୬୯	୮	ସେନାବେଣ୍ଡା	ସେ ନବୋଢ଼ା
୬୯	୧୨	ମୋକୁଳ	ଗୋକୁଳ
୬୮	୨୧	ସେଜରେ	ଶେଯରେ
୮୦	୬	ଚକ୍ଷଣ	ଚକ୍‌ଷଣ
୮୧	୪	ହରିଣାକ୍ଷି	ହରିଣାକ୍ଷୀ
୮୧	୫	ରଲ	ଚଲ
୮୧	୧୩	ସାରସାକ୍ଷି	ସାରସାକ୍ଷୀ
୮୨	୯	କୁହିଁଲ, ଛବ	ସ୍ପୃହିଁଲ, ଛବ
୮୨	୨୪	କେତେଶେ	କେତେ ସେ
୮୩	୨	ରାଙ୍କ	ରାଙ୍କୀ
୮୩	୩	ବକ୍ରାବୁଜ	ବକ୍ର ାବ୍ଜ
୮୩	୧୩	ଲ ଦ୍ୱାକ୍ଷୀଂ	ଲବଙ୍ଗିଂ
୮୩	୧୪	ମଳାଭ୍ୱସ୍ଥା	ମାଳାବସ୍ଥା
୮୩	୧୬	ଦ୍ରବ୍ଧ	ଦ୍ରବ୍ଧ

ପୃଷ୍ଠା	ଧାଡ଼ି	ଅଶୁଦ୍ଧ	ଶୁଦ୍ଧ
୮୪	୨୦	ଖରଦ୍ୱର	ଖର ଦର
୮୭	୭	କୁନ୍ଦୀର ସୁଖ	କୁମ୍ଭୀର ମୁଖ
୯୦	୫	ଗ୍ରୂଢ ତବ	ଗ୍ରୂଢ ଭଟ
୯୧	୯	ଶୁକ୍ଳଚର୍ଥୀ	ଶୁକ୍ଳ ଚତୁର୍ଥୀ
୯୧	୧୯	ନ୍ଦଦ କବାଟ ଅର୍ଣନ	ଦୃଢ କବାଟି ଅର୍ଗଳ
୯୧	୨୮	ଢନ	ବନ
୯୨	୫	ସୁନାଦ୍ୱାର	ସୁନାଗାର
୯୯	୧୩	ସାଶ	ସାଶ୍ର
୧୦୦	୧	ଆଣି ଆଣି	ଆଣି ପାଣି
୧୦୧	୧୫	ବଦ୍ୱୀପ	ନବଦ୍ୱୀପ
୧୦୧	୧୭	ଥିସକୁ	ରସକୁ
୧୦୩	୯	ଢୃନ୍ଦାବନ	ବୃନ୍ଦାବନ
୧୦୪	୫	ସୁ	ସେ
୧୦୪	୨୦	ବାସୀକ	ଦାସୀକ
୨୦୫	୪	ଥାଇ ରହୁ ରହୁ	ଯାଉ ଥାଇ ବହୁ
୧୦୯	୨	ଡ଼ାକବ	ଡାକବ
୧୦୯	୭	ସେକେ	ଶେଯେ
୧୦୯	୭	ରଞ୍ଜର	ରଂଜନ
୧୦୯	୧୩	ଜରଇ	କରାଇ
୧୧୧	୧୨	ଅଭିର	ଆଶ୍ରିର
୧୧୧	୧୮	ସୁଆସ	ସୁଆଗ
୧୧୧	୧୯	ଗୋଛନା	ପୋଛନା
୧୧୨	୪	ଖିଂଖ୍ରୀ	ଖିଖସ୍ରୀ
୧୧୩	୧୮	ଦୁଷ୍ଟ ନାଶ	ଦୁଷ୍ଟ କଲେ ନାଶ
୧୧୪	୨	ମଙ୍ଗ୍ମ	ମଙ୍ଗଳଂ
୧୧୪	୩	କୁଞ୍ଜ୍ର	କୁଞ୍ଜ
୧୧୪	୯	ସୁବାସିତଭପମାଳ ସ୍ତବକ	ସୁବାସିତ ତମାଳ ସ୍ତବକ ନୀଳ
୧୧୪	୧୦	ପସ୍ୟୋଧି	ପସ୍ୟୋଦଧି
୧୧୫	୨	ବାଦ୍ୟଭାଜନ	ବାଦ୍ୟଭାଜନ
୧୧୫	୧୯	ଯାଚନ୍ତ୍ରୀ	ଯାଚନ୍ତି

ପୃଷ୍ଠା	ଧାଡ଼ି	ଅଶୁଦ୍ଧ	ଶୁଦ୍ଧ
୧୧୭	୭	ରବୁଢା	ରବୂଣ
୧୧୭	୯	ସତଂ	ସୁତଂ
୧୨୦	୧୩	ପ୍ରାପ୍ତବତ୍ଥାଂଢବତ୍ଥାଂ	ପ୍ରାପ୍ତବତ୍ୟାଂ ଭବତ୍ୟାଂ
୧୨୧	୩	କମ୍ର ମୁଖା ମ୍ବୁଜଂ	କମ୍ରମୁଖାମ୍ବୁଜଂ
୧୨୧	୧୮	ପାଦାମ୍ବୂଜେ	ପାଦାମ୍ବୁଜେ
୧୨୨	୭	ଗୋବନ୍ଦ	ଗୋବନ୍ଦ ପଯୁର
୧୨୨	୮	ଧର୍ଣ୍ଣୀଭା	ଧୂର୍ଣ୍ଣୀଣ
୧୨୪	୪	ବେଲଙ୍କୁ	ତେଲଙ୍କୁ
୧୨୪	୯	ଶ୍ରିଗଣ୍ଡ	ଶ୍ରୀଖଣ୍ଡ
୧୨୪	୧୨	ସ୍ବରଣ୍ମେତ	ସ୍ବରଣାମୃତ
୧୨୪	୨୧	ହେଟ୍ଟ	ହେଜ
୧୨୫	୨୦	ସେଘେ	ଶେଘେ
୧୨୬	୨୧	ଶୋକୁ	ଶୋସୁ
୧୨୭	୨୪	ଧରର	ଧର
୧୩୧	୫	ବଙ୍କି	ବଲ୍ଗୁ
୧୩୧	୧୪	ଶେଜେ	ଶୋଘେ
୧୩୨	୮	ବିରହଢା	ବିବାହିତା
୧୩୫	୯	ରୂପ	ରୂପ
୧୩୮	୧୪	ଦନ	ଦନ ମୋଧନ
୧୩୮	୧୪	କେ	କା
୧୩୮	୧୭	ପରମାଦସୁ	ପରମାଦନ୍ତୁଁ
୧୩୮	୧୭	କର	କନ୍ତୁ
୧୪୦	୭	ଅଧୀମ୍ନାଧୀଶ	ଅଧୀଶାଧୀଶ
୧୪୨	୮	ସୁଖ	ମୁଖ
୧୪୩	୧୪	ହେଜଲ	ହଜଲ
୧୪୪	୧	ଯଦୁକୂଲ	ଯଦୁକୁଳ
୧୪୫	୨୦	କୋଢ଼ିଏ	କୋଟିଏ
୧୪୫	୨୩	ଦୁଃଖରେ	ମୁଖରେ
୧୪୭	୧୪	ଆଭ୍	ଆଉ
୧୪୯	୧୯	ରଂଜନ	ରଞ୍ଜନ
୧୫୦	୮	କାଂକଛେ	କାଞ୍ଛେ

ପୃଷ୍ଠା	ଧାଡ଼ି	ଅଶୁଦ୍ଧ	ଶୁଦ୍ଧ
୧୫୦	୨୪	ସେଜରେ	ଶେଯରେ
୧୫୩	୧୪	ଢ଼େ	କେଢ଼େ
୧୫୫	୧୪	ରଷଣ	ରକ୍ଷଣ
୧୫୭	୩	ଢ଼ଗରେ	ଡଗରେ
୧୫୭	୨୫	ଭୁପେନ୍ଦ୍ର	ଭୂକେନ୍ଦ୍ର
୧୬୧	୧୮	ହୃଷଭାନୁ	ବୃଷଭାନୁ
୧୬୨	୪	ଭାବଗ୍ରବ	ଭାବଭାବ
୧୬୨	୧୦	ଖୋସି ଖେସି	ଖୋଷି ଖୋଷି
୧୬୨	୨୫	ଶୋପାଲ ଅଇଲେ	ଗୋପାଲ ଅଇଲେ
୧୬୨	୨୭	ବରଷରେ	ହରଷରେ
୧୭୪	୩	ଲପିତ	ଲିପ୍ତ
୧୬୪	୯	ସରମା	ସରମା
୧୬୫	୨	ଶୌର	ଶୌରି
୧୬୫	୧୯	ସେଜେ	ଶେଯେ
୧୬୮	୭	ମୃଣାଳବାହ୍ୱ	ମୃଣାଳ ବାହା
୧୬୮	୯	ଆଜନ୍ମ	ଆଜନ୍ମ
୧୬୯	୪	କଣାଡର	କବାଟର
୧୭୯	୨୪	ଢେଙ୍କୁଲ	ଢେଙ୍କଲ
୧୭୨	୧୭	କନ୍ଦଲେ	କହୁଲେ
୧୭୫	୧୦	ଲୁଚକ୍ରୁଞ୍ଜବନ	ଲୁଚକୁଞ୍ଜବନ
୧୭୭	୧୨	ରଙ୍ଗା	ରଙ୍ଗା
୧୮୧	୧୩	ଲଗି	ଲାଗି
୧୮୩	୭	କେଟିଲା	ବେଢ଼ିଲା
୧୮୩	୧୯	ଶ୍ରୁତି	ଶ୍ରୁତି
୧୮୮	୩	ନେଜ	ତେଜ
୧୯୧	୧୯	ଚଦସ୍ର	ଚନ୍ଦ୍ର
୧୯୪	୨୨	ଭଣ୍ତି ଢା	ଭଣିଢା
୧୯୫	୮	ଗ୍ରିର	ଗୀର
୧୯୭	୧୪	ମୁଖାମ୍ଭୋଜ	ମୁଖାମ୍ବୁଜ
୧୯୭	୧୩	ମୃଗାଙ୍କ	ମୃଗାଙ୍କ
୧୯୭	୧୫	ମଣ୍ଡଳକଳାରେ	ମଣ୍ଡ କଳାରେ

ପୃଷ୍ଠା	ଧାଡି	ଅଶୁଦ୍ଧ	ଶୁଦ୍ଧ
୧୯୭	୨୩	ଚଂଜନ	ଖଂଜନ
୧୯୮	୧	ସୋରସୀ	ସରସୀ
୧୯୮	୧୩	ଥାଉ	ଆଉ
୨୦୨	୨୧	ସକ୍ସୁଥିରୁ	ସବୁଥିରୁ
୨୦୪	୭	ଦାରଣ	ଧାରଣ
୨୦୫	୧୩	ଜନ	ଜାନୁ
୨୦୬	୧୦	ଦେଉଛୁଲ୍	ଦେଉଥିଲୁ
୨୦୮	୨୧	ପନ	ପଦ
୨୦୯	୧୩	ନାଗରୀ	ନଗରୀ
୨୦୯	୧୪	ପଛେ	ପଛେ ପଛେ
୨୦୯	୨୦	ହେଉଛୁ	କ ହେଉଛି
୨୧୧	୧୧	ବସିଲେନ୍ତ	ବସିଲେଣି
୨୧୫	୧୧	ନଯୋାଯୁ	ନଯୋକୁ
୨୧୮	୧୮	ନଛନ	ନୂତନ
୨୨୦	୪	ଅଙ୍ଗେ	ଅଙ୍କେ
୨୫୦	୨୨	କନ୍ଧବ	କରିବ
୨୫୧	୧୭	ବିକସିବ	ବିକଶିବ
୨୫୨	୧୨	ସେକେ	ଶେଯେ
୨୫୪	୨୪	କସ	କସ
୨୫୫	୧୭	ନଲୁଚାଉ	ନ ଲୁଚାଇ
୨୫୭	୨୭	ଲୁହକ୍ରା	ଲୁହନ୍ରା
୨୫୭	୨୪	ହେଲ	ହେଲ
୨୪୮	୨୦	ବଟୀ	କଟୀ
୨୬୦	୧	ସଜତଲେ	ସଯତଲେ
୨୬୦	୨୩	ଖୀର	କ୍ଷୀର
୨୬୧	୧୫	ଧୀରାଧୀରାରେ	ଧୀର ଧରରେ
୨୬୨	୧୦	ଗ୍ଭଡ଼ଦ	ଗ୍ଭଡ଼ବ
୨୭୦	୨୩	ପାହୁଥିଲା	ପାହୁଥିଲା
୨୭୧	୧୯	ରହୁବ ଚରଜଳ	ରହୁବ ଚରଦନ
୨୭୧	୨୧	ସେନନ୍ଦ୍ରେ	ସେନେନ୍ଦ୍ର

ପୃଷ୍ଠା	ଧାଡ଼ି	ଅଶୁଦ୍ଧ	ଶୁଦ୍ଧ
୨୭୨	୧୧	ହେଲେ	ହେଲ
୨୭୯	୧୮	ଧିଙ୍ଗାପରେ	ଝିଙ୍ଗାସରେ
୨୭୯	୨୧	ବନ୍ଧୁଲେ	କନ୍ଧୁଲେ
୨୭୯	୨୪	ପ୍ରିରଢଛ	ପିରଟେଭ
୨୮୦	୨୦	ଲଛ୍କ	ଲକ୍ଷ
୨୮୨	୧୯	ମାନଷ	ମାନସ
୨୮୪	୧୩	କଶୋଗ୍ର ମଣି	କଟଶାଗ୍ର ମଣି
୨୮୫	୨	ବଭ୍ଲ	ଟଭ
୨୮୭	୫	ମୋଢେ	ଏଢେ
୨୮୮	୧୫	ଲକ୍ତ୍ଠ	ଲମ୍ବିଂଚ
୨୮୮	୨୬	ମୀନ	ମାନ
୨୮୯	୭	କୋଶୋକ	କଶୋଗ୍ରକ
୨୯୯	୮	କ (ପାଟଶାଉ)	କ (ପାଟଶାଉକ)
୨୯୦	୧୧	ହେଣେଣି	ହେଲେଣି
୨୯୧	୧	ଝାରେ	ଝରେ
୨୯୧	୧୦	ଧଣିଧର	ଧରଣୀଧର
୨୯୨	୧୦	ସୁଧା କ ପ୍ରପ	ସୁଧାକଲପ
୨୯୨	୧୭	ଘୁଞ୍ଚରେ	ଘୁଞ୍ଚାରେ
୨୯୪	୧୯	ମଥା	କଥା
୨୯୫	୮	କନ୍ଧବ	କରବ
୨୯୮	୧୪	ବନ୍ଧୁଥିକ	କନ୍ଧୁଥିବ
୩୦୫	୫	ହେଲ୍ଲ	ଦେଲ
୩୧୦	୫	ଚାଂକଟଲ	ଟେକରେ
୩୧୩	୨୩	ହୋଯିଇବ	ହୋଇସିବ
୩୧୬	୧୫	ଖୋଖାଳ	ଗୋପାଳ
୩୧୮	୧୮	ଅଇଲା	ଅଇଲୁ
୩୨୯	୧୬	ରହୁବକ ତା ଗାରମା	ରହୁବ କ ଚାଁ ଗାରମା
୩୩୪	୪	ସବ୍ଲୁ	ସୁଗ୍ଲୁ
୩୩୭	୧୪	ବେଢ଼ା	ବେଢ଼ା
୩୪୧	୧୯	ଶ୍ୟାପ	ଶ୍ୟାମ

ପୃଷ୍ଠା	ଧାଡ଼ି	ଅଶୁଦ୍ଧ	ଶୁଦ୍ଧ
୩୪୫	୭	ବାଇ	ବାଉ
୩୪୭	୧୫	ନଷ୍ଟ ବୁଟିଆ	ନଷ୍ଟକୁଟିଆ
୩୫୦	୨	କଋକୁରେ	କରକୁରେ
୩୫୦	୧୪	ଅଷ୍ଟଗ୍ନୀ	ଅଷ୍ଟସ୍ନୀ
୩୫୨	୮	ନଷ୍ଟକୁଟି ଅସେ	ନଷ୍ଟ କୁଟିଆ ସେ
୩୫୯	୧୦	ତାଷ୍ଟଙ୍କ	ତଷ୍ଟଙ୍କ
୩୬୧	୧୨	ଭବଇ	ଭାବଇ
୩୬୩	୯	ଯେ ନେଲେ	ଯୋଷଲେ
୩୭୦	୬	ତର୍ଯ୍ୟକ୍ଷି	ତେଜ
୩୭୨	୯	ରସ ରାଜଂକୁ	ରସରାଜଙ୍କୁ
୩୭୩	୧୯	ପାଲେ	ପାଟେକ
୩୭୪	୨୧	ତ୍ରିକ୍ତ	ଭକ୍ତି
୩୮୧	୧୨	ବଯୂନ	ବଦନ
୩୮୨	୯	ଥଲକତ	ଆଲୋକତ
୩୮୨	୨୦	କନ୍ଥ	ଗନ୍ଧ
୩୮୮	୧୬	ସର୍ଦ୍ଧ	ସର୍ବ
୩୯୦	୧୭	ନଟକୁଟିଆ ସେ	ନଷ୍ଟ କୁଟିଆ ସେ
୩୯୧	୧୧	ଅପୁର୍ଦ୍ଧ	ଅପୂର୍ବ
୩୯୪	୫	ଦାତୋନଜ ଗାରେ	ହୋ ତୋ ନିଜ ଗାଁରେ
୩୯୪	୬	ବୃନ୍ଦବନ ବାସୀ ଛ ଭ ପଦସ୍ଥରେ ଅସ୍ଥର	ବ୍ରଜ ବନବାସୀ ସାଧୁଂକ ପସ୍ଥରେ ଅସ୍ଥରେ
୩୯୪	୭	କାନ୍ତ ଅଟାରେ	କାନ୍ତ ଗାଆରେ
୩୯୭	୧୮	ଅତଣୀ	ଅତସୀ

—*—

ଗୋପାଳକୃଷ୍ଣ ଗ୍ରନ୍ଥାବଳୀ

ବ୍ୟବହାରିକ ଶବ୍ଦାର୍ଥ

କିଙ୍କରୀ—ସେବକୀ
ବ୍ୟଜନ—ପଙ୍ଖା
ସମ୍ଭାବନ—ଆମନ୍ତ୍ରଣ
ନିଯୋଜ—କିଙ୍କର ବା ଭୃତ୍ୟ
କିଶୋରୀ—ରାଧା
ବୃଷଭାନୁ—ରାଧାଙ୍କ ପିତା
ବ୍ରଜେନ୍ଦ୍ର ନନ୍ଦନ—ଶ୍ରୀକୃଷ୍ଣ
ସ୍ରକ—ଫୁଲ
ବ୍ରଜେଶ୍ୱରୀ—ଯଶୋଦା
ବାଟିକା—ବଗିଚା
ସ୍ୱନକ୍ଷତ୍ର ପୂଜା—ଜନ୍ମଦିନୋତ୍ସବ
ଆସ୍ୟ—ମୁଖ
ସୁଧାମାମଣି—ଇନ୍ଦ୍ରନୀଳମଣି
ଈକ୍ଷଣେ—ଦେଖିବାରେ
ପୀୟୂଷ—ଅମୃତ
ବିଭୋଳ—ପାଗଳ
ପଶୁପ ନଗରୀ—ଗୋପପୁରୀ
କେଶରୀ ମଧ୍ୟମା—ସିଂହକଟୀ
ଦାଡ଼ିମ୍ବ—ଡାଳିମ୍ବ
ଚନ୍ଦ୍ରାନନ—ଚନ୍ଦ୍ରମୁଖ
ପତଦ୍‌ଗ୍ରହ—ପିକଦାନ
ଅବନୀ—ଧରଣୀ
ପୁରନ୍ଦର—ଇନ୍ଦ୍ର
ସ୍ମର—କାମ (ଦେବ)
ସୁରପତି—ଇନ୍ଦ୍ର
ଅଭିସାର—ସଙ୍କେତ ସ୍ଥାନକୁ ଗମନ
ପ୍ରତୀତି—ବିଶ୍ୱାସ

ବଲ୍ଲୀ—ଲତିକା
ଜନକଜା—ସୀତା ଦେବୀ
ଗାଉଡ଼ିଆ—ଗୁଣିଆଁ , କୁଟିଳ ସ୍ୱଭାବୀ
କୁଲୁଡ଼ିଆଁ—ଆଖିପତା ନପଡ଼ିବା
ମନ୍ମଥ—କନ୍ଦର୍ପ
ଅଳିନ୍ଦ—ଅଗଣା
ଜଷ୍ଟି ଶଟି—ମର୍କଟୀ ବିଶେଷ
ଲୁବ୍‌ଧି—ଲୁବ୍ଧ
ବିଟପୀ—ବୃକ୍ଷ (ମାଧବୀ)
ଗୁମାନ—ଅଭିମାନ
ଦେହେଳ—କୌତୁକ
ପକ୍ଷ—ପଙ୍ଖା
ନାଗରେନ୍ଦ୍ର—ନାୟକ ଶ୍ରେଷ୍ଠ
ବାରିବାହ—ମେଘ
ବର୍ହୀ—ମୟୂର
କ୍ଷଣପ୍ରଭା—ବିଜୁଳି
ବାଗୁରା—ଜାଲ
ନନ୍ଦିନୀ—ଯଶୋଦା
ମିହିରକନ୍ୟା—ସୂର୍ଯ୍ୟକନ୍ୟା (ଯମୁନା)
ପକ୍ଷ୍ମ—ଆଖିପତା
ନିର୍ବପଣ—ନିବାରଣ
ସଗୋତ୍ର—ସବଂଶ
ତାମ୍ରଚୂଡ଼—କୁକୁଡ଼ା
ଜୃମ୍ଭା—ହାଇ
ଭର୍ତ୍ସନା—ଧମା
ବିଲୋକନ୍ତୁ—ଗୃହିଁନ୍ତୁ
ନଳିନ—ପଦ୍ମ, ପୁଷ୍ପ, ଜଳ, ଶୈବାଳ

ନଳିନ—ସାରସ ପକ୍ଷୀ, ସ୍ୱର୍ଗଗଙ୍ଗା, କମଳାକର
ଘନ—ମୂର୍ତ୍ତି, ଦୃଢ଼, ଢଳା, ଘଞ୍ଚ
ବନ—ପାଣି
କଦର୍ଥ- -ମନପୋଡ଼ା
ବ୍ରଜାଳି—ଗୋପାଙ୍ଗଣୀ
ସୀମନ୍ତ—ପଥ ବା ଦୃଢ଼
ମାହାର—ଚଣ୍ଡାଳ
ଉନ୍ନିଦ୍ର—ଅନିଦ୍ରା
ଧୃତି—ସ୍ଥିତି, ଧାରଣ, ଧୈର୍ଯ୍ୟ, ଯାଗ, ଯୋଗ ବିଶେଷ, ସନ୍ତୋଷ, ସୁଖ, ସମ୍ବନ୍ଧ, ପ୍ରୀତି
ଖଦ୍ୟୋତଜା—ଯମୁନା
ଖଗନିନାଦ—ପକ୍ଷୀର କୂଜନ
ଘର୍ମ—ଝାଳ
ଅଳକ୍ତ—ଅଳତା
ହୋଇଚି—ହୋଇଛି
ଜାମ୍ବୁନଦାଙ୍ଗୀ—ସୁବର୍ଣ୍ଣ ଦେହା
ଧାନ୍ତୁଛି—ଦୌଡ଼ାଇ
ଝଷନୟନା—ମୀନ ନୟନା
ଜଟିଳା—ରାଧାଙ୍କ ଶାଶୁ
ଠବର୍ଣ୍ଣ—ଚନ୍ଦ୍ରପରି ଉଜ୍ଜ୍ୱଳ
ରମ୍ଭୋରୁ—କଦଳୀ ଗଛ ସମ ଜଙ୍ଘ
ଜଙ୍ଘଢକା—ପାନଅ
ଅଳି—ଭ୍ରମର
ବୀଜମନ୍ତ୍ର—ମୂଳମନ୍ତ୍ର
ବୃଷମନ୍ତ୍ରଙ୍କ—ରାଧାଙ୍କ ଭଉଣୀ
ଛଳିଲ—ଛଳନା
ଅଳିବୃନ୍ଦ—ସଖୀଗଣ
ସରଣୀ—ପଥ
ଚରମବାସ – ଖୋସଣୀ
ବେଦବର—ବ୍ରହ୍ମା
ଆରକ୍ତି—ରକ୍ତତ୍ୱ
ତରଣୀ ତନୟା—ଯମୁନା
ତରଣୀ, ତରି—ନୌକା
ଅଗାଧବାରି—ଅଥଳପାଣି
କ୍ଷେପଣି—ଆତ
କଣ୍ଠ ଦଘ୍ନକ—ବେକେପାଣି
ପ୍ରତୀକ—ନିଦର୍ଶନ
ସରସିଜ—ପଦ୍ମ
ଅବତଂସ—ଆବର୍ତ୍ତ
ଲାକ୍ଷା—ଅଳତା
ଉପବୀତ—ପଇତା
ଗଣ୍ଡ—ଗାଲ
କେଶର କୁଞ୍ଜ—ନାଗେଶ୍ୱର କୁଞ୍ଜ
ରମା—ଲକ୍ଷ୍ମୀ
ଧିଷ୍ଟ—ପ୍ରଜ୍ଞା
ଭଲ୍ଲ—ଶେଳ
ପ୍ରଚଳାକ—ମୟୂରପୁଚ୍ଛ ବା ସର୍ପଫଣା
ଲୁଲୁଆଇ—ଲୁଚାଇ
ଲୋଲ ଲୋଚନା—ନମ୍ର ଦୃଷ୍ଟି
ନୀରଦ—ମେଘ
କର୍ଣ୍ଣୋତ୍ତଂସ—କାନର ଭୂଷଣ
ଅଶରଣ—ନିରାଶ୍ରୟ
ପଞ୍ଚାଳିକା—ଚିତ୍ରଶୋଧ କଳା
କନ୍ଦନ—ଦୁଃଖ
ଚକ୍ର—ସୁଦର୍ଶନ ଚକ୍ର
ନକ୍ର—କୁମ୍ଭୀର
କକ୍ଷ—କାଖ
ପରମେଷ୍ଠୀ—ବ୍ରହ୍ମା
ଜପା—କୁଳଟା, ବେଶ୍ୟା,, ଜାତି, କୁଳ, ବଂଶ, ଜନମ, ଗଣ ।

ସଂଲାପ—କଥା
ସନ୍ଧିତ—ମିଳିତ
ବରାଙ୍ଗୀ—ଉତ୍ତମା ସ୍ତ୍ରୀ
ଯାଇଥିବାର—ଯାଇଥିବାଣି
ଯୁଃ ଧୈର୍ଯ୍ୟ—ଯୁବାଧୈର୍ଯ୍ୟ
ଭେକ—ବେଙ୍ଗ
ଫଣୀ—ସାପ
ବରୂଥାବଳୀ—ସୈନ୍ୟଗଣ
ଭଲ୍ଲୁକ—ଭ୍ରଲୁକା
ଛଳ—ଖସା
ଚରୁଡ—ଓଷ୍ଠ
ଖେଦ—ଦୁଃଖ
କାନନ—ଜଙ୍ଗଲ
ଲୁନ—ଶୁଷ୍କିଲ
ରସାଳ—ଆମ୍ବ
ଦ୍ୟୁତି—ଭାତି
ନିମିଷେ—କ୍ଷଣିକେ
ହିଭାଏ—ହିଳାଏ
ଓଘ—ଅବାଧ ସ୍ରୋତ
ସୁରଭି—ଗନ୍ଧ, ବାସନା
ଅନୁଦିନ—ଦିନୁଦିନ
ସୁପ୍ରଭାତ—ପ୍ରାତର ଆରମ୍ଭ
ମୁକ୍ତାହାର—କାଇଁଥ ମାଳ
ଶତଦ୍ରୁଦା—ବଜ୍ର
ଶତମନ୍ୟୁ—ଇନ୍ଦ୍ର
କେଡଣେ—କାହିଁକ, କୁଆଡ଼େ
ପଦ୍ମମୁଖ—ସୁନ୍ଦରୀ ସ୍ତ୍ରୀର ମୁଖ
ଗାଙ୍ଗଳକ—କେଳା
ରାଜ୍ଞୀ—ରାଣୀ
ହର୍ମ୍ୟ—କୋଠାଘର
ଲପନ—ମୁଖ

ବ୍ୟାଳ—ସର୍ପ
ନଟିଲ—ସ୍ୱଳ୍ପ ପ୍ରଦେଶ
ମଧୁବ୍ରତ—ଭ୍ରମର
ବନସ୍ରକ—ବନଫୁଲ
ବୈତାଳିକ—ବେତାଳ ସାଧକ, ସ୍ତୁଣିଷ
କଳାଭୁଜଙ୍ଗ—କୃଷ୍ଣସର୍ପ
ପୁରନ୍ଦର—ଇନ୍ଦ୍ର
ନୀବିବନ୍ଧ—ସ୍ତ୍ରୀର କଟିବନ୍ଧନ, ଖୋସଣୀ,
ମୂଳଧନ
ଶୂରପଣ—ବଳପଣ
ପ୍ରସାଧନୀ—ଭୂଷଣ ସାମଗ୍ରୀ
ଅବସ୍ତବ—ଶସ୍ତର
ଭବ ପାରାବାର—ସଂସାର ସମୁଦ୍ର
ସାମଳାକ୍ଷିନ—ବୃକ୍ଷ ବିଶେଷ
ଜାମ୍ବୁନଦ—ସୁବର୍ଣ୍ଣ
ଗୌତମନାରୀ—ଅହଲ୍ୟା
ନକ୍ର—କୁମ୍ଭୀର
ପଦାବ୍ଜ—ପଦ୍ମପାଦ
ବିଶ୍ୱସୃଜ—ଧାତା
ସଦନ—ଗୃହ
ସ୍ରଜ—ମାଳା
ଯଷ୍ଟାଇ—ଝୁଲାଇ
ଲପନ—ମୁଖ
ଅନଙ୍ଗ ମଞ୍ଜରୀ—ରାଧାଙ୍କ ସାନ ଭଉଣୀ
ସେତୁ—ବାଲୁକାବନ୍ଧ
ପ୍ରମୋଦେ—ଆନନ୍ଦେ
କୀର—ଶୁଆ
ଦେହଳୀ—ଦ୍ୱାରବନ୍ଧ
ସୋପାନ—ପାହାଚ
ରୋଷ—ରାଗ
କଳ—ସଭ୍ୟ

ରଜ—ଧୂଳି
କଣ୍ଠାଗ୍ର—ପାଠସ୍ଥାୟୀ
ପୁତ୍ତିକା—ପୁତ୍ତୁଳା
ଲବ୍ଧ—ପଣ୍ଡିତ
ଅଧର—ଓଷ୍ଠ
କୃଷ୍ଣସାର ବାଲହରିଣ
ତନୁ—ଶରୀର
ପୟପାନ—ଦୁଗ୍ଧପାନ
କୁରଙ୍ଗ—କପୋତୀ
ଅଙ୍କ—କୋଳ
ସୁରତାନ୍ତେ—କେଳି ଶେଷରେ
ଗବାକ୍ଷ—ଝରକା
କଳିନ୍ଦ ତନୟା—କାଳିନ୍ଦ ସୁତ
ମଞ୍ଜିଷ୍ଠା—ମଞ୍ଜୁଆଠ
ଆନନ—ମୁଖ
ସ୍ୱରତୀ—ବଚନ
ଚେଳାଞ୍ଚଳ—ପଣତ କାନି
ମଶୋଦ୍ଧ—ଭୋଜନ
ଅଶନ—ଭୋଜନ
କୁରଙ୍ଗାସ୍ୟ—ଓଢ଼ଣୀ
ମଦକୁଞ୍ଜର—ମଦମତ୍ତ ହସ୍ତୀ
ଶ୍ରମବାରି—ଝାଳ
ହେତି—ଅସ୍ତ୍ର
ମାଧବୀ—ଲତା ବିଶେଷ
ଗଣ୍ଡ—ଗାଲ
ଦଶନ—ଦାନ୍ତ
ମାଧବ—କୃଷ୍ଣ
ଓଷଧୀଶ—ଚନ୍ଦ୍ରମା
ଘାସ—ଲକ୍ଷ
କଳାପି—କୋକିଳ
କଳାପୀ—ମୟୂର

ଲୁବ୍ଧ—ଲୋଭୀ
ମକରୀ—ଗଣ୍ଡ ଚିତ୍ର ବିଶେଷ
ନିକୁରୁମ୍ବ—ସମୁଦ୍ର
ସରୋରୁହ—ପଦ୍ମ
ରୋଲମ୍ବ—ଭ୍ରମର
ମିଥିଳ—ରାଜା ଜନକ
ବିଚକିଳ—ଏକପ୍ରକାର ମଲ୍ଲୀ ଫୁଲ
ମୃଗମଦ—ମୃଗନାଭି କସ୍ତୁରୀ
ଚୀନାଂଶୁକ—ବଡ଼ ସରୁଲୁଗା
ଜପା—ବନସ୍ତୁ, ମଣ୍ଡା
ଭର୍ତ୍ତ୍ରିକ—ସଦ୍ୟୋଜାତ ଶିଶୁ
କାଞ୍ଚନାଭ—ସ୍ୱର୍ଣ୍ଣାଭ
ଦଶାର୍କ ଶର—ପଞ୍ଚଶର
ମହୀରୁହ—ବୃକ୍ଷ
ବାରିବାହ—ମେଘ
ଭୃଙ୍ଗ—ଭ୍ରମର
ନାଗବଲ୍ଲୀ—ପାନ
ପବିର—ବଜ୍ର
ସନ୍ନତ—ଧନୁଷ
କରରୁହ—ନଖ
କରଜ—ନଖ
କଞ୍ଜ—ପଦ୍ମ
କନ୍ଦଳ—କଳରବ
ହଂସକା—ନଖ
ବିହୁତି—ଅଙ୍ଗରାଗ ଓ ବିଲେପନ
ଜଟିଳ—କପାଳ
ଶତମନ୍ୟୁ—ଇନ୍ଦ୍ର
ନୀପ—କଦମ୍ବ ବୃକ୍ଷ
ଇନ୍ଦୀବର—ନୀଳପଦ୍ମ
ଲବ—ଚୂର୍ଣ୍ଣ, ଖଣ୍ଡ
ହଲୀ—କୃଷକ

ଭଲ୍ଲ—ଭୂଷା
ତାଟଙ୍କ—କର୍ଣ୍ଣ ଭୂଷଣ (ଫାପ)
ଦ୍ରୁହିଣ—ବ୍ରହ୍ମା, ବିଷ୍ଣୁ
ମନସିଜ—କନ୍ଦର୍ପ
ଅଂଘ୍ରି—ବୃକ୍ଷର ମୂଳ
ଅଲକ୍ତକ—ଲାଖ ବା ଜାଉ
ଈକ୍ଷଣ—ଆଖି
ଜଟିଳ—ଅନ୍ୟରୂପ ' ଜଟିଳ '
ଅମ୍ବା—ଦୁର୍ଗା, ଜନନୀ
ଜଟିକାଳ—କଠିନ ସମୟ
ବଳାହକ—ମେଘ
ଚେଲ—କପଡ଼
ଘନ—ମେଘ
ଭାନୁ (ବୃଷଭାନୁ)—ରାଧାଙ୍କ ପିତା
ଦୁଲଣୀ—କନ୍ୟା
ଅଭସ୍ତ—ଗୋ ପାଣି
ବୃଷଭାନୁ ସୁତା—ରାଧା
ପ୍ରଭଞ୍ଜନ—ବାତ୍ୟା, ବା ଝଡ଼
ଶଶଧର—ଚନ୍ଦ୍ର
କେଦାର—ଶସ୍ୟ କ୍ଷେତ୍ର
ଏଣୀ—ହରିଣୀ
ମାର୍ଗଣ—ଧନୁର୍ଶର
ଅପଘନ—ଶରୀର
ଜମ୍ବା—ହାଇ
କିଂଶୁକ—ପଳାଶ ଫୁଲ
ଦାମିନୀ—ବିଜୁଳି
ମଳୟଜ—ଚନ୍ଦନ
ପୁଟ—ଦଳ
ଇନ୍ଦୀବର—ନୀଳକଇଁ
ଅଶନି—ବଜ୍ର
ଦମ୍ଭୋଳି—ବଜ୍ର
ପ୍ରସ୍ରବଣ—ଝରଣା

କାଣ୍ଡାରୀ—ନାବିକ
କେତୁଆଳ—ଆତୁଳ
ବାରିଧିସୁତା—ସମୁଦ୍ର କନ୍ୟା
ଅର୍ଯ୍ୟମା—ସୂର୍ଯ୍ୟ
ବସନ୍ତ ଦୂତ—କୋକିଳ
ସୁଧାମା—ଇନ୍ଦ୍ର
ବଲ୍ଲକୀ—ବୀଣା
ବାଥି—ଧାଡ଼ି
ରାସ ବିହାରୀ—ଶ୍ରୀକୃଷ୍ଣ
ରୋଲମ୍ବ—ଭ୍ରମର
କକ୍ଷଟୀ—କଟିଣି
ବ୍ରତତି—ଲତା
ରାସ—ଗୋପୀଙ୍କ ସହ କୃଷ୍ଣଙ୍କ ନୃତ୍ୟ
ରାଟ—ରାଜା
ବିଦେହ—କନ୍ଦର୍ପ
ବିଦେହ ନନ୍ଦନୀ—ସୀତା ଦେବୀ
ମୁଖବାଦ୍ୟ—ହରିବୋଲ ଆଦି
ଆଠଯାମ—ଆଠ ପ୍ରହର
ବିଧ୍ୱାନନା—ଚନ୍ଦ୍ରାନନା
ଅରତି—ବିରକ୍ତି
ଅଳକ—କ୍ଷୁଦ୍ର କେଶ
ସ୍ୱରଟ—ସୁନା
ବରାଙ୍ଗନା—ସତୀ
କୁବଳୟ—କୁବେଲ
ବନଜ—ପଦ୍ମ
ଉତ୍କାଣ୍ଡି—ସ୍ରୋତର ବିପରୀତ ଦିଗ
ଅରାଳ—ନମ୍ର । ଦ୍ୱିଜରାଜ—ଚନ୍ଦ୍ର
ଚନ୍ଦ୍ର । ବର୍ଣ୍ଣା-କନ୍ୟା । ଉଲୁଠାଇ-ଗ
ହୋଇ । କଞ୍ଜ ଚରଣ-ପଦ୍ମ ପାଦ । ବ
କଉଡ଼ି । ବକ୍ଷ-ସ୍ଥଳ ବିଶେଷେ 'ଅଭ
ନୀପ ଫଳ-କଦମ୍ବ ଫଳ । ହାଟକ-ପଙ୍କ